

ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-113 ◆SUNDAY ◆19 OCTOBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୧୩ ◆ରବିବାର ◆୧୯ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


**ନୂଆ ସମ୍ବିଧାନକୁ ବିରୋଧ**

# ବାଂଲାଦେଶ ପୁଣି ଅଶାନ୍ତ



## ସଂସଦରେ ଧସେଇ ପଶିଲେ ବିକ୍ଷୋଭକାରୀ
## ବ୍ୟାପକ ପୋଡ଼ାଜଳା; ଘଉଡ଼ାଇଲା ପୁଲିସ

■ ଢାକା, ୧୮ ।୧୦ (ଏଜେନ୍ସି): ପୁଣି ଅଶାନ୍ତ ହେଲାଣି ବାଂଲାଦେଶ। ଗତ ଜୁଲାଇ-ଅଗଷ୍ଟ ମାସରେ ବଡ଼ ଧରଣର ଆନ୍ଦୋଳନ କରି ହସିନା ସରକାରର ପତନ ଘଟାଇଥିବା ଆନ୍ଦୋଳନକାରୀ ପୁଣି ମାତିଲେଣି। ୟୁନୁସଙ୍କ ନେତୃତ୍ୱାଧୀନ କାମଚଳା ସରକାରର କାର୍ଯ୍ୟକାଳପରେ ଅସନ୍ତୁଷ୍ଟ ଥିବା ଆନ୍ଦୋଳନକାରୀ ପୁଣି ରାଜରାସ୍ତାକୁ ଓହ୍ଲାଇଛନ୍ତି। କାମଚଳା ସରକାର ଦ୍ୱାରା ପ୍ରସ୍ତୁତ କରାଯାଉଥିବା ନୂଆ ସମ୍ବିଧାନର ଅନେକ ବ୍ୟବସ୍ଥାକୁ କଡ଼ା ବିରୋଧ କରିଛନ୍ତି। ନିଜର ଅସନ୍ତୋଷ ଜଣାଇବା ଲାଗି ସେମାନେ ସଂସଦ ଭବନରେ ପଶି ନିଆଁ ଲଗାଇଛନ୍ତି। ଏହାକୁ ନେଇ ଢାକାରେ ପୁଣି ଉତ୍ତେଜନା ପ୍ରକାଶ ପାଇଛି। ବଡ଼ ଧରଣର ଆନ୍ଦୋଳନ ଆଶଙ୍କା କରି ସରକାର ବିଭିନ୍ନ ସ୍ଥାନରେ ନିରାପତ୍ତା ବାହିନୀ ଯବାନଙ୍କୁ ମୁତୟନ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ବାଂଲାଦେଶର ମଧ୍ୟବର୍ତ୍ତିକାଳୀନ ସରକାର ମୁଖ୍ୟ ତଥା ଉପଦେଷ୍ଟା ମହମ୍ମଦ ୟୁନୁସ ସଂସଦରେ 'ଜୁଲାଇ ଚାର୍ଟର'ରେ ଆଜି ଦସ୍ତଖତ କରିବାର କାର୍ଯ୍ୟକ୍ରମ ଥିଲା। ଦେଶରେ ପ୍ରଶାସନରେ ଉନ୍ନତି ଆଣିବା, ଦୁର୍ନୀତି ରୋକିବା ଓ ଗଣତନ୍ତ୍ରର ପୁନଃସ୍ଥାପନ କରିବା ନେଇ ଏହି ଚାର୍ଟରରେ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଥିବା କୁହାଯାଉଛି। ଏହି ଚାର୍ଟର ପ୍ରସ୍ତୁତ କରିବା ଲାଗି ଯେଉଁ ବିଶେଷଜ୍ଞ କମିଟି ଗଠନ କରାଯାଇଥିଲା, ତାହାର ୮୦ରୁ ଊର୍ଦ୍ଧ୍ୱ ସୁପାରିସ୍‌କୁ ଏହି ଚାର୍ଟରରେ ସାମିଲ କରାଯାଇଛି। କିନ୍ତୁ ଏହି ଚାର୍ଟରକୁ ଆନ୍ଦୋଳନକାରୀ ବିରୋଧ କରୁଛନ୍ତି। ଏହା ସମ୍ବିଧାନ ବିରୋଧୀ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହି ଚାର୍ଟରକୁ ଲାଗୁ କଲେ ମୂଳ ସମ୍ବିଧାନ ଉପରେ ଆଉ ଏକ ସମ୍ବିଧାନକୁ ଲଦି ଦିଆଯିବା ଆଶଙ୍କା ରହିଛି। ଏହାଦ୍ୱାରା ଆଇନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବ ବୋଲି ସମ୍ବିଧାନ ବିଶେଷଜ୍ଞମାନେ ମଧ୍ୟ ମତ ଦେଇଛନ୍ତି। ବ୍ୟାପକ ବିଚାରବିମର୍ଶ ବିନା ଏହାକୁ ଲାଗୁ କଲେ ଦେଶରେ ଅସ୍ଥିରତା ସୃଷ୍ଟି ହେବ ବୋଲି କୁହାଯାଇଛି। ଏହି 'ଜୁଲାଇ ଚାର୍ଟର' ଛାତ୍ରମାନେ ଦେଇଥିବା ବଳିଦାନ ଓ ତ୍ୟାଗକୁ ଅଣଦେଖା କରାଯାଇଛି ବୋଲି ଛାତ୍ର ସଂଗଠନଗୁଡ଼ିକ ଅଭିଯୋଗ କରିଛନ୍ତି। ▶ପୃଷ୍ଠା-୭

# ସାଂସଦ ଆପାର୍ଟମେଣ୍ଟରେ ନିଆଁ



■ ନୂଆଦିଲ୍ଲୀ, ୧୮ ।୧୦(ଏଜେନ୍ସି): ଦିଲ୍ଲୀର ବିଡି ରୋଡ୍‌ରେ ସାଂସଦଙ୍କ ପାଇଁ ନିର୍ମିତ ହୋଇଥିବା ବ୍ରହ୍ମପୁତ୍ର ଆପାର୍ଟମେଣ୍ଟରେ ଶନିବାର ଦ୍ୱିପହରରେ ନିଆଁ ଲାଗିଯାଇଛି। ସଂସଦଠାରୁ ମାତ୍ର ୨୦୦ ମିଟର ଦୂରରେ ସ୍ଥିତ ଏହି ଆପାର୍ଟମେଣ୍ଟରେ ଏକାଧିକ ରାଜ୍ୟସଭା ସାଂସଦ ଓ ସେମାନଙ୍କ ଷ୍ଟାଫ୍‌ଙ୍କ ଫ୍ଲାଟ ରହିଛି। ତୁରନ୍ତ ସୂଚନା ଦିଆଯାଇଥିଲେ ମଧ୍ୟ ଦମକଳ ବାହିନୀ ବିଳମ୍ବରେ ପହଞ୍ଚିଥିଲା ବୋଲି ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଅପରାହ୍ଣ ୧ଟା ୨୨ରେ ନିଆଁ ଲାଗିବାର ସୂଚନା ମିଳିଥିବା ଦମକଳ ବିଭାଗର ଅଧିକାରୀମାନେ କହିଛନ୍ତି। ଏହାପରେ ୬ଟି ଦମକଳ ଗାଡ଼ି ଘଟଣାସ୍ଥଳକୁ ପଠାଯାଇଥିଲା ଓ ନିଆଁ ଲିଭାଇବାକୁ ପ୍ରୟାସ କରାଯାଇଥିଲା। ଏହି ଘଟଣାର ଭିଡିଓ ଏବେ ସାମ୍ନାକୁ ଆସିଛି। ଏଥିରେ ଲୋକେ ଏପଟେ ସେପଟେ ଦୌଡ଼ୁଥିବାର ଲକ୍ଷ୍ୟ କରାଯାଇଛି। ପୁଲିସ ଲୋକଙ୍କୁ ପଛକୁ ହଟାଉଛି। ଆପାର୍ଟମେଣ୍ଟର ନିମ୍ନ ଭାଗରେ ନିଆଁ ଲାଗିଛି ଓ ସେଠାରୁ ଧୂଆଁ ଉପରକୁ ଉଠୁଥିବାର ଦେଖାଯାଇଛି। ତେବେ ନିଆଁ ଲାଗିବାର କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ।

### ଝାଡ଼ଖଣ୍ଡ ନାବାଳିକା ଦୁଷ୍କର୍ମ ମାମଲାରୁ ମିଳିଲା ସେକ୍ସ ରାକେଟ୍ ଲିଙ୍କ୍

# ରାଜଧାନୀରେ ଦେହ ବେପାର; ଜାଣିପାରୁନି ପୁଲିସ





- ଦୁଇ 'ରାଣୀ ମହୁମାଛି'ଙ୍କ ସହ ବନ୍ଧାହେଲେ ୪ ଅଭିଯୁକ୍ତ
- ୪ବର୍ଷ ହେଲା ଯୌନ କାରବାର ଚଲାଇଥିଲେ ଦୁଇ ମହିଳା
- ହସ୍‌ପିଟାଲ୍‌ରେ ଦୁଷ୍କର୍ମ ପୀଡ଼ିତା; ଭଡ଼ାଘରୁ ୩ ନାବାଳିକା ଉଦ୍ଧାର

■ ଭୁବନେଶ୍ୱର, ୧୮।୧୦ (ସମିସ): ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଝାଡ଼ଖଣ୍ଡ ନାବାଳିକା ଦୁଷ୍କର୍ମ ମାମଲାରୁ ରାଜଧାନୀରେ ଚାଲିଥିବା ଏକ ବଡ଼ ଧରଣର ସେକ୍ସ ରାକେଟର ସନ୍ଧାନ ମିଳିଛି। ଲକ୍ଷ୍ମୀସାଗର କଲୋନୀ ପ୍ଲଟ୍ ନଂ- ଇବି ୩୨୪ରେ ଦୁଇଜଣ ମହିଳା ଅନ୍ୟରାଜ୍ୟରୁ କିଛି ନାବାଳିକାଙ୍କୁ ରଖି ୪ ବର୍ଷ ହେଲା ଦେହ ବେପାର କରୁଥିଲେ। ଏହି ଘରେ ଚଡ଼ଉ କରି କ୍ୟାପିଟାଲ ଥାନା ପୁଲିସ ଦୁଇ 'ରାଣୀ ମହୁମାଛି' ସମେତ ୪ଜଣଙ୍କୁ ଗିରଫ କରିଛି। ଅନ୍ୟପକ୍ଷରେ ଏହି ଘରେ ରହି ଦୁଷ୍କର୍ମର ଶିକାର ହୋଇଥିବା ଜଣେ ନାବାଳିକା କ୍ୟାପିଟାଲ ହସ୍‌ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଅଭିଯୁକ୍ତ ଯୁବକକୁ ପୁଲିସ ଗିରଫ କରିଛି। ଉଭୟଙ୍କର ଆଜି ଡାକ୍ତରୀ ମାଇନା କରାଯିବା ସହ ଏହି ଘରେ ଚଢ଼ଉ କରି ପୁଲିସ ବହୁ ଆପତ୍ତିଜନକ ସାମଗ୍ରୀ ଜବତ କରିଥିବା ଜଣାପଡ଼ିଛି।

ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ପୁରୀ ଜିଲ୍ଲା ବଳଙ୍ଗା ଥାନା ଅଞ୍ଚଳର ମଞ୍ଜୁ ସେଠି ଓ କଟକ ଜିଲ୍ଲା ବାଙ୍କି ଅଞ୍ଚଳର ମମତା ସାହୁ ଲକ୍ଷ୍ମୀସାଗର କଲୋନୀର ସଞ୍ଜୀବ କୁମାର ଦାଶ ଓରଫ ବାପିଙ୍କ ଘରକୁ ଭଡ଼ାସୂତ୍ରରେ ନେଇ ବିଭିନ୍ନ ସମୟରେ ଚାକିରି ଦେବାକୁ କହି ନେପାଳ, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡର ନାବାଳିକାମାନଙ୍କୁ ଡାକୁଥିଲେ। ସେମାନେ ଏହି ଘରେ ▶ପୃଷ୍ଠା-୭

**ପୁଲିସ ଚାକିରି ବେପାର**

# ଦିଲ୍ଲୀରେ ଲୁଚିଛି ମାଷ୍ଟରମାଇଣ୍ଡ ଶଙ୍କର

- ମୁନା ଘରୁ ସାର୍ଟିଫିକେଟ୍ ସହ ଏକାଧିକ ଦସ୍ତାବିଜ୍ ଜବତ
- ଦୀପାବଳି ପରେ ରିମାଣ୍ଡରେ ଆସିବ ମୁନା ଏବଂ ସହଯୋଗୀ
- ଜେଲ୍‌ରୁ କ୍ରାଇମବ୍ରାଞ୍ଚକୁ ସୁରାକ

■ ଭୁବନେଶ୍ୱର/ବ୍ରହ୍ମପୁର, ୧୮।୧୦ (ସମିସ): ପୁଲିସ ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ ମାମଲାରେ ଗିରଫ ୧୨୩ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୩୧ଜଣଙ୍କୁ ଶନିବାର କ୍ରାଇମବ୍ରାଞ୍ଚ ଟିମ୍ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଜେରା କରିଛି। କ୍ରାଇମବ୍ରାଞ୍ଚ ଡିଏସପି ସକାଳ ସାଢେ ୮ଟା ଠାରୁ ସନ୍ଧ୍ୟା ସାଢ଼େ ୫ଟା ପର୍ଯ୍ୟନ୍ତ ୮ଘଣ୍ଟା ଧରି ଜେଲ୍ ଭିତରେ ସମସ୍ତ ୩୧ଜଣଙ୍କୁ ଜେରା କରିଥିବା ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ଅନ୍ୟପଟରେ ମୁନା ସହିତ ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିର ଲିଙ୍କ୍ ମିଳିଛି। ଶଙ୍କର ଦିଲ୍ଲୀରେ ଲୁଚିଥିବା କ୍ରାଇମ୍‌ବ୍ରାଞ୍ଚ ଟିମ୍ ସୂଚନା ପାଇଛି। ସେ ଦିଲ୍ଲୀର କେଉଁ ସ୍ଥାନରେ ରହୁଛି, ତାହା ମୁନା କହିଥିବା ଜଣାପଡିଛି। ତେଣୁ ତାଙ୍କୁ ଗିରଫ କରିବା ପାଇଁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଦିଲ୍ଲୀ ଯାଇ ଛାନ୍‌ଭିନ କରୁଛନ୍ତି। ଆହୁରି ମଧ୍ୟ ଏହି ରାକେଟ୍‌ର ଖୁଲାସା କରିବା ପାଇଁ ଦୀପାବଳି ପରେ କ୍ରାଇମ୍‌ବ୍ରାଞ୍ଚ ମୁନା ଏବଂ ଅନ୍ୟ ଦୁଇ ଜଣଙ୍କୁ ରିମାଣ୍ଡରେ ଆଣିବ ବୋଲି ଜଣାପଡ଼ିଛି।

ଶନିବାର ପୂର୍ବାହ୍ନ ପ୍ରାୟ ସାଢ଼େ ୮ଟା ଠାରୁ କ୍ରାଇମବ୍ରାଞ୍ଚ ଟିମ୍ ଜେଲ୍ ପରିସରରେ ▶ପୃଷ୍ଠା-୭






# ଏଥର ଦୁଇଦିନ ଦୀପାବଳି ଛୁଟି

### ୨୦ ତାରିଖକୁ ଅତିରିକ୍ତ ଛୁଟି ଘୋଷଣା କଲେ ସରକାର

### ନୂଆପଡ଼ା ଜିଲ୍ଲାକୁ ଛାଡ଼ି ଅନ୍ୟସବୁ ଜିଲ୍ଲାରେ ହେବ ଲାଗୁ

■ ଭୁବନେଶ୍ୱର, ୧୮।୧୦ (ସମିସ): ଦୀପାବଳି ପାଇଁ ଆସନ୍ତା ସୋମବାର ଓ ମଙ୍ଗଳବାର ୨ ଦିନ ଛୁଟି ହେବ। ଏନେଇ ଶନିବାର ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ୨୧ ତାରିଖ ମଙ୍ଗଳବାର ଦୀପାବଳି ପାଇଁ ସରକାରୀ ଛୁଟି ଧାର୍ଯ୍ୟ ହୋଇଥିଲା। ତେବେ ତିଥି ଓ ନକ୍ଷତ୍ର ଭିତ୍ତିରେ ୨୦ ତାରିଖ ସୋମବାର ଦୀପାବଳି ଓ ପୟାଶ୍ରାଦ୍ଧ ପାଳନ କରାଯାଉଥିବାରୁ ଏହି ଦିନକୁ ଆଜି ରାଜ୍ୟ ସରକାର ଅତିରିକ୍ତ ଛୁଟି ଭାବେ ଘୋଷଣା କରିଛନ୍ତି।

ତେଣୁ ଆସନ୍ତା ୨୫ ତାରିଖ (ଶନିବାର) ଛୁଟି ଦିନ ଥିଲେ ହେଁ ଏହାକୁ ସରକାରୀ କାର୍ଯ୍ୟ ଦିବସ ରୂପେ ଘୋଷଣା କରାଯାଇଛି। ତେବେ ୨୧ ତାରିଖରେ ରାଜ୍ୟର ସମସ୍ତ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ବାଙ୍କିଙ୍ଗ ସଂସ୍ଥା ଖୋଲା ରହିବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି।

ଶନିବାର ରାଜସ୍ୱ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି ଯେ ୨୦୨୪ ନଭେମ୍ବର ୧୨ ତାରିଖର ବିଜ୍ଞପ୍ତିରେ ଆଂଶିକ ପରିବର୍ତ୍ତନ କରାଯାଇ ଦୀପାବଳି ପର୍ବ ଉପଲକ୍ଷେ ୨୦ ତାରିଖକୁ ଅତିରିକ୍ତ ଛୁଟି ଭାବେ ଘୋଷଣା କରାଗଲା। ଉକ୍ତ ଦିନ ନୂଆପଡ଼ା ଜିଲ୍ଲା ବ୍ୟତୀତ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ତଥା ମାଜିଷ୍ଟ୍ରିଆଲ୍ ▶ପୃଷ୍ଠା-୭






# ୪୪ ପରିବାରକୁ ମିଳିଲା 'ସୁଲଭ ଆବାସ'

ଭୁବନେଶ୍ୱର, ୧୮ ।୧୦ (ସମିସ): ବାମପାର୍ଶ୍ୱ ସମାନ୍ତରାଳ ରାସ୍ତା ପାଇଁ ସାଲିଆସାହି ୱାର୍ଡ ନମ୍ବର ୨୧ ଅନ୍ତର୍ଗତ ୨୭୪ ପରିବାରଙ୍କୁ ସ୍ଥାନାନ୍ତର କରାଯାଉଛି । ଏମାନଙ୍କୁ ଶନିବାର ବିଏମ୍‌ସି ପକ୍ଷରୁ ସୁଲଭ ଆବାସ ଗୃହ ପ୍ରଦାନ କରାଯାଇଛି । ସୁଲଭ ଆବାସ ଯୋଜନାରେ ଲଟେରୀ ମାଧ୍ୟମରେ ୪୪ପରିବାରକୁ ଗୃହ ଆବଣ୍ଟନ କରାଯାଇଛି । ଚନ୍ଦ୍ରଶେଖରପୁର ଅନ୍ତର୍ଗତ ବୁଦ୍ଧ ବିହାର ଆବାସ ପ୍ରକଳ୍ପକୁ ସ୍ଥାନାନ୍ତର କରିବା ପାଇଁ ବିଏମ୍‌ସି ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଛି । ସ୍ଥାନାନ୍ତର ହେବାକୁ ଥିବା ପରିବାରଗୁଡ଼ିକର ପ୍ରାଥମିକ ସର୍ଭେ କରାଯାଇଥିଲା । ସେହି ସର୍ଭେ ଫଳାଫଳକୁ ଆଧାର କରି, ୨୭୪ ଜଣ ହିତାଧିକାରୀଙ୍କୁ ଚନ୍ଦ୍ରଶେଖରପୁର (ବୁଦ୍ଧ ବିହାର)ରେ ଏଏଚ୍‌ପି ଘର ଆବଣ୍ଟନ ପାଇଁ ଅସ୍ଥାୟୀ ଭାବେ ଚୟନ କରାଯାଇଛି । ସେମାନଙ୍କ ସମସ୍ତ କାଗଜାତ ଯାଞ୍ଚ ପରେ ଗୃହ ପ୍ରଦାନ କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି ।

ଉଚ୍ଛେଦ ଏବଂ ପୁନର୍ବାସ ନିୟମ ଅନୁଯାୟୀ ସ୍ଥାନାନ୍ତର ସମୟରେ ପ୍ରଭାବିତ ପରିବାରଙ୍କୁ ମୌଳିକ ଜରୁରୀ ସହାୟତା ଯୋଗାଇଦେବା ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି । ଯେଉଁଥିରେ ସେମାନଙ୍କର ପରିବହନ, ୩ ଦିନ ପାଇଁ ଖାଦ୍ୟ ସୁବିଧା, ସ୍ଥାୟୀ ବିଦ୍ୟୁତ୍ ସଂଯୋଗ ଏବଂ ଟିପିସିଓଡିଏଲ ଓ ୱାଟକୋ ପରି ସମ୍ପୃକ୍ତ ଏଜେନ୍ସି ସହିତ ସମନ୍ୱୟ ରକ୍ଷା କରି ଜଳ ଯୋଗାଣ ବ୍ୟବସ୍ଥା ମଧ୍ୟ କରାଯାଇଅଛି । ଆବଣ୍ଟିତ ଗୋଟିଏ ଗୋଟିଏ ଗୃହର ଦାମ ୬ଲକ୍ଷ ଟଙ୍କା । ହିତାଧିକାରୀ ମାତ୍ର ୧, ୫୦, ୦୦୦ଟଙ୍କା ଦେଇ ଏହି ଗୃହ ନେଇପାରିବେ । ଯେଉଁମାନେ ଏହି ଦେଢ ଲକ୍ଷ ଟଙ୍କା ଦେବାକୁ ଅସମର୍ଥ, ସେମାନେ ମାତ୍ର ୧୫ ହଜାର ଟଙ୍କା ଦେଇ ଅବଶିଷ୍ଟ ଟଙ୍କା ବ୍ୟାଙ୍କରୁ ଋଣ କରି ପାରିବେ । ସେଥିପାଇଁ ବଛା ବଛା ବ୍ୟାଙ୍କ ସହିତ ଯୋଗାଯୋଗ କରି ବ୍ୟାଙ୍କ ଋଣ ନିମନ୍ତେ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ବ୍ୟବସ୍ଥା କରାଯାଇଛି । ଋଣ ସହାୟତା ବ୍ୟବସ୍ଥାକୁ ସହଜ ଓ ସରଳ କରିବା ପାଇଁ ଏଚଡିଏଫ୍‌ସି ବ୍ୟାଙ୍କ ଏବଂ ବିଏମ୍‌ସି ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି ।



ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମ୍‌ସି କମିସନର ଚଞ୍ଚଳ ରାଣା, ସ୍ଲମ ସେଟଲମେଣ୍ଟ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷା ମହାମାୟା ସ୍ୱାଇଁ, କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ, ଏଚଡିଏଫ୍‌ସି ବ୍ୟାଙ୍କର ଜୋନାଲ ମୁଖ୍ୟ ଅର୍ଜ୍ଜୁନାନନ୍ଦ ବାଗ୍ ଓ କ୍ଲଷ୍ଟର ମୁଖ୍ୟ ସୁଶାନ୍ତ କୁମାର ପାଣିଗ୍ରାହୀ ମଞ୍ଚାସୀନ ଥିଲେ ।

ସ୍ୱାଗତ ଭାଷଣ ଅବସରରେ କମିସନର ଚଞ୍ଚଳ ରାଣା କହିଥିଲେ ଯେ, କୌଣସି ଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରୁ ବାଦ ପଡ଼ିବେ ନାହିଁ କି ଅଯୋଗ୍ୟ ହିତାଧିକାରୀଙ୍କୁ କୌଣସି ପରିସ୍ଥିତିରେ ମଧ୍ୟ ଗୃହ ପ୍ରଦାନ କରାଯିବ ନାହିଁ । ସମସ୍ତ ପ୍ରକାର ଯାଞ୍ଚ ପରେ ଯୋଗ୍ୟ ହିତାଧିକାରୀଙ୍କୁ ଚୟନ କରାଯିବ । ଆବାସ ଗୃହ ପ୍ରଦାନ କରାଯିବ । ଲଟେରୀ ମାଧ୍ୟମରେ ଗୃହ ଆବଣ୍ଟନ କରିବା ଅର୍ଥ ହେଉଛି ଆବଣ୍ଟନରେ ସ୍ୱଚ୍ଛତା ରକ୍ଷା କରିବା । ଭୁବନେଶ୍ୱରରେ ନିଜ ନିଜର ସ୍ୱପ୍ନର ଘର ପାଇ ହିତାଧିକାରୀମାନେ ସୁଖ ଓ ଶାନ୍ତିରେ ନିଜ ଘରେ ରହୁଥିବାରୁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ଏହି ପ୍ରକ୍ରିୟା ଜାରି ରହିବ । ଏଥିପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଉଥିବାରୁ ତାଙ୍କୁ ମେୟର ଧନ୍ୟବାଦ ଜଣାଇଛନ୍ତି । ଯେଉଁମାନେ ଯୋଗ୍ୟ ହିତାଧିକାରୀ, ସେମାନେ କୌଣସି ପରିସ୍ଥିତିରେ ମଧ୍ୟ ବାଦ ପଡ଼ିବେ ନାହିଁ । ସମସ୍ତଙ୍କୁ ଘର ମିଳିବ ବୋଲି ଶ୍ରୀମାତୀ ଦାସ କହିଛନ୍ତି । ୧୪ ଲକ୍ଷରୁ ଆରମ୍ଭ କରି ୫୦ଲକ୍ଷ ଟଙ୍କା ମଧ୍ୟରେ ବିଭିନ୍ନ ଶ୍ରେଣୀର ଗୃହ ଖୁବ୍ ଶୀଘ୍ର ପ୍ରଦାନ କରାଯିବ ବୋଲି ରାଜ୍ୟ ସରକାରଙ୍କର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ କହିଛନ୍ତି ।

## ଗାଁ ପ୍ରେମରେ ସହରିଆ



ଗାଁ ବାସ୍ନା ସବୁଠୁ ନିଆରା । ସିଏ କେବଳ ଗୋଟିଏ ସ୍ଥାନ ନୁହଁ ବରଂ ସବୁ ଖୁସିର ସେଏ ଠିକଣା ପାଲଟେ । ଗାଁ ସମସ୍ତଙ୍କ ପିଲା ଦିନ ଗଢ଼ି ତୋଳିଛି । ତା ପରିବେଶ, ସବୁଜିମା ମନରେ ଏକ ଅପୂର୍ବ ଆନନ୍ଦ ଆଣିଦିଏ । ଶୀତୁଆ ସକାଳେ ଗାଁର ଦୃଶ୍ୟ ଆଉ ମହକକୁ ଯିଏ ଦେଖେ ଆଉ ଅନୁଭବ କରେ, ସିଏ ତା ପ୍ରେମରେ ପଡ଼ିବା ସ୍ୱାଭାବିକ । ଏବେ ହଠାତ ଗାଁ କଥା ଉଠିଲେ ମନରେ ଏକ ଛବି ଆଙ୍କି ହେଇଯାଏ । ସେଇ ହେଉଛି ମୋ ଛୋଟିଆ ଗାଁ ବଣିଆରୀ ।


ଭାବରେ ଶବ୍ଦରେ ଯାଜପୁର ଜିଲ୍ଲାର ଅମରେନ୍ଦ୍ର ମହାପାତ୍ର ନିଜ ଗାଁକୁ ଏପରି ସଜେଇ ଥିଲେ । ସେ ଜଣେ ସମାଜସେବୀ ଭାବେ ନିଜ ପରିଚୟ ଗଢିଛନ୍ତି । କଥାରେ କଥାରେ ସେ ଭାବ ବିହ୍ୱଳ ହେଉଥିଲେ । ନିଜ ଗାଁ, ପରିବେଶ, ଘର ଦାଣ୍ଡ ସବୁକିଛି ତାଙ୍କ ଭିତରର ଏକ ଅଂଶ ବୋଲି ସେ ମାନିନେଇଛନ୍ତି । ପାଖାପାଖି ୯ ବର୍ଷ ହେବ ସେ ଗାଁରୁ ଆସି ରାଜଧାନୀର ନୂଆପଲ୍ଲୀ ଅଞ୍ଚଳରେ ରହୁଛନ୍ତି । ହେଲେ ମନରେ ଛାପି ହୋଇଯାଇଥିବା ଗାଁର ସେ ମୋହ ତାଙ୍କଠୁ କେବେ ଦୂରେଇ ଦେଇ ନାହାନ୍ତି । କଥାରେ କଥାରେ କୁହନ୍ତି ଗାଁ ବାଡି, ବିଲ ଏସବୁ ଖୁବ ନିକଟରୁ ଦେଖିଛନ୍ତି ସିଏ । ଗାଁର ଅଧିକାଂଶ ଘର ଚାଷ ଉପରେ ହିଁ ନିର୍ଭର । ତେଣୁ ସବୁଜ କ୍ଷେତ ତାଙ୍କ ପାଇଁ ଖୁବ ନିକଟତର । ଶୀତୁଆ ସକାଳେ ବାପାଙ୍କ ସହ ବିଲକୁ ଯାଇ ଏମିତି ଅନେକ ସମୟରେ ସାହାଯ୍ୟ କରିଥାନ୍ତି । ତେଣୁ ସେସବୁ ପରିବେଶ ସହରରେ ଖୁବ ମନେ ପଡେ ବୋଲି କୁହନ୍ତି । ଗାଁର ମୁଣ୍ଡରେ ମା ଭଗବତୀ ସମସ୍ତଙ୍କ ମାନସିକ ପୂରଣ କରନ୍ତି ବୋଲି ଦୂର ଗାଁରୁ ଲୋକ ସେଠାକୁ ଯାନ୍ତି । ସେ ଆହୁରି କୁହନ୍ତି, ଓଡିଆ ସଂସ୍କୃତିକୁ ଭଲ ପାଉଥିବା ତାଙ୍କର ଛୋଟିଆ ଗାଁ ବଣିଆରୀ ଖୁବ ସ୍ନେହୀ ଆଉ ଆପଣାର । ନିଜ ପର୍ବପର୍ବାଣୀ କେବେ ଭୁଲି ନଥାନ୍ତି । ରଜଠାରୁ ଆରମ୍ଭ କରି ଖୁଦୁରୁକୁଣୀ ସମସ୍ତ ପର୍ବ ପାଳନ ହୋଇଥାଏ । ଯେତେବେଳେ ମନ ହୁଏ ସେ ଗାଁ ଅଭିମୁଖେ ବାହାରିଯାନ୍ତି । ସମୟ ସମୟରେ ପଛରେ ଛାଡି ଆସିଥିବା ସେସବୁ ସ୍ମୃତିକୁ ଆଉଥରେ ଜିଇଁବାକୁ ଚେଷ୍ଟା କରନ୍ତି । ସେଠାକାର ସବୁ ସମ୍ପର୍କ ତାଙ୍କ ପାଇଁ ଅମୂଲ୍ୟ । ବର୍ତ୍ତମାନ ସମୟରେ ସହରରେ ବଢୁଥିବା ପିଲା ଗାଁ ର ସେ ଶୀତ ସକାଳର ଦୃଶ୍ୟକୁ ସେତେ ନିକଟରୁ କେବେ ଅନୁଭବ କରିନାହାନ୍ତି କି ଜାଣି ନାହାନ୍ତି । ଗାଁରେ ସବୁ ସଂସ୍କୃତି ପରମ୍ପରା ସବୁବେଳେ ଜୀବିତ ହୋଇ ଥାଏ । ଯୋଉଟାକି ସହରରେ ଦେଖିବା କ୍ୱଚିତ୍ ।

ଆମେ ଗାଁରୁ ଆସିଛୁ

## ଖଣ୍ଡାୟତଙ୍କୁ ଓବିସି ତାଲିକାରେ ସାମିଲ ପାଇଁ ଦାବି

ଭୁବନେଶ୍ୱର, ୧୮।୧୦(ସମିସ): ନିଖିଳ ଓଡ଼ିଶା ଖଣ୍ଡାୟତ, କ୍ଷତ୍ରୀୟ-ପାଇକ-ଚଷା ମହାସଂଘ ଆନୁକୂଲ୍ୟରେ ଶନିବାର ଭୁବନେଶ୍ୱରସ୍ଥିତ ବୁଦ୍ଧମନ୍ଦିରଠାରେ ଏକ ବନ୍ଧୁ ସମାବେଶର ଆୟୋଜନ କରାଯାଇଥିଲା । ଏହି ସମାବେଶରେ 'ଜାତିଗତ ଜନଗଣନା ଓ ସଂରକ୍ଷଣର ପ୍ରାସଙ୍ଗିକତା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ମହାସଂଘ ତରଫରୁ ଖଣ୍ଡାୟତ, ମହାନାୟକ, ମହଲାୟକ ପରି ଜାତି ସମୂହକୁ ଜାତୀୟ ଓବିସି. ତାଲିକାରେ ଅନ୍ତର୍ଭୁକ୍ତ କରିବା ସହ ଜାତିଭିତ୍ତିକ ଜନଗଣନାକୁ ତୁରନ୍ତ କାର୍ଯ୍ୟକାରୀ କରି ସେହି ଅନୁପାତରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ପାଇଁ ଦାବି ଉପସ୍ଥାପନ କରାଯାଇଛି । ମହାସଂଘର ଅଧ୍ୟକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ସୁଦର୍ଶନ ଛୋଟରାୟ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପ୍ରଦୀପ କୁମାର ବିଶ୍ୱାଳ, ସ୍ତମ୍ଭକାର ନଟବର ଖୁଣ୍ଟିଆ, ଡ. ଭାଗ୍ୟଲିପି ମଲ୍ଲ, ପ୍ରଭାସ ସାମନ୍ତରାୟ, ମିହିର ରାୟ, ବିଜୟ ବିଶ୍ୱାଳ ଓ ରାଜେନ୍ଦ୍ର କୁମାର ମହାଲିଙ୍ଗ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## 'ଅପରାହ୍ନର ଆକାଶ' ମଞ୍ଚସ୍ଥ



ଭୁବନେଶ୍ୱର, ୧୮।୧୦(ସମିସ): ମଣିଷ ଯେମିତି ଜୀବନଟିଏ ଚାହୁଁଥାଏ ଅନେକ ସମୟରେ ସେଇଟା ତାକୁ ମିଳେନା । ତାର ସ୍ୱପ୍ନ ସବୁ ଗୋଟି ଗୋଟି ହେଇ କେତେବେଳେ ସମୟର ବାଲୁଚର ତଳେ ପୋତି ହୋଇଯାଏ । ଧୀରେ ଧୀରେ ବୟସର ବୋଝ ତଳେ ଚାପିହେଇ, ନା ସେ ନିଜ ସ୍ୱାସ୍ଥ୍ୟର ଠିକ୍ ଯତ୍ନ ନେଇପାରେନା । ଦିନେ ଯେତେବେଳେ ସେ ଖୋଜିବୁଲେ କିଛି ନିର୍ଭରଯୋଗ୍ୟ ଆଶ୍ରୟ, ସେତେବେଳେ ହୁଏତ ତା' ଭାଗ୍ୟ ତାକୁ ରାସ୍ତା କଢେଇ ନେଇଯାଏ କୌଣସି ଏକ ବୃଦ୍ଧାଶ୍ରମକୁ । ଏପରି ଏକ କାହାଣୀକୁ ନେଇ ପାଦଚିହ୍ନର ନାଟକ ଉତ୍ସବରେ ରବୀନ୍ଦ୍ର ମଣ୍ଡପଠାରେ ପ୍ରଥମ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଛି ନାଟକ 'ଅପରାହ୍ନର ଆକାଶ' । ଯାହାର ରଚନା ଓ ନିର୍ଦ୍ଦେଶନା ଲଲାଟେନ୍ଦୁ ରଥ ଦେଇଛନ୍ତି । ଏଥିରେ ଅତିଥି ଭାବେ ସାହିତ୍ୟିକ ଡ. ଗୌରହରି ଦାସ, ନାଟ୍ୟକାର ଡ. ମନ୍ମଥ କୁମାର ଶତପଥୀ ଉପସ୍ଥିତ ଥିଲେ ।

## ଉତ୍କଳରତ୍ନ ବିଶ୍ୱନାଥଙ୍କ ଜୟନ୍ତୀ

ଭୁବନେଶ୍ୱର, ୧୮।୧୦(ସମିସ): ପ୍ରଥମ ବାରିଷ୍ଟର ଉତ୍କଳରତ୍ନ ବିଶ୍ୱନାଥ ମିଶ୍ରଙ୍କ ୧୪୮ ତମ ଜୟନ୍ତୀ ଅବସରରେ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ୟୁନିଟ ୮ ସ୍ଥିତ ରାଜଭବନ ଛକଠାରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି । ପ୍ରଦ୍ୟୁମ୍ନ ଶତପଥୀ ଓ ପୂଜ୍ୟପୂଜା ପ୍ରାଣମାନଙ୍କ ଦ୍ୱାରା ପ୍ରତିମୂର୍ତ୍ତି ସ୍ଥଳ ଓ ଚତୁଃପାର୍ଶ୍ୱ ସଫା କରା ଯାଇଥିଲା । ଉକ୍ତ ସ୍ମୃତିଚାରଣରେ ସଭାରେ ସଂସ୍କୃତି ବିଭାଗ ଅଧିକାରୀ ଚନ୍ଦ୍ର ଶେଖର ସେଠୀ, ସାରସ୍ୱତ ସାଧିକା ଗୀତା ବିଶ୍ୱାସ, ଭାଷାପ୍ରାଣ ରମେଶ ପାତାଳ ସିଂ, ମୁଖପାତ୍ର ଅରବିନ୍ଦ ତ୍ରିପାଠୀ, ସାମାଜିକ କର୍ମୀ କ୍ରାନ୍ତି କୁମାର ସକସେନା, ବରିଷ୍ଠ ସମାଜସେବୀ ମନୋରଞ୍ଜନ ମହାନ୍ତି, ପୂଜ୍ୟପୂଜା ପ୍ରାଣ ରଙ୍ଗାଧର ସାହୁ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଭାଷାପ୍ରାଣ ଗିରିଜା ମହାପାତ୍ର, ସଞ୍ଜୟ ପ୍ରଧାନ, ଅମିତପାଲ ସିଂ ପ୍ରମୁଖ ପରିଚାଳନା କରିଥିଲେ ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ସୂଚନା ଦେଇଛନ୍ତି ।

## ମା' ଦକ୍ଷିଣକାଳୀ ପୂଜା ମହୋତ୍ସବ ପ୍ରସ୍ତୁତି

ଭୁବନେଶ୍ୱର, ୧୮।୧୦(ସମିସ): ଭୁବନେଶ୍ୱର ଗଜପତି ନଗର ପ୍ରେସ ଛକସ୍ଥିତ ମା ଦକ୍ଷିଣକାଳୀଙ୍କ ପୀଠରେ କାଳୀପୂଜା ମହୋତ୍ସବ ପାଇଁ ପ୍ରସ୍ତୁତି ଶେଷ ହୋଇଛି । ଚଳିତ ବର୍ଷ ୯ ଦିନ ଧରି ପୂଜା ମହୋତ୍ସବ ଅନୁଷ୍ଠିତ ହେବ । ୧୯ ତାରିଖ ରବିବାର ଦିନ ରାତିରେ ଅଙ୍କୁରାରୋପଣ ହୋଇ ସୋମବାର ସନ୍ଧ୍ୟାରେ କଳସ ଯାତ୍ରା ଅନୁଷ୍ଠିତ ହେବ ଏବଂ ୨୪ ତାରିଖ ଶୁକ୍ରବାର ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୂତି କରାଯିବ ବୋଲି କମିଟି ତରଫରୁ ନିଷ୍ପତ୍ତି କରାଯାଇଛି । ଶୁକ୍ରବାର ମଧ୍ୟାହ୍ନରେ ୩ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଛି । ଭକ୍ତ ମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସୁବନ୍ଦୋବସ୍ତ କରାଯାଇଛି । ସୁରକ୍ଷା ପାଇଁ ପ୍ରଶାସନର ସହାୟତା ନିଆଯିବ । ଏହି ପ୍ରସ୍ତୁତି ବୈଠକରେ ଟ୍ରଷ୍ଟି ଜନକର ସାହୁ, ଯୋଗେନ୍ଦ୍ର ପାତ୍ର, ବିଜୁ ରଥ, କିଶୋର ସାହୁ, ହିମାଂଶୁ ଦାସ, ୧୨ ନମ୍ବର ୱାର୍ଡର କର୍ପୋରେଟର ଜୟନ୍ତୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ୧୪ ବର୍ଷରେ ସୋଆ କମ୍ୟୁନିଟି ରେଡିଓ

ଭୁବନେଶ୍ୱର, ୧୮।୧୦(ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର କମ୍ୟୁନିଟି ରେଡିଓ ଷ୍ଟେସନ ଭଏସ୍ ଅଫ୍ ସୋଆ କମ୍ୟୁନିଟି ରେଡିଓ ୯୦.୪ ପ୍ରସାରଣର ୧୩ ବର୍ଷ ପୂରଣ କରିଛି । ଏହି ଉପଲକ୍ଷେ ସୋଆର ଉପାଧ୍ୟକ୍ଷ ଶାଶ୍ୱତୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜକୁ ଜନହିତକର ସୂଚନା ଦେବାରେ ସୋଆ କମ୍ୟୁନିଟି ରେଡିଓ ଅଗ୍ରଣୀ ଭୂମିକା ତୁଲାଉଥିବା କହିଛନ୍ତି । ସୋଆ ରେଡ଼ିଓର ଦାୟିତ୍ୱରେ ଥିବା ଅଧିକାରୀ ହନି ପଟ୍ଟନାୟକ କହିଥିଲେ ଭଏସ ଅଫ୍ ସୋଆ କମ୍ୟୁନିଟି ରେଡ଼ିଓ ୯୦.୪ ଏକ ଦାୟିତ୍ୱସମ୍ପନ ପ୍ରସାରଣ ମାଧ୍ୟମ ଏବଂ ଏହା ସର୍ବଦା ଗୁଣାତ୍ମକ କାର୍ଯ୍ୟକ୍ରମ ଜରିଆରେ ଜନସାଧାରଣଙ୍କ ନିକଟରେ ପହଞ୍ଚିବାକୁ ଉଦ୍ୟମ ଜାରି ରଖିବ । ଏହି ଅବସରରେ ସୋଆର କଣ୍ଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ, ଜଏଣ୍ଟ ରେଜିଷ୍ଟ୍ରାର ପ୍ରଫେସର ମଧୁବ୍ରତା ମହାନ୍ତି, ସୋଆ ରେଡ଼ିଓର ସମସ୍ତ ସଦସ୍ୟ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

## ଦୀପାବଳି ପୂର୍ବରୁ ସଚେତନତା କାର୍ଯ୍ୟକ୍ରମ



ବାଲିପାଟଣା/ଭୁବନେଶ୍ୱର, ୧୮।୧୦(ସମିସ): ଦୀପାବଳିରେ ବାଣ ଫୁଟାଇବା ଭାରତୀୟ ପରମ୍ପରା ନୁହେଁ । ବରଂ ଦୀପ ଜାଳି ଦୀପାବଳି ପାଳନ କରିବାକୁ ପରାମର୍ଶ ଦେଇଛନ୍ତି ବିଭିନ୍ନ ସଂଗଠନ । ଏ ପରିପ୍ରେକ୍ଷୀରେ ରାଜଧାନୀର ବିଭିନ୍ନ ସଂଗଠନ ପକ୍ଷରୁ ଦୀପାବଳି ପୂର୍ବରୁ ଲୋକଙ୍କୁ ସଚେତନ କରାଯାଇଛି ।

ଦୀପାବଳି ପୂର୍ବରୁ ବାଲିପାଟଣା ଅଗ୍ନିଶମ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଇଛି । ଲୋକେ କିଭଳି ବାଣ ଫୁଟାଇବେ ଏବଂ ଯଦି କୌଣସି କାରଣରୁ ନିଆଁ ଲାଗିଗଲା ତାକୁ କିଭଳି ପ୍ରତିହତ କରିବେ ସେ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ । ଛାତ ଉପରେ, ଚାଳ ଘର ନିକଟରେ, ଛୋଟ ପିଲାଙ୍କ ପାଖରେ ବାଣ ନ ଫୁଟାଇବା ଓ ଖୋଲା ଜାଗାରେ ବାଣ ଫୁଟାଇବା ଉପରେ ସଚେତନ କରାଇବା ସହିତ କିଛି ଦୁର୍ଘଟଣା ହେଲେ ୧୧୨କୁ ତୁରନ୍ତ ଜଣାଇବାକୁ ଅଗ୍ନିଶମ ବିଭାଗ ଅଧିକାରୀ ମନୋରଞ୍ଜନ ରାଉତ ଓ ସ୍ଥାନୀୟ ଅଗ୍ନିଶମ ଅଧିକାରୀ ଜ୍ୟୋତି ପ୍ରକାଶ ରଥ ପରାମର୍ଶ ଦେଇଥିଲେ । ସେହିଭଳି ଦୀପାବଳିରେ ଦୀପ ଓ ମହମବତୀ ସାବଧାନରେ ଲଗାଇବା ସହିତ ପରିବାରରେ ସମସ୍ତେ ସତର୍କ ରହିବା ପାଇଁ ସଚେତନ କରିଛି ସେବା ପ୍ରତିନିଧି । ବାଣ ଫୁଟାନ୍ତୁ ନାହିଁ ଏବଂ ପରିବେଶକୁ ସୁରକ୍ଷା ଦିଅନ୍ତୁ ବୋଲି ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ରଙ୍କ ସହିତ ରାମକୃଷ୍ଣ ପରିଡା, ସେଖ୍ ତାହାର, ଅଶୋକ କୁମାର ମହାରଣା ଓ ହୃଷୀକେଶ ମହାରଣା ପ୍ରମୁଖ ସତର୍କ ରହିବାକୁ ଏକ ସଭା ମାଧ୍ୟମରେ ସୂଚନା ଦେଇଛନ୍ତି ।

## ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ

ବାଲକାଟି, ୧୮।୧୦(ସମିସ): ଉତ୍ତରା ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକଉତ୍ସବ ସ୍ଥାନୀୟ ଶ୍ରୀ ରାମମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ନାଗରିକ ମଞ୍ଚର ସଭାପତି ଡା. ଅମରେନ୍ଦ୍ର ନାଥ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ମଞ୍ଚର ସମ୍ପାଦକ ବେଣୁଧର ନାୟକ କାର୍ଯ୍ୟକ୍ରମଟିକୁ ସହ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ୮୦ରୁ ଅଧିକ ସଦସ୍ୟ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ମଞ୍ଚର ୪ ଜଣ ଦିବଂଗତ ସଦସ୍ୟଙ୍କ ସ୍ମୃତିରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ପରେ ମଞ୍ଚର ସଦସ୍ୟ ଜୟରାମ ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ । ସଭାପତି ଡା. ମହାନ୍ତି ମଞ୍ଚର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ପରିବେଶ ସୁରକ୍ଷା, ଯାତାୟାତ ବ୍ୟବସ୍ଥାର ସୁଧାର ଓ ଦୁଃସ୍ଥ ଏବଂ ଅସହାୟ ଲୋକଙ୍କ ସହାୟତା ଦିଗରେ ବିସ୍ତାରିତ କରିବା ଆବଶ୍ୟକ ବୋଲି ଉଲ୍ଲେଖ କରିଥିଲେ । ଏଥିସହିତ ମଞ୍ଚର ନିୟମିତ କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ ଶିବିର, ଡିଜିଟାଲ୍ ଶିକ୍ଷା ଓ ଯୋଗ ଶିବିର ଜାରି ରଖିବା ପାଇଁ ଉତ୍ସାହିତ କରିଥିଲେ । କେତେକ ସଦସ୍ୟ ଉତ୍ତରା ଟ୍ରାଫିକ୍ ଷ୍ଟାଣ୍ଡକୁ ରାଜ୍ୟର ସବୁଠାରୁ ଶୃଙ୍ଖଳିତ ଷ୍ଟାଣ୍ଡ ଭାବେ ଗଢ଼ି ତୋଳିବା ପାଇଁ ଏକ ବିଶେଷ ଅଭିଯାନ ଆରମ୍ଭ କରିବା ପ୍ରସ୍ତାବ ରଖିଥିଲେ । ଏହି ଅବସରରେ ପୁରୀ ପୋଲିସ ଦ୍ୱାରା ଜାରି ହୋଇଥିବା ୧୧ଟି ପରିଚୟପତ୍ର ସମ୍ବନ୍ଧିତ ଆବେଦକମାନଙ୍କୁ ଫୋରମ୍‌ର କାର୍ଯ୍ୟନିର୍ବାହୀ ସଦସ୍ୟମାନଙ୍କ ଦ୍ୱାରା ବଣ୍ଟନ କରାଯିବା ସହ ସମାଜସେବାରେ ଉଲ୍ଲେଖନୀୟ ଅବଦାନ ରଖିଥିବା ପାଞ୍ଚଜଣ ସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା । ଡି. ବି. ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ସରୋଜ କୁମାର ପାତ୍ର, ଶିବ ପ୍ରସାଦ ସାହାଣୀ, ରାମନାରାୟଣ ଶତପଥୀ, ଭବାନୀ ଶଙ୍କର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଶ୍ରମିକଙ୍କୁ ମରଣାନ୍ତକ ଆକ୍ରମଣ; ଜଣେ ଗିରଫ

ହଂସପାଳ, ୧୮।୧୦(ସମିସ): ନିର୍ମାଣ କାର୍ଯ୍ୟକୁ ବିରୋଧ କରି ଶ୍ରମିକଙ୍କୁ ମରଣାତ୍ମକ ଆକ୍ରମଣ ଅଭିଯୋଗରେ ପାହାଳ ଥାନା ପୋଲିସ ଭଦ୍ରକ ଜିଲ୍ଲା ଧାମନଗର ଥାନା ଶିବପୁରର ଭାଗିରଥି ମଲ୍ଲିକ (୫୨) ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ଅନୁସାରେ ଅଭିଯୋଗକାରୀ ଏବଂ ଭାଗିରଥି ପରସ୍ପରର ପଡୋଶୀ ଅଟନ୍ତି । ଭାଗିରଥି ପୂର୍ବରୁ କୋଠାଘର ନିର୍ମାଣ କରିସାରିଛନ୍ତି କିନ୍ତୁ ଅଭିଯୋଗକାରୀ ବର୍ତ୍ତମାନ କୋଠା ଘର ନିର୍ମାଣ କରୁଛନ୍ତି । ପୂର୍ବରୁ ସୀମା ପାଚେରୀ ନିର୍ମାଣକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ଥିଲା । ପରସ୍ପର ଆପୋଷ ବୁଝାମଣା କରି ୩ ଫୁଟ ଜାଗା ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲେ । ଭାଗିରଥି ପୂର୍ବରୁ ୩ ଫୁଟ ଛାଡିଥିଲେ ମଧ୍ୟ ଅଭିଯୋଗକାରୀ କୌଣସି ଜାଗା ନ ଛାଡ଼ି ଘର ନିର୍ମାଣ କରିଥିଲେ । ଯାହାକୁ ନେଇ ଭାଗିରଥି ସର୍ବଦା ଅଭିଯୋଗକାରୀଙ୍କ ନିର୍ମାଣ କାର୍ଯ୍ୟରେ ବାଧା ସୃଷ୍ଟି କରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଥିଲେ । ଫଳରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଭାଗିରଥି କାମ ବନ୍ଦ କରିବା ପାଇଁ କହିବା ସହ ଭୟଙ୍କର ପରିଣାମ ଭୋଗିବ ବୋଲି ଧମକ ଦେଇଥିଲେ । କିନ୍ତୁ ଅଭିଯୋଗକାରୀ ଭାଗିରଥିଙ୍କ କଥା ନ ଶୁଣି ନିର୍ମାଣ କାର୍ଯ୍ୟ ଜାରି ରଖିଥିଲେ । ମଧ୍ୟାହ୍ନ ସମୟରେ ଶ୍ରମିକମାନେ ଭୋଜନ କରୁଥିବା ସମୟରେ ୩ ଜଣ ଅପରାଧୀ କଳା ରଙ୍ଗର ପଲ୍ସର୍ ରେ ଆସି ଶ୍ରମିକଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ । ଫଳରେ ଶ୍ରମିକଙ୍କ ହାତ କଟିଯିବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା । ପାହାଳ ଥାନାରେ ଲିଖିତ ଅଭିଯୋଗ ପରେ ଥାନା ଅଧିକାରୀ ଅଶ୍ୱିନୀ ଜେନା ଭାଗିରଥିଙ୍କୁ ଗିରଫ କରିଥିଲେ ।

## ନଭେମ୍ବର ୧୬ରେ 'ଓଡ଼ିଶା ରନ୍‌ସ ଏ ଷ୍ଟେପ୍ ଟୁ ହିଲ୍‌ସ' ମାରାଥନ

ଭୁବନେଶ୍ୱର, ୧୮।୧୦(ସମିସ): ମଧୁମେହ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ଓଡ଼ିଶାରେ ପ୍ରଥମ ଥର ପାଇଁ ନଭେମ୍ବର ୧୬ ତାରିଖରେ 'ଓଡ଼ିଶା ରନସ୍ ଏ ଷ୍ଟେପ ଟୁ ହିଲ୍‌ସ' ନାମକ ହାପ୍ ମାରାଥନ ରେସ୍ ଅନୁଷ୍ଠିତ ହେବ । କଳିଙ୍ଗ ଷ୍ଟାଡିୟମ୍‌ଠାରୁ ୨୧ କିଲୋମିଟର ବ୍ୟାପି ଏହି ମାରାଥନ୍ କରାଯିବ । ଏଥିରେ ଅଂଶଗ୍ରହଣ କରିବା ଲାଗି ଡାଇବିଟିସ୍ କେୟାର ଆଣ୍ଡ ବିଏନ୍ ରିସର୍ଚ୍ଚ ଫାଉଣ୍ଡେସନ୍ ସଂଯୋଜକ ଡା. ସତ୍ୟଜୀତ ତ୍ରିପାଠୀ ସୂଚନା ଦେଇଛନ୍ତି । ଏହି ମାରାଥନ୍‌କୁ ଏକ ଉତ୍ସବ ଭାବେ ପାଳନ କରାଯିବ । ଏଥିରେ ଟି-ସାର୍ଟ ସହିତ ସମସ୍ତଙ୍କୁ ପୁରସ୍କାର ଓ ଖାଇବା ବ୍ୟବସ୍ଥା ମଧ୍ୟ ରହିଛି ।

# ରାଜଧାନୀରେ କାଳୀପୂଜା ପ୍ରସ୍ତୁତି

## ୧୦ ଦିନରେ ୧୦ ବେଶରେ ଦର୍ଶନ ଦେବେ ମା'

ଭୁବନେଶ୍ୱର, ୧୮।୧୦(ସମିସ): ଆଉ ମାତ୍ର ୨ଦିନ ପରେ ପୂଜା ପାଇବେ ମା' କାଳୀ । ଏଥିପାଇଁ ରାଜଧାନୀର ବିଭିନ୍ନ ସ୍ଥାନରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ରାଜଧାନୀର ଦେବୀପୀଠ ଓ ପୂଜା ମଣ୍ଡପଗୁଡିକ ରଙ୍ଗୀନ ଆଲୋକମାଳାରେ ଝଲସିଲାଣି । ଲାଇଟ୍ ଗେଟ୍ ସାଙ୍ଗକୁ ରଙ୍ଗୀନ ଆଲୋକମାଳାରେ ରାସ୍ତାଘାଟ ବି ସଜ୍ଜା ଆରମ୍ଭ ହୋଇଛି । ବରମୁଣ୍ଡା କାଳୀ ମନ୍ଦିର, ସତ୍ୟନଗର କାଳୀ ମନ୍ଦିର, ଗଜପତି ନଗର ଦକ୍ଷିଣକାଳୀ ମନ୍ଦିର, ଆନନ୍ଦବଜାର କାଳୀମନ୍ଦିର ସହ ବିଭିନ୍ନ ପୂଜାମଣ୍ଡପରେ ପ୍ରତିବର୍ଷ ମା' କାଳୀ ପୂଜା ପାଉଥିବା ବେଳେ ଏଥର ମଧ୍ୟ ଏହି ସ୍ଥାନ ଗୁଡ଼ିକରେ ପୂଜା ପାଇବେ ମା' । ସତ୍ୟନଗର, ବରମୁଣ୍ଡା ଓ ଗଜପତିନଗରସ୍ଥିତ ଦେବୀଙ୍କ ପୀଠରେ ୨୦ ତାରିଖରେ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ ହେବ ।

ସତ୍ୟନଗର କାଳୀ ପୀଠରେ ମା'ଦଶ ମହାବିଦ୍ୟା ବେଶରେ ଭୂଷିତ ହୋଇ ଦର୍ଶନ କରିବେ । ୧୨ଟି ରାଶି ଅନୁଯାୟୀ ମା'ଙ୍କ ପ୍ରତିଦିନ ଦର୍ଶନ ଦେବା ସହ ୧୦ ଦିନରେ ୧୦ଟି ବେଶ ଦେଖିବେ ଶ୍ରଦ୍ଧାଳୁ । ତେବେ ଦୀପାବଳିରେ ମା' ମହାକାଳୀ ବେଶରେ ଦର୍ଶନ ଦେବେ । ଏହିଦିନରେ ଶ୍ରଦ୍ଧାଳୁମାନେ ମାନସିକ ପୂରଣ ପାଇଁ ଅଖଣ୍ଡ ଦୀପ ଜାଳି ପୀଠରେ ବସିବେ ବୋଲି ପୂଜା କମିଟିର ସମ୍ପାଦକ ଅଶୋକ ସ୍ୱାଇଁ କହିଛନ୍ତି । ସେହିପରି ସହିଦ୍ ନଗର ଦୁର୍ଗାପୂଜା କମିଟି ପକ୍ଷରୁ ମଧ୍ୟ ମା' କାଳୀଙ୍କ ପୂଜାବିଧି ଅନୁଯାୟୀ ଚଣ୍ଡୀପାଠ, ହୋମ ଓ ପରମ୍ପରା ଅନୁଯାୟୀ ପାଣିକଖାରୁ ବଳି ଦିଆଯିବ । ଏହାସହ ୟୁନିଟ୍ ୬ସ୍ଥିତ ମା' ରକ୍ଷାକାଳୀଙ୍କ ପୀଠରେ ମା'ଙ୍କର ବତିଶ ଉପଚାର ପୂଜା କରାଯିବ । ସମାନ ଭାବେ ପ୍ରତିବର୍ଷ ଭଳି ଏଥର ମଧ୍ୟ ବରମୁଣ୍ଡାସ୍ଥିତ ଦକ୍ଷିଣକାଳୀ ଠାକୁରାଣୀଙ୍କ ପୀଠରେ ମହାକାଳୀ ପୂଜା ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ ।



## ମାଟି ଦୀପକୁ ନୂଆରୂପ ଦେଉଛନ୍ତି ମାନସିକ ଅନଗ୍ରସର ପିଲା

ଭୁବନେଶ୍ୱର, ୧୮।୧୦(ସମିସ): ଦୀପାବଳି ପାଇଁ କାରିଗରମାନେ ଦୀପ ତିଆରିରେ ଲାଗି ପଡ଼ିଥିବା ବେଳେ ମାନସିକ ଅନଗ୍ରସର ମାନେ ମଧ୍ୟ ତିଆରି କରୁଛନ୍ତି ଆକର୍ଷଣୀୟ ମାଟି ଦୀପ । କଥା କହିପାରୁ ନ ଥିବା ଏବଂ ବୁଝିପାରୁ ନ ଥିଲେ ବି ବିଭିନ୍ନ ସାମଗ୍ରୀକୁ ଜୀବନ୍ତ ରୂପ ଦେଇ ଉଦାହରଣ ପାଲଟିଛନ୍ତି ।

ସ୍ଥାନୀୟ ଓଏଲ୍ଏସ୍(ଓପନ୍ ଲର୍ଣ୍ଣିଂ ସିଷ୍ଟମ୍)ରେ ରହୁଛନ୍ତି ବାପା ମା' ଛେଉଣ୍ଡ ମାନସିକ ଅନଗ୍ରସର ମାନେ । ଦୁଇବର୍ଷ ବୟସରୁ ଆରମ୍ଭ କରି ୩୫ ବର୍ଷ ପର୍ଯ୍ୟନ୍ତ ପ୍ରାୟ ୫୦ଜଣ ଅନ୍ତେବାସୀ ରହୁଛନ୍ତି । ଦୀପାବଳି ଅବସରରେ ପ୍ରାୟ ୧୫ଦିନ ଆଗରୁ ଏମାନେ ଦୀପ ତିଆରି ଆରମ୍ଭ କରିଛନ୍ତି । ସାଧା ମାଟି ଦୀପଗୁଡ଼ିକରେ ବିଭିନ୍ନ ରଙ୍ଗ ଦେବା ସହ ସେଥିରେ ଭଳି କି ଭଳି ଚିତ୍ର ଆଙ୍କି ନୂଆ ରୂପ ଦେଉଛନ୍ତି । ଏଥିପାଇଁ ସେମାନଙ୍କୁ ଜଣେ ପ୍ରଶିକ୍ଷକଙ୍କ ଦ୍ୱାରା ୨ରୁ ୩ ଘଣ୍ଟା ପ୍ରଶିକ୍ଷଣ ଦିଆଯାଉଛି । ପ୍ରତିଦିନ ଏମାନେ ପ୍ରାୟ ୧୦୦ଟି ଦୀପ ତିଆରି କରୁଥିବା ଓଏଲସ୍‌ର ସୁପରିନଟେଣ୍ଡେଣ୍ଟ ସୁଜାତା ମହାପାତ୍ର କହିଛନ୍ତି । ସେହିପରି ଦୀପ ସାଙ୍ଗକୁ ମହମବତି, ଚକୋଲେଟ୍ ଆଦି ତିଆରି କରୁଛନ୍ତି । ଏହାକୁ ଏକ ଉପହାର ପ୍ୟାକେଟ୍ ମଧ୍ୟ କରାଯାଇଛି । ଯାହା ବଜାରକୁ ସପ୍ଲାଏ କରାଯିବା ସହ ଦୀପାବଳି ପୂର୍ବରୁ ଏହି ମାନସିକ ଅନଗ୍ରସରମାନଙ୍କ ଦ୍ୱାରା ଷ୍ଟଲ ଖୋଲାଯାଇ ବିକ୍ରୟ ମଧ୍ୟ ଆରମ୍ଭ ହୋଇଛି । ଆକୃତି ଅନୁସାରେ ଦୀପଗୁଡ଼ିକର ଦାମ୍ ରହିଛି । ୨୦ଟଙ୍କାରୁ ଆରମ୍ଭ ହୋଇ ୩୦ ଟଙ୍କା ଯାଏ ରହିଛି । ସେହିପରି ଚକୋଲେଟ୍, ଦୀପ, ମହମବତି ରହିଥିବା ଉପହାର ପ୍ୟାକେଟର ଦାମ୍ ୧୦୦ଟଙ୍କାରୁ ଆରମ୍ଭ ହୋଇ ୫ଶହ ପର୍ଯ୍ୟନ୍ତ ରହିଛି ।



# ବୃଦ୍ଧାଙ୍କ ମୃତଦେହ ଉଦ୍ଧାର; ହତ୍ୟା ସନ୍ଦେହ

କୁତ୍ରା, ୧୮ା୧୦(ସମିସ)



ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ଅଧୀନ ଗୋମାରଡିହିଠାରେ ଥିବା ଟାଟା ଟିସ୍କୋ କ୍ୱାର୍ଟର୍ସରୁ ଜଣେ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର କରିଛି ପୁଲିସ। ଗୋମାଡ଼ିଠାରେ ବନ୍ଦ ହୋଇଯାଇଥିବା ଟାଟା ଟିସ୍କୋ କମ୍ପାନୀର ଏହି କ୍ୱାର୍ଟର୍ସରୁ ଉଦ୍ଧାର ମୃତଦେହ ମନହୋରପୁରର ସରୋଜିନୀ ଏକ୍କାଙ୍କ(୫୫)ଙ୍କ ବୋଲି ଜଣାପଡ଼ିଛି। ସରୋଜିନୀଙ୍କ ପତି ଗୋମାରଡି ଟାଟା ଟିସ୍କୋ କମ୍ପାନୀରେ ଚାକିରି କରୁଥିଲେ। ମାତ୍ର ବହୁଦିନ ହେବ କମ୍ପାନୀ ବନ୍ଦ ହେବା ଫଳରେ ତାଙ୍କ ସ୍ୱାମୀ ଅନ୍ୟ ଜାଗାକୁ ବଦଳି ହେବା ଫଳରେ ସେ ସେଠାରୁ ଚାଲିଯାଥିଲେ। ମାତ୍ର ସରୋଜିନୀ ସେହିଠାରେ ରହିଥିଲେ। ସେ ପ୍ରତିଦିନ ଗାଁରେ ବୁଲାବୁଲି କରୁଥିବାବେଳେ ଶୁକ୍ରବାର ତାଙ୍କୁ ଗାଁରେ କେହି ଦେଖିନଥିଲେ। ଫଳରେ କିଛି ମହିଳା ତାଙ୍କ କ୍ୱାର୍ଟକୁ ଯାଇ ଦେଖିଲାବେଳକୁ ତାଙ୍କର ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଥିଲେ। ପରେ କୁତ୍ରା ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିଥିଲା। ମୃତଦେହର ବେକରେ ଦାଗ ଥିବା ଦେଖିବାକୁ ମିଳିଥିଲା। ଏହାଛଡା ଏହା ସ୍ୱାଭାବିକ ମୃତ୍ୟୁ ନା ହତ୍ୟା ତଦନ୍ତ ପରେ ଜଣାପଡ଼ିବ ବୋଲି ପୁଲିସ କହିଛି। ଶବ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି।

# ଆଶ୍ରୟ କେନ୍ଦ୍ରରେ ନିଶା ଦ୍ରବ୍ୟ

**ରାଉରକେଲା, ୧୮ା୧୦(ସମିସ):** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଜିଲ୍ଲାରେ ଚଢ଼ଉ ଜାରି ରହିଥିବା ପରିପ୍ରେକ୍ଷୀରେ ଆଜି ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ପାନପୋଷ ଏସ୍‌ଡିପିଓ ରଶ୍ମୀରଞ୍ଜନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ରଘୁନାଥପାଲୀ ଥାନା ଅଧିକାରୀ ରାଜେନ୍ଦ୍ର କୁମାର ସ୍ୱାଇଁ ସଦଳବଳେ ସ୍ଥାନୀୟ ରାଉରକେଲା ପ୍ଲେସ୍ ଅଫ୍ ସେଫ୍‌ଟି (ସୁରକ୍ଷିତ ଆଶ୍ରୟ କେନ୍ଦ୍ର) କେନ୍ଦ୍ରରେ ଚଢ଼ଉ କରିଥିଲେ। ଏହି ଚଢ଼ଉବେଳେ ଆଶ୍ରୟକେନ୍ଦ୍ର ଭିତରୁ ବିପୁଳ କଇଁଚି, ଛୁରି ପରି ମାରଣାସ୍ତ୍ର, ପ୍ଲାସ, ବ୍ୟାଟେରି, ବିଭିନ୍ନ ନିଶା ଦ୍ରବ୍ୟ ସମେତ କେନ୍ଦ୍ର ଭିତରୁ ବିଭିନ୍ନ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଥିଲା। ତେବେ ଜବତ ସାମଗ୍ରୀଗୁଡ଼ିକ କେନ୍ଦ୍ର ଭିତରକୁ କିପରି ଗଲା, କିଏ ଯୋଗାଇଲା, ଏଥିରେ କାହାର ହାତ ଅଛି ସେ ନେଇ ଅନେକ ପ୍ରଶ୍ନ ଉଠିଛି। ଏହି ଘଟଣା ପରେ ଆଶ୍ରୟ କେନ୍ଦ୍ର ଦାୟିତ୍ୱରେ ଥିବା ଅଧିକାରୀଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଛି। ଅପରପକ୍ଷେ କେବଳ ଚଢ଼ଉରେ ପୁଲିସ ସୀମିତ ରହିବ କି ଆଗମୀ ଦିନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ସେ ନେଇ ମଧ୍ୟ ପ୍ରଶ୍ନ ଉଠିଛି।



ସୂଚନାଯୋଗ୍ୟ ଯେ ସୁରକ୍ଷିତ ଆଶ୍ରୟ କେନ୍ଦ୍ରର ଜଣେ ବାଳ ଅପରାଧୀଙ୍କୁ ଆଉ କିଛି ଅପରାଧୀ ମାରପିଟ କରିବାରୁ ବାଳ ଅପରାଧୀ ଗତ ୧୧ ତାରିଖରେ ଫିନାଇଲ ପିଇ ଆତ୍ମହତ୍ୟା ପାଇଁ ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା।

## ରୁପା ସମେତ ଅନ୍ୟ ସାମଗ୍ରୀ ଜବତ; ୨ ଗିରଫ

**ରାଉରକେଲା, ୧୮ା୧୦(ସମିସ):** ଘରେ କେହି ନଥିବାର ସୁଯୋଗ ନେଇ ଚୋରି କରିବା ଅଭିଯୋଗରେ ସେକ୍ଟର-୭ ଥାନା ପୁଲିସ ମାଲଗୋଦାମ ଗରିଆ ବସ୍ତିର ବବଲୁ ଦାସ (୨୧) ଓ ସର୍ଦ୍ଦାର ବସ୍ତିର ପ୍ରଦୀପ ଧନୱାର (୨୫) କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ରୁପା ପାଉଁଜି, ବିଛିଆ, ଗ୍ଲାସ୍, କପ୍ ସମେତ ଅନ୍ୟ ସାମଗ୍ରୀ ଜବତ କରାଯାଇଛି। ପୁଲିସ ସୂଚନା ମୁତାବକ, ସେକ୍ଟର -୬ ବି/୧୬୮ରେ ଜଗନ୍ନାଥ ସାହୁ ସପରିବାର ରୁହନ୍ତି। ଗତ ୨୦ ତାରିଖରୁ ୭ ତାରିଖ ଯାଏଁ ସେ ଘର କବାଟ ତାଲା ପକାଇ ସହର ବାହାରରେ ଥିବା ହସ୍ପିଟାଲକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଆଜବେଷ୍ଟସ୍ ଭାଙ୍ଗି ଚୋରି କରି ଫେରାର ହୋଇଯାଇଥିଲେ। ଏ ନେଇ ଗତ ୧୬ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା।



## ବାଣ ଫୁଟାଇବାକୁ ନେଇ ମହିଳାଙ୍କୁ ଆକ୍ରମଣ; ୩ ଗିରଫ

**ରାଉରକେଲା, ୧୮ା୧୦(ସମିସ):** ବାଣ ଫୁଟାଇବାକୁ କେନ୍ଦ୍ରକରି ମହିଳାଙ୍କୁ ଆକ୍ରମଣ କରିବା ଅଭିଯୋଗରେ ସେକ୍ଟର -୭ ଥାନା ପୁଲିସ ସେକ୍ଟର-୬ ସ୍ଥିତ ଏକତା କ୍ଲବ୍ ବସ୍ତିର ପାଣ୍ଡୁ ଓରଫ ସୁନୀଲ ନାୟକ (୪୦), ସମୀର ନାୟକ (୨୨) ଓ ଶେଖର ନାୟକ (୨୦)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ପନିକି ଓ ଖଣ୍ଡା ଜବତ କରାଯାଇଛି। ଗତକାଲି ରାତିରେ ଉକ୍ତ ବସ୍ତିରେ କିଛି ଛୋଟ ପିଲା ବାଣ ଫୁଟାଉଥିଲେ। ଏ ନେଇ ଗିରଫ ୩ ଅଭିଯୁକ୍ତ ପିଲା ମାନଙ୍କୁ ଗାଳିଗୁଳଜ କରିଥିଲେ। ଘଟଣାକୁ ପିଲା ମାନଙ୍କ ମାଆ ତଥା କିଛି ମହିଳା ବିରୋଧ କରିଥିଲେ। ହେଲେ ଓଲଟା ପନିକି ଓ ଖଣ୍ଡାରେ ଅଭିଯୁକ୍ତମାନେ ଆକ୍ରମଣ କରିଥିଲେ।



## ଚୋରି ସ୍କୁଟି, ମୋବାଇଲ ଜବତ; ୨ ଗିରଫ



**ରାଉରକେଲା, ୧୮ା୧୦(ସମିସ):** ଚୋରି ହୋଇଥିବା ଏକ ସ୍କୁଟି ଓ ମୋବାଇଲ ଫୋନକୁ ରଘୁନାଥପାଲି ଥାନା ପୁଲିସ ଜବତ କରିବା ସହ ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଗିରଫ ଯୁବକ ଦ୍ୱୟ ହେଉଛନ୍ତି ଉଦିତନଗର ଥାନା କୁମ୍ଭାରପଡ଼ା ବସ୍ତିର ସୁମନ ଖାନ (୩୨) ଏବଂ ପ୍ଲାଣ୍ଟସାଇଟ୍ ଥାନା ମହତାବରୋଡ୍ ନିବାସୀ ମହମ୍ମଦ ହବିବ। ସେମାନେ ମୋବାଇଲ ଫୋନ୍‌କୁ ଆର୍‌ଜିଏଚ୍‌ରେ ଚିକିତ୍ସାଧୀନ ଜଣେ ରୋଗୀ ନିକଟରୁ ଚୋରି କରିଥିବା ବେଳେ ସ୍କୁଟିଟି ବ୍ରାହ୍ମଣୀତରଙ୍ଗ ଥାନା ଅଞ୍ଚଳରୁ ଚୋରି କରି ତାକୁ ବିକ୍ରି କରିବା ପାଇଁ ଗ୍ରାହକ ଅନ୍ୱେଷଣରେ ରହିଥିଲେ।

## ମୋବାଇଲ ଚୋରକୁ ଧରିଲେ ଲୋକେ

**ରାଉରକେଲା, ୧୮ା୧୦(ସମିସ):** ଧନ୍‌ତେରସ୍ ଭିଡ଼ ବଜାରର ସୁଯୋଗ ନେଇ ଡେଲି ମାର୍କେଟସ୍ଥିତ ରାଜସ୍ଥାନ ସେଲୁନ ନିକଟରେ କିଣାକିଣିରେ ବ୍ୟସ୍ତ ଥିବା ଜଣେ ଗ୍ରାହକଙ୍କ ପକେଟରୁ ମୋବାଇଲ୍ ଚୋରି କରି ଜଣେ ଦୁର୍ବୃତ୍ତ ଲୋକଙ୍କ ହାତରେ ଧରାପଡ଼ିଛି। ଚୋରି ସମୟରେ ଅନ୍ୟ ଜଣେ ବ୍ୟକ୍ତିଙ୍କ ନଜର ପଡ଼ିବାରୁ ସେ ପାଟି କରିଥିଲେ। ଫଳରେ ଘଟଣାସ୍ଥଳରେ ଲୋକେ ପହଞ୍ଚି ଦୁର୍ବୃତ୍ତକୁ କାବୁ କରିଥିଲେ। ନିକଟରେ ଡ୍ୟୁଟିରେ ଥିବା ଟ୍ରାଫିକ୍ ପୁଲିସ କର୍ମଚାରୀଙ୍କୁ ଜିମା ଦେଇଥିଲେ। ପ୍ଲାଣ୍ଟସାଇଟ୍ ପୁଲିସ ଦୁର୍ବୃତ୍ତକୁ ଥାନାକୁ ନେଇଥିଲା। ଅପରପକ୍ଷେ ଧରା ପଡ଼ିଥିବା ଦୁର୍ବୃତ୍ତ ଏହି ଘଟଣା ପୂର୍ବରୁ ମଙ୍ଗଳ ଭବନ ଏବଂ ଆଖପାଖ ଅଞ୍ଚଳର ଅନେକ ଲୋକଙ୍କୁ ଟାର୍ଗେଟ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲା ବୋଲି ଜଣାପଡ଼ିଛି।

# 'ଆସେକା' ନାଁରେ ଅଲଚିକି ଶତବାର୍ଷିକୀ ପାଳନକୁ ବିରୋଧ

**ରାଉରକେଲା, ୧୮ା୧୦(ସମିସ):** 'ଆସେକା' ସଂଗଠନର ନାମ ନେଇ ଅଲଚିକି ଲିପିର ଶତବାର୍ଷିକୀ ପାଳନ କରାଯିବ ବୋଲି କିଛି ଗୋଷ୍ଠୀ ଉଦ୍ୟମ କରୁଥିବା ଘଟଣାକୁ 'ଆସେକା' ସଂଗଠନ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଏ ନେଇ ସ୍ଥାନୀୟ ସେକ୍ଟର-୧୯ ସ୍ଥିତ ଏ/୪୩ ଗୁରୁ ଗୋମକେ ଭବନରେ ରାମଚନ୍ଦ୍ର ହେମ୍ବ୍ରମଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ଆରମ୍ଭରେ ନୂଆ ସଦସ୍ୟଙ୍କୁ ସ୍ୱାଗତ କରାଯିବା ପରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସମ୍ପାଦକ ଲେଭମ୍ ମୁର୍ମୁ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରି କହିଲେ ଯେ, ଆସନ୍ତା ନଭେମ୍ବର ୨୩ ଓ ୨୪ ତାରିଖରେ ରାଉରକେଲା ସିଭିକ୍ ସେଣ୍ଟର ଠାରେ 'ଅଲ୍‌ଚିକି' ଭାଷାର ଶତବାର୍ଷିକୀ ପାଳନ କରାଯିବ। ଏହି ୨ ଦିନବ୍ୟାପୀ କାର୍ଯ୍ୟକ୍ରମରେ ଶତବାର୍ଷିକୀ ପାଳନ ନେଇ ବିସ୍ତୃତ ଭାବେ ଆଲୋଚନା ହେବ। ହେଲେ 'ଆସେକା' ସଂଗଠନର ନାମ ନେଇ ଅଲଚିକି ଲିପିର ଶତବାର୍ଷିକୀ ପାଳନ କରାଯିବ ବୋଲି କିଛି ଗୋଷ୍ଠୀ ଯେଉଁ ପ୍ରଚାର ପ୍ରସାର କରୁଛନ୍ତି ଏହି ଘଟଣାକୁ ବୈଠକରେ ନିନ୍ଦା କରାଯାଇଥିଲା। ଏହି ବ୍ୟକ୍ତିମାନଙ୍କ ସହ 'ଆସେକା' ସଂଗଠନ ବା କର୍ମକର୍ତ୍ତାଙ୍କର କୌଣସି ସମ୍ପର୍କ ନାହିଁ କି ଏ ନେଇ ସଂଗଠନ ପକ୍ଷରୁ କୌଣସି ସ୍ୱୀକୃତି ଦିଆଯାଇନାହିଁ ବୋଲି ସଭାପତି ରାମଚନ୍ଦ୍ର ହେମ୍ବ୍ରମ ସ୍ପଷ୍ଟ କରିଥିଲେ। ଏହି ଅବସରରେ ଛେଣ୍ଡ ରିମସ୍ ଛକଠାରୁ ଏୟାରପୋର୍ଟ ସ୍ପେସ୍ ଛକ ପର୍ଯ୍ୟନ୍ତ ରାସ୍ତାକୁ 'ଗୁରୁ ଗୋମ୍‌କେ'ଙ୍କ ନାମରେ ନାମିତ କରାଯିବା ସହ ସ୍ପେସ୍ ଛକରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯିବାକୁ ରାଜ୍ୟ ସରକାରଙ୍କ ଠାରେ ଦାବି କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଶେଷରେ ସମ୍ପାଦକ ସାଲଖୁ ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। 'ଅଲ୍‌ଚିକି' ସାନ୍ତାଳୀ ଭାଷା ବ୍ୟବହାର କରୁଥିବା ଜନଜାତିଙ୍କ ଲିପି, ଯାହାକୁ ୧୯୦୫ ମସିହାରେ ପଣ୍ଡିତ ରଘୁନାଥ ମୁର୍ମୁ ଲୋକଲୋଚନକୁ ଆଣିଥିଲେ। ଅଲ୍‌ଚିକି ଲିପିକୁ କେନ୍ଦ୍ର ସରକାର ଅଷ୍ଟମ ଅନୁଚ୍ଛେଦରେ ୨୦୦୩ ମସିହାରେ ସମ୍ବିଧାନର ୯୨ତମ ସଂଶୋଧନରେ ସାମିଲ କରିଥିଲେ। ଏହି ଭାଷା ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ସୁନ୍ଦରଗଡ଼ ଜିଲ୍ଲା ସହ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଆସାମ, ବିହାର ଭଳି ରାଜ୍ୟରେ ବ୍ୟବହାର କରାଯାଉଛି।



# ସିଆଇଟିୟୁର ବିକ୍ଷୋଭ; ୫ ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ ସାମିଲ

**ବଣାଇଁ, ୧୮ା୧୦(ସମିସ):** ୫ ଦଫା ଦାବି ପୂରଣ ଏବଂ ଶ୍ରମ ଆଇନରେ ପରିବର୍ତ୍ତନ ନେଇ ବଣାଇଁଗଡ଼ ସହରରେ ସିଆଇଟିୟୁ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସେ ଦାବିଗୁଡ଼ିକ ମଧ୍ୟରେ ରହିଛି ଶ୍ରମ ଆଇନର ସେକ୍ସନ ୫୧ ଏବଂ ୫୪ ର ଫ୍ୟାକ୍ଟରୀ ଆକ୍ଟକୁ ପରିବର୍ତ୍ତନ ନ କରି ୧୦ ଘଣ୍ଟା ପରିବର୍ତ୍ତେ ଦୈନିକ କାର୍ଯ୍ୟ ସମୟ ୮ ଘଣ୍ଟା ବଳବତ୍ତର ରଖିବା, ଶ୍ରମ ଆଇନରେ କାର୍ଯ୍ୟ ସମୟରେ ପରିବର୍ତ୍ତନ ପାଇଁ ତ୍ରିପାକ୍ଷୀକ ଭାବେ ସମସ୍ତ ଟ୍ରେଡ୍ ୟୁନିୟନ ସହିତ ଆଲୋଚନା କରିବା, କାର୍ଯ୍ୟ ସମୟ ୮ ଘଣ୍ଟାକୁ ବଳବତ୍ତର ରଖି ଅଧିକ ସମୟ ପାଇଁ ଅଧିକ ପାଉଣା ଦେବା, ମହିଳାଙ୍କୁ ରାତ୍ରିକାଳୀନ ସମୟରେ କାର୍ଯ୍ୟ ବନ୍ଦ କରିବା, କୋଇଡ଼ା ଜିଭିଆର ଖଣିରେ ଛଟେଇ ଶ୍ରମିକମାନଙ୍କୁ ତୁରନ୍ତ ନିଯୁକ୍ତି ଦେବା, ମହିଳାମାନଙ୍କ ଉପରେ ନିର୍ଯାତନା ବନ୍ଦ କରିବା, ବଣାଇଁକୁ ଏନ୍‌ଏସି, ଖୁଣ୍ଟଗାଁକୁ ବ୍ଲକ ଘୋଷଣା କରିବା ଇତ୍ୟାଦି ଦାବିରେ ବଣାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ୫ ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ ବିକ୍ଷୋଭ କରିଥିଲେ। ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ସିଆଇଟିୟୁର ଏକ ପ୍ରତିନିଧି ମଣ୍ଡଳୀ ତାଙ୍କ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଉପଖଣ୍ଡ ପୁଲିସ ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳଙ୍କ ଉପସ୍ଥିତିରେ ଆୟୋଜିତ ଆଲୋଚନାରେ ଉପଜିଲ୍ଲାପାଳ ଶ୍ରୀ ପିଲ୍ଲେ ସ୍ଥାନୀୟ ସମସ୍ୟା ଏବଂ ଦାବିଗୁଡ଼ିକ ଉପରେ ବିଚାର କରାଯିବ ବୋଲି କହିଥିଲେ। ଏହା ପୂର୍ବରୁ ବଣାଇଁଗଡ଼ ସହରର ଦେଓଗାଁସ୍ଥିତ ବାବା ବାଣେଶ୍ୱର ମନ୍ଦିର ସମ୍ମୁଖରୁ ଏକ ଶୋଭାଯାତ୍ରା କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଶ୍ରମିକ ମାରଣ ନୀତି ବିରୁଦ୍ଧରେ ବିଭିନ୍ନ ସ୍ଲୋଗାନ ଦେଇ ସହରର ମୁଖ୍ୟ ରାସ୍ତାରେ ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଫାଟକରେ ପହଞ୍ଚିଥିଲା। କାର୍ଯ୍ୟକ୍ରମରେ ସଭ୍ୟ ବିମାନ ମାଇତି, ପ୍ରଭାତ ପଣ୍ଡା, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ସୁରେନ୍ଦ୍ର ଦାସ, କୋଇଡ଼ା ବ୍ଲକ ଅଧ୍ୟକ୍ଷ ସୁରେଶ ନାଏକ, ଆଞ୍ଚଳିକ କମିଟିର ସମ୍ପାଦକ ଆନନ୍ଦମାସୀ ହରୋ, ବଣାଇଁ ସମ୍ପାଦକ ପ୍ରତିନିଧି ଅନିରୁଦ୍ଧ ତ୍ରିପାଠୀ, ଲହୁଣିପଡ଼ା ସମ୍ପାଦକ ଲାଲବାହାଦୁର ମହାନ୍ତ, ଖୁଣ୍ଟଗାଁ ସମ୍ପାଦକ ସମୀର ନାୟକ, ସରପଞ୍ଚ ନେଲସନ୍ ମୁଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।

# ଶ୍ରୀଅରବିନ୍ଦ ସ୍କୁଲରେ ସ୍ୱାସ୍ଥ୍ୟ ସେବା ଶିବିର

**ରାଉରକେଲା, ୧୮ା୧୦(ସମିସ):** ସେକ୍ଟର-୫ସ୍ଥିତ ଶ୍ରୀଅରବିନ୍ଦ ରାଉରକେଲା ସ୍କୁଲ ଠାରେ ଛାତ୍ରଛାତ୍ରୀଙ୍କ ପାଇଁ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଅଧ୍ୟକ୍ଷା ମମତା ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଶିବିରରେ ପ୍ରାୟ ୬୩୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ସେମାନଙ୍କ ଆଖି, ନାକ, କାନ, ପଲ୍ସ ରେଟ୍, ସ୍ପନ୍ଦନ ସହ ଆଦି ଶାରୀରିକ ଚିକିତ୍ସା କରିଥିଲେ। ଏହି ଶିବିରରେ ଡାକ୍ତର ରାଧାନାଥ ଶତପଥୀଙ୍କ ସମେତ ଅନ୍ୟାନ୍ୟ ଡାକ୍ତର ଯୋଗଦେଇ ଛାତ୍ରଛାତ୍ରୀଙ୍କ ଚିକିତ୍ସା କରିବା ସହ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସେମାନଙ୍କୁ ଶୁଭ୍ରାଂଶୁ ଶେଖର ପରିଡ଼ା ଏବଂ ସୁନିତା ପଟେଲ ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ସ୍କୁଲର ବରିଷ୍ଠ ଶିକ୍ଷକ ସୌମ୍ୟରଞ୍ଜନ ପାଣିଗ୍ରାହୀ, ରଞ୍ଜିତ ଦାସ, ଅଞ୍ଜଳି ମହାନ୍ତି, କଳ୍ପନା ଚୌଧୁରୀ, ଜୟଶ୍ରୀ ମାନକୀ, ସନ୍ଧ୍ୟାରାଣୀ ଲେଙ୍କା, ଗୀତାରାଣୀ ବେହେରା, ଅରଜିତା ପୋଦ୍ଦାର, ପୁଷ୍ପାଞ୍ଜଳି ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ସେହିପରି ଆଜି ବିଶ୍ୱ ହାତଧୁଆ ଦିବସ ଥିବାରୁ ସ୍କୁଲର ଛାତ୍ରଛାତ୍ରୀଙ୍କୁ ଅଧ୍ୟକ୍ଷା ଶ୍ରୀମତୀ ନାୟକ ସଚେତନତା କରାଇଥିଲେ।




# ମୃତ ଚାଷୀଙ୍କ ପତ୍ନୀଙ୍କୁ ବୀମା ରାଶି ପ୍ରଦାନ

**ବଣାଇଁ, ୧୮ା୧୦(ସମିସ):** ଶନିବାର ସୁନ୍ଦରଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଦ୍ୱାରା ବଣାଇଁଗଡ଼ ଲ୍ୟାମ୍ପସରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବଡ଼ଗୋଗୁଆ ଗ୍ରାମର ମୃତ ଚାଷୀ ଗୋଲବଦନ ସାହୁଙ୍କ ପତ୍ନୀଙ୍କୁ ବୀମା ରାଶି ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଗତ ଏପ୍ରିଲ ୨୭ରେ ଏକ ସଡ଼କ ଦୁର୍ଘଟଣାରେ ଶ୍ରୀ ସାହୁଙ୍କ ମୃତ୍ୟୁ ଘଟିଥିଲା। ଆଜି ବ୍ୟାଙ୍କ ସହବନ୍ଧିତ ସମ୍ପୃକ୍ତ ଇନ୍ସୁରାନ୍ସ କମ୍ପାନୀ ପକ୍ଷରୁ ୫ ଲକ୍ଷ ଟଙ୍କା ବୀମା ରାଶି ତାଙ୍କ ପତ୍ନୀ ତପସ୍ୱିନୀ ସାହୁଙ୍କୁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ ଏବଂ ଅନ୍ୟମାନଙ୍କ ମଧ୍ୟରେ ବଣାଇଁର ବରିଷ୍ଠ ଉପନିବନ୍ଧକ ସମବାୟ ବିଭାଗ ଅଜୟ କୁମାର ସେଠୀ, ଶାଖା ପରିଚାଳକ ସିଦ୍ଧାର୍ଥ ଲେଙ୍କା, ଲ୍ୟାମ୍ପସ୍ ସଭାପତି ଭାସ୍କର କିସାନ, ବରିଷ୍ଠ ନିର୍ଦ୍ଦେଶକ ମନୋଜ ପ୍ରଧାନ, ଜିତେନ୍ଦ୍ରିୟ କିସାନ, ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକ ଏବଂ ସମସ୍ତ କର୍ମଚାରୀ ତଥା ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ।

## ଆଧୁନିକ ମେଟାଲିକ୍ସ ଶ୍ରମିକ ପାଇବେ ୧୨ ହଜାର ଟଙ୍କା ବୋନସ୍



**ରାଉରକେଲା, ୧୮ା୧୦(ସମିସ):** ଆଧୁନିକ ମେଟାଲିକ୍ସର ଟିପିଏମ୍ ବିଲ୍ଡିଂରେ କର୍ତ୍ତୃପକ୍ଷଙ୍କ ସହିତ ୟୁନିଅନ୍‌ର ବହୁଥର ବୈଠକ ପରେ ଶ୍ରମିକଙ୍କୁ ବୋନସ ଦେବା ନେଇ ଉପୁଜିଥିବା ବିବାଦ ତୁଟିଛି। କର୍ତ୍ତୃପକ୍ଷ ଓ ୟୁନିଅନ୍ ମଧ୍ୟରେ ରାଜିନାମା ସ୍ୱାକ୍ଷରିତ ହୋଇଛି। ରାଜିନାମା ଅନୁସାରେ ପ୍ରତ୍ୟେକ ଶ୍ରମିକ ୧୨ ହଜାର ଟଙ୍କା ଲେଖାଏଁ ବୋନସ୍ ପାଇବେ। ଏହି ବୈଠକରେ ସ୍ୱୀକୃତିପ୍ରାପ୍ତ ୟୁନିଅନ ବିଏମ୍‌ଏସ୍ ସମର୍ଥିତ ଆଧୁନିକ ମେଟାଲିକ୍ସ ୱାର୍କର ୟୁନିଅନର ଉପସଭାପତି ଅନୀଲ ଭଞ୍ଜ, ସମ୍ଭୁ କିଣ୍ଡୋ, କାର୍ଯ୍ୟକାରୀ ସଭାପତି ମନସିଦ୍ ଲୁଗୁନ, ସାଧାରଣ ସମ୍ପାଦକ ହେମନ୍ତ କୁମାର ଜେନା, ସଙ୍ଗଠନ ସମ୍ପାଦକ ମନୋଜ କୁମାର ସ୍ୱାଇଁ, ଅଲେଖ ବେହେରା, ଚନ୍ଦୁ କିସାନ, ସୁଶାନ୍ତ ମାଝୀ, ମାନସ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଆଧୁନିକ ମେଟାଲିକ୍ସ ୱାର୍କର ୟୁନିଅନ୍‌ର ସଭାପତି ତଥା ପୂର୍ବତନ ବିଧାୟକ ଶଙ୍କର ଓରାମ ଏବଂ ବିଏସ୍‌ଏସ୍‌ର ରାଜ୍ୟ ସମ୍ପାଦକ ହିମାଂଶୁ ଶେଖର ବଳଙ୍କ ପ୍ରଚେଷ୍ଟା ଯୋଗୁଁ ଏହା ସମ୍ଭବ ହୋଇପାରିଛି।

## ପୁଲିସ ପକ୍ଷରୁ ସାଇବର ଅପରାଧ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ



**ରାଉରକେଲା, ୧୮ା୧୦(ସମିସ):** ସୁନ୍ଦରଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ହାତିବାରୀ ଥାନାରେ ଶନିବାର ଥାନା ଅଧିକାରୀ ସୁରେନ୍ଦ୍ର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ସାଇବର ଅପରାଧ ସଂକ୍ରାନ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୂଆଗାଁ ବ୍ଲକର ୧୨ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ହାତିବାରୀ କଲେଜ ଓ ହାଇସ୍କୁଲର ଛାତ୍ରଛାତ୍ରୀ ଏବଂ ଅଞ୍ଚଳର କିଛି ବୁଦ୍ଧିଜୀବୀ ସାମିଲ୍ ହୋଇଥିଲେ। ଆଗାମୀ ଦିନରେ ସାଇବର ଅପରାଧକୁ ରୋକିବାକୁ ସାରା ରାଜ୍ୟରେ ଏକ ସଚେତନତା ରଥ ପରିକ୍ରମା କରିବା ନେଇ ଆଲୋଚନା କରା ଯାଇଥିଲା। ସଚେତନତା ବୈଠକରେ ଥାନାର ସମସ୍ତ ପଦାଧିକାରୀ ଉପସ୍ଥିତ ଥିଲେ। ଶେଷରେ ନୂଆଗାଁ ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ କୁମାର ସେଠୀ ଧନ୍ୟବାଦ ଦେଇଥିଲେ।

## ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀ ମୃତ

**ବଣାଇଁ, ୧୮ା୧୦(ସମିସ):** ବଣାଇଁ ଥାନା ତଳିତା ଜକେଇକଲା ରାସ୍ତାର ଗଡ଼ାଣିଆ ନିକଟରେ ଶନିବାର ସନ୍ଧ୍ୟାରେ ଏକ ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ଟିକାୟତ ପାଲି ଥାନା ବରଘାଟ ଗ୍ରାମର ସଞ୍ଜୟ ନାଏକ ଓ ଅନ୍ୟ ଜଣଙ୍କ ସେହି ଗ୍ରାମର ତାଙ୍କ ସାଙ୍ଗ ବୋଲି ଜଣାପଡ଼ିଛି। ଦୁହେଁ ବାଇକ୍ ଯୋଗେ ଶ୍ୱଶୁର ଘର ସିହିଡିଆକୁ ଯାଇ ନିଜ ଗାଁ'କୁ ଫେରୁଥିଲେ। ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ ସେମାନକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଛି। ଧକ୍କା ଦେଇଥିବା ଟ୍ରକ୍‌କୁ ରୁଗୁଡ଼ାଠାରେ ଗ୍ରାମବାସୀ ଅଟକ ରଖିଥିବା ଜଣାପଡ଼ିଛି। ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ବଣାଇଁ ଡାକ୍ତରଖାନାକୁ ପଠାଇଛି। ଚାଳକକୁ ପୁଲିସ ଅଟକ ରଖି ପଚରାଉଚରା କରିଛି।

# କରମା ମହୋତ୍ସବ ପାଳିଲା ମୁଣ୍ଡାରୀ ଭୂମିଜ ସମାଜ

ରାଉରକେଲା, ୧୮ା୧୦(ସମିସ)



ମୁଣ୍ଡାରୀ ଭୂମିଜ ସମାଜ ପକ୍ଷରୁ ବାଗବୁଡ଼ି ସାରନା ଟୋଲା କାରାମ ଆଖାଳାଠାରେ ୮ମ ବାର୍ଷିକ ପ୍ରକୃତି ପର୍ବ କରମା ମହୋତ୍ସବ ପାଳିତ ହୋଇଯାଇଛି। ସମାଜର ଭାଇ ଭଉଣୀମାନେ ପାରମ୍ପରିକ ବେଶଭୂଷାରେ କାରାମ ଆଖାଳାଠାରେ ଏକତ୍ରିତ ହୋଇ ପ୍ରସ୍ତୁତି ବିଧି ସମ୍ପାଦନ କରିଥିଲେ। ଅପରାହ୍ଣରେ ପାଖ ଜଙ୍ଗଲରୁ ପୂର୍ବରୁ ନିମନ୍ତ୍ରିତ କାରାମ ରାଜାଙ୍କୁ ପାଛୋଟି ଅଣାଯାଇ ବନ୍ଦାପନା କରାଯାଇଥିଲା। ପାହାନ ଗୁରୁ ରଘୁନାଥ ସିଂହ କରମା ପୂଜାର୍ଚ୍ଚନା ସମ୍ପନ୍ନ କରିଥିଲେ। ଜାୱା ଜାଗରଣ କାହାନୀ ଗୁରୁ ଫୁଲମଣି ମୁଣ୍ଡାରୀ ଥିବାବେଳେ କାରାମ କାହାନୀ ଗୁରୁ ଗଣପତି ସିଂ ଭଗବାନଙ୍କ ପୃଥିବୀ ପୃଷ୍ଠରେ ଜୀବଜଗତ ସୃଷ୍ଟିର ରହସ୍ୟ ଏବଂ କରମ ଦେବତାଙ୍କୁ ଅପମାନ, ଅସମ୍ମାନ, ଅମାନ୍ୟ କଲେ ଶେଷ ପରିଣାମ ଦୁଃଖ-ଦରିଦ୍ରତା-କଷଣ ଭୋଗିବାକୁ ପଡ଼ିଥାଏ, ତାହାକୁ କାହାଣୀ ମାଧ୍ୟମରେ ଜନତାଙ୍କୁ ବୁଝାଇଥିଲେ। କରମ ରାଜାଙ୍କୁ ପୂଜାର୍ଚ୍ଚନା ବହୁ ସଂଖ୍ୟାରେ କୁମାରୀ ଏବଂ କୁମାରମାନଙ୍କ ସହିତ ବିବାହିତ ନରନାରୀ ମଧ୍ୟ ଉପବାସ ବ୍ରତ ପାଳନ କରିଥିଲେ। କରମା ମହୋତ୍ସବ ପାଳନ ଅବସରରେ ରାଉରକେଲା ନିର୍ବାଚନ ମଣ୍ଡଳୀ ବିଧାୟକ ସାରଦା ପ୍ରସାଦ ନାୟକଙ୍କୁ ମୁଖ୍ୟ ଅତିଥି ଭାବେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇ ସଭାସ୍ଥଳକୁ ଅଣାଯାଇ ଥିଲା। କରମା ଦେବତାଙ୍କ ପୂଜାର୍ଚ୍ଚନା ସମ୍ପନ୍ନ ସହିତ ସିଂ ବୋଙ୍ଗା ଗୋଆରି କରାଯାଇଥିଲା। ବିଧାୟକ ସମାଜର ସମସ୍ତ ଜନସାଧାରଣଙ୍କୁ କରମା ପର୍ବର ଶୁଭ ଅଭିନନ୍ଦନ ଜଣାଇବା ପରିପ୍ରେକ୍ଷୀରେ ନବନିର୍ମିତ ମୁଣ୍ଡାରୀ ସାଂସ୍କୃତିକ ଭବନକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବ୍ୟକ୍ତା ଭାବେ ସମାଜର ପୂର୍ବତନ ସଭାପତି ଶମ୍ଭୁନାଥ ମୁଣ୍ଡାରୀ, ସମ୍ମାନିତ ଅତିଥି ରୂପେ ସୁନ୍ଦରଗଡ଼ ଜିଲ୍ଲାର ଉପାଧ୍ୟକ୍ଷ କମଲ ଲାକ୍ରା, ବିଶ୍ରା ବ୍ଲକ ଜିଲ୍ଲା ପରିଷଦ ହାଲୁ ମୁଣ୍ଡାରୀ, ଉପଦେଷ୍ଟା ସହନ କୁମାର ସିଂହ, ମୋତିଲାଲ ମୁଣ୍ଡାରୀ ପ୍ରମୁଖ ଯୋଗ ଦେଇଥିବା ବେଳେ ୧୩ଟି ଆଞ୍ଚଳିକ କମିଟିର କର୍ମକର୍ତ୍ତା, କଳା ପ୍ରେମୀ ବନ୍ଧୁଗଣ ତଥା ନୃତ୍ୟ ସଙ୍ଗୀତ ଦଳମାନ ଯୋଗଦେଇଥିଲେ। ମୁଣ୍ଡା ମୁଣ୍ଡାରୀ ୟୁଥ୍ ଆସୋସିଏସନର ସହ ସମ୍ପାଦିକା କୁମାରୀ ଜ୍ୟୋତ୍ସ୍ନା ମୁଣ୍ଡାରୀ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିବା ବେଳେ ସମାଜର ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ମୁଣ୍ଡାରୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ରଘୁନାଥ ସିଂହ ଧନ୍ୟବାଦ ଜ୍ଞାପନ କରିଥିଲେ।



## ପୁରୁଣା ଚିକିତ୍ସାଳୟରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବି

# ଯୁବ ଏକତା ମଞ୍ଚ ପକ୍ଷରୁ ଆଜି ବାଇକ୍ ରାଲି ସହ ଖୋଲାମଞ୍ଚ

**ଦେବଗଡ଼, ୧୮।୧୦(ସମିସ):** ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠା ସ୍ଥାନାନ୍ତର ପରଠାରୁ ଜିଲ୍ଲାରେ ଦେଖା ଦେଇଥିବା ଜନ ଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏନେଇ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ଗତ କିଛି ମାସ ଠାରୁ ପୁରୁଣା ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବା ନେଇ ଜିଲ୍ଲା ପ୍ରଶାସନ ଠାରୁ ରାଜ୍ୟ ସରକାର ପର୍ଯ୍ୟନ୍ତ ଦାବି ହୋଇଆସୁଛି। ମାତ୍ର ପ୍ରଶାସନ ଜିଲ୍ଲାବାସୀଙ୍କ ଦାବିକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ଦିନ ଗଡ଼ାଇ ଚାଲିଛନ୍ତି। ସ୍ୱାସ୍ଥ୍ୟ ସେବା ଦାବି ନେଇ ଯୁବ ଏକତା ମଞ୍ଚ ପକ୍ଷରୁ ଦେବଗଡ଼ ବନ୍ଦ ଆନ୍ଦୋଳନ ହୋଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ମାସ ମଧ୍ୟରେ ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇ କାମସାରି ଦେଇଥିଲା। ତେବେ ପ୍ରତିଶ୍ରୁତି କାର୍ଯ୍ୟକାରୀ ନ ହେବାରୁ ମଞ୍ଚ ପକ୍ଷରୁ ପୁନର୍ବାର ଆନ୍ଦୋଳନ ପାଇଁ ପ୍ରସ୍ତୁତି ହୋଇଛି। ଏହିକ୍ରମରେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନକୁ ପୁଣି ମହଲତ ଦେବା ପାଇଁ ଗତ ୧୪ ତାରିଖ ପ୍ରତିବାଦ ଶୋଭାଯାତ୍ରା ହୋଇ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ହୋଇଥିଲା। ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିବା ବେଳେ ଜିଲ୍ଲାପାଳ ଆଲୋଚନା ପାଇଁ ଆସି ନଥିଲେ। ସେଥିପାଇଁ ଉତ୍ତେଜନା ହେବା ସହ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ସମେତ ଯୁବ ଏକତା ମଞ୍ଚର ସଦସ୍ୟ ମାନେ ଫେରିଆସି ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ପାଇଁ ନିଷ୍ପତ୍ତି ନେଇଥିଲେ। ଆଜି ସନ୍ଧ୍ୟାରେ ପୁଣି ଗୋପାଳଜୀଉ ମନ୍ଦିର ପରିସରରେ ଏକ ବୈଠକ ଡକାଯାଇ ଜନସାଧାରଣଙ୍କ ଠାରୁ ମତାମତ ନେଇଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ଆସନ୍ତାକାଲି ଏକ ବିରାଟ ବାଇକ ରାଲିରେ ସାହି ସାହିରେ ବୁଲି ଜନ ଜାଗରଣ ସୃଷ୍ଟି କରିବା ସହ ସନ୍ଧ୍ୟାରେ ଗୋପବନ୍ଧୁ ଛକ ଠାରେ ଏକ ଖୋଲା ମଞ୍ଚ ଆୟୋଜନ ପାଇଁ ନିଷ୍ପତ୍ତି କରାଯାଇଛି। ଏଥିରେ ଜିଲ୍ଲାର ବହୁ ଅନୁଷ୍ଠାନର କର୍ମକର୍ତ୍ତା, ସ୍ୱେଚ୍ଛାସେବୀଙ୍କ ସମେତ ପୌରାଞ୍ଚଳର ବିଭିନ୍ନ ୱାର୍ଡରୁ ବହୁ ପୁରୁଷ ଓ ମହିଳା ଉପସ୍ଥିତ ରହିଥିଲେ।



# ଚକଡ଼ା ପୋକ ସାଙ୍ଗକୁ ବାର୍ହା ଉପଦ୍ରବ

**ଇବଥର୍ମାଲ, ୧୮।୧୦(ସମିସ)**

ଲଖନପୁର ବ୍ଲକ ତୃତୀୟ ଜୋନ୍ ଉପକଣ୍ଠ ଚିଲିକା, ରମ୍ପେଲା, କୁମ୍ଭାର ବନ୍ଧ, ପିପିଲି କାନି, ଦଳଗାଁ ତଥା ସରଣ୍ଡାମାଳ ପଞ୍ଚାୟତ ଅଞ୍ଚଳରେ ଚକଡା ପୋକ ଚାଷୀଙ୍କ ନିଦ ହଜେଇଛି। ଚକଡା ପୋକ, ବାଙ୍କି ପୋକ ସାଙ୍ଗକୁ ଜଙ୍ଗଲି ବାର୍ହା ଉପଦ୍ରବରେ ଚାଷୀ ମୁଣ୍ଡରେ ଚଡକ ପଡ଼ିଛି।

**ବ୍ୟାପକ ଫସଲ ନଷ୍ଟ**
**ଋଣ ସୁଝିବା ଚିନ୍ତାରେ ଚାଷୀ**

ଚାଷୀ ଫସଲ ବଞ୍ଚାଇବା ପାଇଁ କୀଟନାଶକ ପକାଇ ନୟାନ୍ତ ହେଲେଣି; କିନ୍ତୁ ଚକଡା ପୋକକୁ କିଛି କାଟୁ କରୁନି। ଗୋଟିଏ କ୍ଷେତରୁ ଆଉ ଗୋଟିଏ କ୍ଷେତକୁ ପୋକ ମାଡିଚାଲିଛି। ତା' ସାଙ୍ଗକୁ ବଙ୍କି ପୋକ ଓ ନଳି ପୋକ ମଧ ଚାଷୀ ପରିଶ୍ରମକୁ ଝୁଣି ଖାଉଛନ୍ତି। ଏସବୁ କାରଣ ଯୋଗୁଁ ଏକର ଏକର ଜମିରୁ ଧାନଗଛ ନଷ୍ଟ ହେବାକୁ ବସିଥିବା ବେଳେ ଧାର କରଜ ସୁଝିବା ଚିନ୍ତାରେ ଚାଷୀକୁଳ ବ୍ୟତିବ୍ୟସ୍ତ।

କିଛିଦିନ ପୂର୍ବରୁ ଭଲ ଧାନକେଣ୍ଡାର ସବୁଜୀମାର ଲହରି କ୍ଷେତରେ ମାରୁଥିଲା। କିନ୍ତୁ ହଠାତ୍ ଚକଡା ପୋକ ଲାଗି ଚାଷୀଙ୍କ ଅଣ୍ଟା ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଏବେ ତିଲିଆ ପଞ୍ଚାୟତର ସିଂହେଇପାଲି ଗାଁର ଚାଷୀ ସୁବାସ ସାହୁଙ୍କ ୪ ଏକର, ପ୍ରସନ୍ନ ବିଶ୍ୱାଳଙ୍କ ୧ ଏକର, ପ୍ରେମରାଜ ସାହୁଙ୍କ ୧ ଏକର, ଲଳିତ ପ୍ରଧାନଙ୍କ ୨ ଏକର, ମନବୋଧ ପ୍ରଧାନଙ୍କ ୨ ଏକର, ନରେଶ ସାହୁଙ୍କ ୧ ଏକର ଧାନଚାଷ ଚକଡା ପୋକ ଲାଗି ନଷ୍ଟ ହୋଇଯାଇଛି। ସେହିପରି ପିପିଲିକାନି ପଞ୍ଚାୟତରେ ଚାଷୀ ଅରୁଣ ସାହୁ, ଭୋ ନାଥ ବଡ଼େଇ, ସୌରୀଚରଣ ରୋହିଦାସ, ଜଗଦିସ ବାରିକ, ସୁବାସ ପାତ୍ର ପ୍ରମୁଖ ଅନେକ ଚାଷୀଙ୍କ ୭ ଏକରରୁ ଅଧିକ ଜମିରେ ସମାନ ସ୍ଥିତି ଦେଖିବାକୁ ମିଳିଛି। ପୁଣି ରମ୍ପେଲା ପଞ୍ଚାୟତର ଚାଷୀ ରମେଶ ବିଶ୍ୱାଳ ସମେତ ୨୬ ଜଣ ଚାଷୀ ଚକଡା ପୋକ ଯୋଗୁଁ ତାଙ୍କ ଧାନ ନଷ୍ଟ ହୋଇଥିବା କହିଛନ୍ତି। କୁମ୍ଭାର ବନ୍ଧ ପଞ୍ଚାୟତରେ ଚକଡା ସାଙ୍ଗକୁ ବଙ୍କି ପୋକ ଲାଗି ଚାଷ ନଷ୍ଟ ହେଉଥିବା ଚାଷୀ ପ୍ରେମାନନ୍ଦ ଭୋଇ ସମେତ ଅନ୍ୟମାନେ କହିଛନ୍ତି। ସେହିପରି ଦଳଗାଁ ପଞ୍ଚାୟତ ଗୁଡିହାଲି ଗାଁର ଚାଷୀ କରୁଣାକର ସାହୁଙ୍କ ୨ ଏକର ଚାଷଜମି ଏବଂ ଗୁଡିହାଲି, ଦୁଦେଲସିଂହା, ବାଦିମାଳ ଅଞ୍ଚଳରେ ଅନେକ ଚାଷୀଙ୍କ ଚାଷ ଜମିରେ ଚକଡା ପୋକ ଜନିତ କ୍ଷତି ହୋଇଛି। ସରଣ୍ଡାମାଳ ପଞ୍ଚାୟତର ଚାଷୀ ଅଭିନ ରାଉତଙ୍କ ଦେଢ଼ ଏକର ଜମିର ମଧ ସମାନ ଦଶା ରହିଛି। ଚାଷୀ କୀଟନାଶକ ପକାଇଲେ ମଧ କିଛି ସୁଫଳ ମିଳୁନାହିଁ।



କୀଟନାଶକ ପକାଇ ଚାଷୀ ଅଧିକ ଖର୍ଚ୍ଚାନ୍ତ ହେଉଥିବା ବେଳେ ପ୍ରାୟ ସମଗ୍ର ଅଞ୍ଚଳରେ ଜଙ୍ଗଲୀ ବାର୍ହା ବିଲରେ ପଶି ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ଏ ସକ୍ରାନ୍ତରେ ବ୍ଲକ କୃଷୀ ବିଭାଗୀୟ ଅଧିକାରିଣୀ ସୀମା ଟେଟେଙ୍କୁ ପଚରାଯିବାରୁ ଚକଡା ପୋକ ଲାଗିଥିବା ବିଷୟରେ ସେ ଅବଗତ ଥିବା କହିଥିଲେ। ଚାଷୀ କୃଷି ବିଭାଗ ପରାମର୍ଶରେ ଔଷଧ ବ୍ୟବହାର କରିବା କଥା ଏବଂ ଆଗକୁ ସେ ଚାଷୀଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି କହିଛନ୍ତି। ଅନ୍ୟ ପକ୍ଷରେ ଅନେକ ପଞ୍ଚାୟତରେ କୃଷି ବିଭାଗ କର୍ମଚାରୀଙ୍କ ପରାମର୍ଶରେ କୀଟନାଶକ ବ୍ୟବହାର କଲେବି କିଛି ଲାଭ ମିଳୁ ନଥିବା ଅଭିଯୋଗ ହୋଇଛି। ହଜାର ହଜାର ଟଙ୍କା କରଜ କରି ଚାଷୀ ଚାଷ କରିଛନ୍ତି। ଏ ଅଞ୍ଚଳ ଜଳସେଚିତ ଅଞ୍ଚଳ ହୋଇ ନ ଥିବାରୁ ଏହି ଖରିଫ ଚାଷହିଁ ସେମାନଙ୍କ ବର୍ଷ ସାରାର ଆୟର ଭରସା। ଏଣୁ ତୁରନ୍ତ ଚକଡା ପୋକରୁ ଅନ୍ୟ ଧାନଚାଷ ଜମିକୁ ରକ୍ଷା କରିବା ବ୍ୟବସ୍ଥା ସହ ଯାହା କ୍ଷୟକ୍ଷତି ହୋଇଛି ତାର କ୍ଷତିପୂରଣ ଦେବା ପାଇଁ ସରକାର ତଥା ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ଚାଷୀ ଦାବି କରିଛନ୍ତି।

# ବ୍ଲକ୍ସ୍ତରୀୟ ସାଇନ୍ସ ଡ୍ରାମା ଏବଂ ରୋଲ୍ ପ୍ଲେ

**ଝାରସୁଗୁଡ଼ା, ୧୭।୧୦(ସମିସ):** ପଞ୍ଚାୟତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାଙ୍ଗଣରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ, ଲଖନପୁର ପକ୍ଷରୁ ବ୍ଲକ ସ୍ତରୀୟ ସାଇନ୍ସ ଡ୍ରାମା ଏବଂ ରୋଲ ପ୍ଲେ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଲଖନପୁର ବ୍ଲକ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ ମୁଖ୍ୟ ଅତିଥି, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ହେମସାଗର ଚୌଧୁରୀ ମୁଖ୍ୟ ବକ୍ତା, ଏହି ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ସଙ୍ଗୀତା ସାହୁ ସଭାପତି ଏବଂ ଲଖନପୁର ସିଆରସିସି ଘନଶ୍ୟାମ ଗାଡତିଆ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ବିଚାରକ ଭାବେ ରଞ୍ଜନ ପଧାନ ଏବଂ ତ୍ରିଲୋଚନ ସାହୁ ଛାତ୍ରଛାତ୍ରୀଙ୍କ ପ୍ରତିଭାକୁ ଆକଳନ କରିଥିଲେ। ଗଦାଧର ପଧାନ ମଞ୍ଚ ପରିଚାଳନା କରିଥିଲେ। ମୋଟ ୧୫ଟି ବିଦ୍ୟାଳୟରୁ ୧୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ତନ୍ମଧ୍ୟରୁ ସାଇନ୍ସ ଡ୍ରାମାରେ ସରକାରୀ ଉଚ୍ଚ ବିଦ୍ୟାଳୟ ଭିକମପାଲି ପ୍ରଥମ ଏବଂ ସାଇନ୍ସ ରୋଲ ପ୍ଲେରେ ମନୋଜ ପାଢ଼ୀ ଉଚ୍ଚ ବିଦ୍ୟାଳୟ ସାରଣ୍ଡମାଳ ଏବଂ ଦେବକୀ ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ଚାରଢ଼ିପ। ଯଥାକ୍ରମେ ପ୍ରଥମ ସ୍ଥାନ ଏବଂ ଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରକୁ ଉତ୍ତୀର୍ଣ୍ଣ ହୋଇଥିଲେ। ବିଜ୍ଞାନ ଶିକ୍ଷକ ଦାମୋଦର ଧୂଆଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିଲା। ହେମାନନ୍ଦ ଖଣ୍ଡା, ଦେବେନ୍ଦ୍ର ପଧାନ, ସୁରଥ ବିଶ୍ୱାଳ, ଲିଙ୍କନ ପଧାନ, ସବିତା ତାଣ୍ଡିଆ, ପ୍ରଭାସିନୀ ସାହୁ, ଭଗବାନ ପସାୟତ ଆଦି ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



# ତିଳେଇବଣି ବ୍ଲକ୍‌ରେ ପ୍ଲାଷ୍ଟିକ କ୍ରେଟ ବିତରଣ

**ଦେବଗଡ଼, ୧୮।୧୦(ସମିସ):** ତିଳେଇବଣି ବ୍ଲକ କାର୍ଯ୍ୟାଳୟ ପରିସରରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସିକା ସଂନ୍ଧ୍ୟା ମାଝିଙ୍କ ଆବାହକତ୍ୱରେ ବ୍ଲକସ୍ତରୀୟ ପ୍ଲାଷ୍ଟିକ କ୍ରେଟ ବିତରଣ କାର୍ଯ୍ୟକ୍ରମ ମିଶନ ଶକ୍ତି ସଭା ଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ସାଂସଦ ପ୍ରତିନିଧି ଯୋଗେଶ ପ୍ରଧାନ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଅଧୀନ ଝରାଗୋଗୁଆ, ଢୋଲପଡ଼ା, ଦୁଧିଆନାଲି, କଲଣ୍ଡା ଏବଂ ବଡଛାପଲ ପଞ୍ଚାୟତ ଅନ୍ତର୍ଗତ ୧୧ଟି କ୍ଲଷ୍ଟର ଅଧୀନ ୩୩୦ଟି ଜନ ଜାତି ଚାଷୀ ମାନଙ୍କୁ ଉଦ୍ୟାନ କୃଷି ବିଭାଗର ସହଯୋଗରେ ପ୍ଲାଷ୍ଟିକ କ୍ରେଟ ବିତରଣ କରାଯାଇଥିଲା। ବ୍ଲକ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିର୍ଦ୍ଧା, ତିଳେଇବଣି ପଞ୍ଚାୟତ ସମିତି ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ସମିତି ଉପଧ୍ୟକ୍ଷା ଆରତୀ ପ୍ରଧାନ, ଅତିରିକ୍ତ ଉଦ୍ୟାନ କୃଷି ଅଧିକାରୀ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ, ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ କାର୍ଯ୍ୟକ୍ରମର ଅଧିକାରୀ ଏବଂ ବିଭିନ୍ନ କ୍ଲଷ୍ଟରରୁ ଆସିଥିବା ଜନଜାତି ଚାଷୀ ଉପସ୍ଥିତ ଥିଲେ।

# ସୁଗୁଡ଼ାରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

**ଦେବଗଡ଼, ୧୭।୧୦(ସମିସ):** ତିଳେଇବଣି ବ୍ଲକ ସୁଗୁଡା କ୍ଲଷ୍ଟର ପକ୍ଷରୁ ଶୁକ୍ରବାର ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି୨୦୨୫ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଦମୟନ୍ତୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତିଳେଇବଣି ପଞ୍ଚାୟତ ସମିତି ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ଦାଶରଥି ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ତିଳେଇବଣି ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଆରତୀ ପ୍ରଧାନ, ସମ୍ବଲପୁର ସାଂସଦ ପ୍ରତିନିଧି ଯୋଗେଶ ପ୍ରଧାନ, ପଞ୍ଚଶିକ୍ଷା ସେତୁ ସଭାପତି ଧରଣୀଧର ସାହୁ, ପରିଚାଳନା ସମିତି ସଭାପତି ଅଜୟ ପ୍ରଧାନ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ସୁରଭି ସୁଯୋଗ ଆଣିଥାଏ ବୋଲି ମତବ୍ୟକ୍ତ କରିଥିଲେ। ସିଆରସିସି ପ୍ରାଣବନ୍ଧୁ ଘଡେଇ ମଞ୍ଚ ସଂଯୋଜନା କରିଥିଲେ। ସ୍ଥାନୀୟ ବିଦ୍ୟାଳୟ ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଶିକ୍ଷକ ଭୋଳେଶ୍ୱର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ କ୍ଲଷ୍ଟର ଅଧିନସ୍ଥ ସମସ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବରିଷ୍ଠ ଓ କନିଷ୍ଠ ବର୍ଗରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ନିପୁଣ ଓଡ଼ିଶା କାର୍ଯ୍ୟକ୍ରମରେ ପ୍ରଥମରୁ ତୃତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶାର ଲୋକ କଳା ଆଧାରରେ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ବିଚାରକ ଭାବେ ଶିବାଶିଷ ଝାଙ୍କର ଓ ବିଶାଳ ନାୟକ ପ୍ରମୁଖ ଦାୟିତ୍ୱ ବହନ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ଆୟୋଜିତ କାର୍ଯ୍ୟକ୍ରମରେ ସିଆରସିସି ଶ୍ରୀ ଘଡେଇଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ ସାହୁ, ସାମ୍ବାଦିକ ସିଦ୍ଧାର୍ଥ ଗୁରୁ, ପ୍ରଧାନଶିକ୍ଷୟିତ୍ରୀ ଦମୟନ୍ତୀ ବେହେରା ପ୍ରମୁଖ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସାମନ୍ତରାପାଲି ଉଚ୍ଚ ପ୍ରାଥମିକ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସନ୍ତୋଷ ଶର୍ମା, ଗୁଣ୍ଡୁରିପୋଷି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ପରମାନନ୍ଦ ବସନ୍ତରା, କଲଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ରଞ୍ଜନ ପ୍ରଧାନ, ହରିହର କିଶାନ ପୁଷ୍ପାଞ୍ଜଳି ସାହୁ, ବୈଜୟନ୍ତୀ ମାହାଣା, ଚତୁରୀ ପ୍ରଧାନ ପ୍ରମୁଖ ଦାୟିତ୍ୱ ବହନ କରିଥିଲେ। ପ୍ରତିଯୋଗିତାରେ ସବ ଜୁନିୟର, ଜୁନିୟର ଓ ସିନିୟର ମୋଟ ୨୨ଟି ବିଭାଗରୁ ୨୨୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ।



# ଯୁବ ସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ ୩.୦

**ଦେବଗଡ଼, ୧୮।୧୦(ସମିସ):** ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଯୁବ ସମାଜ ପାଇଁ ତୃତୀୟ ପର୍ଯ୍ୟାୟ ତମାଖୁ ମୁକ୍ତ ଅଭିଯାନ ୧୦ ଅକ୍ଟୋବରରୁ ୯ ଡିସେମ୍ବର ପର୍ଯ୍ୟନ୍ତ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ସାହୁ ତମାଖୁ ନିୟନ୍ତ୍ରଣ କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାରେ କୌଣସି ବିଦ୍ୟାଳୟ ଓ ମହାବିଦ୍ୟାଳୟ ପାଖରେ ଯେଭଳି ତମାଖୁ ବିକ୍ରି ନହୁଏ ସେଥିପ୍ରତି ଧ୍ୟାନ ଦେବାକୁ ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ତମାଖୁ ସେବନ ଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଯଥା କର୍କଟ, ହୃଦରୋଗ, ଶ୍ୱାସ ଜନିତରୋଗ, ମଧୁମେହ ଓ ମସ୍ତିଷ୍କାଘାତ ରୋଗରେ ପଡ଼ି ମୃତ୍ୟୁ ମୁଖରେ ପଡୁଥିବା ଦେଖାଯାଇଛି। ବୈଠକରେ ଆରକ୍ଷୀ ଅଧିକ୍ଷକ ଅନିଲ ମିଶ୍ର, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ଧନଞ୍ଜୟ ମହନ୍ତ, ଅତିରିକ୍ତ ବନ ସଂରକ୍ଷକ ଅରୁଣ ବେହେରା, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ତିଳେଇବଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିର୍ଦ୍ଧା, ତହସିଲଦାର କର୍ଣ୍ଣ ମଲ୍ଲିକ, ସାମାଜିକ ସୁରକ୍ଷା ଅଧିକାରୀ ନିବାସ ଜାନୀ, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର, ଜିଲ୍ଲା ସହକାରୀ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅମରେଶ ଶତପଥୀଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଚିକିତ୍ସା ବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ଚୟନ

**ଦେବଗଡ଼, ୧୮।୧୦(ସମିସ):** ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଦେବଗଡ଼ ଆନୁକୂଲ୍ୟରେ ଆଜି ଜିଲ୍ଲା ସ୍ତରୀୟ ବିଦ୍ୟାଳୟ ସମୂହ ୧୪ ଓ ୧୭ ବର୍ଷରୁ କମ ଛାତ୍ରଛାତ୍ରୀ ମାନଙ୍କର କ୍ରୀଡା ଚୟନ ଶିବିର ଉଦ୍‌ଯାପିତ ହୋଇଯାଇଛି। ରିଆମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କାଲୋଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟବକ୍ତା ଭାବେ ଉପଜିଲ୍ଲାପାଳ ପରକ୍ଷିତ ସାହୁ ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ଧୀରେନ୍ଦ୍ର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପଦ୍ମିନୀ ମହାପାତ୍ର ଚୟନ ଶିବିରର ବିବରଣୀ ପଠନ କରିଥିଲେ। ଆଦିବାସୀ ଉଚ୍ଚ ବିଦ୍ୟାଳୟ ନଈକୂଳ ପ୍ରଧାନଶିକ୍ଷକ ଇନ୍ଦ୍ରମଣି ସାମଲ ମଞ୍ଚ ସଂଯୋଜନା କରିଥିବା ବେଳେ ତିଳେଇବଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ପୂର୍ବ ନିର୍ଦ୍ଧାରିତ ୩ଟି ବ୍ଲକ ୬ଟି ଜୋନରେ ଆୟୋଜିତ ଚୟନ ପ୍ରକ୍ରିୟାରେ ଚୟନ ହୋଇ ଆସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୁଇ ଦିନ ଧରି ଫୁଟବଲ, ଖୋଖୋ, କବାଡି, କ୍ରିକେଟ, ଯୋଗ, ଆଥଲେଟିକ ପ୍ରତିଯୋଗିତା ମାନ କରାଯାଇ ରାଜ୍ୟ ସ୍ତରୀୟ ବିଦ୍ୟାଳୟ ସମୂହ ଖେଳ ପ୍ରତିଯୋଗିତା ପ୍ରତିନିଧିତ୍ୱ କରିବା ନିମନ୍ତେ ଖେଳାଳି ଚୟନ କରାଯାଇଥିଲା। ଖେଳ ଗୁଡିକୁ ଡିଲେଶ୍ୱର ସ୍ୱାଇଁ, ରଞ୍ଜିତା ମିଶ୍ର, କୁନିତା ସାହୁ, ବିରଞ୍ଚି ନାରାୟଣ ଦାସ, କିରଣ ଟପନୋ, ଦମୟନ୍ତୀ ଦାସ, ଶ୍ୟାମ ସୁନ୍ଦର ବେହେରା, ଚିତ୍ତରଞ୍ଜନ ମହାପାତ୍ର, ମାନସ ଦାସ, ଜୟନାରାୟଣ ସାହୁ, କରୁଣାକର ପାନ୍ଥା, ଜଗଦୀଶ ଭୋଇ, ସଞ୍ଜୟ ପ୍ରଧାନ, ରିଣ୍ଟୁ ବିଶ୍ୱାଳ, ଟିପଟନ ସାହୁ, ମନୋଜ ଜେନା ପ୍ରମୁଖ ପରିଚାଳନା କରିଥିଲେ। କ୍ରୀଡା ଚୟନ ଶିବିରରେ ତିନୋଟି ବ୍ଲକରୁ ୨୭୯ ଜଣ ବାଳକ, ୨୨୦ ବାଳିକା ଓ ୬୩ ଜଣ ଖେଳ ଶିକ୍ଷକ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

# ମା' ରମ୍ଭାଦେବୀ କପ୍ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

**ଦେବଗଡ଼, ୧୮।୧୦(ସମିସ):** ତିଳେଇବଣି ବ୍ଲକ ସୁଗୁଡା ସ୍ଥିତ ମା' ରମ୍ଭାଦେବୀ ଫୁଟବଲ ଆସୋସିଏସନ ଆନୁକୂଲ୍ୟରେ ଶନିବାର ଦ୍ୱି ଦିବସୀୟ ମା' ରମ୍ଭାଦେବୀ କପ୍ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଆସୋସିଏସନର ସଭାପତି ରଜତ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଓକିଲ ସଂଘର ସମ୍ପାଦକ ତଥା ସୁଗୁଡା ସେବା ସମବାୟ ସମିତିର ସଭାପତି ସିଦ୍ଧେଶ୍ୱର ଗୁରୁ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁଗୁଡା ପଞ୍ଚାୟତର ସରପଞ୍ଚ କୁନୁ ବେହେରା ଓ ସମିତି ସଦସ୍ୟ ଡମ୍ବରୁଧର ସାହୁ ଯୋଗ ଦେଇଥିଲେ। ଶେଷରେ ଆସୋସିଏସନର ସମ୍ପାଦକ ଭାଗ୍ୟରଥୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର ଉଦ୍‌ଘାଟନୀ ମ୍ୟାଚ୍ ବାରକୋଟ ସ୍ଥିତ ଆଇଟିଆଇ ଫୁଟବଲ ଦଳକୁ ୩-୦ ଗୋଲରେ ପରାସ୍ତ କରି ନୂଆଁ ଗାଁ ଫୁଟବଲ ଦଳ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଜୟ ଏଏଫ୍‌ସି ବଜରଙ୍ଗୀ ଫୁଟବଲ ଦଳକୁ ୧-୦ଗୋଲରେ ପରାସ୍ତ କରି ମା' ଦୁର୍ଗା ଫୁଟବଲ ଦଳ ବିଜୟୀ ହୋଇଥିଲା। ପ୍ରତିଯୋଗିତା ଆୟୋଜନରେ ଆୟୋଜକ ମା'ରମ୍ଭାଦେବୀ ଫୁଟବଲ ଆସୋସିଏସନର କୋଷାଧ୍ୟକ୍ଷ ସଞ୍ଜୟ ସାହୁ, ସଦସ୍ୟ ଚନ୍ଦନ ସାହୁ, ବିମଳ ପ୍ରଧାନ, ସୁଶାନ୍ତ ସାହୁ, ପ୍ରବୀଣ ସାହୁ ଓ ହିତେଶ ସାହୁ ପ୍ରମୁଖ ସହଯୋଗ କରିଥିବା ଜଣାପଡ଼ିଛି।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ ପୋଲିଓ ଟିକାକରଣ ଅଭିଯାନ

**ସମ୍ବଲପୁର, ୧୮।୧୦(ସମିସ):** ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ାରେ ତୃଣମୂଳ ସ୍ତରରେ ସାମୂଦାୟିକ ସ୍ୱାସ୍ଥ୍ୟ ଏବଂ ପ୍ରତିଷେଧକ ଯତ୍ନକୁ ଆଗକୁ ବଢ଼ାଇବା ପ୍ରତିବଦ୍ଧତାକୁ ପୁନରାବୃତ୍ତି କରିଛି। କମ୍ପାନୀର ପ୍ରୟାସରେ ସଚେତନତା ଅଧିବେଶନ ମାଧ୍ୟମରେ ବିଶ୍ୱ ହାତ ଧୋଇବା ଦିବସ ପାଳନ କରିବା ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ଝାରସୁଗୁଡ଼ା ସମନ୍ୱରେ ପଲସ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ପ୍ରତିବର୍ଷ ୧୫ ଅକ୍ଟୋବରରେ କମ୍ପାନୀ ବିଶ୍ୱ ହାତ ଧୋଇବା ଦିବସ ପାଳନ କରିଥାଏ। ଏହି ଅଭିଯାନର ଅଂଶ ଭାବରେ, ବେଦାନ୍ତ ଆଲୁମିନିୟମ ପଡ଼ୋଶୀ ଗ୍ରାମ ଏବଂ ସ୍କୁଲଗୁଡ଼ିକରେ ସପ୍ତାହ ବ୍ୟାପୀ ସଚେତନତା କାର୍ଯ୍ୟକ୍ରମ କରିଥିଲା। ପ୍ରାୟ ୩ହଜାରରୁ ଅଧିକ ସମ୍ପ୍ରଦାୟ ସଦସ୍ୟ ଯୋଗଦାନ କରିଥିଲେ। ହାତ ଧୋଇବାର ଗୁରୁତ୍ୱ ବିଷୟରେ ଶିକ୍ଷା ଦେବା ପାଇଁ ଡାକ୍ତରଙ୍କ ନେତୃତ୍ୱରେ ଅଧିବେଶନ ଆୟୋଜନ କରାଯାଇଥିଲା। ତା'ପରେ ପାରାମେଡିକାଲ୍ କର୍ମଚାରୀଙ୍କ ଦ୍ୱାରା ହାତ ପରିଷ୍କାରତାର ସଠିକ୍ ପଦକ୍ଷେପଗୁଡ଼ିକୁ ଦର୍ଶାଇ ଏକ ଲାଇଭ୍ ପ୍ରଦର୍ଶନ କରାଯାଇଥିଲା। ସ୍ୱେଚ୍ଛାସେବୀ ବ୍ୟକ୍ତିମାନଙ୍କୁ ସାବୁନ, ଟୁଥପେଷ୍ଟ, ଟୁଥବ୍ରସ୍, ଜିଭ କ୍ଲିନର୍ ଏବଂ ସାମ୍ପୁ ପାଉଚ୍ ସହିତ ହାତ ପରିଷ୍କାର କିଟ୍ ପ୍ରଦାନ କରାଯାଇଥିଲା। ଏହି ପ୍ରୟାସ ସହିତ, ବେଦାନ୍ତ ଆଲୁମିନିୟମ୍ ଝାରସୁଗୁଡାର ୧୭ଟି ବୁଥ୍‌ରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହ ମିଶି ପଲସ ପୋଲିଓ ଟିକାକରଣ ଅଭିଯାନ ୨୦୨୫କୁ ମଧ ସମର୍ଥନ କରିଥିଲା। ତିନି ଦିନିଆ ଅଭିଯାନରେ ୧, ୪୮୬ରୁ ଅଧିକ ପିଲାଙ୍କୁ ଟିକାକରଣ କରାଯାଇଥିଲା। ବେଦାନ୍ତ ଝାରସୁଗୁଡାର ସିଇଓ ସି ଚନ୍ଦ୍ରୁ କହିଛନ୍ତି, ଉତ୍ତମ ସ୍ୱାସ୍ଥ୍ୟ ହେଉଛି ସମୃଦ୍ଧ ସମ୍ପ୍ରଦାୟର ମୂଳଦୁଆ। କମ୍ପାନୀରେ, ଆମେ ପ୍ରତିରୋଧକ ସ୍ୱାସ୍ଥ୍ୟସେବା, ବ୍ୟାପକ ସଚେତନତା ଏବଂ ସୁଲଭ ଚିକିତ୍ସା ସେବା ମାଧ୍ୟମରେ ଆମର ସମ୍ପ୍ରଦାୟ ପାଇଁ ଏକ ସୁସ୍ଥ ଭବିଷ୍ୟତ ଗଠନ କରିବାକୁ ଗଭୀର ଭାବରେ ପ୍ରତିବଦ୍ଧ। ଝାରସୁଗୁଡାର ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ମହେଶ ମୋହନ ପଣ୍ଡା କହିଥିଲେ, ଝାରସୁଗୁଡାରେ ସମ୍ପ୍ରଦାୟ ସ୍ୱାସ୍ଥ୍ୟ ପଦକ୍ଷେପକୁ ଆଗକୁ ବଢ଼ାଇବାରେ ବେଦାନ୍ତ ଆଲୁମିନିୟମ ଏକ ସ୍ଥିର ଏବଂ ସକ୍ରିୟ ଅଂଶୀଦାର ହୋଇଛି। ସଚେତନତା କାର୍ଯ୍ୟକ୍ରମ ଏବଂ ଟିକାକରଣ ଅଭିଯାନ ପାଇଁ ସେମାନଙ୍କର ନିରନ୍ତର ସମର୍ଥନ ସ୍ୱାସ୍ଥ୍ୟସେବା ଉପଲବ୍ଧତାକୁ ଉନ୍ନତ କରିବା ଏବଂ ଗ୍ରାମାଞ୍ଚଳରେ ପ୍ରତିରୋଧକ ସ୍ୱାସ୍ଥ୍ୟ ପଦକ୍ଷେପକୁ ପ୍ରୋତ୍ସାହିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।ବେଦାନ୍ତ ଡାଇଗ୍ନୋଷ୍ଟିକ୍ ସେଣ୍ଟର ପ୍ରତିବର୍ଷ ଜିଲ୍ଲାର ହଜାର ହଜାର ଲୋକଙ୍କୁ ସୁଲଭ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସୁବିଧା ପ୍ରଦାନ କରିବା ସହିତ କମ୍ପାନୀର ମୋବାଇଲ୍ ହେଲ୍ଥ ୟୁନିଟ୍ (ଏମଏଚୟୁ) ଏବଂ ସ୍ୱତନ୍ତ୍ର ଚିକିତ୍ସା ଶିବିର ନିୟମିତ ଭାବରେ ଦୂରଦୂରାନ୍ତରେ ଦ୍ୱାର ଦେଶରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଏ।



# ବେଆଇନ ବନ୍ଧୁକ କାରବାର, ୩ ଗିରଫ

## ୨ ଦେଶୀ ବନ୍ଧୁକ, ୬ ଗୁଳି ସହ ଅନ୍ୟାନ୍ୟ ସାମଗ୍ରୀ ଜବତ



**ଝାରସୁଗୁଡ଼ା, ୧୮।୧୦(ସମିସ)**

ଝାରସୁଗୁଡ଼ା ପୁଲିସ ପକ୍ଷରୁ ବିଭିନ୍ନ ଅସାମାଜିକ କାର୍ଯ୍ୟ ସହିତ ଅପରାଧ ରୋକିବା ନେଇ 'ଅପରେସନ ନେତ୍ର' ଜାରି ରହିଛି। ଝାରସୁଗୁଡ଼ା ଥାନା ଅଧୀନ ବୁରୋମାଲ ଅଞ୍ଚଳରେ ବେଆଇନ ବନ୍ଧୁକ କାରବାର ଓ ବିକ୍ରି ଅଭିଯୋଗରେ ୩ ଜଣ ଅଭିଯୁକ୍ତକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଶନିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡ଼ା ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ମାନେ ଝାରସୁଗୁଡ଼ା ଥାନା ଅଞ୍ଚଳର ଅନିଲ ସାହୁ ଓରଫ ବଣ୍ଟ(୪୫), ବିଟୁ ଖାତିଫ (୩୩), ସୁରଜ ସୋନକର(୩୪) ବୋଲି ସୂଚନା ରହିଛି। ବୁରୋମାଲ ଅଞ୍ଚଳରେ ଶନିବାର ଦୁର୍ବୃତ୍ତ ମାନେ ବେଆଇନ ବନ୍ଧୁକ ବିକ୍ରି କରୁଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ପୁଲିସ ଘଟଣାସ୍ଥଳରେ ଚଢ଼ଉ କରି ୩ଜଣ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନଙ୍କ ନିକଟରୁ ୨ଟି ଦେଶୀ ବନ୍ଧୁକ, ୬ଟି ଜୀବନ୍ତ ଗୁଳି, ୪ ଗୋଟି ମାଗାଜିନ, ଗୋଟିଏ ବାଇକ, ୩ଟି ମୋବାଇଲ ଫୋନକୁ ଜବତ କରାଯାଇଥିବା ପୁଲିସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହାସହିତ ସେମାନେ ପୂର୍ବରୁ ଏକାଧିକ ଅପରାଧିକ ମାମଲାରେ ଜଡିତ ଥିବା ଏବଂ ଏପରି ବେଆଇନ ବ୍ୟବସାୟ କରୁଥିବା ପୁଲିସ ତରଫରୁ ପ୍ରକାଶ।

# ଖାଦ୍ୟ ନିରାପତ୍ତା ବିଭାଗର ଯାଞ୍ଚ, ୮ ହଜାର ଟଙ୍କା ଜରିମାନା

**ଝାରସୁଗୁଡ଼ା, ୧୮।୧୦(ସମିସ):** ଆଗକୁ ଆଲୋକର ପର୍ବ ଦୀପାବଳି ଆସୁଛି। ଏହା ପୂର୍ବରୁ ଆକ୍ସନ ମୋଡକୁ ଆସିଛି ଝାରସୁଗୁଡ଼ାର ଖାଦ୍ୟ ନିରାପତ୍ତା ବିଭାଗ। ବିଭାଗ ପକ୍ଷରୁ ଶନିବାର ଝାରସୁଗୁଡ଼ା ସହରର ବମ୍ବେ ଛକ, ବେହେରାମାଲ ଏବଂ ଓଏମପି ଅଞ୍ଚଳର ବିଭିନ୍ନ ହୋଟେଲ, ଫାଷ୍ଟଫୁଡ୍ ସେଣ୍ଟର୍ ଏବଂ ମିଠା ଦୋକାନ ଗୁଡିକରେ ଚଢ଼ଉ କରାଯାଇ ଖାଦ୍ୟର ମାନ ଯାଞ୍ଚ କରାଯାଇଛି। ଯାଞ୍ଚ ସମୟରେ ଖିଲାପକାରୀ ଦୋକାନ ଗୁଡିକରୁ ୮୦୦୦ ଟଙ୍କାର ଜରିମାନା ଆଦାୟ ହୋଇଥିବା ସୂଚନା ଦିଆଯାଇଛି। ଦୀପାବଳି ପୂର୍ବରୁ ବିଭିନ୍ନ ସ୍ଥାନରେ ଏପରି ଚଢ଼ଉ ଜାରି ରହିବ ବୋଲି ଫୁଡ ସେଫଟି ଅଧିକାରୀ ସୂଚନା ଦେଇଛନ୍ତି। ବାସି ଖାଦ୍ୟ ନବିକିବା ସହିତ ସ୍ୱଚ୍ଛତା ପ୍ରତି ଧ୍ୟାନ ଦେବାକୁ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଦୀପାବଳି ସମୟରେ ମିଠା ଆଦିର ଚାହିଦା ରହିଥିବାରୁ ଏହି ସମୟରେ ଅନେକ ଲାଭଖୋର ବ୍ୟବସାୟୀ ଖାଦ୍ୟ ସାମଗ୍ରୀରେ ଭେଜାଲ ସମ୍ମିଶ୍ରଣ କରୁଥିବା ଅଭିଯୋଗ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଝାରସୁଗୁଡ଼ାରେ ଅଚାନକ ଚଢ଼ଉ ଓ ଯାଞ୍ଚ ହୋଇ ଜରିମାନା ସହିତ ବାସି ଖାଦ୍ୟ ଆଦିକୁ ନଷ୍ଟ କରାଯାଉଛି।



■ ଛିଲିପା ଓ କୁଟୁରୁଘାଟରୁ ବେଧଡକ ବାଲି ଚାଲାଣ

# କାର୍ଯ୍ୟାନୁଷ୍ଠାନ ପାଇଁ ଖଣି ଉପନିର୍ଦ୍ଦେଶକଙ୍କୁ ଦାବିପତ୍ର

**ଧର୍ମଗଡ଼, ୧୮ ।୧୦(ସମିସ):** କଳାହାଣ୍ଡି ଜିଲ୍ଲାରେ ବାଲି ମାଫିଆଙ୍କ ପ୍ରାଦୁର୍ଭାବ ବଢ଼ି ଚାଲିଛି ।ଜିଲ୍ଲାର ଅନେକ ନଦୀରୁ ପ୍ରତିଦିନ ହଜାର ହଜାର ଟନ୍ ବାଲି ଚୋରା ଚାଲାଣ ହେଉଥିବା ବେଳେ ସରକାର ବାର୍ଷିକ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି । ଏହି କାରବାରରେ ବାଲି ମାଫିଆ ଓ କେତେକ ସରକାରୀ କର୍ମଚାରୀ ମାଲାମାଲ ହେଉଥିବା ବେଳେ ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ପ୍ରତି ବିପଦ ସୃଷ୍ଟି ହେଉଛି ।ଜିଲ୍ଲା ସାରା ବାଲି ଚୋରା ଚାଲାଣ କଥା ପ୍ରତିଦିନ ଗଣମାଧ୍ୟମରେ ପ୍ରକାଶିତ ହୋଇ ଆସୁଛି । ଏଥିରୁ ବର୍ତ୍ତି ନାହିଁ ଧର୍ମଗଡ଼ ବ୍ଲକ । ଧର୍ମଗଡ଼ ତହସିଲ ଅଧୀନରେ ଥିବା ଛୀଲିପା, କୁଟୁରୁ ବାଲିଘାଟରେ ବେଧଡକ ଭାବରେ ବାଲି ଚୋରା ଚାଲାଣ ଚାଲିଥିବା ଅଭିଯୋଗ ହୋଇଛି । ଉକ୍ତ ବାଲିଘାଟରୁ ହାଇୱା ଯୋଗେ ଛାତିଶଗଡ଼ଏବଂ ଆନ୍ଧ୍ରପ୍ରଦେଶ କୁ ବାଲି ଚାଲାଣ ହେଉଥିବା ଅଭିଯୋଗ ହେଉଥିବା ବେଳେ ପ୍ରଶାସନ ସବୁ ଜାଣି ନିରବ ରହୁଥିବାରୁ ଅଞ୍ଚଳରେ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଛି । ଜିଲ୍ଲା ପ୍ରଶାସନ ଏ ଦିଗରେ ବିହିତ ପଦକ୍ଷେପ ନେବା ଜରୁରୀ ବୋଲି ଶନିବାର ଏସ୍‌ସି-ଏସଟି ଓବିସି ସଂଗଠନ ପକ୍ଷରୁ ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ କଳାହାଣ୍ଡି ର ଦ୍ୱାରସ୍ଥ ହୋଇ ବାଲି ଚୋରା ଚାଲାଣ ରୋକିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ର ପ୍ରଦାନ ବେଳେ ଆଇନ ପରାମର୍ଶ ଦାତା ଦିଗାମ୍ବର ଦୁରିଆ, ଡାକେ ଲହଜଳ, କ୍ଷେତ୍ର ମୋହନ ଶତନାମୀ, ସୋମ୍ୟ ରଞ୍ଜନ ନାଏକ ସମେତ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।



ମୌଳିକ ସୁବିଧାରୁ ଲତାବାଞ୍ଜି ଗ୍ରାମବାସୀ ବଞ୍ଚିତ

# ଦୀର୍ଘ ବର୍ଷ ପରେ ବି ନିର୍ମାଣ ହୋଇପାରୁନି ପୋଲ

**ଗୋଲାମୁଣ୍ଡା, ୧୮ ।୧୦(ସମିସ)**

ସରକାର ଦୁର୍ଗମ ଅଞ୍ଚଳର ବସବାସ କରୁଥିବା ଆଦିବାସୀଙ୍କ ପାଇଁ ଅନେକ ଯୋଜନା କରୁଥିବା ବେଳେ ଆଜି ବି ଆଦିବାସୀମାନେ ଅଭିଶପ୍ତ ଜୀବନ ଜିଉଁଛନ୍ତି । ଏବେ ବି ବିକାଶ ଅପହଞ୍ଚ ହୋଇଛି । ଆଜି ବି ଲୋକେ ଶିକ୍ଷା, ସ୍ୱାସ୍ଥ୍ୟ ଗମନା ଗମନ, ପାନୀୟଜଳ, ମୋବାଇଲ ନେଟୱାର୍କ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି । ଏହି ଭଳି ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ବଡ଼ ଚେରଗାଁ ପଞ୍ଚାୟତ ଦୁର୍ଗମ ତଥା ମାଓ ଅଧ୍ୟୁଷିତ ଲତାବାଞ୍ଜି ଗ୍ରାମରେ ଦେଖିବାକୁ ମିଳିଛି । ଜନବସତିର ଦଶନ୍ଧି ଦଶନ୍ଧି ପରେ ମଧ୍ୟ ପୋଲଟିଏ ନିର୍ମାଣ ହୋଇପାରୁନି । ଫଳରେ ଆଦିବାସୀମାନେ ଜୀବନକୁ ବାଜି ଲଗାଇ ଯାତାୟତ କରୁଛନ୍ତି । ଏହି ଗାଁରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଡ୍ୟାମ ନିର୍ମାଣ



କରାଯାଇ କେନାଲ ମାଧ୍ୟମରେ ଚାଷୀଙ୍କ ଜମିକୁ ପାଣି ଯାଉଛି । ଏହି କେନାଲ ପଛପଟେ ୧୦ଟି ଆଦିବାସୀ ପରିବାର ବସବାସ କରନ୍ତି । ଏହି କେନାଲର ଆର ପଟରେ ରାସ୍ତା ଥିବା ହେତୁ ଦୈନନ୍ଦିନ କେନାଲ ପାର ହୋଇ ଯିବା ଆସିବା ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି । କେନାଲରେ ପାଣି ପ୍ରବାହିତ ହେଲେ ପିଲାମାନେ ସ୍କୁଲ ଯାଇ ପାରନ୍ତି ନାହିଁ । ଏବେ ବି ଗର୍ଭବତୀ କି ପ୍ରସୂତୀ ମହିଳାଙ୍କୁ ଖଟିଆରେ ବୋହି ମୁଖ୍ୟ ରାସ୍ତାକୁ ଆଣିଥାନ୍ତି । ପୋଲ ନ ଥିବା ଯୋଗୁଁ ଗ୍ରାମବାସୀ ବାଇକ୍ କିମ୍ବା ସାଇକେଲକୁ ନାଳ କଡରେ ରଖି ଓ ଚାଲିଚାଲି ନାଳ ପାର ହୋଇ ଯାଇଥାନ୍ତି । ନାଳ ଉପରେ ପୋଲ ନିର୍ମାଣ ପାଇଁ ଜୁନାଗଡ଼ ବିଧାୟକଙ୍କୁ ଅନେକଥର ଗୁହାରୀ କରି ଥିବା କଥା ପ୍ରକାଶ କରିଛନ୍ତି ଗ୍ରାମବାସୀ । ହେଲେ କେବଳ ମିଥ୍ୟା ପ୍ରତିଶ୍ରୁତି ଦେଇ ଚାଲି ଯାଆନ୍ତି । ସେହିଭଳି ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନେ ମଧ୍ୟ ନିର୍ବାଚନ ସମୟରେ ଭୋଟ ଭିକ୍ଷା ପାଇଁ ଆସି ବିଭିନ୍ନ ପ୍ରତିଶ୍ରୁତି ଦେଇଥାନ୍ତି । କିନ୍ତୁ ଭୋଟ ସରିବା ପରେ ଆଉ ୫ ବର୍ଷ ଦେଖା ଦେଇ ନଥାନ୍ତି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି ।ସରକାର ଆଦିବାସୀମାନଙ୍କ ଦାବିକୁ ଗ୍ରହଣ କରି ପୋଲ ନିର୍ମାଣ କରିବେ ତାହା ଦେଖିବାକୁ ବାକି ରହିଲା ।

# କାର୍ଯ୍ୟରେ ଅବହେଳା, ଅବକାରୀ କନେଷ୍ଟବଳ ନିଲମ୍ବିତ

**ନୂଆପଡ଼ା, ୧୮ ।୧୦(ସମିସ):** ନିର୍ବାଚନ ସମୟରେ କୌଣସି ବି କାର୍ଯ୍ୟରେ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜିଲ୍ଲାପାଳ ତାଗିଦ କରିଛନ୍ତି । ଦୀର୍ଘ ଦିନ ଧରି କାର୍ଯ୍ୟରେ ଅବହେଳା କରିଛନ୍ତି ବୋଲି ଅବକାରୀ ଥାନା ନୂଆପଡ଼ାରେ କାର୍ଯ୍ୟରତ କନେଷ୍ଟବଳ କ୍ଷେତ୍ରମଣି ବାଗଙ୍କୁ ଜିଲ୍ଲାପାଳ ନିଲମ୍ବିତ କରିଛନ୍ତି । ଏହା ଉପରେ ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷକ ସଙ୍ଘମିତ୍ରା ପ୍ରଧାନଙ୍କୁ ପଚାରିବାରୁ କନେଷ୍ଟବଳ ବାଗ ଗତ ମାସ ୨୮ ତାରିଖଠାରୁ କାର୍ଯ୍ୟରେ ଅନୁପସ୍ଥିତ ରହିଛନ୍ତି । ତାଙ୍କୁ ବାରମ୍ବାର ନୋଟିସ କରାଯିବା ସତ୍ତ୍ୱେ ଆସୁନାହାନ୍ତି । ଶେଷରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟାନୁଷ୍ଠାନ କରାଯାଇଛି ବୋଲି କହିଛନ୍ତି ।

# ହାତୀବନ୍ଧା ଉଚ୍ଚ ବିଦ୍ୟାଳୟକୁ ପ୍ଲାଷ୍ଟିକମୁକ୍ତ ଘୋଷଣା

**ସିନାପାଲି, ୧୮ ।୧୦ ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ହାତୀବନ୍ଧା ସରକାରୀ ଉଚ୍ଚ ବିଦ୍ୟାଳୟରେ ସେଣ୍ଟର୍ ଫର ଏନଭାରମେଣ୍ଟ ଏବଂ ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ଦୂରୀକରଣ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଚେତନତା ସଭାରେ ପ୍ରୋଜେକ୍ଟ ଅଫିସର ଡ. ରାଜେଶ କୁମାର ମହନ୍ତ, ପ୍ରୋଜେକ୍ଟ ଡିଜାଇନର୍ ସତ୍ୟ ନାରାୟଣ ଦାସ, ପ୍ରୋଜେକ୍ଟ କୋଡିନେଟର ସୁଶାନ୍ତ ଲେଙ୍କା, ପ୍ରଧାନ ଶିକ୍ଷକ ଭୁବନେଶ୍ୱର ମେହେର, ଇକୋ କ୍ଲବ୍ ଦାୟିତ୍ୱରେ ଥିବା ଶିକ୍ଷକ ରୂପେଶ କୁମାର ମେହେର ଯୋଗଦେଇ ଥିଲେ । ବରିଷ୍ଠ ଶିକ୍ଷୟିତ୍ରୀ ହିମାଦ୍ରୀ ମେହେର ମଞ୍ଚ ପରିଚାଳନା କରିଥିଲେ । ଏ ଅବସରରେ ଏକ ସଚେତନାତ୍ମକ ଶୋଭାଯାତ୍ରା ହାତୀବନ୍ଧା ନଗର ପରିକ୍ରମା କରିଥିବା ବେଳେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିସହ ହାତୀବନ୍ଧା ଉଚ୍ଚ ବିଦ୍ୟାଳୟକୁ ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ବିଦ୍ୟାଳୟ ଭାବରେ ଘୋଷଣା କରାଯାଇଛି । କାର୍ଯ୍ୟକ୍ରମ ଆୟୋଜନରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।



# ଏଓଏସ୍‌ସିଅଫ୍ ଓ ଏମବିଏମ୍‌ଏମ୍ କଳାହାଣ୍ଡି ପକ୍ଷରୁ ପ୍ରତିବାଦ ସଭା

**ଭବାନୀପାଟଣା, ୧୮ ।୧୦(ସମିସ):** ଅଲ ଓଡ଼ିଶା ସିଡୁଲ୍ଡ କାଷ୍ଟ ଫେଡ଼ରେସନ (ଏଓଏସସିଅଫ) ଓ ବହୁଜନ ମୂଳନିବାସୀ ମିଳିତ ମହାସଂଘ କଳାହାଣ୍ଡିର ମିଳିତ ଆନୁକୂଲ୍ୟରେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କୁ କୋର୍ଟ ଚାଲିଥିବା ସମୟରେ ଜୋତା ଫିଙ୍ଗିବା ଘଟଣା ଓ ହରିୟାଣାର ଆଇପିଏସ ଅଧିକାରୀ (ଏଡିଜିପି) ୱାଇ. ପୁରନ କୁମାରଙ୍କ ଉପରେ ଜାତିଗତ ନିର୍ଯାତନା ଓ ଶୋଷଣ ସହି ନ ପାରି ନିଜ ମୁଣ୍ଡରେ ଗୁଳିକରି ଆମ୍ହତ୍ୟା ତଥା ସାରା ଦେଶରେ ଏସସି, ଏସଟି, ଓବିଶି ଓ ସଂଖ୍ୟାଲଘୁଙ୍କ ଉପରେ ଦେଶରେ ହେଉଥିବା ଅମାନୁଷିକ ଅତ୍ୟାଚାର ଓ ଶୋଷଣ ବିରୁଦ୍ଧରେ ସାମ୍ବିଧାନିକ ଆଇନ ଆଧାରରେ ତଦନ୍ତ କରି ବହୁଜନ ସମାଜର ସୁରକ୍ଷା ଓ ନ୍ୟାୟ ପ୍ରଦାନ ପାଇଁ ଶନିବାର କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ, ପ୍ରତିବାଦ ସଭା ଓ ଗଣଧାରଣା ଦେବା ସହ ରାଷ୍ଟ୍ରପତି ଙ୍କ ଉଦ୍ଦେଶ୍ୟରେ କଳାହାଣ୍ଡି ଜିଲ୍ଲପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଏଓଏସସିଅଫ ର ଜିଲ୍ଲା ସଭାପତି ଦିଗାମ୍ବର ଲୁହା, ମହାସଚିବ ଯତୀନ୍ଦ୍ର କର, କାର୍ଯ୍ୟକାରୀ ସଭାପତି ତଥା ବହୁଜନ ମୂଳନିବାସୀ ମିଳିତ ମହାସଂଘର ରାଜ୍ୟସାଧାରଣ ସମ୍ପାଦକ ଦିଗାମ୍ବର ଦୁରିଆ, ଆଇନ ପରାମର୍ଶ ଦାତା ଛବିଲାଲ ନିଆଲ, ଜିଲ୍ଲା ଆଦିବାସୀ ସଂଘ ସଭାପତି ପ୍ରକାଶ ମାଝୀ, ବହୁଜନ ମୂଳନିବାସୀ ମିଳିତ ମହାସଂଘର ଜିଲ୍ଲା ସଭାପତି ସଚ୍ଚିଦାନନ୍ଦ ମହାକୁଡ଼, ଯୁବ ସଭାପତି ଡାକେଶ୍ୱର ଲହଜଳ, ଜିଲ୍ଲା ସମ୍ପାଦକ ଢଗ ନାଏକ, ସୋମ୍ୟରଞ୍ଜନ ନାଏକ, ଉପଦେଷ୍ଟା ଜଗଦୀଶ ଯାଦବ, ଉପଦେଷ୍ଟା ଆଦିତ୍ୟ ହଂସ ଯାଦବ, ବରୁଣ ନାଏକ, ଲୋକନାଥ ନାଗ, କୀର୍ତ୍ତନ ନାଏକ ଯାଦବ, ଅଭିରାମ ନନ୍ଦ, ସତ୍ୟାନନ୍ଦ ନାଗ, ଚିତ୍ତରଞ୍ଜନ ନିଆଲ, ଜୟପ୍ରକାଶ ଜାଲ, ଯୁଧେଷ୍ଟି ଭଗତ, ଧିରେନ ସୁନାନୀ, ନାରୀ ନେତ୍ରୀ ପ୍ରତିମା ମହାନନ୍ଦ, ଦୀନେଶ କୁମାର ମଲ୍ଲିକ, ଉପ ସଭାପତି ଧବଳେଶ୍ୱର ନାଗ, ଲେଲିଙ୍ଗ କୁମାର, ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମକୁ ଏଓଏସସିଅଫ ମହାସଚିବ ତଥା ଯତୀନ୍ଦ୍ର କର ପରିଚାଳନା କରିଥିଲେ ।



# ବିଦ୍ୟାଳୟରେ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

**କର୍ଲାମୁଣ୍ଡା, ୧୮ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶନିବାର ଚତୁର୍ଥ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନୋଡାଲ କ୍ଲଷ୍ଟର ଚତୁର୍ଥ କ୍ଲଷ୍ଟର ସ୍ତରୀୟ ବୈଠକ ରାଜପୁର ପଞ୍ଚାୟତ ସିଆଳପଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ହୋଇଥିଲା । ବୈଠକରେ ସିଆରସିସି ପ୍ରସନ୍ନ କୁମାର ସାହୁ ଯୋଗ ଦେଇ ମୌଳିକ ସାକ୍ଷରତା ସଂଖ୍ୟା ଜ୍ଞାନ, ଶ୍ରେଣୀ ପରି ଚାଳନା, ଓ ଛାତ୍ରୀଛାତ୍ରଙ୍କୁ ବହୁ ଶ୍ରେଣୀ ଶିକ୍ଷା ଦାନ ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା । କ୍ଲଷ୍ଟରର ଆଠ ଗୋଟି ବିଦ୍ୟାଳୟରୁ ୮ ଜଣ ପ୍ରଧାନଶିକ୍ଷକ ଓ ୮ ଜଣ ଏଫଏଲ୍‌ଏନ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ସେହିପରି ଜୋରାଡ଼ବରା କ୍ଲଷ୍ଟର ପକ୍ଷରୁ ସରକାରୀ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ଜୋରାଡ଼ବରା ବୋରପଦର ଠାରେ ମଧ୍ୟ କ୍ଲଷ୍ଟରସ୍ତରୀୟ ଚତୁର୍ଥ ମାସିକ ବୈଠକ ଅନୁଷ୍ଠିତ ହୋଇଥିଲା । ସିଆରସିସି ଯୁଗଳ କିଶୋର ନାଗ ଯୋଗଦେଇ ଶିକ୍ଷା କ୍ୟାଲେଣ୍ଡର, ନିପୁଣ ସପ୍ତାହ, ବହୁ ଶ୍ରେଣୀ ପରିଚାଳନା ଓ ଜିଲ୍ଲା ଭିତ୍ତିକ ଶୈକ୍ଷିକ ବିଷୟରେ ଆଲୋଚନା କରିଥିଲେ । ଜୋରାଡ଼ବରା କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ଥିଲେ । ବୈଠକରେ ପ୍ରଧାନ ଶିକ୍ଷକ ତରୁଣ ଜାନୀ, ପ୍ରଫୁଲ୍ଲ କୁମାର ବଡ଼ମାଳି, ଉଗ୍ରସେନ ସାହୁ ସହଯୋଗ କରିଥିଲେ ।

# ବସ୍‌କୁ ଧକ୍କା ଦେଲା ଟ୍ରକ୍: ୮ ଗୁରୁତର

**ଲାଞ୍ଜିଗଡ଼, ୧୮ ।୧୦(ସମିସ):** ଯାତ୍ରୀବାହି ବସକୁ ମାଲବାହୀ ଟ୍ରକ୍ ଧକ୍କା ଦେବାରୁ ଭୟଙ୍କର ଦୁର୍ଘଟଣା ଘଟିଛି । ଏଥିରେ ୮ ଜଣ ଗୁରୁତର ଆହାତ ହୋଇଥିବା ସୂଚନା ମିଳିଛି । ଆହତଙ୍କୁ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଏଭଳି ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲା ଭବାନିପାଟଣାରୁ ରାୟଗଡ଼ାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥର ଢେପଗୁଡ଼ା ମଙ୍ଗଳା ମନ୍ଦିର ଘାଟିରେ ଘାଟି ରାସ୍ତାରେ ଗାଡ଼ି ଜାମ୍ ଯୋଗୁଁ ଏପିଓ୩ଇଉ-୬୪୯୮ ମାଲବାହୀ ଟ୍ରକ୍ ପଛକୁ ଫେରି ଆସି ବସ୍‌କୁ ଧକ୍କା ଦେବା ଫଳରେ ଦୁର୍ଘଟଣା ଘଟିଥିଲା । ବସରେ ପ୍ରାୟ ୩୫ଜଣ ଯାତ୍ରୀ ରହିଥିବା ବେଳେ ୮ ଜଣ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି । ଘଟଣାସ୍ଥଳରେ ବିଶ୍ୱନାଥପୁର ପୁଲିସ ଓ ଆମ୍ବୁଲାନ୍ସ ପହଞ୍ଚି ଉଦ୍ଧାର କରିଥିଲେ । ବସ୍ ଭବାନୀପାଟଣାରୁ ବିଷମକଟକ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଛି । ସମସ୍ତ ଗୁରୁତରଙ୍କୁ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି ।






### ନୂଆପଡ଼ାରେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀଙ୍କୁ ଭବ୍ୟ ସ୍ୱାଗତ

# ୮୦ କିମି ରୋଡ୍ ଶୋ'ରେ ବୁଲିଲେ







**ନୂଆପଡ଼ା, ୧୮ ।୧୦(ସମିସ)**

ଉପ ନିର୍ବାଚନ ପାଇଁ ନୂଆପଡ଼ା ବିଜେଡି ବିଶାଳ ରୋଡ ସୋ'ପ୍ରଦର୍ଶନ କରିଛି। ସ୍ନେହାଙ୍ଗିନୀଙ୍କୁ ଭବ୍ୟ ସ୍ୱାଗତ କରିଛି ନୂଆପଡ଼ା ବିଜେଡି। ଦୀର୍ଘ ୮୦କିମି ରୋଡ ଶୋ'ରେ ଖରିଆରରୋଡ ଠାରୁ ନୂଆପଡ଼ା, କୋମନାକୁ ପରିକ୍ରମା କରିଛନ୍ତି ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ। ଶନିବାର ପୂର୍ବାହ୍ନ ସାଢେ ୧୧ଟାବେଳେ ବିଜେଡି ତରଫରୁ ନୂଆପଡ଼ା ପୁଲିସ ପଡ଼ିଆରୁ ଶୋଭାଯାତ୍ରା ବାହାରିଥିଲା। ଏକ ସୁସଜ୍ଜିତ ଗାଡିରେ ସ୍ନେହାଙ୍ଗିନୀ ଜାତୀୟ ରାଜପଥ ୩୫୩ରେ ଖରିଆରରୋଡ ଅଭିମୁଖେ ବାହାରିଥିଲେ। ପ୍ରଥମେ ଏକତା ଛକ ନିକଟରେ ସ୍ୱର୍ଗତ ଘାସିରାମ ମାଝୀଙ୍କ ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିଜୁବାବୁ, ଘାସିରାମ ମାଝୀଙ୍କ ନାଁରେ ସ୍ଲୋଗାନରେ ନୂଆପଡ଼ା ସହର ପ୍ରକମ୍ପିତ ହୋଇଥିଲା। ପରେ ଖରିଆରରୋଡ ପର୍ଯ୍ୟନ୍ତ ୧୦କିମି ପର୍ଯ୍ୟନ୍ତ ହଜାର ହଜାର ସଖ୍ୟାରେ ବାଇକ୍ ରାଲି ହୋଇଥିଲା। ପରେ ଖରିଆରରୋଡ ଗଣପତି ହୋଟେଲ ପରିସରରେ ଏକ ବିଶାଳ କର୍ମୀ ସମାବେଶ ହୋଇଥିଲା। ସେଠାରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶରେ ଆମେ ଚାଲିଛୁ। ନୂଆପଡ଼ା ସହ ରାଜ୍ୟର ବିକାଶ କ୍ଷେତ୍ରରେ ଯାହା ବି ବିପ୍ଳବାତ୍ମକ କାର୍ଯ୍ୟ କରିଛନ୍ତି ତାକୁ ଲୋକେ ଭୁଲିନାହାଁନ୍ତି। ତାର ପ୍ରତିବଦଳରେ ବିଜେଡିକୁ ବିପୁଳ ସଂଖ୍ୟାରେ ଲୋକ ଭୋଟ ଦେବେ। ଅନ୍ୟଦଳ ସବୁ କେବଳ ପ୍ରଚାର ସର୍ବସ୍ୱ ହେଉଛନ୍ତି। ବିଜେଡି କାମରେ ବିଶ୍ୱାସ କରେ ବୋଲି ବିଜେଡି ପ୍ରାର୍ଥୀ ଛୁରିଆ ବକ୍ତବ୍ୟ ରଖିଥିଲେ। ସେଠାରେ ବିଜୁପଟ୍ଟନାୟକ ଛକରେ ସ୍ୱର୍ଗୀୟ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ସ୍ନେହାଙ୍ଗିନୀ ଛୁରିଆ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଶୋଭାଯାତ୍ରା ଖରିଆରରୋଡ ସହର ପରିକ୍ରମା କରିଥିଲା। ରାମମନ୍ଦିରଠାରୁ ଫେରି ପୁଣି ଥରେ କୋମନା ଅଭିମୁଖେ ବାହାରିଥିଲେ। ନୂଆପଡ଼ା, କୁରୁମପୁରୀ, ତରବୋଡ, ଉଦ୍ୟାନବନ୍ଧ ଦେଇ କୋମନାରେ ପହଞ୍ଚିଥିଲେ। ଉଦ୍ୟାନବନ୍ଧେ ଡ.ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରେ ଅଟକି ପୂଜାର୍ଚ୍ଚନା କରିଥିଲେ ସେଠାରୁ କୋମନାରେ ପହଞ୍ଚି ସମଲେଶ୍ୱରୀ ମନ୍ଦିର ପରିଦର୍ଶନ କରି ପୂଜା କରିଥିଲେ। ସ୍ନେହାଙ୍ଗିନୀଙ୍କ ସହ ତାଙ୍କ ସମର୍ଥକମାନେ। ସ୍ନେହାଙ୍ଗିନୀଙ୍କ ରାଲିରେ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ଅରୁଣ ସାହୁ, ଇପସିତା ସାହୁ, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ନିରଞ୍ଜନ ବିଶି, ଅଜୟ ନାଏକ, ପ୍ରଦୀପ ମାଝୀ, ବିଜେଡି ସଭାପତି ଅବନୀ ରଞ୍ଜନ ଯୋଷୀ, ପୂର୍ବତନ ଜିଲ୍ଲାସଭାପତି ମନୋଜ କୁମାର ମିଶ୍ର, ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଭାନୁପ୍ରତାପ ସିଂ ମାଝୀ, ଜିଲ୍ଲା ସାଧାରଣ ସମ୍ପାଦକ କାର୍ତ୍ତିକ ଦୀପ, ଆଦମ ଖାନ, ଅବିନାଶ ଠାକୁର, ରାଜେଶ କୁମାର ନିଗମ, ସିଡୁ ବୋଧନକର, ଟିଙ୍କୁ ପଣ୍ଡା, ମଳୟମଣ୍ଡଳ, ଦେବୀ ରଞ୍ଜନ ତ୍ରିପାଠୀ ପ୍ରମୁଖ ସାମିଲ ଥିଲେ।

### ବିଜେଡି ମୟ ଜାତୀୟ ରାଜପଥ







## ମହିଳା ନିଖୋଜ ନେଇ ଥାନାରେ ଅଭିଯୋଗ

**ଥୁଆମୂଳରାମପୁର, ୧୮ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନା କଣାସୁକୁଲି ଗ୍ରାମର ଜଣେ ବିବାହିତ ମହିଳା ବାପା ଘରୁ ସ୍ୱାମୀ ଘରକୁ ଯାଉଥିବା ବେଳେ ବାଟରେ ନିଖୋଜ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଥୁଆମୂଳରାମପୁର ଥାନା ଅନ୍ତର୍ଗତ କଣାସୁକୁଲି ଗ୍ରାମର ଅର୍ଜୁନ ଗଉଡ଼ ନିଜ ଝିଅ ସନ୍ତୋଷୀ ଗଉଡ଼(୩୦)ଙ୍କୁ ରାୟଗଡ଼ା ଜିଲ୍ଲା କାଶୀପୁର ଗ୍ରାମର ରଘୁନାଥ ଗଉଡ଼ଙ୍କୁ ଗତ ଦଶବର୍ଷ ତଳେ ବିବାହ ଦେଇଛନ୍ତି।



ଗତ କିଛି ଦିନ ତଳେ ଅର୍ଜୁନ ଗଉଡ଼ଙ୍କ ସ୍ତ୍ରୀ ଚନ୍ଦ୍ରୀ ଗଉଡ଼ ନିଜ ଝିଅକୁ ଦେଖିବା ପାଇଁ କାଶୀପୁର ଯାଇଥିଲେ। ଘରକୁ ଫେରିବା ସମୟରେ ମାଁ ଚନ୍ଦ୍ରିଙ୍କୁ ଝିଅ ସନ୍ତୋଶି ନିଜ ଗାଁ କଣାସୁକୁଲିରେ ଆଣିଛାଡିଥିଲେ। ଗାଁରେ ୧୧ ଦିନ ରହିବା ପରେ ଗତ ୧୬ ତାରିଖ ଦିନ ସ୍ୱାମୀ ଅର୍ଜୁନ ଗଉଡ଼ ଡୁମେରପଦର ନିକଟରେ ମତେ ଅପେକ୍ଷା କରିଛନ୍ତି ମୁଁ ଲକ୍ଷ୍ମୀ ବସ୍‌ରେ ଯାଉଛି ବୋଲି କହିଥିଲେ। ହେଲେ ଡୁମେରପଦର ଠାରେ ଅର୍ଜୁନ ଗଉଡ଼ ବସ୍‌କୁ ଅଟକାଇ ଦେଖିଲା ବେଳକୁ ସନ୍ତୋଷୀ ନ ଥିଲେ। ଅନ୍ୟ ପକ୍ଷରେ ଅର୍ଜୁନ ଶ୍ୱଶୁର ଘରକୁ ଆସି ପଚାରିବାରୁ ସେ ଡୁମେରପଦର ଯାଉଥିବା ଲକ୍ଷ୍ମୀ ବସରେ ଗଲା ଏବଂ କେହି ଛାଡି ଯିବାକୁ ମନା କରିଥଲା ବୋଲି କହିଥିଲେ। ପରେ ସନ୍ତୋଷୀ ନିଖୋଜ ନେଇ ଥୁଆମୂଳ ରାମପୁର ଥାନାରେ ପରିବାରଲୋକ ଲିଖିତ ଅଭିଯୋଗ କରିଛନ୍ତି।

## ନିଖୋଜ ନାବାଳକର ମୃତଦେହ ଉଦ୍ଧାର

**ଥୁଆମୂଳରାମପୁର, ୧୮ ।୧୦ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ କର୍ଲାପାଟ ଥାନା ଗୁଣପୁର ପଞ୍ଚାୟତର ସେମେଲପଦର ଗ୍ରାମରେ ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି। ଜଣେ ନାବାଳକ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ଭଳି ଘଟଣା ଅଞ୍ଚଳକୁ ସ୍ତବ୍ଧ କରିଦେଇଛି। ସୂଚନା ମୁତାବକ ଗ୍ରାମର ସୋରିଷ ମାଝୀଙ୍କ ୧୨ ବର୍ଷୀୟ ପୁଅ ସୁଭେନ୍ଦ୍ର ଗତ ୧୪ ତାରିଖ ଦିନ ଘରୁ ଗାଧୋଇ ଯିବାକୁ ବାହାରି ଆଉ ଘରକୁ ଫେରିନଥିଲା। ପରିବାରଲୋକ ନିଜ ସମ୍ପର୍କୀୟଙ୍କ ଘର ଏବଂ ଆଖପାଖ ଅଞ୍ଚଳରେ ଖୋଜାଖୋଜି ପାଇନଥିବା ବେଳେ ୧୭ ତାରିଖ ଶୁକ୍ରବାର ଦିନ ପରିବାର ଲୋକେ କର୍ଲାପାଟ ଥାନାରେ ନିଖୋଜ ଅଭିଯୋଗ ହୋଇଥିଲା। ନିଖୋଜର ୪ ଦିନ ପରେ ଶନିବାର ଗ୍ରାମ ନିକଟସ୍ଥ ଏକ ପାହାଡର ଏକ ଗଛରେ ସୁଭେନ୍ଦ୍ରର ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ଦେଖିବାକୁ ପାଇଥିଲେ ଗ୍ରାମବାସୀ। ପରିବାର ଲୋକଙ୍କୁ ସୂଚନା ଦେବା ପରେ କର୍ଲାପାଟ ପୁଲିସକୁ ଏନେଇ ସୂଚନା ଦେଇଥିଲେ। କର୍ଲାପାଟ ଭାରପ୍ରାପ୍ତ ଥାନା ଅଧିକାରୀ ଶ୍ରୀକାନ୍ତ କୋଲକା ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ଗଛରୁ ମୃତଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ଥୁଆମୂଳ ରାମପୁର ଡାକ୍ତରଖାନାକୁ ପଠାଇଛନ୍ତି। ସୁଭେନ୍ଦ୍ରର ଏଭଳି ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ କର୍ଲାପାଟ ଥାନା କେସ୍ ନମ୍ବର ୪/୨୫ରେ ଆତ୍ମହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଲୋକଗୀତର ଅନ୍ତଃସ୍ୱର ହେଉଛି ଜନଜୀବନ

## ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗରେ ବକ୍ତୃତାମାଳା

**ଭବାନୀପାଟଣା, ୧୮ ।୧୦ (ସମିସ):** ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗ ଏବଂ ଆଇକ୍ୟୁଏସି ସେଲର ମିଳିତ ଉଦ୍ୟମରେ ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥଙ୍କ ସଭାପତିତ୍ୱରେ 'ପଶ୍ଚିମ ଓଡ଼ିଶାର ଲୋକଗୀତର ବୈଚିତ୍ର୍ୟ' ଶୀର୍ଷକରେ ଅନ୍ୱେଷା ବକ୍ତୃତାମାଳା-୪୧ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ଅନ୍ୱେଷାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ନିଜର ଅଭିମତ ପ୍ରକାଶ କରି ଲୋକଗୀତ ସମ୍ପର୍କିତ ପ୍ରସଙ୍ଗର ଗୁରୁତ୍ୱ ବୁଝାଇଥିଲେ। ଏହି ନିମନ୍ତ୍ରିତ ବକ୍ତୃତାମାଳାରେ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ, କୁଶଙ୍ଗ, ବଲାଙ୍ଗୀରର ଓଡ଼ିଆ ଅଧ୍ୟାପକ ତଥା ଲୋକସଂସ୍କୃତି ଗବେଷକ ଡ.ଲକ୍ଷ୍ମଣ କୁମାର ମେହେର



ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ହୋଇ ପଶ୍ଚିମ ଓଡ଼ିଶାର ଲୋକଗୀତର ପ୍ରକାର ଭେଦ, ଲୋକଗୀତ ଓ ସୌନ୍ଦର୍ଯ୍ୟତତ୍ତ୍ୱ, ଲୋକଗୀତ ଓ ସମାଜତତ୍ତ୍ୱ ତଥା ଲୋକଗୀତର ମହତ୍ତ୍ୱ ସମ୍ବନ୍ଧରେ ତାତ୍ତ୍ୱିକ ବିଶ୍ଳେଷଣ କରିଥିଲେ। ଲୋକଗୀତର ଅନ୍ତଃସ୍ୱର ହେଉଛି ଜନଜୀବନ ବୋଲି ଶ୍ରୀ ମେହେର ଉପସ୍ଥାପନ କରିଥିଲେ। ଉକ୍ତ ନିମନ୍ତ୍ରିତ ବକ୍ତୃତାମାଳାରେ ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗ ମୁଖ୍ୟ ଡ.ପଲ୍ଲୀଶ୍ରୀ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ଦେଇ ବକ୍ତାଙ୍କ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଡକ୍ଟର ପ୍ରତ୍ୟାଶା ଧଳ ମଞ୍ଚ ପରିଚାଳନା କରିଥିବା ବେଳେ ସହକାରୀ ପ୍ରଫେସର ଶ୍ରୀ ତୋଳାମଣି ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବକ୍ତା ବିଭିନ୍ନ ପ୍ରସଙ୍ଗ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମନରେ ଥିବା ସନ୍ଦେହକୁ ଦୂର କରିଥିଲେ। ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗର ସହକାରୀ ପ୍ରଫେସର ଡକ୍ଟର ସାଗରିକା ଦଳାଇ, ରେଣୁକା ଡାକୁଆ, ସୁବ୍ରତ କୁମାର ମାଝୀ, ରାମଶଙ୍କର ମେହେର, ହିନ୍ଦୀ ବିଭାଗର ଅଧ୍ୟାପକ ଗୋବିନ୍ଦ ନାଏକ, ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡ.କୈଳାସ ଚନ୍ଦ୍ର ଦାସ ତଥା ସମସ୍ତ ଗବେଷକ-ଗବେଷିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

### ୧୯ରୁ ଡିଏଭି ଜୋନାଲ୍‌ସ୍ତରୀୟ କରାଟେ ପ୍ରତିଯୋଗିତା

## ଝାରସୁଗୁଡ଼ା ଗଲେ କଳାହାଣ୍ଡିର ୮ ପ୍ରତିଯୋଗୀ

**ଲାଞ୍ଜିଗଡ଼, ୧୮ ।୧୦ (ସମିସ):** ଝାରସୁଗୁଡ଼ା ଡିଏଭି ପବ୍ଲିକ୍ ସ୍କୁଲଠାରେ ୧୯ ତାରିଖରେ ହେବାକୁ ଥିବା ଡିଏଭି ଜୋନାଲସ୍ତରୀୟ କରାଟେ ପ୍ରତିଯୋଗିତାରେ ଭାଗ ନେବାକୁ କଳାହାଣ୍ଡି ଜିଲ୍ଲାର ୮ ଜଣ ପ୍ରତିଯୋଗୀ ଶନିବାର ଝାରସୁଗୁଡା ଗସ୍ତ କରିଛନ୍ତି। ବାଳକ ବିଭାଗର ୧୪ରୁ କମ୍ ବର୍ଗରେ ଛାତ୍ର ସୋହମ ଓଡ଼ିଆ, ପୁଷ୍ପନ୍ଦୁ ବିଶ୍ୱାଳ ରହିଥିବା ବେଳେ ୧୭ରୁ କମ୍ ବର୍ଷ ବର୍ଗରେ ହିତେଶ ମହାଖୁଡ଼ ଓ ଲୋକେସ ବିଶ୍ୱାଳ ମନୋନୀତ ହୋଇଛନ୍ତି। ସେହିପରି ୧୯ରୁ କମ୍ ବର୍ଗରେ କିରନ୍ ବେମାଲ ଓ ଗଙ୍ଗାଧର ମଲ୍ଲିକ ରହିଛନ୍ତି। ସେହିପରି ବାଳିକା ବିଭାଗର ୧୪ରୁ କମ୍ ବର୍ଗରେ କୁସୁମପ୍ରଭା ମାଝୀ ରହିଥିବା ବେଳେ ୧୭ରୁ କମ୍ ବର୍ଷ ବର୍ଗରେ ଅର୍ପିତା ବାଡ଼ତିଆ ରହିଛନ୍ତି। ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ଅଧକ୍ଷା ଡ଼.ମାନବିନ କୌରଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗୀମାନେ ଡିଏଭି ବେଦାନ୍ତ ବିଦ୍ୟାଳୟର ଶିକ୍ଷକ ଦୁର୍ଯ୍ୟୋଧନ ନାଗ ଓ ଶିକ୍ଷୟିତ୍ରୀ ଅବ୍ୟର୍ଦ୍ଧନା ଦାସଙ୍କ ସହ ଝାରସୁଗୁଡ଼ା ଗସ୍ତ କରିଛନ୍ତି।ଲାଞ୍ଜିଗଡ଼ ଉତ୍କଳ କରାଟେ ସ୍କୁଲ କୋଚ୍ କ୍ଷମାନିଧି ମହାଖୁଡ, କଳାହାଣ୍ଡି ଉତ୍କଳ କରାଟେ ସ୍କୁଲ୍ ଚିଫ ଟେକନିକାଲ ନିର୍ଦ୍ଦେଶକ ସୁରେଶ ଜାଲ ଯାଦବ, ଡିଏଭି ସ୍କୁଲର ଶିକ୍ଷକଶିକ୍ଷୟିତ୍ରୀମାନେ ଖେଳାଳିଙ୍କୁ ସମ୍ବର୍ଦ୍ଧନା ଦେବା ସହ ସଫଳତା ପାଇଁ କାମନା କରିଛନ୍ତି।



## ଆର୍‌ସିଏମ୍‌ର 'ରୂପାନ୍ତରଣ ଯାତ୍ରା'କୁ ଭବ୍ୟ ସ୍ୱାଗତ



**ରାଉରକେଲା, ୧୮ ।୧୦(ସମିସ):** ରାଇଟ୍ କନସେପ୍ଟ ଅଫ୍ ମାର୍କେଟିଂ (ଆର୍‌ସିଏମ୍)ର ଦେଶବ୍ୟାପୀ ରୂପାନ୍ତରଣ ଯାତ୍ରା ଆଜି ରାଉରକେଲାରେ ପହଞ୍ଚିବା ପରେ ଏହି ଯାତ୍ରାକୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି ରୂପାନ୍ତରଣ ଯାତ୍ରାରେ ସ୍ୱାସ୍ଥ୍ୟ, ସେବା ଓ ସଂସ୍କୃତିକୁ ପ୍ରୋତ୍ସାହିତ କରୁଥିବା ବିଭିନ୍ନ ସାମୂହିକ କାର୍ଯ୍ୟକଳାପରେ ହଜାର ହଜାର ନାଗରିକ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ରାଉରକେଲା ସମେତ ଏପର୍ଯ୍ୟନ୍ତ ଦେଶର ୨୦ଟି ସହରରେ ଆୟୋଜିତ ଏହି ରୂପାନ୍ତରଣ ଯାତ୍ରାରେ ଲକ୍ଷାଧିକ ଲୋକ ଅଂଶଗ୍ରହଣ କରିଛନ୍ତି। ୨୩ ଡିସେମ୍ବର, ୨୦୨୫ ସୁଦ୍ଧା ଏହି ଲୋକାଭିମୁଖୀ ଯାତ୍ରା ୭୫ଟି ସହରର ପ୍ରାୟ ୧୦ ଲକ୍ଷ ଲୋକଙ୍କ ନିକଟରେ ପହଞ୍ଚିବ ବୋଲି ପୂର୍ବାନୁମାନ କରାଯାଇଛି। ରାଉରକେଲାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହରର ଯୁବବର୍ଗଙ୍କଠାରୁ ଆରମ୍ଭ କରି ମହିଳା ତଥା ପରିବାରର ଅନ୍ୟାନ୍ୟ ସଦସ୍ୟମାନେ ମଧ୍ୟ ଉତ୍ସାହର ସହ ଯୋଗ ଦେଇଥିଲେ। ରକ୍ତଦାନ କରିବା ସହ ଏକ ସୁସ୍ଥ ଏବଂ ଆତ୍ମନିର୍ଭର ଜୀବନ ଶୈଳୀ ସମ୍ବନ୍ଧରେ ଜ୍ଞାନ ଅର୍ଜନ କରିଥିଲେ। ସ୍ୱାସ୍ଥ୍ୟ, ସେବା ଓ ସଂସ୍କାର ୩ଟି ପ୍ରମୁଖ ସ୍ତମ୍ଭକୁ ଭିତ୍ତି କରି ଏହି ଯାତ୍ରା ଲୋକମାନଙ୍କୁ ଅନୁପ୍ରାଣିତ କରିଥିଲା। ୨୦୨୫ ସେପ୍ଟେମ୍ବର ୧୬ ତାରିଖରୁ ଆରମ୍ଭ ହୋଇଥିବା ଏହି ରୂପାନ୍ତରଣ ଯାତ୍ରାରେ ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଆର୍‌ସିଏମ୍ ପରିବାରରେ ସାମିଲ ହୋଇଛନ୍ତି, ଯାହା ବର୍ତ୍ତମାନ ୨୦ ଲକ୍ଷ ଆସୋସିଏଟ୍ କ୍ରେତା ନେଟୱର୍କକୁ ସମୃଦ୍ଧ କରିଛି ବୋଲି ଆର୍‌ସିଏମ୍‌ର ପରିଚାଳନା ନିର୍ଦ୍ଦେଶକ ସୌରଭ ଛାବ୍ରା କହିଛନ୍ତି। ରୂପାନ୍ତରଣ ଯାତ୍ରା ସମୟରେ ରାଉରକେଲାସ୍ଥିତ ଭଞ୍ଜ ଭବନ, ଫାଇଭ ରିଙ୍ଗ ରୋଡ୍, ବ୍ୟାଙ୍କ ଷ୍ଟ୍ରିଟ୍, ସେକ୍ଟର ୧୯ରେ ଆୟୋଜିତ ବିଶାଳ ସମାରୋହରେ ସ୍ୱତନ୍ତ୍ର ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଯେଉଁଥିରେ ୨ହଜାର ଲୋକ ଅଂଶଗ୍ରହଣ କରିବା ସହ ସୁସ୍ଥ ଜୀବନଶୈଳୀ ଆପଣାଇବା ପାଇଁ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଦୀର୍ଘ ୧୭ ହଜାର କିମିର ଏହି ରୂପାନ୍ତରଣ ଯାତ୍ରା ଏକ ମାଇଲଖୁଣ୍ଟ, ଯେଉଁଠି ଆମେ ମହିଳାମାନଙ୍କ ସଶକ୍ତୀକରଣ ପାଇଁ ପ୍ରତିବଦ୍ଧ ବୋଲି ଅନ୍ୟ ଜଣେ ପରିଚାଳନା ନିର୍ଦ୍ଦେଶିକା ପ୍ରିୟଙ୍କା ଅଗ୍ରୱାଲ କହିଛନ୍ତି। ଏହି ଅବସରରେ ସିଇଓ ମନୋଜ କୁମାର କହିଛନ୍ତି ଯେ, ଯାତ୍ରାର ସଫଳତା ପାଇଁ ସେ ବେଶ୍ ଗର୍ବିତ ଏବଂ ଆଗାମୀ ପିଢ଼ି ପାଇଁ ଏହି ରୂପାନ୍ତରଣ ଯାତ୍ରା ସୁସ୍ଥ ଜୀବନ ବଞ୍ଚିବାର ମାର୍ଗଦର୍ଶନ କରିବ।

## ଆର୍‌ଏସ୍‌ପିର ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ସଫେଇ ଅଭିଯାନ

**ରାଉରକେଲା, ୧୮ ।୧୦(ସମିସ):** ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନାର ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ସ୍ୱଚ୍ଛ ଏବଂ ସୁସ୍ଥ ପରିବେଶ ସୁନିଶ୍ଚିତ କରିବା ପାଇଁ ଇସ୍ପାତ ସହରାଞ୍ଚଳ ମଧ୍ୟରେ ଥିବା ବିଭିନ୍ନ ପୂଜା ମଣ୍ଡପରେ ପୂଜା ପରବର୍ତ୍ତୀ ସଫେଇ ଅଭିଯାନ ଆରମ୍ଭ କରାଯାଇଛି। ସ୍ଥାନୀୟ ସେକ୍ଟର-୧୬ ପୂଜା ପଡ଼ିଆରେ ସହର ଇଞ୍ଜିନିୟରିଂ ଓ ଉଦ୍ୟାନ କୃଷି ବିଭାଗର ସିଜିଏମ ବିକେ ଜୋଜୋଙ୍କ ନେତୃତ୍ୱରେ ଏହି ସଫେଇ ଅଭିଯାନ ହୋଇଥିଲା। ସହର ଇଞ୍ଜିନିୟରିଂ ବିଭାଗର ଜିଏମ୍ ଏଚ୍.ପଟ୍ଟନାୟକ, ସହର ଇଞ୍ଜିନିୟରିଂ ସିଭିଲ ବିଭାଗର ଜିଏମ ଏସ୍. ନାୟକ ଏବଂ କାରଖାନା ଓ ସହରାଞ୍ଚଳର ଅନେକ ବରିଷ୍ଠ ଅଧିକାରୀ ଅଞ୍ଚଳରେ ସଫେଇ ଅଭିଯାନରେ ଯୋଗ ଦେଇଥିଲେ। ଉତ୍ସବ ଋତୁରେ, ପୂଜା ମଣ୍ଡପ ଚାରିପାଖରେ ଅନେକ ଅଞ୍ଚଳ ପ୍ଲାଷ୍ଟିକ୍ ଆବର୍ଜନା ଏବଂ ଅନ୍ୟାନ୍ୟ ଅଳିଆରେ ପରିପୂର୍ଣ୍ଣ ଥିଲା। ଏହାର ସମାଧାନ ପାଇଁ ବିଭିନ୍ନ ସେକ୍ଟର ସମେତ ଅନେକ ପୂଜା ମଣ୍ଡପର ପାରିପାର୍ଶ୍ୱିକ ଅଞ୍ଚଳଗୁଡିକୁ ସଫା କରାଯାଇଥିଲା। ଅନ୍ୟ ଅଞ୍ଚଳଗୁଡିକୁ ଖୁବ୍ ଶୀଘ୍ର ସଫା କରାଯିବ ବୋଲି ସୂଚନା ମିଳିଛି। ଏହି ଅଭିଯାନ ଆରଏସପି ସହର ଇଞ୍ଜିନିୟରିଂ ବିଭାଗ ସହିତ ସମନ୍ୱୟରେ ସହର ଇଞ୍ଜିନିୟରିଂ ଜନସ୍ୱାସ୍ଥ୍ୟ ବିଭାଗର ଡିସିଏମଓ ଡ.ଦୀପା ଲାଭାଙ୍ଗରେ ଏବଂ ଆସିଷ୍ଟାଣ୍ଟ ମ୍ୟାନେଜର ରସନନ୍ଦ ପ୍ରଧାନଙ୍କ ପରିଚାଳନାରେ ସମ୍ପାଦିତ ହୋଇଥିବା ଜଣାପଡ଼ିଛି।



### ନୂଆପଡ଼ା ଉପନିର୍ବାଚନ

# ଠେଲାପେଲାରେ ନାମାଙ୍କନପତ୍ର ଦାଖଲ








**ନୂଆପଡ଼ା, ୧୮ ।୧୦(ସମିସ)**

ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ୭୧ ଉପନିର୍ବାଚନ ସକାଶେ ନାମାଙ୍କନ ପତ୍ର ଦାଖଲର ପର୍ବ ଚାଲିଛି। ଶନିବାର ଦିନ ଠେଲାପେଲାରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ବିଜେପି ଏବଂ କଂଗ୍ରେସ ପ୍ରାର୍ଥୀ। ବିଜେପି ତରଫରୁ ଜୟ ଢୋଲକିଆ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ କଂଗ୍ରେସରୁ ଘାସିରାମ ମାଝୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ପ୍ରକାଶ ଯେ ଗତ ୧୩ତାରିଖ ଠାରୁ ସରକାରୀ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଥିଲା ଯେ ଏହି ମାସ ୨୦ତାରିଖ ପର୍ଯ୍ୟନ୍ତ ତାହା ପୁଣି ସରକାରୀ ଛୁଟି ବ୍ୟତୀତ ସକାଳ ୧୦ଟାରୁ ଅପରାହ୍ଣ ୩ଟା ଯାଏଁ ନାମାଙ୍କନ ପତ୍ର ଦାଖଲ କରିବାକୁ ସୂଚୀତ କରାଯାଇଥିଲା। ସେହି ଅନୁସାରେ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଚାଲିଛି।ଏଥିରେ ବିଶେଷ କରି ଶୃଙ୍ଖଳା ଦୃଷ୍ଟିକୋଣରୁ ନାମାଙ୍କନ ପତ୍ର ଦାଖଲ କରିବାକୁ ଦଳୀୟ ପ୍ରାର୍ଥୀମାନଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ତରଫରୁ ଶୋଭାଯାତ୍ରା ଏବଂ ନାମାଙ୍କନ ପତ୍ର ପାଇଁ ସମୟ ନିର୍ଘ ଦିଆଯାଇଥାଏ। ଏହି ଅନୁସାରେ କଂଗ୍ରେସ ଦଳକୁ ଜିଲ୍ଲାପାଳଙ୍କ ପତ୍ରାଙ୍କ ସଂଖ୍ୟା ୨୭/୨୫ରେ ମଧ୍ୟାହ୍ନ ୧୨ଟା ୩୦ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଖରିଆରରୋଡ ଶଙ୍କର ମନ୍ଦିରଠାରୁ ନୂଆପଡ଼ା ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାଲି କରିବାକୁ ଅନୁମତି ଥିଲା। ଅନ୍ୟପଟେ ଜିଲ୍ଲା ବିଜେପି ସଭାପତି କମଳେଶ ଦିକ୍ଷିତାଙ୍କ କହିବାନୁଯାୟୀ ସେମାନଙ୍କୁ ମଧ ୩ଟା ପର୍ଯ୍ୟନ୍ତ ଅନୁମତି ଦିଆଯାଇଥିବା କହିଛନ୍ତି। ତେବେ ବିଜେପି ତରଫରୁ ସଢ଼େ ୧୧ଟାରୁ ଖରିଆରରୋଡଠାରୁ ଶୋଭାଯାତ୍ରାରେ ବାହାରିଥିଲେ। ଠିକ ନୂଆପଡ଼ାକୁ ପହଞ୍ଚିଲାବେଳକୁ କଂଗ୍ରେସବାଲା

### କଂଗ୍ରେସରୁ ଘାସିରାମ, ବିଜେପିରୁ ଜୟ

ନୂଆପଡ଼ା କଂଗ୍ରେସ କାର୍ଯ୍ୟାଳୟରୁ ରାଲିରେ ବାହାରିଗଲେ। ଏପରିକି ବିଜେପିକୁ ନୂଆପଡ଼ା ବସ୍ତି ମୁଣ୍ଡରେ ଅଟକି ରହିବାକୁ ପଡ଼ିଲା। କଂଗ୍ରେସ ତରଫରୁ ଶୋଭାଯାତ୍ରା ସାଢେ ବାରଟାରେ ପ୍ରାର୍ଥୀ ସମର୍ଥକଙ୍କ ସହ ପହଞ୍ଚିଥିଲେ। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ପ୍ରାର୍ଥୀ ଘାସିରାମ ମାଝୀଙ୍କ ସହ ୫ଜଣ ସମର୍ଥକ ପ୍ରବେଶ କରିଥିଲେ। ବାକି ଲୋକଙ୍କୁ ପୁଲିସ ଭିତରକୁ ଛାଡି ନଥିଲା। ଠିକ ପରେ ପରେ ବିଜେପି ତରଫରୁ ପ୍ରାର୍ଥୀ ଜୟ ଢୋଲକିଆ ତାଙ୍କ ସମର୍ଥକଙ୍କ ସହ ପ୍ରବେଶ କରିଥିଲେ। ହେଲେ ଏହି ସମୟରେ ବିଜେପି ତରଫରୁ ବହୁ ନେତା ଯଥା ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା, ବର୍ତ୍ତମାନର ସାଂସଦ ମାଳବିକା ଦେବୀ, ରାଜ୍ୟ ସଭା ସାଂସଦ ସୁଜିତ କୁମାରଙ୍କ ସମେତ ବହୁ ପଦାଧିକାରୀଙ୍କୁ ପୁଲିସ ଛାଡିବା ବେଳକୁ କଂଗ୍ରେସ ତରଫରୁ ପ୍ରତିବାଦ କରାଯାଇଥିଲା। ସରକାରୀ ଦଳ ନିଜେ ନିୟମ ଭାଙ୍ଗୁଛି ବୋଲି ଅସନ୍ତୋଷ ପ୍ରକାଶ କରିଥିଲେ। କିଛି ସମୟ ପାଇଁ ଠେଲା ପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା।ପରେ ଦୁଇ ଦଳରୁ ସମର୍ଥକମାନେ ଭିତରକୁ ପ୍ରବେଶ କରି ଲୋକାରଣ୍ୟ କରିଥିଲେ। ଏହାକୁ ନେଇ ଉପଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ସୁର୍ମି ସୋରେନଙ୍କୁ ପଚାରିବାରେ ଆମେ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଯେ କୌଣସି ଦଳ କିମ୍ବା ବ୍ୟକ୍ତି ବିଶେଷ ଆଣିଦେଲେ ଗ୍ରହଣ କରିଥାଉ। କୌଣସି ଦଳକୁ ସମୟ ଦିଆଯାଇନଥିଲା। ଅଫିସ ଭିତରକୁ ପ୍ରାର୍ଥୀଙ୍କ ସମେତ ମାତ୍ର ୫ଜଣ ପ୍ରବେଶ କରିପାରିବେ। ବାହାର ଏରିଆରେ ଯେତେଲୋକ ବି ରହିପାରିବେ ବୋଲି କହିଥିଲେ। ହେଲେ ପୁଲିସର ଏଭଳି ବ୍ୟବହାର ଯେ ଏକ ନିର୍ଦ୍ଦିଷ୍ଟ ଦଳକୁ ବିରୋଧ କରିଥିବା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁଲିସ ବାଲା ଜାଣି ଶୁଣି କଂଗ୍ରେସ ଲୋକଙ୍କୁ ନିୟମ ଦେଖାଇଛନ୍ତି ବୋଲି କଂଗ୍ରେସ ତରଫରୁ ଅଭିଯୋଗ କରାଯାଇଛି।

# ଆମ୍ବୁଲାନ୍ସ ଓ ଟିପ୍ପର ମୁହାଁମୁହିଁ, ୨ ଗୁରୁତର



**ଜୟପୁର, ୧୮।୧୦(ସମିସ):** ଜୟପୁର ସଦରଥାନା ରଣାପାଲି ଗ୍ରାମ ନିକଟରେ ୧୦୮ ଆମ୍ବୁଲାନ୍ସ ଏବଂ ଏକ ଟିପ୍ପର ମଧ୍ୟରେ ଧକ୍କା ହେବାରୁ ୨ଜଣ ଗୁରୁତର ଥିବା ବେଳେ ଜଣେ ଆହତ ହୋଇଛନ୍ତି। ଗତକାଲି ରାତି ପ୍ରାୟ ସାଢେ ଗୋଟାଏ ସମୟରେ ୧୦୮ ଆମ୍ବୁଲାନ୍ସ (ଓଡି ୦୨ବିଏଚ୍ ୯୯୨୨) ଜୟପୁର ଠାରୁ ଜୟନ୍ତଗିରୀ ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଟିପ୍ପର (ଏପି-୩୮ ୟୁଇ ୮୩୭୯) ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଆମ୍ବୁଲାନ୍ସରେ ରହିଥିବା ୩ଜଣ କର୍ମଚାରୀଙ୍କ ମଧ୍ୟରୁ ଭଗବାନ ବିଶୋୟୀ (୩୮), ଆଲୋକ ବେହେରା (୨୯)ଙ୍କ ଅବସ୍ଥା ଗୁରୁତର ରହିଥିବା ବେଳେ ସିନ୍ଧୁ ତନ୍ତି (୩୫)ଙ୍କୁ ସାମାନ୍ୟ ଆହତ ହୋଇଛନ୍ତି। ଗୁରୁତର ଅବସ୍ଥାରେ ଭଗବାନ ଓ ଆଲୋକଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି। ଘଟଣା ସ୍ଥଳରେ ସ୍ଥାନୀୟ ସଦର ପୁଲିସ ପହଁଞ୍ଚି ଦୁଇଟି ଗାଡିକୁ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଥିବା ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ଦୀପାବଳି ପୂର୍ବରୁ ଅଗ୍ନିଶମ ବିଭାଗର ସଚେତନତା କାର୍ଯ୍ୟକ୍ରମ

**ଜୟପୁର, ୧୮ ।୧୦(ସମିସ):** ଦୀପାବଳି ପୂର୍ବରୁ ଅଗ୍ନି ଜନିତ ଦୁର୍ଘଟଣା ପ୍ରତି ସତର୍କ ରହିବା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଜୟପୁର ଅଗ୍ନିଶମ ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଅଗ୍ନିଶମ ଅଧିକାରୀ ସୁରେଶ ଚନ୍ଦ୍ର ବାରିକ ସହ ଅଗ୍ନିଶମ କର୍ମଚାରୀମାନେ ଲୋକମାନଙ୍କୁ ଦୀପାବଳି ସମୟରେ ଆତଞ୍ଚବାଜି ଜଳାଇବା ବେଳେ ସୁରକ୍ଷା ମାନଦଣ୍ଡ ଅନୁସରଣ କରିବା, ଘର ଓ ବଜାର ଅଞ୍ଚଳରେ ଅଗ୍ନି ନିର୍ବାପକ ଉପକରଣ ରଖିବା ଓ ଅପରିହାର୍ଯ୍ୟ ସମୟରେ ଅଗ୍ନିଶମ ଦଳକୁ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଜୟପୁର ପୌରାଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, କାଉନସିଲର ବିଷ୍ଣୁ ବର୍ଦ୍ଧନ ରେଡ୍ଡୀ, ଯଶପାଲ ସିଂ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସମୟରେ ଅଗ୍ନିଶମ ବିଭାଗ ଦଳ ଦ୍ୱାରା ଅଗ୍ନି ନିର୍ବାପକ ପ୍ରଦର୍ଶନୀ କରାଯାଇଥିଲା। ଦୀପାବଳିରେ ବାଣ ଫୁଟାଇବା ସମୟରେ ଅଗ୍ନିଜନିତ ଦୁର୍ଘଟଣାରେ ସାବଧାନତା ରହିବା ନେଇ ପରାମର୍ଶ ଦେଇଥିଲେ।

# ଅଟୋ ଚାଳନାକୁ ନେଇ ଆକ୍ରମଣ: ଜଣେ ଆହତ, ଅଭିଯୁକ୍ତ ଗିରଫ

**ଜୟପୁର, ୧୮ । ୧୦(ସମିସ):** ଜୟପୁର ସଦରଥାନା ବାର୍ଲାହାଣ୍ଡି ଗ୍ରାମ ଠାରେ ଅଟୋ ଚାଳନାକୁ ନେଇ ଦୁଇ ଯୁବକଙ୍କ ମଧ୍ୟ ପ୍ରଥମେ ପାଟିତୁଣ୍ଡ ଏବଂ ଯୁବକଙ୍କ ଆକ୍ରମଣ ଓ ଠେଙ୍ଗା ମାଡରେ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି।ଏହି ମାମଲାରେ ଆକ୍ରମଣକାରୀ ଯୁବକ ବାର୍ଲାହାଣ୍ଡି ଗ୍ରାମର କିଶ୍ୱର ହରିଜନ (୨୬) ଓରଫ ଇଶ୍ୱରଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ବାର୍ଲାହାଣ୍ଡି ଗ୍ରାମର କୈଳାସ ହରିଜନ ଫାଗ୍ଗୁଣି ଗ୍ରାମର ଜଣେ ବ୍ୟାକ୍ତି ଅଟୋ ଡ୍ରାଇଭର ଭାବେ କାର୍ଯ୍ୟ କରୁଛନ୍ତି। ଏହିପରି ଗତ ଗୁରବାର ସଂଧ୍ୟାରେ ନିଜ ଗ୍ରାମକୁ ଫେରି ଘରକୁ ଯାଉଥିବା ବେଳେ ଅଭିଯୁକ୍ତ ଇଶ୍ୱର ତାଙ୍କୁ ଗାଳିଗୁଲଜ ସହ ଗଣ୍ଡଗୋଳ କରିଥିଲେ। ଗ୍ରାମବାସୀଙ୍କ ହସ୍ତକ୍ଷେପ ପରେ ଉଭୟ ନିଜ ନିଜ ଘରକୁ ଚାଲି ଯାଇଥିଲା। କିନ୍ତୁ ଗତକାଲି ପୂର୍ବାହ୍ନରେ ଅଭିଯୋଗକାରୀ ନିଜ ଗ୍ରାମର ହୋଟେଲ ଠାରେ ବସିଥିବା ବେଳେ ପୁଣି ଅଭିଯୁକ୍ତ ଇଶ୍ୱର ସେଠାକୁ ଆସି ଗଣ୍ଡଗୋଳ କରିବା ସହ ଏକ ଠେଙ୍ଗାରେ ତାଙ୍କ ମୁଣ୍ଡ ଉପରକୁ ପାହାର ଦେଇଥିଲେ। କିନ୍ତୁ ସେ ହାତ ରଖିଦେବାର ସେଠାରେ ତାଙ୍କ କାନକୁ ବାଜି ପ୍ରବଳ ରକ୍ତସ୍ରାବ ହୋଇଥିଲା। ଫଳରେ ଗ୍ରାମବାସୀ ଗୁରୁତର ଅବସ୍ଥାରେ ଅଭିଯୋଗକାରୀଙ୍କୁ ଜୟପୁର ଜିଲ୍ଲା ଚିକିତ୍ସାଳୟକୁ ଆଣି ଚିକିତ୍ସା କରିଥିଲେ। ଏଥିନେଇ ଅଭିଯୋଗକାରୀ ଗତ ସଂଧ୍ୟାରେ ଏତଲା ଦେବା ପରେ ସଦରଥାନା ପୁଲିସ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ଜାତୀୟ ମହିଳା କୃଷକ ଦିବସ



**ପଟାଙ୍ଗି, ୧୮।୧୦(ସମିସ):** ଆନ୍ତର୍ଜାତୀୟ ଗ୍ରାମୀଣ ମହିଳା ଦିବସ ଓ ଜାତୀୟ ମହିଳା କୃଷକ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ 'ଫାଉଣ୍ଡେସନ୍ ଫର୍ ଇକୋଲୋଜିକଲ୍ ସିକ୍ୟୁରିଟ (ଏଫଇଏସ୍) କୋରାପୁଟ୍ ଦ୍ୱାରା ପଟାଙ୍ଗି ସଦର ମହକୁମାରେ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ୭୦ରୁ ଅଧିକ ମହିଳା କୃଷକ ଯୋଗ ଦେଇଥିଲେ। ସେମାନେ ନିଜ ଜୀବନର ଅଭିଜ୍ଞତା, କାମ, ଚାଷୀ ଜୀବନର ସଫଳତା ଓ ସଂଘର୍ଷ ଆଦି ସମ୍ପର୍କରେ କହିଥିଲେ। ସମାଜ ଓ ପରିବେଶ ମଧ୍ୟରେ ମହିଳାମାନଙ୍କ ଭୂମିକା, ଖାଦ୍ୟ ସୁରକ୍ଷା ଓ ଜଳ, ଜମି, ବନ ରକ୍ଷଣରେ ସେମାନଙ୍କ ଯୋଗଦାନ ଉପରେ ଚର୍ଚ୍ଚା ହୋଇଥିଲା। ସଭାରେ କୃତିକା ମହାନ୍ତି, ରମେଶ ଚୌଧୁରୀ, ତ୍ରିନାଥ ଖିଲ, ଆଲୋକ ମହାରଣା, କୁନ୍ତୀକା ଖସଲା ଓ କେ.ମୁରଲୀ କୃଷ୍ଣା ଉପସ୍ଥିତ ଥିଲେ। ସେମାନେ କହିଥିଲେ ଯେ ମହିଳା କୃଷକ ହେଉଛନ୍ତି ଆମ ପରିବାର ଓ ଗ୍ରାମର ମୂଳ ଶକ୍ତି। ଗାଁର ଜୀବନ, ଖାଦ୍ୟ ଉତ୍ପାଦନ ଓ ପରିବେଶ ସୁରକ୍ଷା ସବୁ ସେମାନଙ୍କ ହାତରେ ନିର୍ଭର କରେ। କାର୍ଯ୍ୟକ୍ରମ ମଧ୍ୟରେ ମହିଳାମାନେ ଗୋଷ୍ଠି ଚର୍ଚ୍ଚା, ଭାଷଣ, ଗୀତ ଓ ଛୋଟ ନାଟକ ମାଧ୍ୟମରେ ମହିଳା ଶକ୍ତି ଓ ସ୍ୱାବଲମ୍ବନର ବାର୍ତ୍ତା ଦେଇଥିଲେ। ସେମାନେ କିପରି ନିଜ ଚାଷ ମାଧ୍ୟମରେ ପରିବାର ଚଳାଉଛନ୍ତି, ଶିଶୁମାନଙ୍କୁ ଶିକ୍ଷା ଦେଉଛନ୍ତି ଏବଂ ଘର ଓ ଗାଁକୁ ସୁନ୍ଦର କରୁଛନ୍ତି, ତାହା ସେଠାରେ ଦେଖିବାକୁ ମିଳିଥିଲା।

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରୁ ୫ ବିଦ୍ୟାର୍ଥୀ ବହିଷ୍କାର ଘଟଣା

# ଅପରାଧ ସମାନ, ଦଣ୍ଡ ଅଲଗା

**ବିବାଦରେ କୁଳପତି**

**କୋରାପୁଟ, ୧୮।୧୦(ସମିସ):** ବିଭାଗୀୟ ମୁଖ୍ୟ ଅଧ୍ୟାପିକାଙ୍କ ସମେତ ଅନ୍ୟ ସହକର୍ମୀମାନଙ୍କ ବିଷୟରେ ହ୍ୱାଟ୍ସଆପ୍ ଗ୍ରୁପରେ ଅଶ୍ଳୀଳ ମେସେଜ ପୋଷ୍ଟ କରି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟର ଜଣେ ଛାତ୍ରୀଙ୍କ ସମେତ ୫ ଜଣ ବିଦ୍ୟାର୍ଥୀ ବହିଷ୍କାର ହେବା ଘଟଣା ନୂଆ ମୋଡ଼ ନେଇଛି। କୁଳପତିଙ୍କ ଦ୍ୱାରା ଗଠିତ ଶୃଙ୍ଖଳା କମିଟି ନିକଟରେ ସମ୍ପୃକ୍ତ ୫ ଜଣ ଭୁଲ ସ୍ୱୀକାର କରିବା ପରେ ସେମାନଙ୍କ ବିରୁଦ୍ଧରେ କେଉଁ ପ୍ରକାର ଦଣ୍ଡ ବିଧାନ କରାଯାଇ ପାରିବ, ଯାହା ଫଳରେ ସେମାନେ ଏଭଳି ଅପରାଧର ପୁନରାବୃତ୍ତି କରିବେ ନାହିଁ ଓ ଏକ ଶୃଙ୍ଖଳିତ ବିଦ୍ୟାର୍ଥୀ ଭାବେ ଅଧ୍ୟୟନ କରିବେ, ସେ ସମ୍ପର୍କରେ କମିଟି କୁଳପତିଙ୍କୁ ସୁପାରିସ କରିଥିଲେ। ତେବେ କୁଳପତି କମିଟିର ସୁପାରିଶ ପ୍ରତି ସେତେଟା ଗୁରୁତ୍ୱ ନଦେଇ ନିଜ କ୍ଷମତା ପ୍ରୟୋଗ କରି ଉକ୍ତ ୫ ଜଣଙ୍କୁ ବିଶ୍ୱବିଦ୍ୟାଳୟରୁ ବହିଷ୍କାର କରିବା ଭଳି ଚରମ ନିଷ୍ପତ୍ତି ନେଇଥିଲେ। ଅଭିଯୋଗ ଆସିବାର ମାତ୍ର ୪୮ ଘଣ୍ଟା ମଧ୍ୟରେ ଶୃଙ୍ଖଳା କମିଟି ଠାରୁ ତଦନ୍ତ ରିପୋର୍ଟ ମାଗି କାର୍ଯ୍ୟାନୁଷ୍ଠାନ ନେବା ସାଧାରଣରେ ଆଚମ୍ବିତ କରିଛି। ଅନ୍ୟ ପକ୍ଷରେ ସମସ୍ତଙ୍କୁ ବହିଷ୍କାର ପାଇଁ କୁଳପତି ନିଷ୍ପତ୍ତି ନେଇ ସେମାନଙ୍କ ବାଧ୍ୟତାମୂଳକ ସାର୍ଟିଫିକେଟ ନେବାକୁ କୁହା ଯାଇଥିଲା। ତେବେ ବର୍ତ୍ତମାନ ସୁଦ୍ଧା ତିନିଜଣ ସାର୍ଟିଫିକେଟ ନେଇଥିବା ବେଳେ ଦୁଇଜଣଙ୍କ ଚରିତ୍ର ଖରାପ ଲେଖା ଯାଉଥିବାବେଳେ ଜଣଙ୍କ ସାର୍ଟିଫିକେଟରେ ଉଭୟ ଚରିତ୍ର ବର୍ଣ୍ଣାଯାଇ ବହିଷ୍କାର ନ ଲେଖି ଡିସ୍‌କଣ୍ଟିନ୍ୟୁ ଲେଖା ଯିବା କେତେ ନ୍ୟାୟସଙ୍ଗତ ବୋଲି ଜଣେ ଅଭିଭାବକ ପ୍ରଶ୍ନ ଉଠାଇ ସେ ଅଦାଲତର ଆଶ୍ରୟ ନେବାକୁ ଚେତାବନୀ ଦେଇଛନ୍ତି। ସେହିପରି ସମ୍ପୃକ୍ତ ଛାତ୍ରୀ ଜଣଙ୍କ ଗ୍ରୁପରେ କୌଣସି ମନ୍ତବ୍ୟ ଦେଇ ନାହାନ୍ତି, ହ୍ୱାଟ୍ସଆପ୍ ଗ୍ରୁପରେ ଉକ୍ତ ଛାତ୍ରମାନଙ୍କ ମେସେଜକୁ ନାପସନ୍ଦ କରି ପ୍ରତିକ୍ରିୟା ଦେଇଥିବା ତାଙ୍କର କଣ ଭୁଲ କି ବୋଲି ମଧ୍ୟ ପ୍ରଶ୍ନ ଉଠିଛି। ତେଣୁ ଏହି ସବୁ ପ୍ରଶ୍ନବାଚୀ କୁଳପତି ବିବାଦ ଭିତରେ ଛନ୍ଦି ହେଉଥିବା ବେଳେ ଘଟଣାକୁ ନେଇ ବିଶ୍ୱବିଦ୍ୟାଳୟ ପରିସରରେ ଆଲୋଚନା ଜୋର ଧରିଛି। ସୂଚନା ଥାଉ କି ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟରେ କୃଷି ବିଜ୍ଞାନ ବିଭାଗର ପ୍ରଥମ ବର୍ଷରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ଏକ ବ୍ୟକ୍ତିଗତ ହ୍ୱାଟ୍ସଆପ୍ ଗ୍ରୁପ କରି ବିଭିନ୍ନ ବିଷୟରେ ଗ୍ରୁପରେ ପୋଷ୍ଟ କରିଥାଆନ୍ତି। କିଛି ଛାତ୍ର ଗତ ମାସରେ ଉକ୍ତ ଗ୍ରୁପରେ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଓ ଅନ୍ୟ ସହକର୍ମୀମାନଙ୍କ ବିଷୟରେ ଅଶ୍ଳୀଳ ଭାଷା ପ୍ରୟୋଗ କରି ଟିପ୍ପଣୀ ସବୁ ପୋଷ୍ଟ କରିଥିଲେ। ଗ୍ରୁପର ଜଣେ ସଦସ୍ୟ ଉକ୍ତ ଟିପ୍ପଣୀ ଗୁଡ଼ିକ ବିଭାଗୀୟ ମୁଖ୍ୟ ଅଧ୍ୟାପିକାଙ୍କୁ ପଠାଇବା ପରେ କଥା ପ୍ରଘଟ ହୋଇଥିଲା। ନିଜ ବିଭାଗର ଛାତ୍ରଛାତ୍ରୀ ବିଭାଗୀୟ ମୁଖ୍ୟ ଓ ସହଯୋଗୀ ଅଧ୍ୟାପକ ଅଧ୍ୟାପିକା ମାନଙ୍କ ବିଷୟରେ ସୋସିଆଲ ମିଡିଆରେ କିଭଳି ଆପତ୍ତି ଜନକ ଓ ଅଶ୍ଳୀଳ ଭାଷା ପ୍ରୟୋଗ କରୁଛନ୍ତି ତାକୁ ନେଇ ଉଦ୍‌ବେଗ ହେବା ସହ କୁଳପତିଙ୍କୁ ଲିଖିତ ଭାବେ ଗତ ମାସ ୨୫ ତାରିଖରେ ଅଭିଯୋଗ କରିଥିଲେ। ବିଭାଗୀୟ ମୁଖ୍ୟଙ୍କ ଅଭିଯୋଗ ପାଇ କୁଳପତି ତୁରନ୍ତ ଏକ ୫ ଜଣିଆ ଶୃଙ୍ଖଳା କମିଟି ଗଠନ କରି ଯଥାଶୀଘ୍ର ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କୁଳପତିଙ୍କ ନିର୍ଦ୍ଦେଶ ଅନୁଯାୟୀ ଶୃଙ୍ଖଳା କମିଟି ସମ୍ପୃକ୍ତ ୫ ଜଣ ଛାତ୍ର ଛାତ୍ରୀ ବିଶ୍ୱବିଦ୍ୟାଳୟର ଶୃଙ୍ଖଳା ନୀତି ନିୟମ ଭାଙ୍ଗି ଥିବା ଦର୍ଶାଇ ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ପରାମର୍ଶ ଦେଇଥିଲେ। ବିଶ୍ୱବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ ମାନଙ୍କ ଆଚରଣ, ବ୍ୟବହାରକୁ ନେଇ ଓର୍ଡିନାନ୍ସ ୪୯, ସେକ୍ସନ ୬ ରେ ଉଲ୍ଲେଖ ଥିବା ନିର୍ଦ୍ଦେଶ ଗୁଡ଼ିକ ଶୃଙ୍ଖଳା କମିଟି ଉଲ୍ଲେଖ କରି ସମ୍ପୃକ୍ତ ୫ ଜଣ ତାହା ଉଲ୍ଲଙ୍ଘନ କରିଥିବା ରିପୋର୍ଟ ଦେଇଥିଲେ। ତଦନ୍ତ ରିପୋର୍ଟ ସହ ସେମାନଙ୍କ ବିରୁଦ୍ଧରେ ଦଣ୍ଡ ସ୍ୱରୂପ ବିଶ୍ୱ ବିଦ୍ୟାଳୟର ଆଇନ ଅନୁଯାୟୀ ଆର୍ଥିକ ଜରିମାନା ଆଦାୟ, କିଛି ଦିନ ପାଇଁ ଅସ୍ଥାୟୀ ଭାବେ କ୍ୟାମ୍ପସ ବ୍ୟାନ୍ କିମ୍ବା ଶେଷରେ ସମ୍ପୂର୍ଣ୍ଣ ବହିଷ୍କାର କରିବା ବ୍ୟବସ୍ଥା ଥିବାରୁ କର୍ତ୍ତୃପକ୍ଷ ସେମାନଙ୍କ ପ୍ରତି ଅତି କଠୋର କାର୍ଯ୍ୟାନୁଷ୍ଠାନ ନେଇ ବହିଷ୍କାର କରିଛନ୍ତି। ତେବେ ୨୫ ତାରିଖରେ ଅଭିଯୋଗ ପାଇ ମାତ୍ର ୪୮ ଘଣ୍ଟା ମଧ୍ୟରେ ୨୭ ତାରିଖରେ ବହିଷ୍କାର ନିଷ୍ପତ୍ତି ନେବା ଉପରେ ଅଭିଭାବକ ମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ବହିଷ୍କୃତ ୫ ଜଣଙ୍କ ମଧ୍ୟରୁ ନ୍ୟାୟ ପାଇବା ପାଇଁ ଜଣେ ଜାତୀୟ ଅନୁସୂଚିତ ଜାତି ଓ ଜନଜାତି କମିଶନର ଦ୍ୱାରସ୍ଥ ହୋଇଥିବା ବେଳେ ଅନ୍ୟ ଜଣେ ଛାତ୍ରର ଅଭିଭାବକ ରାଷ୍ଟ୍ରପତି ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବେ ବୋଲି କହିଛନ୍ତି।

# ଖୋଲିଲା ୪୩ ବାଣ ଦୋକାନ

**● ମଙ୍ଗଳବାର ସଂଧ୍ୟା ୫ଟା ପର୍ଯ୍ୟନ୍ତ ଅନୁମତି**

**ଜୟପୁର, ୧୮ । ୧୦(ସମିସ):** ଜୟପୁର ସହରର ଦଶହରା ପଡ଼ିଆଠାରେ ଆସନ୍ତା ଦିପାବଳୀ ପାଇଁ ସମୁଦାୟ ୪୫ଟି ବ୍ୟବସାୟୀ ଆବେଦନ କରିଥିବା ବେଳେ ୪୩ଟି ଦୋକାନ



ପାଇଁ ଜିଲ୍ଲା ପ୍ରଶାସନର ଅନୁମତି ଗତ ଶୁକ୍ରବାର ସଂଧ୍ୟାରେ ପ୍ରଦାନ କରାଯାଇଛି। ଏହି ଅସ୍ଥାୟୀ ବାଣ ବିକ୍ରି ପାଇଁ ଲାଇସେନ୍ସର ଅବଧି ଆଜି ପୂର୍ବାହ୍ନ ଠାରୁ ଲାଗୁ ହୋଇ ଆସନ୍ତା ମଙ୍ଗଳବାର ସଂଧ୍ୟା ୫ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ଆଜି ପୂର୍ବାହ୍ନରୁ ଦଶହରା ପଡ଼ିଆ ଠାରେ ଲାଇସେନ୍ସ ପ୍ରାପ୍ତ ଦୋକାନୀ ମାନେ ବାଣ ଦୋକାନ ଶୁଭାରମ୍ଭ କରିବା ସହ ବିକ୍ରି ଆରମ୍ଭ କରିଛନ୍ତି। ଆଜି କାଁ ଭାଁ କ୍ରେତା ହୋଇଥିବା ବେଳେ ଆସନ୍ତା ରବିବାର ଏବଂ ମଙ୍ଗଳବାର ଦୁଇଦିନ ପ୍ରବଳ ଭୀଡ ହେବାର ଆଶଙ୍କା କରାଯାଉଛି। ଷ୍ଟଲ ନିର୍ମାଣ ଠାରୁ ଅଗ୍ନି ନିର୍ବାପକ ସୁରକ୍ଷା ନେଇ ବିଭିନ୍ନ ବିଭାଗର ଏନ୍ଓସି ପରେ ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ଏହି ଲାଇସେନ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଛି। ଷ୍ଟଲ ନମ୍ବର ଅନୁଯାୟୀ ଲେଟେରୀ ମାଧ୍ୟମରେ ଉଠାଣ କରାଯାଇ ଦୋକାନ ଷ୍ଟଲ ପ୍ରଦାନ କରାଯାଇଛି। ପ୍ରବଳ ଭୀଡ ରହିବା ଯୋଗୁଁ ଟ୍ରାଫିକ ଏବଂ ପୁଲିସ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି। କିନ୍ତୁ ଜୟପୁର ବଜାରରେ ବାଣ ଦର ଆକାଶ ଛୁଆଁ ରହିଛି ବୋଲି ସାଧାରଣରେ ଚର୍ଚ୍ଚା ହୋଇଛି।

# ଗୋଲୁରୁରେ ୪୦ଜଣଙ୍କ ଚକ୍ଷୁ ପରୀକ୍ଷା

**ପଟାଙ୍ଗି/ସେମିଳିଗୁଡା, ୧୮।୧୦(ସମିସ):** କୋରାପୁଟ ଜିଲ୍ଲାରେ ଥିବା ଭ୍ରାମ୍ୟମାଣ ଦୃଷ୍ଟି କେନ୍ଦ୍ର ପକ୍ଷରୁ ପଟାଙ୍ଗି ବ୍ଲକର ଦୁର୍ଗମ ଅଞ୍ଚଳ ତଳ ଗୋଲୁରୁ ପଞ୍ଚାୟତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଶନିବାର ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନାରେ ଅନୁଷ୍ଠିତ ଶିବିରରେ ତଳ ଗୋଲୁରୁ ଓ ଆମ୍ପାବାଲି ପଞ୍ଚାୟତର ବିଭିନ୍ନ ଗ୍ରାମରୁ ୪୦ ଯୋଗଦେଇ ଚକ୍ଷୁ ପରୀକ୍ଷା କରାଯାଇଥିଲେ। ୧୪ଜଣଙ୍କ ଠାରେ ମୋତିଆବିନ୍ଦୁ ଚିହ୍ନଟ ହୋଇଥିଲା। ଅନ୍ୟ ୩ଜଣଙ୍କର ଚାଳିଷିଆ ଚଷମା ପରୀକ୍ଷା ହୋଇଥିଲା। ରକ୍ତ ଶର୍କରା ଓ ରକ୍ତଚାପ ପରୀକ୍ଷା ସହିତ ରୋଗୀଙ୍କୁ ମଧ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ସରକାରଙ୍କ ଏହି ଯୋଜନାରେ ମୋତିଆବିନ୍ଦୁ ରୋଗୀଙ୍କ ମାଗଣା ଅସ୍ତ୍ରୋପଚାର ବ୍ୟବସ୍ଥା ରହିଛି। ପଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ଭାଗବତ ମୁର୍ମୁଙ୍କ ତତ୍ତ୍ୱାବଧାନରେ ତଥା ଚିକାପାରୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ରାକେଶ କୁମାର ବିଶୋୟୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଶିବିରରେ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚକ୍ଷୁ ଚିକିତ୍ସା ଅଧିକାରୀ ବିଜୟ କୁମାର ଆଚାର୍ଯ୍ୟ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ।



ସିଏଚଓ ଅଞ୍ଜନା ଖିଲ ଶିବିରରେ ଉପସ୍ଥିତ ରହି ପରିଚାଳନା କରିଥିଲେ। ପିଏଚଇଓ ଆରତୀ ଗୁଡ଼ିଆ ଓ ସୁପରଭାଇଜର ବଦ୍ରି ନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ଶିବିର ଆୟୋଜିତ ହୋଇଥିଲା। ଆଶାକର୍ମୀ କେ.ନର୍ସମା, ସୀତ୍ରା ମାରୀ, କୁମାରୀ ହନ୍ତାଳ ଓ ଏମ.ବାସଭି ଉପସ୍ଥିତ ରହି ପରିଚାଳନା କରିଥିଲେ।

# କସ୍ତୁରବା ଗାନ୍ଧୀ ଛାତ୍ରୀ ନିବାସ ଉଦ୍‌ଘାଟିତ



**ନନ୍ଦାହାଣ୍ଡି, ୧୮।୧୦(ସମିସ):** ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ସିନ୍ଧିଗୁଡ଼ା କସ୍ତୁରବା ଗାନ୍ଧୀ ଛାତ୍ରୀ ନିବାସର ଶନିବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ବର୍ଗ ଉନ୍ନୟନ ଏବଂ ସାମାଜିକ କଲ୍ୟାଣ ଓ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଓ ସାଂସଦ ପ୍ରତିନିଧି ଜାନକୀକାନ୍ତ ବିଷୋୟୀ ଯୋଗ ଦେଇଥିଲେ। ଏତଦ୍ ବ୍ୟତୀତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନୀ, ସହକାରୀ ଯନ୍ତ୍ରୀ ଶଙ୍କର ବୁଡେକ୍ ଓ ସ୍ଥାନୀୟ ଶିକ୍ଷକ ସମେତ ଦଳୀୟ ନେତା ଓ କର୍ମୀମାନେ ଉପସ୍ଥିତ ରହିଥିଲେ। ଛାତ୍ରୀ ନିବାସ ଏକ କୋଟି ୪ ଲକ୍ଷ ବ୍ୟୟରେ ନିର୍ମାଣ ହେବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ସୂଚନା ଦେଇଥିଲେ।

# ଦୈନିକ ବଜାରର ପ୍ରବେଶ ଫାଟକ ସ୍ଥାପନ ଦାବି

**ଜୟପୁର, ୧୮ । ୧୦(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସହରର ବିଦ୍ୟାଧର ସିଂଦେଓ ମୁଖ୍ୟ ଦୈନିକ ବଜାରର ଚାରିପାଖରେ ରହିଥିବ ୫ଟି ପ୍ରବେଶ ଦ୍ୱାର ମଧ୍ୟରୁ ତିନୋଟି ମୁଖ୍ୟ ପ୍ରବେଶ ଦ୍ୱାରରେ କୌଣସି ଫାଟକ ନଥିବା ଯୋଗୁଁ ବଜାର ପରିସର ଭିତରକୁ ବାଇକ୍, ଅଟୋ, ଗାଇଗୋରୁଙ୍କ ଅବାଧ ପ୍ରବେଶ ଯୋଗୁଁ ସମସ୍ୟା ସୃଷ୍ଟି ହେଉଛି। ତେଣୁ ତୁରନ୍ତ ଉକ୍ତ ପ୍ରବେଶ ଦ୍ୱାରରେ ପୂର୍ବରୁ ରହିଥିବା ଫାଟକ ଭଳି ପୁଣି ଲୁହା ଫାଟକ ନିର୍ମାଣ କରିବା ନେଇ ଜୟପୁର ଚାମ୍ବର ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରି ପକ୍ଷରୁ ଦାବି କରାଯାଇଛି। ଫାଟକ ନଥିବା ଯୋଗ ଅବାଧ ପ୍ରବେଶ ଯୋଗୁଁ ରାସ୍ତାର ସଙ୍କୀର୍ଣ୍ଣତା ରହିଥିବା ଫଳରେ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଏହିପରି ଗାଇ ଗୋରୁଙ୍କ ଅବାଧ ପ୍ରବେଶ ଏବଂ ଆକ୍ରମଣରେ ସାଧାରଣ ଲୋକ ଆହତ ହେବା ସହ ହଇରାଣ ହେଉଛନ୍ତି। ଏହିପରି ଗତ କିଛି ଦିନପୂର୍ବରୁ ଜନୈକ ମହିଳାଙ୍କୁ ବଜାରରେ ଏକା ବୁଲା ଷଣ୍ଢର ଆକ୍ରମଣରେ ଗୁରୁତର ଆହତ ହୋଇଥିଲେ। ଏହିପରି ଅନ୍ୟାନ୍ୟ ଘଟଣା ଘଟୁଛି। ସେହିପରି ଏହିପରି ବଜାରର ମୁଖ୍ୟ ଫାଟକ ଖୋଲାମେଲା ରହିବା ଯୋଗୁଁ ସୁରକ୍ଷିତ ମଧ୍ୟ ରହୁନାହିଁ। ବଜାରରେ ପନିପରିବା ବିକ୍ରେତାଙ୍କ ପନିପରିବାକୁ ଗାଇଗୋରୁ ମାନେ ଟାଣି ଖାଇଦେଉଥିବା ଯୋଗୁଁ ବ୍ୟବସାୟୀ ମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ତେଣୁ ତୁରନ୍ତ ପୌରସଂସ୍ଥା ପକ୍ଷରୁ ପଦକ୍ଷପ ଗ୍ରହଣ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପୂର୍ବରୁ ଯେଉଁଭଳି ଭାବେ ଫାଟକ ଗୁଡିକ ରହିଥିଲା। ସେହିପରି ଫାଟକ ଗୁଡିକ ନିମାଣ କରାଯାଉଛି। ଏହିପରି ଗତ କିଛିଦିନ ପୂର୍ବରୁ ବଜାରରେ ଅଗ୍ନିକାଣ୍ଡ ଯୋଗୁଁ ଏପରି ଫାଟକ ରହିଥିଲେ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚିବାରେ ସମସ୍ୟା ସୃଷ୍ଟି ହେଉଥିବା ନେଇ ଏହି ଫାଟକ ଗୁଡିକ ବାହାର କରାଯାଇଥିଲା। କିନ୍ତୁ ଏହାର ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇ ସୁରକ୍ଷିତ ଫାଟକ ନିର୍ମାଣ ଦାବି ନେଇ ଚାମ୍ବର ଅଫ୍ କମର୍ସରେ ଏକ ପ୍ରତିନିଧି ଦଳ ଉପଜିଲ୍ଲାପାଳ ତଥା ପୌର ନିର୍ବାହୀ ଅଧିକାରୀ ଏ.ଶଶ୍ୟା ରେଡ୍ଡୀଙ୍କୁ ସାକ୍ଷାତ କରିବା ସହ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଆଗାମୀ ପୌର ବଜେଟରେ ଏହାର ନିର୍ମାଣ କରିବା ନେଇ ପାଣ୍ଠି ପ୍ରଦାନ କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ କୁମାରୀ ରେଡ୍ଡୀ ପ୍ରତିଶ୍ରୁତି ଦେଇଥିବା ନେଇ ଚାମ୍ବର ଅଫ୍ କମର୍ସର ସଭାପତି ଭି. ପ୍ରଭାକର ସୂଚନା ଦେଇଛନ୍ତି।

## କସ୍ତୁରବା ଗାନ୍ଧୀ ଛାତ୍ରୀନିବାସ କୋଠା ଭିତ୍ତିପ୍ରସ୍ତର ସ୍ଥାପନ

# ସୁରକ୍ଷା ପାଇଁ ସିସିଟିଭି ଲାଗିବ: ଗଣଶିକ୍ଷା ମନ୍ତ୍ରୀ

**ତେନ୍ତୁଲିଖୁଣ୍ଟ, ୧୮।୧୦(ସମିସ):** ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ ଦିଗି ପଞ୍ଚାୟତ ଅନ୍ତର୍ଗତ ଚରାମୂଳା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ନୂତନ ଛାତ୍ରୀ ନିବାସ କୋଠାର ଭିତ୍ତି ପ୍ରସ୍ତର ସ୍ଥାପନ କଲେ ବିଦ୍ୟାଳୟ ଓ ଗଣ ଶିକ୍ଷା ତଥା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ସାଂସଦ ପ୍ରତିନିଧି ସନ୍ତୋଷ ପାତ୍ର, ବରିଷ୍ଠ ସମାଜ ସେବୀ ନାରାୟଣ ପାତ୍ର, ତେନ୍ତୁଲିଖୁଣ୍ଟି ପଞ୍ଚାୟତ ସମିତି ଅଧକ୍ଷା ନିଳେନ୍ଦ୍ରି ନାୟକ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ବିଡିଓ ମନୋଜ କୁମାର ପାଣିଗ୍ରାହୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦୀପ୍ତ ଦାଶ ଉପସ୍ଥିତ ଥିଲେ। ମନ୍ତ୍ରୀ ଶ୍ରୀ ଗଣ୍ଡ ଓ ବିଧାୟକ ଶ୍ରୀ ମାଝୀ କସ୍ତୁରବା ଗାନ୍ଧୀ ବିଦ୍ୟାଳୟ ନିମନ୍ତେ ଶହେ ଶଯ୍ୟା ବିଶିଷ୍ଟ ନୂତନ କୋଠା ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଛାତ୍ରୀବାସ ଚତୁର୍ପାଶ୍ୱ ପରିଦର୍ଶନ କରି ଛାତ୍ରଛାତ୍ରୀ ମାନଙ୍କୁ ଭଲ ପାଠ ପଢ଼ି ବଡ଼ ଓ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ସିସି ଟିଭି ବ୍ୟବସ୍ଥା ସହ ପାଚେରୀ ନିର୍ମାଣ ପାଇଁ ମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଛନ୍ତି। ଏହି ଅବସରରେ କେଜି ବିଦ୍ୟାଳୟ ପାର୍ଟ ଟାଇମ ଶିକ୍ଷକ ଓ କର୍ମଚାରୀ ବୃନ୍ଦ ନିୟମିତ କରିବା ନେଇ ଦାବିପତ୍ର ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପି.ସୁନୀଲ କୁମାର ଚରାମୂଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦିପ୍ତୀରଣୀ ନାଗ ଓ ୱାର୍ଡେନ ଉର୍ମିଳା ମଲ୍ଲିକ ପରିଚାଳନା କରିଥିଲେ। କେଜିବି ମନ୍ତ୍ରି ଓ ବିଧାୟକ ଙ୍କ ଭିତ୍ତିପ୍ରସ୍ତ କାର୍ଯ୍ୟକ୍ରମ ରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଶିକ୍ଷା ଅଧିକାରୀ କୁଳ ରଞ୍ଜନ ସୁନା, ବିଜେପି ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ, ଅଭିମନ୍ୟୁ ହରିଜନ, ପୂର୍ବତନ ମଣ୍ଡଳ ସଭାପତି ହରେକୃଷ୍ଣ ମୁଦୁଲି, ଦିଗୀ ସରପଞ୍ଚ କିଶୋର ନାୟକ, ଯୁବନେତା ଅନନ୍ତ ପଣ୍ଡା, ପୂର୍ବତନ ଜିଲ୍ଲା ବିଜେପି ସଭାପତି



ଜଗଦୀଶ ବିଷୋୟୀ, ବରିଷ୍ଠ ନାଗରିକ ଆର.ସତ୍ୟମ ନାଇଡୁ, ମୁତ୍ୟୁଞ୍ଜୟ ସିଂହ, ଯୁବ ନେତା ଅନନ୍ତ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ।




**● ଖୋଲାଖୋଲି ମଦ ବିକ୍ରି**

# ଜିଲ୍ଲାପାଳ ଓ ଅବକାରୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହେଲେ ମହିଳା

**କୋରାପୁଟ, ୧୮।୧୦(ସମିସ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ବି.ସିଂହପୁର ଥାନା ଅନ୍ତର୍ଗତ ଚମ୍ପାପଦର ଗ୍ରାମପଞ୍ଚାୟତରେ ଖୁଲମଖୁଲା ଚାଲିଛି ବିହାରୀ ଓ ବିଦେଶୀ ମଦବିକ୍ରି। ବାରମ୍ବାର ବିରୋଧ ସତ୍ତ୍ୱେ ମଦ ବେପାରୀଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢୁଥିବାରୁ ମଦ ବନ୍ଦ ନେଇ ପଞ୍ଚାୟତର ମହିଳା ମାନେ ଜିଲ୍ଲାପାଳ



ଓ ଅବକାରୀ ଅଧିକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ମହିଳାଙ୍କ କହିବା ଅନୁଯାୟୀ ଚମ୍ପାପଦର ଗ୍ରାମପଞ୍ଚାୟତେ ଦୀର୍ଘଦିନ ଧରି ବିହାରୀ ଓ ବିଦେଶୀ ମଦବିକ୍ରୀ ହୋଇଆସୁଛି। ଜନପ୍ରତିନିଧିଙ୍କ ସମେତ ସ୍ଥାନୀୟ ଲୋକଙ୍କ ବିରୋଧ ସତ୍ତ୍ୱେ ବିକ୍ରେତା ମାନେ ମଦବିକ୍ରୀ ବନ୍ଦ କରୁନାହାନ୍ତି। ମଦପିଇ ବହୁ ଧନଜୀବନ ନଷ୍ଟ ହେବା ସହିତ ମଦ୍ୟପାନ କରି ବହୁତ ରୋଗରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଲେଣି। ତେଣୁ ଯଥାଶୀଘ୍ର ମଦ ବନ୍ଦ ପାଇଁ ପଦକ୍ଷେପ ନେବା ସହିତ ମଦ ବେପାରୀଙ୍କ ଉପରେ ଦୃଷ୍ଟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମହିଳା ମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ପଞ୍ଚାୟତର ସରପଞ୍ଚ ରାଇମତି ମୁଦୁଲି, ତିଳୋତମା ହରିଜନ ଓ କରୁଣା କୁଳଦୀପଙ୍କ ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ।

# ଗାନ୍ଧୀଛକ ଉଠା ଦୋକାନୀଙ୍କ ଦାବିପତ୍ର ପ୍ରଦାନ

**ଜୟପୁର, ୧୮ ।୧୦(ସମିସ):** ଗାନ୍ଧୀଛକ ନିକଟରେ ଉଠାଦୋକାନ ଗୁଡିକ ହଟାଇ ସେଠାରେ ଗାନ୍ଧୀଙ୍କ ଦାଣ୍ଡିଯାତ୍ରା ପ୍ରତିମୂର୍ତ୍ତି ସ୍ଥାପନ ପୌରସଂସ୍ଥା ପକ୍ଷରୁ କରାଯାଉଥିବା ନେଇ ଆଜି ସ୍ଥାନୀୟ ବାସିନ୍ଦାମାନେ ବିରୋଧ କରିବା ସହ ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗାନ୍ଧୀଛକରେ ବହୁଦିନ ହେଲା ଉଠା ଦୋକାନୀମାନେ ରହି ନିଜ ଜୀବନ ଜୀବିକା ନିର୍ବାହ କରୁଥିଲେ। କିନ୍ତୁ ପୌରପାଳିକା ପକ୍ଷରୁ ସେମାନଙ୍କୁ ସେଠାରୁ ହଠାଇ ଦେଇ ସେଠାରେ ଗାନ୍ଧୀଙ୍କ ଦାଣ୍ଡିଯାତ୍ରା ମୂର୍ତ୍ତି ସ୍ଥାପନ କରାଯାଉଛି। ଫଳରେ ସେଠାରେ ପୂର୍ବ ଭଳି ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ଅନେକ ସମୟରେ ବିଶୃଙ୍ଖଳା ସୃଷ୍ଟି ହେବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।



# ବିଜେଡିର ଜନସମ୍ପର୍କ ପଦଯାତ୍ରା




କୋଷାଗୁମୁଡା, ୧୮ ।୧୦(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ନିର୍ବାଚନ ମଣ୍ଡଳୀ କୋଷଗୁମୁଡାଠାରେ ଆରମ୍ଭ ହୋଇଛି ବିଜୁ ଜନତା ଦଳରର ଜନ ସମ୍ପର୍କ ପଦଯାତ୍ରା। ସନ୍ତୋଷପୁର ଠାରୁ ପ୍ରାୟ ୧୫ କିଲୋମିଟର ପଦଯାତ୍ରା କରିବା ସହ ଲୋକଙ୍କୁ ବିଜେପି ସରକାରର ବିଫଳତା ଓ ପୂର୍ବ ସରକାରର ଯେଉଁ ସବୁ ଯୋଜନା ରହିଛି ତାହାକୁ ନାମ ପରିବର୍ତ୍ତନ କରି ବାହାବା ନେଉଥିବା ଅଭିଯୋଗ କରିବା ସହ ଲୋକ କେଉଁ ଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ତାହାକୁ ନେଇ ଜନସଚେତନ କରିବା ସହ ସମସ୍ତଙ୍କୁ ଜନ ସମ୍ପର୍କ ପଦଯାତ୍ରା ମାଧ୍ୟମରେ ସଚେତନ କରାଯାଇଛି। ବର୍ତ୍ତମାନ ସରକାର ଅନେକ ମିଥ୍ୟା ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସି ଲୋକଙ୍କୁ ପ୍ରତାରଣା କରୁଥିବା ଅଭିଯୋଗ କରିବା ସହ ପୂର୍ବ ସରକାରଙ୍କ ଅମଳରେ କରାଯାଇଥିବା ଜନହିତକର କାର୍ଯ୍ୟ ପ୍ରତି ଲୋକଙ୍କୁ ସଚେତନ କରିବା ଓ ବର୍ତ୍ତମାନ ସରକାରଙ୍କ ବିଫଳତା ବିଷୟରେ ଅବଗତ କରାଯାଉଛି। ଆଗାମୀ ଦିନରେ ସରକାରଙ୍କ ବିରୋଧରେ ସ୍ୱରକୁ ତୀବ୍ର କରାଯିବ ବୋଲି ନବରଙ୍ଗପୁର ଜିଲ୍ଲା ବିଜେଡି ସଭାପତି ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ପ୍ରକାଶ କରିଛନ୍ତି।

## ଜନଜାତି, ଅନୁସୂଚିତ ଜାତି ସଂସ୍କୃତି ସୁରକ୍ଷା ମଞ୍ଚ ଜାତୀୟ ସମ୍ମିଳନୀ

# ସଂସ୍କୃତି ଓ ପରମ୍ପରାକୁ ଗୁରୁତ୍ୱ, ଧର୍ମାନ୍ତରୀକରଣକୁ ବିରୋଧ

ଖଇରପୁଟ/କୁଡୁମୁଲୁଗୁମା, ୧୮ ।୧୦(ସମିସ): ମାଲକାନଗିରି ଜିଲ୍ଲା ଅନୁସୂଚିତ ଜାତି ଓ ଜନଜାତି ସୁରକ୍ଷା ମଞ୍ଚ ପକ୍ଷରୁ ଖଇରପୁଟ ହାଟପଦାରେ ଜନଜାତି, ଅନୁସୂଚିତ ଜାତି ସଂସ୍କୃତି ସୁରକ୍ଷା ମଞ୍ଚ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅଧିବାସୀ, ବନବାସୀଙ୍କ ସଂସ୍କୃତି ଓ ପରମ୍ପରା ପ୍ରତିଗୁରୁତ୍ୱ ଦିଆଯିବା ସହ ଧର୍ମନ୍ତୀକରଣକୁ ବିରୋଧ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମ ଜିଲ୍ଲା ଅନୁସୂଚିତ ଜାତି ଓ ଜନଜାତି ସୁରକ୍ଷା ମଞ୍ଚ ସମ୍ପାଦକ ବାଲାଜୀ ପାଡ଼ାଲଙ୍କ ସଭାପତିତ୍ୱରେ ହୋଇଥିଲା। ଅତିଥି ଭାବେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଡମ୍ବରୁ ଶିଶା, ଗଦବା ସମାଜର ବାଲରାଜୁ କଟରି, ସ୍ୱାମୀ ବିଶ୍ୱମିତ୍ରା ନନ୍ଦଗିରି ମହାରାଜ, ଜିଲ୍ଲା ବଣ୍ଡା ସମାଜ ସଭାପତି ମୁକୁନ୍ଦ ମାଝୀ, ବଣ୍ଡା ସମାଜର ସୁମିତ୍ ଶିଶା, ମାଳି ସମାଜର ସୁନାଧର ମାଳି, କୋୟା ସମାଜର ପ୍ରଶାନ୍ତ ବେଟି, ବଣ୍ଡା ସମାଜର ଲକିନାଥ କିର୍ଷାନି



ପ୍ରମୁଖ ମଞ୍ଚରେ ମଞ୍ଚାସୀନ ଥିଲେ। ଧର୍ମାନ୍ତରୀକରଣ ଏକ ରାଷ୍ଟ୍ରବିରୋଧ କାର୍ଯ୍ୟ। ସ୍ୱାଧୀନତା ପୂର୍ବରୁ ଭାରତରେ ଖ୍ରୀଷ୍ଟିଆନ ମିଶନାରୀମାନଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଭାରତରେ ସରଳ ନିରୀହ ଜନଜାତି ବନବାସୀ ଓ ଅନୁସୂଚିତ ଜାତିର ଲୋକ ମାନଙ୍କୁ କଳବଳ ଓ ପ୍ରଲୋଭନ ମାଧ୍ୟମରେ ଧର୍ମାନ୍ତିକରଣ କରାଯାଇଛି। ଏହା ସତ୍ତ୍ୱେ ମଧ୍ୟ ହିନ୍ଦୁ ସମାଜ କେବେ ମଧ୍ୟ ଅନ୍ୟ ଧର୍ମାବଲମ୍ବୀ ପ୍ରତି ଅତ୍ୟାଚାର କରିନାହିଁ। ଏହି ବେଆଇନ ଧର୍ମାନ୍ତିକରଣ ଉପରେ ରୋକ ଲଗାଇବା ଓ ନିଜ ଧର୍ମର ସ୍ୱାଧୀନ ଭାବରେ ବଞ୍ଚିବା ଧର୍ମ ସ୍ୱତନ୍ତ୍ର ଆଇନ ଲାଗୁ ହୋଇଛି। ନିଜ ବଳ ଓ ପ୍ରଲୋଭନ ଦ୍ୱାରା ଧର୍ମାନ୍ତିକରଣକୁ ବିରୋଧ କରୁଥିବା ଏହି ଆଇନର ଧାରା ୨୫କୁ ଉଚ୍ଛେଦ କରିବା ପାଇଁ କରାଯାଇଥିବା ସୁପ୍ରିମକୋର୍ଟ ମାଧ୍ୟମରେ କରାଯାଉଥିବା ପ୍ରୟାସ ବିରୋଧର ଏହି ସମାବେଶ କରାଯାଇଥିବା ଅତିଥି ମାନେ ଉପସ୍ଥିତ ଥିବା ଜନଜାତି ଅନୁସୂଚିତ ଜାତି ଲୋକ ମାନଙ୍କୁ ସଚେତନତ କରିଥିଲେ। ଅନୁସୂଚିତ ଜାତି ଓ ଜନଜାତି ସୁରକ୍ଷା ମଞ୍ଚ ପକ୍ଷରୁ ଦାବି ଗୁଡ଼ିକ ହେଲା ଅବୈଧ ଧର୍ମାନ୍ତିକରଣକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଉ ଓ ଧର୍ମାନ୍ତିକରଣ ବିରୋଧ ଆଇନ କଡ଼ାକଡ଼ି କରାଯାଉ, ସମ୍ବିଧାନର ଧାରା ୨୫କୁ ବଳବତ୍ତର ରଖାଯାଉ, ବିଭିନ୍ନ ରାଜ୍ୟରେ ପାରିତ ହୋଇଥିବା ଧର୍ମାନ୍ତରୀକରଣ ବିରୋଧ ଆଇନକୁ ବଳବତ୍ତର ରଖିବା ସହିତ ଓଡ଼ିଶାରେ ମଧ୍ୟ ରାଜସ୍ଥାନ ଅନୁରୂପ ବେଆଇନ ଧର୍ମାନ୍ତରୀକରଣକାରୀଙ୍କୁ ଆଠ ବର୍ଷ ଜେଲଦଣ୍ଡ ଓ ଅର୍ଥ ଜରିମାନା ପର୍ଯ୍ୟନ୍ତ ଜରିମାନାର ଆଇନ ପ୍ରଣୟନ, ମାଲକାନଗିରି ଜିଲ୍ଲାରେ ଅଧିକାଂଶ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରି ମଧ୍ୟ ଅନୁସୂଚିତ ଜାତିର ମାନ୍ୟତା ପାଇଁ ସରକାରୀ ସୁବିଧା ପାଉଛନ୍ତି, ତୁରନ୍ତ ସେମାନଙ୍କୁ ଚିହ୍ନଟ କରାଯାଉ ଏବଂ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ହିନ୍ଦୁ ସମାଜରେ ଅନୁସୂଚିତ ଜାତି ଓ ଜନଜାତିର ସୁରକ୍ଷା ପାଇଁ ଧର୍ମାନ୍ତିକରଣ ସମ୍ପୂର୍ଣ୍ଣ ବନ୍ଦ କରିବା ନିମନ୍ତେ ମଞ୍ଚାସୀନ ଅତିଥି ମାନେ ଦାବି କରିଛନ୍ତି।

# ଭେକ୍ଟର ଜନିତ ରୋଗ ନିବାରଣ ବୈଠକ

ମାଲକାନଗିରି, ୧୮ ।୧୦ (ସମିସ): ମଲକାନଗିରି ଜିଲ୍ଲାରେ ଭେକ୍ଟର ବାହିତ ରୋଗ ନିବାରଣ ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୋମେଷ କୁମାର ଉପାଧ୍ୟାୟ ଅଧକ୍ଷତା କରିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ଓ ଅନ୍ୟ ବିଭାଗର



ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ମାଲେରିଆ, ଡେଙ୍ଗୁ, ଚିକୁନଗୁନିଆ ପରି ରୋଗର ଉତ୍ସକୁ ନିୟନ୍ତ୍ରଣ କରିବା ପାଇଁ ପ୍ରତିଟି ବ୍ଲକ ସ୍ତରରେ ବିଶେଷ ଶିବିର ଆୟୋଜନ କରାଯାଇଥିବା ବିଷୟରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଆଦେଶେ ମାଲକାନଗିରି ମ୍ୟୁନିସିପାଲିଟି ଅଞ୍ଚଳରେ ପ୍ରତିଦିନ ଫଗିଙ୍ଗ କାର୍ଯ୍ୟ ଆରମ୍ଭ କରାଯାଇଥିବା କୁହାଯାଇଛି। ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ସାର୍ବଜନିକ ସ୍ୱାସ୍ଥ୍ୟ ଅଧିକାରୀ ଡା. ଦୋଳାମଣି ପ୍ରଧାନ କହିଛନ୍ତି ଯେ, ବର୍ଷା ଋତୁ ଶେଷ ହେଉଛି, ଏହି ସମୟରେ ମଶାମାଛି ବଢ଼ିବା ସମ୍ଭାବନା ଅଧିକ ଥାଏ। ତେଣୁ ପ୍ରତିଟି ଗ୍ରାମରେ ସ୍ୱଚ୍ଛତାମୂଳକ କାର୍ଯ୍ୟକ୍ରମକୁ ଦୃତ କରିବା ଆବଶ୍ୟକ ରହିଛି। ସେହିପରି ଡିପିଏଚ୍ଓ ଡା. ଏମ୍ଏମ୍. ଆବିଦ ହୁସେନ କହିଛନ୍ତି, ପ୍ରତି ସପ୍ତାହରେ ଗୋଟିଏ 'ଡ୍ରାଇ ଡେ' ପାଳନ କରି ଜଳ ଜମା ନହେବା ନିଶ୍ଚିତ କରିଲେ ରୋଗ ପ୍ରସାରଣ ରୋକାଯାଇପାରିବ।

# ସହରାଞ୍ଚଳ-ଗ୍ରାମାଞ୍ଚଳ ଛାତ୍ରଛାତ୍ରୀଙ୍କ ଭାବବିନିମୟ

ଜୟପୁର, ୧୮ ।୧୦(ସମିସ): ସହରାଞ୍ଚଳର ଛାତ୍ରଛାତ୍ରୀମାନେ ସ୍ଥାନୀୟ ଗଡ଼ପଦର ଗ୍ରାମ ବିଦ୍ୟାଳୟକୁ ପରିଦର୍ଶନ କରିବା ସହିତ ଉକ୍ତ



ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କ ସହିତ ଭାବର ଆଦାନ ପ୍ରଦାନ କରିଥିଲେ। ଏହିପରି ଅଭିନବ କାର୍ଯ୍ୟକ୍ରଅ ଜୟପୁର ସିଟି ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଆଜି ଆୟୋଜିତ ହୋଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାଇକେଲ ଚାଳନା କରିବା ସହ ଗଡ଼ପଦର ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। ଗାଁ ସ୍କୁଲର ପରିବେଶ ପାଠପଢ଼ା ଦେଖିବା ସହ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥଲେ। ପିଲା ମାନଙ୍କ ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହିତ ଏକ ସ୍ୱତନ୍ତ୍ର ଅନୁଭୂତି ଉଭୟ ଛାତ୍ରଛାତ୍ରୀ ମାନେ ପାଇଥିଲେ। ସିଟି ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପ୍ରତାପ ପଟ୍ଟନାୟକ ଏହି କାର୍ଯକ୍ରମକୁ ଆୟୋଜନ କରିବା ବେଳେ ଗଡ଼ପଦର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲୀପ ପଣ୍ଡା କାର୍ଯ୍ୟକ୍ରମକୁ ଆୟୋଜନରେ ସହଯୋଗ କରିଥିଲେ। ଏହିପରି ସାମାଜିକ ସଂଗଠନ ସିୱା ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଜିଭି. ରେଡ୍ଡି, କେ.ମୋହନ ରାଓ ଏବଂ ସଭାପତି ସୁଧାକର ପଟ୍ଟନାୟକ, ବିଦ୍ୟାଳୟର ଜି. ସାଇ ଶେଖର ଓ ଧନପତି ଭତ୍ରା ଯୋଗ ଦେଇଥିଲେ।

# ଛାତ୍ରୀନିବାସ ଶିଳାନ୍ୟାସ କଲେ ମନ୍ତ୍ରୀ

କୋଷାଗୁମୁଡା, ୧୮ ।୧୦(ସମିସ): ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଜି ନବରଙ୍ଗପୁର ଜିଲ୍ଲା ଗସ୍ତ କରି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀ ନିବାସ ଗୁଡିକ ର ଶିଳାନ୍ୟାସ




କରିଛନ୍ତି। ଜିଲ୍ଲର ନବରଙ୍ଗପୁର, କୋଷାଗୁମୁଡାର ପଣ୍ଡୁଗୁଡା ଆଶ୍ରମ ବିଦ୍ୟାଳୟରେ, ତାରାଗାଁ, ନନ୍ଦାହାଣ୍ଡିର ସିନ୍ଧିଗୁଡା, ତେନ୍ତୁଳୀଖୁଣ୍ଟିର ଚରାମୂଳା ଠାରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଶିକ୍ଷା କ୍ଷେତ୍ରରେ ବ୍ୟାପକ ଉନ୍ନତି ପାଇଁ ରାଜ୍ୟ ସରକାର ୩ ବର୍ଷରେ ୪୫ ହଜାର ଶିକ୍ଷକ ନିଯୁକ୍ତ ପ୍ରଦାନ କରିବେ। ଆଉ ଚୁକ୍ତିଭିତ୍ତିକ ଶିକ୍ଷକ ବ୍ୟବସ୍ଥା ରହିବ ନାହିଁ। ସମସ୍ତ ଶିକ୍ଷକ ନିୟମିତ ନିଯୁକ୍ତ ହେବେ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଥିଲେ.। ସରକାର ଶିକ୍ଷକଙ୍କ ସମସ୍ତ ସମସ୍ୟାର ସମାଧାନ ପାଇଁ ଚେଷ୍ଟିତ ଅଛନ୍ତି, ଶିକ୍ଷକ ମାନେ ନିଜ କର୍ତ୍ତବ୍ୟ କରି ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରନ୍ତୁ ବୋଲି ବୋଲି ମନ୍ତ୍ରି ଶ୍ରୀ ଗଣ୍ଡ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ଗୌରୀ ଶଙ୍କର ମାଝୀ, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ବ୍ଲକ ଚେୟାରମ୍ୟାନ, ସର୍ବେଶ୍ୱରୀ ମାଜି, ଭାଇସଚେୟାର ମ୍ୟାନ ଯୋଗେନ୍ଦ୍ର ସ୍ୱାଇଁ, ବିଡିଓ ଆଶିଷ ତ୍ରିପାଠୀ, ସାଂସଦ ପ୍ରତିନିଧି ସୁରେଶ ପାତ୍ର ଓ ବାବୁଲା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ୯ ଦଫା ଦାବିପତ୍ର ପ୍ରଦାନ କଲା ଆଶାକର୍ମୀ ସଂଘ




ମାଲକାନଗିରି, ୧୮ ।୧୦ (ସମିସ): ରାଜ୍ୟ ଆଶାକର୍ମୀ ସଂଘର ନିଷ୍ପତ୍ତିକ୍ରମେ ମାଲକାନଗିରି ଜିଲ୍ଲା ଆଶାକର୍ମୀ ସଂଘ ପକ୍ଷରୁ ୯ ଦଫା ଦାବି ନେଇ ଏକ ଶୋଭାଯାତ୍ରା କରି ଜିଲ୍ଲାପାଳ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିଗୁଡିକ ମଧ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନକୁ ସ୍ଥାୟୀ କରି ଆଶା କର୍ମୀମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ କରିବା। ସରକାରୀ ମାନ୍ୟତା ମିଳିବା ପର୍ଯ୍ୟନ୍ତ ଆଶା କର୍ମୀମାନଙ୍କୁ ମାସିକ ୧୮ ହଜାର ଟଙ୍କା ପ୍ରଦାନ, ସମସ୍ତ ଆଶାକର୍ମୀଙ୍କୁ ସାମାଜିକ ସୁରକ୍ଷା ଯୋଜନା ଇଏସଆଇ ଓ ଇପିଏଫଓ ଅର୍ନ୍ତଭୂକ୍ତ କରିବା, କାର୍ଯ୍ୟ ସମୟରେ ଦୁର୍ଘଟଣାରେ ମୃତ୍ୟୁ ଘଟିଲେ ପରିବାରକୁ ୧୦ ଲକ୍ଷ ସହାୟତା ରାଶି ପ୍ରଦାନ ପ୍ରଭୃତି ବିଭିନ୍ନ ଦାବି କରାଯାଇଛି। ଏଥିରେ ମାଲକାନଗିରି ଜିଲ୍ଲାର ଅନେକ ଆସା କର୍ମୀ ଉପସ୍ଥିତ ଥିଲେ।




# ହରିଣ ଛୁଆର ମୃତ୍ୟୁ

ବୈପାରୀଗୁଡ଼ା, ୧୮ ।୧୦(ସମିସ): ମୃତ ହରିଣ ଛୁଆକୁ ଜବତ କଲା ବନ ବିଭାଗ। ବୈପାରୀଗୁଡା ସ୍ଥିତ ଗାନ୍ଧୀପୁର ଠାରେ ଏଭଳି ଘଟଣା ଜଣାପଡ଼ିଛି। ସ୍ଥାନୀୟ ବନପାଳ ଲଳିତା ହରିଜନ ମୃତ ହରିଣ ଛୁଆକୁ ବିଧିବଦ୍ଧ ଭାବେ ଗାତ କରି ପୋତି ଦେଇଛନ୍ତି। ସୂଚନା ଅନୁଯାଇ, ହରିଣ ଛୁଆଟି ଗାନ୍ଧୀପୁର ରାସ୍ତା ଦେଇ ଯାଉଥିବା



ବେଳେ ଜଣେ ବ୍ୟକ୍ତିଙ୍କ ଘର ଭିତରକୁ ପଶି ଯାଇଥିଲା। କିନ୍ତୁ ହରିଣ ଛୁଆ ଆହତ ଅବସ୍ଥାରେ ଥିବା ବେଳେ ଘର ମଲିକ ଯତ୍ନ ନେବା ସହ ବନ ବିଭଗକୁ ସୂଚନା ଦେଇଥିଲେ। ବନ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ହରିଣ ଛୁଆକୁ ଉଦ୍ଧାର କରି ପ୍ରାଣୀ ଚିକିତ୍ସାଳୟ ନେବା ସମୟରେ ହରଣ ଛୁଆର ମୃତ୍ୟୁ ଘଟିଛି। କେହି ଦୁର୍ବୃତ୍ତ ମାନେ ହରିଣ ଛୁଆକୁ ଆକ୍ରମଣ କରିଥିବା ନେଇ ସନ୍ଦେହ କରିବା ସହ ତଦନ୍ତ ଆରମ୍ଭ କରିଛି ବନ ବିଭାଗ।



# ଧାନେଶ୍ୱରୀ ପୀଠରେ ବ୍ରହ୍ମ ଏକାକ୍ଷର ମେଳା



ପଟ୍ଟାମୁଣ୍ଡାଇ,୧୮।୧୦(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ଅଳପୁଆ ପଞ୍ଚାୟତ ଧାନେଶ୍ୱରୀ ପୀଠରେ ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ଗାଦି ଓ କଳ୍କି ଅବତାରଙ୍କ ବ୍ରହ୍ମ ଏକାକ୍ଷର ମେଳା ଅନୁଷ୍ଠିତ ହୋଇଯାଇଛି।

ପୀଠାଧୀଶ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ସେବକ ରତିକାନ୍ତ ଧଳ, ଗଗନ ମହାଳିକଙ୍କ ତତ୍ତ୍ୱାବଧାନରେ ଓ ମଧୁସୂଦନ ସାହୁ, କବିତା ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ମେଳାରେ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଓ ଜନସାଧାରଣ ଯୋଗଦେଇ ପୂଜା ପାଠ କରିଥିଲେ। ମେଳାରେ ଶିକ୍ଷାବିତ ବିଚିତ୍ରାନନ୍ଦ ବେହେରା, ନିରଞ୍ଜନ ଧଳ, କିଶୋର ରାଉତ, ସୁକାନ୍ତ ରାଉତ, ଘନଶ୍ୟାମ ମଳିକ, କୁଳମଣି ଧଳ, ସୁବାସ ନାୟକ, ନିରଞ୍ଜନ ନାୟକ, ପଦ୍ମନାଭ ନାୟକ, ନରେନ୍ଦ୍ର ଧଳ ପ୍ରମୁଖ ଯୋଗ ଦେଇଥିଲେ। ପଣ୍ଡିତ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜାର ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ମଧୁସୂଦନ ସାହୁ, କବିତା ସାହୁ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ।

### ବ୍ଲକ୍ ଶିକ୍ଷା ବିଭାଗର ସିଆର୍‌ସିସି ନିଯୋଜନରେ ଅନିୟମିତତା

# ସିଆର୍‌ସିସି ଦାୟିତ୍ୱରେ ଦୀର୍ଘଦିନ ଧରି ଜଣେ ପ୍ରଧାନଶିକ୍ଷକ

ରାଜକନିକା,୧୮।୧୦(ସମିସ)

ସବୁ ଅନିୟମିତତାକୁ ଚାପି ବେନିୟମ କାମକୁ ମନଇଚ୍ଛା ନିୟମରେ ପରିଣତ କରିବା ଧାରା ଦେଖିବାକୁ ମିଳିଛି ରାଜକନିକା ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟରେ। ଜଣେ ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବା ଶିକ୍ଷକ ଏକାବେଳକେ ଦୁଇଟି ପଦବୀରେ ରହିବା ଅଫିସ ଅଫ୍ ପ୍ରଫିଟ ନିୟମକୁ ଉଲ୍ଲଂଘନ କରିଛି। ସମଗ୍ର ଶିକ୍ଷା ଅଭିଯାନ ନିୟମ ମୁତାବକ ବ୍ଲକ୍ ଶିକ୍ଷା ବିଭାଗରେ ଯୋଗ୍ୟ ଶିକ୍ଷକଙ୍କୁ ସ୍କ୍ରିନିଙ୍ଗ କରାଯାଇ ସିଆରସିସି ଭାବେ ନିଯୁକ୍ତ କରାଯାଉଛି। ସିଆରସିସି ଭାବେ ମନୋନୀତ ହୋଇ ନିଯୁକ୍ତ ହେଉଥିବା ଶିକ୍ଷକ ଜଣକ ମୂଳରୁ ନିଯୁକ୍ତି ପାଇଥିବା ବିଦ୍ୟାଳୟରେ ମଧ ନିର୍ଦ୍ଦିଷ୍ଟ ସମୟ ଶିକ୍ଷାଦାନ କରିବା ବିଧି ରହିଛି। ସିଆରସିସିରେ ନିଯୁକ୍ତ ଶିକ୍ଷକ କୌଣସି ବିଦ୍ୟାଳୟର ପ୍ରଧାନଶିକ୍ଷକ ପଦରେ ରହିପାରିବେ ନାହିଁ ବୋଲି ସ୍ପଷ୍ଟ ନିର୍ଦ୍ଦେଶ ରହିଥିବାବେଳେ ରାଜକନିକା ବ୍ଲକ୍

**ବିଇଓ ଅଫିସର ଜାଣତରେ ହେଉଛି ବି ନିୟମ ଉଲ୍ଲଙ୍ଘନ**

ଶିକ୍ଷା ବିଭାଗରେ ଜଣେ ଶିକ୍ଷକ ଦୁଇ ଦୁଇଟି ପଦବୀରେ ବର୍ଷାଧିକ କାଳ ଅନାୟାସରେ ରହିବା ରାଜକନିକା ବିଇଓ ଅଫିସର ଗୁମର ଓ ଭିତିରିକଥାକୁ ପଦାରେ ପକାଇଛି।

ରାଜକନିକା ବ୍ଲକ୍ ଶିକ୍ଷା ବିଭାଗର ସିଦ୍ଧେଶ୍ୱରୀ ନୋଡାଲ କ୍ଲଷ୍ଟରରେ ସିଆରସିସି ଭାବେ ଥିବା କୃଷ୍ଣଚନ୍ଦ୍ର ମଲ୍ଲିକ ଏକ ସମୟରେ ଆଗପଡ଼ା ୟୁପି ସ୍କୁଲର ମଧ ପ୍ରଧାନଶିକ୍ଷକ ଦାୟିତ୍ୱ ତୁଲାଉଛନ୍ତି। ତେବେ ଦିନେ ନୁହେଁ କି ମାସ ନୁହେଁ, ବର୍ଷାଧିକ ସମୟ ଧରି ଜଣେ ଶିକ୍ଷକଙ୍କୁ ଦୁଇ ପଦବୀରେ ରଖି ବିଇଓ, ବିଆରସିସି ଅତ୍ୟନ୍ତ ବେପରୁଆ ଭାବେ ନିୟମକୁ ଦଳି ଦେଉଥିଲେ ବି ଜିଲ୍ଲାସ୍ତରୀୟ ଅଧିକାରୀ ଏହା ଜାଣି ଚୁପ୍ ରହିଛନ୍ତି। ଉଭୟ ଦାୟିତ୍ୱରେ ଥିବା ରହି ଶିକ୍ଷକ ଜଣକ ଉଭୟ ବିଦ୍ୟାଳୟ ପାଇଁ ଆସୁଥିବା ଲକ୍ଷ ଲକ୍ଷ ଟଙ୍କାର ବିବିଧ ଅନୁଦାନର ନିର୍ମାଣ କାମ ମଧ ନିଜେ ଠିକା ଭାବେ କରିବା ନେଇ ଅଭିଭାବକ ଅସନ୍ତୋଷ ପ୍ରକାଶ କରୁଥିଲେ ହେଁ ସେ ବିଭାଗୀୟ କାମ ଆଳରେ ନିଜକୁ ସୁରକ୍ଷିତ ଭାବେ ରଖି ଉଭୟ ପଦର ସୁବିଧା ସାଉଁଟିବା ସହ ବିଇଓଙ୍କ ସାମଗ୍ରିକ ନିରବତା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଏ ସମ୍ପର୍କରେ ରାଜକନିକା ବିଇଓ କାର୍ଯ୍ୟାଳୟର ବିଆରସିସିଙ୍କ ପ୍ରତିକ୍ରିୟା ଜାଣିବାକୁ ତାଙ୍କ ମୋବାଇଲକୁ ଫୋନ କରିଥିଲେ ହେଁ ସେ କୌଣସି ଉତ୍ତର ଦେଇ ନ ଥିଲେ। ରାଜକନିକା ବ୍ଲକ୍ ଶିକ୍ଷା ବିଭାଗର ସନ୍ଦେହଜନକ ଭିତିରିଆ ସମର୍ଥନ ଓ ଲାଭଖୋର ମନୋବୃତ୍ତିରୁ ଜଣେ ଶିକ୍ଷକ ଦୁଇ ଦୁଇ ପଦରେ ରହିବା ଭଳି ବେଆଇନ କାର୍ଯ୍ୟକୁ ଜିଲ୍ଲା ପ୍ରକଳ୍ପ ସଂଯୋଜକ ଓ ଜିଲ୍ଲା ଶିକ୍ଷାଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏଭଳି ଦାୟିତ୍ୱହୀନ କାରବାର ବନ୍ଦ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବିଦାୟୀ ସିଆର୍‌ସିସିଙ୍କୁ ସମ୍ବର୍ଦ୍ଧନା



ରାଜନଗର,୧୮।୧୦(ସମିସ): ରାଜନଗର ବ୍ଲକ୍ ଅନ୍ତର୍ଗତ ଚାନ୍ଦିବାଉଶମୂଳ ପଞ୍ଚାୟତର ଜରିମୂଳ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ଗତକାଲି ବିଦାୟୀ ସିଆରସିସି ଅମର କୁମାର ବେହୁରାଙ୍କୁ "ଆଦର୍ଶ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସମ୍ମାନ' ପ୍ରଦାନ କରାଯାଇଛି। ଅବସରପ୍ରାପ୍ତ ଶିକ୍ଷକ ରଙ୍ଗାଧର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଭାବେ ଆଇନଜୀବୀ ଧୀରେନ୍ଦ୍ର ନାଥ ସାହୁ, ବରେଣ୍ୟ ଅତିଥି ଭାବେ ଶିକ୍ଷକ ନେତା ସୀତାକାନ୍ତ ରାଉଳ, ସମ୍ମାନିତ ଅତିଥି ଭାବେ ଦକ୍ଷିଣଭେଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବୈଜୟନ୍ତୀ ରାଉତରାୟ, ଢୋଲମରା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରତିମା ବରାଳ, ସହକାରୀ ଶିକ୍ଷକ ଅନିରୁଦ୍ଧ ପଡିହାରୀ ଓ ପଣ୍ଡିତ ସନ୍ତୋଷ ଶତପଥୀ ପ୍ରମୁଖ ଉପସ୍ଥିତ ରହି ବିଦାୟୀ ସିଆରସିସି ଅମର ସାର୍ ଜଣେ ଆଦର୍ଶ, ସମୟାନୁବର୍ତ୍ତୀ ଓ ଅମାୟିକ ବ୍ୟକ୍ତିତ୍ୱ ଥିଲେ ବୋଲି କହିବା ସହିତ ତାଙ୍କୁ ଏ କ୍ଲଷ୍ଟର୍ କେବେବି ଭୁଲି ପାରିବ ନାହିଁ ବୋଲି କହିଥିଲେ। ଏଥିରେ କ୍ଲଷ୍ଟର୍ ଶିକ୍ଷକ ତାପସ ମଣ୍ଡଳ, ଭରତ ଚନ୍ଦ୍ର ବେହେରା, ସୁଶ୍ରୀସଙ୍ଗୀତା ପାତ୍ର, ପୁଷ୍ପାଞ୍ଜଳି ସେଠୀ, ସନ୍ଧ୍ୟାରାଣୀ ସ୍ୱାଇଁ, ନମିତା ପ୍ରଧାନ ଓ ପାଚିକା ମମତା ବରାଳ, ଗୀତାଞ୍ଜଳି ରାଉତ ଉପସ୍ଥିତ ଥିଲେ। ସାମାଜିକ କର୍ମୀ ସୁଶ୍ରୀକାନ୍ତ ପରିଡା ଅତିଥି ପରିଚୟ ଓ ଜରିମୂଳ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଆଶାଲତା ରାଉତ ଧନ୍ୟବାଦ ଦେଇଥିଲେ।

# ଜମ୍ବୁ ମାର୍କେଟ ବାରଣ୍ଡାରେ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

ମହାକାଳପଡ଼ା,୧୮।୧୦(ସମିସ): ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ଜମ୍ବୁ ବଜାରର ଗ୍ରାମୀଣ ମାର୍କେଟ କମ୍ପ୍ଲେକ୍ସ ବାରଣ୍ଡାରେ ଜଣେ ବୃଦ୍ଧାଙ୍କ ମୃତଦେହକୁ ଜମ୍ବୁ ପୁଲିସ ଉଦ୍ଧାର କରିଛି। ବୃଦ୍ଧା ଜଣକ ଜମ୍ବୁ ବଜାରରେ ଭିକ୍ଷା କରି ରହୁଥିଲେ। କିଛିଦିନ ହେବ ଅସୁସ୍ଥ ହୋଇ ମାର୍କେଟ କମ୍ପ୍ଲେକ୍ସ ବାରଣ୍ଡାରେ ଶୋଇ ରହୁଥିଲେ। ଶୁକ୍ରବାର ସନ୍ଧ୍ୟାରେ ମୃତ୍ୟୁ ହୋଇଯାଇଥିବା ସ୍ଥାନୀୟ ଲୋକେ ଜାଣି ପୁଲିସକୁ ଖବର ଦେଇଥିଲେ। ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ସୌମ୍ୟରଞ୍ଜନ ବିଶ୍ୱାଳ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ହସ୍ପିଟାଲକୁ ପଠାଇଥିବା ଜଣାପଡିଛି।

# ରାଜକନିକା ବ୍ଲକ୍‌ରେ ଜିଲ୍ଲାପାଳଙ୍କ ସମୀକ୍ଷା ବୈଠକ

ରାଜକନିକା,୧୮।୧୦(ସମିସ): ଆଜି ରାଜକନିକା ବ୍ଲକ୍ ପରିସରରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଦ୍ୱାରା ବ୍ଲକ୍ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଛି। ଆଶାନୁରୂପକ ଅଗ୍ରଗତି ହୋଇ ନ ଥିବାରୁ କର୍ମଚାରୀ ଓ ଅଧିକାରୀ ଅଧିକ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଚେତାବନୀ ଦେଇଥିବାବେଳେ ରାଜକନିକା ବ୍ଲକର ସାମୂହିକ ଉନ୍ନୟନ କାର୍ଯ୍ୟ ସବୁଠୁ ନିମ୍ନରେ ଥିବାରୁ ଏହାର ଅଗ୍ରଗତି ପାଇଁ ସେ ଆହ୍ୱାନ ଦେଇଛନ୍ତି।

# ହରିଅଙ୍କରେ 'ଆମ ଗାଁରେ ତହସିଲ କାର୍ଯ୍ୟାଳୟ' କାର୍ଯ୍ୟକ୍ରମ



ଡେରାବିଶ,୧୮।୧୦(ସମିସ): ଡେରାବିଶ ବ୍ଲକ୍ ଅନ୍ତର୍ଗତ ହରିଅଙ୍କ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ 'ଆମ ଗାଁରେ ତହସିଲ କାର୍ଯ୍ୟାଳୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ତହସିଲ ପ୍ରଶାସନ ଗ୍ରାମାଞ୍ଚଳରେ ପହଞ୍ଚି ତହସିଲର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଇଛନ୍ତି। ସରପଞ୍ଚ କନକଲତା ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡେରାବିଶ ତହସିଲଦାର ସରୋଜ ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସମାଜସେବୀ ସୁଖଦାନନ୍ଦ ପ୍ରଧାନ, ଅତିରିକ୍ତ ତହସିଲଦାର ଭାସ୍କର ବେହେରା, ରାଜସ୍ୱ ପରିଦର୍ଶକ ମାନସ ରଞ୍ଜନ ନାଥ ଓ ହରିଅଙ୍କ ରାଜସ୍ୱ ନିରୀକ୍ଷକ ପ୍ରକାଶ କୁମାର ଉପସ୍ଥିତ ରହି ହରିଅଙ୍କ ରାଜସ୍ୱ ସର୍କଲ ଅନ୍ତର୍ଗତ ୩୦୫ ଜଣ ହିତାଧିକାରୀଙ୍କୁ ୱାରସ ସଂଶୋଧନ ହୋଇଥିବା ପଟ୍ଟା ବଣ୍ଟନ କରିଥିଲେ। ଏଥିସହ ୫ ଜଣଙ୍କୁ ବନ୍ଦୋବସ୍ତ ପଟ୍ଟା, ୭ ଜଣ ହିତାଧିକାରୀଙ୍କ ଜମିର କିସମ ପରିବର୍ତ୍ତନ, ଜଣେ ହିତାଧିକାରୀଙ୍କ ଜମି ଭାଗବଣ୍ଟା ଓ ତତ୍କାଳ ଭାବେ ୫ ଜଣଙ୍କ ବାସସ୍ଥାନ, ୨୧ ଜଣଙ୍କୁ ଜାତିଗତ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜସ୍ୱ ସର୍କଲ ଅଧୀନ ବହୁ ବ୍ୟକ୍ତି ସେମାନଙ୍କୁ ପୂର୍ବରୁ ମିଳିଥିବା ପଟ୍ଟା ସଂଶୋଧନ, ବିଭିନ୍ନ ଜମିବାଡ଼ି ବିବାଦର ସମାଧାନ ଇତ୍ୟାଦି ନିମନ୍ତେ ଆବେଦନ କରିଥିଲେ।

ତହସିଲଦାର ଶ୍ରୀ ନାୟକ ଏମାନଙ୍କ ଅଭିଯୋଗର ତ୍ୱରିତ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେବା ସହ କିଛି ଅଭିଯୋଗର ତୁରନ୍ତ ସମାଧାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ବିଶ୍ୱବିଜୟ ପରିଡ଼ା, ବିଜୟଲକ୍ଷ୍ମୀ ପଲେଇ, ଇପ୍‌ସିତା ପରିଜା, ଲକ୍ଷ୍ମୀପ୍ରିୟା ପରିଡ଼ା ପ୍ରମୁଖ ରାଜସ୍ୱ ନିରୀକ୍ଷକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଯୋରରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ



ରାଜକନିକା,୧୮।୧୦(ସମିସ): ଗତକାଲି ପଞ୍ଚାୟତରୁ ଭତ୍ତା ନେଇ ଘରକୁ ଆସିଲେ। ଗାଧୋଇବା ପାଇଁ ଯୋରକୁ ଯାଇଥିଲେ। ସେଠାରୁ ଫେରିଲେ ନାହିଁ। ଘର ଲୋକ ବହୁ ଖୋଜାଖୋଜି କରିବା ପରେ ଆଜି ଯୋରରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଛି। ଏମିତି ଏକ ଦୁଃଖଦ ଘଟଣା ଘଟିଛି ଭାରିଗଦା ଗ୍ରାମରେ। ଏହି ଗ୍ରାମର କୈଳାସ ମଲ୍ଲିକ (୬୫) ଗତକାଲି ପଞ୍ଚାୟତ ଅଫିସରୁ ଭତ୍ତା ଆଣି ଘରେ ଦେବା ପରେ ଅପରାହ୍ନ ୧୨.୩୫ ମିନିଟ୍ ସମୟରେ ଘର ନିକଟ ଗଣେଶ ଯୋରକୁ ଗାଧୋଇବାକୁ ଯାଇ ସେଠାରେ ବୁଡ଼ିଯାଇଥିଲେ। ଆଜି ତାଙ୍କ ମୃତଦେହ ସେଠାରୁ ଉଦ୍ଧାର ହୋଇଛି। ଅଗ୍ନିଶମ ବାହିନୀ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ହୋଇ ଆସିବା ପରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ



ଆଳି, ୧୮।୧୦(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ଅନ୍ତର୍ଗତ ବଡ଼ାମ୍ବିକା ଗ୍ରାମ ପଞ୍ଚାୟତସ୍ଥ କେଶବାନନ୍ଦ ବାଳିକା ବିଦ୍ୟାପୀଠରେ ନୂଆଗାଁ ବେସିକ ସ୍କୁଲ ଆଞ୍ଚଳିକ ସାଧନ କେନ୍ଦ୍ର ଆନୁକୂଲ୍ୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେଶବାନନ୍ଦ ବାଳିକା ବିଦ୍ୟାପୀଠର ପ୍ରଧାନଶିକ୍ଷୟିତ୍ରୀ ସବିତା ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଆଳି କଲେଜ ଅଧକ୍ଷ ଅର୍ଜୁନ ଚରଣ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ପ୍ରଭାତ ଦାସ, ସମାଜସେବୀ ବିଜୟ ମହୀ ଓ ସର୍ବକନିଷ୍ଠ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜିକା ଭାଗ୍ୟବତୀ ସାହୁ ଯୋଗ ଦେଇଥିଲେ। ଶିକ୍ଷକ ଗୟାଧର ରଥ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। କନିଷ୍ଠ ଓ ବରିଷ୍ଠ ବର୍ଗରେ ୯ଟି ବିଦ୍ୟାଳୟରୁ ମୋଟ ୧୩୫ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ପ୍ରବନ୍ଧ ଲିଖନ, କୁଇଜ, ତର୍କ ପ୍ରତିଯୋଗିତା, ସୃଜନଶୀଳ ଲିଖନ, ହସ୍ତାକ୍ଷର ଲିଖନ, ଚିତ୍ରାଙ୍କନ, ସଂଗୀତ, ସାଂସ୍କୃତିକ କାର୍ଯ୍ୟକ୍ରମ, ମଧ୍ୟାହ୍ନଭୋଜନ ବିଭାଗର ଚିତ୍ରକଳା, ଚିତ୍ରଶିଳ୍ପ ଆଦି ବିଭାଗରେ ପ୍ରତିଯୋଗିତା କରାଯାଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସୁରଭି କାର୍ଯ୍ୟକ୍ରମକୁ ଅକ୍ଷୟ ଦାସ, ଶଶୀଭୂଷଣ ଦାଶ, ବୀରେନ୍ଦ୍ର ଦାଶ, ସୁରଚିତା ଜେନା, ବିଶ୍ୱରଞ୍ଜନ ରାଉତ ଓ ଗୋବିନ୍ଦ ଚନ୍ଦ୍ର ନନ୍ଦ ପ୍ରମୁଖ ପରିଚାଳନା କରିଥିଲେ। ଅପରାହ୍ନରେ ପୁରସ୍କାର ବିତରଣୀ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ଆଳି ବ୍ଲକ ମଣ୍ଡଳ ଶିକ୍ଷାଧିକାରୀ ସଞ୍ଜୀବ କୁମାର ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ଛାତ୍ରଛାତ୍ରୀଙ୍କ ପୁରସ୍କାର ପ୍ରଦାନ କରିଥିଲେ। ମହାଦେବ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଆଳି ବ୍ଲକ୍‌ରେ ଆଳି ବ୍ଲକ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀ ବାରିକଙ୍କ ତତ୍ତ୍ୱାବଧାନରେ ସାନମଙ୍ଗ ଓ ପାଳିମୀ ଆଞ୍ଚଳିକ ସାଧନ କେନ୍ଦ୍ରରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଥିଲା।

### ସଚେତନ ନାଗରିକ ମଞ୍ଚର ସମ୍ବର୍ଦ୍ଧନା ଓ ସାରସ୍ୱତ ମିଳନ ଉତ୍ସବ

# ଉଲ୍ଲେଖନୀୟ ସେବା ପାଇଁ ଆଇଆଇସିଙ୍କୁ ସୁକନ୍ୟା ସମ୍ମାନ

ପଟ୍ଟାମୁଣ୍ଡାଇ,୧୮।୧୦(ସମିସ)



ପଟ୍ଟାମୁଣ୍ଡାଇ ସଚେତନ ନାଗରିକ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା ପର୍ବ ଓ ସାରସ୍ୱତ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଦୁର୍ଯ୍ୟୋଧନ ପରିଡ଼ାଙ୍କ ପୌରୋହିତ୍ୟ ଓ କବି ବରିଷ୍ଠ ସାମ୍ବାଦିକ ଅନୀଲ ଚୌଧୁରୀଙ୍କ ସଞ୍ଚାଳନରେ ସ୍ଥାନୀୟ ମଙ୍ଗଳା ମଣ୍ଡପରେ ଆୟୋଜିତ ବର୍ଣ୍ଣାଢ଼୍ୟ ଉତ୍ସବକୁ ପଟ୍ଟାମୁଣ୍ଡାଇ କଲେଜ ଅଧକ୍ଷ ପ୍ରଫେସର ଉମାକାନ୍ତ ପାତ୍ର ଉଦ୍‌ଘାଟନ କରିଥିଲେ। ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲ୍ଲୀପ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ମଣିଷ ଜୀବନରେ ଲକ୍ଷ୍ୟ ରଖି ନିର୍ଦ୍ଧାରିତ ମାର୍ଗରେ ସାଧନା ଜାରି ରଖିଲେ ଆକାଂକ୍ଷିତ ସ୍ଥାନରେ ପହଞ୍ଚିବା ସହିତ ଗୌରବର ଅଧିକାରୀ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏଥିସହ ପ୍ରତ୍ୟେକ ମଣିଷ ସାମାଜିକ ପରିବର୍ତ୍ତନର ସ୍ୱର ପାଲଟିବା ଆବଶ୍ୟକ ବୋଲି କହିଥିଲେ। ଏହି ଉତ୍ସବରେ ପ୍ରକୃତିବନ୍ଧୁ କବି ଡା ମନୋରଞ୍ଜନ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାଂପ୍ରତିକ ସମୟରେ ସାମାଜିକ ବିଧି ବ୍ୟବସ୍ଥାର ଅବନତି ଘଟି ଚାଲିଥିବାରୁ ସାମାଜିକ କ୍ଷେତ୍ରରେ ପରିବର୍ତ୍ତନର ଆବଶ୍ୟକତା ରହିଛି। ଏଥିପାଇଁ ପ୍ରତ୍ୟେକ ମଣିଷ ସାମାଜିକ ପରିବର୍ତ୍ତନର ସ୍ୱର ପାଲଟିବା ପାଇଁ ମୁଖ୍ୟବକ୍ତା ଶ୍ରୀ ଦାଶ ଆହ୍ୱାନ ଦେଇଥିଲେ। ଉତ୍ସବର ଉଦଘାଟକ ପ୍ରଫେସର ଉମାକାନ୍ତ ପାତ୍ର ପଟ୍ଟାମୁଣ୍ଡାଇ ସଚେତନ ନାଗରିକ ମଞ୍ଚର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିବା ସହିତ ପୂଜ୍ୟପୂଜା ପରମ୍ପରା ସୃଷ୍ଟି କରିଥିବାରୁ ସଂଗଠନର କର୍ମକର୍ତ୍ତା ଓ ସଭ୍ୟଙ୍କୁ ସାଧୁବାଦ ଜଣାଇଥିଲେ।

ଏହି ଉତ୍ସବରେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ନାଟ୍ୟକାର ପ୍ରାଧାପକ ଗୋଲେକ ମହାରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପଟ୍ଟାମୁଣ୍ଡାଇରେ ସୁପୁଲିସ ସେବା ଯୋଗାଇ ଦେଇ ଆସୁଥିବା ଜଣେ ମହିଳା ପୁଲିସ ଅଧିକାରିଣୀଙ୍କୁ ସମ୍ବର୍ଦ୍ଧିତ କରାଯାଉଥିବାରୁ ମାତୃ ଜାତି ପ୍ରତି ସର୍ବଶ୍ରେଷ୍ଠ ସମ୍ମାନ ପ୍ରଦର୍ଶନ କରିଥିବା ପଟ୍ଟାମୁଣ୍ଡାଇ ସଚେତନ ନାଗରିକ ମଞ୍ଚକୁ କୃତଜ୍ଞତା ଜଣାଇଥିଲେ। ସଂଗଠନର ଆବାହକ ବୟୋଜ୍ୟେଷ୍ଠ ଶିକ୍ଷକ ନେତା ବିଜୟ କୁମାର ସାହୁ ଉତ୍ସବର ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ବରିଷ୍ଠ ସମାଜ ସେବୀ ପ୍ରମୋଦ କୁମାର ସାହୁ ଅତିଥି ପରିଚୟ ପ୍ରଦାନ, ପ୍ରଧାନ ଶିକ୍ଷୟିତ୍ରୀ କବୟିତ୍ରୀ ଆରାଧନା ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଓଡ଼ିଶାର ଅନ୍ୟତମ ପ୍ରଖ୍ୟାତ ସଙ୍ଗୀତ ଗୁରୁ ରବୀନ୍ଦ୍ରନାଥ ମିଶ୍ର ଆବାହନୀ ସଙ୍ଗୀତ ପରିବେଷଣ କରିଥିବାବେଳେ ବିଶିଷ୍ଟ କଣ୍ଠଶିଳ୍ପୀ ଜ୍ଞାନରଞ୍ଜନ ପରିଡ଼ା ଓ ବିଶିଷ୍ଟ ତବଲା ବାଦକ କୃପାସିନ୍ଧୁ ନାୟକ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ଏ ଅବସରରେ କବୟିତ୍ରୀ ଚାରୁଲତା ଭୂୟାଁ ଓ କବୟିତ୍ରୀ ଆରାଧନା ଦାଶଙ୍କ ସଂଯୋଜନାରେ 'ନାରୀ' ଶୀର୍ଷକ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରକୃତି ବନ୍ଧୁ ଅନ୍ତର୍ଯ୍ୟାମୀ ବେଜ, ରାମକୃଷ୍ଣ ଦାଶ, ବ୍ରଜବନ୍ଧୁ ଦାଶ, ବ୍ରଜସୁନ୍ଦର ସାହୁ, ଗୌରାଙ୍ଗ ମହାନ୍ତି, ତ୍ରିଲୋଚନ ଜେନା, ଶୈଳବାଳା ନନ୍ଦ, ପ୍ରସନ୍ନ ବେଉରା, ସଚିତ୍ର ବେହୁରା, କୁଳମଣି ରାଉତ, ପ୍ରମୋଦ ନାୟକ, ଦେବାଶିଷ ପ୍ରଧାନ, ବିନୋଦ ବିହାରୀ ଦାସ, ଅର୍ଜୁନ ସ୍ୱାଇଁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥଲେ।

ସମ୍ବର୍ଦ୍ଧନା ପର୍ବରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ଶ୍ରୀମତୀ ବନ୍ଦନା ପାତ୍ରଙ୍କୁ ତାଙ୍କର କାର୍ଯ୍ୟଦକ୍ଷତା, ସୁପୁଲିସ ସେବା ଯୋଗାଇବା, ସର୍ବୋପରି ଆଇନଶୃଙ୍ଖଳା ବ୍ୟବସ୍ଥାରେ ସୁଧାର ଆଣିବା ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ପଟ୍ଟାମୁଣ୍ଡାଇର ସର୍ବୋଚ୍ଚ ସୁକନ୍ୟା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ବରିଷ୍ଠ ଶିକ୍ଷାବିତ୍ କଣ୍ଡୁରି ଚରଣ ସ୍ୱାଇଁ, ସୁରେଶ ଜେନା, ପୂର୍ବତନ ବ୍ଲକ ଅଧକ୍ଷ ନିଶିକାନ୍ତ ପ୍ରଧାନ, ଥାନପତି ରବୀନ୍ଦ୍ର ସାହୁ, ପଟ୍ଟାମୁଣ୍ଡାଇ ବାର୍ ଆସୋସିଏସନର ପୂର୍ବତନ ସଭାପତି ତପନ କୁମାର ମିଶ୍ର, ବରିଷ୍ଠ ଯୁବନେତା ମିଟୁ ମନୋଜ ନାୟକ, ସଞ୍ଜୟ କୁମାର ସ୍ୱାଇଁ, ସେକ ସରାତୁଲ୍ଲା, ସେକ ଜାକିର ହୁସେନ, ସେକ ହାପିତୁଲ୍ଲା, ସେକ କୁନା, ଆଡଭୋକେଟ ପ୍ରମୋଦ ସାହୁ ପ୍ରମୁଖ ବହୁ ବରିଷ୍ଠ ବ୍ୟକ୍ତି ଯୋଗ ଦେଇଥିଲେ। ଏହି ଉତ୍ସବକୁ ଆଡଭୋକେଟ ଅଶ୍ୱିନୀ କୁମାର ଚୌଧୁରୀ, ଆଡଭୋକେଟ ଶିଶିର ମଳିକ, ଯୋଗେଶ ବେହେରା, ଜ୍ୟୋତିପ୍ରକାଶ ପ୍ରଧାନ, ଭାନୁପ୍ରତାପ ଦାସ, ଦଳିତ ନେତା ରଞ୍ଜିତ ମଳିକ, ଗୌରହରି ବିଶ୍ୱାଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସାମ୍ବାଦିକ ଉପେନ୍ଦ୍ର କୁମାର ନାୟକ ଧନ୍ୟବାଦ ଦେଇଥିଲେ।

# ଅଗ୍ନିବିପନ୍ନଙ୍କୁ ସ୍ୱେଚ୍ଛାସେବୀ ସଂଗଠନର ସହାୟତା



ମହାକାଳପଡ଼ା,୧୮।୧୦(ସମିସ): ମହାକାଳପଡ଼ା ବ୍ଲକ ସୁନିତୀ ପଞ୍ଚାୟତ ସୁଗଳ ଗ୍ରାମର ଅଗ୍ନିବିପନ୍ନ ତାରାପଦ ମଣ୍ଡଳଙ୍କ ପରିବାରକୁ ସ୍ୱେଚ୍ଛାସେବୀ ସଂଗଠନ ସଦାଶିବ ଫାଉଣ୍ଡେସନ ପକ୍ଷରୁ ଶନିବାର ସହାୟତା ପ୍ରଦାନ କରାଯାଇଛି। ଗତ ଗୁରବାର ଦିନ ଗ୍ୟାସଟାଙ୍କି ଫାଟି ଅଗ୍ନିକାଣ୍ଡ ଘଟି ତାରାପଦ ମଣ୍ଡଳଙ୍କ ଘର ସମ୍ପୂର୍ଣ୍ଣ ଜଳିଯାଇଥିଲା। ବିପନ୍ନ ପରିବାରକୁ ବାରଡାଙ୍ଗ ପଞ୍ଚାୟତର ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ରାସନ ସାମଗ୍ରୀ, ନୂତନ ବସ୍ତ୍ର, ରୋଷେଇ ସାମଗ୍ରୀ ଓ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସଂଗଠନର ସଦସ୍ୟ ଗୌତମ ସାମଲ, ମନୋରଞ୍ଜନ ସାମଲ, ରଶ୍ମିରଞ୍ଜନ ସାମଲ, ବାବୁରାମ ସ୍ୱାଇଁ, ବିଶ୍ୱନାଥ ପଲାଇ, ରାଜେଶ ସ୍ୱାଇଁ, ନିରଞ୍ଜନ ରାଉତ, ପ୍ରଶାନ୍ତ ସ୍ୱାଇଁ, ପ୍ରିୟରଞ୍ଜନ ସ୍ୱାଇଁ, ବିକ୍ରମ ବାରିକ, ଶଙ୍କର ଦାସ, ବିକ୍ରମ ପାତ୍ର, ଦେବାଶିଷ ବାରିକ, ଶଳେନ୍ଦ୍ର ରାଉତ ପ୍ରମୁଖ ସୁଗଳ ଗ୍ରାମକୁ ଯାଇ ବିପନ୍ନ ପରିବାରକୁ ସହାୟତା ପ୍ରଦାନ କରିଥିଲେ।

## 'ପ୍ରତ୍ୟୁଷ'ର ପ୍ରତାରଣା, ହନ୍ତସନ୍ତ ଭୁବନବାସୀ

# କାଉନସିଲ ବୈଠକରେ ଗର୍ଜିଲେ ପାରିଷଦ


ଭୁବନ,୧୮ ।୧୦(ସମିସ)




ସଫେଇ ସଂସ୍ଥା ପ୍ରତ୍ୟୁଷର ପ୍ରତାରଣାରେ ହନ୍ତସନ୍ତ ଭୁବନବାସୀ। ଏହା କୌଣସି ସିନେମାର ସଂଳାପ ନୁହେଁ, ବରଂ ଭୁବନ ଏନ୍ଏସିର ୧୩ତମ ସାଧାରଣ ବୈଠକରେ ଉପସ୍ଥିତ ଜନପ୍ରତିନିଧିଙ୍କ ସମ୍ମିଳିତ ସ୍ୱର। ଅଗଷ୍ଟ ୧ରୁ ଭୁବନ ଏନଏସି ପାଇଁ ସଫେଇ କାର୍ଯ୍ୟରେ ନିୟୋଜିତ ରହିଛି ଠିକା ସଂସ୍ଥା ପ୍ରତ୍ୟୁଷ। ଶୁଭାରମ୍ଭ ଦିନ ଭାଷଣବାଜି ଓ ପ୍ରତିଶ୍ରୁତିରେ ପୋତି ପକାଇଥିଲେ ସଂସ୍ଥାର ସୁପରଭାଇଜର ସତ୍ୟଜିତ। ମାତ୍ର ମାସ କେଇଟା ଯାଇନି, ପ୍ରତ୍ୟୁଷର ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି। ୧୩ତମ କାଉନସିଲ ବୈଠକରେ ଏ ନେଇ ଗର୍ଜିଛନ୍ତି ପାରିଷଦ। ବିଧାୟକ ଶତ୍ରୁଘ୍ନ ଜେନା ବି ଅସନ୍ତୋଷ ପ୍ରକାଶ କରିଛନ୍ତି। ଚୁକ୍ତିନାମା ରଦ୍ଦ ପାଇଁ ବୈଠକରେ ପ୍ରସ୍ତାବ ରହିଛି।

ସଂସ୍ଥା ପକ୍ଷରୁ ୬୫ଜଣ ସଫେଇ କର୍ମଚାରୀ ନିଯୁକ୍ତି ଦିଆଯିବା ସହ ଓଦା ଶୁଖିଲା ଆବର୍ଜନାକୁ ଅଲଗା ସଂଗ୍ରହ କରି ଖତ ତିଆରି ପ୍ଲାଣ୍ଟକୁ ପଠାଇବା କଥା। କିନ୍ତୁ ସଂସ୍ଥା ଅଳ୍ପ ସଂଖ୍ୟକ ସଫେଇ କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରୁଥିବାରୁ ଉପଯୁକ୍ତ ସେବା ଯୋଗାଇ ପାରୁନି। ଏପରି ହେଲା ଯେ ମୁଖ୍ୟମନ୍ତ୍ରୀଙ୍କ ଗ୍ରସ୍ତ ସମୟରେ କୁଢ଼ କୁଢ଼ ଅଳିଆ ପଡ଼ିରହିଲା। କାମାକ୍ଷାନଗରରୁ ୨୦ଜଣ ସଫେଇ କର୍ମଚାରୀ ଆସି ସହର ସଫା କରିଥିଲେ। ଶନିବାର କାଉନସିଲ ବୈଠକରେ ଅଧ୍ୟକ୍ଷତା କରିଥିଲେ ଉପାଧ୍ୟକ୍ଷା ମାନିନୀ ସାହୁ। ଚୁକ୍ତି ଅନୁଯାୟୀ ସଫେଇ କର୍ମଚାରୀ କାର୍ଯ୍ୟ କରୁନାହାନ୍ତି। ବିଶେଷ କରି ଦଶହରା ଓ ଲକ୍ଷ୍ମୀପୂଜାରେ କୁଢ଼ କୁଢ଼ ଅଳିଆ ପଡ଼ିରହିଲା। ପ୍ରତ୍ୟୁଷ ସଫେଇ ସଂସ୍ଥା ଅଗଷ୍ଟ ୧ରୁ କାର୍ଯ୍ୟ ଆରମ୍ଭ କରିଛି। ୧ ବର୍ଷ ପାଇଁ ଚୁକ୍ତିବଦ୍ଧ ରହିଛି। ଚୁକ୍ତି ଅନୁଯାୟୀ କାର୍ଯ୍ୟ ନ ହେବାରୁ ପାରିଷଦ ବୈଠକରେ ହୋହଲ୍ଲା କରିଥିଲେ। ବିଧାୟକଙ୍କୁ ଅଭିଯୋଗ ମଧ୍ୟ କଲେ। ପ୍ରଥମେ କାରଣ ଦର୍ଶାଅ ନୋଟିସ ପରେ ଚୁକ୍ତିନାମା ରଦ୍ଦ ପାଇଁ ପଦକ୍ଷେପ ନିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିବା କହିଛନ୍ତି ନିର୍ବାହୀ ଅଧିକାରୀ ପ୍ରଦତ୍ତ କୁମାର ସାହୁ। ଏ ନେଇ ବିଧାୟକ ଶତ୍ରୁଘ୍ନ ଜେନା କୁହନ୍ତି, ଜନତାଙ୍କୁ ସର୍ବନିମ୍ନ ସେବା ଯୋଗାଇବାରେ ବିଫଳ ହେବା ବିଷୟରେ କାଉନସିଲର ଅଭିଯୋଗ କରିଛନ୍ତି। ଯିଏ କାମ ନ କରିବ ତା' ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ବୈଠକରେ ୯ନଂ ୱାର୍ଡ କାଉନସିଲର ପପୁ କୁମାର ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## 'ଯୋରନ୍ଦା ମହିମାଗାଦିରେ ଥିବା ୧୨ କ୍ୱିଣ୍ଟାଲ ଓଜନର ଘଣ୍ଟିକୁ ସଚଳ କରାଯାଉ'



ଢେଙ୍କାନାଳ,୧୮ ।୧୦(ସମିସ): ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମହିମାଗାଦିରେ ବଳ୍କଳଧାରୀ ମହିମା ସମାଜ ଆନୁକୂଲ୍ୟରେ ୨୦୦୭ରେ ୫ଲକ୍ଷ ଟଙ୍କା ବ୍ୟୟରେ କଂସା ଓ ପିତଳ ମିଶ୍ରିତ ୧୨ କ୍ୱିଣ୍ଟାଲ୍ ଓଜନର ବୃହତ ଘଣ୍ଟି ଶୂନ୍ୟ ମନ୍ଦିର ପୂର୍ବଦିଗ ଐଶାନ୍ୟ କୋଣରେ ଲଗାଯାଇଥିଲା। ମାତ୍ର ସେହି ଘଣ୍ଟିରୁ ଆବଶ୍ୟକ ନାଦ ଉତ୍ପନ୍ନ ନ ହେବାରୁ ତାହା ଏଯାବତ ଅଚଳ ଓ ଅବ୍ୟବହୃତ ହୋଇ ପଡ଼ିରହିଛି। ଘଣ୍ଟିକୁ ସ୍ଥାପନ କରିବା ପାଇଁ ସ୍ୱତନ୍ତ୍ର ଲୌହ ଫ୍ରେମର ବ୍ୟବସ୍ଥା କରାଯାଇ କ୍ରେନ ବ୍ୟବହାର କରାଯାଇଥିଲା। ତେବେ ଧାତୁ ବିଜ୍ଞାନୀଙ୍କ ସହଯୋଗରେ ଘଣ୍ଟିରୁ ନାଦ ଉତ୍ପନ୍ନ କରାଯିବା ଦିଗରେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଢେଙ୍କାନାଳ ଜିଲ୍ଲା ସକ୍ରିୟ ନାଗରିକ ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ, ସମ୍ପାଦକ ଅଶୋକ କୁମାର ନନ୍ଦ, ସଭ୍ୟ ଜୟକୃଷ୍ଣ ଜେନା, ବିଜୟ କୁମାର ସାହୁ, ଆବାହକ କୃଷ୍ଣଚନ୍ଦ୍ର ଦ୍ୱିବେଦୀ, କ୍ଷେତ୍ରବାସୀ ସାହୁ, ସୁଶୀଲ ରାଉତ ପ୍ରମୁଖ ଅନୁରୋଧ କରିଛନ୍ତି। ମହିମାଗାଦି ଯୋରନ୍ଦାର ପ୍ରସିଦ୍ଧ ମାଘମେଳା ଆଉ ସାଢ଼େ ତିନିମାସ ରହିଛି। ମାଘମେଳା ପୂର୍ବରୁ ଘଣ୍ଟିକୁ କାର୍ଯ୍ୟକ୍ଷମ କରାଯିବା ନିତ୍ୟାନ୍ତ ଜରୁରୀ ବୋଲି ପରିଷଦର ସଭାପତି ରଥ ମତପ୍ରକାଶ କରିଛନ୍ତି।

# ଆଶାକର୍ମୀ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ




ଢେଙ୍କାନାଳ,୧୮ ।୧୦(ସମିସ): ଭାରତୀୟ ମଜଦୁର ସଂଘ ସହବନ୍ଧିତ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ଜିଲ୍ଲା ଶାଖା ତରଫରୁ ୯ ଦଫା ଦାବି ନେଇ ଶନିବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆଶାକର୍ମୀମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ, ସରକାରୀ କର୍ମଚାରୀ ମାନ୍ୟତା ମିଳିବା ପର୍ଯ୍ୟନ୍ତ ସାମାଜିକ ସୁରକ୍ଷା ଅନ୍ତର୍ଗତ ଇଏସଆଇ ଓ ଇପିଏଫରେ ଅନ୍ତର୍ଭୁକ୍ତ କରିବା, ପ୍ରତିମାସ ୧୦ ତାରିଖ ସୁଦ୍ଧା ପାରିଶ୍ରମିକ ପ୍ରଦାନ, ପ୍ରତି ପିଏଚସି ଓ ସିଏଚସିରେ ଆଶାଗୃହ ନିର୍ମାଣ, ଯୋଗ୍ୟତା ଭିତ୍ତିରେ ଆଶାକର୍ମୀଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ କରି ଏଏନଏମ ପଦବୀକୁ ପଦୋନ୍ନତି, ଦୁର୍ଘଟଣାଜନିତ ମୃତ୍ୟୁ ସହାୟତା ରାଶି ୧୦ଲକ୍ଷ ଟଙ୍କା ପ୍ରଦାନ, ଅବସର କାଳୀନ ସହାୟତା ରାଶି ଏକକାଳୀନ ୧୦ଲକ୍ଷ ଟଙ୍କା ପ୍ରଦାନ ସହ ମାସିକ ୫ ହଜାର ଟଙ୍କା ଭତ୍ତା ପ୍ରଦାନ। କାର୍ଯ୍ୟ ସମ୍ପାଦନ ନିମନ୍ତେ ଉଚ୍ଚ ଗୁଣବତ୍ତା ସମ୍ପନ୍ନ ମୋବାଇଲ, ଟାବଲେଟ ପ୍ରଦାନ ଆଦି ଦାବି କରାଯାଇଛି। ଢେଙ୍କାନାଳ ଜିଲ୍ଲା ବିଏମଏସ୍ ପ୍ରଭାରୀ ଶ୍ରୀନିବାସ ଖୁଣ୍ଟିଆଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ପ୍ରମୁଖ ଆଶାକର୍ମୀଙ୍କ ଯୋଗଦେଇଥିଲେ। ବିଏମଏସ୍ ଜିଲ୍ଲା ସଭାପତି ଅନିଲ କୁମାର ଭୁତିଆ, ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ଜିଲ୍ଲା ସଂଘ ସଭାନେତ୍ରୀ ସୁପ୍ରଭା ପ୍ରଧାନ, ସାଧାରଣ ସମ୍ପାଦିକା କୁମାରୀ ସାହୁ, କୋଷାଧ୍ୟକ୍ଷା ସୁମିତ୍ରା ବେହେରା, ମିରାରାଣୀ ପ୍ରଧାନ ଓ ମୀନାରାଣୀ ମହାନ୍ତି ପ୍ରମୁଖ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ମରୁଆବିଲି ପଞ୍ଚାୟତ ହାଇସ୍କୁଲରେ 'ସୁରଭି' କାର୍ଯ୍ୟକ୍ରମ



ଢେଙ୍କାନାଳ,୧୮ ।୧୦(ସମିସ): କଙ୍କଡ଼ାହାଡ଼ ବ୍ଲକ କମ୍ପୁଲେଇ କ୍ଲଷ୍ଟର ମରୁଆବିଲି ପଞ୍ଚାୟତ ହାଇସ୍କୁଲରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ କମ୍ପୁଲେଇ କ୍ଲଷ୍ଟର ଅଧୀନ ସମସ୍ତ ୧୬ ବିଦ୍ୟାଳୟର ଚତୁର୍ଥରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କମ୍ପୁଲେଇ ସିଆରସିସି ବିଶ୍ୱମ୍ବର ପତିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ହସ୍ତାକ୍ଷର, ବିତର୍କ, ପ୍ରବନ୍ଧ, ଚିତ୍ରାଙ୍କନ, କୁଇଜ, ସୃଜନଶୀଳ ଲିଖନ, ବକ୍ତୃତା, ଓଡ଼ିଆ ହସ୍ତାକ୍ଷର, ସଙ୍ଗୀତ ଓ ଦଳଗତ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ପଞ୍ଚାୟତ ହାଇସ୍କୁଲ ପ୍ରଧାନଶିକ୍ଷକ ବିଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ କାର୍ଯ୍ୟକ୍ରମରେ ମରୁଆବିଲି ପଞ୍ଚାୟତର ନାଏବ ସରପଞ୍ଚ ରବିନାରାୟଣ ସାହୁ ମୁଖ୍ୟଅତିଥି, ଶିକ୍ଷକ ଅଶୋକ କୁମାର ସାହୁ ମୁଖ୍ୟବକ୍ତା ଏବଂ ଶିକ୍ଷକ ଅଶୋକ କୁମାର ରାଉତ ଓ ଅଧ୍ୟାପକ ରୋହିତ ବିରୁଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ଘନଶ୍ୟାମ ସାମଲ ଏବଂ ସୁବାସ ଚନ୍ଦ୍ର ରାଉତ ମଞ୍ଚ ପରିଚାଳନା କରିଥିଲେ। ରାଜଲକ୍ଷ୍ମୀ ପ୍ରିୟଦର୍ଶିନୀ, ବିଷ୍ଣୁପ୍ରିୟା ଚକ୍ର, ସତ୍ୟଭାମା ମହାନ୍ତ, ରବିନାରାୟଣ ଦେହୁରୀ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ପୁଲିସ ହସ୍ତକ୍ଷେପ ପରେ ଅଜାଘରେ ଶିଶୁ

ଭୁବନ,୧୮ ।୧୦(ସମିସ): ପ୍ରେମ ବିବାହ ପରେ ପ୍ରତାରଣା। ବିବାହିତା ମହିଳା ନିଜ ୫ ବର୍ଷର ଶିଶୁପୁତ୍ରକୁ ନେଇ ବାପାଙ୍କ ଘରେ ରହୁଛନ୍ତି। ତେବେ ମହିଳାଙ୍କ ସ୍ୱାମୀ ଜୋରଜବରଦସ୍ତ ପୁଅକୁ ନେଇଯିବାକୁ ବସିଥିବା ବେଳେ ପୁଲିସ ହସ୍ତକ୍ଷେପ ପରେ ସେ ନିରାଶ ହୋଇ ଫେରିଛନ୍ତି। ଘଟଣା ଘଟିଛି ଢେଙ୍କାନାଳ ଜିଲ୍ଲା ଓଡ଼ିଶ ପଞ୍ଚାୟତ ଓଡ଼ିଶ ଗ୍ରାମରେ। ଗ୍ରାମର ରଥୁ ପାତ୍ରଙ୍କ ଝିଅ ଦୀବାଲି ପାତ୍ର ନାବାଳିକା ଥିବା ବେଳେ ୨୦୧୯ ମାର୍ଚ୍ଚରେ ଯାଜପୁର ଜିଲ୍ଲା କାଳିଆପାଣି ଥାନା କାଙ୍କଡ଼ପାଳ ପଞ୍ଚାୟତ କାଦୁଅବନ୍ଧି ଗ୍ରାମର ସଞ୍ଜୀବଙ୍କୁ ପ୍ରେମ ବିବାହ କରିଥିଲେ। ବିବାହର କେଇମାସ ପରେ ଶାଶୂଘର ଲୋକଙ୍କ ନିର୍ଯାତନା ସହି ନ ପାରି ଦୀବାଲି ବାପଘରକୁ ପଳାଇ ଆସିଥିଲେ। ଏଠାରେ ତାଙ୍କର ଏକ ପୁତ୍ରସନ୍ତାନ ଜନ୍ମ ନେଇଥିଲା। ଇତିମଧ୍ୟରେ ପୁଅକୁ ୫ ବର୍ଷ ବୟସ ହେଲାଣି। ଦୀବାଲି ପୁଅର ଲାଳନପାଳନ କରୁଥିବା ବେଳେ ହଠାତ ୫ ମାସ ପୂର୍ବେ ସଞ୍ଜୀବ ଓଡ଼ିଶ ଗ୍ରାମରେ ପହଞ୍ଚି ପୁଅକୁ ଧରି ପଳାଇ ଆସିଥିଲେ। ଗତ ୧୩ ତାରିଖ ଅନ୍ତରାଷ୍ଟ୍ରୀୟ ମାନବାଧିକାର ସୁରକ୍ଷା ସଂସ୍ଥା କାର୍ଯ୍ୟକାରୀ ସଭାପତି କୈଳାସ ଚନ୍ଦ୍ର ନାୟକ, ରାଜ୍ୟ ମହିଳା ଶାଖା ସଭାପତି ପୁଷ୍ପାଞ୍ଜଳି ରଣା, ସରପଞ୍ଚ ସନ୍ତୋଷ ପରିଡ଼ାଙ୍କ ଉପସ୍ଥିତିରେ ପୁଅ ମା'ଙ୍କ ପାଖରେ ରହିବ ବୋଲି ନିଷ୍ପତ୍ତି ନିଆଯାଇ ଦୀବାଲିଙ୍କୁ ହସ୍ତାନ୍ତର କରାଯାଇଥିଲା। ତେବେ ଏହାର ମାତ୍ର ୫ ଦିନ ପରେ ଶନିବାର ସଞ୍ଜୀବ ପୁଣି ଓଡ଼ିଶରେ ପହଞ୍ଚି ଜୋରଜବରଦସ୍ତ ପୁଅକୁ ନେବାକୁ ଉଦ୍ୟମ କରିଥିଲେ। ଏ ନେଇ ଦୀବାଲିଙ୍କ ବାପା ରଥୁ ପୁଲିସର ସହାୟତା ନେଇଥିଲେ। ପୁଲିସ ପହଞ୍ଚି ସଞ୍ଜୀବଙ୍କୁ ତାଗିଦ କରିଥିଲା।



## ଶିକ୍ଷକ ବଦଳିରେ ବିଧାୟକଙ୍କ ସୁପାରିସ କାଏମ

ଭୁବନ,୧୮ ।୧୦(ସମିସ): କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନାଙ୍କ ସୁପାରିସ କ୍ରମେ ୧୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବଦଳି ହୋଇଛି। ଶିକ୍ଷା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଚିଠି ଅନୁଯାୟୀ ନିର୍ଦ୍ଦେଶ ହୋଇଛି। ସେମାନେ ହେଲେ ସବିତା ବେହେରା (ତୁମୁଶିଙ୍ଗାରୁ ଜିରିଡ଼ାମାଳି), ଲଳିତ ଦତ୍ତ (କୁଣ୍ଡା ସ୍କୁଲରୁ ଅଁଳାଝରି), ତାରଜନ ବେହେରା (କଙ୍କିଳି ସ୍କୁଲରୁ କିଙ୍ଗୋଳ ଅସୁରବନ୍ଧ ସ୍କୁଲ), ପାର୍ବତୀ ପୋଇ (କାଲୁଣିଗୋଡା ସ୍କୁଲରୁ ମୁରୁଗା), ସସ୍ମିତା ଶୁଭସ୍ମିତା ବେହେରା (କଇରାନାଳି ସ୍କୁଲରୁ ମଙ୍ଗଳପୁର), ଝିଲିରାଣୀ ସେଠୀ (କର୍ମଦା ସ୍କୁଲରୁ ମହୁଲପାଳ), ପ୍ରୀତିମଞ୍ଜରୀ ସେଠୀ (ସୁରପ୍ରତାପପୁରରୁ ଭାପୁର), ଚିନ୍ମୟୀ ସାହୁ (କାମାକ୍ଷାନଗରରୁ କୁଣ୍ଡା), ଦୀପାଞ୍ଜଳି ମହାନ୍ତି (ନିହଲପ୍ରସାଦରୁ ଭୁଷଳ), ମୁନାରାଣୀ ପରିଡ଼ା (କୋଟଗରାରୁ ବଡ଼ସୁଆଲୋ), ପଙ୍କଜିନୀ ଜେନା (ସାନବ୍ରହ୍ମପୁରରୁ ଜିରାଳ), ମୀନାକ୍ଷୀ ସାହୁ (କନ୍ହେଇପାଳରୁ ଶ୍ୟାମସୁନ୍ଦରପୁର), କାମିନୀ କାଞ୍ଚନ ଦେହୁରୀ (ରାଜସିଂହପ୍ରସାଦରୁ ଅନଳ), ଜୟନ୍ତୀ ସାହୁ (ମହୁଲପାଳରୁ କୁନିନ୍ଦା) ଓ ଅଭିମନ୍ୟୁ ମଲ୍ଲିକ (ସନ୍ଥପୁରରୁ ପଳାଶପିଠିଆ)। ଏହି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମଧ୍ୟରୁ ଅନେକ ଖୁସି ଥିବାବେଳେ ଭୁବନ ବ୍ଲକ କନ୍ହେଇପାଳରୁ ହିନ୍ଦୋଳ ବ୍ଲକ ଶ୍ୟାମସୁନ୍ଦରପୁରକୁ ବଦଳି ହୋଇଥିବା ମୀନାକ୍ଷୀ ସାହୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ବିପଦ ଆଣିପାରେ ମୁକୁଳା ଟ୍ରାନ୍ସଫର୍ମର



କାମାକ୍ଷାନଗର,୧୮ ।୧୦(ସମିସ): କାମାକ୍ଷାନଗର ସହର ନିକଟରେ ଥିବା ଜିରିଡ଼ାମାଳି ଗ୍ରାମ ଲକ୍ଷ୍ମୀନଗର ସାହିରେ ବିପଦସଙ୍କୁଳ ଅବସ୍ଥାରେ ମୁକୁଳା ଟ୍ରାନ୍ସଫର୍ମର ରହିଛି। ସାହି ମଝିରେ ରାସ୍ତା ପାଶ୍ୱର୍ରେ ବିନା କୌଣସି ସୁରକ୍ଷା ବଳୟରେ ରହିଛି ଏହି ଟ୍ରାନ୍ସଫର୍ମର। ଏହି ରାସ୍ତା ଦେଇ ସ୍କୁଲ, କଲେଜ ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ସାହିବାସିନ୍ଦା ଯାତାୟାତ କରିଥା'ନ୍ତି। ଠିକ୍ ରାସ୍ତାକୁ ଲାଗି ଟ୍ରାନ୍ସଫର୍ମର ରହିଥିବାରୁ ଲୋକଙ୍କ ପାଇଁ ବିପଦ ଆଣିପାରେ ବୋଲି ଆଶଙ୍କା ରହିଛି। ଗାଈଗୋରୁଙ୍କଠାରୁ ଆରମ୍ଭ କରି ଅନ୍ୟ ଗୃହପାଳିତ ପଶୁ ଏହା ନିକଟରେ ଚରି ବୁଲୁଥିବାବେଳେ ଏହି ମୁକୁଳା ଟ୍ରାନ୍ସଫର୍ମର ସମସ୍ତଙ୍କ ପାଇଁ ବିପଦ ଆଣିପାରେ। ତୁରନ୍ତ ଏହି ଟ୍ରାନ୍ସଫର୍ମର ଚାରିପାଖରେ ସୁରକ୍ଷା ବାଡ଼ ନିର୍ମାଣ କରିବାକୁ ସାହିବାସିନ୍ଦା ଦାବି କରିଛନ୍ତି। ନଚେତ୍ ଆଗାମୀ ସମୟରେ କୌଣସି ଅଘଟଣ ଘଟିଲେ ବିଦ୍ୟୁତ ବିଭାଗ ଦାୟୀ ରହିବ ବୋଲି ଚେତାବନୀ ଦେଇଛନ୍ତି।

## ସମାଜସେବୀ ସ୍ୱର୍ଣ୍ଣପ୍ରଭା ଷଡ଼ଙ୍ଗୀଙ୍କ ପରଲୋକ

ଢେଙ୍କାନାଳ,୧୮ ।୧୦(ସମିସ): ସ୍ଥାନୀୟ ୬ନଂ ୱାର୍ଡ ବଳରାମ ମନ୍ଦିର ନିକଟରେ ରହୁଥିବା ଯୁବ ବିଜେଡି ଜିଲ୍ଲା ଉପସଭାପତି ତଥା କାଉନସିଲର ସନ୍ଦୀପ ଷଡ଼ଙ୍ଗୀଙ୍କ ମାଆ ଓ ଜଣଶୁଣା ବ୍ୟବସାୟୀ ଶ୍ରୀନିବାସ ଷଡ଼ଙ୍ଗୀଙ୍କ ଧର୍ମପତ୍ନୀ ସମାଜସେବୀ ସ୍ୱର୍ଣ୍ଣପ୍ରଭା ଷଡ଼ଙ୍ଗୀ (୬୨)ଙ୍କ ପରଲୋକ ଘଟିଛି। ଶନିବାର ପୂର୍ବାହ୍ନରେ ସ୍ୱର୍ଣ୍ଣପ୍ରଭା ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲ ନେଉଥିବା ବେଳେ ବାଟରେ ତାଙ୍କ ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁ ଖବର ପାଇବା ପରେ ବିଜେଡିର ଶହ ଶହ କର୍ମକର୍ତ୍ତା ଘରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ, ନବୀନ ନନ୍ଦ, ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ସମସ୍ତ କାଉନସିଲର, ନଗରପାଳ ଜୟନ୍ତୀ ପାତ୍ର, ସମାଜସେବୀ ରାମଚନ୍ଦ୍ର ପାତ୍ର, ଯୁବ ବିଜେଡି ନେତା ଡ. ଅବିନାଶ ସାମଲ, ଶିଳ୍ପପତି ଗଙ୍ଗାଧର ସାମଲ ପ୍ରମୁଖ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।



● ସାଇବର ସୁରକ୍ଷା ଅଭିଯାନ ଶୁଭାରମ୍ଭ

## ଲୋଭ, ଡର ଓ ଦାୟିତ୍ୱହୀନତାଠାରୁ ଦୂରେଇ ରହିବାକୁ ପରାମର୍ଶ

ଢେଙ୍କାନାଳ,୧୮ ।୧୦(ସମିସ): ରାଜ୍ୟରେ ମାସ ବ୍ୟାପୀ ସାଇବର ସୁରକ୍ଷା ଅଭିଯାନର ଶୁଭାରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାଇବର ଠକେଇଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଛନ୍ତି। ଜନସାଧାରଣ ବିଶେଷ କରି ଯୁବପିଢ଼ି ଲୋଭ, ଡର ଓ ଦାୟିତ୍ୱହୀନତାଠାରୁ ଦୂରେଇ ରହିଲେ ସାଇବର ଠକେଇରୁ ବର୍ତ୍ତିପାରିବେ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଆଜିର ଡିଜିଟାଲ ଯୁଗରେ ଦୈନନ୍ଦିନ ଇଣ୍ଟରନେଟ ବ୍ୟବହାର ସମୟରେ ସତର୍କ ଓ ସଚେତନ ରହିବା, ସାବଧାନତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି। ଅଜଣା ତଥା ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଓଟିପି ଏବଂ ନିଜ ବ୍ୟକ୍ତିଗତ ତଥ୍ୟ ପ୍ରଦାନ ନ କରିବାକୁ କହିଛନ୍ତି। ସାଇବର ସେଫ୍ ଓଡ଼ିଶା ଗଠନ ପାଇଁ ଓଡ଼ିଶା ପୁଲିସକୁ ସଶକ୍ତ ଓ ଆଧୁନିକୀକରଣ କରାଯାଉଛି। କୌଣସି ପ୍ରକାର ସାଇବର ଅପରାଧର ଶିକାର ହେଲେ ୧୯୩୦ ନମ୍ବରରେ ପୁଲିସର ଦୃଷ୍ଟି ଆକର୍ଷଣ କରିବାକୁ କୁହାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଏହି ସାଇବର ସୁରକ୍ଷା ଅଭିଯାନ ଶୁଭାରମ୍ଭ କାର୍ଯ୍ୟକ୍ରମ ଆଭାସୀ ମାଧ୍ୟମରେ ଜିଲ୍ଲା କାର୍ଯ୍ୟାଳୟ ସହଭାବନା ସଭାଗୃହରେ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଳିତ ମୋହନ ବେହେରା, ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ସଦର ତହସିଲଦାର ସ୍ୱାଧୀନ କୁମାର ବେହେରା ପ୍ରମୁଖଙ୍କ ସମେତ ପୁଲିସ ଅଧିକାରୀ, ଆଇଆଇଏମ୍‌ସି ଛାତ୍ରଛାତ୍ରୀ, ଆଶାକର୍ମୀ ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ସାଇବର ଠକେଇ ସମ୍ପର୍କିତ ବିଭିନ୍ନ ଭିଡିଓ ପ୍ରଦର୍ଶନ କରାଯାଇଥିଲା।




## ସଡ଼କ ଉନ୍ନୟନ ପାଇଁ ୧୭.୫ କୋଟି ଟଙ୍କା ବ୍ୟୟ ବରାଦ

ଢେଙ୍କାନାଳ,୧୮ ।୧୦(ସମିସ): ଢେଙ୍କାନାଳ ସହରର ମୋଟ ସାଢ଼େ ୧୭ କିମି ରାସ୍ତାର ଓସାର ବୃଦ୍ଧି ଓ ଉନ୍ନତୀକରଣ ନିମନ୍ତେ ସାଢ଼େ ୧୭ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜୟନ୍ତ ନାଏକ ସୂଚନା ଦେଇଛନ୍ତି। ସହରର ଦ୍ୱିତୀୟ ମୁଖ୍ୟ ରାସ୍ତା ଭାବେ ପରିଚିତ ଦେଢ଼ କିମି ଦୀର୍ଘ ଜଗନ୍ନାଥ ରୋଡ୍ ମହାବୀର ବଜାର ଛକରୁ ସିଧାସଳଖ ନୂଆ ଶାସନ ବା ଚନ୍ଦନ ବଜାର ଛକକୁ ସଂଯୋଗ କରୁଛି। ଏହାର ପ୍ରଶସ୍ତୀକରଣ ଓ ଉନ୍ନତି ପାଇଁ ଦେଢ଼ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ସେହିପରି କଲେଜ ବାଇପାସ୍ ଛକରୁ ବସଷ୍ଟାଣ୍ଡ ଦେଇ କୋରିଆଁ ଛକ ବାଇପାସ୍ ପର୍ଯ୍ୟନ୍ତ ୮ କିମି ରାସ୍ତା ପାଇଁ ୮ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଷ୍ଟାଡିୟମ୍ ଛକରୁ ଗାନ୍ଧୀ ମନ୍ଦିର ଦେଇ ଜବାହାର ଛକ ପର୍ଯ୍ୟନ୍ତ ୧ କିମିରୁ ଉର୍ଦ୍ଧ୍ୱ ରାସ୍ତା, ୧ କିମି ଦୀର୍ଘ ହାଟ ରୋଡ୍, ପିଡବ୍ଲ୍ୟୁଡି ରୋଡ ଏବଂ ହନୁମାନ ଛକରୁ ସିଭିଲ କୋର୍ଟ ଦେଇ ଦେଉଳସାହି ଯାଏଁ ପ୍ରାୟ ୨କିମି ରାସ୍ତାର ପ୍ରଶସ୍ତୀକରଣ ଓ ଉନ୍ନତୀକରଣ ପାଇଁ ୮ କୋଟି ଟଙ୍କା ଏହିପରି ମୋଟ ସାଢ଼େ ୧୭ କୋଟି ଟଙ୍କା ବ୍ୟୟବରାଦ ହୋଇଛି। କ୍ରମାଗତ ବର୍ଷା ଏବଂ ଲକ୍ଷ୍ମୀପୂଜା ଯୋଗୁଁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ ବୋଲି ଅଧୀକ୍ଷଣ ଯନ୍ତ୍ରୀ ସୂଚନା ଦେଇଛନ୍ତି। ଏତଦବ୍ୟତୀତ ଷ୍ଟାଡିୟମ ଛକ ପ୍ରଶସ୍ତୀକରଣ ଓ ଘଣ୍ଟାଘର ନିର୍ମାଣ ଆଦି କାର୍ଯ୍ୟ ପାଇଁ ୫କୋଟି ଟଙ୍କା ସ୍ୱତନ୍ତ୍ର ବ୍ୟୟ ଅଟକଳ ରହିଥିବା ସେ କହିଛନ୍ତି। ତୁରନ୍ତ କାର୍ଯ୍ୟ ଆରମ୍ଭ କରିବା ଏବଂ ଲକ୍ଷ୍ମୀପୂଜାରେ ହୋଇଥିବା ଶହ ଶହ ରାସ୍ତା ପାଶ୍ୱର୍ ଗାତ କଂକ୍ରିଟ ଦେଇ ସିଲ୍ କରାଯିବାକୁ ଢେଙ୍କାନାଳ ଜିଲ୍ଲା ସଡ଼କ ସୁରକ୍ଷା କମିଟି ସଭ୍ୟ ପ୍ରଦ୍ୟୁମ୍ନ ରଥ ଦାବି କରିଛନ୍ତି।



# କୁସୁମଗୋଠ ବାସିନ୍ଦାଙ୍କୁ ଆବାସ ଗୃହ ସାତସପନ

ପରଜଙ୍ଗ,୧୮ ।୧୦(ସମିସ)



ଗରିବ ଲୋକଙ୍କୁ ଚିହ୍ନଟ କରି ଆବାସ ଗୃହ ଯୋଗାଇଦେବାକୁ ସରକାର ଡିଣ୍ଡିମ ପିଟୁଥିବା ବେଳେ ପରଜଙ୍ଗ ବ୍ଲକ କଙ୍କିଳି ପଞ୍ଚାୟତ କୁସୁମଗୋଠ ବସ୍ତିରେ ଦୀର୍ଘବର୍ଷ ହେବ ବସତି ସ୍ଥାପନ କରି ରହୁଥିବା ମୁଣ୍ଡା ସମ୍ପ୍ରଦାୟର ୮ ପରିବାର ପାଇଁ ସରକାରଙ୍କ ଆବାସ ଯୋଜନା ସାତସପନ ପାଲଟିଛି। ଉକ୍ତ ବସ୍ତିରେ ରହୁଥିବା ବୁଧୁରାମ ମୁଣ୍ଡା, ରାଉତ ମୁଣ୍ଡା, ଟୁନା ମୁଣ୍ଡା, ବିଜୟ ମୁଣ୍ଡା, ଗୌତମ ମୁଣ୍ଡା, ମଙ୍ଗୁଳ ମୁଣ୍ଡା, ମଙ୍ଗୁଳି ମୁଣ୍ଡା, ସୁଦର୍ଶନ ମୁଣ୍ଡାଙ୍କ ପରିବାର ଦିନ ମଜୁରିଆ କାମ କରି ଗୁଜୁରାଣ ମେଣ୍ଟାନ୍ତି। ମାଟିକାନ୍ଥ ଓ ପାଲଟଣା ଅର୍ଦ୍ଧଭଗ୍ନ ଘରେ ଏମାନେ ଜୀବନ ବିତାଉଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତକୁ ଅଧିକାରୀମାନେ ପରିଦର୍ଶନ କରି ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରିବାକୁ ଧାର୍ଯ୍ୟ କରାଯାଇଛି। ମାତ୍ର କୁମୁସିଗୋଠ ବସ୍ତିବାସିନ୍ଦା ଯୋଗ୍ୟ ହୋଇଥିବା ବେଳେ ସେମାନଙ୍କୁ ଏପର୍ଯ୍ୟନ୍ତ ଆବାସ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ। ଅଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରେ ଅନ୍ତର୍ଭୁକ୍ତ କରାଯାଉଥିବା ବେଳେ ଏମାନଙ୍କୁ ଅଣଦେଖା କରାଯାଇଛି। ସେହିପରି ପୂର୍ତ୍ତବିଭାଗ ରାସ୍ତାଠାରୁ ଉକ୍ତ ବସ୍ତିକୁ ସଂଯୋଗ କରୁଥିବା କଚ୍ଚା ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହୋଇଛି। ରାସ୍ତାରେ ଏକ ନାଳ ଥିବା ବେଳେ ବର୍ଷା ସମୟରେ ଯାତାୟାତ ସମ୍ଭବ ହେଉନାହିଁ। ଫଳରେ ଲୋକେ ଶିକ୍ଷା, ସ୍ୱାସ୍ଥ୍ୟ ଭଳି ଅତ୍ୟାବଶ୍ୟକ ସେବାରୁ ସମ୍ପୂର୍ଣ୍ଣ ବଞ୍ଚିତ ରୁହନ୍ତି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ବିକାଶ ନିମନ୍ତେ ସରକାର ବିପୁଳ ଅର୍ଥ ବ୍ୟୟ କରୁଥିବା ବେଳେ ବ୍ଲକ ପ୍ରଶାସନର ଅବହେଳା ଯୋଗୁଁ କୁସୁମଗୋଠ ବସ୍ତି ଆଜିପର୍ଯ୍ୟନ୍ତ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ଏଥିପ୍ରତି ଜିଲ୍ଲାପାଳ ଓ ଜିଲ୍ଲା ଉନ୍ନୟନ ଅଧିକାରୀ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଛି।

# ଘରୋଇ ବିଇଡି ପିଲାଙ୍କ ଭବିଷ୍ୟତ ଅନ୍ଧାରରେ

**ଆନ୍ଧ୍ରକେଶରୀ ଓ ଯୋଗୀ ବେମାନା ବିଶ୍ୱବିଦ୍ୟାଳୟର ମନମାନି**

**ସମୟ ପୂର୍ବରୁ କୋର୍ସ ସାରି ନିୟମ ବିରୁଦ୍ଧ କାର୍ଯ୍ୟ କରୁଛନ୍ତି**

**ବିଇଡି ସାର୍ଟିଫିକେଟ ମାନ୍ୟତା ସଙ୍କଟରେ**

ବାଲେଶ୍ୱର,୧୮ ।୧୦(ସମିସ)

ସାରା ଓଡ଼ିଶାରେ ଶିକ୍ଷିତ ଯୁବକ ଯୁବତୀ ମାନେ ଶିକ୍ଷକତା କରିବା ଦିଗରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ସେଥିପାଇଁ ଛତୁ ଫୁଟିଲା ଭଳି ଅନ୍ୟ ରାଜ୍ୟରେ ଥିବା ବିଶ୍ୱବିଦ୍ୟାଳୟ ବିଇଡି ପାଠ୍ୟକ୍ରମରେ ପାଠ ପଢ଼ିବା ପାଇଁ ଆଡ଼ମିସନ ନେଉଛନ୍ତି। ଏ ସମସ୍ତ ଶିକ୍ଷାନୁଷ୍ଠାନରେ ବିଇଡି କରିବାକୁ ଯୁବକ ଯୁବତୀ ବିଶେଷ କରି ପଡୋଶୀ ଆନ୍ଧ୍ରପ୍ରଦେଶ ମୁହାଁ ହେଉଛନ୍ତି। ଯୋଗୀ ବେମାନା, ଆଚାର୍ଯ୍ୟ ନାଗାର୍ଜୁନ ଏବଂ ଆନ୍ଧ୍ର କେଶରୀ ବିଶ୍ୱ ବିଦ୍ୟାଳୟ ଆଦି ବିଶ୍ୱବିଦ୍ୟାଳୟ ଉତ୍କଳ ବିଶ୍ୱ ବିଦ୍ୟାଳୟ ସହ ଇକ୍ୟୁଭେଲେଣ୍ଟ ଥିବା ଯୋଗୁଁ ସମସ୍ତ ଅନୁଷ୍ଠାନ ପିଲାମାନଙ୍କୁ ଉପରୋକ୍ତ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ କଲେଜ ମାନଙ୍କରେ ଆଡ଼ମିସନ ନେଉଛନ୍ତି। ଏତଭିନ୍ନ ଅନ୍ୟାନ୍ୟ ୟୁନିଭର୍ସିଟି ମାନଙ୍କରେ ମଧ୍ୟ ପିଲାମାନେ ଆଡ଼ମିସନ କରାଉଛନ୍ତି। ସମସ୍ତ ବିଶ୍ୱବିଦ୍ୟାଳୟ ଏନସିଇଟି ଏବଂ ୟୁଜିସି ନିୟମ ପାଳନ କରୁଥିବା ବେଳେ ଆନ୍ଧ୍ର କେଶରୀ ବିଶ୍ୱବିଦ୍ୟାଳୟ ସମସ୍ତ ନିୟମକୁ ପଛରେ ପକାଇ ନିଜ ମନମୁଖୀ ବିଚାର କରୁଛି। ବି.ଇଡି କୋର୍ସ କରିବା ପାଇଁ ଏନସିଇଟି ଏବଂ ୟୁଜିସିର ଗାଇଡ଼ ଲାଇନ କହୁଛି ଏହି କୋର୍ସ କୋଡିଏରୁ ଚବିଶ ମାସ ମଧ୍ୟରେ ସାରିବାକୁ ହେବ ଅର୍ଥାତ ଦୁଇ ବର୍ଷ ଅବଧି ମଧ୍ୟରେ। ଏହା ପୂର୍ବରୁ ଯଦି କୋର୍ସ ସରେ, ତେବେ ସରିଥିବା ସାର୍ଟିଫିକେଟ୍‌ରେ କୌଣସି ମାନ୍ୟତା ରହିବ ନାହିଁ। ଆନ୍ଧ୍ର ବ୍ୟତୀତ ଓଡ଼ିଶା ଏବଂ ଅନ୍ୟାନ୍ୟ ପ୍ରଦେଶରୁ ଶତାଧିକ ପିଲା ବିଇଡି କରିବା ନିମନ୍ତେ ଆନ୍ଧ୍ରପ୍ରଦେଶ ମୁହାଁ ହେଉଥିବାରୁ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ଅନୈତିକ ଭାବେ ପ୍ରଚୁର ମାତ୍ରାରେ ଅର୍ଥ ଲାଭ ଆଶାରେ କୋର୍ସ ଅବଧି ପୂର୍ବରୁ ଅର୍ଥାତ ୯ ମାସରୁ ୧୨ ମାସ ମଧ୍ୟରେ ସାରି ଦେଉଛନ୍ତି। ଗାଇଡ଼ ଲାଇନ ଅନୁସାରେ ଅବଧି ପୂର୍ବରୁ କୋର୍ସ ସରିବାର ଅର୍ଥ, ସାର୍ଟିଫିକେଟର କୌଣସି ମାନ୍ୟତା ରହିବ ନାହିଁ। ଏହି ପ୍ରକାର ହେଲେ ନିମ୍ନ ମଧ୍ୟବିତ୍ତ ତଥା ମଧ୍ୟବିତ୍ତ ବର୍ଗ ପରିବାରର ଯୁବକ ଯୁବତୀ ମାନେ ବହୁ କଷ୍ଟରେ ପୈଠ କରୁଥିବା ଅର୍ଥ ରାଶି, ସମୟ ଅପଚୟ କରି ଅଧ୍ୟୟନ କରୁଥିବା ଅଧ୍ୟବସାୟ ସମସ୍ତ ସ୍ୱାହା ହୋଇଯିବ। ଶତାଧିକ ପିଲାଙ୍କର ମାନସିକ, ଆର୍ଥିକ ତଥା ଶୈକ୍ଷିକ କ୍ଷେତ୍ରରେ ମେରୁଦଣ୍ଡ ଭାଙ୍ଗିଯିବା ଥୟ। ଏନସିଇଟି ଏବଂ ୟୁଜିସିର ନିୟମକୁ ଅବାଧରେ ଆନ୍ଧ୍ର କେଶରୀ ଓ ଯୋଗୀ ବେମାନା ବିଶ୍ୱବିଦ୍ୟାଳୟ କରୁଥିବାରୁ ଅନେକ ଶିକ୍ଷିତ ମହଲରୁ ନିନ୍ଦା ହେଉଛି ଏବଂ ଏହା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅନେକ ଛାତ୍ର ଏବଂ ଅଭିଭାବକମାନେ ଦାବି କରୁଛନ୍ତି। ଅନ୍ୟଥା ଅନେକ ପିଲାମାନଙ୍କର ଶିକ୍ଷାଗତ ଭବିଷ୍ୟତ ପୁରା ଅନ୍ଧକାର ହୋଇଯିବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ। ସାମ୍ପ୍ରତିକ ଶିକ୍ଷାନୀତି ବିରୁଦ୍ଧରେ ଯାଉଥିବା ଶିକ୍ଷାନୁଷ୍ଠାନ ଏବଂ ବିଶ୍ୱ ବିଦ୍ୟାଳୟଠୁ ଦୂରେଇ ରହିବା ପାଇଁ ଯୁବକ ଯୁବତୀମାନଙ୍କୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

## ବିଶ୍ୱ ଶବ୍ଦକୋଷ ଦିବସ



ବାଲେଶ୍ୱର,୧୮ ।୧୦(ସମିସ): ପ୍ରଥମ ଅଭିଧାନ ପ୍ରଣେତା ନୋହା ୱେବଷ୍ଟରଙ୍କ ଶୁଭ ଜନ୍ମ ଦିନଟିକୁ ବିଶ୍ୱ ଶବ୍ଦକୋଷ ଦିବସ ରୂପେ ବିଶ୍ୱବ୍ୟାପୀ ପାଳନ କରାଯାଉଥିବା ବେଳେ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ସ୍ରଷ୍ଟା ନାଟ୍ୟାଳୟରେ ପାଳନ କରାଯାଇଛି। ଅନୁଷ୍ଠାନର ଉପସଭାପତି ଗାଳ୍ପିକ ନିବାରଣ ଜେନା ପୌରୋହିତ୍ୟ କରି କହିଲେ, ଶବ୍ଦକୋଷ ହେଉଛି ଶବ୍ଦର କୋଣାର୍କ। କ୍ରମଶଃ ସାରା ବିଶ୍ୱରେ ଅନେକ ଭାଷା ମରିଗଲାଣି। ଭାଷାକୁ ବଞ୍ଚାଇ ରଖିବା ପାଇଁ ଶବ୍ଦକୋଷର ବ୍ୟବହାର ଅପରିହାର୍ଯ୍ୟ। ବକ୍ତା ଭାବରେ ଯୋଗ ଦେଇ ବରିଷ୍ଠ ଗବେଷକ ଡ. ଭାଗବତ ପ୍ରସାଦ ଦାସ ଓ ସାହିତ୍ୟିକ ଅରୁଣା ରାୟ ଯୋଗଦେଇ କହିଥିଲେ, ଓଡ଼ିଆ ଅଭିଧାନ ପ୍ରଣୟନ କ୍ଷେତ୍ରରେ ରଘୁନାଥ ମିଶ୍ର, ଚତୁର୍ଭୁଜ ପଟ୍ଟନାୟକ, ଜଗନ୍ନାଥ ରାଓ, ଆର୍ତ୍ତତ୍ରାଣ ଶତପଥୀ, ମୃତ୍ୟୁଞ୍ଜୟ ରଥ, ଜଗନ୍ନାଥ ତ୍ରିପାଠୀ, ସ୍ୱପ୍ନେଶ୍ୱର ଦାସ, ଗୋବିନ୍ଦ ରଥ, ମଧୁସୂଦନ ରାଓଙ୍କଠାରୁ ଆରମ୍ଭ କରି ଗୋପାଳ ପ୍ରହରାଜଙ୍କ ପର୍ଯ୍ୟନ୍ତ ଓଡ଼ିଶାର ଅନେକ ବରପୁତ୍ରମାନଙ୍କ ତ୍ୟାଗ ଓ ତପସ୍ୟା ଆମେ ସ୍ମରଣ କରିବା ଉଚିତ'। ପଶ୍ଚିମବଙ୍ଗର ଗୁରଦାସ ଭଟ୍ଟାଚାର୍ଯ୍ୟ କିପରି ଅଭିଧାନଟିଏ ପ୍ରକାଶନ କରିବା ପାଇଁ ତାଙ୍କର ସର୍ବସ୍ୱ ତ୍ୟାଗ କରିଥିଲେ, ସେ ସଂପର୍କରେ ଆଲୋଚନା କରିଥିଲେ। ସଂସ୍କୃତଜ୍ଞ ପଣ୍ଡିତ ନିରଞ୍ଜନ ପାତ୍ର ମତପ୍ରକାଶ କରିଥିଲେ। ବରିଷ୍ଠ ଗାଳ୍ପିକ ପ୍ରଦୀପ ଚାଟାର୍ଜୀ ବିଭିନ୍ନ ଦେଶର ଅଭିଧାନ ପ୍ରଣୟନ ସଂପର୍କରେ ଆଲୋକପାତ କରିଥିଲେ। ଯୁଗ୍ମ ସଂପାଦକ ଶାନ୍ତିଲତା ପଣ୍ଡା ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିଲେ। ସଂଗଠନ ସଂପାଦକ ତପନ ରାୟ ପାକ୍ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଦୀପକ ଦୋଷ ଶେଷକଥା ରଖିଥିଲେ।

## ଦୀପାବଳି ଉପଲକ୍ଷେ ଓରମାସ ଷ୍ଟଲ୍ ଉଦ୍‌ଘାଟିତ




ବାଲେଶ୍ୱର,୧୮ ।୧୦(ସମିସ): ଦୀପାବଳି ଉତ୍ସବ ଅବସରରେ ଓରମାସ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଷ୍ଟଲ୍‌କୁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଉଦ୍‌ଘାଟନ କରିଛନ୍ତି। ଷ୍ଟଲ୍‌ରେ ଥିବା ସାମଗ୍ରୀଗୁଡିକ ମଧ୍ୟରେ ଟେରାକୋଟା ହସ୍ତଶିଳ୍ପ, ସଜ୍ଜିକରଣ ସାମଗ୍ରୀ, ଓ ବିଭିନ୍ନ ପର୍ବପର୍ବାଣୀ ଉପକରଣ ରହିଛି, ଯାହା ବାଲେଶ୍ୱର ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀ ଓ ପ୍ରଡ୍ୟୁସର ଗ୍ରୁପ୍ ମେମ୍ବରମାନଙ୍କ ଦ୍ୱାରା ନିର୍ମିତ। ଦୀପାବଳି ଉତ୍ସବ ଷ୍ଟଲ୍ ୨୧ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ଖୋଲା ରହିବ।

**● ବିର୍ଲାଟାୟାର୍ସ ଶ୍ରମିକମାନଙ୍କ ଆଇନଗତ ଦାବି ହାସଲ ପ୍ରସଙ୍ଗ**

## ୨୨ରୁ ଭୁବନେଶ୍ୱରରେ ସପରିବାର ଗଣଧାରଣା

ବାଲେଶ୍ୱର,୧୮ ।୧୦(ସମିସ): ବିର୍ଲା ଟାୟାର୍ସ ଶ୍ରମିକମାନେ ସପରିବାର ଭୁବନେଶ୍ୱର ସ୍ଥିତ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସେମାନଙ୍କ ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଆସନ୍ତା୨୨ତାରିଖରୁ ଗଣଧାରଣାରେ ବସିବେ। ସ୍ଥାନୀୟ ଉଠାଜଳସେଚନ କର୍ମଚାରୀ ଭବନରେ ବିର୍ଲାଟାୟାର୍ସ ଶ୍ରମିକ ଓ ସେମାନଙ୍କ ପରିବାରବର୍ଗଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବିର୍ଲା ଟାୟାର୍ସ ମିଳିତ ଶ୍ରମିକ ସଂଘମାନଙ୍କର ଆବାହକ ସତ୍ୟନାରାୟଣ ଆଚାର୍ଯ୍ୟ ଆଗାମୀ ଆନ୍ଦୋଳନ ସମ୍ପର୍କରେ ସୂଚନା ଦେଇ ନ୍ୟାୟ ପାଇବା ପାଇଁ ଦୀର୍ଘ ଆନ୍ଦୋଳନର ବିବରଣୀ ଆଗତ କରିଥିଲେ। ବିର୍ଲା ଟାୟାର୍ସ ଉତ୍ପାଦନର ଉତ୍କର୍ଷତାକୁ ରାଜ୍ୟ ଓ ଜାତୀୟସ୍ତରରେ ପହଁଚାଇଥିବା ପୁରୁଣା ଶ୍ରମିକ ଓ କର୍ମଚାରୀମାନଙ୍କ ଆଇନଗତ ପ୍ରାପ୍ୟ ଓ ପୁନଃନିଯୁକ୍ତିକୁ ନୂତନ ପରିଚାଳନା କର୍ତ୍ତୃପକ୍ଷ ମାନୁନାହାନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଉଚ୍ଚସ୍ତରୀୟ ଆଲୋଚନାର ବିବରଣୀକୁ ବାଲେଶ୍ୱର ଜିଲ୍ଲାପାଳ ନୋଡ଼ାଲ ଅଫିସର ଭାବେ କାର୍ଯ୍ୟକାରୀ କରାଇ ପାରିଲେ ନାହିଁ। କମ୍ପାନୀ କର୍ତ୍ତୃପକ୍ଷଙ୍କ ନିକଟରେ ପ୍ରଶାସନ ଅସହାୟ ହୋଇଯାଇଛି। ତେଣୁ ଶ୍ରମିକ ଓ ସେମାନଙ୍କ ପରିବାରବର୍ଗ ଅସହାୟ ହୋଇପଡ଼ିଛନ୍ତି। ଏଣୁ ଭୁବନେଶ୍ୱରରେ ଅନିର୍ଦ୍ଦିଷ୍ଟ କାଳପାଇଁ ଗଣଧାରଣା ପ୍ରସ୍ତାବକୁ ବୈଠକରେ ସର୍ବସମ୍ମତିକ୍ରମେ ଗ୍ରହଣ କରାଯାଇଛି। ଶ୍ରମିକ କର୍ମଚାରୀଙ୍କ ମିଳିତ ମଂଚ ଟିୟୁଏସିସିର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ, ଶାନ୍ତନୁ ଦାସ ଓ ଶ୍ୟାମସୁନ୍ଦର ଜେନା ପ୍ରମୁଖ ଶ୍ରମିକମାନଙ୍କୁ ସରକାରଙ୍କ ଶ୍ରମବିଭାଗ ନ୍ୟାୟ ପ୍ରଦାନ ପାଇଁ ଦୃଢ଼ ଦାବି କରିଥିଲେ। ବିର୍ଲା ଟାୟାର୍ସ ଶ୍ରମିକ ସଙ୍ଗଠନମାନଙ୍କ ପକ୍ଷରୁ ଦୁକୁଲ ଚନ୍ଦ୍ର ଘଡ଼ାଇ, ହରିହର ଭୋଇ, ରାଜେନ୍ଦ୍ର ନନ୍ଦୀ, ଗଦାଧର ବାରିକ ଓ ସରୋଜିନୀ ବିଶ୍ୱାଳ ପ୍ରମୁଖ ଶ୍ରମିକମାନଙ୍କ ପରିବାରର ଦୁର୍ଦ୍ଦଶା ସମ୍ପର୍କରେ କହିଥିଲେ। ରାଜ୍ୟସ୍ତରରେ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନମାନେ ଏହି ଆନ୍ଦୋଳନକୁ ସମର୍ଥନ କରିବା ପାଇଁ ବୈଠକରେ ନିବେଦନ କରାଯାଇଛି। ଚନ୍ଦନ ମିଶ୍ର ଧନ୍ୟବାଦ ଦେଇଥିଲେ।

## ସରକାରୀ ପଲିଟେକନିକରେ ରକ୍ତଦାନ ଶିବିର



ବାଲେଶ୍ୱର,୧୮ ।୧୦(ସମିସ): ରେମୁଣା ବିଦ୍ୟାଧରପୁରସ୍ଥିତ ସରକାରୀ ପଲିଟେକନିକ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ଜେନା ଶିବିରକୁ ଉଦଘାଟନ କରି ରକ୍ତଦାନ କରିବା ପାଇଁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଏବଂ ସହକର୍ମୀମାନେ ରକ୍ତଦାନ କରିଥିଲେ। ଅଧ୍ୟାପିକା ଯୋଗଶକ୍ତି ଯୋଗମାୟା ଏହି ଶିବିରକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଧ୍ୟାପକ, ଅଧ୍ୟାପିକା ନିରୁପମା ପଣ୍ଡା, ଯଦୁନାଥ ମୁର୍ମୁ,ବିଶ୍ୱଜିତ ମଲ୍ଲିକ, ଦିବ୍ୟଜ୍ୟୋତି ଦାସ,ଅନିତା ସିଆଲ, ପ୍ରକାଶ ଦାସ, ମୁକ୍ତକାନ୍ତ ପାଢ଼ୀ, ନିବେଦିତା ସାମଲ, ବିନ୍ଦୁଶ୍ରୀ ସାହୁ, ପୁରେଞ୍ଜୟ ସାହୁ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଏଥିରେ ମୋଟ ୮୫ୟୁନିଟ ରକ୍ତ ସଂଗୃହିତ ହୋଇଥିଲା।

## ଚକ୍ଷୁ ପରୀକ୍ଷା କେନ୍ଦ୍ର ଉଦ୍‌ଘାଟିତ

ବାଲେଶ୍ୱର,୧୮ ।୧୦(ସମିସ): ବାଲେଶ୍ୱର ଲାୟନ୍ସ ଚକ୍ଷୁ ହସପିଟାଲ ଓ ଶ୍ରୀଶ୍ରୀ ଜାନକୀନାଥ ମନ୍ଦିର ସେବା ଟ୍ରଷ୍ଟର ମିଳିତ ସହଯୋଗରେ ଶ୍ରୀଶ୍ରୀ ଜାନକୀନାଥ ମନ୍ଦିର ପରିସର ପରିସରରେ ଏକ ଚକ୍ଷୁ ପରୀକ୍ଷା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଚକ୍ଷୁ ହସପିଟାଲର ପ୍ରତିଷ୍ଠାତା ନିରଞ୍ଜନ ଖଣ୍ଡେଲୱାଲ୍ କେନ୍ଦ୍ର ଉଦ୍‌ଘାଟନ କରି ୩୦ଟି ପଞ୍ଚାୟତବାସୀଙ୍କ ଚକ୍ଷୁ ଚିକିତ୍ସା କ୍ଷେତ୍ରରେ ମୁଖ୍ୟ ଭୂମିକା ନିର୍ବାହ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ବାଲେଶ୍ୱର ଲାୟନ୍ସ କ୍ଲବ ସଭାପତି ଗୋପାଳ ଖଣ୍ଡେଲୱାଲ, ରାଜେଶ୍ ଖଣ୍ଡେଲୱାଲ, ଶ୍ୟାମସୁନ୍ଦର ଖଣ୍ଡେଲୱାଲ, ରାଜେନ୍ଦ୍ର ଗୁପ୍ତା, ଅନିଲ୍ ଖଣ୍ଡେଲୱାଲ୍‌ଙ୍କ ସମେତ ବାଲେଶ୍ୱର ଲାୟନ୍ସ ହସପିଟାଲର ପ୍ରଶାସକ ପ୍ରିୟଦର୍ଶୀ ସିଂ ସାମନ୍ତ, ଦେବବ୍ରତ ନନ୍ଦ ଓ ଚକ୍ଷୁ ଚିକିତ୍ସିକା ପ୍ରେରଣା ସାହୁ ଉପସ୍ଥିତ ଥିଲେ।

## ତମାଖୁମୁକ୍ତ ଯୁବ କାର୍ଯ୍ୟକ୍ରମ

ବାଲେଶ୍ୱର,୧୮ ।୧୦(ସମିସ): ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଧୀନରେ କିଶୋର ଓ ଯୁବ ବର୍ଗଙ୍କୁ ତମାଖୁ ସେବନରୁ ନିବୃତ୍ତ କରିବା ପାଇଁ 'ତମାଖୁ ମୁକ୍ତ ଯୁବ କାର୍ଯ୍ୟକ୍ରମ' ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଡ଼ିସେମ୍ବର ୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଯୁବବର୍ଗଙ୍କୁ ତମାଖୁର ଭୟାବହତା ସମ୍ପର୍କରେ ସଚେତନ କରି ସେମାନଙ୍କୁ ତମାଖୁ ସେବନ ପାଇଁ ନିରୁତ୍ସାହିତ କରିବାକୁ ପ୍ରାଧାନ୍ୟ ଦିଆଯିବ। ତମାଖୁ ମୁକ୍ତ ବିଦ୍ୟାଳୟରେ ଶିକ୍ଷାନୁଷ୍ଠାନକୁ ତମାଖୁ ମୁକ୍ତ କରିବା ସହ ତାର ୧୦୦ ମିଟର ପରିସରରେ ତମାଖୁ ଜାତୀୟ ଦ୍ରବ୍ୟର ବିକ୍ରିକୁ ନିଷିଦ୍ଧ କରାଯିବ, ଏଥିପାଇଁ ବ୍ଲକ୍ ପ୍ରଶାସନ, ପଞ୍ଚାୟତ ରାଜ ବିଭାଗ, ଶିକ୍ଷା ବିଭାଗ, ପୁଲିସ ସହଯୋଗ କରିବେ। ତମାଖୁ ପଦାର୍ଥ ବିକ୍ରି କରୁଥିବା ଦୋକାନ ମାନଙ୍କୁ ଚଢ଼ାଉ କରି ଜରିମାନା ଆଦାୟ କରାଯିବ। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ସଭାପତିତ୍ୱରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରଭାତ କୁମାର ବେହେରା, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ କର, ଡିଏସ୍ପି ବ୍ରଜମୋହନ ପ୍ରଧାନ, ଡିପିଏମ୍ ଚକ୍ରଧର ଜେନା, ଆଇନ ପରାମର୍ଶଦାତା ମାନସ କୁମାର ସାମନ୍ତ, ଜିଲ୍ଲା ଶ୍ରମ ଅଧିକାରୀ, ଭେଷଜ ନିରୀକ୍ଷକ, ଅବକାରୀ, ବିକ୍ରିକର ଅଧିକାରୀ, ଶିକ୍ଷା ବିଭାଗର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ।


## ଫକୀରମୋହନ ମେଡିକାଲ କଲେଜରେ ଖୋଲିବ ୮ ନୂଆ କୋର୍ସ

ବାଲେଶ୍ୱର,୧୮ ।୧୦(ସମିସ): ଦୀର୍ଘ ବର୍ଷ ପରେ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜର ପିଜି ବିଭାଗରେ ଖୋଲିବାକୁ ଯାଉଛି ୮ଟି ନୂଆ କୋର୍ସ।

ଏହାକୁ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମୋହର ମରାଯାଇଛି। ଫକୀରମୋହନ ମେଡିକାଲ କଲେଜରେ ଏମଡି ଅନେସ୍ଥେସିଆ ବିଭାଗର ୩ଟି ସିଟ, ଇଏନଟି ବିଭାଗର ୩ଟି ସିଟ ଏବଂ ଗାଇନୋକୋଲୋଜି ବିଭାଗର ୨ଟି ସିଟ ଏବେ ଖୋଲିବାକୁ ଯାଉଛି। ପୂର୍ବରୁ ଇଏନଟି ବିଭାଗରେ ଗୋଟିଏ ବି କୋର୍ସ ନଥିବା ବେଳେ ଏହା ପ୍ରଥମ ଥର କରି ଖୋଲିବାକୁ ଯାଉଛି। ଫଳରେ ଏବେ ରୋଗୀମାନେ ଏହି ସବୁ ବିଭାଗରେ ଚିକିତ୍ସିତ ହୋଇପାରିବେ।

## ଦୀପାବଳି ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର,୧୮ ।୧୦(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଦୀପାବଳି ଉତ୍ସବ ପାଳନ ଅବସରରେ ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସହ ପ୍ରଫେସର ସୁପ୍ରିତୀ ମିଶ୍ର, ପ୍ରଫେସର ଭାସ୍କର ବେହେରା ଓ କୁଳସଚିବ କୁକୁମୀନା ଦାସ ସମସ୍ତଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଏଥସହିତ ଏହି ଅବସରରେ ସ୍ନାତକୋତ୍ତର ବିଭାଗ ସାମାଜିକ କାର୍ଯ୍ୟ ଓ ଜନସଂଖ୍ୟା ଅଧ୍ୟୟନ ବିଭାଗର ମିଳିତ ଉଦ୍ୟମରେ ବିଶ୍ୱବିଦ୍ୟାଳୟର ପୋଷ୍ୟ ଗ୍ରାମ ମର୍ଦ୍ଦରାଜପୁର ଠାରେ "ଦୀପାବଳି ପାଇଁ ସୁରକ୍ଷା ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ବାଣ ଫୁଟାଇବାର କୁପ୍ରଭାବ ଓ ବାୟୁ ପ୍ରଦୂଷଣ, ଶ୍ୱାସକୋଷ ଜନିତ ସମସ୍ୟା ଓ ପରିବେଶକ୍ଷୟ ଉପରେ ଆଲୋଚନା ହୋଇଥିଲା। ଜନସଂଖ୍ୟା ଅଧ୍ୟୟନ ବିଭାଗର ସଂଯୋଜକ ଡ଼କ୍ଟର ଗ୍ରେସ୍ ବି. ମୁଣ୍ଡୁ, ସହାୟକ ଅଧ୍ୟାପକ ଡ଼କ୍ଟର ଜଗନ୍ନାଥ ବେହେରା, ସହାୟକ ଅଧ୍ୟାପିକା ରଶ୍ମିରେଖା ରାଉତ (ସାମାଜିକ କାର୍ଯ୍ୟ ବିଭାଗ) ଓ ବିଶ୍ୱବିଦ୍ୟାଳୟ ଜନ ସଂପର୍କ ଅଧିକାରୀ ଶର୍ମିଷ୍ଠା ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।




# ମହଙ୍ଗା ପଡ଼ିଲା ଜାଲ ସାର୍ଟିଫିକେଟରେ ଚାକିରି

**ବାହାନଗା,୧୮।୧୦(ସମିସ)**

ଜାଲ ଶିକ୍ଷାଗତ ସାର୍ଟିଫିକେଟ ଦେଇ ଚାକିରି କରିବା ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ କଲ୍ୟାଣୀ ସେବା ସମବାୟ ସମିତି ସମ୍ପାଦକଙ୍କୁ ମହଙ୍ଗା ପଡିଛି। ବିଧିବଦ୍ଧ ତଦନ୍ତ କରି ଜାଲ ସାର୍ଟିଫିକେଟ ଦେଇ ଚାକିରି କରିବାର ପ୍ରମାଣ ପାଇବା ପରେ ଗୋପାଳପୁର ଥାନାରେ ସମିତି ସମ୍ପାଦକଙ୍କ ନାମରେ ସମବାୟ ବିଭାଗର ଅଧିକାରୀ ଏତଲା ଦେଇଥିବାର ଜଣାପଡିଛି। ଗୋପାଳପୁର ପୁଲିସ ଘଟଣାକୁ ଗମ୍ଭୀରତା ସହକାରେ ନେଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

କଲ୍ୟାଣୀ ସେବା ସମବାୟ ସମିତିରେ ଶରତ କୁମାର ଦାସ ସମିତି ସମ୍ପାଦକ ଭାବେ ନିଯୁକ୍ତ ଅଛନ୍ତି। ସମବାୟ ସମିତିରେ ଅନିୟମିତତା ଅଭିଯୋଗରେ ପୂର୍ବରୁ ସମିତି ପରିଚାଳନା କମିଟିର କିଛି ସଦସ୍ୟ ଧାରଣା ଦେବା ସହ ସମିତି ସମ୍ପାଦକ ନିଜର ଶିକ୍ଷାଗତ ସାର୍ଟିଫିକେଟ ଜାଲ କରି ଜନ୍ମ ତାରିଖ ବଢାଇ ଚାକିରି କରୁଥିବାର ଅଭିଯୋଗ ଆଣିଥିଲେ। ପରେ ବାଲେଶ୍ୱର ସମବାୟ ବିଭାଗର ଅଧିକାରୀ ଘଟଣାକୁ ଗୁରୁତ୍ୱର ଭାବେ ନେଇ ଘଟଣାର ବିଧିବଦ୍ଧ ତଦନ୍ତ କରିଥିଲେ। ତଦନ୍ତରେ ପ୍ରଥମେ ସମିତି ସମ୍ପାଦକ ଶ୍ରୀ ଦାସ କଲ୍ୟାଣୀ ପ୍ରାଇମେରୀ ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ, ପରେ ଜୟଦୂର୍ଗା ସରକାରୀ ୟୁପି ସ୍କୁଲ ଆଡମିଶନ ହୋଇ ପାଠ ପଢୁଥିବାର ଦର୍ଶାଇ ଏହି ସାର୍ଟିଫିକେଟରେ ଜନ୍ମ ତାରିଖ ୧୯୬୫ ମସିହା ମାର୍ଚ୍ଚ ୨ ତାରିଖ ଥିବା ବେଳେ ଥିବା ବେଳେ ପରବର୍ତ୍ତୀ ସମୟରେ କଲ୍ୟାଣୀସ୍ଥିତ ଗଦାଧର ସଂସ୍କୃତ ବିଦ୍ୟାଳୟରେ ୮ମ ଶ୍ରେଣୀ ପାଠ ପଢିଥିବାର ସାର୍ଟିଫିକେଟରେ ଜନ୍ମ ତାରିଖ ଜୁଲାଇ ୨ ତାରିଖ ୧୯୬୭ ମସିହା ଦର୍ଶାଯାଇଛି। ଅଭିଯୋଗର ତଦନ୍ତରେ ଜଣାପଡିଥିଲା କି ସମିତି ସମ୍ପାଦକ ଶରତ



କୁମାର ଦାସ ୩୦ ଜୁନ ୨୦୨୫ରେ ଅବସର ନେବାର ଥିଲା। ହେଲେ ତାଙ୍କୁ ଅବସର ଦିଆଯାଇ ନ ଥିଲା। ପରେ ଶ୍ରୀ ଦାସ ନିଜର ଆଧାର କାର୍ଡର ଜନ୍ମ ତାରିଖକୁ ପରିବର୍ତ୍ତନ କରିବା ସହ ଅବସର ନେବାର ବୟସସୀମା ବଢାଇବା ପାଇଁ ଗଦାଧର ସଂସ୍କୃତ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ସାର୍ଟିଫିକେଟର ଜନ୍ମ ତାରିଖକୁ ଦର୍ଶାଇଥିଲେ। ପରେ ସମବାୟ ବିଭାଗର ଅଧିକାରୀ ୨ଟି ସାର୍ଟିଫିକେଟରେ ଜନ୍ମ ତାରିଖ ଏବଂ ବର୍ଷର ତାଳମେଳ ନଥିବାରୁ ତଦନ୍ତ କରିବା ପାଇଁ ଶିକ୍ଷା ବିଭାଗକୁ ଚିଠି ଲେଖିଥିଲେ। ବାଲେଶ୍ୱର ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଗଦାଧର ସଂସ୍କୃତ ସ୍କୁଲରେ ଶରତ କୁମାର ଦାସ ଅଧ୍ୟୟନ କରିବା କିମ୍ବା ସ୍କୁଲର ତଥ୍ୟ ଉପଲବ୍ଧ ନ ଥିବା ଦର୍ଶାଇଥିଲେ। ପରେ ତିଆରି କରି ବୟସ ଲୁଚାଇ ଅଧିକ ୨ ବର୍ଷ ଚାକିରି କରିବାର ଉଦ୍ଦେଶ୍ୟରେ ଦେଇଥିବାର ଆସିଷ୍ଟାଣ୍ଟ ରେଜିଷ୍ଟାର କୋ ଅପରେଟିଭ ସୋସାଇଟିର ଅଧିକାରୀ ତଦନ୍ତରେ ଜାଣିବାକୁ ପାଇଥିଲେ। ପରେ ଶୁକ୍ରବାର ସନ୍ଧ୍ୟାରେ ସମବାୟ ବିଭାଗର ବାଲେଶ୍ୱର ଏଆରସିଏସ ଏକାଦଶୀ ଦାସ ସମିତି ସମ୍ପାଦକ ଶରତ କୁମାର ଦାସ ଜାଲ ସାର୍ଟିଫିକେଟ ଦେଇ ଚାକିରି କରିବା

- **ସମିତି ସମ୍ପାଦକଙ୍କ ନାଁରେ ଏତଲା ଦେଲା ସମବାୟ ବିଭାଗ**
- **ମାମଲା ରୁଜୁ, ଗୋପାଳପୁର ପୁଲିସର ତଦନ୍ତ ଆରମ୍ଭ**

ତଦନ୍ତ କରାଯିବାରୁ ଶ୍ରୀ ଦାସ ଚଞ୍ଚକତା କରି ଗଦାଧର ସଂସ୍କୃତ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଦାସଙ୍କ ଦସ୍ତଖତ ସହ ସ୍କୁଲର ଜାଲି ସିଲ ଏବଂ ଜାଲ ଦସ୍ତଖତରେ ସାର୍ଟିଫିକେଟ ନେଇ ଗୋପାଳପୁର ଥାନାରେ ଏତାଲା ଦେଇଥିଲେ। ପରେ ଗୋପାଳପୁର ଥାନା ପୋଲିସ ଘଟଣାକୁ ଗୁରୁତର ଭାବେ ନେବା ସହ ଥାନାରେ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିବା ଜଣାପଡିଛି।

## ଔପଦାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା




**ଔପଦା,୧୮।୧୦(ସମିସ):** ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ମୁଖ୍ୟାଳୟରେ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗେଟେଶ୍ୱର ମନ୍ଦିରଠାରୁ ଶହ ଶହ ସଂଖ୍ୟାର ଦଳୀୟ ନେତା ଓ କର୍ମୀ ମାନେ ଏକ ରାଲି ରେ ମୋହନ ସରକାର ବିରୋଧୀ ସ୍ୱଲଗାନ ଦେଇ ଔପଦା ନୋଡାଲ ହାଇସ୍କୁଲ ଖେଳ ପଡିଆ ରେ ଆୟୋଜିତ ପ୍ରତିବାଦ ସଭାରେ ସମବେତ ହୋଇଥିଲେ। ପୂର୍ବତନ ବିଧାୟକ ଇଂ ନାୟକଙ୍କ ଅଧ୍ୟକ୍ଷତାରେ ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ରାଜ୍ୟ ବରିଷ୍ଠ ବିଜେଡି ସାଧାରଣ ସମ୍ପାଦିକା ଡକ୍ଟର ଲେଖାଶ୍ରୀ ସାମନ୍ତ ସିଂହାର, ବରିଷ୍ଠ ବିଜେଡି ନେତା ନିରଞ୍ଜନ ମହାନ୍ତି, ମଧୁସୂଦନ ମଲ୍ଲିକ,ରବୀନ୍ଦ୍ର ପରିଡା, ଶୁଭେନ୍ଦୁ କୁମାର ପଣ୍ଡା,ଅନନ୍ତ ପ୍ରସାଦ ବାରିକ, ଉଦୟ କୁମାର ସ, ଗୟାଧର ସେଠୀ ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷି ଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ବିଜେଡି ସଭାପତି ଆଦିତ୍ୟ ନାରାୟଣ ବେହେରା, ଯୁବ ନେତା ବିନୟ କୁମାର ପଟ୍ଟନାୟକ, ଦୀପକ କୁମାର ଦାସ, ଭାସ୍କର ଚନ୍ଦ୍ର ଖିଲାର ପ୍ରମୁଖ ସହଯୋଗ କରିଥିଲେ।

## ପାନୀୟଜଳ ଯୋଗାଣ ପ୍ରକଳ୍ପରେ ଅନିୟମିତତା ଅଭିଯୋଗ

**ନୀଳଗିରି, ୧୮।୧୦ (ସମିସ):** ସରକାର ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ଲକ୍ଷ୍ୟରେ ନୀଳଗିରି ରେ ମେଗା ପ୍ରକଳ୍ପର ପରିକଳ୍ପନା କରିବା ସହିତ ଏଥି ପାଇଁ ସ୍ୱତନ୍ତ୍ର ଅର୍ଥର ବ୍ୟବସ୍ଥା ମଧ୍ୟ ହୋଇଥିଲା। ତେବେ କାମ କରୁଥିବା ଠିକା ସଂସ୍ଥାର କାର୍ଯ୍ୟରେ ବିଭିନ୍ନ ଦୁର୍ନୀତି ତଥା ଠିକା ସଂସ୍ଥା ପକ୍ଷରୁ ଯେଉଁ ପାଣି ପାଇପ୍ ବିଛାଯାଇଛି ତାହା ମାଟି ତଳେ ୩ ଫୁଟ ତଳେ ଯିବା କଥା ତାହା ୧ ଫୁଟ ମାଟି ତଳେ ଯାଇଅଛି। ଏହି ପ୍ରକାର ଅନ୍ୟ ସବୁ ବିଷୟକୁ ନେଇ ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡଙ୍ଗୀ ଗତ ଶୁକ୍ରବାର ନୀଳଗିରି ବାସଭବନରେ ଏକ ସାମ୍ବାଦିକ ସମ୍ମିଳନୀ କରିବାସହ ରାଜ୍ୟ ସରକାର ମେଗା ପ୍ରକଳ୍ପ କାର୍ଯ୍ୟରେ ତଦନ୍ତ ପାଇଁ ନିର୍ଦ୍ଦେଶ ଏବଂ ସମ୍ପୃକ୍ତ ଠିକାଦାରଙ୍କ ବିରୁଦ୍ଧରେ କେବଳ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନୁହେଁ ବରଂ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ଏବଂ ଗ୍ରାମୀଣ ଜଳ ଯୋଗାଣ ବିଭାଗ ମନ୍ତ୍ରୀ, ବାଲେଶ୍ୱର ସାଂସଦ, ଓଡ଼ିଶା ମୁଖ୍ୟ ସାସନ ସଚିବ, ଡି.ଜି ଭିଜିଲାନ୍ସ, ବାଲେଶ୍ୱର ଜିଲ୍ଲାପାଳଙ୍କୁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ଲେଖିଥିବାର ପୂର୍ବତନ ବିଧାୟକ ଶ୍ରୀ ଷଡଙ୍ଗୀ ପ୍ରକାଶ କରିଛନ୍ତି। ସୂଚନା ଥାଉକି ନୀଳଗିରି ବ୍ଲକରେ ଅଯୋଧ୍ୟା ପଞ୍ଚାୟତଠାରେ ପ୍ରବାହିତ ସୋନ ନଦୀରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ୧୭୨ କୋଟି ଟଙ୍କାର ବିନିଯୋଗରେ ମେଗା ଜଳଯୋଗାଣ ପ୍ରକଳ୍ପ ଜୁବେରି ଇଞ୍ଜିନିୟରିଂ କନଷ୍ଟ୍ରୋକସନ ପି.ଭି.ଟି ଏଲ.ଟି.ଡି ରାଜସ୍ଥାନ ଠିକାଦାର ଜୁବେରୀ କମ୍ପାନୀ ଓ ପ୍ରକଳ୍ପର ଦେଖରେଖ ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ନୀଳଗିରି ବ୍ଲକର ୨୦ ପଞ୍ଚାୟତ ସମେତ ୯୦ରୁ ଉଠରୁ ଗାଁରେ ମେଗା ଜଳ ପ୍ରକଳ୍ପ କାର୍ଯ୍ୟ ଚାଲୁରହିଛି।

## ଏସ୍‌ବିଆଇ ଶାଖା ଖୋଲି ୪ କୋଟି ଚଳୁ ଅଭିଯୋଗ



**ବାଲିଆପାଳ, ୧୮।୧୦ (ସମିସ):** ଦେଉଳା ପଞ୍ଚାୟତ ଅଫିସ୍ ସମ୍ମୁଖରେ ରହିଛି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଶାଖା। ଏହି ଶାଖାରେ କାର୍ଯ୍ୟରତ ଥିବା ଦେଉଳା ଗ୍ରାମର ରଞ୍ଜନ ରଣା ଏକ ଶାଖା ଖୋଲି ଗ୍ରାମର ରେଲୱେ ପାଇଁ ଜାଗା ହରାଇଥିବା ଆଦିବାସୀ ଲୋକଙ୍କ ଠାରୁ ଲକ୍ଷାଧିକ ଟଙ୍କା ପ୍ରଧାନମନ୍ତ୍ରୀ ପେନସନ ଯୋଜନାରେ ଜମା ନେଇ ମାସକୁ ଲକ୍ଷେ ଟଙ୍କାରେ ଦୁଇହଜାର ଟଙ୍କା ପେନସନ ଆକାରରେ ମିଳିବାର ପ୍ରତିଶ୍ରୁତି ଦେଇଥିଲେ। ପରେ ପରେ ଗ୍ରାମର ରାଣୀ ମାଝୀ ୧୧ ଲକ୍ଷ, ବାସନ୍ତୀ କିସ୍କୁ ୧ ଲକ୍ଷ, ଯଥା ସୋରେନ ୧ ଲକ୍ଷ, ସାଗରାମ ସୋରେନ ୪ ଲକ୍ଷ, ଉମେଶ ରାଉତ ୨ଲକ୍ଷ ଓ ଲକ୍ଷ୍ମୀ ରାଉତ ୧ଲକ୍ଷ ସମେତ ଶତାଧିକ ଲୋକଙ୍କ ଅର୍ଥକୁ ମିଶାଇଲେ ୪ କୋଟି ଟଙ୍କାରୁ ଅଧିକ ଟଙ୍କାକୁ ସେ ଚଳୁକରିଥିବାର ଶୁଣିବାକୁ ମିଳୁଛି। ଉକ୍ତ ଟଙ୍କାକୁ ପ୍ରଧାନମନ୍ତ୍ରୀ ପେନସନ ଯୋଜନାରେ ରହିବ କହି ଗରିବ ଅଶିକ୍ଷିତ ଲୋକଙ୍କ ଠାରୁ ସେ ଟଙ୍କା ନେଇ ବିଭିନ୍ନ ସଂସ୍ଥା, ସେୟାର ମାର୍କେଟରେ ଲଗାଇବା ସାଙ୍ଗକୁ ବାଲିଆପାଳରୁ ଭୁବନେଶ୍ୱର ପର୍ଯ୍ୟନ୍ତ ବିଭିନ୍ନ ଜାଗାରେ ନାମୀଦାମୀ ଯାଗା କିଣିଛନ୍ତି। ଗାଁରେ ତାଙ୍କ ନାମରେ ଅନେକ ଚାଷଜମି କିଣା ହୋଇଛି। ସେ ଲୋକଙ୍କୁ ଲକ୍ଷେ ଟଙ୍କାରେ ମାସକୁ ଦୁଇହଜାର ଟଙ୍କା ହିସାବରେ ୫/୬ ମାସ ଦେବା ପରେ ଆଉ ନ ଦେଇ ସେ ଲୋକଙ୍କୁ ଭଣ୍ଡାଇବାରୁ ଶେଷରେ ସେମାନେ ବାଲିଆପାଳ ଥାନାରେ ଆଶ୍ରୟ ନେଲେ। ଏତଲା ଦେବାର ତିନିଦିନ ପରେ ଆଜି ଥାନାର ଆଇଆଇସି ଗୋବିନ୍ଦ ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ଉଭୟ ପକ୍ଷଙ୍କ ନେଇ ବୈଠକ ହୋଇଥିଲା। ଶେଷରେ ଆଇଆଇସି ଶ୍ରୀ ବେହେରା ଷ୍ଟେଟ ବ୍ୟାଙ୍କ ଶାଖାର ସମସ୍ତ କାଗଜପତ୍ର ରଞ୍ଜନ ଠାରୁ ଆଣି ଯାଞ୍ଚ କରୁଥିବା ବେଳେ ତାଙ୍କୁ ଦଶଦିନ ଭିତରେ ଲୋକଙ୍କ ଟଙ୍କା ଫେରସ୍ତ କରିବା ପାଇଁ ତାଗିଦ କରିଥିଲେ। ସେମାନଙ୍କୁ ଦଶଦିନ ଭିତରେ ଟଙ୍କା ନ ମିଳିଲେ ଥାନା ଓ ବାଲିଆପାଳ ଷ୍ଟେଟ ବ୍ୟାଙ୍କ ଆଗରେ ଧାରଣାରେ ବସିବେ ବୋଲି କହିଛନ୍ତି।

## ବାଟଗାଁରେ ବାଣ ଦୋକାନ: ଲାଇସେନ୍ସ ନ ଦେବାକୁ ପ୍ରଶାସନ ନିକଟରେ ଗ୍ରାମବାସୀ ଫେରାଦ

**ବାଲେଶ୍ୱର(ଉତ୍ତର),୧୮।୧୦(ସମିସ):** ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନଂ ରାଜ୍ୟ ରାଜପଥ ପାଶ୍ୱର୍ ଭୋଗରାଇ ବ୍ଲକ ବାଟଗାଁଠାରେ ଏକ ବାଣ ଦୋକାନ ଖୋଲିବା ପାଇଁ ଜନୈକ ବ୍ୟବସାୟୀ ପ୍ରଶାସନଠାରେ ଆବେଦନ କରିବା ଉପରେ ସ୍ଥାନୀୟ ଗ୍ରାମବାସୀ ଆପତ୍ତି ଉଠାଇଛନ୍ତି। ସମ୍ପୃକ୍ତ ଆବେଦନକାରୀଙ୍କୁ ପ୍ରଶାସନ ଲାଇସେନ୍ସ ପ୍ରଦାନ ନ କରିବାକୁ ଭୋଗରାଇ ତହସିଲଦାର ଠାରୁ ଆରମ୍ଭ କରି ବାଲେଶ୍ୱର ଜିଲ୍ଲାପାଳ, ଉପଜିଲ୍ଲାପାଳଙ୍କ ନିକଟରେ ଗ୍ରାମବାସୀ ପକ୍ଷରୁ ନିବେଦନ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ବାଟ ଗାଁ ମୌଜାରେ ଶିବଦୁର୍ଗା ଏଣ୍ଟର ପ୍ରାଇଜେସ ନାମକ ବ୍ୟବସାୟିକ ସଂସ୍ଥା ଏକ ବାଣ ଦୋକାନର ଲାଇସେନ୍ସ ପାଇବା ପାଇଁ ପ୍ରଶାସନ ନିକଟରେ ଆବେଦନ କରିଥିଲେ। ଏ ନେଇ ଭୋଗରାଇ ତହସିଲ କାର୍ଯ୍ୟାଳୟ ତରଫରୁ ୨୫/୯/୨୦୨୫ରିଖରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ଗ୍ରାମବାସୀଙ୍କ ତରଫରୁ ଆପତ୍ତି ଅଭିଯୋଗ ଅଛି କି ନାହିଁ ସେ ସମ୍ପର୍କରେ ଜଣାଇବା ପାଇଁ ଗତ ୧୦/୧୦/୨୦୨୫ତାରିଖ ଉଲ୍ଲେଖ ରହିଛି। ମାତ୍ର ପ୍ରଶାସନ ଏହି ନୋଟିସକୁ ସର୍ବସାଧାରଣ ଜାରି କରିବା କ୍ଷେତ୍ରରେ ଚଞ୍ଚକତା ଅବଲମ୍ବନ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରଶାସନ ଜାଣି ଶୁଣି କିଭଳି ଗ୍ରାମବାସୀ ଅଭିଯୋଗ ନ କରିପାରିବେ ସେଥିପାଇଁ ନୋଟିର ଅବଧି ପୂରିବାର ମାତ୍ର ଦୁଇଦିନ ପୂର୍ବରୁ ଏହାକୁ ସାର୍ବଜନୀନ କରିଛନ୍ତି। ତାହା ପୁଣି ଶେଷ ଦୁଇ ଦିନ ସରକାରୀ ଛୁଟି ରହୁଥିବାରୁ ଆଉ କେହି ଅଭିଯୋଗ କରିପାରିବେ ନାହିଁ ସେଇଭଳି ବ୍ୟବସ୍ଥା କରିଥିବା ନେଇ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ବାଣ ଦୋକାନ ପାଇଁ ଆବେଦନ କରାଯାଉଥିବା ସ୍ଥାନ ଜନବସତିପୂର୍ଣ୍ଣ ହୋଇଥିଲା ବେଳେ ତାକୁ ଲାଗିଥିବା ରାସ୍ତା ଦେଇ ପ୍ରତ୍ୟେକ ଦିନ ହଜାର ହଜାର ଲୋକ ଯାତାୟାତ କରୁଥିବାରୁ ଯଦି କୌଣସି ଦୁର୍ଘଟଣା ଘଟେ ତେବେ ଧନ ଜୀବନ ହାନି ହେବାର ସମ୍ଭାବନା ଥିବାରୁ ସମ୍ପୃକ୍ତ ସଂସ୍ଥାକୁ ଏଥିପାଇଁ ଲାଇସେନ୍ସ ପ୍ରଦାନ ନ କରିବାକୁ ଗ୍ରାମବାସୀ ଭାଗବତ ମଣ୍ଡଳ, ଚିତ୍ତରଞ୍ଜନ ନାୟକ, ହେମନ୍ତ ଭୂୟାଁ, ରାଜୀବ ଦାସ, କାର୍ତ୍ତିକ ଦାସ, କାଳିପଦ ଦାସ, ୱାର୍ଡ ମେମ୍ବର ଗୋପାଳ ନାୟକ, ଶ୍ରୀହରି ଧଳ ପ୍ରମୁଖଙ୍କ ସହିତ ଶତାଧିକ ଗ୍ରାମବାସୀଙ୍କ ସ୍ୱାକ୍ଷରିତ ଏକ ନିବେଦନ ପତ୍ର କଲେକ୍ଟର ବାଲେଶ୍ୱର, ଏସପି ବାଲେଶ୍ୱର, ଉପ ଜିଲ୍ଲାପାଳ, ଜିଲ୍ଲା ଅଗ୍ନିଶମ ବିଭାଗ, ବାଲେଶ୍ୱର ସାଂସଦ, ଭୋଗରାଇ ବିଧାୟକ ସହିତ ଭୋଗରାଇ ତହସିଲଦାରଙ୍କୁ ପ୍ରଦାନ କରିଥିବା ଜଣାପଡ଼ିଛି।

## ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀଙ୍କ ନାମରେ ଆର୍ଥିକ ଅନିୟମିତତା

**କଡମିଆଁ ପ୍ରାଥମିକ ବିଦ୍ୟାଳୟରେ ତଦନ୍ତକାରୀ ଟିମ୍**

**ଖଇରା,୧୮।୧୦ (ସମିସ):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କଡମିଆଁ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ କୁଅଁରଙ୍କ ନାମରେ ଆର୍ଥିକ ଅନିୟମିତତା ହୋଇଥିବା ନେଇ ଗ୍ରାମବାସୀ ଜିଲା ଶିକ୍ଷାଧିକାରୀ ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ପରେ ନନ୍ଦୁର ହାଇସ୍କୁଲର ପ୍ରଧାନଶିକ୍ଷକ ଭବାନୀ ପ୍ରସାଦ ଦିବେଦୀ ଓ କୁପାରୀ ହାଇସ୍କୁଲର ପ୍ରଧାନଶିକ୍ଷକ ଜଗବନ୍ଧୁ ବେଶ୍ରାଙ୍କ ନେତୃତ୍ୱରେ ଗଠିତ ତଦନ୍ତକାରୀ ଟିମ ଗତ ୨୧ତାରିଖରେ ପ୍ରଥମ ପର୍ଯ୍ୟାୟରେ ତଦନ୍ତ ପରେ ଶନିବାର ବିଦ୍ୟାଳୟକୁ ଯାଇ ଦ୍ୱିତୀୟ ପର୍ଯ୍ୟାୟର ତଦନ୍ତ କରିଛନ୍ତି। ଉକ୍ତ ଟିମ କ୍ୟାଶ ବୁକ, ରିଜୋଲ୍ୟୁସନ ଖାତା, ଭିନ୍ନ ଭିନ୍ନ ସମୟରେ ଜିନିଷ କିଣା ବାବଦରେ ରଖାଯାଇଥିବା ଭାଉଚରକୁ ଯାଞ୍ଚ କରିଥିଲେ। ପ୍ରବେଶ ଉତ୍ସବ, ପିଟିଏମ, ୟୁନିଫର୍ମ, ଇକୋ କ୍ଲବ ଇତ୍ୟାଦି ବାବଦରେ କରାଯାଇଥିବା



ଖର୍ଚ୍ଚର ଭାଉଚର ଠିକଠାକ ଥିବା ବେଳେ ଖେଳ ଓ ଅନ୍ୟାନ୍ୟ ସରଞ୍ଜାମ ପାଇଁ ଖର୍ଚ୍ଚ ହୋଇଥିବା ୩୦ହଜାର ଟଙ୍କାର ସରଞ୍ଜାମ ବିଦ୍ୟାଳୟରେ ନଥିବା, ଗଣିତ ଓ ବିଜ୍ଞାନ ବିଷୟରେ ଦକ୍ଷତାବୃଦ୍ଧି ପାଇଁ କରାଯାଇଥିବା ୫ ହଜାର ଟଙ୍କାର ଭାଉଚର ସହିତ ବାହାର ବିଦ୍ୟାଳୟର ଫଟୋ ଲଗାଯାଇଥିବା ନେଇ ଟିମ ହୃଦୟଙ୍ଗମ କରିବା ସହ କିଛି ଭାଉଚରରେ କରାଯାଇଥିବା ଦସ୍ତଖତ ପରିଚାଳନା କମିଟି ସଭାପତି ଦସ୍ତଖତ ସହ ମିଶୁନଥିବା ନେଇ ଏହି ଟିମ୍‌ର ଦୃଷ୍ଟିଗୋଚର ହୋଇଥିଲା। ଏ ସମ୍ପର୍କରେ ଟିମ ମୁଖ୍ୟ ଭାବେ ନନ୍ଦୁର ହାଇସ୍କୁଲର ପ୍ରଧାନଶିକ୍ଷକଙ୍କ ମତାମତ ନିଆଯିବାରେ ତଦନ୍ତ ବେଳେ ଯାହା ଯାହା ତ୍ରୁଟି ମିଳିଥିଲା ସେ ସବୁକୁ ଉପସ୍ଥିତ ଗ୍ରାମବାସୀ ଓ ପରିଚାଳନା କମିଟିକୁ ଅବଗତ କରାଯାଇ ସେମାନଙ୍କ ଦସ୍ତଖତ ମଧ୍ୟ ନିଆଯାଇଛି। ସେ ତାଙ୍କର ଏହି ରିପୋର୍ଟକୁ ଯଥାଶୀଘ୍ର ବିଇଓଙ୍କୁ ପ୍ରଦାନ କରିବେ ବୋଲି କହିଛନ୍ତି।

## ରଣ ନାଁରେ ଲକ୍ଷାଧିକ ଟଙ୍କା ଠକେଇ

- **ଅଭିଯୁକ୍ତକୁ କାବୁ କରି ପୁଲିସ ଜିମା**

**ନୀଳଗିରି, ୧୮।୧୦ (ସମିସ):** ବିଭିନ୍ନ କମ୍ପାନୀରେ ଲୋନ କରିଦେବ କହି ଲୋକଙ୍କ ଠାରୁ ଆଧାର କାର୍ଡ ଓ ପାନ୍ କାର୍ଡ ଆଣି ମୋବାଇଲରେ ସମସ୍ତ କାଗଜ ପତ୍ର ଅପଲୋଡ୍ କରି କାହାକୁ ପଚାଶ ହଜାର, କାହାକୁ ଏକ ଲକ୍ଷ, କାହାକୁ ସତୁରୀ ହଜାର ଆଦି ଲୋନ୍ କରି ହିତାଧିକାରୀଙ୍କ ବ୍ୟାଙ୍କ୍ ଖାତାକୁ କ୍ରେଡିଟ କରି ସଙ୍ଗେ ସଙ୍ଗେ



ନିଜ ଆକାଉଣ୍ଟକୁ କ୍ରେଡିଟ କରିଦେଉଥିଲା। ମାତ୍ର ହିତାଧିକାରୀମାନଙ୍କୁ ସାତ ଆଠ ଦିନ ଭିତରେ ଟଙ୍କା ଆକାଉଣ୍ଟକୁ ପଳାଇ ଆସିବ ବୋଲି କହୁଥିଲା। ମାତ୍ର ସମସ୍ତ ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ଆସିଥିଲା କେଇମିନିଟ୍ ମଧ୍ୟରେ ପୁଣି ଅନ୍ୟ ଆକାଉଣ୍ଟକୁ ପଳାଇ ଯାଇଥିଲା। ଏହିପରି ମିତ୍ରପୁର, ସାଂଗ୍ରାମପୁର ଅଞ୍ଚଳରେ ଅନେକ ଲୋକଙ୍କୁ ଠକି ଥିବାର ଜଣା ପଡିଛି। ୨୦୨୩ମସିହାରେ ମୟୂରଭଞ୍ଜ ଜିଲ୍ଲାର ବଡ଼ସାହି ଥାନା ଅନ୍ତର୍ଗତ ରତନପୁର ଗ୍ରାମର ପ୍ରଭାକର ମଣ୍ଡଳଙ୍କ ପୁଅ ଜ୍ଞାନରଞ୍ଜନ ମଣ୍ଡଳ ଏପରି ଠକେଇ କରି ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରିଛି। ସମସ୍ତ ଲୋନ୍ ଟଙ୍କାକୁ ନେଇ ଫେରାର ହୋଇଯାଇଥିଲା। ମୋବାଇଲ୍ ମଧ୍ୟ ବନ୍ଦ କରିଦେଇଥିଲା। ଏପଟେ ବ୍ୟାଙ୍କରୁ ବାରମ୍ବାର ଚିଠି ମଧ୍ୟ ଆସୁଥିଲା। ଜ୍ଞାନରଞ୍ଜନ ର ଦେଖା ପାଉ ନ ଥିଲେ କେହି। ଗତ ଶୁକ୍ରବାର ଦିନ ବାଲେଶ୍ୱରରେ ହଠାତ୍ ଦେଖି ସମସ୍ତେ ତାକୁ କାବୁ ନୀଳଗିରି ଥାନାକୁ ଖବର ଦେବା ପରେ ପୁଲିସ ତାକୁ ଥାନାକୁ ଆଣି ତଦନ୍ତ ଜାରି ରଖିଛି। ଏ ନେଇ ମିତ୍ରପୁର ଅଞ୍ଚଳର ପଦ୍ମଲୋଚନ ବେହେରା ନୀଳଗିରି ଥାନାରେ ଅଭିଯୋଗ କରିଥିବା ବେଳେ ମନୋରଞ୍ଜନ ପୃଷ୍ଟି, ଦୁର୍ଯ୍ୟୋଧନ ପାତ୍ର, ରଘୁନାଥ ପଣ୍ଡା, ରଜତ ସାମଲ, ନିନି, ସମେତ ଅନେକ ଲୋକଙ୍କୁ ଠକି ଥିବାର ଜଣା ପଡିଛି। ସେପଟେ ଜ୍ଞାନରଞ୍ଜନର ବାପା ପ୍ରଭାକର ପୁଅକୁ ମରଣାନ୍ତକ ଆକ୍ରମଣ କରିଥିବା ନେଇ ବଡ଼ସାହି ଥାନାରେ ଅଭିଯୋଗ କରିଛନ୍ତି।

## ଡାକ୍ତର ବ୍ରଜସୁନ୍ଦର ସ୍ୱାଇଁଙ୍କ ଆକ୍ରମଣ ଘଟଣାରେ ୩ ଗିରଫ

**ସୋର,୧୮।୧୦(ସମିସ):** ସୋର କଲେଜଛକ ନିକଟସ୍ଥ ଏକ କ୍ଲିନିକ ଆଗରେ ଡାକ୍ତରଙ୍କୁ କଟୁରୀରେ ଆକ୍ରମଣ ଘଟଣାରେ ସୋର ପୁଲିସ୍ ଜଣେ ନାବାଳିକ ସହିତ ୪ ଜଣଙ୍କୁ ଗିରଫ କରିଛି। ଏ ବାବଦରେ ସୋର ଥାନାରେ ସାମ୍ବାଦିକ ସମ୍ମିଳନୀରେ ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ ସୂଚନା ଦେଇଛନ୍ତି। ଖଇରା ଅଞ୍ଚଳର ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ବ୍ରଜସୁନ୍ଦର ସ୍ୱାଇଁ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇ କଲେଜ ଛକରେ ଏକ କ୍ଲିନିକ କରି ରୋଗୀ ଦେଖୁଥିଲେ। ଗତ ସେପ୍ଟେମ୍ବର ୧୭ ସନ୍ଧ୍ୟାରେ ଡାକ୍ତର ଶ୍ରୀ ସ୍ୱାଇଁ ନିଜ କ୍ଲିନିକରୁ ରୋଗୀ ଦେଖି ସାରି ଘରକୁ ଯିବା ପାଇଁ କ୍ଲିନିକ ଆଗରେ ଥିବା ତାଙ୍କ କାର ନିକଟକୁ ଯାଉଥିଲେ। ଏହି ସମୟରେ ଛଅ ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ଦୁଇଟି ବାଇକରେ ଆସି ପଛରୁ ତାଙ୍କୁ ଦୁଇଟି କଟୁରୀରେ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ବେକରେ ଗଭୀର କ୍ଷତ ସୃଷ୍ଟି ହେବା ସହିତ ସେ ଗୁରୁତର ଆହତ ହୋଇଥିଲେ। ସଙ୍ଗେ ସଙ୍ଗେ ତାଙ୍କ ବାପା ତାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ସୋରର ଏକ ଘରୋଇ କ୍ଲିନିକରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱରର ଏକ ଘରୋଇ ମେଡିକାଲକୁ ଅଧିକ ଚିକିତ୍ସାପାଇଁ ଡାକ୍ତର ତାଙ୍କୁ ସ୍ଥାନାନ୍ତର କରିଥିଲେ। ଏ ବାବଦରେ ଡାକ୍ତର ସ୍ୱାଇଁଙ୍କ ବାପାଙ୍କ ଅଭିଯୋଗ ମୂଳେ ପୁଲିସ ୭୫୮/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ବାଲେଶ୍ୱର ଏସପିଙ୍କ ନିର୍ଦ୍ଦେଶ କ୍ରମେ ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକଙ୍କ ନେତୃତ୍ୱରେ ସୋର ଥାନାଧିକାରୀ ସୁଦୀପ୍ତ ସାହୁଙ୍କୁ ନେଇ ଏକ ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲେ। ଗୁରୁବାର ଏହି ଟିମ୍ ସନ୍ଧାନ ପାଇ ସେମାନଙ୍କ ମଧ୍ୟରୁ ବରୁଣସିଂ ବେହେରାସାହି ଗ୍ରାମର ସୂର୍ଯ୍ୟକାନ୍ତ ନାୟକ(୨୧), ଖନ୍ତାପଡ଼ା ଥାନା ଅଯୋଧ୍ୟା ନଗରପାଟଣା ଆଦିତ୍ୟ ନାରାୟଣ ସିଂ (୨୧), ଖନ୍ତାପଡ଼ା ଥାନା ମହମ୍ମଦାବାଦ ଗ୍ରାମର ତାପସ କୁମାର ସ୍ୱାଇଁ ସମେତ ଘଟଣାରେ ସଂପୃକ୍ତ ଜଣେ ନାବାଳକକୁ ଗିରଫ କରିଥିଲେ। ଏହି ଟିମ ସେମାନଙ୍କ ନିକଟରୁ ଘଟଣାରେ ବ୍ୟବହୃତ ଏକ ବୋଲେରୋ, ଦୁଇଟି ବାଇକ, ତିନୋଟି ମୋବାଇଲ ଏବଂ ଦୁଇଟି କଟୁରୀକୁ ଜବତ କରିଛି। ଏହି ଘଟଣାରେ ବହୁ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ବେଳେ ତଦନ୍ତ ଚାଲିଥିବାରୁ ଆକ୍ରମଣର ପ୍ରକୃତ କାରଣ ପ୍ରଘଟ କରିନଥିଲେ ସୁଦ୍ଧା ଅନ୍ୟ ମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଏସଡିପିଓ ଶ୍ରୀ ନାୟକ ସୂଚନା ଦେଇଛନ୍ତି। ତେବେ ଗିରଫ ଦୁଇ ଅଭିଯୁକ୍ତଙ୍କ ନାମରେ ଖନ୍ତାପଡ଼ା ଏବଂ ସହଦେବଖୁଣ୍ଟା ଥାନାରେ ଏକାଧିକ ଅପରାଧିକ ମାମଲା ଥିବା ସୂଚନା ମିଳିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଥାନାଧିକାରୀ ସୁଦୀପ୍ତ କୁମାର ସାହୁ ଉପସ୍ଥିତ ଥିଲେ। ଆଜି ସୋର ମେଡିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ୩ ଜଣଙ୍କୁ ପୁଲିସ ସୋର କୋର୍ଟକୁ ଚାଲାଣ କରିଥିବା ବେଳେ ନାବାଳକ ଜଣଙ୍କୁ ବାଲେଶ୍ୱର କୋର୍ଟରେ ହାଜର କରାଯିବା ପରେ ଅନୁଗୁଳସ୍ଥିତ ବାଲ ସୁଧାର ଗୃହକୁ ଚାଲାଣ କରାଯାଇଛି।

## ନିଲମ୍ବିତ ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ବାଲିଆପାଳ, ୧୮।୧୦ (ସମିସ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତର ଦେଉଳାଠାରେ ଥିବା ଅନୁସୁଚିତ ଜାତି ଓ ଜନଜାତି ପିଲାଙ୍କ ପାଇଁ ସରକାରଙ୍କ ପକ୍ଷରୁ ଆଶ୍ରମ ସ୍କୁଲ୍ ସ୍ଥାପନ କରାଯାଇଛି। ପିଲାଙ୍କ ଭବିଷ୍ୟତ ଗଠନ ଉଦ୍ଦେଶ୍ୟରେ ମାଗଣା ଶିକ୍ଷା ବ୍ୟବସ୍ଥା, ଉନ୍ନତମାନର ଖାଦ୍ୟ, ଛାତ୍ରାବାସର ଉନ୍ନତିକରଣ ପାଇଁ ଆସୁଥିବା ସରକାରୀ ଅନୁଦାନକୁ ଚଞ୍ଚକତା କରି ନିଲମ୍ବିତ ହୋଇଥିବା ପ୍ରଧାନ ଶିକ୍ଷକ ଆତ୍ମସାତ୍ କରିଥିବା ନେଇ ବୁଦ୍ଧିଜୀବୀ ଓ ଗ୍ରାମବାସୀ ଜିଲ୍ଲାପାଳଙ୍କ ଠାରେ ଫେରାଦ ହୋଇଛନ୍ତି। ପ୍ରତ୍ୟେକ ବର୍ଷ ବିଦ୍ୟାଳୟର ଉନ୍ନତି କରଣ ପାଇଁ ଏକ ଲକ୍ଷ ଟଙ୍କା ଓ ପି-ମେଟ୍ରିକ୍-ସ୍କଲାରସିପରେ ଏକ ଲକ୍ଷ ଟଙ୍କା ଆସିଥାଏ। ମାତ୍ର ଏହି ବିଦ୍ୟାଳୟରେ ପରିଚାଳନା କମିଟି ନଥିବାରୁ ବିନା ରେଜୁଲେସନରେ ନିଲମ୍ବିତ ପ୍ରଧାନ ଶିକ୍ଷକ ରାଜୀବ ଲୋଚନ ପାତ୍ର ମନ ଇଚ୍ଛା ବିଲ୍ କରି ବହୁ ଅର୍ଥ ହେରଫେର କରିଛନ୍ତି ବୋଲି ଗ୍ରାମବାସୀ ଅନନ୍ତ କୁମାର ବିଶ୍ୱାଳ, ଉମାକାନ୍ତ ବେହେରା, ବୁଦ୍ଧିଆ ମାରାଣ୍ଡି,ଚେମ ବିନ୍ଧାଣି, ଲକ୍ଷ୍ମୀ ଧର ପାତ୍ର, ଘନଶ୍ୟାମ ବିନ୍ଧାଣି, ନନ୍ଦ ଟୁଟୁ, ସୁଶାନ୍ତ ପ୍ରମାଣିକ ପ୍ରମୁଖ ଶ୍ରୀ ପାତ୍ରଙ୍କ ବିରୋଧ ।।ରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

## ସଂକୀର୍ତ୍ତନ ଗାୟକ ବସନ୍ତ ବାରିକଙ୍କ ପରଲୋକ

**କମର୍ଦ୍ଦା, ୧୮।୧୦ (ସମିସ):** ଭୋଗରାଇ ବ୍ଲକ ଖରିଦପିପଳ ଗ୍ରାମପଞ୍ଚାୟତ ଅନ୍ତର୍ଗତ ନୟାପାଳି ଗ୍ରାମର ବିଶିଷ୍ଟ ସଂକୀର୍ତ୍ତନ ଗାୟକ ବସନ୍ତ ବାରିକଙ୍କ ୭୩ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଶ୍ରୀ ବାରିକ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ନିକଟସ୍ଥ ଦହମୁଣ୍ଡା ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଶ୍ରୀ ବାରିକ ଦହମୁଣ୍ଡା ଗ୍ରାମରେ ବସବାସ କରୁଥିବାବେଳେ ଜଣେ ଆଖପାଖ ଅଞ୍ଚଳରେ ଜଣାଶୁଣା ସଂକୀର୍ତ୍ତନ ଏବଂ ଭଜନ ଗାୟକ ଭାବେ ପରିଚିତ ଥିଲେ। ଶ୍ରୀ ବାରିକଙ୍କ ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ଆରତୀ, ସାନପୁତ୍ର ପ୍ରଦୀପ, ପୁତ୍ର ବଧୂ ବେଦଲତା ଏବଂ ସସ୍ମିତା, ପୁତୁରା ଚନ୍ଦନ, ଜ୍ୱାଇଁ କାର୍ତ୍ତିକ, ଝିଅ ସଂଧ୍ୟା ଉପସ୍ଥିତ ଥିଲେ। ଶ୍ରୀ ବାରିକଙ୍କ ମରଶରୀରକୁ ଦହମୁଣ୍ଡା ଠାରୁ ନୟାପାଳି ଯାଏଁ ଶୋଭାଯାତ୍ରାରେ ପରିକ୍ରମା କରିବାପରେ ନୟାପାଳି ଶ୍ମଶାନ ଘାଟରେ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା। ବଡ଼ପୁତ୍ର ଅନିଲ ଓ ସାନପୁତ୍ର ପ୍ରଦୀପ ମୁଖାଗ୍ନି ଦେଇଥିଲେ।

## ତିନି ବାଲି ବୋଝେଇ ଟ୍ରାକ୍ଟର ଅଟକ

**ବାଲିଆପାଳ, ୧୮।୧୦ (ସମିସ):** ଦିନକୁ ଦିନ ସୁବର୍ଣ୍ଣ ରେଖା ନଦୀ ଗର୍ଭରୁ ବାଲି ମାଫିଆମାନେ ବିଭିନ୍ନ ଉପାୟରେ ବେଆଇନ ଭାବେ ବାଲି ଉତ୍ତୋଳନ କରି ପଶ୍ଚିମ ବଙ୍ଗକୁ ଚାଲାଣ କରିବା ଘଟଣା ବଢି ବଢି ଚାଲିଛି। ଅସ୍ତି ପଞ୍ଚାୟତର ପାଳଚମ୍ପେଇ ଗ୍ରାମରେ ଶନିବାର ସକାଳୁ ତିନିଟି ଟ୍ରାକ୍ଟରରେ ବାଲି ବୋଝେଇ କରି ନେଉଥିବା ସମୟରେ ଗ୍ରାମର କିଛି ମହିଳା ତିନି ଘଣ୍ଟାରୁ ଉର୍ଦ୍ଧ୍ୱ ଅଟକି ରଖିଥିଲେ। ମହିଳା ମାନେ ବାରମ୍ବାର ମାଇନ୍ସ ଏବଂ ବାଲିଆପାଳ ପୁଲିସକୁ ଫୋନ୍ କରି ନୟାନ୍ତ ହୋଇଥିଲେ ମଧ୍ୟ କେହି ତାଙ୍କ ଫୋନ୍ ଉଠାଇ ନଥିଲେ। ବାଲିଆପାଳ ପୋଲିସ ଏବଂ ସାଇନ୍ସ ଅଫିସର୍ ଓ ପାଳଚମ୍ପେଇ ଗାଁର ଜନୈକ ୱାର୍ଡସଭ୍ୟଙ୍କ ସଲାସୁତୁରାରେ ଏହି ବାଲି ଚାଲାଣ ହେଉଛି ବୋଲି ସଞ୍ଜିତା ମାଝୀ, ରଶ୍ମିତା ମାଝୀ,ରୀନା ବେହେରା, ସବିତା ମାଝୀ, ଦେବସ୍ମିତା ମାଝୀ, ଆଶାଲତା ମାଝୀ, ସବିତା ମାଝୀ, ଶାନ୍ତି ଲତା ମାଝି କହିଛନ୍ତି।

## ସୁନା କିଣିବା ପାଲଟିଛି ସ୍ୱପ୍ନ: ଧନତେରାସରେ ସୁନା ଛାଡ଼ି ଛାଞ୍ଚୁଣୀ ପଛରେ ଲୋକେ

**ବସ୍ତା ବ୍ଲକ, ୧୮।୧୦ (ସମିସ)**

ପବିତ୍ର ଦୀପାବଳି ପୂର୍ବ ଦିନ ପାଳିତ ହୋଇଥାଏ ଧନତେରାସ। ଏହି ଦିନ ସୁନା ରୂପା କ୍ରୟ କଲେ ମା' ଲକ୍ଷ୍ମୀଙ୍କ ଘରକୁ ଆବିର୍ଭାବ ହୁଅନ୍ତି ଓ ଘରର ସମୃଦ୍ଧି ବଢେ ବୋଲି ବିଶ୍ୱାସ ରହିଛି। ଧନତେରାସ୍ ପାଇଁ ଗ୍ରାମ ଠାରୁ ସହର ପର୍ଯ୍ୟନ୍ତ ଛୋଟ ବଡ଼ ସୁନା ଦୋକାନୀ ଅଧିକ ବିକ୍ରି ପାଇଁ ପ୍ରସ୍ତୁତି କରିଥିବା ଜଣା ପଡ଼ିଛି। ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ଅଫର୍ ଦେଉଛନ୍ତି। କିଏ ଗଢା ମଜୁରୀ ଉପରେ ଛାଡ଼ ଦେଉଥିବା ବେଳେ କିଏ ପ୍ରତ୍ୟେକ ଗହଣା କ୍ରୟ



ଉପରେ ନିଶ୍ଚିତ ଉପହାର କେଉଁଠି ଲଟେରୀ ମାଧ୍ୟମରେ ମେଗା ଅଫର୍ ଦେଉଛନ୍ତି। ଗହଣା ଦୋକାନୀରେ ଭିଡ ଲାଗିବାକୁ ଆକଳନ କରି ପୁଲିସ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି କରାଯାଇ ଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷ ସୁନା ରୂପାର ଦର ଆକାଶ ଛୁଆଁ ହୋଇଛି। ବାଲେଶ୍ୱର ଜିଲ୍ଲା ବସ୍ତା ସୁନା ବ୍ୟବସାୟୀଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ସୁନା ଭରି (୧୦ଗ୍ରାମ) କୁ ୧ ଲକ୍ଷ ୨୨ ହଜାର ଥିବା ବେଳେ ରୂପା ଭରିକୁ ୧୫୦୦ ଟଙ୍କାରେ ବିକ୍ରି ହେଉଛି। ଗତ ବର୍ଷ ଅପେକ୍ଷା ସୁନା ଭରିରେ ୫୦ ହଜାର ଅଧିକ ବଢ଼ିଥିବା ବେଳେ ରୂପା ଗତବର୍ଷ ଠାରୁ ଦ୍ୱିଗୁଣିତ ହୋଇଛି। ସୁନା ଓ ରୂପା ର ଅହେତୁକ ମୂଲ୍ୟ ବୃଦ୍ଧି ପାଇଁ ବ୍ୟବସାୟ ଆଶା ଠାରୁ କମ୍ ହେବ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି। ଗତବର୍ଷ ତୁଳନା ରେ ଅଧିକ ରେଟ ପାଇଁ କାରବାର ଅଧିକ ହେବାକୁ ଥିବା ବେଳେ ଗ୍ରାହକ ସଂଖ୍ୟା କମିବା କୁହା ଯାଉଛି। ନିଜ ଘରର ସମୃଦ୍ଧି ଆଶା ପ୍ରକଟ କରିଥିବା ଲୋକେ ସୁନା ରୂପା ଆକାଶ ଛୁଆଁ ରେଟ୍ ପାଇଁ ନିରାଶ ହେବାକୁ ପଡ଼ିଛି। ଶନିବାର ଓ ରବିବାର ଦୁଇ ଦିନ ଧରି ଏହି ଧନତେରାସ ଲୋକେ ପାଳନ କରୁଥିବା ବେଳେ ସୁନା ଦୋକାନରେ ଭିଡ ଦେଖିବାକୁ ମିଳୁଛି। ଅନ୍ୟ ପକ୍ଷେ ଧନତେରାସରେ ଛାଞ୍ଚୁଣି କିଣିବାର ପରମ୍ପରା ରହିଥିବାରୁ ବସ୍ତାର ବହୁ ଦୋକାନ ରେ ଛାଞ୍ଚୁଣି ବିକ୍ରି ହେଉଛି। ଦୋକାନୀ ମାନେ ବହୁ ମାତ୍ରାରେ ଛାଞ୍ଚୁଣି ମହଜୁଦ ରଖି ଥିବା ବେଳେ ବିକ୍ରି ବିକ୍ରି ବଢ଼ି ଥିବା ଦୋକାନୀ ପ୍ରକାଶ କରିଛନ୍ତି।

# ଟ୍ରାକ୍ଟର ଧକ୍କାରେ ବାଇକ ଚାଳକଙ୍କ ମୃତ୍ୟୁ

## ଫାଣ୍ଡି ସମ୍ମୁଖରେ ଶବ ରଖି ଉତ୍ତ୍ୟକ୍ତ ଲୋକଙ୍କ ଧାରଣା

ମାହାଙ୍ଗା/ଭଦ୍ରେଶ୍ୱର, ୧୮।୧୦(ସମିସ): ମାହାଙ୍ଗା ବ୍ଲକ କୁମୁଡା ଜୟପୁର ଫାଣ୍ଡି ଅଞ୍ଚଳରେ ଏକ ଟ୍ରାକ୍ଟର ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ଫାଣ୍ଡି ସାମ୍ନାରେ ଶବ ରଖି ଉତ୍ତ୍ୟକ୍ତ ଲୋକେ ଧାରଣା ଦେବା ଯୋଗୁଁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ମାହାଙ୍ଗା ଅଞ୍ଚଳରେ ବେପରୁଆ ଭାବେ ବାଲି ବୋଝେଇ ଗାଡି ଚାଲିଛି। ବାଲି ମାଫିଆଙ୍କ କାରବାରକୁ ପ୍ରଶାସନ ରୋକି ପାରୁନି। ଏପରିକି ଚୋରା ବାଲି ଚାଲାଣ ଯୋଗୁଁ ଶନିବାର ଦିନ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, କୁମୁଡା ଜୟପୁର ଫାଣ୍ଡି ଅଞ୍ଚଳରୁ ଏକ ଚୋରା ବାଲି ବୋଝେଇ ଟ୍ରାକ୍ଟର ସକାଳୁ ବାଲି ଢାଳି ଦ୍ରୁତ ଗତିରେ ଫେରୁଥିଲା। ଏହି ସମୟରେ ଟ୍ରାକ୍ଟରଟି ଛତିଆ ସାଲେପୁର ପୂର୍ତ୍ତ ବିଭାଗ ରାସ୍ତାର କୁହୁଣ୍ଡା ପଞ୍ଚାୟତ ଖରିମଠ ନିକଟରେ ଜଣେ ବାଇକ ଚାଳକଙ୍କୁ ଧକ୍କା ଦେଇଥିଲା। ସମ୍ପୃକ୍ତ ବାଇକ ଚାଳକ ଜଣକ କୁଣ୍ଡି ଗ୍ରାମପଞ୍ଚାୟତ ନନ୍ଦକିଶୋରପୁର ଗ୍ରାମର ଅଜୟ ରାଉତ ବୋଲି ଜଣାଯାଇଛି। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କଟକ ବଡ ଡାକ୍ତରଖାନାକୁ ନେଉଥିଲା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ମୃତ୍ୟୁ ଖବର ପ୍ରଚାରିତ ହେବା କ୍ଷଣି ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ଶବକୁ ଧରି ଫାଣ୍ଡି ସମ୍ମୁଖରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଧାରଣା ଦେଇଥିଲେ। ବାଲି ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଲୋକେ ଅଡ଼ି ବସିଥିଲେ।



# ବୈଜୟନ୍ତ, ଶାରଦା ଏକାଠି; ସୁମନ୍ତଙ୍କ ଅନୁଗତ ଅନୁପସ୍ଥିତ

ମାହାଙ୍ଗା,୧୮।୧୦(ସମିସ):

ଗତ ସାଧାରଣ ନିର୍ବାଚନ ପରଠୁ ମାହାଙ୍ଗା ନିର୍ବାଚନମଣ୍ଡଳୀରେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଏବଂ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନଙ୍କୁ ଏକାଠି ହେବାର ଦେଖିବାକୁ ମିଳୁ ନଥିଲା। ଶନିବାର ପୂର୍ବାହ୍ନରେ ମାହାଙ୍ଗା ନିର୍ବାଚନମଣ୍ଡଳୀର ୨ଟି ପ୍ରମୁଖ ରାସ୍ତାର ଶିଳାନ୍ୟାସ ଉତ୍ସବରେ ଉଭୟ ନେତାଙ୍କୁ ଏକାଠି ଦେଖିବାକୁ ମିଳିଛି। ନିଶ୍ଚିନ୍ତକୋଇଲିଠାରୁ ବାଲିପଡ଼ା-ଢ଼ିହିଗୋପ ୮ ନମ୍ବର କେନାଲବନ୍ଧ ରାସ୍ତା ଏବଂ ସୁକରପଡାଠାରୁ କୁରୁଜଙ୍ଗା ୯ ନମ୍ବର କେନାଲବନ୍ଧ ରାସ୍ତାର ଶିଳାନ୍ୟାସ ଉତ୍ସବକୁ ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ଶାରଦା ଆମନ୍ତ୍ରଣ କରିଥିଲେ। କୁଳିଆଠାରେ ଥିବା ମାହାଙ୍ଗା ବିକାଶ ପରିଷଦ କାର୍ଯ୍ୟାଳୟ ନିକଟରୁ ଶୁକରପଡା ଡାକବଙ୍ଗଳା ପର୍ଯ୍ୟନ୍ତ, ଉଭୟ ନେତାଙ୍କ ହଜାର ହଜାର ସମର୍ଥକ ଏକ ବିରାଟ ବାଇକ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଉଭୟ ନେତାଙ୍କୁ କର୍ମୀମାନେ ସଭାସ୍ଥଳୀ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ନିଶ୍ଚିନ୍ତକୋଇଲି ବଜାର ଏବଂ ସୁକରପଡା ବଜାର ନିକଟରେ ନୂଆ ରାସ୍ତାର ଶିଳାନ୍ୟାସ କରିଥିଲେ ସାଂସଦ ଓ ବିଧାୟକ। ତେବେ ବିଜେପିର ଦଳୀୟ ପ୍ରାର୍ଥୀ ସୁମନ୍ତ ଘଡେଇ ଏବଂ ତାଙ୍କ ଅନୁଗତମାନେ କାର୍ଯ୍ୟକ୍ରମରେ ସାମିଲ ହୋଇ ନଥିଲେ। ଶାରଦାଙ୍କ ବିରୋଧୀ ସୁମନ୍ତ ହୋଇଥିଲେ ମଧ୍ୟ ବୈଜୟନ୍ତଙ୍କ ଅନୁଗତ ଭାବେ ଜଣାଶୁଣା। ଶାରଦା ଏହା ମଧ୍ୟରେ ବୈଜୟନ୍ତଙ୍କ ନିକଟତର ହେଉଥିବାରୁ ସୁମନ୍ତଙ୍କ ଅନୁଗତ ଏହାକୁ କିପରି ଗ୍ରହଣ କରୁଛନ୍ତି, ସେକଥା ସମୟ କହିବ ବୋଲି ଚର୍ଚ୍ଚା ଜୋର ଧରିଛି।

## ୨୦ କୋଟି ଟଙ୍କାରେ ଦୁଇଟି ରାସ୍ତାର ଶିଳାନ୍ୟାସ



ନିଶ୍ଚିନ୍ତକୋଇଲି: ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନରେ ୮ ନଂ କେନ୍ଦ୍ରାପଡା କେନାଲ ବାମପାଶ୍ୱର୍ ବନ୍ଧ ନିଶ୍ଚିନ୍ତକୋଇଲିଠାରୁ ବାଲିପଡା ଢିହିଗୋପ ପର୍ଯ୍ୟନ୍ତ ୮.୫ କିମି. ଦୈର୍ଘ୍ୟ ବିଶିଷ୍ଟ ରାସ୍ତାର ଉନ୍ନତିକରଣ ନିମନ୍ତେ ୧୨କୋଟି ୬ ଲକ୍ଷ ଟଙ୍କା ଏବଂ ୯ ନଂ କେନ୍ଦ୍ରାପଡା କେନାଲର ଡାହାଣ ପାଶ୍ୱର୍ ବନ୍ଧ ରାସ୍ତା ସୁକରପଡାଠାରୁ କୁରୁଜଙ୍ଗା ପର୍ଯ୍ୟନ୍ତ ୬ କିମି ଦୈର୍ଘ୍ୟ ବିଶିଷ୍ଟ ରାସ୍ତାର ଉନ୍ନତିକରଣ ପାଇଁ ୮କୋଟି ୭୯ ଲକ୍ଷ ଟଙ୍କା ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଛିଫ ଏହି ଦୁଇଟି ରାସ୍ତାର କାର୍ଯ୍ୟ ଆରମ୍ଭ ପୂର୍ବରୁ କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଦ୍ୱାରା ନିଶ୍ଚିନ୍ତକୋଇଲି ବଜାର କେନାଲ ପୋଲ ନିକଟ ଏବଂ ସୁକରପଡା ବଜାର କେନାଲ ପୋଲ ନିକଟରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଡାକବଙ୍ଗଳାଠାରେ ବିଧାୟକ ଶ୍ରୀ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଗ୍ରାମ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସୁଧାକର ନାୟକ, ବ୍ଲକ ଉପାଧ୍ୟକ୍ଷ ନୃସିଂହ ମିଶ୍ର, ପ୍ରାକ୍ତନ ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ନାରୀନେତ୍ରୀ ଯାଜ୍ଞସେନୀ ଜେନା, ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ଶତପଥୀ ପ୍ରମୁଖ ଯୋଗଦେଇଥିଲେ।

# ଓଭରବ୍ରିଜ ଉପରେ ଟ୍ରକ୍ ଓଲଟିଲା; ଚାଳକ ଆହତ



ଚୌଦ୍ୱାର, ୧୮।୧୦(ସମିସ): ଜାତୀୟ ରାଜପଥ ୫୫ନଂ ଚୌଦ୍ୱାର ଗାନ୍ଧୀ ଛକ ନିକଟରେ ଏକ ଟ୍ରକ ଓଲଟି ପଡିବାରେ ଚାଳକ ଆହତ ହୋଇଥିବା ଜଣାପଡିଛି। ଏକ ଆଇଚର ମିନି ଟ୍ରକ ମଙ୍ଗୁଳିରୁ ଢେଙ୍କାନାଳ ଅଭିମୁଖେ ଯାଉଥିବା ବେଳେ ଜାତୀୟ ରାଜପଥ ଗାନ୍ଧୀଛକ ଓଭରବ୍ରିଜ ଉପରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ରାଜପଥ ଡିଭାଇଡରରେ ଗାଡିଟି ପିଟି ହେବା ଫଳରେ ଗାଡି ଭାଙ୍ଗିରୁଜି ଚୁରମାର ହୋଇଥିବା ଓ ଗାଡିର ଡ୍ରାଇଭର ଆହତ ହୋଇଥିଲେ। ତେବେ ଗାଡି ଯଦି ଡିଭାଇଡରରେ ପିଟି ନହୋଇ ଓଭରବ୍ରୀଜରୁ ତଳକୁ ଖସିଥାନ୍ତା ତାହାହେଲେ ବହୁ ଧନଜୀବନ ହାନି ହୋଇଥାନ୍ତା ବୋଲି ସ୍ଥାନୀୟଲୋକେ କୁହନ୍ତି।

## ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ଚୌଦ୍ୱାର,୧୮।୧୦(ସମିସ): ଚୌଦ୍ୱାରସ୍ଥିତ ପିଏମଶ୍ରୀ ଓଟିଏମ ଉଚ୍ଚବିଦ୍ୟାଳୟର ନୂତନ ପ୍ରଧାନଶିକ୍ଷକ ଭାବେ ଶିକ୍ଷକ ରାମଚନ୍ଦ୍ର ସ୍ୱାଇଁ କାର୍ଯ୍ୟରେ ଯୋଗଦେଇଛନ୍ତି। ଏହି ଅବସରରେ ଚୌଦ୍ୱାର ଅବସରପ୍ରାପ୍ତ ଶିକ୍ଷକ ସଂଘ ତରଫରୁ ସଂଘର ପ୍ରାକ୍ତନ ସଂପାଦକ ସୁକାନ୍ତ କୁମାର ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶ୍ରୀ ସ୍ୱାଇଁଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା କରାଯାଇଛି। ସଂଘର ସଭାପତି ନରହରି ନାୟକ, ପ୍ରମୋଦ ନାୟକ, ପୂର୍ଣ୍ଣଚନ୍ଦ୍ର ସେଠୀ, ନିକୁଞ୍ଜ ବିହାରୀ ପଣ୍ଡା, ପବିତ୍ର ସ୍ୱାଇଁ ପ୍ରମୁଖ ଅବସରପ୍ରାପ୍ତ ଶିକ୍ଷକମାନେ ଓଟିଏମ ସ୍କୁଲରେ ପହଞ୍ଚି ନୂତନ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଓଟିଏମ ହାଇସ୍କୁଲର ପ୍ରଧାନ ଶିକ୍ଷକ ପଦ ଦୀର୍ଘ ଦିନ ହେବ ଖାଲି ପଡିଥିବା ବେଳେ ଶ୍ର ସ୍ୱାଇଁ ବଡମ୍ବା ବ୍ଲକରୁ ବଦଳି ହୋଇ ଆସିଛନ୍ତି।

# ଦ୍ୱୀପାଞ୍ଚଳରେ ବିଜେଡିର ଜନସଂପର୍କ ପଦଯାତ୍ରା




ସାଲେପୁର,୧୮।୧୦(ସମିସ): ଦ୍ୱୀପାଞ୍ଚଳରେ ବିଜେଡିର ଜନସଂପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରାରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଦ୍ୱୀପାଞ୍ଚଳରେ ଥିବା ୪ଟି ପଞ୍ଚାୟତର ବିଭିନ୍ନ ଗ୍ରାମ ବୁଲି ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିବା ସହ ସେମାନଙ୍କ ସମସ୍ୟାକୁ ସମାଧାନ କରିବାପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ତରିତୋ, ରଟିଲୋ ଓ ପୁରୁଣାହାଟ ପଞ୍ଚାୟତରେ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ପଦଯାତ୍ରାରେ ଶତାଧିକ ମହିଳା ଓ ପୁରୁଷମାନେ ଯୋଗଦେଇ ଶୋଭାଯାତ୍ରାରେ ବିଭିନ୍ନ ପଞ୍ଚାୟତ ଗସ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ମନମୋହନ ସ୍ୱାଇଁ, ଜିନ୍ ସେଠୀ, ଅଶୋକ କୁମାର ଭୂୟାଁ, ପ୍ରମୋଦ କୁମାର ରାଉତରାୟ, ସମିତିସଭ୍ୟ ପ୍ରମୋଦ ନଳିନୀ ବିଶ୍ୱାଳ, କମଳାକାନ୍ତ ନାୟକ, ଦିଲ୍ଲୀପ ସ୍ୱାଇଁ, ଚିତ୍ତରଂଜନ ପୁହାଣ, ତରିତୋ ସଭାପତି କୈଳାସ ବେହେରା, ଜୁଲୁ ମହାନ୍ତି, ସୁଧିର କୁମାର ପରିଡ଼ା, ପ୍ରଭାକର ସୂତାର, ବ୍ଲକ୍ ମହାସଚିବ ଗୁଲରେଜ ଅଲ୍ଲି, ରାଜେଶ ମହାନ୍ତି, ବିଭୁତିଭୂଷଣ ଦାଶ, ହେମନ୍ତ କୁମାର ପ୍ରଧାନ,ଗଗନ ମହାପାତ୍ର, ପର୍ଶୁରାମ ଶତପଥୀ, ରଂଜନ ବରାଳଙ୍କ ସମେତ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ପୁରନ୍ଦର ନାୟକଙ୍କ ପରଲୋକ



ସାଲେପୁର,୧୮।୧୦(ସମିସ): ସାଲେପୁର ବ୍ଲକ୍‌ର ଅବସରପ୍ରାପ୍ତ କର୍ମଚାରୀ ପୁରନ୍ଦର ନାୟକ (୮୩)ଙ୍କ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ସେ ସାଲେପୁର ସାରସ୍ୱତ ସମାରୋହ ସମିତି ସମେତ ଶ୍ରୀଜଗନ୍ନାଥ ମନ୍ଦିର ଓ ସାହେଶ୍ୱରୀ ମନ୍ଦିର କମିଟି, ସତ୍ୟସାଇ ସେବା ସମିତି ସାଲେପୁର ସହ ସଂପୃକ୍ତ ଥିଲେ। ତାଙ୍କର ଏକମାତ୍ର ପୁତ୍ର ଦେବାଶିଷ ନାୟକ ମୁଖାଗ୍ନି ଦେଇଥିବାବେଳେ କନ୍ୟା ସ୍ମୃତିପ୍ରଜ୍ଞା ନାୟକ, ପ୍ରଜ୍ଞାପରମିତା ନାୟକ, ସୁକାନ୍ତ ନାୟକ, ମନୋରଂଜନ ଦାସ ଏବଂ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ସାରସ୍ୱତ ସମାରୋହ ସମିତି, ସତ୍ୟସାଇ ସେବା ସମିତି, ସାଲେପୁର ସମେତ ଅରବିନ୍ଦ ମାର୍ଗ ପୂଜା କମିଟିର ସଂଜୀବ ତ୍ରିପାଠୀ, ପ୍ରତ୍ୟୁଷ ମହାନ୍ତି, ପ୍ରଦ୍ୟୁତ କର, ସୁଶାନ୍ତ ବରାଳ, ନିରଞ୍ଜନ ପଲାରୁ, କେଦାର ବେହେରା, ପ୍ରମୋଦ କୁମାର ପରିଡ଼ା, ପ୍ରଦୋଷ ମହାନ୍ତି, ରାଜେଶ ସାହୁ, ଲଲାଟେନ୍ଦୁ ବେହେରା ଗଭୀର ଶୋକ ପ୍ରକାଶ କରିଛନ୍ତି।

## ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ନିଆଳି, ୧୮।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଇରିଣ୍ଡେଇ ଗ୍ରାମର ନିଖୋଜ ଯୁବକ ଶକ୍ତିକାନ୍ତ ସାହୁଙ୍କ ମୃତଦେହ ଶନିବାର ସକାଳେ ନିଆଳି ଥାନା ପାଟେଲିସ୍ଥିତ ଦେବୀ ନଦୀରୁ ଉଦ୍ଧାର କରାଯାଇଛି। ଗତ ୧୭ ତାରିଖ ଦିନ ଉକ୍ତ ଯୁବକ କଟକ ମୁଣ୍ଡୁଳି ବ୍ରିଜ୍ ଉପରେ ଏକ କାର୍ ଥୋଇ କାର୍ ଭିତରେ ଦୁଇଟି ମୋବାଇଲ୍ ଫୋନ୍ ଓ ସୁଇସାଇଡ୍ ନୋଟ୍ ଲେଖି ନିଖୋଜ ହୋଇଯାଇଥିଲେ। ଏନେଇ ଶକ୍ତିକାନ୍ତଙ୍କ ବଡଭାଇ ଉଦୟନାଥ ସାହୁ ବାରଙ୍ଗ ଥାନା ଅନ୍ତର୍ଗତ ଗୋଡିସାହି ଫାଣ୍ଡିରେ ତାଙ୍କ ଶକ୍ତି ନିଖୋଜ ନେଇ ଅଭିଯୋଗ କରିଥିଲେ। ଶନିବାର ସକାଳ ୯ଟା ପାଖାପାଖି ଦେବୀ ନଦୀର ପାଟେଲି ଠାରେ ଏକ ଅଚିହ୍ନା ଯୁବକଙ୍କ ଶବ ଭାସୁଥିବା ନେଇ ଲୋକେ ନିକଟସ୍ଥ ନାଉଗାଁ ଦମକଳ କେନ୍ଦ୍ରକୁ ଖବର ଦେବା ପରେ ନାଉଗାଁ ଦମକଳବାହିନୀର କର୍ମଚାରୀ ପହଞ୍ଚି ପାଟେଲିଠାରୁ ଶବକୁ ଉଦ୍ଧାର କରିଥିଲେ। ପରେ ବାରଙ୍ଗ ଥାନାରେ ଖବର ପହଞ୍ଚିବା ପରେ ଉକ୍ତ ଯୁବକଙ୍କ ପରିବାର ଲୋକେ ଆସି ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଶବକୁ ଚିହ୍ନଟ କରିଥିଲେ। ପରେ ଉକ୍ତ ଶବକୁ ନିଆଳି ପୁଲିସ ଶବ ବ୍ୟବଚ୍ଛେଦ ପାଇଁ କଟକ ପଠାଇଥିବା ଜଣାପଡିଛି।

# ଏନଏସି ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



ଆଠଗଡ଼,୧୮।୧୦(ସମିସ): ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ପରିମଳ ବ୍ୟବସ୍ଥାର ଘରୋଇକରଣ ହେବା ପରେ ପରିମଳ ବ୍ୟବସ୍ଥାର ସୁଧାର ଆସିବ ବୋଲି ଆଶା କରାଯାଉଥିଲା। ସମ୍ପୃକ୍ତ ଠିକାସଂସ୍ଥାର ମନମାନି ଯୋଗୁଁ କାର୍ଯ୍ୟରତ ସଫେଇ କର୍ମଚାରୀମାନେ ଠିକ୍ ସମୟରେ ସେମାନଙ୍କ ପାରିଶ୍ରମିକ ପାଉ ନାହାନ୍ତି। ସେମାନଙ୍କର ଇପିଏଫ ଆକାଉଣ୍ଟ ମଧ୍ୟ ଠିକ୍ ଭାବରେ ପରିଚାଳିତ ହେଉନାହିଁ। ଏମିତି କି ସଫେଇ କର୍ମଚାରୀମାନେ ମଧ୍ୟ ଦୀର୍ଘ ଦିନ ଧରି ପୋଷାକ ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ବାବଦରେ କର୍ମଚାରୀ ମୁହଁ ଖୋଲିଲେ ଠିକା ସଂସ୍ଥା ତାଙ୍କୁ ବାହାର କରି ଦେବାକୁ ଧମକ ଚମକ ଦେଉଥିବା ଅଭିଯୋଗ ହୋଇଛି। ଏ ବାବଦରେ କର୍ମଚାରୀମାନେ ବାରମ୍ବାର ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ଏବଂ ଅଧକ୍ଷାଙ୍କୁ ଅଭିଯୋଗ କଲେ ମଧ୍ୟ ଏହାର କୌଣସି ସୁଫଳ ମିଳି ନଥିଲା। ଏହାର ପ୍ରତିବାଦରେ ଆଜି ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ସଫେଇ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ଫଳରେ ସହରର ପରିମଳ ବ୍ୟବସ୍ଥା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଅପରାହ୍ନରେ ଠିକାସଂସ୍ଥାର କର୍ମଚାରୀ ଏବଂ ସଫେଇ କର୍ମଚାରୀଙ୍କ ସହିତ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ଓ ଉପାଧ୍ୟକ୍ଷଙ୍କ ସହିତ ମିଳିତ ଆଲୋଚନାରେ ଏସବୁ ସମସ୍ୟାର ତୁରନ୍ତ ସମାଧାନ ପାଇଁ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ମୃତ ମାଙ୍କଡ଼ର ସତ୍କାର

ଚୌଦ୍ୱାର,୧୮।୧୦(ସମିସ): ଚୌଦ୍ୱାର ପୌରପାଳିକା ୧୭ ନଂ ୱାର୍ଡ ନୂଆସାହିରେ ଗତ କିଛି ଦିନ ତଳେ ସଂଘବଦ୍ଧ କୁକୁର ଆକ୍ରମଣରେ ଏକ ମାଙ୍କଡ ଗୁରୁତର ଆହତ ହୋଇଥିଲା। ଆହତ ମାଙ୍କଡଟିର ମୃତ୍ୟୁ ହେବା ପରେ ଶବ ସତ୍କାର କରିଛନ୍ତି ସ୍ଥାନୀୟ ଯୁବ ଗୋଷ୍ଠୀ। ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ, ବିଭୁକଲ୍ୟାଣ ମହାନ୍ତି, ଯୁବଗୋଷ୍ଠୀ ପକ୍ଷରୁ ଜଗବନ୍ଧୁ ସାହୁ, ଆଲୋକ ସାହୁ, ଜ୍ଞାନରଞ୍ଜନ ସାହୁ, ହଂସଚରଣ ସାହୁ, ପ୍ରହଲ୍ଲାଦ ସାହୁ, ରଞ୍ଜନ ବେହେରା, ରବିନ୍ଦ୍ର କୁମାର ସାହୁ ପ୍ରମୁଖ ରିତିନୀତି ଅନୁଯାୟୀ ସତ୍କାର କରିଥିଲେ।

## ବରିଷ୍ଠ କଂଗ୍ରେସ ନେତାଙ୍କ ପରଲୋକ

ଟିଗିରିଆ,୧୮।୧୦ (ସମିସ): ଟିଗିରିଆ ବ୍ଲକ କଂଗ୍ରେସର ପୁରୁଖା ତଥା ବରିଷ୍ଠ କଂଗ୍ରେସ ନେତା ପୂର୍ଣ୍ଣଚନ୍ଦ୍ର ଜେନାଙ୍କର ଶନିବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କର ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଆଠଗଡ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ମନୋରଞ୍ଜନ ପଟ୍ଟନାୟକ, ଶୁଭାଶିଷ ମିଶ୍ର, ସାଇରାମ ମହାନ୍ତି, ମନୋଜ ନାୟକ, ତପନ ବାରିକଙ୍କ ସମେତ ଅନ୍ୟାନ୍ୟ କଂଗ୍ରେସ କର୍ମୀ ତାଙ୍କ ପୁରୁଣା ଟିଗିରିଆସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଶ୍ରୀ ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ ନେତୃବୃନ୍ଦ ଓ କର୍ମକର୍ତ୍ତା ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ସ୍ୱର୍ଗତ ଜେନାଙ୍କ ମରଶରୀର ଉପରେ କଂଗ୍ରେସ ପତାକା ଦେଇଥିଲେ। ଗ୍ରାମ ଶ୍ମଶାନରେ ସ୍ୱର୍ଗତ ଜେନାଙ୍କର ଶେଷକୃତ୍ୟ ସମ୍ପୂର୍ଣ୍ଣ ହୋଇଥିଲା।

## ନୂତନ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ଶିଳାନ୍ୟାସ

ମାହାଙ୍ଗା,୧୮।୧୦(ସମିସ): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଭାସୀ ଜରିଆରେ କଟକ ଜିଲ୍ଲାର ଚାରୋଟି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ନୂତନ ଗୃହର ଶିଳନ୍ୟାସ କରିଛନ୍ତି। ଏହି ଅବସରରେ ମାହାଙ୍ଗା ବ୍ଲକ କୁଆଁପାଳ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ନୂତନ ଗୃହର ଶୁଭ ଶିଳାନ୍ୟାସ କରାଯାଇଛି। ଏଥିରେ ସମ୍ମାନିତ ଅତିଥିଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ ଯୋଗ ଦେଇଥିଲେ। କୁଆଁପାଳ ରାଜସ୍ୱ ନିରୀକ୍ଷକ ଅଜୟ ମନ୍ତ୍ରୀ, ସମିତିସଭ୍ୟ ସୁରେନ୍ଦ୍ର ମହାନ୍ତି, ମନୋରଞ୍ଜନ ବିଶ୍ୱାଳ, ଆଇନଜୀବୀ ଉମେଶ ଭଞ୍ଜ, ବନବିହାରୀ ଦାସ, ନିର୍ଭୟ ମହାନ୍ତି, ଅରୁଣ କୁମାର ସେଠୀ, ଅଭିନ ଜେନା, ରଞ୍ଜିତ କୁମାର ବରାଳ, ମନୋଜ କୁମାର ନାଥ, ମୃତ୍ୟୁଞ୍ଜୟ ବିଶ୍ୱାଳ, ପ୍ରଭାତ ନାୟକ, ଉମାକାନ୍ତ ସ୍ୱାଇଁ, ଅନିଲ ନାୟକ, ମାନସ ରଞ୍ଜନ ଦାସ, ଅମିୟ ରଞ୍ଜନ ପ୍ରଧାନ, କ୍ଷୀରୋଦ ବିଶ୍ୱାଳ, ପ୍ରମୋଦ ସ୍ୱାଇଁ, ବିଜୟ ବରାଳ, ତପନ ରାଉତ, ଅନିଲ ରାଉତରାୟ, ସତ୍ୟ ରଞ୍ଜନ ରାଉତରାୟ, ସନ୍ତୋଷ ନାୟକ ଉପସ୍ଥିତ ଥିଲେ।

## ଗଜଲକ୍ଷ୍ମୀଙ୍କ ଭସାଣି



ଟାଙ୍ଗୀ,୧୮।୧୦(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ବ୍ରହ୍ମପୁର ପଞ୍ଚାୟତ କମଙ୍ଗରେ ଗଜଲକ୍ଷ୍ମୀ ଭସାଣି ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଦୀପକ କୁମାର ମାଝୀଙ୍କ ନେତୃତ୍ୱରେ ଭସାଣ ଯାତ୍ରା ତୁଳସୀପୁରଠାରୁ ଆରମ୍ଭ ହୋଇ କମଙ୍ଗ ଗ୍ରାମର ଗନ୍ଧନଦୀରେ ଗଜଲକ୍ଷ୍ମୀଙ୍କ ମୂର୍ତ୍ତି ବିସର୍ଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ରହ୍ମପୁର ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଜଗନ୍ନାଥ ଦାସ, ମୁରବି ଗୌରାଙ୍ଗ ଚରଣ ମାଝୀ, ଉଦ୍ୟାନବିତ ପ୍ରଶାନ୍ତ କୁମାର ବସ୍ତିଆ, ସାମ୍ବାଦିକ ଗଙ୍ଗାଧର ବେହେରା, ବିଷ୍ଣୁଚରଣ ମାଝୀ, ପ୍ରମୋଦ କୁମାର ଜଟ ଓ ମାଧବ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କମିଟିର ଖଗେଶ୍ୱର ପାତ୍ର, ମାନସ ରଞ୍ଜନ ବେଉରା, ବିଷ୍ଣୁ ପାତ୍ର, ତପନ ମାଝୀ, ମାନସ ମଲ୍ଲିକ, ଟୁକୁନା ପାତ୍ର, ଅନିଲ ପାତ୍ର, ଅଜୟ ବେହେରା, ସଞ୍ଜୟ ପଲେଇ,ଟୁଲନ, ସୌମ୍ୟରଞ୍ଜନ, ସାଗର, ସୁବାସ, ଶମ୍ଭୁ, ଚିନୁ, ଶିବୁନାଙ୍କ ସମେତ ସମସ୍ତ ସଦସ୍ୟଙ୍କ ସହ କମଙ୍ଗ ଓ କଉଡିଆପଡା ଗ୍ରାମବାସୀ ସହଯୋଗ କରିଥିଲେ।

## ଫସର ଫାଟିଲା ଚୌଦ୍ୱାର ପୌର ପରିଷଦ ବୈଠକ

# ପାରିଷଦଙ୍କ କକ୍ଷ ତ୍ୟାଗ

ଚୌଦ୍ୱାର, ୧୮।୧୦(ସମିସ):

ଚୌଦ୍ୱାର ପୌର ପରିଷଦର ବୈଠକ ପୌର କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଯେଉଁଥିରେ ପୌର କର୍ମଚାରୀ ଓ ଲୋକପ୍ରତିନିଧିଙ୍କ ମଧ୍ୟରେ ଥିବା ମନାନ୍ତର ସ୍ପଷ୍ଟ ହୋଇଛି। କିଛି ଦିନ ତଳେ ପୌରପାଳିକା ତରଫରୁ ରୂପଯାତ୍ରା ପ୍ରସ୍ତୁତି ବୈଠକରେ ଉନ୍ନତିମୂଳକ କାର୍ଯ୍ୟକୁ ନେଇ ଜନୈକ ପୌରଯନ୍ତ୍ରୀ ଓ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ମଧ୍ୟରେ ମତାନ୍ତର ସୃଷ୍ଟି ହୋଇଥିଲା। ଏହି ମତାନ୍ତର ବାଦବିବାଦ ଆଡକୁ ଗତି କରିବାରୁ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଓ କିଛି ପାରିଷଦ ଏଥିରେ ତାଳି ପକାଇବାକୁ ଚେଷ୍ଟା କରିଥିଲେ; ମାତ୍ର ଏହି ବିବାଦରେ ପୂର୍ଣ୍ଣଚ୍ଛେଦ ପଡି ନଥିଲା। ଯାହା ଆଜିର ବୈଠକରେ ସ୍ପଷ୍ଟ ହୋଇଛି। ଘରେ ନପସୁଣୁ ଚାଳ ବାଜିବା ନ୍ୟାୟରେ ଆଜିର ପୌର ପରିଷଦ ବୈଠକ ଭଣ୍ଡୁର ହୋଇଥିବା ଜଣାପଡିଛି। ମାଗୁରା ଜନହିତକର ପ୍ରକଳ୍ପର ଅଗ୍ରଗତି ବିଷୟରେ ୪ନଂ ୱାର୍ଡ ପାରିଷଦ ଅର୍ଜୁନ ବେହେରା ପୌରାଧ୍ୟକ୍ଷାଙ୍କୁ ପ୍ରଶ୍ନ କରିବାରୁ ପ୍ରକଳ୍ପ ବିଷୟରେ ଉପଯୁକ୍ତ ଉତ୍ତର ଦେଇଥିଲେ। ଯେଉଁଥିରେ ଉତ୍କ୍ଷିପ୍ତ ହୋଇ ପାରିଷଦ ବୈଠକ ତ୍ୟାଗ କରି ପଳାଇ ଯାଇଥିଲେ। ଅନ୍ୟପକ୍ଷରେ ଜେଇ ସଞ୍ଜୟ ସାମଲ ବୈଠକରେ ଅନପସ୍ଥିତ ରହିଥିଲେ। ଯେଉଁଥିପାଇଁ ଉନ୍ନତିମୂଳକ କାର୍ଯ୍ୟ ବିଷୟରେ ଆଲୋଚନା ହୋଇପାରି ନଥିଲା। ବୈଠକରେ ବିଧାୟକଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ ଯୋଗଦେଇ ପାରିଷଦ ମାନଙ୍କ ୱାର୍ଡରେ ହେଉଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ଉପରେ ଆଲୋଚନା କରି ବିଗତ ୨ବର୍ଷ ମଧ୍ୟରେ କେଉଁ ୱାର୍ଡରେ କେତେ ଟଙ୍କାର ଉନ୍ନୟନ କାର୍ଯ୍ୟ କରାଯାଇଛି ତାହା ଜଣାଇବା ପାଇଁ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କୁ ପ୍ରସ୍ତାବ ଦେଇଥିଲେ। ଚଳିତ ବର୍ଷ ବିରୂପା ନଦୀକୂଳରେ ଅନୁଷ୍ଠିତ ହେବାକୁ ଥିବା ବୋଇତ ବନ୍ଦାଣ ଉତ୍ସବକୁ ପୌରପାଳିକା ତରଫରୁ ଆଡମ୍ବର ସହିତ ପାଳନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଆଜିର ବୈଠକରେ ୨ଜଣ ଯନ୍ତ୍ରୀଙ୍କ ଅନୁପସ୍ଥିତି ହେତୁ ଉନ୍ନୟନ କାର୍ଯ୍ୟ ସଂକ୍ରାନ୍ତରେ କୌଣସି ଆଲୋଚନା ହୋଇପାରିନଥିଲା। ବହୁ ପାରିଷଦ ଏଭଳି ପରିସ୍ଥିତକୁ ନାପସନ୍ଦ କରିଥିଲେ। ପାରିଷଦ ମାନଙ୍କ ଭିତରେ ଗଢାଯାଇଥିବା ବିଭିନ୍ନ କମିଟିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା କରି ୱାର୍ଡରେ କରାଯାଉଥିବା ଉନ୍ନୟନ କାର୍ଯ୍ୟଗୁଡିକୁ ତ୍ୱରାନ୍ୱିତ କରିବା ପାଇଁ ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ପ୍ରକାଶ କରିଥିଲେ। ସମସ୍ତ ପାରିଷଦ, ପୌର ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର, ପୌରଯନ୍ତ୍ରୀ ପତିତପାବନ ପଟ୍ଟନାୟକ, ଶୁଭଶ୍ରୀ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ପୌର କର୍ମଚାରୀ ଉପସ୍ଥିତ ଥିଲେ।

## ଅବକାରୀ ଚଢ଼ଉ; ମଦ ସହ ପୋଚ ନଷ୍ଟ

ଆଠଗଡ଼,୧୮।୧୦(ସମିସ): ଶନିବାର ଆଠଗଡ଼ ଅବକାରୀ ଏବଂ ପୁଲିସ ବିଭାଗ ପକ୍ଷରୁ ମିଳିତ ଚଢଉ କରାଯାଇ ଆଠଗଡ଼ ଥାନା ଅନ୍ତର୍ଗତ କୋରଙ୍ଗାଠାରେ ୧୯୯୫ ଲିଟର ଚୋରା ଦେଶୀ ରନ୍ଧା ମଦ ଏବଂ ୨୦୮୯୫ ଲିଟର ଗୁଡ଼ ପୋଚ ଜବତ କରାଯାଇ ନଷ୍ଟ କରାଯାଇଛି। ୬ଟି ମାମଲା ରୁଜୁ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଆଠଗଡ଼ ଅବକାରୀ ଉପଅଧିକ୍ଷକ ସିଏଚ ତିରୁପତି, ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନ, ଉପନିରୀକ୍ଷକ ଅରୁଣ କୁମାର ଭୋଇ, ସୌମ୍ୟରଞ୍ଜନ ମାଝୀ, ବାପି ସାହୁ, ତରୁଣ ପାତ୍ରଙ୍କ ସହ ଆଠଗଡ଼ ପୁଲିସ କର୍ମଚାରୀ ଏବଂ ଅବକାରୀ ବିଭାଗ କର୍ମଚାରୀମାନେ ସାମିଲ ହୋଇଥିଲେ।

## ଛବିଳ ମଧୁ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ



ଟାଙ୍ଗୀ,୧୮।୧୦(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଶାଳଗାଁ ପଞ୍ଚାୟତ ଗୁରୁଜଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ କାନପୁର ଆଞ୍ଚଳିକ ସାଧନସ୍ତରୀୟ ମାସିକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସିଆରସିସି ବଂଶୀଧର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କ୍ଲଷ୍ଟରର ସମସ୍ତ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ଅକ୍ଟୋବର ମାସର କାର୍ଯ୍ୟକ୍ରମ ପାଇଁ ତାଲିମ ନେଇଥିଲେ। ଶିଶୁବାଟିକା, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଶିକ୍ଷକ ପ୍ରମୋଦ ବେହେରା ଛବିଳ ମଧୁ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ କରିଥିଲେ। ସମାଜସେବୀ ମାଧବଚନ୍ଦ୍ର ମହାନ୍ତି ବିଦ୍ୟାଳୟ ତରଫରୁ ମହାପୁରୁଷଙ୍କ ଫଟୋ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ ଦେହୁରୀ ପରିଚାଳନା କରିଥିବାବେଳେ ଶିକ୍ଷକ ପ୍ରଶାନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ, ସମସ୍ତ ସଦସ୍ୟ ଓ ଅଭିଭାବକ ସହଯୋଗ କରିଥିଲେ।



# ସିଟି କଟକ

● ଆଡ୍‌ଭୋକେଟ୍ କମିଟିର ଅନୁଧ୍ୟାନ

## ବଡ଼ ମେଡିକାଲ୍ ଅବ୍ୟବସ୍ଥା ନେଇ ଅସନ୍ତୋଷ

କଟକ,୧୮ ।୧୦(ସମିସ): ବିଭିନ୍ନ ସମୟରେ ଅଦାଲତଙ୍କ ଆଦେଶ ଅନୁପାଳନର ଅନୁଧ୍ୟାନ କରିବା ନିମନ୍ତେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆଡଭୋକେଟ କମିଟି ଏସସିବି ମେଡିକାଲ କଲେଜ ଓ ହସପିଟାଲ ବୁଲି ଯାଞ୍ଚ କରୁଛନ୍ତି। ହାଇକୋର୍ଟ ଆଡଭୋକେଟ କମିଟି ମେଡିକାଲର ବିଭିନ୍ନ ବିଭାଗ ବୁଲି ଦେଖିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏସସିବି ରେଡିଓଲୋଜି ବିଭାଗରେ ଦୁଇଟି ସିଟିସ୍କାନ ମେସିନ ସଠିକ ଭାବେ କାର୍ଯ୍ୟ କରୁଛି କି ନାହିଁ ଓ ଏହା ନିକଟରେ ସିସିଟିଭି ଓ ସୂଚନାଫଳକ ଲଗାଯିବା କାର୍ଯ୍ୟର ଯାଞ୍ଚ କରିଥିଲେ କମିଟି। ସ୍ତ୍ରୀ ଓ ପ୍ରସୂତି ବିଭାଗ, ହେମାଟୋଲୋଜି, ରେଡିଓଲୋଜି ଓ କାର୍ଡିଓଲୋଜି ବିଭାଗ ବୁଲିବା ସହ ଆହାର କେନ୍ଦ୍ରରେ ରୋଗୀଙ୍କୁ ଦିଆଯାଉଥିବା ଖାଦ୍ୟ ଯାଞ୍ଚ କରିଥିଲେ କମିଟି ସଦସ୍ୟ। ନିଓନାଟାଲ କେୟାର ବିଭାଗରେ ପର୍ଯ୍ୟାପ୍ତ ଜାଗା ନଥିବା ଓ ମାନସମ୍ବଳ ଅଭାବ ଥିବା କମିଟି ଜାଣିବାକୁ ପାଇଥିଲା। ସେହିଭଳି ପୁରୁଣା ମେଡିସିନ ୱାର୍ଡରେ ରୋଗୀମାନେ ବାରଣ୍ଡାରେ ଚିକିତ୍ସିତ ହେଉଥିବା କମିଟି ଦେଖିବାକୁ ପାଇଛି। ଅନ୍ୟପଟରେ ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ସେଣ୍ଟ୍ରାଲ କିଚେନ ଓ ନନଟ୍ରମା ବିଭାଗରେ ସମସ୍ତ ସୁବିଧା କରାଯାଇଥିବା ନେଇ କମିଟି ସନ୍ତୋଷ ପ୍ରକାଶ କରିଛନ୍ତି। ହାଇକୋର୍ଟ ବାର୍ ଆସୋସିଏସନ୍ ସଭାପତି ମନୋଜ୍ ମିଶ୍ରଙ୍କ ଅଧ୍ୟକ୍ଷତାରେ ପରିଦର୍ଶନ କରିଥିବା କମିଟିରେ ଅଭିଜିତ ପଟ୍ଟନାୟକ, ସରୋଜ ପାତ୍ରୀ ପ୍ରମୁଖ ସାମିଲ ହୋଇଥିଲେ। ମେଡିକାଲ ଅଧୀକ୍ଷକ, ମେଡିକାଲ କଲେଜ ଅଧ୍ୟକ୍ଷ ଡିନ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଶିଶୁ ଭବନରେ ଆଡଭୋକେଟ୍ କମିଟିର ସଦସ୍ୟମାନେ ପହଞ୍ଚିଥିଲେ। ଡ୍ରେନ୍ ସଫେଇ ହୋଇ ନ ଥିବାରୁ ସେଠାକାର ପରିବେଶ ଯାଞ୍ଚ କରିଥିଲେ। ସିଏମ୍‌ସି ଓ ଆରଆଣ୍ଡବି ମଧ୍ୟରେ ଟଣାଓଟରା ଯୋଗୁଁ ତାହା ମରାମତି ହୋଇପାରୁ ନ ଥିବା ସୂଚନା ସଂଗ୍ରହ କରିଥିବା ବେଳେ ଏହାକୁ ନେଇ ହାଇକୋର୍ଟରେ ରିପୋର୍ଟ ଦାଖଲ ହେବ। ଆମିକସକ୍ୟୁରୀ (କୋର୍ଟମିତ୍ର) ବିଜୟ କୁମାର ଦାଶ, ହାଇକୋର୍ଟ ବାର ଆସୋସିଏସନ ସଭାପତି ମନୋଜ କୁମାର ମିଶ୍ର, ସମ୍ପାଦକ ଅଭିଜିତ ପଟ୍ଟନାୟକ ପ୍ରମୁଖ ଅନୁଧ୍ୟାନ କରିଥିଲେ। କମିଟିଙ୍କ ସହ ମେୟର ସୁବାସ ସିଂହ, ଶିଶୁ ଭବନ ଅଧୀକ୍ଷକଙ୍କ ସମେତ ସିଏମସିର ଡେପୁଟି କମିସନର (ପରିମଳ)ଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବିଲ୍ଡର୍ସ ଅଫିସକୁ ପଥର ମାଡ଼

କଟକ,୧୮ ।୧୦(ସମିସ): ଅନ୍ଧରପୁର ଅଞ୍ଚଳରେ ଥିବା ଜଣେ ବିଲ୍ଡର୍ସଙ୍କ କାର୍ଯ୍ୟାଳୟକୁ ପଥର ମାଡ଼ ହୋଇଛି। ବିଳମ୍ବିତ ରାତିରେ ଏଭଳି କାଣ୍ଡ ନେଇ ସଂସ୍ଥାର ମାଲିକାଣୀ ଦୀପ୍ତିମୟୀ ଭୋଳ ମଧୁପାଟଣା ଥାନାରେ ଏତଲା ଦେଇଛନ୍ତି। ଅନ୍ଧରପୁର ଅଞ୍ଚଳର ନବକିଶୋର ଭୋଳ ଠିକାଦାରୀ କାର୍ଯ୍ୟ କରନ୍ତି। ଅନ୍ଧରପୁର କେନାଲ ରୋଡରେ ତାଙ୍କର ଶାନ୍ତି ବିଲ୍ଡର୍ସ ନାମରେ ଅଫିସ ମଧ୍ୟ ରହିଛି। ଗତ ଶୁକ୍ରବାର ରାତିରେ ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କ ଅନୁପସ୍ଥିତିରେ ଅଫିସ ସଟରକୁ ପଥର ମାଡ କରିଥିଲେ। ମଧୁପାଟଣା ଥାନା ପୁଲିସ ଏନେଇ ସିସିଟିଭିରେ ରେକର୍ଡ ଯାଞ୍ଚ କରିଛି। ମାଲିକାଣୀଙ୍କ କହିବାନୁସାରେ, ସ୍ୱାମୀ ନବକିଶୋରଙ୍କୁ ନିକଟରେ ଅନ୍ଧରପୁର ଗ୍ରାମର ନୂତନ ଅଧିକାରୀ ଭାବେ ଚୟନ କରାଯାଇଛି। ଏଥିରେ ପ୍ରତିଶୋଧ ପରାୟଣ ହୋଇ ତାଙ୍କୁ ପରୋକ୍ଷରେ ଧମକଚମକ ଦିଆଯାଇଥିଲା। ଅଫିସକୁ ପଥର ମାଡ ପଛରେ ଉକ୍ତ ପ୍ରତିପକ୍ଷ ଗୋଷ୍ଠୀର ସଂପୃକ୍ତି ଥାଇପାରେ। ପୁଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତଦ୍ୱୟଙ୍କୁ ଠାବ କରିବାକୁ ପ୍ରୟାସ ଚଳାଇଛି।

## ସହକାରୀ ଯନ୍ତ୍ରୀଙ୍କୁ ହତ୍ୟା ଧମକ

କଟକ,୧୮ ।୧୦(ସମିସ): ମଧୁପାଟଣା ଥାନା ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ କାର୍ଯ୍ୟାଳୟରେ କିଛି ଦୁର୍ବୃତ୍ତ ଜୋର ଜବରଦସ୍ତ ପଶି ସରକାରୀ କାର୍ଯ୍ୟରେ ବାଧାଦେବା ସହିତ କର୍ମଚାରୀଙ୍କୁ ତାଲାପକାଇ ଅଟକ ରଖିବା ଏବଂ ଜୀବନରେ ମାରି ଦେବାକୁ ହତ୍ୟା ଧମକ ଦେବା, ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ଭଳି ସଂଗୀନ ଅଭିଯୋଗ ମଧୁପାଟଣା ଥାନାରେ କରାଯାଇଛି। ଗତ ୧୬ ତାରିଖ ମଧ୍ୟାହ୍ନରେ କିଛି ଦୁର୍ବୃତ୍ତ ହଠାତ୍ ଖପୁରିଆସ୍ଥିତ ପୂର୍ତବିଭାଗ-୨ ସହକାରୀ ଯନ୍ତ୍ରୀ ବଳରାମ ସ୍ୱାଇଁଙ୍କ କାର୍ଯ୍ୟାଳୟରେ ପଶି ଯନ୍ତ୍ରୀଙ୍କୁ ଖୋଜିଥିଲେ। ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଅନ୍ୟ କର୍ମଚାରୀଙ୍କୁ ତାଲାପକାଇ ଅଟକ ରଖି ଯନ୍ତ୍ରୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟାଧମକ ମଧ୍ୟ ଦେଇଥିଲେ। ଯାହାର ସ୍ପଷ୍ଟ ପ୍ରମାଣ କାର୍ଯ୍ୟାଳୟରେ ଲାଗିଥିବା ସିସି ଟିଭିରେ କଏଦ୍ ହୋଇଛି।

### କମିସନରେଟ୍ ପୁଲିସ ପକ୍ଷରୁ ଭସାଣି ରୁଟ୍ ଯାଞ୍ଚ

# ସମ୍ବେଦନଶୀଳ ରାସ୍ତାରେ ରୁଫ୍ ଟପ୍ ସିକ୍ୟୁରିଟି

- ‘ସାଇଲେଣ୍ଟ୍ ଜୋନ୍’ରେ ରହିବେ ଅଧିକ ଫୋର୍ସ
- ଜଗିବେ ରାପିଡ୍ ଆକ୍ସନ୍ ଫୋର୍ସ, ସିଆର୍‌ପିଏଫ୍ ଓ ବିଏସ୍‌ଏଫ୍
- ସୁରକ୍ଷା ଦାୟିତ୍ୱରେ ୭୦ ପ୍ଲାଟୁନ୍ ପୁଲିସ ଫୋର୍ସ

କଟକ,୧୮ ।୧୦(ସମିସ):

ଗତ ଦୁର୍ଗାପୂଜା ଭସାଣିରେ ଗଣ୍ଡଗୋଳ ଏବଂ କର୍ଫ୍ୟୁ ପରେ କାଳୀପୂଜା ଭସାଣିକୁ କେଉଁଭଳି ଶୃଙ୍ଖଳାର ସହିତ ଶେଷ କରାଯିବ, ତାହାକୁ ନେଇ ଚାଲିଛି କସରତ। ସମ୍ଭାବ୍ୟ ବିଶୃଙ୍ଖଳା ହେଉଥିବା ଅଞ୍ଚଳରେ ପ୍ରଶାସନିକସ୍ତରରେ ଏବେ ସଦ୍‌ଭାବନା ସଭା କରାଯାଉଛି। କେତେକ ସ୍ଥାନକୁ ହାଇକୋର୍ଟ "ସାଇଲେଣ୍ଟ ଜୋନ' ଘୋଷଣା କରିଛନ୍ତି। ତନ୍ମଧ୍ୟରେ ମେଢ଼ ଆସୁଥିବା ରୁଟ୍‌ରେ ଚାନ୍ଦିନୀଚୌକ୍, ହାଇକୋର୍ଟ ଛକ, ହାୱଡା ମୋଟର୍ସ ଛକ ଓ ସିଟି ହସ୍ପିଟାଲ୍ ଆଖପାଖଅଞ୍ଚଳ ରହିଛି। ଏହି ସବୁ ସ୍ଥାନରେ ୧୦୦ ମିଟର ପର୍ଯ୍ୟନ୍ତ ଅଞ୍ଚଳରେ ସାଉଣ୍ଡ ସଂପୂର୍ଣ୍ଣ ବନ୍ଦ ରହିବ। ଉକ୍ତ ଅଞ୍ଚଳ ପାଇଁ ପୁଲିସ ଭସାଣି ପୂର୍ବରୁ ମାର୍କିଂ କରିବ ବୋଲି ସୂଚନା ମିଳିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ଦରଘାବଜାର ଥାନା ଅଞ୍ଚଳକୁ ସାଇଲେଣ୍ଟ୍ ଜୋନ୍ ଘୋଷଣା କରାଯାଇଛି। ଆଜି କମିଶନରେଟ୍ ପୁଲିସ ପକ୍ଷରୁ ଏ ସମସ୍ତ ଅଞ୍ଚଳ ମୁଖ୍ୟତଃ ଝୋଲାସାହି, ସେମିନାରୀ ଛକ ଓ ହାତୀପୋଖରୀ ରୁଟ୍‌କୁ ଯାଞ୍ଚ କରାଯାଇ ମାର୍କିଂ କରାଯାଇଛି। ଭସାଣି ରୁଟ୍‌ରେ ରହିଥିବା ସମ୍ବେଦନଶୀଳ ଅଞ୍ଚଳରେ ‘ରୁଫ୍ ଟପ୍ ସିକ୍ୟୁରିଟି’ ବ୍ୟବସ୍ଥା କରାଯାଇଛି ବୋଲି ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ସୂଚନା ଦେଇଛନ୍ତି।

ଗତ ଦୁର୍ଗାପୂଜା ଭସାଣି ଗଣ୍ଡଗୋଳରେ ଯେହେତୁ ଛାତ ଉପରୁ ପ୍ରଥମେ ଢ଼େଲା, ପଥର ଓ କାଚ ବୋତଲ ମାଡ ହୋଇଥିଲା, ତେଣୁ ଏଥର ସମ୍ବେଦନଶୀଳ ଅଞ୍ଚଳର ଛାତ ଉପରେ ସ୍ୱତନ୍ତ୍ର ପୁଲିସ ବ୍ୟବସ୍ଥା କରାଯିବ। ଯେମିତି ଅନ୍ଧାରରେ ରହୁଥିବା ଛାତ ଉପରେ କେହି ଶୋଭାଯାତ୍ରା ଉପରକୁ ଆକ୍ରମଣ କରି ପାରିବେ ନାହିଁ, ସେଥି ନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି ବୋଲି ଏଡିସିପି ଅମରେନ୍ଦ୍ର ପଣ୍ଡା କହିଛନ୍ତି। ଏଥର କାଳୀପୂଜା ଭସାଣ ଶୋଭାଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ସହରରେ ୭୦ପ୍ଲାଟୁନ ଫୋର୍ସ ମୁତୟନ କରାଯିବ। ଗୋଟିଏ କମ୍ପାନୀ ରାପିଡ୍ ଆକ୍ସନ ଫୋର୍ସ ସହିତ ଗୋଟିଏ ପ୍ଲାଟୁନ୍ ମହିଳା ସୁରକ୍ଷାକର୍ମୀ ଏବଂ ୨କମ୍ପାନୀ ସିଆରପିଏଫ୍, ବିଏସଏଫ୍ ଯବାନ ସାମିଲ ହେବାର ଯୋଜନା କରାଯାଇଛି। ରିଜର୍ଭ ଅଫିସ କର୍ମଚାରୀଙ୍କ ସମେତ କଟକ ୟୁପିଡ଼ିର ସମସ୍ତ ଥାନା ପୁଲିସ, ସପ୍ତମ ବାଟାଲିୟନ ସିପାହୀ, ସ୍ପେଶିଆଲ୍ ଟାକ୍ଟିକାଲ ୟୁନିଟ୍ ସହିତ ୮୦୦ହୋମଗାର୍ଡ ସୁରକ୍ଷା ଦାୟିତ୍ୱରେ ରହବେ। ଏଥିରେ ଓଏସଏପି, ଏସଓଜି, କୁଇକ ଆକ୍ସନ ଫୋର୍ସ ସାମିଲ ହେବେ। ସେହିପରି ୪୦ ଜଣ ଡିଏସପି, ୫୫ ଜଣ ଇନ୍ସପେକ୍ଟର, ୩୦୦ ଜଣ ଏସଆଇ ଓ ଏଏସଆଇ ର୍‍ୟାଙ୍କର ଅଫିସରଙ୍କ ସମେତ ୮୪ ହାବିଲଦାର, ୬୦୦ କନେଷ୍ଟବଳ, ୭୦୦ ହୋମଗାର୍ଡ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ରହିବେ। ପୂଜା ମଣ୍ଡପ ଓ ସହରର ମୁଖ୍ୟ ଛକରେ ଟ୍ରାଫିକ ପରିଚାଳନାରେ ସହଯୋଗ କରିବା ପାଇଁ ୭୦୦ ପୁଲିସ ଭଲ୍ୟୁଣ୍ଟିଅର(ସ୍ୱେଚ୍ଛାସେବୀ)ଙ୍କୁ ମଧ୍ୟ ନିୟୋଜିତ କରାଯିବ। ସୁରକ୍ଷା ବ୍ୟବସ୍ଥା ପରିଚାଳନା ପାଇଁ ବିଭିନ୍ନ ଥାନାକୁ ୬ଟି ଜୋନରେ ଭାଗ କରାଯାଇ ୬ ଜଣ ଏଡିସିପିଙ୍କୁ ଦାୟିତ୍ୱ ଦିଆଯାଇଛି। ଡିସିପି ଶ୍ରୀ ଦ୍ୟାନଦେଓ ସମସ୍ତ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିବେ। ସେହିପରି ୨୦ଟି ଅତିରିକ୍ତ ପିସିଆର, ୩ଟି ସ୍ପେସାଲ ମୋବାଇଲ ଭ୍ୟାନ, ୪୦ ବାଇକ ପିସିଆର ପାଟ୍ରୋଲିଂ କରିବ। ଏହାସହ କ୍ୟୁଆରଟି, କ୍ୟୁଏଟି, ବମସ୍କ୍ୱାଡ ଓ ସ୍ପେସାଲ ସ୍କ୍ୱାଡ ଟିମ ମଧ୍ୟ ୨୪ ଘଣ୍ଟା ସଜାଗ ରଖାଯିବ। ଗଣ୍ଡଗୋଳକାରୀଙ୍କ ଉପରେ ନଜର ରଖିବାକୁ ସିଟିସି-୬୦ ସ୍କ୍ୱାର୍ଡ ଗଠନ କରାଯିବ। ଏସବୁ ବ୍ୟବସ୍ଥା କରାଯାଇ କାଳୀପୂଜା ଏବଂ ଭସାଣି ଶୋଭାଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହିତ ନିଆଯିବ ବୋଲି ଜଣାପଡ଼ିଛି।

## ରାତି ୯ ପରେ ବାଣଫୁଟା ବନ୍ଦ

କଟକ,୧୮ ।୧୦(ସମିସ): ଦୀପାବଳି ରାତି ୯ଟା ପରେ ବାଣ ଫୁଟାଇଲେ ପୁଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଡିସିପି ଖିଲାରୀ ଋଷିକେଶ ଦ୍ୟାନେଦଓ ଏନେଇ ନିର୍ଦ୍ଦେଶ ଜାରି କରିଛନ୍ତି। ଏଥର ରାତି ୧୦ଟା ନୁହେଁ, ରାତି ୯ଟା ଡେଡଲାଇନ୍ ରହିଛି। ଏମିତିକି ଗ୍ରୀନ୍ କ୍ରାକର ବ୍ୟତୀତ ଉଚ୍ଚ ଶବ୍ଦକାରୀ ବାଣ ଫୁଟାଇଲେ ପୁଲିସ ଗିରଫ କରିବ। ଦୀପାବଳି ବାହାନାରେ ମଦ୍ୟପାନ କରି ରାସ୍ତାରେ ବୁଲିଲେ ଗାଡି ଜବତ କରାଯିବା ସହ ଚାଳକଙ୍କୁ ଗିରଫ କରାଯିବ। ସମସ୍ତ ଥାନା ଅଞ୍ଚଳରେ ପାଟ୍ରୋଲିଂ ଟିମ୍ ପ୍ରସ୍ତୁତ ରଖିବା ପାଇଁ ଡିସିପିଙ୍କ ନିର୍ଦ୍ଦେଶ ରହିଛି। ଦୀପାବଳି ନେଇ କଟକବାସିଙ୍କ ପାଇଁ କମିଶନରେଟ ପୁଲିସ ଏନେଇ ସଚେତନତା ବାର୍ତ୍ତା ଜାରି କରିଛି।

## ଅଧିକ ଦର ସତ୍ତ୍ୱେ ଜମିଲା ଧନତେରସ୍ ଭିଡ଼



କଟକ,୧୮ ।୧୦(ସମିସ): ଆଲୋକର ପର୍ବ ଦୀପାବଳି ପୂର୍ବରୁ ଧନତେରାସ ପାଳନ କରାଯାଉଥିବା ବେଳେ ଏଥିପାଇଁ ବେଶ୍ ଚଳଚଞ୍ଚଳ ହୋଇପଡିଥିଲା ରୌପ୍ୟନଗରୀ କଟକ। ବିଗତ ବର୍ଷ ତୁଳନାରେ ଏଥର ସୁନା ରୂପା ଦର ଅହେତୁକ ବୃଦ୍ଧି ଘଟିଥିଲେ ସୁଦ୍ଧା ଧନତେରାସ ଅବସରରେ ସୁନା ରୁପା ଅଳଙ୍କାର କିଣିନେବାକୁ ମନ ବଳାଇଥିଲେ କେତେକ ଗ୍ରାହକ। କଟକରେ ଗତ ବର୍ଷ ଧନତେରାସରେ ୨୨କ୍ୟାରେଟ ସୁନା ୧୦ଗ୍ରାମ ପ୍ରତି ୭୫ହଜାର୪୫୦ଟଙ୍କା ଥିଲା ବେଳେ ୨୪କ୍ୟାରେଟ ସୁନା ଦାମ ଥିଲା ୭୯ହଜାର୨୨୦ଟଙ୍କା। ସେହିଭଳି ରୁପା ଦର କିଲୋ ପ୍ରତି ୧ଲକ୍ଷ୮ ହଜାର ଟଙ୍କା ରହିଥିଲା। ଯେଉଁଠି ଚଳିତ ବର୍ଷ ଧନତେରାସରେ ୨୨କ୍ୟାରେଟ ସୁନା ୧୦ଗ୍ରାମ ପ୍ରତି ୧ଲକ୍ଷ ୧୯ହଜାର୯୫୦ଟଙ୍କା ଥିଲା ବେଳେ ୨୪କ୍ୟାରେଟ ସୁନା ଦାମ ଥିଲା ୧ଲକ୍ଷ୩୦ହଜାର୮୬୦ ଟଙ୍କା। ସେହିପରି ରୁପା କେଜି ପ୍ରତି ମୂଲ୍ୟ ୧ଲକ୍ଷ୯୦ହଜାର ଟଙ୍କା ରହିଥିଲା। ବର୍ଷକ ମଧ୍ୟରେ ଅହେତୁକ ଦର ବୃଦ୍ଧି ପାଇଁ ବେପାର ମାନ୍ଦା ରହିଆସୁଥିବା ବେଳେ ଧନତେରାସରେ ସାମାନ୍ୟ ଜମିଥିଲା। ବର୍ଷକ ମଧ୍ୟରେ ୨୨କ୍ୟାରେଟ ସୁନା ୧୦ଗ୍ରାମ ପ୍ରତି ୪୪ହଜାର୫୦୦ଟଙ୍କା ବଢିଥିଲା ବେଳେ ରୂପା କିଲୋ ପ୍ରତି ୮୨ହଜାର ଟଙ୍କା ବଢିଯାଇଛି। ଧନତେରାସ ଉପଲକ୍ଷେ ସୁନା ଗହଣା ଦୋକାନଗୁଡିକ ପକ୍ଷରୁ କେଉଁଠି ଗଢା ମଜୁରୀ ଉପରେ ରିଆତି ଦିଆଯାଇଛି ତ ଆଉ କେଉଁଠି ଏହାକୁ ସଂପୂର୍ଣ୍ଣ ଛାଡ କରାଯାଇଥିଲା। ସେହିପରି ଅନେକ ସ୍ଥାନରେ ଲକି ଡ୍ର ବ୍ୟବସ୍ଥାରେ ଗାଡି, ସୁନା ମୁଦ୍ରା ଆଦି ଜିତିବାର ଅଫର ମଧ୍ୟ ଦିଆଯାଇଥିଲା। କଟକରେ ପ୍ରାୟ ୩୦୦ରୁ ଅଧିକ ଜୁଏଲାରି ଶୋ’ରୁମ ଓ ସୁନାଗହଣା ଦୋକାନ ରହିଛି। ଏସବୁ ପ୍ରତିଷ୍ଠାନରେ ଧନତେରାସ ଅବସରରେ କୋଟି କୋଟି ଟଙ୍କାର ସୁନା ଗହଣା ବ୍ୟବସାୟ ହୋଇଛି।

## ଓର୍‌ମାସ୍‌ର ଦୀପାବଳି ଷ୍ଟଲ୍ ଉଦ୍‌ଘାଟିତ



କଟକ,୧୮ ।୧୦(ସମିସ): ଦୀପାବଳି ଅବସରରେ ଗ୍ରାମୀଣ ଶିଳ୍ପୀମାନଙ୍କର ଆର୍ଥିକ ଉନ୍ନତି ଓ ଜୀବିକା ଉପାର୍ଜନକୁ ସମର୍ଥନ କରିବା ପାଇଁ ଏକ ବିଶେଷ ଦୀପାବଳି ଷ୍ଟଲ୍ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ପରିଷଦ କ୍ୟାମ୍ପସ୍, କଟକରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ଯୁଗ୍ମ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିପିନ ରାଉତ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଭବାନି ଶଙ୍କର ଭୂୟାଁ, ଅଭିରାମ ଦାସଙ୍କ ସମେତ ୟୁକୋବ୍ୟାଙ୍କର ଚିଫ୍ ମ୍ୟାନେଜର, କର୍ମକର୍ତ୍ତାଗଣ, ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଷ୍ଟଲରେ ନିଶ୍ଚିନ୍ତକୋଇଲି ଅଞ୍ଚଳର "ସୁରଭି ପ୍ରଡ୍ୟୁସର ଗ୍ରୁପ୍ ଓ ଡମପଡ଼ା ଅଞ୍ଚଳର "ଓମ୍ ସାଇ ପିଜି’ ଦ୍ୱାରା ତିଆରି ବିଭିନ୍ନ ଦୀପାବଳି ସାମଗ୍ରୀ ପ୍ରଦର୍ଶନ କରାଯାଇଛି। ସୁରଭି ପିଜି ପକ୍ଷରୁ ସବିତା ସାମଲ (ଅଧ୍ୟକ୍ଷା) ଓ ସ୍ୱଗତିକା ନାୟକ (ସଚିବ) ଉପସ୍ଥିତ ଥିଲେ। ସେମାନଙ୍କ ଦ୍ୱାରା ଗୋବର ଦ୍ୱାରା ତିଆରି ଦୀପ, ବିଭିନ୍ନ ମୂର୍ତ୍ତି, ଶୁଭ-ଲାଭ ହ୍ୟାଙ୍ଗିଂ, ଅଗରବତୀ ପ୍ରଦର୍ଶିତ ହେଉଛି। ଓମ୍ ସାଇ ପିଜିର ସଚିବ ଶକୁନ୍ତଳା ମୁଦୁଲିଙ୍କ ନେତୃତ୍ୱରେ ମାଟିର ଦୀପ, ଅଗରବତୀ ଷ୍ଟାଣ୍ଡ, ମୂର୍ତ୍ତି, ଡିଜାଇନର୍ ଦୀପ, କଳସ ଇତ୍ୟାଦି ଉପଲବ୍ଧ ରହିଛି। ଏହି ବିଶେଷ ଷ୍ଟଲ୍‌ଟି ୨୦ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ଖୋଲା ରହିବ ବୋଲି ଜଣାପଡ଼ିଛି।

## ମୋଟର କର୍ମଚାରୀ ୟୁନିୟନ ପକ୍ଷରୁ ଶ୍ରଦ୍ଧାଞ୍ଜଳି

କଟକ,୧୮ ।୧୦(ସମିସ): କଟକ ମୋଟର କର୍ମଚାରୀ ୟୁନିଅନ ପକ୍ଷରୁ ସଙ୍ଘର ପୂର୍ବତନ ସହ ସଂପାଦକ ତଥା ମୁହାଁଣ ସାହିତ୍ୟ ସଂସଦ ମୁମ୍ବାଇ ଉପଦେଷ୍ଟା ସାମ୍ବାଦିକ ଚକ୍ରବର୍ତ୍ତୀ ଓତାଙ୍କ ଦ୍ୱାଦଶାହରେ ସ୍ମୃତିଚାରଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସଂଘ ସଭାପତି ବସନ୍ତ କୁମାର ସାହୁ, ସାଧାରଣ ସଂପାଦକ ଶିଶିର ଲେଙ୍କା, ସହସଂପାଦକ ଗଗନ ପରିଡ଼ା, ସହସମ୍ପାଦକ ହିରାଲାଲ ପଣ୍ଡା, କୋଷାଧ୍ୟକ୍ଷ ବିଭୂତି ଭୂଷଣ ରାଉତ,ଶ୍ରମିକନେତା ଆଇନଜିବୀ ଲଳିତମୋହନ ନନ୍ଦ, ଶ୍ରୀକାନ୍ତ ଛାଟୋଇ, ରିଙ୍କୁ ବାରିକ, ରଘୁନାଥ ବାରିକ, ଗଙ୍ଗାଧର ରାଉତ, ସୁବାସଚନ୍ଦ୍ର ସାହୁ, ବିଜୟ କୁମାର ପଣ୍ଡା, କ୍ଷେତ୍ରମଣି ଦାସ ସବିତା ସାହୁଙ୍କ ସହ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଦୁଇ ଆନ୍ତଃରାଜ୍ୟ ଲୁଟେରା ଗିରଫ

କଟକ,୧୮ ।୧୦(ସମିସ): କଟକ ରେଳ ଷ୍ଟେସନରୁ ୨ ଜଣ ଆନ୍ତଃରାଜ୍ୟ ଟ୍ରେନ ଲୁଟେରାଙ୍କୁ ଆରପିଏଫ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ମହାରାଷ୍ଟ୍ର ଗୋନ୍ଦିଆ ଜିଲ୍ଲାର ପିନି ଗେଣ୍ଡାଲାଲ ବିସନି(୩୬) ଓ ନାଗପୁର ଜିଲ୍ଲାର ମନ୍ଦା ସୁମନ ସିଂହ ପୁରୱାଲେ(୫୫)। ଦୁଇ ଜଣଙ୍କ ପାଖରୁ ୯୦ ହଜାର ଟଙ୍କା ଓ ଦୁଇଟି ଚୋରା ମୋବାଇଲ ଜବତ ହୋଇଛି। ଆରପିଏଫ୍ ସୂଚନା ଅନୁସାରେ, ଶୁକ୍ରବାର ରାତି ପ୍ରାୟ ୧୦ଟାରେ ଷ୍ଟେସନର ୩ନଂ ପ୍ଲାଟଫର୍ମରେ ହାୱଡା-ଚେନ୍ନାଇ ମେଲ ଟ୍ରେନ ଆସି ଲାଗିଥିଲା। ଟ୍ରେନ ପହଞ୍ଚିବା କ୍ଷଣି ସେଥିରୁ ଉପରୋକ୍ତ ଦୁଇ ଜଣ ଓହ୍ଲାଇ ଦ୍ରୁତଗତିରେ ଷ୍ଟେସନ ବାହାରକୁ ଯାଉଥିଲେ। ଏହା ପାଟ୍ରୋଲିଂ କରୁଥିବା ଆରପିଏଫ କର୍ମଚାରୀଙ୍କ ନଜରରେ ପଡିଥିଲା। ଠିକ ସେତିକିବେଳେ ଉକ୍ତ ପ୍ଲାଟଫର୍ମରେ ଜଣେ ଯାତ୍ରୀ ଚୋର ଚୋର କହି ଚିତ୍କାର କରିଥିଲେ। ସନ୍ଦେହ ହେବାରୁ ତଲାସି ନିଆଯିବାରୁ ମହିଳାଙ୍କ ପାଖରୁ ୨ଟି ଦାମୀ ମୋବାଇଲ ମିଳିଥିଲା। ସେହିପରି ଯୁବକ ପାଖରୁ ୯୦ ହଜାର ଟଙ୍କା ମିଳିଥିଲା। ନିଜର ବୋଲି ଦାବି କରୁଥିବା ଉକ୍ତ ୨ ମୋବାଇଲର ଲକ୍‌କୁ ସେମାନେ ଖୋଲିପାରି ନଥିଲେ। ସେଗୁଡିକୁ ସେମାନେ ରେଳଯାତ୍ରୀଙ୍କଠାରୁ ଚୋରାଇଥିବା ଜଣାପଡିଥିଲା। ପୁରୀ-ଖଡଗପୁର ଚଳାଚଳ କରୁଥିବା ଏକ ଟ୍ରେନ ଭିତରୁ ମୋବାଇଲ ଓ ଟଙ୍କା ଲୁଟ କରିଥିବା ଅଭିଯୁକ୍ତଦ୍ୱୟ ସ୍ୱୀକାର କରିଥିଲେ। ଅଭିଯୁକ୍ତଦ୍ୱୟଙ୍କୁ କଟକ ଜିଆରପି ଜିମା ଦିଆଯିବା ପରେ ଏକ ମାମଲା ରୁଜୁ କରି ଶନିବାର କୋର୍ଟ ଚାଲାଣ ପରେ ଜେଲ ପଠାଇ ଦିଆଯାଇଛି।

**ଦୀପାବଳୀ ପାଇଁ ସହର ଚଳଚଞ୍ଚଳ**

## ପରମ୍ପରା ବଞ୍ଚାଇବାକୁ କାଉଁରିଆ କାଠି ବ୍ୟବସାୟ

କଟକ,୧୮ ।୧୦(ସମିସ):



ଓଡ଼ିଆଙ୍କ ପରମ୍ପରା ଅନୁସାରେ, ବଡ଼ବଡୁଆଙ୍କ ଉଦ୍ଦେଶ୍ୟରେ ପିଣ୍ଡ ଦେଇସାରି ସମସ୍ତେ କାଉଁରିଆ କାଠି ଜାଳନ୍ତି ଏବଂ କାଉଁରିଆ କାଠି ଜାଳି ବଡ଼ବଡୁଆ ହୋ..ଅନ୍ଧାରରେ ଆସ ଆଲୁଅରେ ଯା',ପୁରୁଷୋତ୍ତମରେ ମହାପ୍ରସାଦ ଖାଇ, ବାଇଶି ପାବଛେ ଗଡ଼ଗଡାଉ ଥା' ବୋଲି ଓଡିଆମାନେ ଗାଇ ଥାଆନ୍ତି। ପିତୃ ପୁରୁଷଙ୍କୁ ଆଲୋକ ଦେଖାଇ ସ୍ୱର୍ଗ ଲୋକକୁ ଫେରିଯିବା ପାଇଁ ପ୍ରାର୍ଥନା କରନ୍ତି। ଅସଂଖ୍ୟ ଭକ୍ତ ସେଦିନ ବାଇଶି ପାହାଚରେ ପିଣ୍ଡଦାନ କରି କାଉଁରିଆ କାଠି ବି ଜାଳନ୍ତି। ପିତୃଗଣଙ୍କ ଆଶୀର୍ବାଦ କାମନା କରନ୍ତି। ଏହି ଦୀପାବଳି ଦିନ ସମସ୍ତଙ୍କ ଘରେ କାଉଁରିଆ କାଠି ଆବଶ୍ୟକ ପଡ଼ିଥାଏ। କେବଳ ଗ୍ରାମାଞ୍ଚଳ ନୁହେଁ ସହରାଞ୍ଚଳରେ ଏହି ପରମ୍ପରା ରହି ଆସିଛି। ତେବେ ଆସନ୍ତା ସୋମାବାର ଦୀପାବଳି ପଡୁଥିବାରୁ କଟକ ସହରରେ କାଉଁରିଆ ବ୍ୟବସାୟ ଜୋରଦାର୍ ଚାଲିଛି। ସହରବାସୀ ବଡବଡୁଆଙ୍କୁ ଡାକିବାକୁ ଏହି କାଉଁରିଆ କାଠି କିଣି ନେଉଛନ୍ତି। ସହରର ମର୍କତନଗର, ବକ୍ସିବଜାର, କଲେଜଛକ ଏବଂ ମଧୁପାଟଣା ଅଞ୍ଚଳରେ କାଉଁରିଆ କାଠି ବିକ୍ରୟର ଆସର ଜମିଛି। ଏବେ ଏହି କାଉଁରିଆ କାଠି ବ୍ୟବସାୟୀରେ ଉପଯୁକ୍ତ ପାରିଶ୍ରମିକ ମିଳୁନାହିଁ। କେବଳ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ମଧୁପାଟଣା ଅଞ୍ଚଳରେ କାଉଁରିଆ କାଠି ବିକ୍ରୟ କରୁଥିବା ସାଲେପୁର ଅଞ୍ଚଳର ବ୍ୟବସାୟୀ କୃଷ୍ଣଚନ୍ଦ୍ର ବେହେରା କହିଛନ୍ତି।

ଯଦିଓ କଟକ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ କଟକ ସହରକୁ କାଉଁରିଆ ଆସି ବିକ୍ରୟ ହେଉଛି କିନ୍ତୁ ମାହାଙ୍ଗା ଅଞ୍ଚଳରୁ ସର୍ବାଧିକ ୧୦ଟି ପିକ୍‌ଅପ୍ ଭ୍ୟାନ୍‌ରେ କାଉଁରିଆ ଆସିଛି। ଗତ ୭ଦିନ ହେବ କାଉଁରିଆ ବ୍ୟବସାୟୀମାନେ ସହରବାସୀଙ୍କୁ ଏହାକୁ ବିକ୍ରୟ କରୁଛନ୍ତି। ଶ୍ରୀ ବେହେରାଙ୍କ ସୂଚନା ଅନୁସାରେ, ମାହାଙ୍ଗା ଅଞ୍ଚଳର ୨ଟି ପଞ୍ଚାୟତବାସୀ କାଉଁରିଆ କାଠି ବ୍ୟବସାୟ ନିମନ୍ତେ ନଳିତା ଗଛ ଚାଷ କରନ୍ତି। ପଣା ସଂକ୍ରାନ୍ତିରେ ଏହି ନଳିତା ମଞ୍ଜି ପୋତି ଥାଆନ୍ତି। ପ୍ରାୟ ୩ମାସ ପରେ ଏହି ଗଛକୁ ଓପଡା ଯାଇ ପାଣିରେ ପକାଯାଏ। ଏହାପରେ ନଳିତା ଗଛରୁ ଝୋଟ ବାହାରି ଯିବା ପରେ ସେ ଗଛକୁ କାଉଁରିଆ ଭାବେ ବ୍ୟବହାର କରାଯାଇଥାଏ। ଏବେକାର ମୂଲ ମଜୁରୀ ଓ ବଜାର ଦର ତୁଳନାରେ ଏହି ନଳିତା ଚାଷରେ ଲାଭ ହେଉ ନାହିଁ। କେବଳ ପରମ୍ପରା ଓ କୌଳିକ ବୃତ୍ତିକୁ ବଞ୍ଚାଇବାକୁ ମାହାଙ୍ଗର ୨୦୦ପରିବାର ଏହି କାଉଁରିଆ ଚାଷ କରୁଥିବା ସେ କହିଛନ୍ତି। ଅନ୍ୟପଟେ କଟକ ସହରରେ ଦୀପାବଳି ସମୟରେ ଏହି କାଉଁରିଆ ବ୍ୟବସାୟ ଜୋରଦାର୍ ହୋଇଥାଏ। କିନ୍ତୁ ବିଗତ କିଛି ବର୍ଷ ଏହି ବ୍ୟବସାୟ ବେଶ୍ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳୁଛି। କାଉଁରିଆ ବିଡା ପିଛା ୧୦ ଓ ୨୦ ଟଙ୍କା ଏବଂ ମୋଟା ବିଡା ୪୦ରୁ ୫୦ଟଙ୍କାରେ ବିକ୍ରି ହେଉଛି। କ୍ରମଶଃ ଝୋଟର ଚାହିଦା କମିଯିବାରୁ ଏବେ କଟକ ଜିଲ୍ଲାରେ ନଳିତାଚାଷର ଚାହିଦା ଧିରେ ଧିରେ କମିବାରେ ଲାଗିଛି। ଏଣୁ ଦୀପାବଳି ଲାଗି କାଉଁରିଆ କାଠି ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଅଞ୍ଚଳରେ ଦୁର୍ଲଭ ହୋଇପଡିଛି। ବେପାରୀମାନେ ଜିଲ୍ଲା ବାହାର ଅଞ୍ଚଳରୁ ଆଣି ଏଠାରେ କାଉଁରିଆ କାଠି ବିକ୍ରି କରୁଛନ୍ତି। ଏଥର ୪ରୁ ୫ଟି କାଠିକୁ ନେଇ ପ୍ରସ୍ତୁତ ହେଉଥିବା ବିଡ଼ାର ମୂଲ୍ୟ ୨୦ ଟଙ୍କା ରହିଛି। କାଉଁରିଆ କାଠି ହେଉଛି ପବିତ୍ରତାର ପ୍ରତୀକ। ପାରମ୍ପରିକ ନଳିତାଚାଷ ବୁଡିଯିବାରୁ ଏହା ପରମ୍ପରାକୁ ପ୍ରଭାବିତ କରୁଛି। ଏଣୁ ନଳିତାଚାଷର ବିକାଶ କରାଯିବା ଜରୁରୀ ହୋଇ ପଡ଼ିଛି। ଆଗରୁ ଚାଷୀ ଜମିରେ ଚାଷ କରୁଥିବା ନଳିତାକୁ କାଟି ଏହାକୁ ଶୁଖାଇ ପଙ୍କରେ ପୋତି ଦେଉଥିଲେ। ୮ରୁ ୧୦ ଦିନ ପରେ ପୋତାଯାଇଥିବା ନଳିତା ବିଡ଼ାକୁ ଆଣି ଝୋଟ ଅମଳ କରାଯାଉଥିଲା। ଝୋଟରୁ ବାଣି କାଟି ଲଙ୍ଗଳ ଦଉଡି, ଶିକା ଆଦି ପ୍ରସ୍ତୁତ କରାଯାଉଥିଲା। ମଶିଣା, ଖଇଁଚି ବୁଣାଯାଉଥିଲା। ଝୋଟ ଅମଳ ପରେ ଯେଉଁ ଖାଡ଼ି ରହୁଥିଲା ତାହା କାଉଁରିଆ କାଠି କୁହାଯାଏ। ଜିଲ୍ଲାରେ ନଳିତା ଚାଷ ନ ହେବାରୁ ଏବେ ଏହାର ଅଭାବ ଦେଖାଦେଇଛି।

### ପରିଶ୍ରମ ତୁଳନାରେ ଲାଭ କମ୍

### ଆସିଛି ୧୦ଟି ପିକ୍‌ଅପ୍ ଭ୍ୟାନ୍ ବୋଝେଇ କାଉଁରିଆ




# ଥାନା ସମ୍ମୁଖରେ ଯୁବକଙ୍କୁ ଆକ୍ରମଣ; ଚା' ଦୋକାନୀ ଗିରଫ

ବ୍ରହ୍ମପୁର,୧୮ ।୧୦(ସମିସ): ଜଣେ ଗ୍ୟାରେଜ ଯୁବକଙ୍କୁ ଆକ୍ରମଣ ଅଭିଯୋଗରେ ସଦର ଥାନା ପୁଲିସ ଜଣେ ଚା' ଦୋକାନୀକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଆଙ୍କଶପୁରର ଦୀପକ ଗୌଡ଼ ଓରଫ ଦୀପୁ(୨୪)। ମସିହାଖାଲ ଗ୍ରାମର ଶୁଭମ ପ୍ରଧାନ(୨୬)ଙ୍କ ଏକ ଗାଡ଼ି ଗ୍ୟାରେଜ ରହିଛି। ଦୁଇବର୍ଷ ପୂର୍ବେ ଚା' ଦୋକାନୀ ଦୀପୁ ସେଠାରେ ନିଜର ଗାଡ଼ିର ମରାମତି କରିଥିଲେ ଓ ମୋଟ ୬ ହଜାର ୫ଶହ ଟଙ୍କା ବିଲ୍ ହୋଇଥିଲା। ଦୀପୁ ଟଙ୍କା ପରେ ଦେବ କହି ଗାଡ଼ି ନେଇଯାଇଥିଲା। ମାତ୍ର ଶୁଭମ ବାରମ୍ବାର ମାଗୁଥିଲେ ମଧ୍ୟ ସେ ଦେଉନଥିଲା। ଶୁଭମ୍ ପଇସା ମାଗିବାକୁ ବିଭିନ୍ନ ସମୟରେ ଚା' ଦୋକାନକୁ ଯାଇ ୧୫ ଶହ ଟଙ୍କାର ଚା', ବିସ୍କୁଟ ଖାଇସାରିଥିଲେ। ଅବଶିଷ୍ଟ ୫ହଜାର ଟଙ୍କା ଶୁକ୍ରବାର ରାତି ୯ଟାରେ ଶୁଭମ ଅଭିଯୁକ୍ତ ଦୀପୁର ଚା' ଦୋକାନକୁ ଯାଇ ମାଗିବାରୁ ସେ ଗାଳିଗୁଲଜ କରିଥିଲା। ପରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା ଏବଂ ଦୀପୁ ଚା' ଗ୍ଲାସ ଶୁଭମ୍‌ର ମୁହଁକୁ ଫୋପାଡ଼ିବା ସହିତ ପଥର ଓ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲା। ଆକ୍ରମଣରେ ଶୁଭମ୍‌ର ମୁହଁ ଓ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ହୋଇ ରକ୍ତସ୍ରାବ ହୋଇଥିଲା। ଶୁଭମ୍‌କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ କୁକୁଡ଼ାଖଣ୍ଡି ମେଡ଼ିକାଲ ଏବଂ ପରେ ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସିତ ହୋଇ ଫେରିବା ପରେ ସଦର ଥାନାରେ ସେ ଲିଖିତ ଅଭିଯୋଗ କରିବାରୁ ପୁଲିସ ଏକ ମାମଲା ରୁଜୁ କରି ଦୀପୁକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ୍ ପ୍ରଧାନ କହିଛନ୍ତି।



ବିଇଏମ୍‌ସିକୁ ରାଜସ୍ୱ ଚିନ୍ତା

# ବହୁ କୋଟିର ହୋର୍ଡିଂ ବକେୟା; ଟିକସ୍ ଫାଙ୍କୁଛନ୍ତି ବ୍ୟବସାୟୀ

- ଟ୍ୟାକ୍ସ, ଆକାଉଣ୍ଟସ୍ ଆଣ୍ଡ ଫାଇନାନ୍ସ ଷ୍ଟାଣ୍ଡିଂ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ
- ଟ୍ରେଡ ଲାଇସେନ୍ସ, ହୋର୍ଡିଂ ଏବଂ ଷ୍ଟଲରୁ ଆଦାୟରେ ହେଉଛି ରାଜସ୍ୱ ହାନି
- ଆଗାମୀ କର୍ପୋରେସନ ବୈଠକରେ ନିଆଯିବ ଚୂଡ଼ାନ୍ତ ନିଷ୍ପତ୍ତି

ବ୍ରହ୍ମପୁର,୧୮ ।୧୦(ସମିସ): ନିୟମିତ କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି ସହୁଛି ବ୍ରହ୍ମପୁର ମହାନଗର ନିଗମ। ଯାହା ନିଗମ କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ାଇଛି। ବାରମ୍ବାର ତାଗିଦ ସତ୍ତ୍ୱେ କୌଣସି ପରିବର୍ତ୍ତନ ହେଉନଥିବାରୁ ଏଣିକି କର୍ତ୍ତୃପକ୍ଷ କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ଅଣ୍ଟା ଭିଡୁଛନ୍ତି। କର୍ପୋରେସନ ବୈଠକ ପୂର୍ବରୁ ବସୁଥିବା ଷ୍ଟାଣ୍ଡିଂ କମିଟି ବୈଠକରେ ଏନେଇ ବିସ୍ତୃତ ଆଲୋଚନା ହୋଇଛି। ଶନିବାର ବିଇଏମ୍‌ସିର ଟେକ୍ସେସନ, ଆକାଉଣ୍ଟ୍ସ ଆଣ୍ଡ ଫାଇନାନ୍ସ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଟି. କିଶୋରଙ୍କ ଅଧ୍ୟକ୍ଷତାରେ ବସିଥିଲା ଗୁରୁତ୍ୱପୂର୍ଣ୍ଣ ବୈଠକ। ସହରର ସର୍ବାଙ୍ଗୀନ ବିକାଶ କରିବାକୁ ହେଲେ ରାଜସ୍ୱ ଆଦାୟ ଏବଂ ବିଭିନ୍ନ ଉତ୍ସରୁ ଆସୁଥିବା ଆର୍ଥିକ ଅନୁଦାନର ସଠିକ ପରିଚାଳନା ଜରୁରି। ତେବେ ବିଇଏମସିକୁ ସଠିକ ସମୟରେ ଉଭୟ ରାଜ୍ୟ ଏବଂ କେନ୍ଦ୍ରରୁ ମିଳୁଥିବା ଆର୍ଥିକ ଅନୁଦାନରେ ବିଳମ୍ବ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି।

ସେହିଭଳି ବିଇଏମସିର ଅନ୍ୟତମ ପ୍ରମୁଖ ରାଜସ୍ୱ ଉତ୍ସ ହେଉଛି ହୋଲ୍ଡିଂ ଟ୍ୟାକ୍ସ ଆଦାୟ। ଯାହା ବିବାଦୀୟ ହୋଇ ପଡ଼ିଥିବାରୁ ସେନେଇ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରୁନାହିଁ। ଏଭଳି ପରିସ୍ଥିତିରେ ବିଇଏମ୍‌ସିର ରାଜସ୍ୱ କହିଲେ ହୋର୍ଡିଂ, ଟ୍ରେଡ ଲାଇସେନ୍ସ ଓ ଷ୍ଟଲରୁ ଆଦାୟ ହେଉଥିବା ଫି' ବା ଟିକସ। ତେବେ ସେଥିରେ ମଧ୍ୟ ବ୍ୟାପକ ଅନିୟମିତତା ରହିଥିବା ଜଣାପଡ଼ିଛି। କୋଟି କୋଟି ଟଙ୍କାର ହୋର୍ଡିଂ ବାବଦ ରାଜସ୍ୱ ପ୍ରାୟ ୩ରୁ ୪କୋଟି ଟଙ୍କା ବକେୟା ପଡ଼ିଥିବାବେଳେ ବହୁ ହୋର୍ଡିଂରୁ ଟିକସ ଆଦାୟ ହୋଇପାରୁ ନାହିଁ। ସେହିଭଳି ସହରରେ ଅନ୍ୟୁନ ୧୫ହଜାରରୁ ଅଧିକ ବ୍ୟବସାୟିକ ସଂସ୍ଥା ବା ପ୍ରତିଷ୍ଠାନ ରହିଥିବା ସ୍ଥଳେ କେବଳ ୪ହଜାର ୫ଶହଟି ପଞ୍ଜୀକରଣ କରି ଟ୍ରେଡ୍ ଲାଇସେନ୍ସ ପ୍ରଦାନ କରୁଥିବା ନଜରକୁ ଆସିଛି। ଫଳରେ ବିଇଏମ୍‌ସିକୁ ବହୁ ରାଜସ୍ୱ କ୍ଷତି ସହିବାକୁ ପଡୁଛି। ଅନୁରୂପ ଭାବେ ସହରର ବିଭିନ୍ନ ସ୍ଥାନରେ ବିଇଏମ୍‌ସିର ନିଜସ୍ୱ ପ୍ରାୟ ୯୭୦ଟି ଦୋକାନ ଗୃହ ବା ଷ୍ଟଲ ରହିଛି। ସେଗୁଡିକୁ ଏ, ବି ଏବଂ ସି ବର୍ଗରେ ବିଭକ୍ତ କରାଯାଇ ଯଥାକ୍ରମେ ସର୍ବାଧିକ ୨ହଜାର, ୧୨୫୦ ଏବଂ ୧ହଜାର ଟଙ୍କା ଭଡ଼ା ଆଦାୟ କରାଯାଉଛି। ଏହି ଭଡ଼ା ୨୦୧୦ରେ ତତ୍କାଳୀନ ନିଗମ କର୍ତ୍ତୃପକ୍ଷ ସ୍ଥିର କରିଥିବା ବେଳେ ସେଥିରେ ଆଉ ବୃଦ୍ଧି କରାଯାଇନାହିଁ। ସେହିଭଳି ଭଡ଼ା ଅଥବା ଲିଜ ସୂତ୍ରରେ ଦିଆଯାଇଥିବା ଦୋକାନ ଗୃହର ମାଲିକାନାରେ ମଧ୍ୟ ଅନେକ ତ୍ରୁଟି ବିଚ୍ୟୁତି ଥିବା ଜଣାପଡ଼ିଛି। ଅନେକ ଲିଜ୍‌ଧାରୀଙ୍କ ଦେହାନ୍ତ ହୋଇସାରିଥିବା ବେଳେ ଅନେକେ ସବ୍‌ଲିଜ ଦେଇଥିବା ବିଇଏମ୍‌ସି କର୍ତ୍ତୃପକ୍ଷଙ୍କ ନଜରକୁ ଆସିଛି। ସେହିଭଳି ବିଇଏମ୍‌ସିକୁ କମ୍ ଭଡ଼ା ଆସୁଥିବା ବେଳେ ମାର୍କେଟ ଉପରେ ଲିଜଧାରୀ ଭଡ଼ା ବା ସବଲିଜ ଦେଇ ଅଧିକ ଟଙ୍କା ଆଦାୟ କରୁଛନ୍ତି। ଏଭଳି ଭାବେ ବିଇଏମସି ନିୟମିତ କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି ସହୁଛି। ଏଭଳି ସ୍ଥିତିକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଦୋକାନ ଗୃହର ଲିଜ ଦେଖି ସେଗୁଡିକୁ ନିୟମିତ କରିବା ଓ ଭଡା ରାଶିକୁ ବୃଦ୍ଧି କରିବା, ଟ୍ରେଡ ଲାଇସେନ୍ସ ପାଇଁ ପଞ୍ଜୀକରଣକୁ ବାଧ୍ୟତାମୂଳକ ଓ କଡ଼ାକଡ଼ି ପାଳନ ଏବଂ ବକେୟା ହୋର୍ଡିଂ ବାବଦ ଫି' ଆଦାୟ ନେଇ ଗୁରୁତ୍ୱାରୋପ କରାଯାଇଥିଲା। ଏନେଇ ଆଗାମୀ ନଭେମ୍ବର ପ୍ରଥମ ସପ୍ତାହରେ ହେବାକୁ ଥିବା କର୍ପୋରେସନ ବୈଠକରେ ଆଲୋଚନା କରି ଚୂଡାନ୍ତ ନିଷ୍ପତ୍ତି ନେବାକୁ ବୈଠକରେ ସ୍ଥିର ହୋଇଥିବା ଜଣାପଡ଼ିଛି। ବୈଠକରେ ମେୟର ସଂଘମିତ୍ରା ଦଳେଇଙ୍କ ସମେତ ଡେପୁଟି ମେୟର ଇ. ବିବେକ ରେଡ୍ଡୀ, କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ, ଡେପୁଟି କମିଶନର ଆଶୀର୍ବାଦ ପରିଡା, ବିକ୍ରମ ଶୁଣ୍ଢିଙ୍କ ସମେତ କମିଟି ସଦସ୍ୟ ତଥା କର୍ପୋରେଟର ପ୍ରଶାନ୍ତ କୁମାର ପଟ୍ଟନାୟକ, ସଂଜିତ ପାଣିଗ୍ରାହୀ, ଆପ୍ପା ରାଓ, ଧୀରେଶ ସାବତ ଓ ବନିତା ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



# ଦରମା ପାଇଁ ଏମ୍‌କେସିଜିର ଆଉଟସୋର୍ସିଂ ଆଟେଣ୍ଡାଣ୍ଟଙ୍କ ଆନ୍ଦୋଳନ



ବ୍ରହ୍ମପୁର,୧୮ ।୧୦(ସମିସ): ରୋଗୀଙ୍କୁ ସେବା ସହ ମେଡ଼ିକାଲର ବିଭିନ୍ନ କର୍ମଚାରୀଙ୍କୁ ସହାୟତା ନିମନ୍ତେ ଏମ୍‌କେସିଜି ମେଡ଼ିକାଲ ପକ୍ଷରୁ ଆଉଟସୋର୍ସିଂ ଜରିଆରେ ବହୁ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଟେଣ୍ଡର ପ୍ରକ୍ରିୟାରେ ବିଭିନ୍ନ ଘରୋଇ ସଂସ୍ଥା ଏହି କର୍ମଚାରୀଙ୍କୁ ନିଯୁକ୍ତି ଦେଇଛନ୍ତି। ସଂସ୍ଥାର ମନମାନି କାରଣରୁ ନିୟମିତ ଦରମା ନପାଇ ଆଉଟସୋର୍ସିଂ କର୍ମଚାରୀଙ୍କୁ କାର୍ଯ୍ୟବନ୍ଦ କରି ଆନ୍ଦୋଳନକୁ ଓହ୍ଲାଇବାକୁ ପଡୁଛି। ଫଳରେ ଡାକ୍ତରଖାନାରେ ରୋଗୀସେବା ପ୍ରଭାବିତ ହେଉଛି। ଏହି କ୍ରମରେ "ଅଭିରାମ କେୟାରଟେକିଂ ଏକ୍ସପର୍ଟ୍ସ ସର୍ଭିସେସ' ନାମକ ଏକ ସଂସ୍ଥା ଜରିଆରେ ମେଡ଼ିକାଲରେ ଶତାଧିକ ଆଟେଣ୍ଡାଣ୍ଟଙ୍କୁ ନିୟୋଜିତ କରାଯାଇଛି। କିନ୍ତୁ ସଂସ୍ଥା ପକ୍ଷରୁ ସଠିକ ସମୟରେ କର୍ମଚାରୀଙ୍କୁ ଦରମା ପ୍ରଦାନ କରାଯାଉନଥିବାରୁ ପ୍ରତିବାଦରେ ଶନିବାର ଏମକେସିଜି ମେଡ଼ିକାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ଆଟେଣ୍ଡାଣ୍ଟ ବିକ୍ଷୋଭ କରିଛନ୍ତି। ଦୀର୍ଘ ୫ଘଣ୍ଟା ଧରି ଧାରଣାରେ ବସିଥିବା ବେଳେ ରୋଗୀସେବା ବ୍ୟାହତ ହୋଇଥିଲା। ଆଗକୁ ଦୀପାବଳି ଥିବାବେଳେ କର୍ମଚାରୀଙ୍କୁ ଦରମା ମିଳିନଥିବାରୁ ସେମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି।

ସଂସ୍ଥା ପକ୍ଷରୁ କର୍ମଚାରୀଙ୍କ ଦରମା ବିଲ ପ୍ରତିମାସ ୧୦ତାରିଖ ସୁଦ୍ଧା ପ୍ରଦାନ କରିବାକୁ ନିର୍ଦ୍ଦେଶ ଥିବାବେଳେ ସମ୍ପୃକ୍ତ ସଂସ୍ଥା ଏଥିରେ ଖିଲାପ କରିଥିବା ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ଏହା ସହ କର୍ମଚାରୀଙ୍କ ବକେୟା ବର୍ଦ୍ଧିତ ଦରମା, ଇପିଏଫ/ ଇଏସ୍‌ଆଇର ପୈଠ, ଏଜେନ୍ସିର ସ୍ଥାନୀୟ କାର୍ଯ୍ୟାଳୟ ଗଠନ ଭଳି ବିଭିନ୍ନ ଦାବି ପୂରଣ ନିମନ୍ତେ ସଂଘ ପକ୍ଷରୁ ଦାବି କରାଯାଇଛି। ଆଗାମୀ ଦିନରେ ସେମାନଙ୍କ ଦାବି ପୂରଣ ନହେଲେ ସଂଘ ପକ୍ଷରୁ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତାବନୀ ଦିଆଯାଇଛି। ବିକ୍ଷୋଭରେ ଇଫଟୁର ରାଜ୍ୟ ସଭାପତି ପ୍ରତାପ ପ୍ରଧାନ, ସଭାପତି ସି.ଏଚ. ସୁନୀଲ ପାତ୍ର ଓ ସମ୍ପାଦକ ଏନ. ନିରଞ୍ଜନ ଦାସଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଖବର ପାଇ ଏମକେସିଜି ମେଡ଼ିକାଲ ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡା ଘଟଣା ସ୍ଥଳରେ ପହଞ୍ଚି ଆଉଟସୋର୍ସିଂ ଆଟେଣ୍ଡାଣ୍ଟଙ୍କୁ ବୁଝାସୁଝା କରିବା ପରେ କର୍ମଚାରୀମାନେ ଆନ୍ଦୋଳନରୁ ଓହରିଥିଲେ।

## ଟ୍ରକ୍ ଧକ୍କାରେ ଠିକାଦାର ମୃତ୍ୟୁ ଘଟଣା; ଚାଳକ ଗିରଫ

ବ୍ରହ୍ମପୁର, ୧୮ ।୧୦ (ସମିସ): ପୁକୁଡ଼ିବନ୍ଧ ଛକ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ଚାଉଳ ବୋଝେଇ ଟ୍ରକ ଧକ୍କାରେ ଗୋଷାଣିନୂଆଗାଁ ବେଡ଼ାବନ୍ଧ ସାହି ନିବାସୀ ପ୍ରମୋଦ ପାତ୍ର(୫୦)ଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ଟ୍ରକ୍ ଚାଳକ ପଶ୍ଚିମବଙ୍ଗର ସମୀରୁଦ୍ଦିନ ମଲ୍ଲିକ(୩୧)କୁ ଗିରଫ କରି କୋର୍ଟଚାଲାଣ କରିଛି।

ଧନ୍‌ତେରାସ୍‌ରେ ବଜାର ଚଳଚଞ୍ଚଳ

# ଗହଣା ଦୋକାନରେ ଅସମ୍ଭାଳ ଭିଡ଼


ବ୍ରହ୍ମପୁର,୧୮ ।୧୦(ସମିସ): ଆଲୋକର ପର୍ବ ଦୀପାବଳି ପୂର୍ବ ଦିନକୁ ଧନତେରସ୍ ବୋଲି କୁହାଯାଇଥାଏ। ଏହିଦିନ ଗହଣା ଏବଂ ଅନ୍ୟାନ୍ୟ କିଛି ସାମଗ୍ରୀ କ୍ରୟ କଲେ ଘରକୁ ଲକ୍ଷ୍ମୀ ଆସିଥାନ୍ତି ଏବଂ ଲକ୍ଷ୍ମୀଙ୍କ ଶୁଭ ଦୃଷ୍ଟି ପଡିଥାଏ ବୋଲି ବିଶ୍ୱାସ ରହିଛି। ଯାହାକୁ ନେଇ ବ୍ରହ୍ମପୁର ସହରର ବିଭିନ୍ନ ବଜାରରେ ଖାସ୍ କରି ପ୍ରାୟ ସମସ୍ତ ସୁନାଗହଣା ଦୋକାନରେ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଛି। ସୁନାର ଦର ଅଧିକ ଥିବା ସତ୍ତ୍ୱେ ଲୋକେ ଧାଡ଼ିରେ ରହି ଗହଣା କ୍ରୟ କରୁଥିବା ଦେଖିବାକୁ ମିଳିଛି। ୨୪କ୍ୟାରେଟ ସୁନା ଗ୍ରାମ ପିଛା ୧୩ହଜାର ୮୬ଟଙ୍କା ଥିବା ବେଳେ ୨୨କ୍ୟାରେଟ ୧୧ହଜାର ୯୯୫ଟଙ୍କା ରହିଥିବା ଜଣାପଡିଛି। ଏଥିସହିତ ବଜାରରେ ବହୁ ପରିମାଣର ଝାଡୁ ମଧ୍ୟ ବିକ୍ରି ହୋଇଥିବା ଦେଖିବାକୁ ମିଳିଛି। ସେପଟେ ଭିଡ଼ର ସୁଯୋଗ ନେଇ ଲୁଟେରା ସକ୍ରିୟ ରହୁଥିବାରୁ ଏଭଳି ଆଶଙ୍କାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ପୁଲିସ ପକ୍ଷରୁ ଉଭୟ ସାନବଜାର ଓ ବଡ଼ବଜାରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ପ୍ରତି ଛକରେ ପୁଲିସ ମୁତୟନ ସହ ଟ୍ରାଫିକ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ତଥାପି ସହରର ସାନ ବଜାର, ବଡ଼ ବଜାର, ଗିରି ମାର୍କେଟ, ଅନ୍ନପୂର୍ଣ୍ଣା ମାର୍କେଟ ଓ ନୂଆ ବସଷ୍ଟାଣ୍ଡ ଆଦି ବିଭିନ୍ନ ସ୍ଥାନରେ ପ୍ରବଳ ଭିଡ ଯୋଗୁ ଟ୍ରାଫିକ ସମସ୍ୟା ଉପୁଜିଥିଲା। ସେହିଭଳି ଗ୍ରାହକ ଯେଭଳି ଠକେଇର ଶିକାର ନହୁଅନ୍ତି ମାପ ଓ ଓଜନ ବିଭାଗ ସମେତ ଆୟକର ବିଭାଗ ପକ୍ଷରୁ ମଧ୍ୟ ବିଭିନ୍ନ ଗହଣା ଦୋକାନ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଅନ୍ୟପକ୍ଷରେ ସନ୍ଧ୍ୟା ସମୟରେ ସହରରେ ପ୍ରବଳ ବର୍ଷା ଯୋଗୁ କାରବାର ସାମାନ୍ୟ ପ୍ରଭାବିତ ହୋଇଥିବା କହିଛନ୍ତି ଗହଣା ବ୍ୟବସାୟୀ।



# ଏମ୍‌ସରେ ଚିକିତ୍ସା ଅବହେଳାରୁ ଯୁବକଙ୍କ ମୃତ୍ୟୁ ଅଭିଯୋଗ

**ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ଲକ୍ଷ ଟଙ୍କା ସହାୟତା ଘୋଷଣା**

ବ୍ରହ୍ମପୁର,୧୮ ।୧୦(ସମିସ): ଚିକିଟିଗଡ଼ କୁମ୍ଭାର ସାହିର ଜଗନ୍ନାଥ ବେହେରାଙ୍କ ପୁତ୍ର ଭକ୍ତ ବତ୍ସଳ ବେହେରାଙ୍କର ଆଜି ଭୋର ୩ଟାରେ ଏମ୍‌ସରେ ମୃତ୍ୟୁ ଘଟିଛି। ଚିକିତ୍ସା ଅବହେଳାରୁ ତାଙ୍କ ମୃତ୍ୟୁ ଘଟିଥିବା ପରିବାରବର୍ଗ ଅଭିଯୋଗ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କାର ସହାୟତା ଘୋଷଣା କରାଯାଇଛି। ଗତ ୧୨ ତାରିଖ ରାତିରେ ଚିଲିକା ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଭକ୍ତବତ୍ସଳ ଗୁରୁତର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା। ଗୁରୁତର ଭକ୍ତଙ୍କୁ ଆଇସିୟୁର ଆବଶ୍ୟକତା ଥିବାବେଳେ ୨ଦିନ ପର୍ଯ୍ୟନ୍ତ ତାହା ଉପଲବ୍ଧ ହୋଇନଥିଲା। ଘଟଣା ସମ୍ପର୍କରେ ଜାଣିବା ପରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଏମ୍‌ସରେ ପହଞ୍ଚି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ମଧ୍ୟ ବିଳମ୍ବରେ ଆଇସିୟୁ ମିଳିଥିଲା। ମାତ୍ର ଉତ୍ତମ ଚିକିତ୍ସା ସେବା ନ ମିଳିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ବିଧାୟକ ଭକ୍ତଙ୍କ ପରିବାରକୁ ୩୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବା ସହ ନିଜସ୍ୱ ଖର୍ଚ୍ଚରେ ଆମ୍ବୁଲାନ୍ସ କରି ମୃତଦେହ ଚିକିଟି ଆଣିଥିଲେ। ଏନେଇ ବିଧାୟକ ଶ୍ରୀ ସାମନ୍ତରା କହିଛନ୍ତି ଯେ, ଏମ୍‌ସ କର୍ତ୍ତୃପକ୍ଷଙ୍କ ଅବହେଳାରୁ ହିଁ ଭକ୍ତବତ୍ସଳଙ୍କ ମୃତ୍ୟୁ ଘଟିଛି। ମେଡିକାଲ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ବିଧାୟକ ରାଜ୍ୟ ସରକାରଙ୍କୁ ଜଣାଇଛନ୍ତି। ଭକ୍ତଙ୍କ ଅନ୍ତିମ ସଂସ୍କାର ବେଳେ ବ୍ରହ୍ମପୁର ସାଂସଦଙ୍କ ପ୍ରତିନିଧି ମୀନା ଦ୍ୟାନ ସାମନ୍ତରା ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।




## ଏମ୍‌କେସିଜି ମେଡିକାଲରେ ବିଶ୍ୱ ନିଶ୍ଚେତକ ଦିବସ

ବ୍ରହ୍ମପୁର, ୧୮ ।୧୦ (ସମିସ): ଏମକେସିଜି ମେଡ଼ିକାଲର ନିଶ୍ଚେତକ ବିଭାଗ ଓ ଇଣ୍ଡିଆନ ସୋସାଇଟି ଅଫ ଆନାସ୍ଥେସିଓଲୋଜିଷ୍ଟ (ଆଇଏସଏ) ବ୍ରହ୍ମପୁର ଶାଖାର ମିଳିତ ଆନୁକୂଲ୍ୟରେ ବିଶ୍ୱ ନିଶ୍ଚେତକ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଏମକେସିଜି ମେଡ଼ିକାଲ ଓ ହସ୍ପିଟାଲର ଡିନ୍ ପ୍ରଫେସର ଡା. ସୁଚିତ୍ରା ଦାଶ ଯୋଗଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ପାଠଚକ୍ର ଅନୁଷ୍ଠିତ ହୋଇଥିବା ବେଳେ ସ୍ୱାସ୍ଥ୍ୟସେବାରେ ନିଶ୍ଚେତକ ବିଭାଗର ଭୂମିକା ନେଇ ଆଲୋଚନା କରାଯାଇଥିଲା। ଏକ ଶୋଭାଯାତ୍ରା ମାଧ୍ୟମରେ ସଚେତନତା ସୃଷ୍ଟି ତଥା ଡାକ୍ତରୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମେଡ଼ିକାଲର ୟୁରୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଡା. ଜ୍ଞାନ ପ୍ରକାଶ ସିଂହ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଆଇଏସ୍‌ଏ ବ୍ରହ୍ମପୁର ଶାଖା ସଭାପତି ଏବଂ ସମ୍ପାଦକ ପଦବୀ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଡ. ଏସ୍ ସଞ୍ଜୀବ ପାତ୍ର ଏବଂ ସମ୍ପାଦକ ଭାବେ ଡା. ଜଗଦୀପ ନାୟକ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ।



# ସାଂସଦ ଖେଳ ମହୋତ୍ସବ ଲାଗି ପ୍ରଶାସନର ପ୍ରସ୍ତୁତି



**ଛତ୍ରପୁର,୧୮ ।୧୦(ସମିସ):** ଛତ୍ରପୁର ସ୍ଥିତ ଜିଲ୍ଲାପାଳଙ୍କ ଓସ୍ୱାନ ହଲରେ ତିନୋଟି ସଂସଦୀୟ କ୍ଷେତ୍ର ଯଥା ବ୍ରହ୍ମପୁର, ଆସିକା ଓ କନ୍ଧମାଳ ସଂସଦୀୟ କ୍ଷେତ୍ରରେ ସାଂସଦ ଖେଳ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲାପାଳ ଭି. କିର୍ତି ଭାସନ ଅଧ୍ୟକ୍ଷତା କରିଥିଲେ । ଆଭାସୀ ଦ୍ୱାରା ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ଆସିକା ସାଂସଦ ଅନିତା ଶୁଭଦର୍ଶିନି, ସୁକାନ୍ତ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ ।

କନିଷ୍ଠ ବର୍ଗ ୧୨ ବର୍ଷରୁ ୧୬ ବର୍ଷ ଏବଂ ବରିଷ୍ଠ ବର୍ଗ ୧୭ ବର୍ଷରୁ ୨୪ ବର୍ଷ ଏହିପରି ବାଳକ ଓ ବାଳିକାମାନେ ଭାଗ ନେଇପାରିବେ । ପ୍ରାୟ ୧୦ଟି ବିଭାଗରେ ଏହି ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଅନଲାଇନ ମାଧ୍ୟମରେ ଖେଳାଳି ନାମ ପଞ୍ଜୀକରଣ କରିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି । ବ୍ରହ୍ମପୁର ସଂସଦୀୟ କ୍ଷେତ୍ରରେ ୧୨ ହଜାର ୭ ୫୩ ଜଣ, ଆସିକା ସଂସଦୀୟ କ୍ଷେତ୍ରରେ ୯୩୮୦ ଓ କନ୍ଧମାଳ ସଂସଦୀୟ କ୍ଷେତ୍ରରେ ୨୨ ହଜାରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ନାମ ପଞ୍ଜୀକରଣ କରିଥିବା କୁହାଯାଇଛି । ଆସନ୍ତା ୧୫ ନଭେମ୍ବରରେ ପ୍ରତି ବ୍ଲକ ସ୍ତରରେ ଓ ମହାନଗରରେ ଏହି କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେବ । ଯେଉଁମାନେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ସେମାନେ ପ୍ରତି ନିର୍ବାଚନୀ ମଣ୍ଡଳୀ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ।

ଡିସେମ୍ବର ୨୫ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମବାର୍ଷିକୀ ଦିନ ଏହି ପ୍ରତିଯୋଗିତା ଶେଷ ହେବ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ଦେବବ୍ରତ ପଣ୍ଡା, ସୁନିଲ କୁମାର କେର୍କେଟା, କ୍ରୀଡା ଅଧିକାରୀ ସୁଦାମ ସ୍ୱାଇଁ, ଅରୁନ ପଟ୍ଟନାୟକ, ଅସିତ ଶତପଥି, ବିକ୍ରମ ପଣ୍ଡା, ଦିପ୍ତୀଶ ପଟ୍ଟନାୟକ, ଜେ.କାମେଶ୍ୱର ରାଓ, ଅକ୍ଷୟ ପଟ୍ଟନାୟକ, କାଲୁଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଏମ୍‌ସି ପକ୍ଷରୁ ମିଠା ଦୋକାନରେ ଚଢ଼ଉ

## ୧ ଲକ୍ଷ ୨ ହଜାର ଟଙ୍କା ଜରିମାନା ଆଦାୟ

## ମାନ ପରୀକ୍ଷା ପାଇଁ ୫୦ ନମୁନା ସଂଗ୍ରହ



**ବ୍ରହ୍ମପୁର,୧୮ ।୧୦(ସମିସ)**

ଦିନକ ପରେ ଦୀପାବଳି । ମିଠା କିଣିବାକୁ ବିଭିନ୍ନ ଦୋକାନରେ ଏବେଠୁ ଜମିଲାଣି ଅସମ୍ଭାଳ ଭିଡ଼ । ଏହାକୁ ଦୃଷ୍ଟିରେ ରଖି ଅସାଧୁ ବ୍ୟବସାୟୀ ନିମ୍ନମାନର ଓ ଅପମିଶ୍ରିତ ମିଠା ପ୍ରସ୍ତୁତ କରି ଗ୍ରାହକଙ୍କୁ ଠକୁଛନ୍ତି । ଏହି ଅବସରରେ ବିଏମ୍‌ସି କମିସନର ପ୍ରଥମେଶ ଅରବିନ୍ଦ ରଜେସିର୍କେଙ୍କ ନିର୍ଦ୍ଦେଶ କ୍ରମେ ସହରର ସମସ୍ତ ମିଷ୍ଟାନ୍ନ ଦୋକାନରେ ଖାଦ୍ୟର ମାନ ଯାଞ୍ଚ କରାଯାଇଛି । ଚଢ଼ଉରେ ଭୁବନେଶ୍ୱରରୁ ଆସିଥିବା ଭ୍ରାମ୍ୟମାଣ ଖାଦ୍ୟ ପରୀକ୍ଷା ୟୁନିଟ ସାମିଲ ହୋଇଥିଲା । ସହରର ବଡ଼ବଜାର, ସାନବଜାର, ଗିରିଜା ଛକ, ଟାଟାବେଞ୍ଚ ଛକ, କମାପଲ୍ଲୀ, ଗେଟ୍ ବଜାର ଓ ସେଲଟ୍ୟାଙ୍କ ଛକ ଓ ଇଞ୍ଜିନିୟରିଂ ସ୍କୁଲ ଛକ ଆଦି ସ୍ଥାନରେ ପ୍ରାୟ ୩୦ରୁ ଅଧିକ୍ ମିଠା ଦୋକାନରେ ଚଢ଼ଉ କରାଯାଇଥିଲା । ପ୍ରାୟ ୫୦ଟି ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଥିବା ବେଳେ ବିଭିନ୍ନ ଦୋକାନରୁ ୧ଲକ୍ଷ ୨ହଜାର ଟଙ୍କା ଜରିମାନା ଆଦାୟ କରଯାଇଛି । ଏଭଳି ଚଢ଼ଉ ଓ ମାନ ଯାଞ୍ଚ ଆଗକୁ ଜାରି ରହିବ । ଚଢ଼ଉରେ ସ୍ମିତା ଖାଡଙ୍ଗା, ଲିଜା ମିଶ୍ର, ସତ୍ୟଜିତ୍ ବେହେରାଙ୍କ ସହ ପୁଲିସ ଟିମ୍ ସାମିଲ ହୋଇଥିଲେ ।

# ବିପୁଳ ପରିମାଣର ବାଣ ଜବତ



**ଖଲ୍ଲିକୋଟ,୧୮ ।୧୦(ସମିସ):** ଖଲ୍ଲିକୋଟ ପୁଲିସ ଶ୍ୟାମସୁନ୍ଦରପୁର ଗାଁରେ ଚଢ଼ଉ କରି ଭିନ୍ନ ଭିନ୍ନ ଘରୁ ବିପୁଳ ପରିମାଣର ବାନ୍ସହ ବାଣ ତିଆରି ସାମଗ୍ରୀ ଜବତ କରିବା ସହିତ ବାରୁଦରେ ପାଣି ଢାଳି ନଷ୍ଟ କରିଦେଇଛି । ପ୍ରତିବର୍ଷ ଦୀପାବଳି ସମୟରେ ଖଲ୍ଲିକୋଟ ଏନ୍‌ଏସି ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମରେ ଘରେ ଘରେ ବାଣ ପ୍ରସ୍ତୁତି କରି ବିକ୍ରି କରାଯାଏ । ଗତ ୩/୪ ବର୍ଷ ତଳେ ଏହି ଗ୍ରାମରେ ବାଣ ପ୍ରସ୍ତୁତି ବେଳେ ବିସ୍ଫୋରଣ ହୋଇ କିଛି ଯୁବକ ଗୁରୁତର ଆହତ ହୋଇଥିଲେ । ତେବେ ଶନିବାର ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନଙ୍କ ନେତୃତ୍ୱରେ ଦୁଇଟି ଟିମ୍ ଶ୍ୟାମସୁନ୍ଦରପୁରର ଦୁଇଟି ସାହିରେ ଏକାବେଳେ ଚଢ଼ଉ କରିଥିଲେ । ବିଭିନ୍ନ ଘରେ ଚଢ଼ଉ ବେଳେ ତାଳପତ୍ର ଓ ପ୍ରସ୍ତୁତି ହୋଇ ରହିଥିବା ବାଣ ସହିତ ବାଣ ତିଆରି ସାମଗ୍ରୀ ଜବତ କରିବା ସହିତ ଉଚ୍ଚ ଦହନଶୀଳ ବାରୁଦ, ମଣିଶିଳା ଗୁଡିକୁ ଜବତ କରିଥିଲେ । ଶ୍ୟାମସୁନ୍ଦରପୁର ଗାଁର ରାଜେନ୍ଦ୍ର ନାହାକଙ୍କ ଘରୁ ବାଣ ପ୍ରସ୍ତୁତି ସାମଗ୍ରୀ ସହିତ ବିସ୍ଫୋରକ ଦ୍ରବ୍ୟ ଜବତ କରିବା ବେଳେ ଘରର ମୁଖ୍ୟ କବାଟ ନ ଖୋଲିବା ହେତୁ ପୁଲିସକୁ ଅଧଘଣ୍ଟା ନାକେଦମ୍ ହେବାକୁ ପଡିଥିଲା । ରାଜେନ୍ଦ୍ର ଜଣେ ଦିବ୍ୟାଙ୍ଗ ହୋଇଥିବାରୁ ପୁଲିସ ବାଣ ପ୍ରସ୍ତୁତି ନ କରିବା ପାଇଁ ତାଗିଦ କରିଥିଲେ ।

**ସାନଖେମୁଣ୍ଡି:** ବେଆଇନ ବାଣ ଗୋଦାମ ଉପରେ ଚଢ଼ଉ କରି ଲକ୍ଷାଧିକ ଟଙ୍କାର ବାଣ ଜବତ ସହ ଜଣଙ୍କୁ ଗିରଫ କରିଛି ପାଟପୁର ପୁଲିସ । ଅଭିଯୁକ୍ତ ଜଣଙ୍କ ହେଲେ ପାଟପୁର ଥାନା ସିଙ୍ଗିପୁର ଗ୍ରାମର ଶିବରାମ ସାହୁ । ଶନିବାର ପୁଲିସ ସିଙ୍ଗିପୁର ଗ୍ରାମରେ ବେଆଇନ ଭାବେ ବାଣ ଗଚ୍ଛିତ ଥିବା ଏକ ଗୋଦାମ ଘରେ ଚଢ଼ଉ କରିଥିଲା । ଚଢ଼ଉ ବେଳେ ବିପୁଳ ପରିମାଣର ବାଣ ଜବତ କରିଥିଲା । ଏଥିସହ ପାଟପୁର ପୁଲିସ ଏକ ମାମଲା ରୁଜୁ କରିଛି । ଜବତ ବାଣର ଆନୁମାନିକ ମୂଲ୍ୟ ପ୍ରାୟ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ । ଖବର ମିଳିଲେ ବେଆଇନ ବାଣ ଗୋଦାମ ଉପରେ ଆଗମୀ ଦିନରେ ଚଢ଼ଉ ଜୋରଦାର କରାଯିବ ବୋଲି ପାଟପୁର ଥାନା ଅଧିକାରୀ ଦୀପ୍ତି ରଞ୍ଜନ ବେହେରା କହିଛନ୍ତି ।



# ବୁକିଂର ୨୦ ଦିନ ପରେ ବି ମିଳୁନି ଗ୍ୟାସ୍

- ଡିପୋକୁ ଦୌଡ଼ି ଦୌଡ଼ି ନୟାନ୍ତ ଗ୍ରାହକ

**ଛତ୍ରପୁର,୧୮ ।୧୦(ସମିସ):** ରୋଷେଇ ପାଇଁ ଏଲ୍‌ପିଜି ଗ୍ୟାସ ଉପରେ ଅଧିକାଂଶ ନିର୍ଭରଶୀଳ । ଗ୍ୟାସ ନମିଳିଲେ ରୋଷେଇ ବନ୍ଦ । କିନ୍ତୁ ବିଡ଼ମ୍ବନାର ବିଷୟ ବୁକ୍ କରିବାର ୨୦ଦିନ ପରେ ବି ମିଳୁନି ସିଲିଣ୍ଡର । ଯାହାକୁ ନେଇ ବଢ଼ୁଛି ଅସନ୍ତୋଷ । ଛତ୍ରପୁରରେ ଗ୍ୟାସ ନେବାକୁ ଡିଲର ପାଖକୁ ଆସି ଖାଲିଳ ହାତରେ ନିରାଶ ହୋଇ ଫେରୁଛନ୍ତି ଗ୍ରାହକ । ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଶକ୍ତି ଏଣ୍ଟପ୍ରାଇଜର୍ସର ଜଣେ ଅଧିକାରୀ କହିଛନ୍ତି ୩ ମାସ ହେଲା ଏଭଳି ସମସ୍ୟା ରହିଛି । ସଠିକ ଭାବରେ ଲୋଡ଼ ଆସିନି ଲୋଡ଼ ଆସିଲେ ଆସ୍ତେ ଆସ୍ତେ ସମସ୍ୟାର ସମାଧାନ ହେବ । ଅନ୍ୟପଟେ ଆଗେ ବୁକିଂ କରିବା ଦିନେ ଦୁଇ ଦିନ ପରେ ଗ୍ୟାସ ମିଳୁଥିଲା, ବର୍ତ୍ତମାନ ଏଭଳି ସମସ୍ୟା ଯୋଗୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ଜିଲ୍ଲା ପ୍ରଶାସନ ଏହା ଉପରେ ଦୃଷ୍ଟି ଦେବାକୁ ସିପିଆଇ ନେତା ନୀଳକଣ୍ଠ ଦାଶ, ଚାଷୀ ନେତା ସୀମାଞ୍ଚଳ ନାହାକ, କାଉନସିଲର ଦେବାଶିଷ ମିଶ୍ର ଓ ପ୍ରୀତିଛନ୍ଦା ସାମଲ, ଯୁବନେତା ଅଟଳ ବିହାରୀ ପଟ୍ଟନାୟକ ଦାବି କରିଛନ୍ତି ।

# ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ଆସିକା,୧୮ ।୧୦(ସମିସ):** ଆସିକା ଥାନା କର୍ପୁର ନୂଆଗାଁ ନିକଟରେ ଥିବା ପୋଖରୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ କର୍ପୁର ନୂଆଗାଁର ସନ୍ୟାସୀ ଗୌଡ଼ (୬୫) । ସେ ଗାଁ ପୋଖରୀକୁ ଶୌଚ ପାଇଁ ଯାଇ ବୁଡି ଯାଇଥିଲେ । ଗ୍ରାମବାସୀ ଓ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆସିକା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏଥିସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

# ସ୍କୁଟିକୁ ପିଟିଲା ବାଇକ୍; ୨ ଗୁରୁତର

**ଧରାକୋଟ,୧୮ ।୧୦(ସମିସ):** ଧରାକୋଟ ଥାନା ଅନ୍ତର୍ଗତ ମୁଣ୍ଡମରାଇ ହନୁମାନ ଦ୍ୱାର ଗ୍ରାମ ମଧ୍ୟ ଭାଗରେ ସ୍କୁଟିକୁ ପଛପଟରୁ ଏକ ବାଇକ ଧକ୍କା ଦେବାରୁ ସ୍କୁଟି ଚାଳକ ଜାନିବିଲି ଗ୍ରାମର ବନମାଳୀ ଗୌଡ଼ (୬୫) ଗୁରୁତର ହୋଇଛନ୍ତି । ବନମାଳି ଅବସରପ୍ରାପ୍ତ ପୋଷ୍ଟମାଷ୍ଟର ହୋଇଥିବାରୁ ପେନସନ ଟଙ୍କା ଉଠାଇବାକୁ ସ୍କୁଟି ଧରି ମୁଣ୍ଡମରାଇ ଯାଇଥିଲେ । ସେଠାରୁ ନିଜ ଗ୍ରାମ ଜାନିବିଲିକୁ ଫେରିବା ବେଳେ ପଛପଟୁ ମୁଣ୍ଡମରାଇ ଗ୍ରାମର ଫକୀର ଗୌଡ଼ଙ୍କ ସହିତ ଆଉ ଦୁଇଜଣ ବାଇକ୍ ଆରୋହୀ ଦ୍ରୁତଗତିରେ ଆସି ଧକ୍କା ଦେଇଥିଲେ । ସ୍କୁଟି ଚାଳକ ବନମାଳୀ ଓ ବାଇକ୍ ଚାଳକ ଫକୀର ଆହତ ହୋଇଥିଲେ । ଦମକଳ ବାହିନୀ ଏବଂ ପୁଲିସ ପହଞ୍ଚି ଆହତମାନଙ୍କୁ ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ଫକୀର ସେଠାରେ ଚିକିତ୍ସାଧୀନ ଥିବାବେଳେ ବନମାଳୀଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଅନ୍ୟପଟେ ପୁଲିସ ଦୁର୍ଘଟଣାଗ୍ରସ୍ତ ସ୍କୁଟି ଓ ବାଇକ୍‌କୁ ଜବତ କରିଥିବା ଜଣାପଡ଼ିଛି ।

# ହାତୀ ଉପଦ୍ରବ ରୋକିବାକୁ ତାଲିମ

**ବୁଗୁଡ଼ା,୧୮ ।୧୦(ସମିସ):** ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ବାଘୁଆ ନର୍ସରୀ ପରିସରରେ ହାତୀ ସୁରକ୍ଷା ଏବଂ ହାତୀ ଉପଦ୍ରବରୁ ରକ୍ଷା ପାଇବାକୁ ଗଜସାଥୀ ଓ ଭିଏସ୍‌ଏସ୍ କର୍ମକର୍ତ୍ତାଙ୍କ ସକାଶେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ବୁଗୁଡ଼ା ବନାଞ୍ଚଳ ଅଧିକାରୀ ମାନସ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ୮ଟି ଭିଏସ୍‌ଏସ୍‌ର କର୍ମକର୍ତ୍ତା ଓ ୪୦ ଜଣ ଗଜ ସାଥି ଯୋଗଦେଇ ଥିଲେ । ବନାଞ୍ଚଳ ଅଧିକାରୀ ମାନସ କୁମାର ସାହୁଙ୍କ ସମେତ ବନପାଳ କ୍ଷୀରୋଦ କୁମାର ଗୌଡ଼, ସୁନିତା ପାତ୍ର, ସୁକାନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଜଙ୍ଗଲରେ ହାତୀ ମାନଙ୍କର ସୁରକ୍ଷା ଓ ଜଙ୍ଗଲ ଆଖପାଖ ଅଞ୍ଚଳରେ ହାତୀ ମାନଙ୍କର ଉପଦ୍ରବରୁ ଲୋକଙ୍କୁ କିପରି ସୁରକ୍ଷା ଦିଆଯିବ ସେ ବିଷୟରେ ଆଲୋଚନା କରିଥିଲେ ।

# ଶ୍ୟାମାକାଳୀଙ୍କ ପୂଜା ଲାଗି କଳସ ଯାତ୍ରା

**ବେଲଗୁଣ୍ଠା,୧୮ ।୧୦(ସମିସ):** ବେଲଗୁଣ୍ଠା ବ୍ଲକ୍ ଗୋବରା ମୁଖ୍ୟ ସଡ଼କ ପାର୍ଶ୍ୱରେ କପିଳେଶ୍ୱର ଯୁବକ ସଂଘ ତରଫରୁ ମା' ଶ୍ୟାମାକାଳୀଙ୍କ ପୂଜା ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଶନିବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସନ୍ଧ୍ୟାରେ ଦେବୀଙ୍କ ସନ୍ଧ୍ୟା ପୂଜା, ଷୋଡ଼ଶ ଉପଚାର ପୂଜା, ମୃତ୍ୟୁଞ୍ଜୟ ପୂଜା, ମହା ଆଳତି, ପୁଷ୍ପାଞ୍ଜଳି, ପଦ୍ମ ଫୁଲ ଏବଂ ବେଲ ପତ୍ର ଅର୍ପଣ କରାଯାଇଥିଲା ଓ କଳସ ଶୋଭାଯାତ୍ରାରେ ଅଞ୍ଚଳର ବହୁ ମହିଳା ଅଂଶଗ୍ରହଣ କରି ବାସୁଦେବପୁର ଏବଂ ଗୋବରା ମୁଖ୍ୟ ସଡକ ପରିକ୍ରମା କରିଥିଲେ । ଗୋବରା ଏବଂ ବାସୁଦେବପୁର ସଂକୀର୍ତ୍ତନ ମଣ୍ଡଳୀ ଏବଂ ଗୋବରା ସଂକୀର୍ତ୍ତନ ମଣ୍ଡଳୀ ସମେତ ପାରମ୍ପରିକ ବାଦ୍ୟରେ ଅଞ୍ଚଳ ଦୁଲୁକି ଉଠିଥିଲା ।



# ନବୀନଙ୍କୁ ଭେଟିଲେ ପୂର୍ବତନ ବିଧାୟିକା



**ଆସିକା,୧୮ ।୧୦(ସମିସ):** ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିବା ସହ ଜନ୍ମ ଦିନର ଅଭିନନ୍ଦନ ଜଣାଇଛନ୍ତି । ଏଥିସହ ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର ଜନ ସାଧାରଣଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ । ଏହି ଅବସରରେ ଗଞ୍ଜାମ ଜୋନ୍ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁଙ୍କ ସମେତ ଅନ୍ୟାନ୍ୟ ବିଜେଡି ନେତା ଉପସ୍ଥିତ ଥିଲେ ।

# ଖଣ୍ଡା ବୁଲାଇ ବନ୍ଧାହେଲେ ଯୁବକ

**ଦିଗପହଣ୍ଡି,୧୮ ।୧୦(ସମିସ):** ଦିଗପହଣ୍ଡି ଥାନା ବଡ଼ଡୁମୁଲା ଗ୍ରାମରେ ଶୁକ୍ରବାର ରାତିରେ ସୁଶାନ୍ତ ଗୌଡ଼ ଓରଫ ମହାଙ୍କୁଡ଼ ଖଣ୍ଡା ଧରି 'ମୋ ପରିବାରକୁ ବରବାଦ କରିଥିବା ୩ ଜଣଙ୍କ ମୁଣ୍ଡ ଦିଗପହଣ୍ଡି ଥାନାରେ ଗଡ଼ିବ' ବୋଲି କହି ମୋବାଇଲରେ ଭିଡିଓ କରି ଏହାକୁ ଇନ୍‌ଷ୍ଟାରେ ପୋଷ୍ଟ କରିଥିଲେ । ଏହି ଭିଡ଼ିଓ ଭାଇରାଲ ପରେ ବ୍ରହ୍ମପୁର ଏସ୍‌ପି ଡ଼. ସର୍ବଣା ବିବେକ ଏମ୍ ଦେଖି ଦିଗପହଣ୍ଡି ଥାନା ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ରଙ୍କୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଥିଲେ । ଥାନା ଏସ୍‌ଆଇ ରାଜ କିଶୋର ପାତ୍ର ଏନେଇ ଏତଲା ଦେବାପରେ ଅଭିଯୁକ୍ତଙ୍କ ବିରୋଧରେ ମାମଲା ହୋଇଥିଲା । ତଦନ୍ତକାରୀ ଅଧିକାରୀ ଏଏସଆଇ ମନୋଜ ସିଂ ଶନିବାର ସକାଳେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଖଣ୍ଡା ଓ ମୋବାଇଲ ଫୋନ୍ ଜବତ କରି କୋର୍ଟଚାଲାଣ କରିଛନ୍ତି । ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି ।



# ଗଞ୍ଜେଇ ଚୋରାଚାଲାଣ; ଯୁବକ ଗିରଫ

**ଦିଗପହଣ୍ଡି,୧୮ ।୧୦(ସମିସ):** ବେଆଇନ ଗଞ୍ଜେଇ ଚୋରାଚାଲାଣ ବେଳେ ଦିଗପହଣ୍ଡି ପୁଲିସ ଶନିବାର ତାମିଲନାଡୁ କୋଏମ୍ବାଟୁର ଜିଲ୍ଲା କାଟୁର ଥାନା ଅଞ୍ଚଳର ଜଣେ ଅଣଓଡିଆ ଯୁବକକୁ ଗିରଫ କରିଛି । ସେ ହେଲେ ହରି .ଏମ । ଗଜପତି ଜିଲ୍ଲାର ବିଭିନ୍ନ ସ୍ଥାନରେ ତାମିଲନାଡୁର ଏକ ସକ୍ରିୟ ଗୋଷ୍ଠୀ ଆଡା ଜମାଇ ବାହାର ରାଜ୍ୟକୁ ଗଞ୍ଜେଇ ଚୋରାଚାଲାଣ କରୁଛନ୍ତି । ଗଜପତି ଜିଲ୍ଲା ମୋହନା ଅଞ୍ଚଳରୁ ଗଞ୍ଜେଇ ନେଇ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ୍‌ରେ ୩ଜଣ ଦିଗପହଣ୍ଡି ଆସିଥିଲେ । ପୁରୁଣା ବସଷ୍ଟାଣ୍ଡ ଠାରେ କିଛି ପୁଲିସ କର୍ମଚାରୀଙ୍କୁ ଦେଖି ସେମାନେ ବସ୍‌ରୁ ଓହ୍ଲାଇ ବ୍ୟାଗ୍ ଧରି ଚାଲି ଚାଲି ବ୍ରହ୍ମପୁର ରାସ୍ତାରେ ଯାଉଥିବା ବେଳେ ପୁଲିସ ପିଛା କରିଥିଲା । ପୁଲିସ ପିଛା କରୁଥିବା ଜାଣିପାରି ବିଲ ରାସ୍ତାରେ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ । ତେବେ ୨ରୁ ୩ ଯୁବକ କୌଶଳ କ୍ରମେ ଚମ୍ପଟ ମାରିଥିବା ବେଳେ ହରିକୁ ପୁଲିସ କାବୁ କରିଥିଲା । ସେ ଧରିଥିବା ବ୍ୟାଗ ତଲାସି ବେଳେ ଗଞ୍ଜେଇ ଥିବା ଦେଖି ଥାନାକୁ ଉଠାଇ ନେଇ ପଚରାଉଚରା କରିଥିଲା । ସ୍ଥାନୀୟ ତହସିଲଦାର ସନ୍ତୋଷ କୁମାର ସାହୁ, ଥାନା ଅଧିକାରୀ ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର, ଏସ୍‌ଆଇ ରାଜ କିଶୋର ପାତ୍ର, ରାଜସ୍ୱ ନିରୀକ୍ଷକ ଉପେନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇର ଓଜନ ପରେ ୧୦ କେଜି ୬୦୦ ଗ୍ରାମ ହୋଇଥିଲା । ଏନେଇ ଦିଗପହଣ୍ଡି ଥାନାରେ ମାମଲା କରାଯାଇ ରବିବାର ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜିଲ୍ଲା ଜଜ କୋର୍ଟକୁ ଚାଲାଣ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସୋଫିଆ ମିଶ୍ର କହିଛନ୍ତି ।



# ଅନାସ୍ଥା ପ୍ରସ୍ତାବ ଖାରଜ ପାଇଁ ଅତିରିକ୍ତ ଉପଜିଲ୍ଲାପାଳଙ୍କୁ ସ୍ମାରକପତ୍ର

**ଛତ୍ରପୁର,୧୮ ।୧୦(ସମିସ)**




ଗଞ୍ଜାମ ବ୍ଲକ ଅନ୍ତର୍ଗତ ହୁମ୍ମା ପଞ୍ଚାୟତର ସରପଞ୍ଚ ଜାନକୀ ଦାସଙ୍କ ନାମରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଅଭିଯୋଗକୁ ଖାରଜ କରିବାକୁ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ହୁମ୍ମା ସରପଞ୍ଚ ଓ ସମିତିସଭ୍ୟଙ୍କ ସହ ୫ୱାର୍ଡ ସଭ୍ୟ/ସଭ୍ୟା । ଶୁକ୍ରବାର ସରପଞ୍ଚଙ୍କ ମନମୁଖି କାର୍ଯ୍ୟରେ ଅତିଷ୍ଠ ହୋଇ ଅନାସ୍ଥା ପ୍ରସ୍ତାବ ନେଇ ନାଏବ ସରପଞ୍ଚଙ୍କ ସମେତ ୧୫ ୱାର୍ଡ ସଭ୍ୟ/ ସଭ୍ୟା ମାନେ ଛତ୍ରପୁର ଉପଜିଲ୍ଲାପାଳଙ୍କୁ ଭେଟିଥିଲେ । ପଞ୍ଚାୟତର ଉନ୍ନତିକୁ ସହ୍ୟ ନ କରିପାରି ବିରୋଧି ମାନେ ମିଥ୍ୟାରେ ଅନାସ୍ଥା ପ୍ରସ୍ତାବ ନିମନ୍ତେ ଅଭିଯୋଗ ଆଗତ କରିଛନ୍ତି ବୋଲି ଶନିବାର ଛତ୍ରପୁର ଅତିରିକ୍ତ ଉପଜିଲ୍ଲାପାଳ ପାର୍ଥ ସାରଥି ହାଁସଦାଙ୍କୁ ଭେଟି ହୁମ୍ମା ସରପଞ୍ଚ ଜାନକୀ ଦାସ ଓ ସମିତିସଭ୍ୟ ଧ୍ରୁବଚରଣ ପଲାଇଙ୍କ ସହ ୫ଜଣ ୱାର୍ଡ ସଭ୍ୟ/ ସଭ୍ୟା କହିଛନ୍ତି । ଏହାସହ ଏହାର ତଦନ୍ତ କରି ବିରୋଧି ଆଗତ କରିଥିବା ଅନାସ୍ଥା ପ୍ରସ୍ତାବକୁ ଖାରଜ କରିବାକୁ ସେମାନେ ଅନୁରୋଧ କରିଥିଲେ ।

# ଜାତୀୟ ପର୍ଯ୍ୟଟନ ଓ ଲୋକକଳା ମହୋତ୍ସବ ଉଦ୍‌ଘାଟିତ

**ବ୍ରହ୍ମପୁର,୧୮ ।୧୦(ସମିସ):** ସ୍ଥାନୀୟ ଗଞ୍ଜାମ କଳା ପରିଷଦ ପରିସରରେ ପର୍ଯ୍ୟଟନ ଭାରତ ପକ୍ଷରୁ ଶନିବାର ଦୁଇଦିନିଆ ଜାତୀୟ ପର୍ଯ୍ୟଟନ ଓ ଲୋକକଳା ମହୋତ୍ସବ ଉଦଘାଟିତ ହୋଇଯାଇଛି । କାର୍ଯ୍ୟକ୍ରମର ସଭାପତି ଇଂ. ଉମାଶଙ୍କର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ଯୋଗଦେଇ ଶୁଭାରମ୍ଭ କରିଥିଲେ । ମହୋତ୍ସବର ମୁଖ୍ୟ ତଥା ପର୍ଯ୍ୟଟନ ଭାରତର ପରିଚାଳନା ନିର୍ଦ୍ଦେଶକ ନାରାୟଣ ମହାଙ୍କୁଡ଼ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମର ପ୍ରଥମ ଦିବସର ପ୍ରଥମ ପର୍ଯ୍ୟାୟରେ ଫଟୋ ପ୍ରଦର୍ଶନୀ ସହିତ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ ଅନୁଷ୍ଠିତ ହୋଇଥିଲା । ନୃତ୍ୟମ ଅନୁଷ୍ଠାନ ପକ୍ଷରୁ କିଷ୍ଟା ଡିକେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ୧୦ଟି କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଓଡ଼ିଶାର ବିଭିନ୍ନ ପ୍ରାନ୍ତର ଶତାଧିକ କବି, କବିୟତ୍ରୀଙ୍କୁ ନେଇ କବିତା ଆସର ଅନୁଷ୍ଠିତ ହୋଇଥିଲା । କବି ମିହିର ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ କବି ନିଜର କବିତା ପାଠ କରିଥିଲେ । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଦକ୍ଷିଣାଞ୍ଚଳ ବରପୁତ୍ରଙ୍କ କୀର୍ତ୍ତି ଓ କୃତିତ୍ୱ ''ବିଷୟ ସମ୍ବଳିତ ସାହିତ୍ୟ ଆଲୋଚନା ଚକ୍ର' ଅନୁଷ୍ଠିତ ହୋଇଥିଲା । ଆଲୋଚନା ଚକ୍ରରେ ଡ଼. କୁଳମଣି ଓଝା, ଡ଼. ଲମ୍ବୋଦର ପାଣିଗ୍ରାହୀ, ଅନିଲ ପାଣିଗ୍ରାହୀ, ଡ଼. ଅନନ୍ତ ରାମ କୌଣ୍ଡିଲ୍ୟ, ପ୍ରଫେସର ବିଷ୍ଣୁ ଚୌଧୁରୀ, ବିଘ୍ନେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ରାଜ ଗୋପାଳ ପାଢ଼ୀ ମଞ୍ଚ ପରିଚାଳନା କରିଥିବା ବେଳେ ସୁଦୀପ ସାହୁ, ବି. ଚନ୍ଦ୍ରକଳା ଓ ମୀନା ଦାସ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେହିପରି ସିବାନନ୍ଦ ବାରିକ ଓ କାର୍ତ୍ତିକ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଉତ୍କଳ ଆଶ୍ରମ ନ୍ୟାସ ସଭାପତି ଡ଼. ସିଦ୍ଧାର୍ଥ ଶଙ୍କର ପାଢ଼ୀ, ବରିଷ୍ଠ ସାହିତ୍ୟିକ ଇଂ. ଯାମିନି କାନ୍ତ ଦାସ, ନାଳନ୍ଦାଶ୍ରୀ ଅଧ୍ୟକ୍ଷ କାଳିଚରଣ ସାହୁ, ନାଟ୍ୟ ସଂଗଠକ ଅନିଲ ପାତ୍ର, ନିଷ୍ଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୁଦର୍ଶନ ପାତ୍ର, ଗୋପାଳ ପଟ୍ଟନାୟକ, ଅଭିରାମ ପାତ୍ର, ସୁଦର୍ଶନ ପରିଡ଼ା, ଗୌରୀ ମହାଙ୍କୁଡ଼, ବିଶ୍ୱମ୍ଭର ବେହେରା, ସୁଧୀର ପଣ୍ଡା ଓ ବିଜୟ ସ୍ୱାଇଁ ଉପସ୍ଥିତ ଥିଲେ ।





# ପରିବା ଦର ଆକାଶଛୁଆଁ; ଖାଉଟି ହନ୍ତସନ୍ତ



**ଧର୍ମଶାଳା, ୧୮।୧୦(ସମିସ)**

କାର୍ତ୍ତିକ ମାସ ଚାଲୁଥିବାରୁ ଘରେ ଆଇଁଷ ଉପରେ ବାରଣ ଥିବାରୁ ପନିପରିବା ଉପରେ ଲୋକେ ଅଧିକ ନିର୍ଭର କରୁଛନ୍ତି। ହେଲେ ଚଳିତ ବର୍ଷା ଅତ୍ୟଧିକ ବର୍ଷା ଯୋଗୁଁ ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି। ବାହାର ଅଞ୍ଚଳରୁ ପନିପରିବା ଆସୁଥିବାରୁ ଏହାର ଦର ଏବେ ଆକାଶଛୁଆଁ ହୋଇପଡ଼ିଛି। ଯାହାର ପ୍ରଭାବ ଏବେ ରୋଷେଇଶାଳରେ ପଡ଼ିଛି। ଗ୍ରାହକମାନେ ଉଚ୍ଚା ଦରରେ ପନିପରିବା କିଣିବାକୁ ସକ୍ଷମ ହୋଇପାରୁ ନାହାନ୍ତି। ବିଶେଷ କରି ଧର୍ମଶାଳା ବ୍ଲକର ଜାରକା, ଧର୍ମଶାଳା, କାଏମା, ନାକପୋଲ, ନେଉଳପୁର ଆଦି ଛକମାନଙ୍କରେ ପରିବାମୂଲ୍ୟ ଆକାଶଛୁଆଁ ହୋଇଛି। ଧର୍ମଶାଳାର ବିଭିନ୍ନ ବଜାରରେ ଏବେ ବିଲାତି ବାଇଗଣ କେଜି ୫୦, କାକୁଡି ୬୦ ଟଙ୍କା, ଗାଜର, କଲରା ୭୦ରୁ ୮୦ଟଙ୍କା ଏପରକି ବାଇଗଣ କେଜି ପ୍ରତି ୯୦ ଟଙ୍କା ଧରିଲାଣି। ସେହିପରି ଜହ୍ନି, ଭେଣ୍ଡି ଓ ଝୁଡ଼ଙ୍ଗ କେଜି ପ୍ରତି ୮୦ରୁ ୯୦ ଟଙ୍କା ଥିବାବେଳେ ଶାଗ ବିଡ଼ା ପ୍ରତି ୧୦ ଟଙ୍କାରେ ବିକ୍ରି ହେଉଛି। ସେହିପରି କାଙ୍କଡ଼ ଓ କ୍ୟାପସିକମ ମୂଲ୍ୟ କେଜି ପ୍ରତି ୧୨୦ ଟଙ୍କା ରହିଛି। ଫଳରେ ପରିବା କେଜିଏ ନେବା ବଦଳରେ ଗ୍ରାହକ ୨୫୦ ଗ୍ରାମ ଓ ୫୦୦ ଗ୍ରାମ ନେବାକୁ ପସନ୍ଦ କରୁଛନ୍ତି। ଜଣେ ଗ୍ରାହକ ୫ ଶହ ଟଙ୍କା ନେଇ ପରିବା ଆଣିବାକୁ ଗଲେ ବ୍ୟାଗ ପୁରୁନଥିବା ଦେଖିବାକୁ ମିଳିଛି। ପନିପରିବା ଚାଷରେ ବେଶ ଆଗରେ ରହିଥିବା ବାରବାଟୀ ଅଞ୍ଚଳରେ ଚଳିତ ବର୍ଷ ବର୍ଷା ଯୋଗୁଁ ଭଲ ଫସଲ ଅମଳ ହୋଇନଥିବାରୁ ବ୍ୟବସାୟୀମାନେ ବାହାର ଜିଲ୍ଲାରୁ ପନିପରିବା ଆଣି ଏଠାରେ ଉଚ୍ଚମୂଲ୍ୟରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ଫଳରେ ଗ୍ରାହକମାନେ ଖୁଚୁରା ବ୍ୟବସାୟୀଙ୍କ ଠାରୁ ଅଧିକ ମୂଲ୍ୟ ଦେଇ ପନିପରିବା କିଣୁଛନ୍ତି।

### ସେମାନେ ଯାହା କୁହନ୍ତି-

ଏବେ ଆଳୁ ବ୍ୟବସାୟ ଭଲ ଚାଲିଛି। କାରଣ ପନିପରିବା ମୂଲ୍ୟ ଆକାଶଛୁଆଁ ହୋଇଥିବା ବେଳେ ଲୋକେ ଆଳୁ କିଣିବାକୁ ଅଧିକ ପସନ୍ଦ କରୁଛନ୍ତି। ଭାତ ଡାଲି ସହିତ ଅଳୁ ଭର୍ତ୍ତା ଓ ଭଜାଟିଏ କରି ଲୋକେ ନିଜର ପେଟପୂରଣ କରିପାରୁଛନ୍ତି। କାର୍ତ୍ତିକ ମାସରେ ପନିପରିବା ଦର ଏଭଳି ଉଚ୍ଚା ରହେ।

**-ସଞ୍ଜୟ ରାଉତ, ଆଳୁ ବ୍ୟବସାୟୀ**



ଚଳିତ ବର୍ଷ ଅଧିକ ବର୍ଷା ହେବାରୁ ଆମ ଅଞ୍ଚଳରେ ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି। ଏବେ ପନିପରିବା ବ୍ୟବସାୟୀମାନେ ବାହାର ଜିଲ୍ଲାରୁ ଚଢ଼ା ମୂଲ୍ୟରେ ପନିପରିବା ଆଣି ଖୁଚୁରା ବ୍ୟବସାୟୀମାନଙ୍କୁ ଚଢ଼ାମୂଲ୍ୟରେ ବିକ୍ରି କରୁଥିବାରୁ ଖୁଚୁରା ବ୍ୟବସାୟୀ ସେହି ହିସାବରେ ଗ୍ରହକମାନଙ୍କୁ ପନିପରିବା ବିକ୍ରି କରିବାକୁ ବାଧ ହେଉଛନ୍ତି।

**-ଜ୍ୟୋତିର୍ମୟ ପରିଡ଼ା, ପନିପରିବା ବ୍ୟବସାୟୀ**



ପନିପରିବା ମୂଲ୍ୟ ବୃଦ୍ଧିର ପ୍ରଭାବ ସିଧା ରୋଷେଇ ଘରେ ପଡ଼ିଛି। କାର୍ତ୍ତିକମାସ ଚାଲୁଥିବାରୁ ଘରେ ଆଇଁଷ ପଶିବା ବନ୍ଦ ରହିଛି। ଫଳରେ ପରିବାର ସଦସ୍ୟମାନେ ଭାତ ସହିତ ପନିପରିବା ତରକାରୀ ଖାଇବାକୁ ଅଧିକ ପସନ୍ଦ କରୁଥିବା ବେଳେ ବଜାରରେ ପନିପରିବା ଦର ଅକାଶ ଛୁଆଁ ଯୋଗୁଁ ପନିପରିବା କିଣା ଉପରେ କଟକଣା ଲଗାଯାଇଛି।

**-ବାସନ୍ତୀ ଜେନା, ଗୃହିଣୀ**



ଘରେ ତରକାରୀ ରୋଷେଇ କରିବାକୁ ପନିପରିବା ଉପରେ ନିର୍ଭର କରିବାକୁ ପଡୁଛି। ହେଲେ ବଜାରରେ ପନିପରିବା ମୂଲ୍ୟରେ ନିଆଁ ଲାଗିବା ଭଳି ଅନୁଭବ ହେଉଛି। ଏଣୁ କରି କିଲେ ପରିବା କିଣିବା ବଦଳରେ ଅଢ଼େଇଶହ ଗ୍ରାମ୍ କିଣିବାକୁ ବାଧ ହେଉଛୁ।

**-ରମେଶ କୁମର ଖୁଣ୍ଟିଆ, ଗ୍ରାହକ**

## ଇଜାପୁରରେ ବିଜେଡିର ପଦଯାତ୍ରା



**ଦଶରଥପୁର, ୧୮।୧୦(ସମିସ):** ଦଶରଥପୁର ବ୍ଲକ ଅଧୀନ ଇଜାପୁର ପଞ୍ଚାୟତରେ ବିଜେଡି ପକ୍ଷରୁ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପଞ୍ଚାୟତ ଅନ୍ତର୍ଗତ ବାବା ମଣିନାଥ ପୀଠ ପ୍ରାଙ୍ଗଣରେ ଅନୁଷ୍ଠିତ ସ୍ୱତନ୍ତ୍ର ସଭାରେ କବି ବିରଜା ପ୍ରାସାଦ ବଳ ସଭାପତିତ୍ୱ କରିଥିଲେ। ଅତିଥିଭାବେ ଯାଜପୁର ବିଧାୟିକା ସୁଜାତା ସାହୁ, ବରିଷ୍ଠ ବିଜେଡି ନେତା କର୍ଣ୍ଣାଟ କେଶରୀ ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ସ୍ଥାନୀୟ ସରପଞ୍ଚ ରାଜଶ୍ରୀ ସାମଲ, ସମିତିସଭ୍ୟ ବ୍ରଜ କିଶୋର ସାହୁ, ଯୁବନେତା ଅମିୟ ଜେନ, ମନୋଜ ରାଉତଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟ/ସଭ୍ୟା ପ୍ରମୁଖ ଯୋଗ ଦେଇ ପୂର୍ବ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ଉପରେ ଉପସ୍ଥିତ ଜନସାଧାରଣଙ୍କୁ ସୂଚନା ଦେବା ସହ ଏବେ ରାଜ୍ୟ ସରକାରଙ୍କ ପରିଚାଳନାଗତ ତ୍ରୁଟିକୁ ସମାଲୋଚନା କରିଥିଲେ। ପରେ ବିଧାୟିକା ଶ୍ରୀମତୀ ସାହୁଙ୍କ ନେତୃତ୍ୱରେ ସମସ୍ତ ଅତିଥି ଓ ପ୍ରମୁଖ ବିଜେଡି କାର୍ଯ୍ୟକର୍ତ୍ତା ଇଜାପୁର ତାରିଣୀ ମନ୍ଦିର ନିକଟରୁ ଏକ ପଦଯାତ୍ରାରେ ବାହାରି ରାଜ୍ୟ ସରକାରଙ୍କ ଆଇନ ଶୃଙ୍ଖଳା ପରିଚାଳନା, ସାର ସଙ୍କଟ, ଉନ୍ନୟନ ମୂଳକ କାର୍ଯ୍ୟରେ ରୋକ, ମହିଳା ନିର୍ଯାତନା ସହିତ ରାଜ୍ୟ ସରକାରଙ୍କ ବିଫଳତା ଉପରେ ସ୍ଥାନୀୟ ଲୋକଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ୫୦୦ରୁ ଉର୍ଦ୍ଧ୍ୱ ସଂଖ୍ୟାରେ ଦଳୀୟ କର୍ମୀ ଓ ମହିଳା ସମର୍ଥକ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା।

## ଭାରତୀବିହାର ଅଧ୍ୟକ୍ଷଙ୍କୁ ଆକ୍ରମଣ ଘଟଣା; ଅଭିଯୁକ୍ତ ଗିରଫ



**ସୁକିନ୍ଦା, ୧୮।୧୦(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ହରିପୁର ସ୍ଥିତ ଭାରତୀବିହାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ହରିପୁର ଅଞ୍ଚଳର ଜଣେ ଯୁବକ ବିଦ୍ୟାଳୟ ପରିସରରେ ଆକ୍ରମଣ କରିଥିବା ଅଭିଯୁକ୍ତକୁ ପୁଲିସ ଗିରଫ କରିଥିବା ଜଣାପଡ଼ିଛି। ଏହି ଘଟଣା ନେଇ ଅଧ୍ୟକ୍ଷ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଗତ ୧୩ ତାରିଖ ଦିନ ସୁକିନ୍ଦା ପୁଲିସ ମାମଲା ରୁଜୁ କରିଥିଲା। ମିଟୁ ରାଉତ ନାମକ ଯୁବକ ଅଧ୍ୟକ୍ଷଙ୍କୁ ବିଦ୍ୟାଳୟ ପରିସରରେ ଅଟକାଇ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ମାଡ଼ ମାରିଥିବା ଶ୍ରୀ ଖଣ୍ଡାଇ ସୁକିନ୍ଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରି ଚୁପ୍ ରହିଥିଲା। ଜଣେ ଅଧ୍ୟକ୍ଷଙ୍କୁ ଆକ୍ରମଣ କରିବା ପରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଘଟଣାକୁ ନେଇ ଛାତ୍ରଛାତ୍ରୀ, ଅବିଭାବକ ଓ କର୍ମଚାରୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଅଭିଯୁକ୍ତକୁ ଗିରଫ କରିବା ଦାବିରେ ଆଜି କଲେଜର ଶତାଧିକ ଛାତ୍ରଛାତ୍ରୀ ରାସ୍ତାକୁ ଓହ୍ଲାଇବା ସହ ସୁକିନ୍ଦା ହାତୀବାରି ରାସ୍ତା ଅବରୋଧ କରିଥିଲେ। ଘଟଣା ଉଗ୍ର ରୂପ ନେବା ଆଶଙ୍କା କରି ସୁକିନ୍ଦା ପୁଲିସ ଶନିବାର ଅଭିଯୁକ୍ତକୁ ଗିରଫ କରି ପ୍ରଥମେ କଲେଜକୁ ନେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ ଅଭିଭାବକଙ୍କ ଉପସ୍ଥିତିରେ ଅଭିଯୁକ୍ତ କ୍ଷମା ପ୍ରାର୍ଥନା କରିବା ସହ କୌଣସି ଦିନ କୌଣସି ପରିସ୍ଥିତିରେ ବିଦ୍ୟାଳୟ ପରିସରକୁ ଆସିବ ନାହିଁ ଓ କେବେବି କୌଣସି ସ୍ଥାନରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟକ୍ଷ କିମ୍ବା କର୍ମଚାରୀଙ୍କୁ କୌଣସି ପ୍ରକାର ଖରାପ ବ୍ୟବହାର ପ୍ରଦର୍ଶନ ନ କରିବାକୁ ସମସ୍ତଙ୍କ ଉପସ୍ଥିତିରେ ପୁଲିସ ନିକଟରେ ସର୍ତ୍ତମୂଳକ ଜାମିନ ପରେ ପୁଲିସ ଛାଡ଼ିଥିବା ଜଣାପଡ଼ିଛି। ଘଟଣାକୁ ନେଇ ବିଦ୍ୟାଳୟରେ ଲାଗିରହିଥିବା ଅଚଳାବସ୍ଥାକୁ ସୁଧାରିବା ପାଇଁ ଓ ଶାନ୍ତି ଫେରିବ ପାଇଁ ଅଧ୍ୟକ୍ଷ ଘଟଣାରେ ସହମତ ପ୍ରକାଶ କରିଥିଲେ। ଘଟଣା ସମାଧାନ ପରେ ବିଦ୍ୟାଳୟରେ ପରିବେଶ ଶାନ୍ତ ପଡ଼ିଥିବା ଦେଖାଦେଇଛି।

## କୋରେଇଶୁଣି ଶିଶୁମନ୍ଦିରରେ ବିଜ୍ଞାନ ମେଳା

**ମଙ୍ଗିନ୍ଦା, ୧୮।୧୦(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଉଡରଙ୍ଗ ପଞ୍ଚାୟତ ଅଧୀନ ଅଗ୍ରଣୀ ଶିକ୍ଷାନୁଷ୍ଠାନ ମା' କୋରେଇଶୁଣି ଶିଶୁମନ୍ଦିରର ବିଦ୍ୟାଳୟ ସ୍ତରୀୟ ଶିଶୁ ବିଜ୍ଞାନ ମେଳା ସଭାପତି ପ୍ରାଣବନ୍ଧୁ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଦାମୋଦର ପତି, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ରାଏ, ସମ୍ମାନିତ ଅତିଥିଭାବେ ଅସିମ କୁମାର ଦେବତା, ବିଦ୍ୟାଳୟର ସମ୍ପାଦକ କମଳାକାନ୍ତ ରଥ ଯୋଗଦେଇଥିଲେ। ଏବେକାର ଶିଶୁ ବୈଜ୍ଞାନିକ ମନୋଭାବ ରଖିଲେ ଅସମ୍ଭବ କାର୍ଯ୍ୟର ସମାଧାନ କରିପାରିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ବିଜ୍ଞାନ ମେଳାକୁ ୧୫୮ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ପ୍ରାୟ ୮୦୦ରୁ ଉର୍ଦ୍ଧ୍ୱ ପିଲା ଏହି ମେଳାକୁ ପରିଦର୍ଶନ କରିଥିଲେ। ବିଚାରକ ଭାବେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଭରତ ଚନ୍ଦ୍ର ସ୍ୱାଇଁ, ବରିଷ୍ଠ ବିଜ୍ଞାନ ଶିକ୍ଷକ ରାକେଶ କୁମାର ନାୟକ, ସରୋଜ କୁମାର ପଣ୍ଡା, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ନିରଞ୍ଜନ ସ୍ୱାଇଁ, ବରିଷ୍ଠ ଶିକ୍ଷକ ଶିରିଶ ଚନ୍ଦ୍ର ସଏ, ଭାବେ ଯୋଗଦେଇ ଥିଲେ। ବରିଷ୍ଠ ବିଭାଗରୁ ପ୍ରଥମ ପ୍ରଜ୍ଞାଶ୍ରୀ ଦାସ, ୨ୟ ସୋମ୍ୟା ବେହେରା, ୩ୟ ଦେବ ପ୍ରସାଦ ତ୍ରିପାଠୀ, କନିଷ୍ଠ ବିଭାଗରୁ ୧ମ ରାଜଲକ୍ଷ୍ମୀ ସାମଲ, ୨ୟ ଶ୍ରଦ୍ଧାଞ୍ଜଳି ମିଶ୍ର, ୩ୟ ସୌରଭ ରଞ୍ଜନ ଭଦ୍ର, ସର୍ବକନିଷ୍ଠ ବିଭାଗରୁ ପ୍ରଥମ ସାଇସମ୍ପୂର୍ଣ୍ଣା ମହାନ୍ତି, ୨ୟ ପ୍ରିୟାଂଶି ଦାସ, ୩ୟ ପ୍ରାଂଶୁ ପଭାବ ରାଉତଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ମାନେ ସହଯୋଗ କରିଥିଲେ।



## ବରିଷ୍ଠ ନାଗରିକ ସଂଘର ବୈଠକ

**ସୁକିନ୍ଦା, ୧୮।୧୦(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମ ପଞ୍ଚାୟତ ଅଧୀନ ବଞ୍ଚା ଗ୍ରାମସ୍ଥିତ ଉମାଶଙ୍କର ଉଚ୍ଚ ବିଦ୍ୟାଳୟ ପରିସରରେ ବରିଷ୍ଠ ନାଗରିକ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଧୀରେନ୍ଦ୍ର କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ଦିବଂଗତ ଆତ୍ମା ତଥା ସୁକିନ୍ଦା ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ ବୁଲୁ ବେହେରାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ବରିଷ୍ଠ ନାଗରିକ ସଂଘ, ସୁକିନ୍ଦା, ଦାନଗଦି, କଳିଙ୍ଗନଗରର ସଭାପତି କଳାକର ସ୍ୱାଇଁ, ଉପଦେଷ୍ଟା ଶଶଧର ମୁଦୁଲି, ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର ସମ୍ପାଦକ ପ୍ରହଲ୍ଲାଦ ରାଉତ, ଜଳଧର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସଂଘର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଉମାଶଙ୍କର ବରିଷ୍ଠ ନାଗରିକ ସଂଘ, ନାମରେ ନୂତନ ସଂଘର ନାମକରଣ କରାଯାଇଥିଲା। ନୂତନ କମିଟିର ସଭାପତି ଧୀରେନ୍ଦ୍ର କୁମାର ସ୍ୱାଇଁ, ଉପସଭାପତି ବିଜୟ କୁମାର ମହାନ୍ତି, ସମ୍ପାଦକ ଜଗବନ୍ଧୁ ନାୟକ, ସହ ସମ୍ପାଦକ ଗୋଲଖ ବିହାରୀ ସ୍ୱାଇଁ, କୋଷାଧ୍ୟକ୍ଷ ବାସୁଦେବ ରାଉତ, ଉପଦେଷ୍ଟା ହରମୋହନ ରାଉତ, କୈଳାଶ ଚନ୍ଦ୍ର ରାଉତ, ଭରତ ଚନ୍ଦ୍ର ସ୍ୱାଇଁଙ୍କୁ ଉପସ୍ଥିତ ଥିବା ସମସ୍ତ ସଭ୍ୟଙ୍କ ସର୍ବ ସମ୍ମତିରେ ମନୋନୀତ କରାଗଲା। ମନୋନୀତ କର୍ମକର୍ତ୍ତାଙ୍କୁ ଶଶଧର ମୁଦୁଲି ଶପଥପାଠ କରାଇଥିଲେ ଓ ଜଗବନ୍ଧୁ ନାୟକ ଧନ୍ୟବାଦ ଅର୍ପଣ କରିବା ପରେ ପ୍ରସାଦ ସେବନ କରାଯାଇଥିଲା।

## ଶିଶୁ ଶ୍ରମିକ ଉଚ୍ଛେଦ ଅଭିଯାନ ପୁନଃଗଠିତ

**ଯାଜପୁର, ୧୮।୧୦(ସମିସ):** ଶିଶୁ ଶ୍ରମିକ ଉଚ୍ଛେଦ ସମ୍ପର୍କରେ ଜନମତ ସୃଷ୍ଟି କରିବାକୁ ୩୦ ବର୍ଷ ତଳୁ ଗଠିତ ହୋଇଥିବା ଜିଲ୍ଲା ଶିଶୁ ଶ୍ରମିକ ଉଚ୍ଛେଦ ଅଭିଯାନ ଅତିତରେ ବହୁ ଉଲ୍ଲେଖନୀୟ କାର୍ଯ୍ୟ କରିଛି। ବିଶେଷକରି ବହୁ ବିପଜ୍ଜନକ କାର୍ଯ୍ୟରେ ଲିପ୍ତ ଥିବା ଶିଶୁଙ୍କୁ ମୁଖ୍ୟ ସ୍ରୋତରେ ଆଣି ବିଦ୍ୟାଳୟରେ ନାମ ଲେଖାଇବା ସହ ପରିବାରର ଉନ୍ନତି କରିବା ଏବଂ ସରକାରୀ କାର୍ଯ୍ୟ ମଧ୍ୟରେ ସମନ୍ୱୟ ରଖି କାମ କରିବା ପ୍ରଣିଧାନ ଯୋଗ୍ୟ। ଶନିବାର ଯାଜପୁର ସହରସ୍ଥିତ ସ୍ୱାମୀ ବିବେକାନନ୍ଦ ୟୁଥ୍ ଆସୋସିଏସନ କାର୍ଯ୍ୟାଳୟ ଗୃହରେ ଅନୁଷ୍ଠିତ ସାଙ୍ଗଠନିକ ସଭାରେ ନିମାଇ ରାୟଙ୍କ ସଭାପତିତ୍ୱରେ ଜିଲାର ବିଭିନ୍ନ ସଙ୍ଗଠନ ଯୋଗ ଦେଇଥିଲେ। ଜୟନ୍ତୀ ପାଠାଗାର, କଫି, ସିକୁଏର, ବ୍ରାସ୍, ସୂର୍ଯ୍ୟାଲୋକର ପ୍ରତିନିଧି ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଆରମ୍ଭରୁ ୩୦ ବର୍ଷ ଧରି ଆବାହକ ରୂପେ କାର୍ଯ୍ୟ କରି ଆସୁଥିବା ନିମାଇ ରାୟ ତାଙ୍କ ପଦବିରୁ ଓହରି ଯାଇଥିଲେ ଓ ନୂତନ ଆବାହକ ଭାବେ ଚନ୍ଦ୍ର ଶେଖର ବେହେରା ଦାୟିତ୍ୱ ଗ୍ରହଣ କରିଥିଲେ। ଆଞ୍ଚଳିକ ସଂଯୋଜକ ହୃଷିକେଶ ପଣ୍ଡା, ରାଜ୍ୟ ସଙ୍ଗଠନର ଆଭିମୁଖ୍ୟ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଭାତ କୁମାର ମଲ୍ଲିକ, ଶରତ ରାଉତ, ହେମନ୍ତ ବାହାଲିଆ, ବସୁବନ୍ଧୁ ଦାସ ପ୍ରମୁଖ ଅଂଶ ଗ୍ରହଣ କରିଥିବା ବେଳେ ସତ୍ୟସୁନ୍ଦର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## ମାନପୁର ଓଭର ବ୍ରିଜ୍ ମାତ୍ର ଦୁଇ ଦିନ ମରାମତି



**ଯଖପୁରା/ଦାନଗଦି, ୧୮।୧୦(ସମିସ)**

କଳିଙ୍ଗନଗର ଶିଳ୍ପାଞ୍ଚଳ ରାସ୍ତାଗୁଡିକ ବର୍ଷା ପରେ ବେହାଲ ଅବସ୍ଥାରେ ପହଞ୍ଚିଥିବା ପରେ ଜିଲ୍ଲା ପ୍ରଶାସନ ଓ ପୂର୍ତ୍ତ ବିଭାଗ ତୁରନ୍ତ ମରାମତି କାର୍ଯ୍ୟ ଆରମ୍ଭ କରିଛି। ଗାଡ଼, ଖାଲ ଓ ଖରାପ ରାସ୍ତା ନିମନ୍ତେ ଯାତ୍ରୀ ଓ ଗାଡ଼ି ଚାଳକମାନେ ଦୀର୍ଘ ସମୟ ଧରି ହଇରାଣ ହେଉଥିଲେ। ଏହି ପରିସ୍ଥିତିରେ ଦୁର୍ଘଟଣା ଘଟି ଧନଜୀବନ କ୍ଷୟକ୍ଷତି ମଧ ହୋଇଯାଉଥିଲା। କଳିଙ୍ଗନଗରର ମାନପୁର ରେଲଓଭର ବ୍ରିଜ ଯାହାକି ଶିଳ୍ପାଞ୍ଚଳର ଜୀବନରେଖା ବୋଲି ଖ୍ୟାତ। ଦୁଇ ଦିନ ୧୮ ଓ ୧୯ ମଧ୍ୟରେ ମରାମତି କାମ ହେଉଛି। ପୂର୍ତ୍ତ ବିଭାଗ ସୂଚନା ଅନୁସାରେ, ଏହି ସେତୁ ମରାମତି କାର୍ଯ୍ୟ ଦୁଇ ଦିନ ମଧ୍ୟରେ ଶେଷ ହେବାକୁ ଥିବା ସୂଚନା ମିଳିଛି। କାମ ଚାଲିଥିବା ସମୟରେ ମାନପୁର ଓଭର ବ୍ରିଜରେ ଯାତାୟାତ ବନ୍ଦ ରହିଥିବାରୁ ସମସ୍ତ ଗାଡ଼ିକୁ ମିଲିଟାରୀ ଛକଭିସା ଛକରୁ ଚୋରଦା ଡୁବୁରୀ ରାସ୍ତା ଗୋପବନ୍ଧୁ ମାର୍ଗ ଓ ଜାତୀୟ ରାଜପଥ ୫୩ ଦେଇ ଚଳାଚଳ କରାଯାଉଛି। ଏହି ପରିବର୍ତ୍ତିତ ରୁଟ୍ ଫଳରେ ବିଜୁ ପଟ୍ଟନାୟକ ମାର୍ଗରେ ଜାମ ସୃଷ୍ଟି ହେବାରୁ ଅମ୍ବୁଲାନ୍ସ, ଛାତ୍ରଛାତ୍ରୀ ଓ ଦୈନିକ ଯାତ୍ରୀମାନେ ହଇରାଣ ହେଉଛନ୍ତି। ବିଜୁ ପଟ୍ଟନାୟକ ମାର୍ଗରେ ଜାମ ହେବା ଫଳରେ ଟ୍ରାଫିକ ସମସ୍ୟା ଦୂର କରିବାରେ ଯଖପୁର ପୁଲିସ କାର୍ଯ୍ୟକରୁଛି। ଏହା ପୂର୍ବରୁ ଯାଜପୁର ଜିଲ୍ଲାପାଳ କଳିଙ୍ଗନଗର ଆସି ଅଞ୍ଚଳର ରାସ୍ତା ସମସ୍ୟା ଉପରେ ସମୀକ୍ଷା କରି, ପୂର୍ତ୍ତ ବିଭାଗକୁ ତୁରନ୍ତ ସେତୁ ଓ ରାସ୍ତା ମରାମତି କରିବା ନିର୍ଦ୍ଦେଶ ଦେଇଥିଲେ। ପୂର୍ତ୍ତ ବିଭାଗ ଅଧିକାରୀଙ୍କ କହିବା ଅନୁଯାୟୀ ମାନପୁର ଓଭର ବ୍ରିଜର କାମ ଦୁଇ ଦିନ ମଧ୍ୟରେ ଶେଷ ହେବ। ତାପରେ ଯାତାୟାତ ସାମାନ୍ୟ ହୋଇଯିବ। ଜିଲ୍ଲାପାଳଙ୍କ ତୁରନ୍ତ ପଦକ୍ଷେପରେ ଶିଳ୍ପାଞ୍ଚଳର ରାସ୍ତା ମରାମତି ହେଉଥିବାରୁ ଅଞ୍ଚଳବାସୀ ସନ୍ତୋଷ ବ୍ୟକ୍ତ କରିଛନ୍ତି।

## ଆଉ ୪ ଛେଳି ଚୋରଙ୍କୁ ଧରିଲା ପୁଲିସ

**ଦଶରଥପୁର, ୧୮।୧୦(ସମିସ):** ବିଗତ ୨ମାସ ହେବ ଦଶରଥପୁର ବ୍ଲକ ତଥା ଯାଜପୁର ଟାଉନ ଥାନା ଅନ୍ତର୍ଗତ ଅକରପଡ଼ା ଏବଂ ଚିତ୍ତାଳ ପଞ୍ଚାୟତର ବିଭିନ୍ନ ଅଞ୍ଚଳରୁ ଶହେରୁ ଅଧିକ ଛେଳି ଚୋରି କରି ଛେଳିପାଳକଙ୍କ ନିଦ ହଜାଇ ଦେଇଥିବା ଛେଳିଚୋର ଗ୍ୟାଙ୍ଗର ଆଉ ୪ ଜଣଙ୍କୁ ଧରିଛି ଯାଜପୁର ଟାଉନ ଥାନା ପୁଲିସ। ଚଳିତ ମାସ ଅକରପଡ଼ା ପଞ୍ଚାୟତ ଇଟରା ଗ୍ରାମ ରାସ୍ତା ପାର୍ଶ୍ୱରୁ ଛେଳି ଚୋରି କରୁଥିବା ବେଳେ ଗ୍ରାମବାସୀଙ୍କ ଦ୍ୱାରା ଧରାପଡ଼ି ପୁଲିସ ହେପାଜତରେ ଥିବା ଚିତ୍ତାଳ ପଞ୍ଚାୟତ ରତନପାଳ ଗ୍ରାମର ଅରବିନ୍ଦ ସ୍ୱାଇଁ ଓରଫ ଫୁନୁ ଏବଂ ଅକରପଡ଼ା ଅଞ୍ଚଳର କାଲୁ ଦାସର ସୂଚନା ମୁତାବକ ଯାଜପୁର ପୁଲିସ ଏବଂ ସ୍ଥାନୀୟ ଗ୍ରାମବାସୀ ଆଜି ସେହି ଇଟରା ଗ୍ରାମ ରାସ୍ତା ନିକଟରେ ଦିନ ପ୍ରାୟ ସାଢେ ୧ଟା ସମୟରେ ଛପି ରହିଥିବା ବେଳେ ୪ ଜଣ ଯୁବକ ସେହି ରାସ୍ତାର ଅନତି ଦୂରରେ ଥିବା ଶିଶୁମନ୍ଦିର ପରିସରରେ ସେମାନଙ୍କ ଗତିବିଧିକୁ ଦେଖି ସେମାନଙ୍କୁ ପିଛା କରିଥିଲେ। ପୁଲିସ ଏବଂ ଗ୍ରାମବାସୀଙ୍କୁ ଦେଖି ଉକ୍ତ ୪ ଯୁବକ ସେଠାରୁ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ ମଧ ଶେଷରେ ପୁଲିସ ହାତରେ ଧରାପଡ଼ିଛନ୍ତି। ପଚରା ଉଚରା କରିବାରୁ ଧରାପଡ଼ିଥିବା ୪ ଯୁବକ ସତ ମାନିଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ଜଣ ଅକରପଡ଼ା ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ୨ଜଣ ବିଞ୍ଝାରପୁର ଥାନା ସିଂହପୁର ଅଞ୍ଚଳର ବୋଲି ପୁଲିସ ସୂତ୍ରରୁ ଜଣାଯାଇଛି।

## ଦୁର୍ଘଟଣାରେ ଯୁବକ ଗୁରୁତର

**ସୁକିନ୍ଦା, ୧୮।୧୦(ସମିସ):** ସୁକିନ୍ଦା ଥାନା ଅନ୍ତର୍ଗତ ସାପୁଆପଦା ଗ୍ରାମ ନିକଟ ରାସ୍ତାରେ ଏକ ବାଇକ୍ ଦୁର୍ଘଟଣା ଘଟି ଜଣେ ଯୁବକ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତରିତ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ଫଂଶାଇଲୋ ପଞ୍ଚାୟତ ନୁଆସାହି ଗ୍ରାମର ଗୋବିନ୍ଦ ମହାନ୍ତଙ୍କ ପୁଅ ଅଭିମନ୍ୟୁ ମହାନ୍ତ(୨୭) ବାଇକ ଚଳାଇ ଘରକୁ ଫେରୁଥିବା ସମୟରେ ଦୁର୍ଘଟଣାର ଶୀକାର ହୋଇ ଗୁରୁତର ଆହତ ହୋଇଥିଲେ। ଏହି ଦୁର୍ଘଟଣାରେ ଅଭିମନ୍ୟୁ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତୁରନ୍ତ ଅଭିମନ୍ୟୁକୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି।

## ଭାରସାମ୍ୟହରାଇଓଲଟିଲାବୋଲେରୋ

**ଧର୍ମଶାଳା, ୧୮।୧୦(ସମିସ):** ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ନେଉଳପୁର ନିକଟରେ ଭାରସାମ୍ୟ ହରାଇ ଓଲଟିଲା ବୋଲେରୋ, ଘଟଣାରେ ୫ଜଣ ଆହତ ହୋଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ କୁଆଖିଆ ଥାନା ଅନ୍ତର୍ଗତ ହରିପୁର ସ୍ଥିତି ନରସିଂହପୁର ଗାଁର ଏକ ପରିବାରର ୮ ଜଣ ଏକ ବୋଲେରୋ ଗାଡ଼ିରେ କଟକ ସିଡିଏ ସ୍ଥିତ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ଫେରୁଥିବା ବାଟରେ ରାତି ପ୍ରାୟ ୮ଟା ସମୟରେ ନେଉଳପୂର ନିକଟରେ ବୋଲେରୋ ଗାଡ଼ିଟି ଭାରସାମ୍ୟ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେଙ୍କ ସାହାଯ୍ୟରେ ଗାଡ଼ିରୁ ଲୋକଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଗାଡ଼ିରେ ୬ଜଣ ମହିଳା ଓ ଦୁଇ ଜଣ ଛୋଟ ପିଲା ଥିବା ବେଳେ ୫ଜଣ ଆହତ ହୋଇଛନ୍ତି।



## ବଳରାମପୁର ଉପରଗଡ଼ ଗାଁରୁ ଅଜଗର ଉଦ୍ଧାର

**କବାଟବନ୍ଧ, ୧୮।୧୦(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ତାଳଜଙ୍ଗ ପଞ୍ଚାୟତ ବଳରାମପୁର ଉପରଗଡ଼ ଗାଁରୁ ଏକ ଅଜଗର ସାପ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି। ବୈରୀ- ଡାଳିଯୋଡ଼ା ରେଞ୍ଜ ଗଡ଼ମଧୁପୁର ବନାଞ୍ଚଳ ଅଧୀନ ଏହି ଗାଁ ଗାଁ ଲୋକ ଅଜଗରକୁ ଦେଖି ଗଡ଼ମଧୁପୁର ଫରେଷ୍ଟରଙ୍କୁ ଖବର ଦେଇଥିଲେ। ଖବର ପାଇ ଫରେଷ୍ଟର ଚିତ୍ତରଞ୍ଜନ ବିଶ୍ୱାଳ, ବନ କର୍ମଚାରୀ ଏସ୍‌କେ ଜାଭିର, ଅମୂଲ୍ୟ ପ୍ରଧାନ, ସମ୍ବିତ ରାଉତ, ଜ୍ଞାନରଞ୍ଜନ କାଣ୍ତି ପ୍ରମୁଖ ଉପରଗଡ଼ ଗାଁରେ ପହଞ୍ଚି ଅଜଗରଟିକୁ ସୁରକ୍ଷିତ ଉଦ୍ଧାର କରିଥିଲେ। ଉଦ୍ଧାର ଅଜଗରକୁ ଢେଙ୍କାନାଳ ଜିଲ୍ଲାର ଷଡ଼ଙ୍ଗୀ ସଂରକ୍ଷିତ ଜଙ୍ଗଲ ଧନିଆନାଳ ନିକଟ ଜଙ୍ଗଲରେ ଛାଡ଼ି ଦିଆଯାଇଥିବା ଫରେଷ୍ଟର ଚିତ୍ତରଞ୍ଜନ ବିଶ୍ୱାଳ ସୂଚନା ଦେଇଛନ୍ତି।

## ଖରସ୍ରୋତା ନଦୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

**ଯାଜପୁର, ୧୮।୧୦(ସମିସ):** ଖରସ୍ରୋତା ନଦୀରେ ଜଣେ ମହିଳା ଗାଧୋଇବାକୁ ଯାଇ ଗୋଡ଼ ଖସି ଯିବାରୁ ନଦୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ଘଟଣାରୁ ପ୍ରକାଶ ଶନିବାର ଦିନ ବଡ଼ସୁଆର ବନ୍ଧମୁଣ୍ଡା ଗ୍ରାମର ସେବତୀ ପ୍ରଧାନ(୫୫) ଶ୍ରାଦ୍ଧ ପିଣ୍ଡଦାନ ପାଇଁ ପ୍ରସ୍ତୁତି ସ୍ଥାନୀୟ ଖରସ୍ରୋତା ନଦୀରେ ଗାଧୋଇବାକୁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ନଦୀର ସ୍ରୋତରେ ଭାସିଯାଇ ବୁଡ଼ି ଯାଉଥିବାର କିଛି ଲୋକ ଦେଖିଥିଲେ। ପରେ ତାଙ୍କ ଘର ଲୋକଙ୍କୁ ଖବର ଦେବା ପରେ ପଡ଼ୋଶୀଙ୍କ ଦ୍ୱାରା ମହିଳାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ଯାଜପୁର ଟାଉନ ପୁଲିସ ପହଞ୍ଚି ଶବକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

### ନାବାଳିକା ଅପହରଣ ଓ ବଳାତ୍କାର ଘଟଣା

## ଅଭିଯୁକ୍ତକୁ ୨୦ ବର୍ଷ କାରଦଣ୍ଡ



**ଯାଜପୁର, ୧୮।୧୦(ସମିସ):** ଜନୈକା ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ ପରେ ବଳାତ୍କାର ଅଭିଯୋଗରେ ଅଭିଯୁକ୍ତକୁ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ୨୦ ବର୍ଷ କାରାଦଣ୍ଡାଦେଶ ଶୁଣାଇବା ସହ ୧୦ହଜାର ଜରିମାନା, ଅନାଦେୟ ୩ ମାସ ଅଧିକ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ବିବରଣୀରୁ ପ୍ରକାଶ, କୋରେଇ ଥାନା ଅଞ୍ଚଳର ଜନୈକା ଦଶମ ଶ୍ରେଣୀ ଛାତ୍ରୀଙ୍କୁ ପାଣିକୋଇଲି ଲକ୍ଷ୍ମୀନଗର ଗ୍ରାମର ରୁଦ୍ର ମଲ୍ଲିକ (୧୯) ପ୍ରେମ ଜାଲରେ ଫସାଇ ବିବାହର ପ୍ରଲୋଭନ ଦେଖାଇ ୨୦୨୦ ମସିହା ଡିସେମ୍ବର ୧୪ତାରିଖରେ ଅପହରଣ କରି ନେଇଥିଲା। ଏ ନେଇ ପରିବାର ପକ୍ଷରୁ କୋରେଇ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଲିଖିତ ଅଭିଯୋଗକୁ ଭିତ୍ତିକରି କୋରେଇ ଥାନା ପକ୍ଷରୁ କେଶ ନଂ. ୩୩୪/୨୦ରେ ଏକ ଅପହରଣ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ଘଟଣାର ୨୧ଦିନ ପରେ ପୁଲିସ ୨୦୨୧ମସିହା ଜାନୁଆରୀ ୪ତାରିଖରେ କୋରେଇ ଥାନା ଅଣ୍ଟିଆ ଗ୍ରାମର ଏକ ଭଡ଼ା ଘରୁ ନାବାଳିକାକୁ ଉଦ୍ଧାର କରାଯିବା ସହ ଅଭିଯୁକ୍ତ ରୁଦ୍ରକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ପୀଡ଼ିତାକୁ ରୁଦ୍ର ଏକାଧିକବାର ଶାରୀରିକ ସମ୍ପର୍କ ରଖିଥିବାର ନେଇ ପୀଡ଼ିତା ପୁଲିସ ନିକଟରେ ବୟାନ ଦେଇଥିଲା। ଶନିବାର ଏହି ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ୧୬ଜଣ ସାକ୍ଷୀଙ୍କ ବୟାନ ଓ ପୁଲିସର ଦସ୍ତାବିଜ୍‌କୁ ଆଧାର କରି ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ଅଭିଜିତ ପଲାଇ ଅଭିଯୁକ୍ତ ରୁଦ୍ର ମଲ୍ଲିକକୁ ୨୦ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇବା ସହ ୧୦ ହଜାର ଜରିମାନା ଅନାଦେୟ ୩ମାସ ଅଧିକ ଜେଲ୍ ଦଣ୍ଡ ଭୋଗିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ପୀଡ଼ିତାଙ୍କୁ ୩ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ନେଇ ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଜୀବ ମହାନ୍ତି ପରିଚାଳନା କରିଥିଲେ।

# ଜିଲ୍ଲାର ୪ ପ୍ରମୁଖ ଅଧିକାରୀଙ୍କ ପଦ ଖାଲି

ଭଦ୍ରକ, ୧୮ ।୧୦(ସମିସ):

ଭଦ୍ରକ ସଦର ମହକୁମାରେ ଏବେ ୪ପ୍ରମୁଖ ଅଧୀକାରୀଙ୍କ ପଦ ଦୀର୍ଘ ଦିନରୁ ଖାଲି ପଡିଛି । ଫଳରେ ବିଭାଗୀୟ କାର୍ଯ୍ୟ ସହ ଲୋକଙ୍କ କାର୍ଯ୍ୟରେ ବହୁ ସମସ୍ୟା ଉପୁଜିଛି । ସୂଚନାନୁଯାୟୀ, ଭଦ୍ରକ ଜିଲ୍ଲା ପ୍ରଶାସନର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଉଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ(ଡିଆଇପିଆରଓ)ଙ୍କ ପଦଟି ଗତ ୩୧.୩.୨୫ରୁ ଅର୍ଥାତ ପ୍ରାୟ ୬ମାସରୁ ଅଧିକ ହେବ ଖାଲି ପଡିଛି । ଏହି ପଦରେ ରମେଶଚନ୍ଦ୍ର ନାୟକ ଅବସର ଗ୍ରହଣ କରିବା ପରେ କେହି ସ୍ଥାୟୀ ଅଧିକାରୀଙ୍କୁ ଏଠାରେ ନିଯୁକ୍ତି ମିଳିନି । ୫ଟି ବିଭାଗ ଦାୟିତ୍ୱରେ ଥିବା ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳଙ୍କୁ ଉକ୍ତ ପଦର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ଯାହାଦ୍ୱାରା ପ୍ରାଶାସନିକ କାର୍ଯ୍ୟ ସହ ଗଣମାଧ୍ୟମ କାର୍ଯ୍ୟକ୍ରମରେ ସମସ୍ୟା ଦେଖାଦେଉଛି । ସେହିଭଳି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ମୁଖ୍ୟ ସିଡ଼ିଏମ ଏଣ୍ଡ ପିଏଚଓ ବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପଦବୀଟି ମଧ୍ୟ ଖାଲି ପଡିଛି । କହିବାକୁ ଗଲେ, ଜିଲ୍ଲାରେ ଅବସର ଆସନ୍ନ ଅଧିକାରୀଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଭାବେ ସରକାର ପଠାଉଛନ୍ତି । ବିଗତ ୨ଜଣ ଜିଲ୍ଲା ମୁଖ୍ୟ ଚିମିତ୍ସାଧିକାରୀ ମାତ୍ର କିଛି ମାସ କାର୍ଯ୍ୟ କରି ଅବସର ଗ୍ରହଣ କରିଛନ୍ତି । ଗତ ଅଗଷ୍ଟରୁ ଏହି ଗୁରୁତ୍ୱପୂର୍ଣ୍ଣ ପଦଟିକୁ ଅତିରିକ୍ତ ଦାୟିତ୍ୱରେ ସମ୍ଭାଳିଛନ୍ତି ଡାକ୍ତର ସୁଧୀରଂଜନ ନାୟକ । ସେହିଭଳି ଗତ ୧୩ ଅଗଷ୍ଟରୁ ଭଦ୍ରକ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପଦ ଖାଲି ରହିଛି । ପୌର ନିର୍ବାହୀ ଅଧିକାରୀ ତାପସ ସାମଲଙ୍କ ବଦଳି ପରେ ଏହି ଗୁରୁତ୍ୱପୂର୍ଣ୍ଣ ପଦକୁ ଉପଜିଲ୍ଲାପାଳ ଅତିରିକ୍ତ ଦାୟିତ୍ୱରେ ମଣ୍ଡନ କରିଛନ୍ତି । ଅନୁରୂପ ଭାବେ ଗତ ୪ମାସ ହେବ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ(ଡିଏସ୍‌ଏସଓ) ପଦଟି ଖାଲି ରହିଛି । ଗତ ମଇ ୩୦ତାରିଖରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ରମୋହନ ଦାସ ଅବସର ଗ୍ରହଣ କରିଥିଲେ । ପରେ ଦୀର୍ଘ ୫ମାସ ହେବା ସବଡିଭିଜନ ସାମାଜିକ ସୁରକ୍ଷା ଅଧିକାରୀ ସୁବାସଚନ୍ଦ୍ର ନାୟକ ଏହି ପଦର ଅତିରିକ୍ତ ଦାୟିତ୍ୱ ସମ୍ଭାଳିଛନ୍ତି । ଜିଲ୍ଲାରେ ଏହି ୪ଟି ଗୁରୁତ୍ୱପୂର୍ଣ୍ଣ ପଦରେ କେବେ ସ୍ଥାୟୀ ଅଧିକାରୀ କାର୍ଯ୍ୟଭାର କରିବେ ଏଥିନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।

## ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏମ୍‌ଆରଆଇ ସେବା ଦାବି

ଭଦ୍ରକ, ୧୮ ।୧୦(ସମିସ): ଭଦ୍ରକ ଗେଲପୁରଠାରେ ନିର୍ମିତ ନୂତନ ଅତ୍ୟାଧୁନିକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଟି ହଜାର ହଜାର ରୋଗୀଙ୍କୁ ସେବା ଯୋଗାଇ ଦେଉଛି । ଏଠାରେ ଏକ୍ସ-ରେ, ସିଟିସ୍କାନ, ଅଲଟ୍ରାସାଉଣ୍ଡ, ଡାଏଲିସିସ ଭଳି ବିଭିନ୍ନ ରୋଗୀଙ୍କ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଛି । ଏମଆରଆଇ ପାଇଁ ଉକ୍ତ ହସ୍ପିଟାଲରେ କକ୍ଷ ତିଆରି ହୋଇଥିବା ବେଳେ ସରକାରଙ୍କ ତରଫରୁ ଏମଆରଆଇ ମେସିନ ଯୋଗାଇ ଦିଆଯାଇନାହିଁ । ଏଥିପାଇଁ ସାଧାରଣ ରୋଗୀଟିଏ ଅଧିକ ଖର୍ଚ୍ଚାନ୍ତ ହୋଇ କଟକ ବଡ଼ ମେଡିକାଲକୁ ବାଧ୍ୟହୋଇ ଚିକିତ୍ସା ହେବାକୁ ବାଧ୍ୟ ହେଉଛନ୍ତି । ଉକ୍ତ ଜିଲ୍ଲା ହସ୍ପିଟାଲଟି ମଧ୍ୟ ୧୬ନମ୍ବର ଜାତୀୟ ରାଜପଥଠାରୁ ମାତ୍ର ଅଧା କିଲୋମିଟର ହୋଇଥିବାରୁ ଦୁର୍ଘଟଣାଜନିତ ରୋଗୀଙ୍କୁ ଏହି ସେବା ତୁରନ୍ତ ମିଳିଗଲେ ନିରୀହ ରୋଗୀଙ୍କ ଜୀବନ ବଞ୍ଚିପାରନ୍ତା । ଏ ବାବଦରେ ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ଉଚ୍ଚଶିକ୍ଷା ମନ୍ତ୍ରୀ, ଭଦ୍ରକ ସାଂସଦ ଓ ଭଦ୍ରକ ବିଧାୟକଙ୍କୁ ଅବଗତ କରିବା ସଙ୍ଗେ ସଙ୍ଗେ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି । ଭଦ୍ରକ ଜିଲ୍ଲାର ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥକୁ ପୂରଣ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ନାଗରିକ ମହାସଂଘ ସାଧାରଣ ସମ୍ପାଦକ କୈଳାସଚନ୍ଦ୍ର ମହାପାତ୍ର, ଡାକ୍ତର ରବୀନ୍ଦ୍ର କୁମାର ନାୟକ, ଲଲାଟେନ୍ଦୁ ମହାନ୍ତି, କୈଳାଶଚନ୍ଦ୍ର ମହାପାତ୍ର, ପଦ୍ମନ କୁମାର ରାୟ, ଅଜୟ କୁମାର ନାୟକ, ଶାନ୍ତନୁ କୁମାର ରାଉତ, ଦିଲ୍ଲୀପ ନାୟକ, ସୁଧାକର ରାଉତ ପ୍ରମୁଖ ନିବେଦନ କରିଛନ୍ତି ।

## ଯୁବ ସଙ୍ଗଠକଙ୍କ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା



ବାରିକପୁର, ୧୮ ।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ ସାନମାଳଦା ଗ୍ରାମର ଯୁବ ସଙ୍ଗଠକ ଗଣେଶ ଦାସଙ୍କ ଏକାଦଶାହ ଅବସରରେ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଶିକ୍ଷାବିତ୍ ନାରାୟଣଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସାମ୍ବାଦିକ ବିଶ୍ୱମ୍ବର ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାର, ଜିଲ୍ଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ସରପଞ୍ଚ ରଞ୍ଜନ ପରିଡ଼ା, ଶିକ୍ଷାବିତ୍ ରାମଚନ୍ଦ୍ର ମହାନ୍ତି, ସମାଜସେବୀ ଗିରିଶ ସାମଲ,ଅଧ୍ୟାପକ ତରଣୀସେନ୍ ଜେନା, ଶିକ୍ଷାବିତ୍ ନୃସିଂହ ସାମଲ, ପ୍ରିତିକାନ୍ତ ନାୟକ, ଶରତ ବେଉରିଆ, ସଞ୍ଜିତ ସାମଲ, ସୌମ୍ୟ ରଂଜନ ନାୟକ, ଅଜୟ ରାଉତ, ଚିତରଞ୍ଜନ ମିଶ୍ର, ମୋହନ ରାୟ, ସମାଜସେବୀ ପ୍ରତ୍ୟୁଷ ସାମଲ, ରାକେଶ ସାମଲ, ଭାଗିରଥୀ ପରିଡ଼ା, ବୀରେନ୍ଦ୍ର ନାୟକ, ସାମ୍ବାଦିକ ଜଗନ୍ନାଥ ଦାସ, ଦୁର୍ଯ୍ୟୋଧନ ଲେଙ୍କା, ଗୁରୁପ୍ରସାଦ ପଲାଇ ପ୍ରମୁଖ ଯୋଗ ଦେଇଥିଲେ । ସ୍ମୃତି କମିଟି ମୁଖ୍ୟ ସୁରେନ୍ଦ୍ର ଦାସ, ସତ୍ୟଜିତ ସାମଲ,ବିଶ୍ୱଜିତ୍ ଦାସ, ଶୁକଦେବ ଦାସ ପ୍ରମୁଖଙ୍କ ପରିଚାଳନା କରିଥିଲେ ।

## ବିଜେଡି ପକ୍ଷରୁ ସମୂହ ଦୀପଦାନ



ବନ୍ତ/ଆଗରପଡ଼ା,୧୮ ।୧୦(ସମିସ): ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମଦିନରେ ଆଗରପଡ଼ାସ୍ଥିତ ପ୍ରସିଦ୍ଧ ଶୈବପୀଠ ଅଣିଜୋ ସିନ୍ଧୁକେଶ୍ୱର ମହାଦେବଙ୍କ ପୀଠରେ ବିଜେଡି ପକ୍ଷରୁ ନବୀନଙ୍କ ଦୀର୍ଘାୟୁ କାମନା କରି ସମୂହ ଦୀପଦାନ କରାଯାଇଥିଲା । ବିଧାୟକ ସଂଜୀବ ମଲ୍ଲିକ, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଂଜନ ଘଡ଼େଇ, ବରିଷ୍ଠ ନେତା ପ୍ରଶାନ୍ତ ଦାଶ, ସତ୍ୟ ସାଧନ ବେଜ, ରାଜ୍ୟ ଛାତ୍ର ଉପସଭାପତି ଚିନ୍ମୟ ଦାସ, ଜିଲ୍ଲା ପରିଷଦ ସଭ୍ୟା ରୁନୀତା ଦାସ, ପ୍ରାକ୍ତନ ସରପଞ୍ଚ ବନମାଳି ବେହେରା, ଧରଣୀଧର ପୃଷ୍ଟି, ସରପଞ୍ଚ ପ୍ରକାଶ ବିଶ୍ୱାଳ, ବସନ୍ତ ପତି, ଦୀପକ ମହାନ୍ତି, ସମିତିସଭ୍ୟା ଜ୍ୟୋତିର୍ମୟୀ ପଣ୍ଡା, ନିର୍ମଳ ନାୟକଙ୍କ ସମେତ ଅଣିଜୋ ପଞ୍ଚାୟତର ନେତା-କର୍ମୀଙ୍କ ସମତେ ବହୁ ମହିଳା ଏଥିରେ ସାମିଲ ଥିଲେ ।

## ସାଇବର ଠକେଇ ସଚେତନତା

ଧାମନଗର,୧୮ ।୧୦(ସମିସ): ଶନିବାର ଧାମନଗର ପୁଲିସ ତରଫରୁ ଥାନାରେ ଆଇଆଇସି ରଞ୍ଜନ ସେଠୀଙ୍କ ତତ୍ତ୍ୱାବଧାନରେ ଏସଡିପିଓ ତ୍ରିଲୋଚନ ସେଠୀ ସାଇବର ଠକେଇରୁ କିପରି ନିଜକୁ ରକ୍ଷା କରାଯାଇପାରିବ ସେନେଇ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରିଥିଲେ । ବିଧାୟକ ତଥା ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସଚନ୍ଦ୍ର ମହାପାତ୍ର, ସାଂସଦ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ବରିଷ୍ଠ ନାଗରିକ ପରିଷଦର ଉପସଭାପତି ସୁରଥଚନ୍ଦ୍ର ସେଠୀ,ସଭ୍ୟ ହୃଦାନନ୍ଦ କର, ଅଭିମନ୍ୟୁ ମଲ୍ଲିକ, ଗୋଲାମ ଜିଲାନି, ପୂର୍ବତନ ସମିତିସଭ୍ୟ ପ୍ରତାପ ସାମଲ, ସୁଶାନ୍ତ ରାଉତ, ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ, ପ୍ରଦୀପ ମହାପାତ୍ର, ବୀରେନ୍ଦ୍ର ଜେନା, ସେକ୍ ଜାଫର ଅଲ୍ଲୀ, ସଂଜୀବ ମହାନ୍ତି, ଦୁର୍ଗାପ୍ରସାଦ ମହାପାତ୍ର, କୁମାରେଶ ବଳଭଦ୍ର ଖିଲାର,ଏବଂ ବିଭିନ୍ନ ପଞ୍ଚାୟତ ଜନପ୍ରତିନିଧି, ସମାଜସେବୀ, ବୁଦ୍ଧିଜୀବୀ ଯୁବକ ସାମିଲ ହୋଇଥିଲେ । ଧାମନଗର ଏସ୍‌ଆଇ ରସ୍ମିତା ମଲ୍ଲିକ, ପ୍ରଦୀପ ନାୟକ, ମହେଶ୍ୱର ପ୍ରଧାନ, ସୁଜିତ ରାଉତ ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ ।

## ସର୍ପାଘାତରେ ବୃଦ୍ଧାଙ୍କ ମୃତ୍ୟୁ



ବାରିକପୁର, ୧୮ ।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ମଣାଗଡିଆ ଗ୍ରାମରେ ଏକ ବିଷଧର ସାପ ଦଂଶନ ଯୋଗୁଁ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି । ବୃଦ୍ଧା ଜଣକ ହେଲେ ତୁଳସୀ ମହାନ୍ତି (୬୫) । ଶନିବାର ଦିନ ପ୍ରାୟ ସାଢ଼େ ୧୧ଟା ବେଳେ ଗ୍ରାମର ତୁଳସୀ ଘରେ କିଛି କାମ କରୁଥିବା ବେଳେ ହଠାତ୍ ତାଙ୍କୁ ଏକ ସାପ କାମୁଡିଥିଲା । ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଯାଜପୁର ମେଡିକାଲ ନେଇଥିଲେ । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ଏନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।




## ମନୋରଞ୍ଜନଙ୍କୁ ଶ୍ରୀ ତମ୍ବାପଟା ସାହିତ୍ୟ ନିଧି ସମ୍ମାନ

ବନ୍ତ/ଆଗରପଡ଼ା: ଢେଙ୍କାନାଳ ଜିଲ୍ଲା ଲେଖକ ସାମୁଖ୍ୟ ସଭାଗୃହ ସଭାକକ୍ଷରେ ଓଡ଼ିଶାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଶ୍ରୀ ତମ୍ବାପଟା ରଘୁନାଥ ସାହିତ୍ୟ ସଂସ୍କୃତି କଳାସଂସଦର ୨ୟ ବାର୍ଷିକ ମହୋତ୍ସବରେ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ରାମକୃଷ୍ଣପୁର ଗ୍ରାମର ମନୋରଞ୍ଜନ ମହାନ୍ତିଙ୍କୁ ଶ୍ରୀ ତମ୍ବାପଟା ସାହିତ୍ୟ ନିଧି ସମ୍ମାନରେ ସମ୍ମାନିତ କରାଯାଇଛି

## ଜରାଶ୍ରମରେ ବୃକ୍ଷ ରୋପଣ

ବନ୍ତ/ଆଗରପଡ଼ା,୧୮ ।୧୦ (ସମିସ): ଦୈଶିଂ ପଞ୍ଚାୟତ ଦେବରକୁଣ୍ଡ ପାଶ୍ୱର୍ କଳ୍ପନାଦେବୀ ଜରାଶ୍ରମରେ ଉକ୍ତ ଗ୍ରାମର ଧର୍ମପରାୟଣ ମହିଳା ସ୍ୱର୍ଗତା ସୁଯ୍ୟମଣୀ ଦେବୀଙ୍କ ଷଷ୍ଠ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି । ତାଙ୍କର ସୁପୁତ୍ର ତଥା ଭଦ୍ରକ କୋର୍ଟର ବରିଷ୍ଠ ଆଇନଜୀବୀ ସନାତନ ଦୀକ୍ଷିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଅତିଥିଭାବେ ଜରାଶ୍ରମମର ମ୍ୟାନେଜି ଟ୍ରଷ୍ଟି ଡ ହରେକୃଷ୍ଣ ନାୟକ, ଭଦ୍ରକ ବାର ଆସେସିଏସନର ଉପସଭାପତି ଆଇନଜୀବୀ ଅଶୋକ ନାୟକ, ଜିତେନ୍ଦ୍ର ପଣ୍ଡା, ନାରାୟଣ ମହାରାଜ, ସୁରେନ୍ଦ୍ର କର, ମହେନ୍ଦ୍ର ତିଆଡ଼ି, ସୁସାହିତ୍ୟିକ ବୀଣାପାଣି ତ୍ରିପାଠୀ, କାଉପୁର ସମବାୟ ସମିତ ସଭାପତି ରମାକାନ୍ତ ନାୟକଙ୍କ ଓ ବହୁ ବରିଷ୍ଠ ବ୍ୟକ୍ତିଙ୍କ ସହ ପିଲାମାନେ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଦିବଙ୍ଗତଙ୍କ ଫଟୋଚିତ୍ରରେ ଭକ୍ତିପୁତ ମାଲ୍ୟାର୍ପଣ କରାଯାଇ ତାଙ୍କ ଆତ୍ମାର ସଦଗତି କାମନାକରି ଦୁଇ ମିନିଟି ନିରବ ପ୍ରାର୍ଥନା କରାଯାଇଥିଲା । ଜରାଶ୍ରମରେ ପ୍ରସାଦ ସେବନ ସହ ବୃକ୍ଷ ରୋପଣ କାଯାଇଥିଲା । ପରିବାର ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।






# ଶ୍ରୀକ୍ଷେତ୍ର ସିଟି

୧୮/୧୦/୨୦୨୫ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୮,୧୨,୯୧୧/- ସୁନା: ୦୨.୭୭୦ ଗ୍ରାମ୍ ରୁପା: ୦୦.୬୭୦ ଗ୍ରାମ୍



## ପୁରୀ ବେଳାଭୂମିରେ ଦେଖାଗଲା ୫ ଜାହାଜ

ପୁରୀ,୧୮।୧୦(ସମିସ): ପୁରୀ ବେଳାଭୂମିରେ ଶନିବାର ଦେଖିବାକୁ ମିଳିଥିଲା ୫ ଜାହାଜ। ତେବେ ଏହା ଯୁଦ୍ଧ ଜାହାଜ କି ମାଛଧରା ବଡ଼ ଟ୍ରଲର ତାହା ସ୍ପଷ୍ଟ ହୋଇନାହିଁ। ବିଭିନ୍ନ ସମୟରେ ନୌସେନା ପକ୍ଷରୁ ରୁଟିନ୍ ଅଭ୍ୟାସ କରାଯାଇଥାଏ। ସେହିପରି ତଟରକ୍ଷୀ ବିଭାଗ ଓ ମେରାଇନ୍ ପୁଲିସ ପକ୍ଷରୁ ମଧ୍ୟ ସମୁଦ୍ରରେ ପେଟ୍ରୋଲିଂ କରାଯାଇଥାଏ। ଶନିବାର ପୂର୍ବାହ୍ଣରେ ପୁରୀ ଦିଗବାରିଣୀ ଛକ ସମୁଦ୍ରର କିଛି ଦୂରରେ ୫ରୁ ଅଧିକ ଜାହାଜ ଦୃଶ୍ୟମାନ ହୋଇଥିଲା। ଗତବର୍ଷ ଡିସେମ୍ବରରେ ଭାରତୀୟ ନୌସେନା ଦିବସ ପୁରୀ ବେଳାଭୂମିରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତୀୟ ନୌସେନା ପକ୍ଷରୁ ଯୁଦ୍ଧ ଜାହାଜ ନିଜ ଶକ୍ତି ଓ ପରାକ୍ରମ ପ୍ରଦର୍ଶନ କରିଥିଲା।

● ପୁରୀ ବୁଲିବାକୁ ଆସିଥିଲେ ୬ ସାଙ୍ଗ

## ସମୁଦ୍ରରେ ବୁଡ଼ି ଜଣେ ମୃତ, ଜଣେ ନିଖୋଜ

ପୁରୀ,୧୮।୧୦(ସମିସ): ସାଥୀ ହୋଇ ୬ ଜଣ ସାଙ୍ଗ ପୁରୀ ବୁଲିବାକୁ ଆସିଥିଲେ। ହେଲେ କିଏ ଜାଣିଥିଲା ପୁରୀ ସମୁଦ୍ରରେ ଘଟିବ ଏମିତି ଅଘଟଣ। ଶନିବାର ୧୨ ନମ୍ବର ସେକ୍ଟରରେ ଗାଧୋଇବାବେଳେ ବୁଡ଼ିଯାଇ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଆଉ ଜଣେ ନିଖୋଜ ଅଛନ୍ତି। ମୃତକ ହେଉଛନ୍ତି ଭଦ୍ରକ ଜିଲ୍ଲା ତିହିଡ଼ି ଅଞ୍ଚଳର ଦିନେଶ ବାରିକ। ସେହିପରି ନିଖୋଜ ଥିବା ପର୍ଯ୍ୟଟକ ହେଉଛନ୍ତି ସବ୍ୟସାଚୀ ମହାନ୍ତି। ସୂଚନା ଅନୁଯାୟୀ, ୬ ଜଣ ସାଙ୍ଗ ଶୁକ୍ରବାର ପୁରୀ ବୁଲିବାକୁ ଆସିଥିଲେ। ସେମାନେ ଶନିବାର ବେଳାଭୂମିରେ ପହଞ୍ଚି ସମୁଦ୍ରରେ ଗାଧୋଇବା ପାଇଁ ବାହାରିଥିଲେ। ୧୨ ନମ୍ବର ସେକ୍ଟରରେ ସାଙ୍ଗମାନେ ମିଶି ଗାଧୋଉଥିଲେ। ଏହି ସମୟରେ ରିପ୍ କରେଣ୍ଟ ହେଉ କିମ୍ବା ଉଚ୍ଚ ଲହଡ଼ିରେ ପଡ଼ି ହେଉ ଦିନେଶ ବୁଡ଼ି ଯାଇଥିଲେ। ସେ ଭିତରକୁ ଟାଣି ହୋଇଯାଉଥିଲେ। ତାଙ୍କୁ ଉଦ୍ଧାର କରିବା ପାଇଁ ସବ୍ୟସାଚୀ ଭିତରକୁ ଯାଇଥିଲେ। ହେଲେ ସେ ବି ଭାସିଯାଇଥିଲେ। ଅନ୍ୟ ସାଙ୍ଗମାନେ ଡାକ ପକାଇବାରୁ ନିକଟରେ ଥିବା ଲାଇଫ୍‌ଗାର୍ଡ ଭିତରକୁ ଯାଇଥିଲେ। ସେମାନେ ଦିନେଶଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ସଦର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ସବ୍ୟସାଚୀ ସମୁଦ୍ରରେ କେଉଁଆଡ଼େ ନିଖୋଜ ହୋଇଯାଇଛନ୍ତି। ବହୁ ସମୟ ଧରି ଖୋଜାଖୋଜି କରାଯାଇଥିଲେ ମଧ୍ୟ କୌଣସି ସୁରାକ୍ ମିଳିପାରି ନାହିଁ। ଏ ନେଇ ସମୁଦ୍ର କୂଳ ଥାନାରେ ଅଭିଯୋଗ କରାଯାଇଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବାବେଳେ ତଦନ୍ତ ଚଳାଇଛି। ରବିବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ଥାନାଧିକାରୀ ମାନସ ଚକ୍ର ସୂଚନା ଦେଇଛନ୍ତି।

## ବେଆଇନ ବାଣ ତିଆରିବେଳେ ଜଣେ ଗିରଫ

ପୁରୀ,୧୮।୧୦(ସମିସ): ବେଆଇନ ଭାବେ ବାଣ ତିଆରି କରିବା ଅଭିଯୋଗରେ ସଦର ଥାନା ପୁଲିସ ଶନିବାର ଜଣକୁ ଗିରଫ କରିଛି। ସେ ହେଉଛନ୍ତି ନରହରିପୁରର ଶ୍ରୀକାନ୍ତ ମିଶ୍ର। ଅଭିଯୋଗ ଅନୁଯାୟୀ, ନରହରି ବେଆଇନ ଭାବେ ନିଜ ବଗିଚାରେ ବାଣ ତିଆରି କରୁଥିବା ପୁଲିସ ପାଖରେ ଖବର ପହଞ୍ଚିଥିଲା। ସଦର ଥାନା ଆଇଆଇସି ସୁନୀଲ ପ୍ରଧାନଙ୍କ ନେତୃତ୍ୱରେ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ଚଢ଼ଉ କରାଯାଇଥିଲା। ସେତେବେଳେ ଶ୍ରୀକାନ୍ତ ବାଣ ତିଆରି କରୁଥିଲେ। ପୁଲିସ ତାଙ୍କୁ ଗିରଫ କରିବା ସହ ୬ ବସ୍ତା ବାଡ଼ିଆ ବମ୍ ଜବତ କରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୬୩୪/୨୫) ରୁଜୁ କରି ତାଙ୍କୁ ଗିରଫ କରିଥିଲା।

## ପୁରୀ ଜିଲ୍ଲା ସୁନାମୀ ପ୍ରସ୍ତୁତି ପ୍ରଶିକ୍ଷଣ କାର୍ଯ୍ୟକ୍ରମ

# ପୂର୍ବ ପ୍ରସ୍ତୁତି ଧନଜୀବନ କ୍ଷୟକ୍ଷତିକୁ ହ୍ରାସ କରିଥାଏ

ପୁରୀ,୧୮।୧୦(ସମିସ): ପୁରୀ ଜିଲ୍ଲାସ୍ତରୀୟ ସୁନାମୀ ପ୍ରସ୍ତୁତି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାର ପୂର୍ବାହ୍ଣରେ ସର୍କିଟ୍ ହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ ଓସ୍‌ଡମା ଓ ଜିଲ୍ଲା ଜରୁରୀ ବିଭାଗ ପକ୍ଷରୁ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିବା ସହ ଅନେକ ବିପର୍ଯ୍ୟୟ ସମ୍ପର୍କରେ ଆମେ ବୈଷୟିକ ଜ୍ଞାନର ଉପଯୋଗ କରି ଆଗୁଆ ସୂଚନା ପାଉଥିବାବେଳେ ଅନେକ ବିପର୍ଯ୍ୟୟର କୌଣସି ସୂଚନା ବିନା ଅତର୍କିତ ସମ୍ମୁଖୀନ ହେବାକୁ ପଡ଼ିଥାଏ। ତେବେ ପୂର୍ବ ପ୍ରସ୍ତୁତି ଧନ ଜୀବନର କ୍ଷୟକ୍ଷତିକୁ ହ୍ରାସ କରିବାରେ ସହାୟକ ହୋଇଥାଏ। ତେଣୁ ଆମେ ଉପଯୁକ୍ତ ପ୍ରଶିକ୍ଷିତ ହେବା ସହ ଅନ୍ୟମାନଙ୍କୁ ସଚେତନ କରିବାକୁ ଶ୍ରୀ ବେହେରା ଆହ୍ୱାନ ଦେଇଥିଲେ।



ପୁରୀ ଜିଲ୍ଲାର ୪ଟି ବ୍ଲକ୍ ଅସ୍ତରଙ୍ଗ, କାକଟପୁର, ଗୋପ ଓ ବ୍ରହ୍ମଗିରିର ୮୬ଟି ଗ୍ରାମ ଓ ୨୩ଟି ୱାର୍ଡ ସୁନାମୀ ଦ୍ୱାରା କ୍ଷତିଗ୍ରସ୍ତ ଜୋନ୍‌ରେ ଆସୁଥିବାରୁ ସେହି ଅଞ୍ଚଳର ଲୋକମାନଙ୍କୁ ଅଧିକ ସତର୍କ ଓ ସଚେତନତାର ଆବଶ୍ୟକତା ସମ୍ପର୍କରେ ଶ୍ରୀ ବେହେରା ମତବ୍ୟକ୍ତ କରିଥିଲେ। ମାଷ୍ଟର ଟ୍ରେନର ଭାବେ ଓସ୍‌ଡମାର ଡିଜିଏମ୍ ଅମ୍ବିକା ମିଶ୍ର ସୁନାମୀର ଅର୍ଥ, ସୁନାମୀ ହେବାର କାରଣ, ନିରାକରଣ, ଉଦ୍ଧାର, ଥଇଥାନ ଓ ପୂର୍ବ ପ୍ରସ୍ତୁତି ସମ୍ପର୍କରେ ବିଷଦ୍ ଆଲୋଚନା କରିଥିଲେ। ସଚେତନତା, ସତର୍କତା ବିପର୍ଯ୍ୟୟ କମେଇବାରେ ସାହାଯ୍ୟ କରିଥାଏ ବୋଲି ସେ କହିଥିଲେ। ପ୍ରାରମ୍ଭରେ ଜିଲ୍ଲା ଜରୁରୀ ଅଧିକାରୀ ମନୀଷା ଷଡ଼ଙ୍ଗୀ ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ କ୍ଷତିଗ୍ରସ୍ତ ଆଶଙ୍କା ଥିବା ୪ଟି ବ୍ଲକ୍‌ର କର୍ମକର୍ତ୍ତା, ପଞ୍ଚାୟତ ଲୋକ ପ୍ରତିନିଧି, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ସ୍ୱେଚ୍ଛାସେବୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜରୁରୀ ବିଭାଗର ଡିପିଓ ସୁକାନ୍ତ କୁମାର ଦାଶ ଓ ଅନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ପୂର୍ଣ୍ଣାଙ୍ଗ ଶିକ୍ଷା ଏକାଡେମୀର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ

## 'ଶିକ୍ଷା ମଣିଷର ବଡ଼ ଆଭୂଷଣ'

ପୁରୀ,୧୮।୧୦(ସମିସ): ସ୍ୱର୍ଗଦ୍ୱାର ନିକଟସ୍ଥ ଶ୍ରୀଅରବିନ୍ଦ ଧାମ ପୂର୍ଣ୍ଣାଙ୍ଗ ଶିକ୍ଷା ଏକାଡେମୀର ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ଶନିବାର ଉଦ୍‌ଘାଟିତ ହୋଇଛି। ଶ୍ରୀଅରବିନ୍ଦ ଧାମର ପରିଚାଳନା ଟ୍ରଷ୍ଟି ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥି ରୂପେ ଯୋଗଦେଇ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ, ଶ୍ରୀଅରବିନ୍ଦ ଓ ଶ୍ରୀ ମା'ଙ୍କ ଆଦର୍ଶକୁ ନେଇ ଭାରତ ବର୍ଷର ଶିକ୍ଷା ନୀତି ତିଆରି ହେବା ସହିତ ଏହି ବିଦ୍ୟାଳୟ ମଣିଷ ତିଆରି କାରଖାନା ରୂପେ ଉତ୍ତମ ନାଗରିକ ଦେଶ ଗଠନ ପାଇଁ ଦେଇପାରିଛି। ଶିକ୍ଷା ମଣିଷର ବଡ଼ ଆଭୂଷଣ। ଜ୍ଞାନ ଦୃଷ୍ଟିରୁ ସମାଜରେ ଲୋକ ପ୍ରତିଷ୍ଠିତ ହେବା କ୍ଷେତ୍ରରେ ଏହି ପୂର୍ଣ୍ଣାଙ୍ଗ ଶିକ୍ଷା ଏକାଡେମୀ ମଣିଷକୁ ସର୍ବୋତ୍କୃଷ୍ଟ ଭାବେ ତିଆରି କରିବା ପାଇଁ କାର୍ଯ୍ୟ କରିଆସୁଛି। ଦୟା, କ୍ଷମା, କରୁଣା ଆମ ଭିତରେ ରହିଲେ ମନୁଷ୍ୟ ଆଗକୁ ବଢ଼ିପାରିବ ବୋଲି ମନ୍ତ୍ରୀ କହିଥିଲେ। ମୁଖ୍ୟବକ୍ତା ରୂପେ ପଣ୍ଡିଚେରୀ ଶ୍ରୀଅରବିନ୍ଦ ଧାମର ବରିଷ୍ଠ ସାଧକ ମାତୃପ୍ରସାଦ ଜୀ ମୁଖ୍ୟବକ୍ତା ଏବଂ ସାଧକ ରୂପେ, ସତ୍ୟ ଦୟାନନ୍ଦ ଓ ରିତମ ସିହ୍ନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏକାଡେମୀର ଅଧ୍ୟକ୍ଷା ଦୁର୍ଗେଶ ନନ୍ଦିନୀ ମହାନ୍ତି ସ୍ୱାଗତ ଭାଷଣ, ସମ୍ପାଦକ ଡ. ବିପିନାନନ୍ଦ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ କର୍ଣ୍ଣେଲ ଯୋଗେଶ୍ୱର କର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ଜୀବନବ୍ୟାପୀ ଉତ୍ସର୍ଗୀକୃତ ଅବଦାନ ପାଇଁ ନଳିନୀ ମହାପାତ୍ର, ସ୍ନିଗ୍ଧା ଭଟ୍ଟାଚାର୍ଯ୍ୟଙ୍କୁ ମନ୍ତ୍ରୀ ସମ୍ମାନିତ କରିବା ସହ ସ୍ମରଣିକା ଉନ୍ମୋଚନ କରିଥିଲେ।

**ଦୟା, କ୍ଷମା, କରୁଣା ରହିଲେ ମନୁଷ୍ୟ ଆଗକୁ ବଢ଼ିପାରିବ**

### ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ଯୋଗାସନ ପ୍ରତିଯୋଗିତା

## ସ୍ୱର୍ଣ୍ଣ ଜିତିଲେ ସୁନୀତା ମାଝୀ



ପୁରୀ,୧୮।୧୦(ସମିସ): ଭୁବନେଶ୍ୱର ରମାଦେବୀ ମହିଳା ମହାବିଦ୍ୟାଳୟରେ ଚାଲିଥିବା ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ ପୁରୀ ଜିଲ୍ଲା ସରକାରୀ ମହିଳା ମହାବିଦ୍ୟାଳୟର ଯୁକ୍ତ ୩ ତୃତୀୟ ବର୍ଷ (କଳା) ଛାତ୍ରୀ କୁମାରୀ ସୁନୀତା ମାଝୀ ବ୍ୟକ୍ତିଗତ ଯୋଗାସନ ବିଭାଗରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଗତବର୍ଷ ମଧ୍ୟ ତାଙ୍କୁ ସ୍ୱର୍ଣ୍ଣ ପଦକ ପ୍ରାପ୍ତ ହେଇଥିଲା। ସେ ଝାଡ଼େଶ୍ୱରୀ କ୍ଲବ୍‌ରେ କୋଚ୍ ସଞ୍ଜୟ ମିଶ୍ରଙ୍କ ତତ୍ତ୍ୱାବଧାନରେ ଯୋଗାସନ ଏବଂ ଜିମ୍ନାଷ୍ଟିକ୍ସ ଅଭ୍ୟାସ କରୁଛନ୍ତି। ତାଙ୍କର ଏହି କୃତିତ୍ୱ ସରକାରୀ ବାଳିକା ମହାବିଦ୍ୟାଳୟ ପାଇଁ ନୁହେଁ, ସମଗ୍ର ପୁରୀ ଜିଲ୍ଲା ନିମନ୍ତେ ଗର୍ବ ଓ ଗୌରବର ବିଷୟ। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟୁଛି।

## ଦୀପାବଳିକୁ ନେଇ ଆଲୋଚନାଚକ୍ର

ପୁରୀ,୧୮।୧୦(ସମିସ): ସର୍ବଭାରତୀୟ ସ୍ତରରେ ଜ୍ୟୋତିଷ ଶାସ୍ତ୍ର ଓ ଧର୍ମଶାସ୍ତ୍ରୀମାନଙ୍କ ଆଲୋଚନା କ୍ରମେ ଦୀପାବଳି ଏବଂ ପୟାଶ୍ରାଦ୍ଧ ଅକ୍ଟୋବର ୨୦ କିମ୍ବା ୨୧ ତାରିଖକୁ ନେଇ 'ଧ୍ରୁବ ଜ୍ୟୋତି ଗବେଷଣା ପ୍ରତିଷ୍ଠାନ' ଏବଂ 'କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସର' ପକ୍ଷରୁ ଏହି ଦ୍ୱିମତକୁ ଶୀର୍ଷକ କରି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାରେ ବିଶିଷ୍ଟ ଧର୍ମଶାସ୍ତ୍ରଜ୍ଞ ତଥା ଅବସରପ୍ରାପ୍ତ ପିଜି କାଉନ୍‌ସିଲ୍ ଅଧ୍ୟକ୍ଷ ପ୍ରଫେସର ଜୟକୃଷ୍ଣ ମିଶ୍ର, ପୂଜାପଣ୍ଡା ନିଯୋଗ ସମ୍ପାଦକ ମାଧବ ପୂଜାପଣ୍ଡା ସାମନ୍ତ, ପରିସରର ଜ୍ୟୋତିଷ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ବିଶ୍ୱରଞ୍ଜନ ପତି ଏବଂ ଅଭିନନ୍ଦନିକାର ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ପ୍ରମୁଖ ମଞ୍ଚାସୀନ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଅକ୍ଟୋବର ୨୦ ଏବଂ ୨୧ ଏହି ଦୁଇଦିନକୁ ବିଚାରକୁ ନିଆଯାଇଛି ଓ ୨୦ରେ ପ୍ରଦୋଷ କାଳକୁ ପୂର୍ଣ୍ଣ ଭାବରେ ଅମାବାସ୍ୟା ରହୁଥିବାବେଳେ ୨୧ରେ ପ୍ରାୟ ଏକ ଦଣ୍ଡ ବା ଏକ ଦଣ୍ଡଠାରୁ କମ୍ ସମୟ ରହିଛି। ତେଣୁ ପୂର୍ବଦିନ ଦୀପାବଳି ଉତ୍ସବ ପାଳନ କରିବା ଶାସ୍ତ୍ରସମ୍ମତ ଓ ଯୁକ୍ତିସଙ୍ଗତ ଅଟେ।

## ଆର୍‌ବିଏସ୍‌କେ ମାଧ୍ୟମରେ ଶିଶୁ ହୃଦ୍‌ରୋଗ ପରୀକ୍ଷା ଶିବିର

ପୁରୀ,୧୮।୧୦(ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପକ୍ଷରୁ ଶିଶୁ ହୃଦ୍‌ରୋଗ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅଧୀନରେ ଜନ୍ମରୁ ୧୮ ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କୁ ଆର୍‌ବିଏସ୍‌କେ ଭ୍ରାମ୍ୟମାଣ ସେବାଦଳ ଦ୍ୱାରା ପ୍ରଥମେ ଚିହ୍ନଟ କରାଯାଇଥିଲା। ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ଚିହ୍ନଟ ହୋଇଥିବା ୧୨୦ ଜଣ ଶିଶୁଙ୍କୁ ଏସ୍‌ଆର୍‌ସିସି ଶିଶୁ ଡାକ୍ତରଖାନା ମୁମ୍ବଇରୁ ଆସିଥିବା ହୃଦ୍‌ରୋଗ ବିଶେଷଜ୍ଞ ଡା. ପ୍ରିୟା ପ୍ରଧାନ ବିଭିନ୍ନ ପ୍ରକାର ଅତ୍ୟାଧୁନିକ ଯନ୍ତ୍ରପାତି ଦ୍ୱାରା ପରୀକ୍ଷା କରିଥିଲେ। ପରୀକ୍ଷା କରାଯାଇଥିବା ୧୨୦ ଜଣ ଶିଶୁଙ୍କ ମଧ୍ୟରୁ ପୂର୍ବରୁ ୫୫ ଜଣଙ୍କୁ ଆର୍‌ବିଏସ୍‌କେ ଯୋଜନା ଅଧୀନରେ ନାରାୟଣ ହେଲ୍‌ଥ ଲିମିଟେଡ୍‌ର ବିଭିନ୍ନ ଡାକ୍ତରଖାନାରେ ଅସ୍ତ୍ରୋପଚାର ଦ୍ୱାରା ଚିକିତ୍ସା କରାଯାଇଥିଲା। ସେମାନଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ ବୋଲି ପରୀକ୍ଷା କରି ଡା. ପ୍ରିୟା ପ୍ରଧାନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରୁ ୫୦ ଜଣଙ୍କ ହୃଦ୍‌ରୋଗଜନିତ ସମସ୍ୟା ଥିବାରୁ ସେମାନଙ୍କୁ ତୁରନ୍ତ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା ସେବା ଯୋଗାଇ ଦିଆଯିବ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅକ୍ଷୟ କୁମାର ଶତପଥୀ ସୂଚନା ଦେଇଛନ୍ତି। ହୃଦ୍‌ରୋଗ ଥିବା ଶିଶୁମାନଙ୍କୁ ଆର୍‌ବିଏସ୍‌କେ କାର୍ଯ୍ୟକ୍ରମ ଅଧୀନରେ ନିଃଶୁଳ୍କ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି ବୋଲି ଡିପିଏମ୍ ଶ୍ୟାମସୁନ୍ଦର ତ୍ରିପାଠୀ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଆର୍‌ବିଏସ୍‌କେର ୨୨ଟି ଟିମ୍, ପରିଚାଳକ ପ୍ରଶାନ୍ତ ପରିଜା, ରାଜ୍ୟ ବିଦ୍ୟାଳୟ ସ୍ୱାସ୍ଥ୍ୟ ସଂଯୋଜକ ପ୍ରଶାନ୍ତ କୁମାର ଦାସ, ଚନ୍ଦନ କୁମାର ପତି, ନାରାୟଣ ହେଲ୍‌ଥର ପୃଥ୍ୱୀରାଜ ବଳିଆରସିଂ, ଅମିତ କେର୍‌କେରା ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀମାନେ ସହଯୋଗ କରିଥିଲେ।











## ୨୧ ତାରିଖ ଛୁଟି କାଏମ୍ ପାଇଁ ମନ୍ତ୍ରୀଙ୍କୁ ସାଧୁବାଦ

ପୁରୀ,୧୮।୧୦(ସମିସ): ଦୀପାବଳି ପାଇଁ ପୂର୍ବ ନିର୍ଦ୍ଧାରିତ ଛୁଟି ଅପରିବର୍ତ୍ତିତ ରଖିଥିବାରୁ ରାଜସ୍ୱ ମନ୍ତ୍ରୀଙ୍କୁ ସାଧୁବାଦ ଜଣାଇଛନ୍ତି ଜ୍ୟୋତିର୍ବିଦ୍ ହରିଶଙ୍କର ମିଶ୍ର। ଗତକାଲି ୨୦ ତାରିଖ ସରକାରୀ ଛୁଟି ଦିବସ ବୋଲି ଘୋଷଣା ପରେ ଶାସ୍ତ୍ରୀୟ ମତେ ୨୧ ତାରିଖରେ ଦୀପଦାନ ଶ୍ରାଦ୍ଧ ଓ ବଡ଼ବଡୁଆ ଡାକ ପାଳନ ପାଇଁ ମନସ୍ଥ କରିଥିବା ଅନେକ ଲୋକ ମାନସିକ ଦ୍ୱନ୍ଦ୍ୱ ମଧ୍ୟରେ ଥିଲେ। କିଛି ସରକାରୀ କର୍ମଚାରୀ ସେଦିନ ପାଇଁ ଛୁଟି ନେବାକୁ ମାନସିକ ପ୍ରସ୍ତୁତ ହେଉଥିଲେ। ମାତ୍ର ଆଜିର ବିଜ୍ଞପ୍ତି ସେମାନଙ୍କୁ ବେଶ୍ ଆଶ୍ୱସ୍ତ କରିଛି। ପ୍ରକାଶଥାଉ କି, ଦୀପାବଳି ଏବଂ ପୟାଶ୍ରାଦ୍ଧକୁ ନେଇ ଏବର୍ଷ ଦ୍ୱନ୍ଦ୍ୱ ଉପୁଜିଥିଲା। ତେବେ ଯେଉଁମାନେ ଶାସ୍ତ୍ରୀୟ ମତକୁ ସମ୍ମାନ ଦେଇ ୨୧ ତାରିଖରେ ପୟାଶ୍ରାଦ୍ଧ ବା ଦୀପଦାନ ଶ୍ରାଦ୍ଧ କରିବେ ସେମାନେ ସନ୍ଧ୍ୟା ୫ଟା ୫୫ ମିନିଟ୍ ପୂର୍ବରୁ ତାହା ସମାପନ କରିବାକୁ ଶ୍ରୀ ମିଶ୍ର ପରାମର୍ଶ ଦେଇଛନ୍ତି। ୨୧ ତାରିଖକୁ ଦୀପାବଳି ପାଇଁ ସରକାରଙ୍କ ଛୁଟି ଘୋଷଣାକୁ ଶ୍ରୀ ମିଶ୍ର ସଠିକ୍ ବୋଲି କହିଛନ୍ତି।


# ବାଣପୁର-ବାଲୁଗାଁରେ ଚାଲିଛି ବେଧଡ଼କ ନିଶା ବେପାର

ବାଲୁଗାଁ,୧୮।୧୦(ସମିସ): ସମଗ୍ର ବାଣପୁର ଓ ବାଲୁଗାଁ ଅଞ୍ଚଳରେ ଦିନକୁ ଦିନ ବେଧଡ଼କ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି। ଅବକାରୀ ବିଭାଗ ଏବଂ ପୁଲିସ ବାଲୁଗାଁ-ବାଣପୁର ଅଞ୍ଚଳରେ କାଁ ଭାଁ ଚଢ଼ଉ କରି କିଛି ଛୋଟମୋଟ ମଦ ବେପାରୀଙ୍କୁ ଗିରଫ କରି ମଦ ଜବତ କରୁଥିବାବେଳେ ବଡ଼ ବଡ଼ ମଦ ମାଫିଆମାନେ ଅଞ୍ଚଳରେ ବେଧଡ଼କ ନିଶା କାରବାର ଚଳାଇଛନ୍ତି। ଏଠାରେ ହାତୀ ଖସି ଯାଉଥିବାବେଳେ ପିମ୍ପୁଡ଼ିକୁ ଧରି ବିଭାଗ ବାହାବା ନେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ବାଣପୁର ମାଳ ଓ ଚିଲିକା ଅଞ୍ଚଳରେ ବେଆଇନ ଭାବେ ମଦ ପ୍ରସ୍ତୁତ ହୋଇ ବିଭିନ୍ନ ସ୍ଥାନକୁ ଚୋରା ଚାଲାଣ ହେଉଥିବାବେଳେ ବିଭାଗ ପକ୍ଷରୁ କିଛି ସ୍ଥାନରେ ଚଢ଼ଉ କରି ମଦ ଜବତ କରି ସେସବୁକୁ ନଷ୍ଟ କରୁଛନ୍ତି। ହେଲେ ମଦ ମାଫିଆମାନେ ଚଢ଼ଉ ସମ୍ପର୍କରେ କିପରି ଖବର ପାଇ ଖସି ପଳାଉଛନ୍ତି, ଯାହା ଫଳରେ ବିଭାଗ ମଦ ପ୍ରସ୍ତୁତକାରୀଙ୍କୁ ଧରିବାରେ ବିଫଳ ହେଉଛନ୍ତି। ଅବକାରୀ ବିଭାଗ ଓ ପୁଲିସ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଅଭାବ ଯୋଗୁଁ ଏହାକୁ ଖାତିର୍ ନ କରି ମଦ ମାଫିଆମାନେ ବେଧଡ଼କ ଚୋରା ମଦ କାରବାର ଚଳାଇଛନ୍ତି।

ଖୋଦ୍ ଚିଲିକା ବିଧାୟକ ତଥା ଅବକାରୀ ମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ମାଫିଆମାନେ ବେଧଡ଼କ ନିଶା କାରବାର ଚଳାଇଥିବାବେଳେ ଏହି ବେଆଇନ ମଦ କାରବାରରେ ଶାସକ ଦଳର କିଛି କର୍ମକର୍ତ୍ତାଙ୍କ ହାତ ରହିଥିବା ଅଭିଯୋଗ ହେଉଛି। ମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ଏପରି ବେଆଇନ ନିଶା କାରବାର ବୃଦ୍ଧିକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରାୟ ସମୟରେ ଟ୍ରେନ୍ ଯୋଗେ ରାଜ୍ୟ ବାହାରକୁ ଗଞ୍ଜେଇ ଓ ଭାଙ୍ଗ ଚୋରା ଚାଲାଣ କରାଯାଉଥିବା ସହ ଅଞ୍ଚଳରେ ଭ୍ରାମ୍ୟମାଣ ଗଞ୍ଜେଇ ଓ ଭାଙ୍ଗ ବେପାର ଚାଲିଛି। ପୁଲିସ ଓ ଅବକାରୀ ବିଭାଗ କାର୍ଯ୍ୟାଳୟର ନାକ ତଳେ ବେଧଡ଼କ ନିଶା କାରବାର ଚାଲିଥିବାବେଳେ କିଭଳି ବିଭାଗ ପାଖରେ ଏହାର କୌଣସି ଖବର ନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଶେଷତଃ ବାଲୁଗାଁର ଚିଲିକା କୂଳ, ମାଛ ବଜାର, ଉମାମହେଶ୍ୱର ପଡ଼ିଆ ସମେତ ପ୍ରାୟତଃ ସାହି ଗଳିକନ୍ଦିରେ ଚୋରା ନିଶା କାରବାର ଜୋର୍‌ସୋର୍‌ରେ ଚାଲିଛି। ବିଶେଷକରି ବାଣପୁରର ଚିଆଙ୍କସାହି ବଜାରରେ ଚୋରା ମଦ କାରବାର ବେଧଡ଼କ ଚାଲିଥିବାବେଳେ ବିସରପାଟଣା ଛକ ନିକଟ, କଲେଜ ରୋଡ୍, ପୋଡ଼ାସାହି, ଗାଲୁଆ ଛକଠାରୁ ପେଟ୍ରୋଲ୍ ପମ୍ପ ନିକଟ, ପଲଟଣପଡ଼ିଆ ଓ ଭୀମପୁର ସମେତ ପ୍ରାୟତଃ ଗ୍ରାମରେ ବେଆଇନ ନିଶା କାରବାର ବେଧଡ଼କ ଚାଲିଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ସମାଜରେ ବହୁ ଛାତ୍ର, ଯୁବକ ଓ ବ୍ୟକ୍ତି ନିଶାଗ୍ରସ୍ତ ହେବା ଦ୍ୱାରା ନିଶା ଖାଇବା ପାଇଁ ଚୋରି, ଲୁଟ୍ ତଥା ବିଭିନ୍ନ ଅନୈତିକ କାର୍ଯ୍ୟ କରିବା ପାଇଁ ପଛାଘୁଞ୍ଚା ଦେଉନଥିବା ଜଣାଯାଇଛି। ଜିଲ୍ଲା ପ୍ରଶାସନ ଓ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।

# ୫ ଲକ୍ଷର ବ୍ରାଉନ୍‌ସୁଗର ଜବତ; ୫ ଗିରଫ

ଖୋର୍ଦ୍ଧା,୧୮।୧୦(ସମିସ)




ଆଦର୍ଶ ଥାନା ଓ ଶିଳ୍ପାଞ୍ଚଳ ଥାନା ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୫ ଜଣ ବ୍ରାଉନ୍‌ସୁଗର ବେପାରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଆଦର୍ଶ ଥାନା ଅନ୍ତର୍ଗତ ସାମନ୍ତରାପୁର ସ୍ୱପ୍ନେଶ୍ୱର ସାହିର ସୋମନାଥ ବେହେରା (୨୫), କରଡ଼ଗାଡ଼ିଆର ଧନେଶ୍ୱର ସାହୁ (୨୬), ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଉତ୍ତର ମୁଣ୍ଡମୁହାଣ ଗ୍ରାମର ରାଜେନ୍ଦ୍ର ରାଉତ (୨୬), ସହିଦ ନଗର ଥାନା ଅନ୍ତର୍ଗତ ପଥରବନ୍ଧ ବସ୍ତିର ସୁନିଲ ସାହୁ (୨୫) ଏବଂ ଆଦର୍ଶ ଥାନା ଅନ୍ତର୍ଗତ ପଲ୍ଲାହାଟର ଶକ୍ତି ରଞ୍ଜନ ରାୟଗୁରୁ (୨୫)। ଏମାନଙ୍କଠାରୁ ପୁଲିସ ୫୫ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗର, ୭ଟି ମୋବାଇଲ୍ ଫୋନ୍, ୪ ବାଇକ୍, ଏକ ସ୍କୁଟର ଓ ନଗଦ ୩୬ ହଜାର ଟଙ୍କାକୁ ଜବତ କରିଛି। ଜବତ ବ୍ରାଉନ୍‌ସୁଗରର ମୂଲ୍ୟ ୫ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ବିବେକାନନ୍ଦ ଶର୍ମା ସୂଚନା ଦେଇଛନ୍ତି।

ଏସ୍‌ପି ଶ୍ରୀ ଶର୍ମାଙ୍କ ସୂଚନା ଅନୁସାରେ, ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଥିବା ଏକ ବିସ୍କୁଟ କମ୍ପାନୀ ନିକଟରେ ବ୍ରାଉନ୍‌ସୁଗର ବେପାର ହେଉଥିବା ଶିଳ୍ପାଞ୍ଚଳ ପୁଲିସକୁ ଖବର ମିଳିଥିଲା। ତାକୁ ଧରିବାକୁ ଇନ୍ସପେକ୍ଟର ବାସୁଦେବ ଜୟସିଂଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଡିଲ୍‌ବେଳେ ଚଢ଼ଉ କରି ମାଲ୍ ନେବାକୁ ଆସିଥିବା ସହିଦନଗର ପଥରବନ୍ଧ ବସ୍ତିର ସୁନିଲଠାରୁ ୨୫ ଗ୍ରାମ୍ ବ୍ରାଉନ୍‌ସୁଗର, ଏକ ଦାମୀ ବାଇକ୍ ଓ ଏକ ଫୋନ୍‌କୁ ପୁଲିସ ଜବତ କରିଛି। ସେଠାରୁ ଖସିବାକୁ ଉଦ୍ୟମ କରୁଥିବା ଉତ୍ତର ମୁଣ୍ଡମୁହାଣର ରାଜେନ୍ଦ୍ରଠାରୁ ଏକ ବାଇକ୍ ଓ ଫୋନ୍ ଏବଂ ପଲ୍ଲାହାଟର ଶକ୍ତିଠାରୁ ଏକ ଦାମୀ ଫୋନ୍‌କୁ ଜବତ କରିଛି। ସେହିପରି ଆଦର୍ଶ ଥାନା ପୁଲିସ ଟିଏଲ୍‌ସି ରୋଡ୍‌ସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନ ନିକଟରେ ଥିବା ବିଡିଏ ରାସ୍ତାରେ ଦୁଇଜଣ ବ୍ରାଉନ୍‌ସୁଗର ବେପାର ଲାଗି ଯୋଜନା କରୁଥିବା ଜାଣିପାରି ଏସ୍‌ଆଇ ଦିନେଶ ପିଙ୍ଗୁଆଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ଉ କରିଥିଲେ। ଏହି ସମୟରେ ସୋମନାଥ ଓ ଧନେଶ୍ୱରକୁ କାବୁ କରିଥିଲେ। ଯାଞ୍ଚବେଳେ ସେମାନଙ୍କଠାରୁ ୩ ଲକ୍ଷ ମୂଲ୍ୟର ୩୦ ଗ୍ରାମ୍ ଓଜନର ବ୍ରାଉନସୁଗର ସହିତ ଦୁଇଟି ଦାମୀ ମୋବାଇଲ୍ ଫୋନ୍, ଦୁଇଟି ମୋଟର ସାଇକଲ ଏବଂ ନଗଦ ୩୬ହଜାର ଟଙ୍କାକୁ ପୁଲିସ ଜବତ କରିଥିବା ଏସ୍‌ପି କହିଛନ୍ତି। ଶିଳ୍ପାଞ୍ଚଳ ପୁଲିସ ୨୪୭/୨୫ରେ ମାମଲା ରୁଜୁ କରି ଗିରଫ ୩ ଜଣଙ୍କୁ କୋର୍ଟଚାଲାଣ କରିଛି। ସେହିପରି ଆଦର୍ଶ ଥାନା ପୁଲିସ ୪୪୮/୨୫ରେ ମାମଲା ରୁଜୁ କରି ଗିରଫଦ୍ୱୟଙ୍କୁ କୋର୍ଟଚାଲାଣ କରିଥିବା ଏସ୍‌ପି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ, ଶିଳ୍ପାଞ୍ଚଳ ଥାନା ଅଧିକାରୀ ଉମେଶ ସାହୁ, ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ, ଏସ୍‌ଆଇ ସ୍ୱାଗତିକା ପଟ୍ଟନାୟକ, ଦିନେଶ ପିଙ୍ଗୁଆ ପ୍ରମୁଖ ଉପସ୍ଥିତ ଥିଲେ।

**୭ ମୋବାଇଲ୍ ଫୋନ୍, ୪ ବାଇକ୍, ଏକ ସ୍କୁଟର ଓ ନଗଦ ୩୬ ହଜାର ଟଙ୍କା ଜବତ**

# ୧୬ନଂ ଜାତୀୟ ରାଜପଥ ବିପଦପୂର୍ଣ୍ଣ

ନିରାକାରପୁର,୧୮।୧୦(ସମିସ): ଲୋକସଂଖ୍ୟା ବୃଦ୍ଧି ସହ ଯାନବାହନ ବହୁଳ ଚଳାଚଳକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ ପ୍ରାଧିକରଣ ତରଫରୁ ୧୬ନଂ ଜାତୀୟ ରାଜପଥକୁ ୬ ଥାକିଆ କରିବା ସହିତ ବିଭିନ୍ନ ବ୍ୟସ୍ତବହୁଳ ଛକ ଜାଗାମାନଙ୍କରେ ଓଭରବ୍ରିଜ୍‌ମାନ ନିର୍ମାଣ କରାଯାଇଛି। ଆହୁରି ବି କେତେକ ସ୍ଥାନରେ ଏବେ ବି ନିର୍ମାଣାଧୀନ କାର୍ଯ୍ୟ ଚାଲୁଛି। ବିଭିନ୍ନ ସ୍ଥାନରେ ଠିକା ସଂସ୍ଥା



କରିଥିବା କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ଖୋର୍ଦ୍ଧା ଜିଲ୍ଲାର ମଳିପଡ଼ା ଛକ ନିକଟରେ ହୋଇଥିବା ଓଭରବ୍ରିଜ୍ ଉପର ରାସ୍ତା ଏବେ ବିପଦପୂର୍ଣ୍ଣ ହୋଇଛି। ଏହି ସ୍ଥାନରେ ପିଚୁ ତରଳି ଉଚ୍ଚ ନିଚ୍ଚ ହୋଇଥିବାରୁ ଦ୍ରୁତ ଗତିରେ ଆସୁଥିବା ଯାନବାହନ ବିଭିନ୍ନ ସମୟରେ ଦୁର୍ଘଟଣାଗ୍ରସ୍ତ ହେଉଥିବା ଜଣାପଡ଼ିଛି। ଦୁଇ ଚକିଆ ଯାନଗୁଡ଼ିକ ଏହି ସ୍ଥାନରେ ଭାରସାମ୍ୟ ହରାଇ ବିପଦପୂର୍ଣ୍ଣ ଯାତ୍ରା କରୁଥିବାରୁ ବିଭାଗୀୟ ଅଧିକାରୀ ଓ ସମ୍ପୃକ୍ତ ଠିକାଦାର ଅନୁଧ୍ୟାନ କରି ତୁରନ୍ତ ମରାମତି କରିବାକୁ ଦାବି ହେଉଛି।

# ବିପୁଳ ପରିମାଣର ବାଣ ଜବତ

ବେଗୁନିଆ,୧୮।୧୦(ସମିସ): ବାଘମାରୀ ଥାନା ପକ୍ଷରୁ ବେଆଇନ ଭାବେ ବାଣ ପ୍ରସ୍ତୁତ ଓ ବିକ୍ରି କରୁଥିବା ଗ୍ରାମଗୁଡ଼ିକ ଉପରେ ମାରାଥନ୍ ଚଢ଼ଉ କରି ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଓ ବାଣ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଚଢ଼ଉ କାର୍ଯ୍ୟ ପଙ୍ଗାରସିଂହ, ଲେଖନପୁର, କୁରାଡ଼ିଲୋ, କୋଟପଲା ଏବଂ ଓସ୍ତପୁର ଗ୍ରାମରେ ଗତ ସେପ୍ଟେମ୍ବର ୧୬ରୁ ଆରମ୍ଭ କରି ବର୍ତ୍ତମାନ ସୁଦ୍ଧା ୧୩ ଲକ୍ଷ ୭୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ବାଣ ଜବତ କରିଛି ବୋଲି ଥାନା ଅଧିକାରୀ



ଶମ୍ଭୁନାଥ ନାୟକ ସୂଚନା ଦେଇଛନ୍ତି। ତେବେ ଶୁକ୍ରବାର ବିଳମ୍ବିତ ସନ୍ଧ୍ୟାରେ ଲେଖନପୁର ଗ୍ରାମରୁ ୩୦ କେଜି ବାଣ ଜବତ କରିଥିବାବେଳେ ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୪୦ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି।

# ଧର୍ମପରାୟଣ ମହିଳାଙ୍କ ପରଲୋକ

ନିରାକାରପୁର,୧୮।୧୦(ସମିସ): ଶନିବାର ଏମ୍ସ ହସ୍ପିଟାଲରେ ପ୍ରତାପ ଦାସଙ୍କ ଧର୍ମପତ୍ନୀ ସସ୍ମିତା ବିଶ୍ୱାଳଙ୍କର ବିୟୋଗ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୪୮ ବର୍ଷ ବୟସ ହୋଇଥିଲା। ତାଙ୍କ ଘର ବାଙ୍କୀ ଗୋପାଳପୁର ହୋଇଥିଲେ ବି ସେ ଦୀର୍ଘ ବର୍ଷ ଧରି ଖୋର୍ଦ୍ଧାଞ୍ଚଳରେ ରହି ଆସୁଥିଲେ। ସେ ଜଣେ ଭଦ୍ର, ମେଳାପି, ଧର୍ମପରାୟଣ ଓ ସରଳ ବିଶ୍ୱାସୀ ମହିଳା ଥିଲେ। କିଛିଦିନ ହେବ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ରହିଥିଲା। ଶୁକ୍ରବାର ରାତିରେ ଅସୁସ୍ଥ ହେବାରୁ ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍‌ସ ହସ୍ପିଟାଲ ନିଆଯାଇଥିଲା। ସେଠାରେ ତାଙ୍କର ପରଲୋକ ହୋଇଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କର ସତ୍କାର କରାଯାଇଛି। ଏକମାତ୍ର ପୁତ୍ର ସାଇକ୍ରିଷ୍ଣା ଦାସ ମୁଖାଗ୍ନି ଦେଇଥିଲେ।



# ଅନ୍ତର୍ନିହିତ କଳାର କ୍ଷେତ୍ରସ୍ତରୀୟ କଳା ଉତ୍ସବ

ଖୋର୍ଦ୍ଧା,୧୮।୧୦(ସମିସ: ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ସମଗ୍ର ଶିକ୍ଷା, ଖୋର୍ଦ୍ଧା ଆନୁକୂଲ୍ୟରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ତରଫରୁ ୫ଟି ଜିଲ୍ଲା ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ କନ୍ଧମାଳ ଜିଲ୍ଲାକୁ ନେଇ ଏକ କ୍ଷେତ୍ରସ୍ତରୀୟ କଳା ଉତ୍ସବ ସ୍ଥାନୀୟ ବିଜେବି ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୫ଟି ଜିଲ୍ଲାରୁ ମୋଟ ୧୨୬ ଜଣ ଛାତ୍ରଛାତ୍ରୀ ୧୨ଟି ବିଭାଗରେ ଅଂଶଗ୍ରହଣ କରିଥିଲେ। ବିଜେବି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଭୁପ୍ରସାଦ ସେନାପତିଙ୍କ ସଭାପତିତ୍ୱରେ ଉଦ୍‌ଘାଟନ ସମାରୋହରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ସୋନମିକା ରାୟ, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିଜୟ ବେହେରା, ଅନୁସୂଚିତ ଜାତି ଓ ଜନଜାତି ବିଭାଗର ସଂଯୋଜିକା ସୁନୀତା ପଟ୍ଟନାୟକ ଯୋଗଦେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ରଶ୍ମିବାଳା ପରିଡ଼ା ଓ ପ୍ରଜ୍ଞା ପାରମିତା ଜେନା ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ଏକକ ସଙ୍ଗୀତରେ ପ୍ରଥମ ଆହନ ସ୍ୱାଇଁ, ଦଳଗତ ସଙ୍ଗୀତରେ ପ୍ରଥମ ଆଦର୍ଶ ବିଦ୍ୟାଳୟ, ଫତେଗଡ଼, ବାଦ୍ୟଯନ୍ତ୍ର ସଙ୍ଗୀତରେ ପ୍ରଥମ ଜୟ ଅଗ୍ରୱାଲ, ମୃଦଙ୍ଗରେ ପ୍ରଥମ ପ୍ରଜ୍ୱଲ୍ ସୂତାର, ଶାସ୍ତ୍ରୀୟ ସଙ୍ଗୀତରେ ପ୍ରଥମ ବିକାଶ ଆବାସିକ ବିଦ୍ୟାଳୟ, ଦଳଗତ ନୃତ୍ୟରେ ପ୍ରଥମ ନୂଆଗାଁ, କନ୍ଧମାଳ, ଏକକ ନୃତ୍ୟରେ ପ୍ରଥମ ଖିରଶ୍ରି ତନୟା ରାଉତ, ନାଟକରେ ପ୍ରଥମ ବିଜେବି ଉଚ୍ଚ ବିଦ୍ୟାଳୟ, ଖୋର୍ଦ୍ଧା, ଦୃଶ୍ୟକଳା ଟୁ ଡିରେ ଆଶୁତୋଷ ସ୍ୱାଇଁ, ଥ୍ରୀ ଡିରେ ନିରଞ୍ଜନ ବାରିକ, ଦଳଗତ ଥ୍ରୀ ଡିରେ ସ୍ନେହାଶିଷ୍ ସାହୁ ଏବଂ ଓମ୍ ଶୁଭମ ନାୟକ, ଗଳ୍ପ କଥନରେ ବିଜେବି ଉଚ୍ଚ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ସମସ୍ତ ଛାତ୍ରଛାତ୍ରୀ ଆସନ୍ତା ୨୨, ୨୩ ଓ ୨୪ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ଉତ୍ସବରେ ଯୋଗଦେବେ। କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭରତ ପ୍ରଧାନ, ସନ୍ଧ୍ୟାବତୀ ଲେଙ୍କା, ବିଜେବି ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀ, ସମଗ୍ର ଶିକ୍ଷାର ସମସ୍ତ ବିଭାଗୀୟ ମୁଖ୍ୟ, ଖୋର୍ଦ୍ଧା ବ୍ଲକ୍‌ର ସମସ୍ତ ସିଆର୍‌ସିସି, ପ୍ରଧାନଶିକ୍ଷକ ଅଗାଧୁ ସେଠୀ ଯୋଗଦେଇଥିଲେ। ସହକାରୀ ଶିକ୍ଷକ ମୃତ୍ୟୁଞ୍ଜୟ ମହାପାତ୍ର, ରବିନାରାୟଣ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**୧୨ ବିଭାଗରେ ସାମିଲ୍ ହେଲେ ୧୨୬ ଛାତ୍ରଛାତ୍ରୀ**

# କାର୍ତ୍ତିକରେ ବ୍ରତଧାରୀ ମହିଳାଙ୍କ ପୂଜାବିଧି



ବାଲୁଗାଁ,୧୮।୧୦(ସମିସ): ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ସମଗ୍ର ବାଲୁଗାଁ ଅଞ୍ଚଳର ଆରାଧ୍ୟ ଦେବ ଶ୍ରୀଶ୍ରୀ ଉମାମହେଶ୍ୱର ଦେବଙ୍କ ପୀଠ ସହ ବିଭିନ୍ନ ଗ୍ରାମ ମନ୍ଦିରରେ କାର୍ତ୍ତିକ ମାସ ପ୍ରାରମ୍ଭରୁ ବ୍ରତଧାରୀ ମହିଳାମାନଙ୍କ ପ୍ରାତଃକାଳରେ ସ୍ନାନ ଓ ପୂଜା ବିଧାନ ଆରମ୍ଭ ହୋଇଯାଇଛି। ସମଗ୍ର ବାଲୁଗାଁ ଅଞ୍ଚଳର ବୟସ୍କ ମହିଳାମାନେ ନିୟମିତ ପ୍ରାତଃକାଳରେ ମନ୍ଦିର ପୋଖରୀରେ ସ୍ନାନାଦି କାର୍ଯ୍ୟ ସମ୍ପାଦନା କରିବା ପରେ ସ୍ୱଚ୍ଛ ବସ୍ତ୍ର ପରିଧାନ କରି ମନ୍ଦିର ଅନୁଗାମୀ ହେଉଛନ୍ତି। ମନ୍ଦିରରେ ଦୀପ ପ୍ରଜ୍ୱଳନ କରିବା ପରେ ମନ୍ଦିର ପରିସର ସ୍ୱଚ୍ଛତା ନିମନ୍ତେ ମନ୍ଦିର ବେଢ଼ା ସଫେଇ କରି ପରିଷ୍କାର କରୁଛନ୍ତି। ପରବର୍ତ୍ତୀ ସମୟରେ ବ୍ରତଧାରୀ ମହିଳାମାନେ ଏକତ୍ରିତ ହୋଇ ମନ୍ଦିର ବେଢ଼ା ପରିକ୍ରମା ପରେ ତୁଳସୀ ଚଉରା ମୂଳେ ବସି ବୃନ୍ଦାବତୀଙ୍କୁ ପୂଜାର୍ଚ୍ଚନା କରିବା ସହ ପୁରାଣ ପାଠ କରୁଛନ୍ତି। ବ୍ରତଧାରୀ ମହିଳାମାନେ ଦିନତମାମ ଉପବାସ ରହି ସୂର୍ଯ୍ୟାସ୍ତ ପୂର୍ବରୁ ନିଜେ ହବିଷ ରାନ୍ଧି ପୂଜା କରି ପ୍ରସାଦସେବନ କରୁଛନ୍ତି। ପ୍ରତ୍ୟହ ସନ୍ଧ୍ୟାରେ ସମସ୍ତ ବ୍ରତଧାରୀ ମହିଳାମାନେ ଏକତ୍ରିତ ହୋଇ ଆକାଶ ଦୀପ ପ୍ରଜ୍ୱଳନ କରି ପୁରାଣ ଶ୍ରବଣ କରୁଥିବା ଦେଖିବାକୁ ମିଳୁଛି। ଏଭଳି ଏକ ଧାର୍ମିକ ପରିବେଶରେ କାର୍ତ୍ତିକ ମାସ ତମାମ ନୀତି ଚାଲୁରହିଥିବା ବେଳେ ପୂର୍ଣ୍ଣିମାରେ ଏହା ସମାପ୍ତ ହୋଇଥାଏ।

# ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କପ୍ କ୍ରିକେଟ୍: ପାତ୍ରପଡ଼ା ଓ ଗଙ୍ଗପଡ଼ା ବିଜୟୀ

ଖୋର୍ଦ୍ଧା,୧୮।୧୦(ସମିସ): ଖୋର୍ଦ୍ଧା ପୌରପରିଷଦ ଅନ୍ତର୍ଗତ ଗୁରୁଜଙ୍ଗ ଖେଳପଡ଼ିଆଠାରେ ଅନୁଷ୍ଠିତ ପ୍ରଥମ ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ଖୋର୍ଦ୍ଧାର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଭ୍ରମରବର ମହାପାତ୍ର, ମଳୟେଶ ପ୍ରଧାନ, ସଞ୍ଜୟ କୁମାର ସିଂ, ରବିନାରାୟଣ ରାଉତରାୟ, ଦୁଃଶାସନ ବେହେରା, ଅବ୍ୟକ୍ତ ହରିହର ଖାଡ଼ଙ୍ଗା ପ୍ରମୁଖ ଉପସ୍ଥିତ ରହି



ନୀଳକଣ୍ଠଙ୍କ ସ୍ମୃତିଚାରଣ କରିଥିଲେ। ପ୍ରଥମ ମ୍ୟାଚ୍ ପାତ୍ରପଡ଼ା ଏବଂ ପଙ୍ଗାରସିଂହ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପାତ୍ରପଡ଼ା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ସମସ୍ତ ୱିକେଟ୍ ହରାଇ ୧୬୦ ରନ୍ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ନାଭେଦ ଏକବାଲ ୪୪ ରନ୍ ସଂଗ୍ରହ କରିଥିଲେ। ପଙ୍ଗାରସିଂହ ଦଳର ସମ୍ବିତ ଦାସ ୩ ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ପଙ୍ଗାରସିଂହ ଦଳ ୧୬ ଓଭରରେ ୮ ୱିକେଟ୍ ହରାଇ ୧୫୬ ରନ୍‌ରେ ସୀମିତ ରହିଥିଲା। ପଙ୍ଗାରସିଂହର ରୁବେଲ୍ ଦାସ ସର୍ବାଧିକ ୭୦ ରନ୍ କରିଥିଲେ। ଏହି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ନଭେଦ ଏକବାଲଙ୍କୁ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଗଙ୍ଗପଡ଼ା ଓ ଅଠାରଙ୍ଗ ପରସ୍ପରକୁ ଭେଟିଥିଲେ। ପ୍ରଥମେ ଅଠାରଙ୍ଗ ଦଳ ବ୍ୟାଟିଂ କରି ୧୫ ଓଭରରେ ୭ ୱିକେଟ୍ ହରାଇ ୧୪୬ ରନ୍ କରିଥିଲେ। ଦଳ ପକ୍ଷରୁ ସରୋଜ ମଙ୍ଗରାଜ ୩୪ରନ୍ ସଂଗ୍ରହ କରିଥିଲେ। ଗଙ୍ଗପଡ଼ାର ରୋଶନ ସେନାପତି ସର୍ବାଧିକ ୫ ୱିକେଟ୍ ପାଇଥିଲେ। ଜବାବରେ ଗଙ୍ଗପଡ଼ା ଦଳ ୧୨ ଓଭର୍‌ରେ ୪ ୱିକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ନେଇ ୬ ୱିକେଟ୍‌ରେ ବିଜୟୀ ହୋଇଛି। ଦଳ ପକ୍ଷରୁ ଦିଲ୍ଲୀପ ଓ ଶୁଭେନ୍ଦୁ ଅର୍ଦ୍ଧଶତକ ହାସଲ କରିଥିଲେ। ତୁଷାରକାନ୍ତ ସୁନ୍ଦରାୟ, ସୁଜିତ୍ ପରିଡ଼ା, ଅସିତ୍ ପରିଡ଼ା, ପ୍ରକାଶ ସାହୁ, ଓମ୍ ଅର୍ପିତ ମହାପାତ୍ର, ସୂର୍ଯ୍ୟକାନ୍ତ ଗୁମାନସିଂ ଓ ରାଜଦୀପ ଶ୍ରୀ ରାଜପ୍ରସାଦ ଖେଳକୁ ପରିଚାଳନା କରିଥିବାବେଳେ ସୌମ୍ୟଜିତ୍ ପଟ୍ଟନାୟକ ଓ ସନ୍ତୋଷ ପ୍ରଧାନ ସଂଯୋଜନା କରିଥିଲେ।

# ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁଙ୍କୁ ମାଡ଼, ଜାତିଆଣ ଆକ୍ଷେପ

ଖୋର୍ଦ୍ଧା,୧୮।୧୦(ସମିସ): ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଚମ୍ପାପୁର ଗଡ଼ନିଆଳ ଅଙ୍ଗନବାଡ଼ି କେନ୍ଦ୍ରରେ ଜଣେ ୪ ବର୍ଷର ଶିଶୁକୁ ମାଡ଼ ଓ ଜାତିଆଣ ଆକ୍ଷେପ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ଶିଳ୍ପାଞ୍ଚଳ ପୁଲିସ ଜାତିଆଣ ଆକ୍ଷେପ ଆଇନ ଧାରାରେ ଏକ ମାମଲା (ନଂ ୨୪୬/୨୫) ରୁଜୁ ହୋଇଛି।

ଅଭିଯୋଗ ଅନୁଯାୟୀ, ଉକ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ଅନୁସୂଚିତ ଜାତି ଓ ଜନଜାତିର ଶିଶୁ ପାଠ ପଢୁଛନ୍ତି। ଶୁକ୍ରବାର ଉକ୍ତ କେନ୍ଦ୍ରରେ ଅଙ୍ଗନବାଡ଼ି କେନ୍ଦ୍ରର ଜନୈକା କର୍ମୀ ପିଲାଙ୍କୁ ମାଡ଼ ମାରିବା ସହ ଜାତିଆଣ ଆକ୍ଷେପ କରିଥିବା ନେଇ ଉକ୍ତ ଗ୍ରାମର ସନିଆ ନାୟକ ଥାନାରେ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ଉମେଶ ସାହୁ ସୂଚନା ଦେଇଛନ୍ତି।

# ବିଦ୍ୟାଳୟରେ ପୁଲିସର ସଚେତନତା କାର୍ଯ୍ୟକ୍ରମ



ବାଲୁଗାଁ,୧୮।୧୦(ସମିସ): ବାଲୁଗାଁ ପୁଲିସ ପକ୍ଷରୁ ସ୍ଥାନୀୟ ଅଙ୍କୁଲାଚଟିସ୍ଥିତ ପଞ୍ଚୁପାଲ୍ଲୀ ସୋମନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କୁ ସାମ୍ପ୍ରତିକ ସମାଜରେ ସଶକ୍ତ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହୋଇଥିବାବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ବାଲୁଗାଁ ପୁଲିସ ସାମିଲ୍ ହୋଇ ବାଲ୍ୟବିବାହଠାରୁ ଦୂରେଇ ରହିବାକୁ ପରାମର୍ଶ ଦେବା ସହିତ ସଡ଼କ ଦୁର୍ଘଟଣାରୁ ନିଜକୁ ଓ ଅନ୍ୟମାନଙ୍କୁ ସୁରକ୍ଷା ଦେବା ଏବଂ ସାଇବର ଠକଙ୍କ ଦ୍ୱାରା ଅର୍ଥ ଲୁଟ୍‌ର ଶିକାରରୁ ନିଜକୁ କିପରି ସୁରକ୍ଷିତ ରଖିବା ଆଦି ସମ୍ପର୍କରେ ଉପସ୍ଥିତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ। ସର୍ବଦା ରାସ୍ତାର ବାମ ପାର୍ଶ୍ୱରେ ଯାତାୟାତ କରି ଟ୍ରାଫିକ୍ ନିୟମ ମାନିବା, ଅସାମାଜିକ ବ୍ୟକ୍ତିଙ୍କଠାରୁ ସର୍ବଦା ଦୂରେଇ ରହିବା, ଅନ୍ୟାୟ କାର୍ଯ୍ୟକୁ ବିରୋଧ କରିବା ପାଇଁ ପ୍ରଚେଷ୍ଟା କରିବା ସହ ଆବଶ୍ୟକ ସ୍ଥଳେ ପୁଲିସକୁ ଅବଗତ କରାଇବା ଓ ଜୀବନରେ ଉଚିତ୍ ଶିକ୍ଷା ଗ୍ରହଣ କଲେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ସହ ନିଜର ଓ ବାପା-ମା'ଙ୍କ ନାମ ରଖିପାରିବ ଆଦି ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଥିରେ ବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଓ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସାମିଲ ହୋଇଥିଲେ।


# ଡିସେମ୍ବର ୧୮ ରୁ ମହାବୀର କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

ଟାଙ୍ଗୀ,୧୮।୧୦(ସମିସ): ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ କୁହୁଡ଼ି ମହାବୀର ଆଥ୍‌ଲେଟିକ୍ ଆସୋସିଏସନ୍ ପକ୍ଷରୁ ଜନତା ଷ୍ଟାଡିୟମ୍‌ରେ ଆସନ୍ତା ଡିସେମ୍ବର ୧୮ରୁ ୨୮ ତାରିଖ ପର୍ଯ୍ୟନ୍ତ ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ସଂଘ ଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବରିଷ୍ଠ ଆଇନଜୀବୀ ହୃଷୀକେଶ ପ୍ରଧାନ ସଭାପତିତ୍ୱ କରିଥିବାବେଳେ ଆସୋସିଏସନର ସମ୍ପାଦକ ମନୋଜ ମାନସିଂହ ସଭା ପରିଚାଳନା କରିଥିଲେ। ଏହି ବୈଠକରେ ଟୁର୍ଣ୍ଣାମେଣ୍ଟକୁ କିଭଳି ଶାନ୍ତିଶୃଙ୍ଖଳାର ସହିତ କରିବା, ନୂଆ ସଦସ୍ୟଙ୍କୁ ସଂଯୋଗ କରିବା, ଟିମ୍ ସହ ଯୋଗାଯୋଗ ତଥା ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ଉପସଭାପତି ରାଜକିଶୋର ବୈରିଗଞ୍ଜନ, ସହସମ୍ପାଦକ ରମେଶ ଚନ୍ଦ୍ର ନାଇଡୁ, କୋଷାଧ୍ୟକ୍ଷ ତ୍ରିନାଥ ପାତ୍ର, ଶ୍ରୀବତ୍ସ ପରିଡ଼ା, ରତନପୁର ସରପଞ୍ଚ ଗୁରୁବନ୍ଧୁ ବେହେରା, ଆନନ୍ଦ ରାଓ, ସଚ୍ଚିଦାନନ୍ଦ ପ୍ରଧାନ, ରତ୍ନାକର ସାମନ୍ତରାୟ, ବିପିନ ଉଦୟସିଂହ, ହେମନ୍ତ ଜେନା, ହରିବନ୍ଧୁ ସାମନ୍ତରାୟ, କେଦାର ପାତାଳସିଂହ, ବିଭୂତି ଚମ୍ପତି, ଚନ୍ଦ୍ରଶେଖର ଆଚାର୍ଯ୍ୟ, କୋଟିରାମ ନାଇଡୁ ଓ ଲକ୍ଷ୍ମୀଧର ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।

# ପୌର କର୍ମଚାରୀଙ୍କ ଦୌରାତ୍ମ୍ୟରେ ଅତିଷ୍ଠ କୁମ୍ଭକାର

**ରାସ୍ତାକଡ଼ରେ ଆତସବାଜି ବେପାରୀଙ୍କୁ ହଁ, କୁମ୍ଭକାରଙ୍କୁ ନା**

**ପୌର ପ୍ରଶାସନର ଆତଙ୍କରାଜ୍ ପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି**



ଖୋର୍ଦ୍ଧା,୧୮।୧୦(ସମିସ): ଖୋର୍ଦ୍ଧା ତଥା ଆଖପାଖ ଅଞ୍ଚଳରୁ ପ୍ରତିବର୍ଷ ପରି ଚଳିତ ବର୍ଷ କୁମ୍ଭକାର ପରିବାର ପବିତ୍ର ଦୀପାବଳି ପର୍ବ ପାଇଁ ମାଟି ଦୀପ ତିଆରି କରି ସହରର ପ୍ରମୁଖ ରାସ୍ତାକଡ଼ରେ ବିକ୍ରି କରି ଦୁଇ ପଇସା ରୋଜଗାର କରିଥା'ନ୍ତି। ପାରମ୍ପରିକ ମାଟି ଦୀପରେ ବର୍ଷକୁ ଥରେ ଦୀପ ଜାଳି ପିତୃପୁରୁଷ ବଡ଼ବଡୁଆଙ୍କୁ ଡାକି ସ୍ମରଣ କରିଥା'ନ୍ତି। ପ୍ରତ୍ୟେକ ଘରେ ମାଟି ଦୀପ ଜାଳି ଦୀପାବଳି ପର୍ବକୁ ଉତ୍ସବମୁଖର କରିବାକୁ ପ୍ରତ୍ୟେକ ପରିବାର ଅପେକ୍ଷା କରିଥା'ନ୍ତି। ଅନ୍ୟପକ୍ଷରେ ମାଟି ଦୀପ ତିଆରି ସହିତ କୁମ୍ଭାର ବେଉସା ଦିନକୁ ଦିନ ବୁଡ଼ିଯାଇଥିବା ବେଳେ କିଛି କୁମ୍ଭାର ପରିବାର ମାଟିରେ ବିଭିନ୍ନ ସାମଗ୍ରୀ ତିଆରି କରି ବେଉସାକୁ ବଞ୍ଚାଇ ରଖିଛନ୍ତି ଯାହା ଆଗାମୀ ପିଢ଼ିଙ୍କ ପାଇଁ କୁମ୍ଭାର ପରିବାର ଏବଂ ମାଟିରେ ତିଆରି ସାମଗ୍ରୀ ଇତିହାସ ହୋଇ ରହିଯିବ। ବର୍ତ୍ତମାନର ରାଜ୍ୟ ସରକାର ଏହି କୌଳିକ ବୃତ୍ତି ଆପଣେଇ ସମାଜକୁ ଭିନ୍ନ ଏକ ବାର୍ତ୍ତା ଦେଉଥିବା ପରିବାରଙ୍କୁ ଆର୍‌ଥିକ, ମାନସିକ, ସାମାଜିକ କ୍ଷେତ୍ରରେ ପ୍ରୋତ୍ସାହିତ କରୁଥିବାବେଳେ ଖୋର୍ଦ୍ଧା ପୌର ପ୍ରଶାସନ ରାଜ୍ୟ ସରକାରଙ୍କୁ ସହଯୋଗ କରିବା ପରିବର୍ତ୍ତେ ଏମାନଙ୍କୁ ନାନାପ୍ରକାର ଶୋଷଣ କରୁଥିବାର ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଚଳିତ ବର୍ଷ ସ୍ଥାନୀୟ ଅଞ୍ଚଳର ଏବଂ କିଛି ଆଖପାଖ ଅଞ୍ଚଳର କୁମ୍ଭାର ପରିବାର ମାଟି ଦୀପ ବିକ୍ରି କରୁଥିବାବେଳେ ପୌର ପରିଷଦ ପକ୍ଷରୁ ସେମାନଙ୍କୁ ହଟାଇ ଦିଆଯାଉଥିବାର ବିକଳ ଚିତ୍ର ଦେଖିବାକୁ ମିଳିଛି। ଖୋର୍ଦ୍ଧା ସମବାୟ ବ୍ୟାଙ୍କ ଛକ ସ୍ଥିତ ଯାତ୍ରୀବାହୀ ବସ୍ ରହଣି ସ୍ଥାନକୁ ଜବରଦଖଲ କରି ସର୍ବସାଧାରଣ ସ୍ଥାନରେ ବିକ୍ରି ନିଷେଧ ଥିବା ସତ୍ତ୍ୱେ ବିଭିନ୍ନ ପ୍ରକାର ଆତସବାଜି ଏବଂ ବିପଦପୂର୍ଣ୍ଣ ଭାବେ ରଙ୍ଗ ବେରଙ୍ଗର ବୈଦ୍ୟୁତିକ ସାମଗ୍ରୀ ବିକ୍ରି କରାଯାଉଛି। ଏହା କିପରି ପୌର ପରିଷଦର ବରିଷ୍ଠ ଅଧିକାରୀଙ୍କ ଦୃଷ୍ଟିଗୋଚର ହେଉନାହିଁ ତାହା ସାଧାରଣରେ ଆଶ୍ଚର୍ଯ୍ୟ ପ୍ରକାଶ ପାଇଛି।

ସୂଚନା ମୁତାବକ, ପୌର ପରିଷଦ ଅଧୀନରେ ଦୈନିକ ମଜୁରିଆ ଭାବେ କାର୍ଯ୍ୟ କରୁଥିବା ଡ୍ରାଇଭର ଏବଂ ଟିକସ ଆଦାୟ କରୁଥିବା ଅସ୍ଥାୟୀ କର୍ମଚାରୀଙ୍କ ଆତଙ୍କରାଜ୍ ଏହି କୁମ୍ଭାର ପରିବାରଙ୍କ ଉପରେ ଅକଥନୀୟ ବୋଲି ଜଣେ ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି। କେଉଁ ଉଦ୍ଦେଶ୍ୟରେ ବସ୍ ରହଣି ସ୍ଥାନ ଜବରଦଖଲ ହୋଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉନାହିଁ, ମାତ୍ର ମାଟିଦୀପ ବିକ୍ରି କରୁଥିବା ବୃତ୍ତିଗତ ବ୍ୟବସାୟୀଙ୍କୁ ଦୂର୍ ଦୂର୍ ମାର୍ ମାର୍ କରି ସେମାନଙ୍କ ସମଗ୍ରୀକୁ ଫୋପଡ଼ାଫିଙ୍ଗା କରି ନଷ୍ଟ କରିବାକୁ ମଧ୍ୟ ପଛାଉ ନ ଥିବାର ଘଟଣା ପ୍ରତିଦିନ ଦେଖିବାକୁ ମିଳୁଛି।

ଅନ୍ୟପକ୍ଷେ ଦୁଇ ତିନି ଦିନ ପାଇଁ ଅସ୍ଥାୟୀ ଭାବେ ବ୍ୟବସାୟ କରିବାକୁ ଆସୁଥିବା କୁମ୍ଭାର ପରିବାରଙ୍କୁ ଅଯଥାରେ ହଇରାଣ ନ କରି ସେମାନଙ୍କୁ ସହଯୋଗ ନିମନ୍ତେ ଏକ ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟବସାୟ ପାଇଁ ଯୋଗାଇ ଦିଆଗଲେ ପୌରବାସୀ ଏବଂ କୁମ୍ଭାର ପରିବାର ଉପକୃତ ହେବେ। ପୌର ପ୍ରଶାସନର ଆତଙ୍କରାଜ୍ ପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେଇ ପ୍ରକୃତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସହରବାସୀ ଦାବି କରିଛନ୍ତି। ନଚେତ କୌଳିକ ବୃତ୍ତି ଆପଣେଇଥିବା କାରିଗର ଖୋର୍ଦ୍ଧା ସହର ପ୍ରତି ମୁହଁ ବୁଲେଇବା ଆରମ୍ଭ କରିବ ଏଥିରେ ଦ୍ୱିମତ ହେବାର ନାହିଁ।

● ଉଦୟପୁର ଗ୍ରାମରେ ବଡ଼ଧରଣର ଚୋରି

# ନଗଦ ଟଙ୍କା ଓ ସୁନା ଅଳଙ୍କାର ଲୁଟ୍

**ପଟ୍ଟାମୁଣ୍ଡାଇ,୧୮ ।୧୦(ସମିସ):** ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଉଦୟପୁର ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଏକ ବଡ଼ଧରଣର ଚୋରି ହୋଇଛି । ଦୁର୍ବୃତ୍ତ ଘରର ପଛ ଝରକା ଗ୍ରିଲ୍ ଭାଙ୍ଗି ଘର ମଧ୍ୟରେ ପ୍ରବେଶ କରିଥିଲେ । ଗଡ଼ରେଜ ଭାଙ୍ଗି ନଗଦ ଟଙ୍କା ଓ ସୁନା ରୂପା ଅଳଙ୍କାର ଲୁଟି ନେଇଛନ୍ତି । ଏ ସମ୍ପର୍କରେ ଗୃହକର୍ତ୍ତା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଏତଲା ଦେଇଥିଲେ । ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଆଇଆଇସି ସାଇଣ୍ଟିଫିକ ଟିମ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଗତ କିଛିଦିନ ଧରି ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ଚୋରି ବୃଦ୍ଧି ପାଇଥିବାରୁ ସାଧାରଣରେ ଆତଙ୍କ ସୃଷ୍ଟି ହୋଇଛି । ସୂଚନା ମୁତାବକ, ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଶ୍ରୀରାମପୁର ପଞ୍ଚାୟତ ଉଦୟପୁର ଗ୍ରାମର ଭଗବତୀ ସାହୁଙ୍କ ଘରେ ଗତକାଲି ବିଳମ୍ବିତ ରାତିରେ ବଡ଼ଧରଣର ଚୋରି ହୋଇଥିଲା । ପରିବାର ଲୋକେ ଶୋଇଥିବାବେଳେ ଗତକାଲି ବିଳମ୍ବିତ ରାତିରେ ଚୋରମାନେ ଘର ପଛ ପଟ ଝରକା ଗ୍ରିଲ ଭାଙ୍ଗି ଘର ମଧ୍ୟରେ ପ୍ରବେଶ କରିଥିଲେ । ଘର ମଧ୍ୟରେ ଥିବା ଗଡ଼ରେଜ ଭାଙ୍ଗି ନଗଦ ୧୫, ୦୦୦ ଟଙ୍କା ଓ ସୁନା ରୁପା ଅଳଙ୍କାର ଲୁଟି ନେଇଥିଲେ । ସୁନା ଅଳଙ୍କାର ମଧ୍ୟରେ ଝିଅ ବାହାଘର ପାଇଁ ଥିବା ୩ଟି ମଙ୍ଗଳସୂତ୍ର, ୭ ହଳ ସୁନା କାନଫୁଲ, ସୁନା ହାର ଓ ସୁନା ଶଙ୍ଖା ଆଦି ଅଳଙ୍କାର ସମେତ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଲୁଟି ନେଇଥିଲେ । ଏ ସମ୍ପର୍କରେ ଗୃହକର୍ତ୍ତା ଭଗବତୀ ସାହୁ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଆଇଆଇସି ଶ୍ରୀକାନ୍ତ ବାରିକ ସାଇଣ୍ଟିଫିକ ଟିମ ସହିତ ଘଟଣାସ୍ଥଳରେ ପହଞ୍ଚି ଚୋରି ମାମଲାର ତଦନ୍ତ କରିଛନ୍ତି । ସ୍ଥାନୀୟ ପୁଲିସ ଏ ସମ୍ପର୍କରେ ଏକ ଲୁଟ ମାମଲା ରୁଜୁ କରି ତନାଘନା ତଦନ୍ତ ଆରମ୍ଭ କରିଛି ।

## କ୍ଲଷ୍ଟରସ୍ତରୀୟ ପ୍ରଧାନଶିକ୍ଷକଙ୍କ ବୈଠକ



**ମହାକାଳପଡ଼ା,୧୮ ।୧୦(ସମିସ):** ମହାକାଳପଡ଼ା ବ୍ଲକ୍ ମଧୁରଗଣ୍ଡ ଖମାର ନିଗମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ଚତୁର୍ଥ ମାସିକ ବୈଠକ ସିଆରସିସି ଶଶାଙ୍କ ଶେଖର ସେନାପତିଙ୍କ ସଭାପତିତ୍ୱରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ କ୍ଲଷ୍ଟର ଅନ୍ତର୍ଗତ ୧୨ଟି ସରକାରୀ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଶିକ୍ଷୟିତ୍ରୀ, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଶ୍ରେଣୀ ଦାୟିତ୍ୱରେ ଥିବା ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ । ଏହି ବୈଠକରେ ପୂର୍ବତନ ସିଆରସିସି କୃତ୍ତିବାସ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୀପକ କୁମାର ପଟ୍ଟନାୟକ ଓ ଶିକ୍ଷକ ରବିନାରାୟଣ ରାଉତରାୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ତିଖିରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ମାନସ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ପିତୃହରା ଛାତ୍ରୀଙ୍କୁ ଯନ୍ତ୍ରୀଙ୍କ ପାଠ୍ୟପୁସ୍ତକ ପ୍ରଦାନ



**ଡେରାବିଶ,୧୮ ।୧୦(ସମିସ):** ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁବରଣ କରିଥିବା ଡେରାବିଶ ବ୍ଲକ୍ ବାଲିଆ ପଞ୍ଚାୟତ ଅନ୍ତର୍ଗତ ଦରବୋଲ ଗ୍ରାମର ରତ୍ନାକର ସାମଲଙ୍କ ଦୁଇ କଲେଜ ପଢୁଆ ଝିଅଙ୍କୁ କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଶୈଳେନ୍ଦ୍ର କୁମାର ବିଶ୍ୱାଳ ଆଜି ପାଠ୍ୟ ପୁସ୍ତକ ପ୍ରଦାନ କରିଛନ୍ତି । ଶ୍ରୀ ବିଶ୍ୱାଳଙ୍କ ଏଭଳି ବଦାନ୍ୟତା ପାଇଁ ମୃତ ରତ୍ନାକରଙ୍କ ପରିବାର ସମେତ ବାଲିଆ ସରପଞ୍ଚ ପ୍ରବୀର କୁମାର ସିଂହ କୃତଜ୍ଞତା ଜଣାଇଛନ୍ତି । ରତ୍ନାକର ଦିନମଜୁରିଆ ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ । ଅଭାବ ଅନଟନ ମଧ୍ୟରେ ଥାଇ ସୁଦ୍ଧା ନିଜର ପାଞ୍ଚ ଝିଅଙ୍କୁ ଉଚ୍ଚଶିକ୍ଷିତ କରିବା ପାଇଁ ପ୍ରୟାସ ଜାରି ରଖିଥିଲେ । ବିଡ଼ମ୍ବନାର ବିଷୟ ଗତ ଅଗଷ୍ଟ ୩ ତାରିଖରେ ସ୍ଥାନୀୟ ହଳଦିଆ ହାଟକୁ ପରିବା ପାଇଁ ଯାଇ ଘରକୁ ଫେରୁଥିବାବେଳେ ଏକ ଅଜଣା ଗାଡ଼ି ଧକ୍କାରେ ରତ୍ନାକରଙ୍କ ମୃତ୍ୟୁ ହୋଇଥିଲା । ଭଙ୍ଗା ଚାଳ ଛପର ଘରେ ରହୁଥିବା ରତ୍ନାକରଙ୍କ ବିଧବା ପତ୍ନୀ ସମେତ ପାଞ୍ଚ ଝିଅ ସମ୍ପୂର୍ଣ୍ଣ ବେସାହାରା ଓ ନିଃସହାୟ ହୋଇପଡିଥିଲେ । ଏଭଳି ଏକ ଦୁଃଖଦ ଖବର ପାଇ ସହକାରୀ ଯନ୍ତ୍ରୀ ଶ୍ରୀ ବିଶ୍ୱାଳ ଡେରାବିଶ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ପହଞ୍ଚି ମୃତ ରତ୍ନାକରଙ୍କ ଝିଅ +୨ କଳା ଦ୍ୱିତୀୟ ବର୍ଷର ଛାତ୍ରୀ ହରପ୍ରିୟା ଓ ପ୍ରଥମ ବର୍ଷର ଛାତ୍ରୀ ଦୀପ୍ତିମୟୀଙ୍କୁ ସେମାନଙ୍କ ଶ୍ରେଣୀର ପାଠ୍ୟ ପୁସ୍ତକ ପ୍ରଦାନ କରିଥିଲେ । ଏ ଅବସରରେ ଉଚ୍ଚବିଦ୍ୟାଳୟର ଅଧକ୍ଷା ଡ. ରତ୍ନମଣୀ ମିଶ୍ର ଉପସ୍ଥିତ ଥିଲେ ।

# ପୌରପାଳିକା ନୂତନ କାର୍ଯ୍ୟାଳୟର ଶିଳାନ୍ୟାସ

**କେନ୍ଦ୍ରାପଡ଼ା,୧୮ ।୧୦(ସମିସ)**





ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ଶନିବାର କେନ୍ଦ୍ରାପଡ଼ା ଗସ୍ତରେ ଆସି ପୌରପାଳିକା ନୂତନ କାର୍ଯ୍ୟାଳୟର ଶିଳାନ୍ୟାସ କରିଛନ୍ତି । କେନ୍ଦ୍ରାପଡ଼ା ପୌରାଞ୍ଚଳ ପ୍ରବେଶ ପଥରୁ ପୁତିମୟ ପରିବେଶ ଦେଖି କ୍ଷୁବ୍ଧ ହୋଇଛନ୍ତି । ଏମିତିକି ପୌରାଞ୍ଚଳରେ ନିୟମିତ ସଫେଇ ହେଉ ନ ଥିବା ସେ ଜାଣିବାକୁ ପାଇଛନ୍ତି । ଏନେଇ ପୌରପାଳିକା ଭିତ୍ତିପ୍ରସ୍ତର ଉତ୍ସବରେ ଯୋଗଦେଇ କର୍ମଚାରୀଙ୍କୁ ନିୟମିତ ସଫେଇ କରିବାକୁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ସଫେଇ ହିଁ ସଭ୍ୟତାର ପରିଚୟ । ତେଣୁ ନିୟମିତ ସଫେଇ କେମିତି କରାଯିବ, ସେ ନେଇ ପୌର ଅଧିକାରୀଙ୍କୁ କହିଥିବା

> **ସର୍ବପୁରାତନ ପୌରପାଳିକା କାର୍ଯ୍ୟଶୈଳୀରେ ମନ୍ତ୍ରୀ କ୍ଷୁବ୍ଧ**
>
> **ରାସ୍ତାରେ ଅଳିଆ ଦେଖି ସଫେଇ କରିବାକୁ ନିର୍ଦ୍ଦେଶ**

ଜଣାପଡ଼ିଛି । ସ୍ୱଚ୍ଛତା ସହ କୌଣସି ପ୍ରକାର ସାଲିସ କରାଯିବ ନାହିଁ । ସ୍ୱଚ୍ଛତା ନ ଥିଲେ ଏକ ଭଲ ସଭ୍ୟତା ଗଢି ହେବ ନାହିଁ ବୋଲି ନଗର ଉନ୍ନୟନ ମନ୍ତ୍ରୀ ଡା. ମହାପାତ୍ର ମତବ୍ୟକ୍ତ କରିଥିଲେ ।

ପୌରାଧକ୍ଷା ସରିତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମନ୍ତ୍ରୀ ଡା. ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । କେନ୍ଦ୍ରାପଡ଼ା ହେଉଛି ୧୫୬ ବର୍ଷର ପୁରୁଣା ପୌରପାଳିକା । ଏହି ସହରକୁ ସୁନ୍ଦର ସହର ଭାବେ ଆମକୁ ମିଳିମିଶି ଗଢି ତୋଳିବାକୁ ହେବ । ଏହି ପୌରପାଳିକା ରାଜ୍ୟର ସର୍ବପୁରାତନ ପୌରପାଳିକା ହୋଇଥିଲେ ମଧ୍ୟ ଏହାର ଉତ୍ତମ କାର୍ଯ୍ୟାଳୟ ନ ଥିଲା । ଏସମ୍ପର୍କରେ ସେ ଜାଣିବା ପରେ ଏକ ନୂତନ ଅଟାଳିକା ନିର୍ମାଣ କରିବା ପାଇଁ ୭ କୋଟି ୪୭ ଲକ୍ଷ ଟଙ୍କାର ଅନୁଦାନ ରାଶି ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଛି । ଏହି ଅର୍ଥରେ ଏକ ଅତ୍ୟାଧୁନିକ ଅଟାଳିକା ନିର୍ମାଣ କରାଯିବ । ଏହାର ଡିଜାଇନ ଓ ଟେଣ୍ଡର କାର୍ଯ୍ୟ ସରିଛି । ଏହି ନୂତନ ଅଟାଳିକାରେ ବିଭିନ୍ନ ବିଭାଗ ରହିବ । ସେଥିମଧ୍ୟରେ ପୌରାଧକ୍ଷା ଓ ଉପାଧକ୍ଷାଙ୍କ ପାଇଁ ସ୍ୱତନ୍ତ୍ର ଚାମ୍ବର ରହିଥିବାବେଳେ କାଉନସିଲରଙ୍କ ପାଇଁ ସ୍ୱତନ୍ତ୍ର ଗୃହ ମଧ୍ୟ ରହିବ । ଏଥିସହିତ ଜନସାଧାରଣଙ୍କ ପାଇଁ ଉନ୍ନତଧରଣର ପ୍ରତୀକ୍ଷା ଗୃହ ରହିଥିବାବେଳେ ଏହାର ପରିସରରେ ଗାଡ଼ି ରଖିବା ନିମନ୍ତେ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା ରହିଛି । ଏହାବ୍ୟତୀତ ଅତ୍ୟାଧୁନିକ ସମ୍ମିଳନୀ କକ୍ଷ ମଧ୍ୟ ରହିଛି । କେବଳ କେନ୍ଦ୍ରାପଡ଼ା ନୁହେଁ, ରାଜ୍ୟରେ ଥିବା ଅନ୍ୟାନ୍ୟ ପୁରାତନ ପୌରପାଳିକାର ଯଦି ଉନ୍ନତ କାର୍ଯ୍ୟାଳୟ ନଥିବ, ତେବେ ସରକାର ସେହି ପୌରପାଳିକାର ଅଟାଳିକା ନିର୍ମାଣ ପାଇଁ ମଧ୍ୟ ଅର୍ଥ ଯୋଗାଇ ଦେବେ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ । ମନ୍ତ୍ରୀ କହିଥିଲେ ପୌରାଞ୍ଚଳର ଉନ୍ନତି ପାଇଁ ଦଳୀୟ ସ୍ୱାର୍ଥକୁ ଗୌଣ କରି ଜନତାଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦିଆଯିବା ଉଚିତ । ସବୁ ଦଳ ମିଳିମିଶି ପୌରାଞ୍ଚଳର ଉନ୍ନତି କରିବା ପାଇଁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ ।

ଉକ୍ତ ଉତ୍ସବରେ ମହାକାଳପଡ଼ା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ମନ୍ତ୍ରୀ କଥା ଦେଇ କଥା ରଖିଛନ୍ତି । କେନ୍ଦ୍ରାପଡ଼ା ପୌରପାଳିକାର ନୂତନ ଅଟାଳିକା ପାଇଁ ଆମେ ତାଙ୍କୁ ଅନୁରୋଧ କରିଥିଲୁ । ମନ୍ତ୍ରୀ କଥା ଦେଇଥିଲେ କେନ୍ଦ୍ରାପଡ଼ାକୁ ଆସି ନୂତନ ଅଟାଳିକାର ଭିତ୍ତିପ୍ରସ୍ତର ସ୍ଥାପନ କରିବେ । କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇ କହିଲେ, କେନ୍ଦ୍ରାପଡ଼ା ପୌରପାଳିକାର ନୂତନ ଅଟାଳିକା ପାଇଁ ସରକାର ୭.୪୭ କୋଟି ଟଙ୍କା ମଞ୍ଜୁର କରିଥିବାରୁ ସେ ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ରଘୁରାମ ଆର. ଆୟାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପାଧକ୍ଷା ଆକବରୀ ଖାତୁନ୍, ସମସ୍ତ ପୌର ସଭ୍ୟସଭ୍ୟା, ବିଜେପି ଜିଲ୍ଲା ସଭାପତି ଶଶାଙ୍କଶେଖର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ପୌରାଧକ୍ଷାଙ୍କ ପ୍ରତିନିଧି ରଞ୍ଜିତ ସାହୁ ସମସ୍ତ କାର୍ଯ୍ୟ ପରିଚାଳନା କରିଥିବାବେଳେ ନିର୍ବାହୀ ଅଧିକାରୀ ଅଜିତ ପ୍ରସାଦ ନାରାୟଣ ଗିରି ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବ ପରେ ମନ୍ତ୍ରୀ ଡା. ମହାପାତ୍ର ପୌରପାଳିକାର ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ । ଏହି ସମୀକ୍ଷା ସମୟରେ ବିଦ୍ୟୁତ୍ କରାଯିବାରୁ ହଟହଟା ହେବାକୁ ପଡ଼ିଥିଲା । ଏଥିସହିତ ପୌରାଞ୍ଚଳରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରେ ମନ୍ତ୍ରୀ କେନ୍ଦ୍ରାପଡ଼ାର ଆରାଧ୍ୟ ପ୍ରଭୁ ବଳଦେବଜୀଉଙ୍କ ଦର୍ଶନ କରିଥିଲେ ।

**ଚାଷୀଙ୍କ ଦୁଃଖ ଶୁଣିବ କିଏ**

## ଶୀଘ୍ର ପାଚିଗଲା ଧାନ, ନଷ୍ଟ କରିଦେଲେ ପକ୍ଷୀ

**ଗରଦପୁର,୧୮ ।୧୦(ସମିସ):** ଧାନ ବିହନର କଳାବଜାର ଯୋଗୁଁ ଚାଷୀକୁଳ ଆଜି ହତାଶ । ପ୍ରଶାସନ କଳାବଜାରୀ ରୋକି ନ ପାରିବାରୁ ଆଜି ଲକ୍ଷ ଲକ୍ଷ ଟଙ୍କା ବିଲରେ ଫୋପାଡି ଚାଷୀ ହତାଶ ହୋଇପଡିଛନ୍ତି । ନିମ୍ନମାନର ବିହନ କିଣି ଆଜି ହଜାର ହଜାର ଚାଷୀ ଫସଲ କ୍ଷତିର ଶିକାର ହୋଇଛନ୍ତି । ନିମ୍ନମାନର ବିହନ

**ଧାନ ପତ୍ରମୋଡ଼ା ନେଇ ଚିନ୍ତାରେ ଚାଷୀ**

ଯୋଗୁଁ କେତେକ ଚାଷୀଙ୍କ ସାରଦ ଧାନ ଅସମୟରେ ଫଳିଲା । ଅନ୍ୟ ଜମିରେ ଫଳି ନ ଥିବାରୁ ଏକ ଅଂଶର ଫସଲ ଝିଣ୍ଟିକା ଓ ଚଢ଼େଇ ଖାଇଦେଲେ । ଯାହା ରହିଲା, ତାହା ଲଗାଣ ବର୍ଷା ଓ ଝଡ଼ରେ ପ୍ରାୟ ସବୁ ନଷ୍ଟ ହୋଇଗଲା । ଏଥିସହ ନିମ୍ନମାନର ବିହନ ଯୋଗୁଁ ଗରଦପୁର ପଞ୍ଚାୟତର ବିଭିନ୍ନ ସ୍ଥାନରେ ଧାନ ପତ୍ର ମୋଡା ରୋଗ ଦେଖିବାକୁ ମିଳିଛି । ଫଳରେ ଚଳିତ ବର୍ଷ ଧାନ ଫସଲ ପାଇବା ଚାଷୀ ପକ୍ଷେ ଅସମ୍ଭବ ହୋଇପଡ଼ିଛି । ତେବେ ଚାଷୀକୁଳ ଋଣ କରି ଚାଷ କରିଥିଲେ । ତେବେ ଧାନ ଫସଲ ନଷ୍ଟ ହେବାକୁ ଯାଉଥିବାରୁ ଆଗାମୀ ଦିନରେ କ'ଣ ହେବ, ସେନେଇ ସମସ୍ତେ ଚିନ୍ତାରେ ପଡିଛନ୍ତି । ଚାଷୀ ଆଜି ଅଶ୍ରୁଭିଜା ଦିନ କଟାଉଛନ୍ତି । ଏହି ଦୁର୍ଦ୍ଦଶା ମଧ୍ୟରେ ବୀମା ମିଳିବ ବୋଲି ଆଶା ରଖିଥିଲେ । କିନ୍ତୁ ଏହା ଦୈବ ଦୁର୍ବିପାକ ନୁହେଁ ବୋଲି ବିଭାଗ କହି ଚୁପ ବସୁଛି । ଯଦି ଏହା ଦୈବ ଦୁର୍ବିପାକ ନୁହେଁ, ତେବେ ଚାଷୀଙ୍କୁ କିଏ ସହାୟ ହେବ; ସେନେଇ ପ୍ରଶ୍ନ ଉଠିଛି । ପ୍ରଶାସନିକ ଅବହେଳା ଓ ନିୟନ୍ତ୍ରଣ ଅଭାବର ଚଡ଼କ ଆଜି ସିଧା ଚାଷୀଙ୍କ ମୁଣ୍ଡ ଉପରେ ପଡ଼ିଛି ।



## ଓଡ଼ିଶା ମୋଟର ଚାଳକ ସଂଘ ପକ୍ଷରୁ ସଚେତନତା ଶିବିର



**ନାଉଗାଁ,୧୮ ।୧୦(ସମିସ):** ଆଜି ନାଉଗାଁ ସାଧୁ ଗୋସ୍ୱାମୀଙ୍କ ପୀଠରେ ଓଡ଼ିଶା ମୋଟର ଚାଳକ ସଙ୍ଘ ପକ୍ଷରୁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲା ଓଡ଼ିଶା ମୋଟର ଚାଳକ ସଙ୍ଘ ସଭାପତି ତଥା ରାଜ୍ୟ ସଙ୍ଘ ସମ୍ପାଦକ ଅରୁଣ କୁମାର ମହାନ୍ତି ଅଧକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ରାଜ୍ୟ ବିଜୁ ଜନତା ଦଳ ଉପସଭାପତି ତଥା ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ନାଉଗାଁ ସଙ୍ଘ ସଭାପତି ଜ୍ୟୋତି ପ୍ରକାଶ ଦାସ, ସମ୍ପାଦକ ବିକ୍ରମ ସ୍ୱାଇଁ ଯୋଗ ଦେଇଥିଲେ । ବ୍ଲକ୍‌ର ଓଡ଼ିଶା ମୋଟର ଚାଳକ ସଙ୍ଘ କର୍ମକର୍ତ୍ତା ଓ ଶତାଧିକ ସଭ୍ୟ ଏହି ସଚେତନତା ଶିବିରରେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଦୁଇ ପୂର୍ବତନ ବିଧାୟକ ଡ୍ରାଇଭରଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହିତ ସେମାନଙ୍କ ଦାୟିତ୍ୱବୋଧ ଓ ସୁରକ୍ଷା ସମ୍ପର୍କରେ ପ୍ରେରଣାଦାୟକ ବକ୍ତବ୍ୟ ରଖିଥିଲେ । ଉକ୍ତ ସଚେତନତା ଶିବିରରେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ସଙ୍ଘର ସଭ୍ୟ ପବିତ୍ର କୁମାର ସାହୁଙ୍କ ମାଆ ପ୍ରେମଲତା ସାହୁଙ୍କୁ ସଙ୍ଘ ଜରିଆରେ ସରକାରଙ୍କ ୱେଲଫେୟାର ଫଣ୍ଡରୁ ଚାରି ଲକ୍ଷ ଟଙ୍କାର ଚେକ୍ ମୁଖ୍ୟଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା ।

## ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ



**କେନ୍ଦ୍ରାପଡ଼ା,୧୮ ।୧୦(ସମିସ):** ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ପ୍ରତ୍ୟେକ ଲୋକସଭା କ୍ଷେତ୍ରରେ ସାଂସଦ ଖେଳ ମହୋତ୍ସବ ଆୟୋଜିତ ହେଉଛି । କେନ୍ଦ୍ରାପଡ଼ା ଲୋକସଭାରେ ଉକ୍ତ କ୍ରୀଡ଼ା ମହୋତ୍ସବ ଆରମ୍ଭ ହୋଇଛି । ସାଂସଦ ବୈଜୟନ୍ତ ପଣ୍ଡା ପତାକା ଉତ୍ତୋଳନ କରି ଏହାକୁ ଉଦଘାଟନ କରିଛନ୍ତି । ସ୍ଥାନୀୟ କେନ୍ଦ୍ରାପଡ଼ା ଉଚ୍ଚବିଦ୍ୟାଳୟ ପଡ଼ିଆରେ ମହୋତ୍ସବ ପରିଚାଳନା ସମିତି ସଭ୍ୟ ତଥା ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚା ଉପସଭାପତି ସଲିମ ଖାଁଙ୍କ ସଂଯୋଜନାରେ ଆୟୋଜିତ ସଭାରେ ସାଂସଦ ଶ୍ରୀ ପଣ୍ଡାଙ୍କ ସମେତ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ଜିଲ୍ଲାପାଳ ରଘୁରାମ ଆର ଆୟାର, ବିଜେପି ରାଜ୍ୟ ଉପସଭାପତି ବିଷ୍ଣୁ ଦାସ, ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ବିଜେପି ନେତା କୃଷ୍ଣଚନ୍ଦ୍ର ପଣ୍ଡା, ବିଜେପି ପ୍ରବକ୍ତା ତେଜେଶ୍ୱର ପରିଡା, ଲଳିତ ବେହେରା, ଗୀତାଞ୍ଜଳି ସେଠୀ, ସୁମନ୍ତ ଘଡେଇ, ମହୋତ୍ସବର ସଂଯୋଜକ ସୁନାକର ବେହେରା, ମହିଳା କମିଶନ ସଦସ୍ୟ ଡଃ କଳ୍ପନା ମଲ୍ଲିକ, କିଶୋର କୁମାର ପଣ୍ଡା, ଦୁର୍ଯ୍ୟୋଧନ ସାହୁ, ଜିଲ୍ଲା ଉପସଭାପତି ଅଭିମନ୍ୟୁ ଗୋଚ୍ଛାୟତ, ସଞ୍ଜୟ ରଥ, ସାଧାରଣ ସମ୍ପାଦକ ଉପିନ କୁମାର ରାଉତ, ଜ୍ୟୋସ୍ନାରାଣୀ ଜେନା, ଜାନକୀ ପ୍ରଧାନ, ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ଶାରୀରିକ ନିରୀକ୍ଷକ ସ୍ମିତାପ୍ରଭା ସାହୁ ପ୍ରମୁଖ ଯୋଗଦେଇ କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରରେ କ୍ରୀଡା କ୍ଷେତ୍ରରେ ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ଓ ସେମାନଙ୍କୁ ଜାତୀୟ, ଆନ୍ତର୍ଜାତିକ ସ୍ତରରେ ନିଜର ଉତ୍କର୍ଷତାକୁ ପ୍ରତିପାଦନ କରିବା ପାଇଁ ସୁଯୋଗ ଦେବା ଏହି ଖେଳ ମହୋତ୍ସବର ଉଦ୍ଦେଶ୍ୟ ବୋଲି ମତବ୍ୟକ୍ତ କରିଥିଲେ ।

ଏହି ମହୋତ୍ସବରେ କେନ୍ଦ୍ରାପଡ଼ା ଲୋକସଭାରେ ପଞ୍ଜିକୃତ ହୋଇଥିବା ପ୍ରାୟ ପଚାଶ ହଜାର କ୍ରୀଡ଼ାବିତଙ୍କୁ ନେଇ ପ୍ରଥମେ ଜିଲ୍ଲା ପରିଷଦ ଜୋନ ସ୍ତରୀୟ, ପରେ ବ୍ଲକ୍ ସ୍ତରରେ ଓ ଆସନ୍ତା ଡିସେମ୍ବର ୨୫ ତାରିଖରେ ସୁଦ୍ଧା ଲୋକସଭା ସ୍ତରରେ ପ୍ରାୟ ୮ ପ୍ରକାର ଖେଳକୁ ନେଇ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ । ଭଲିବଲ ଖେଳକୁ ମନୋଜ ସାହୁ, ଉମାକାନ୍ତ କର, ବିକାଶ ସିଂ, ସ୍ୱରାଜ ଚୌଧୁରୀ, ସନ୍ଦୀପ ମହାନ୍ତି, ଉତ୍କଳ ମହାପାତ୍ର ଓ ବ୍ରଜକିଶୋର ପରିଡା ପ୍ରମୁଖ ପରିଚାଳନା କରିଥିଲେ ।

**ନଳକୂପରୁ ପାଇପ୍ କାଢ଼ିବା ବିବାଦ**

## ସରପଞ୍ଚଙ୍କ ସ୍ୱାମୀଙ୍କୁ ଥାନା ପରେ କୋର୍ଟରୁ ମିଳିଲା ଜାମିନ

**ରାଜନଗର, ୧୮ ।୧୦(ସମିସ)**

ଅଚଳ ନଳକୂପରୁ ପାଇପ କାଢ଼ିବା ବିବାଦ ଚର୍ଚ୍ଚା ବଢ଼ିବାରେ ଲାଗିଛି । ଘଟଣା ସମ୍ପର୍କରେ ଅଭିଯୋଗ ଓ ପାଲଟା ଅଭିଯୋଗ ପରେ ପୁଲିସ ଡାଙ୍ଗମାଳ ସରପଞ୍ଚଙ୍କ ସ୍ୱାମୀଙ୍କ ସମେତ ୩ ଜଣଙ୍କୁ ଥାନାରୁ ଜାମିନ ଦେଇଥିଲେ । ମାତ୍ର ଏହି ଘଟଣାରେ କେନ୍ଦ୍ରାପଡ଼ା ପୁଲିସର ସ୍ପେଶାଲ ସ୍କ୍ୱାର୍ଡ ଡାଙ୍ଗମାଳରୁ ସରପଞ୍ଚଙ୍କ ସ୍ୱାମୀ ବିନୋଦ କୁମାର ସେଠୀଙ୍କୁ ୧୬ ତାରିଖ ରାତିରେ ଉଠାଇ କେନ୍ଦ୍ରାପଡ଼ା ନେଇଯିବା ଘଟଣା ଚର୍ଚ୍ଚା ସୃଷ୍ଟି କରିଛି । ପଞ୍ଚାୟତ ରେଜୁଲେସନ ଥାଇ ଓ ସରକାରୀ ଅର୍ଡର ଥାଇ ଅଚଳ ନଳକୂପରୁ ପାଇପ କାଢ଼ିବା ଘଟଣାରେ କେନ୍ଦ୍ରାପଡ଼ା ସ୍ପେଶାଲ ପୁଲିସ ସ୍କ୍ୱାର୍ଡର କାହିଁକି ଆବଶ୍ୟକତା ପଡିଲା, ସରପଞ୍ଚଙ୍କ ସ୍ୱାମୀଙ୍କ ନାଁରେ କ'ଣ ଏପରି ଗୁରୁତର ଅଭିଯୋଗ ଥିଲା ଯେ ସ୍ପେଶାଲ ସ୍କ୍ୱାର୍ଡକୁ ନିୟୋଜିତ କରିବାକୁ ପଡ଼ିଲା, ତାହାକୁ ନେଇ ଚର୍ଚ୍ଚା ବଢ଼ିବାରେ ଲାଗିଛି । ଯଦି ସରପଞ୍ଚଙ୍କ ସ୍ୱାମୀ ପାଇପ ଚୋରି କରୁଥିଲେ ତାଙ୍କୁ ଥାନାରୁ ଜାମିନ ଦିଆଯାଇଥିଲା କାହିଁକି? ତାହାକୁ ନେଇ ପ୍ରଶ୍ନ ଉଠିଛି । ସରପଞ୍ଚଙ୍କ ସ୍ୱାମୀଙ୍କୁ ଉଠାଇ ନେଇ ସ୍ପେଶାଲ ସ୍କ୍ୱାର୍ଡ ତାଳଚୁଆ ସାମୁଦ୍ରିକ ଥାନା ପରିବର୍ତ୍ତେ କେନ୍ଦ୍ରପଡ଼ା ନେଇଯିବା ଘଟଣା ପଛରେ ଆଇନଶୃଙ୍ଖଳା ନା ରାଜନୈତିକ କାରଣ ରହିଛି,

> ●ଉଠାଇନେଇଥିଲା ସ୍ପେଶାଲ ଟିମ୍
>
> ●କାହିଁକି ସ୍ପେଶାଲ ପୁଲିସ ଟିମ୍‌କୁ ବ୍ୟବହାର କରିବାକୁ ପଡ଼ିଲା


ତାହାକୁ ନେଇ ଚର୍ଚ୍ଚା ହେଉଛି । ଅନ୍ୟପକ୍ଷରେ ପୁଲିସ ୧୭ ତାରିଖରେ ସରପଞ୍ଚଙ୍କ ସ୍ୱାମୀଙ୍କୁ କୋର୍ଟରେ ହଜାର କରିବା ପରେ ମାନ୍ୟବର କୋର୍ଟ ସରପଞ୍ଚଙ୍କ ସ୍ୱାମୀଙ୍କୁ ଜାମିନ ଦେଇଛନ୍ତି ।

ସୂଚନା ମୁତାବକ, ଚଳିତ ମାସ ୨ ତାରିଖ ଦିନ ଡାଙ୍ଗମାଳ ପଞ୍ଚାୟତ ବରାଡ଼ିଆ ଗାଁରେ ଏକ ଅଚଳ ନଳକୂପରୁ ପାଇପ କଢ଼ାଯାଉଥିଲା । ସରକାରୀ ନଳକୂପରୁ ପାଇପ ଓ ଯନ୍ତ୍ରାଂଶ ଚୋରି କରାଯାଉଥିବା ନେଇ ତାଳଚୁଆ ସାମୁଦ୍ରିକ ଥାନାରେ ଅଭିଯୋଗ ହୋଇଥିଲା । ହଂସୁଆ ଗାଁର ସର୍ବେଶ୍ୱର ପ୍ରଧାନ, ଘଡ଼ିଆମାଳର ଗଣେଶ୍ୱର ମଲ୍ଲିକ ଓ ସରପଞ୍ଚଙ୍କ ସ୍ୱାମୀ ବିନୋଦ ସେଠୀ ସରକାରୀ ନଳକୂପରୁ ଯନ୍ତ୍ରାଂଶ ଚୋରି କରୁଥିବା ନେଇ ଅଭିଯୋଗ ହୋଇଥିଲା । ପୁଲିସ ସର୍ବେଶ୍ୱର ଓ ଗଣେଶ୍ୱରଙ୍କୁ ଥାନାକୁ ନେଇ ଛାଡ଼ି ଦେଇଥିଲା । ସରପଞ୍ଚଙ୍କ ସ୍ୱାମୀଙ୍କୁ ଗିରଫ ଦାବିରେ ଥାନା ଆଗରେ ବିଜେପି ସମର୍ଥକ ବସିଥିଲେ । ଅଢେଇ ଦିନ ଥାନାରେ ଧାରଣାରେ ବସିବା ପରେ ମଧ୍ୟ ପୁଲିସ ସରପଞ୍ଚଙ୍କ ସ୍ୱାମୀଙ୍କୁ ଥାନାରୁ ଜାମିନ ଦେଇ ଦେଇଥିଲା । ଅନ୍ୟପକ୍ଷରେ ଅଚଳ ନଳକୂପରୁ ଭଲଥିବା ଯନ୍ତ୍ରାଂଶ ଓ ପାଇପ ଖୋଲି ମହଜୁଦ ରଖି ରିପ୍ୟାରିଙ୍ଗ କାମରେ ଲଗାଇବାକୁ ଆରଡବ୍ଲୁଏସଏସର ନିର୍ବାହୀ ଯନ୍ତ୍ରୀ ୫ ଜୁଲାଇ ୨୦୨୩ରେ ଚିଠି ନମ୍ବର ୩୭୯୭ରେ ଚିଠି କରିଥିଲେ । ସେହି ଆଧାରରେ ଡାଙ୍ଗମାଳ ପଞ୍ଚାୟତ ବୈଠକରେ ୩ ଫେବୃଆରୀ ୨୦୨୪ରେ ରେଜ୍ୟୁଲେସନ କରଯାଇଥିଲା । ବରାଡିଆ ଗାଁରେ ଅଚଳ ହୋଇ ପଡ଼ିଥିବା ନଳକୂପରୁ ଶ୍ରମିକ ଲଗାଇ ପାଇପ କଢୁଥିବାବେଳେ କେତେକ ଯୁବକ ଶ୍ରମିକଙ୍କୁ ମାରଧର ଓ ଗାଳିଗୁଲଜ କରିଥିଲେ । ଶ୍ରମିକଙ୍କ ଫୋନ ପାଇ ମୁଁ ଓ ମୋ' ସ୍ୱାମୀ ସେଠାରେ ପହଞ୍ଚିବା ପରେ ସେଠାରେ ଆମକୁ ଜାତି ନେଇ ଗାଳିଗୁଲଜ କରିଥିଲେ । ଏହାପରେ ରାତି ୧୦ଟା ୩୦ରେ ଘର ପାଖରେ ପହଞ୍ଚି ବନ୍ଧୁକ ଦେଖାଇ ଗୁଳି କରି ମାରିବି ନହେଲେ ରାଜନଗର ଯିବା ବାଟରେ ଗାଡ଼ି ଚଢାଇ ମାରିଦେବେ ଧମକ ଦେଇଥିବା ନେଇ ସରପଞ୍ଚ ଦ୍ରୌପଦୀ ସେଠୀ ଥାନାରେ ଅଭିଯୋଗ କରିଥିଲେ । ତାଳଚୁଆ ସାମୁଦ୍ରିକ ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିଲା । ୧୬ ତାରିଖ ରାତିରେ ହଠାତ କେନ୍ଦ୍ରାପଡ଼ା ସ୍ପେଶାଲ ସ୍କ୍ୱାର୍ଡ ଡାଙ୍ଗମାଳରୁ ସରପଞ୍ଚଙ୍କ ସ୍ୱାମୀଙ୍କୁ ଉଠାଇନେଇ ତାଳଚୁଆ ସାମୁଦ୍ରିକ ଥାନା ପରିବର୍ତ୍ତେ କେନ୍ଦ୍ରପଡା ନେଇଯିବା ଘଟଣା ସମଗ୍ର ରାଜନଗରରେ ଆଲୋଡନ ସୃଷ୍ଟି କରିଛି ।

## ଯୋଗ ଶିକ୍ଷକ ପ୍ରଶିକ୍ଷଣ ଶିବିର

**ଯାଜପୁର,୧୮ ।୧୦(ସମିସ):** ଯାଜପୁର ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ପରିସରରେ ପତଞ୍ଜଳି ଯୋଗ ସମିତି ଓ ଭାରତ ସ୍ୱାଭିମାନ ସହ ଯୋଗ ଶିକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ସେପ୍ଟେମ୍ବର ୨୭ରୁ ଆରମ୍ଭ ହୋଇଥିବା ଏହି ୧୦୦ ଘଣ୍ଟାର ବିଶେଷ ପ୍ରଶିକ୍ଷଣ ଶିବିର ଆସନ୍ତା ୨୧ ତାରିଖରେ ସମାପ୍ତ ହେବ । ଏହି ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥି ଭାବେ ପତଞ୍ଜଳି ଯୋଗ ପୀଠର ଓଡ଼ିଶା ମୁଖ୍ୟ ସୁଧାଂଶୁ ଅଧିକାରୀ ଓ ରାଜ୍ୟ କାର୍ଯ୍ୟକାରୀ ପ୍ରଭାରୀ ସୂର୍ଯ୍ୟକାନ୍ତ ମହାନ୍ତି ମୁଖ୍ୟ ପ୍ରଶିକ୍ଷକ ଯୋଗ ଦେଇ ଶିବିରାର୍ଥୀମାନଙ୍କୁ ଯୋଗ ଶିକ୍ଷା ପ୍ରଦାନ କରିଥିଲେ ।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ତରୁଲତା ପାତ୍ର
ଶ୍ରୀପଦଗଞ୍ଜ, ବାରିପଦା
ଆବିର୍ଭାବ : ୦୬.୦୭.୧୯୩୮, ତିରୋଧାନ : ୦୯.୧୦.୨୦୨୫
ଏକାଦଶାହ ଅବସରରେ ଆପଣଙ୍କ ପବିତ୍ର ତଥା ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା
ଶ୍ରଦ୍ଧାଞ୍ଜଳି ସହ: ସମସ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ

## ଜିଲ୍ଲାସ୍ତରୀୟ ସାଇବର ସିକ୍ୟୁରିଟି ଅଭିଯାନର ଶୁଭାରମ୍ଭ

# ଠକେଇରୁ ରକ୍ଷା ପାଇବାକୁ ସଚେତନତା ହିଁ ଏକମାତ୍ର ଉପାୟ

ଜଗତସିଂହପୁର, ୧୮।୧୦(ସମିସ)



ଆଜି ପୂର୍ବାହ୍ନରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାଇବର ସିକ୍ୟୁରିଟି ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏ ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସଦ୍‌ଭାବନା ସଭାଗୃହରେ ସାଇବର ସିକ୍ୟୁରିଟି ଅଭିଯାନର ସିଧା ପ୍ରସାରଣ କରାଯାଇଥିଲା। ଜିଲ୍ଲାପାଳ ଜେ ସୋନାଲ, ଆରକ୍ଷୀ ଅଧୀକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସତ୍ୟବ୍ରତ ଦାଶ, ଏସଡିପିଓ ଅଜିଙ୍କ୍ୟା ମାଣେଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଅଧ୍ୟକ୍ଷ, ସିଭିଲ ସୋସାଇଟି, ବ୍ୟାଙ୍କ ଅଧିକାରୀ, ଶିକ୍ଷାନୁଷ୍ଠାନ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ସହ ସାଇବର ସଚେତନତା ଶପଥ ପାଠ କରିଥିଲେ। ସାଇବର ଠକାମୀର ଶିକାର ହେଲେ ସର୍ବପ୍ରଥମେ ହେଲ୍ପଲାଇନ ନମ୍ବର ୧୯୩୦କୁ କଲ ଓ ସାଇବର ପୋର୍ଟାଲରେ ରେଜିଷ୍ଟ୍ରେସନ୍ କରିବାକୁ ମୁଖ୍ୟମନ୍ତ୍ରୀ ଉପଦେଶ ଦେଇଥିଲେ। ସାଇବର ସଚେତନତା ସମ୍ବନ୍ଧୀୟ ବିଭିନ୍ନ ଭିଡିଓ ପ୍ରଦର୍ଶିତ ହୋଇଥିଲା। ଆଜିଠାରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଏକମାସ ପର୍ଯ୍ୟନ୍ତ ଚାଲିବ। ବର୍ତ୍ତମାନ ସମୟରେ ସାଇବର ଅପରାଧ ମାମଲା ଦିନକୁ ଦିନ ବୃଦ୍ଧି ପାଉଛି। ଜାଣତ ବା ଅଜାଣତରେ ହେଉ ଲୋକମାନେ ଏହି ଠକାମୀର ଶିକାର ହୋଇ ନିଜର ଧନ, ମାନ ହରାଇ ବସୁଛନ୍ତି। ଏଥିରୁ ରକ୍ଷା ପାଇବା ପାଇଁ ସଚେତନତା ହିଁ ଏକମାତ୍ର ଉପାୟ। ଏହି ଅଭିଯାନରେ ଥିମ୍ ରହିଛି ଷ୍ଟପ୍, ଭେରିଫାଏ, ବି ସିକ୍ୟୋର ରୁହ, ଯାଞ୍ଚ୍ କର, ସୁରକ୍ଷିତ ରୁହ। ଅଭିଯାନରେ ମାସ୍କଟ 'ସାଇରା' ସଚେତନତା ବାର୍ତ୍ତା ଦେବା ସହ ସମସ୍ତଙ୍କୁ ସାଇବର ଠକେଇ ସମ୍ପର୍କରେ ଅବଗତ କରାଇବ। ଅନଲାଇନ୍ ଓ ଅଫଲାଇନ୍ ଉଭୟ ଭାବେ ସଚେତନତା କାର୍ଯ୍ୟକ୍ରମ ଚାଲିବ। ସଚେତନତା ରଥ ଜିଲ୍ଲାର ସମସ୍ତ ବ୍ଲକ୍ ଓ ମ୍ୟୁନିସପାଲିଟି ବୁଲି ଲୋକଙ୍କୁ ସାଇବର ଅପରାଧ ବିଷୟରେ ସଚେତନ କରାଇବ। ସୋସିଆଲ ମିଡିଆରେ ଘୁରୁଥିବା କୌଣସି ମେସେଜକୁ ଫରୱାର୍ଡ କରିବା ପୂର୍ବରୁ ଭେରିଫାଏ କରିବା, ନିଜର ଓଟିପି ସେୟାର ନ କରିବା, ବ୍ୟକ୍ତିଗତ ତଥ୍ୟ ବା ଫଟୋ ଅନ୍ୟକୁ ସେୟାର ନ କରିବା, ଅଜଣା ଭିଡ଼ିଓ କଲ୍‌ରେ କଥା ହେବା ସମୟରେ ସତର୍କତା ଅବଲମ୍ବନ କରିବା ଆଦି ବିଷୟରେ ପରାମର୍ଶ ଦିଆଯାଇଥିଲା। ଏହି ଅଭିଯାନ ସମସ୍ତ ଜନସାଧାରଣଙ୍କୁ ସାଇବର ଅପରାଧ ବିଷୟରେ ସଚେତନ କରାଇବା ସହ ଏହା କବଳରୁ ରକ୍ଷା ପାଇବା ପାଇଁ ଉପାୟ ଦେଖାଇବ।

## ଆଇନଜୀବୀଙ୍କୁ ମରଣାନ୍ତକ ଆକ୍ରମଣ ମାମଲା

# ଅଭିଯୁକ୍ତକୁ ୩ ବର୍ଷ ଜେଲ୍ ଦଣ୍ଡାଦେଶ

ଜଗତସିଂହପୁର,୧୮।୧୦(ସମିସ): ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ଥାନା ଅଞ୍ଚଳରେ ଗତ ମାର୍ଚ୍ଚ ମାସରେ ଘଟିଥିବା ମରଣାନ୍ତକ ଆକ୍ରମଣ ମାମଲାର ବିଚାର କରି ଜଗତସିଂହପୁରର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଅଭିଯୁକ୍ତକୁ ୩ ବର୍ଷ ସଶ୍ରମ କାରାଦଣ୍ଡାଦେଶ କରିଛନ୍ତି। ଏହି ମାମଲା ପରିଚାଳନା କରୁଥିବା ସରକାରୀ ଓକିଲ ଭଜହରି କରଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ମାର୍ଚ୍ଚ ୩୧ ତାରିଖ ସକାଳେ ରଘୁନାଥପୁର ଥାନା ଅନ୍ତର୍ଗତ କଳିଙ୍ଗା ଗ୍ରାମର ଆଇନଜୀବୀ ପ୍ରଫୁଲ୍ଲ କୁମାର ରାଉତ ଘରୁ ବାହାରୁଥିବାବେଳେ ସେହି ଗ୍ରାମର ପ୍ରଭାତ କୁମାର ରାଉତ ଓରଫ ସନିଆ ତାଙ୍କୁ ଅଟକାଇ ୫୦ ହଜାର ଟଙ୍କା ଦାଦାବଟି ମାଗିଥିଲା। ଏଥିରେ ଅରାଜି ହେବାରୁ ପ୍ରଭାବ ନିକଟରେ ପଡ଼ିଥିବା ଏକ ତଡ଼ାରେ ପ୍ରଫୁଲ୍ଲଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ପାଟି ଶୁଣି ପ୍ରଫୁଲ୍ଲଙ୍କ ପୁଅ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରିବା ସମୟରେ ତାଙ୍କୁ ମଧ୍ୟ ପ୍ରଭାତ ଭୁଜାଲିରେ ଆକ୍ରମଣ କରି ଲହୁଲୁହାଣ କରିଥିଲା। ଗୁରୁତର ଅବସ୍ଥାରେ ପ୍ରଫୁଲ୍ଲଙ୍କୁ ସମ୍ପର୍କୀୟ ଓ ଗ୍ରାମବାସୀ ଆମ୍ବୁଲାନ୍ସ ଯୋଗେ ମେଡିକାଲ ନେଇଥିଲେ। ଘଟଣା ସମ୍ପର୍କରେ ପ୍ରଫୁଲ୍ଲ ରଘୁନାଥପୁର ଥାନାରେ ଏତଲା ଦେବା ପରେ ପୁଲିସ ପ୍ରଭାତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଆଜି ଏହି ମାମଲାର ବିଚାର କରି ଜଗତସିଂହପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ହରପ୍ରସାଦ ପଟ୍ଟନାୟକ ଅଭିଯୁକ୍ତ ସନିଆ ଓରଫ ପ୍ରଭାତ ରାଉତକୁ ୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

# ୨୦ ତାରିଖ ଶୁଣାଣି ଶିବିର ବାତିଲ

ଜଗତସିଂହପୁର,୧୮।୧୦(ସମିସ): ରାଜ୍ୟ ସରକାର ୨୦ ତାରିଖକୁ ଦୀପାବଳି ଛୁଟି ଘୋଷଣା କରିଥିବାରୁ ଉକ୍ତ ଦିନ ହେବାକୁ ଥିବା ମିଳିତ ଜନଅଭିଯୋଗ ଶୁଣାଣି ଶିବିରକୁ ବାତିଲ କରାଯାଇଥିବା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି। ଏହା ଜିଲ୍ଲା ପ୍ରଶାସନ ପକ୍ଷରୁ ଅବଗତ କରଯାଇଛି।

## ଓର୍‌ମାସ ପକ୍ଷରୁ ଦୀପଷ୍ଟଲ୍ ଉଦ୍‌ଘାଟିତ




ଜଗତସିଂହପୁର,୧୮।୧୦(ସମିସ): ଆଜି ଜଗତସିଂହପୁର ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଓରମାସ ପକ୍ଷରୁ ଦୀପଷ୍ଟଲକୁ ଜିଲ୍ଲାପାଳ ଜେ ସୋନାଲ ଉଦ୍‌ଘାଟନ କରିଛନ୍ତି। ଏହି ଷ୍ଟଲ୍‌ରେ ସ୍ୱୟଂସହାୟକ ଗୋଷ୍ଠୀ ମହିଳାଙ୍କ ହାତ ତିଆରି ବୋହୂ ଦୀପ, କଳସ ଦୀପ, ଷ୍ଟାଣ୍ଡ ଦୀପ, ଝାଡୁ, କାଇଁଚ ତିଆରି ଜିନିଷ, ତାଳପତ୍ର ତିଆରି ଗୃହସଜ୍ଜା ଉପକରଣ ଆଦି ବିକ୍ରୟ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଡେପୁଟି ସିଇଓ ଓରମାସ ଶ୍ରୀମତୀ ମଧୁସ୍ମିତା ସାହୁ, ପୌରନିର୍ବାହୀ ଅଧିକାରୀ ଶ୍ରୀମତୀ ସୀମା ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ପ୍ରତିଚୀ ତନୟା ମହାନ୍ତି, ଓରମାସ ତଥା ପୌର ପରିଷଦର କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

## ବିଶ୍ୱ ସନାତନ ସେବା ସଂଘ ପକ୍ଷରୁ ଚାରାରୋପଣ



ବାଲିକୁଦା,୧୮।୧୦(ସମିସ): ବିଶ୍ୱ ସନାତନ ସେବା ସଂଘ ପକ୍ଷରୁ ପଦ୍ମଶ୍ରୀ ପୂଜ୍ୟ ପୂଜକ ବାବା ବଳିଆଙ୍କ ମାର୍ଗଦର୍ଶନରେ ବାଲିକୁଦା ବ୍ଲକ୍ ଅପଣ୍ଡରା ପଞ୍ଚାୟତ ପୋଦରୁଆଁସ୍ଥ ଅମୃତ ସରୋବର ନିକଟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏ ଅବସରରେ ଅନୁଷ୍ଠାନର ଗୁରୁଭାଇ ପ୍ରମୋଦ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ପ୍ରକୃତି ରହିଲେ ମାନବ ସମାଜ ବଞ୍ଚିରହିବ କାର୍ଯ୍ୟକ୍ରମରେ ରାଧେଶ୍ୟାମ ଦାସ, ପ୍ରଣବାନନ୍ଦ ଦାସ, ପରମାନନ୍ଦ ଦାସ, ସମ୍ପାଦକ ପ୍ରଦୀପ ଦାସମହାପାତ୍ର, ଗୁରୁଭାଇ ଶ୍ରୀକାନ୍ତ ନାୟକ, ରମାକାନ୍ତ ପରିଜା, ଜ୍ୟୋତି ପ୍ରକାଶ, ମୁରଲୀଧର ବିଶ୍ୱାଳ, କୈଳାସ ଚନ୍ଦ୍ର ବିଶ୍ୱାଳ, ପଣ୍ଡିତ ପ୍ରସନ୍ନ ଶତପଥୀ ଯୋଗ ଦେଇ ଆଲୋଚନା କରିଥିଲେ। ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ୬୦ଟି ନଡ଼ିଆ ଗଛ ସହ ୨୦ଟି ବଉଳ ଗଛ ଚାରା ରୋପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ବୀରବର ବିଶ୍ୱାଳ, ବିପିନ ବିଶ୍ୱାଳ, ସଞ୍ଜୟ ମହାନ୍ତି, ବାଇଧର ବିଶ୍ୱାଳ, ବାବୁଲା ବିଶ୍ୱାଳ, ତପନ ବିଶ୍ୱାଳ, ନିରଞ୍ଜନ ନାୟକ, ପବିତ୍ର ନାୟକ, ଲକ୍ଷ୍ମୀଧର ମହାରଣା, ପ୍ରତାପ ମହାନ୍ତି, ଅଜିତ ବିଶ୍ୱାଳ, ପଦୀପ୍ତ କୁମାର ମହାନ୍ତି, ଗାଙ୍ଗୁରାମ ବିଶ୍ୱାଳ, ଦୀପକ ପଣ୍ଡାଙ୍କ ସମେତ ଗ୍ରାମର ଅନେକ ମହିଳା ସହଯୋଗ ପ୍ରଦାନ କରିଥିଲେ।

## ଏଏମ୍‌ଏନ୍‌ଏସ୍ ପକ୍ଷରୁ ଗୋରୁଙ୍କୁ ପୋଷଣଯୁକ୍ତ ଖାଦ୍ୟ ଓ ଔଷଧ ବଣ୍ଟନ



ପାରାଦୀପ/କୁଜଙ୍ଗ,୧୮।୧୦(ସମିସ): ପାରାଦୀପଗଡ଼ ପଞ୍ଚାୟତର ପାରାଦୀପଗଡ଼ ଗ୍ରାମ କୃଷକଙ୍କୁ ଗୋପାଳନ ଓ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ସଶକ୍ତ କରିବା ପାଇଁ ଆର୍ସେଲର ମିତ୍ତଲ ଓ ନିପ୍ପନ ଷ୍ଟିଲ୍ ପକ୍ଷରୁ ପୋଷଣଯୁକ୍ତ ଖାଦ୍ୟ ଓ ଔଷଧ ବଣ୍ଟନ କରାଯାଇଛି। ସରପଞ୍ଚ ଶ୍ରୀମତୀ ସସ୍ମିତା ବେହେରା ପାରାଦୀପଗଡ଼ରେ ଏକ ଦୁଗ୍ଧ ସଂଗ୍ରହ କେନ୍ଦ୍ର ଓ ବଜାରରେ ଏକ ଦୁଗ୍ଧ ଓ ଦୁଗ୍ଧ ଜାତୀୟ ଖାଦ୍ୟ ସାମଗ୍ରୀ ବିକ୍ରୟ ନିମନ୍ତେ ବିକ୍ରୟ କେନ୍ଦ୍ର ଖୋଲିବାକୁ ଦାବି କରିଥିଲେ। ଉକ୍ତ ପ୍ରସ୍ତାବ ଦୁଇଟି ଅତ୍ୟନ୍ତ ଉଚ୍ଚମାନର ଓ ଉପାଦେୟ ହୋଇଥିବାରୁ ତୁରନ୍ତ ଦୁଇଟି ପ୍ରସ୍ତାବକୁ ଆସନ୍ତା ୬ ମାସ ମଧ୍ୟରେ ପୂରଣ କରାଯିବ ବୋଲି କମ୍ପାନୀ ପାରାଦୀପ ସିଏସ୍‌ଆର୍ ମୁଖ୍ୟ ଦେବାଶିଷ ସ୍ୱାଇଁ ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ପ୍ରାଣୀଧନ ନିରୀକ୍ଷକ ମୁକ୍ତିକାନ୍ତ ରାଉତରାୟ, ମୋନାଲିସା ମହାପାତ୍ର, ଉଲ୍ଲାସ ମହରଥା, ଦିଲ୍ଲୀପ ପଣ୍ଡା ପ୍ରମୁଖ ଯୋଗଦେଇ ଦୁଗ୍ଧ ଚାଷୀ ଓ ଗୋପାଳକଙ୍କୁ ପୋଷଣଯୁକ୍ତ ଖାଦ୍ୟ, ଔଷଧ ବଣ୍ଟନ କରିଥିଲେ।

## ସମାଜସେବୀ ଭାସ୍କର ଓଝାଙ୍କୁ ଶ୍ରଦ୍ଧାଞ୍ଜଳି

ଜଗତସିଂହପୁର,୧୮।୧୦(ସମିସ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ୍ ଅନ୍ତର୍ଗତ ତିତିରା ପଞ୍ଚାୟତ ରାମତୋଳ ଗ୍ରାମର ସମାଜସେବୀ ତଥା ଚାରିଥର ୱାର୍ଡ ମେମ୍ବର ଭାବେ ଦାୟିତ୍ୱ ନିର୍ବାହ କରିଥିବା ସ୍ୱର୍ଗତ ଭାସ୍କର ଓଝାଙ୍କ ଏକାଦଶାହରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ଦୁର୍ଯ୍ୟୋଧନ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ସରକାରୀ ମୁଖ୍ୟ ସଚେତକ ତଥା ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ବୀରନାରାୟଣ ପାତ୍ର, ସାମ୍ବାଦିକ ପ୍ରଣବ ସ୍ୱାଇଁ, ସାମ୍ବାଦିକ ଅକ୍ଷୟ କୁମାର ମହାନ୍ତି, ପୁତ୍ରବଧୂ ଲକ୍ଷ୍ମୀପ୍ରିୟା ଓଝା, ସର୍ବେଶ୍ୱର ଓଝା, ମାନସ ଓଝା ଯୋଗଦେଇ ସ୍ୱର୍ଗତ ଭାସ୍କର ଓଝା ଏ ଅଞ୍ଚଳରେ ଜଣେ ସମାଜସେବୀ, ସ୍ନେହୀ ଓ ପରୋପକାରୀ ବ୍ୟକ୍ତି ତଥା ରାଜନୈତିକ ବ୍ୟକ୍ତି ଭାବେ ଜଣାଶୁଣା ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜ୍ୟେଷ୍ଠପୁତ୍ର ନାରାୟଣ ଓଝା, ସାନପୁଅ କରୁଣାକର ଓଝା, ଜ୍ୱାଇଁ ଧର୍ମାନନ୍ଦ ଓଝା, କୈଳାସ ଓଝା, ନାରାୟଣ ମହାରଣା, ପୁତ୍ରବଧୂ ରେବତୀ ଓଝା, ରଞ୍ଜୁଲତା ଓଝା, କନ୍ୟା ପ୍ରଭାତୀ ମହାରଣା, ନୟନ ଓଝା, ଅଞ୍ଜନା ମହାରଣା, ଜୟନ୍ତୀ ଓଝା, ସାବିତ୍ରୀ ମହାରଣା, ନାତି ଅନୀଲ କୁମାର ଓଝା, ଚନ୍ଦନ ଓଝା, କିଶନ ଓଝା, ନାତୁଣୀ ବୋହୂ ଶୁଭସ୍ମିତା ମହାରଣା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୁରେନ୍ଦ୍ର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ଧନିପୁର ମଦ୍ରାସାରୁ ୫ ନାବାଳକ ଉଦ୍ଧାର

ଜଗତସିଂହପୁର,୧୮।୧୦(ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଧନିପୁରଠାରେ ଥିବା ଏକ ମଦ୍ରାସା ମଧ୍ୟରୁ ୫ ଜଣ ନାବାଳକଙ୍କୁ ଚାଇଲ୍ଡଲାଇନ, ଶିଶୁ ସୁରକ୍ଷା ୟୁନିଟ ଓ ପୁଲିସ ସହାୟତାରେ ଉଦ୍ଧାର କରିଛି ଜିଲ୍ଲା ଶିଶୁ ମଙ୍ଗଳ କମିଟି। ଏସ୍‌ପିଙ୍କଠାରୁ ଏ ସମ୍ପର୍କିତ ଚିଠି ପାଇବା ପରେ ଉକ୍ତ ମଦ୍ରାସାରୁ ସମସ୍ତ ୫ ଜଣ ନାବାଳକଙ୍କୁ ଉଦ୍ଧାର କରାଯାଇଥିଲା। ଏମାନେ ସମସ୍ତେ ବିହାର ରାଜ୍ୟ ମାଧେଇପୁର ଜିଲ୍ଲାର ବୋଲି ସୂଚନା ମିଳିଛି। ନାବାଳକଙ୍କ ବୟସ ୧୩ରୁ ୧୫ ମଧ୍ୟରେ ହେବ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁଚରଣ ରାଉତ ସୂଚନା ଦେଇଛନ୍ତି। ସମସ୍ତ ନାବାଳକଙ୍କୁ ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରାଯାଇଥିଲା। ପରେ ସେମାନଙ୍କୁ ଅସ୍ଥାୟୀ ଭାବେ ଜଗତସିଂହପୁର ସହରରେ ଥିବା ଶିଶୁ ଆଶ୍ରମରେ ରଖାଯାଇଛି। କେଉଁ ପରିସ୍ଥିତିରେ ଏହି ନାବାଳକ ବିହାରରୁ ଏଠାକୁ ଆସିଛନ୍ତି ଓ କିଏ କେଉଁ ଉଦ୍ଦେଶ୍ୟରେ ସେମାନଙ୍କୁ ଆଣି ମଦ୍ରାସାରେ ରଖିଥିଲା, ତାହାର ତଦନ୍ତ ଚାଲିଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି।

# ଓର୍‌ମାସ ଦୀପାବଳି ଷ୍ଟଲ୍ ଉଦ୍‌ଘାଟିତ



ପାରାଦୀପ,୧୮।୧୦(ସମିସ): ଆଜି ପାରାଦୀପ ବାଲିଯାତ୍ରା ପଡ଼ିଆରେ ଓର୍‌ମାସ ପକ୍ଷରୁ ଦୀପାବଳୀ ଉତ୍ସବ ଦୀପ ଷ୍ଟଲ୍‌କୁ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଉଦଘାଟନ କରିଛନ୍ତି। ଏହି ଷ୍ଟଲ୍‌ରେ ଉତ୍ପାଦକ ସ୍ୱୟଂସହାୟକ ଗୋଷ୍ଠୀ ମହିଳାଙ୍କ ବିଭିନ୍ନ ହାତ ତିଆରି ଟେରାକୋଟା ଦୀପ ବୋହୂ ଦୀପ, କଳସ ଦୀପ, ଷ୍ଟାଣ୍ଡ ଦୀପ, ଝାଡୁ, କାଇଁଚ ତିଆରି ଜିନିଷ, ତାଳପତ୍ର ତିଆରି ଗୃହସଜ୍ଜା ଉପକରଣ ଆଦି ବିକ୍ରୟ କରାଯାଉଛି। ଜିଲ୍ଲାପାଳ ଜେ ସୋନାଲ ମଧ୍ୟ ଏହି ଦୀପ ଷ୍ଟଲ୍‌କୁ ଯାଇ ଦୀପ କିଣିବା ସହ ଉତ୍ପାଦକଙ୍କ ଆର୍ଥିକ ଉନ୍ନତିରେ ସହାୟକ ହେବାକୁ ଜିଲ୍ଲାବାସୀଙ୍କୁ ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଓରମାସର ଡେପୁଟି ସିଇଓ ଶ୍ରୀମତୀ ମଧୁସ୍ମିତା ସାହୁ, ପୌରନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଓରମାସ ତଥା ପୌର ପରିଷଦର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ବୋରିଖି ସଂକୁଳରେ ପ୍ରଧାନଶିକ୍ଷକ ସମାବେଶ



କୁଜଙ୍ଗ,୧୮।୧୦(ସମିସ): କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ବୋରିଖି ସଙ୍କୁଳର ସମସ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଏକ ସମାବେଶ ପାଟପୁର ପଞ୍ଚାୟତ ସାହାଡା ପ୍ରଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ସାହାଡ଼ା ପ୍ରଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଧ୍ରୁବଚନ୍ଦ୍ର ହାଁସଦାଙ୍କ ପୌରୋହିତ୍ୟରେ ଆୟୋଜିତ ସମାବେଶରେ ସଙ୍କୁଳ ସଂଯୋଜକ ଲୋକନାଥ ବେହେରା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଏ ଅବସରରେ ଶ୍ରୀ ବେହେରା ଦୈନିକ ପାଠ୍ୟ ଯୋଜନା ଲେସନ୍ ପ୍ଲାନ୍, ଶିଶୁ ବାଟିକା ଓ ଏଫ୍‌ଏଲ୍‌ଏନ ଗ୍ରେଡ ନେଇ ବିଶଦ ଆଲୋଚନା କରିବା ସହ ବିଦ୍ୟାଳୟର ସ୍ୱଚ୍ଛତା, ସବୁଜ ପରିବେଶ ଓ ଶିକ୍ଷକମାନେ ପିଲାଙ୍କ ସମ୍ମୁଖରେ ଆଦର୍ଶ ହେବାକୁ ଆହ୍ୱାନ ଜଣାଇ ମାସିକ ସମୀକ୍ଷା ଓ ଆଗାମୀ ମାସର ଯୋଜନା କରିଥଲେ। ବିଶ୍ୱଜିତ ସ୍ୱାଇଁଙ୍କ ସହ କ୍ଷୀରୋଦ ଦାସ, ରଞ୍ଜନାବାଳା ପରିଡ଼ା, ରଞ୍ଜିତା ବେହେରା, ଶଙ୍କର୍ଷଣ କାଣ୍ଡି , ଲିପ୍‌ସା ମହାପାତ୍ର, ସସ୍ମିତା ନାୟକ, ସୌଦାମିନୀ ଓଝା, ଭାନୁପ୍ରକାଶ ନନ୍ଦୀ, ସସ୍ମିତା ବସନ୍ତିଆ, ଧରିତ୍ରୀ ସ୍ୱାଇଁ ପ୍ରମୁଖ ଆଲୋଚନା ଅଂଶଗ୍ରହଣ କରିଥିଲେ।

## ସ୍ମିତା ପ୍ରଧାନ ବିଜେପି ଜିଲ୍ଲା ସଂଗଠନ ସମ୍ପାଦକ



ରଘୁନାଥପୁର,୧୮।୧୦(ସମିସ): ନାରୀନେତ୍ରୀ ସ୍ମିତା ପ୍ରଧାନ ବିଜେପିର ଜଗତସିଂହପୁର ଜିଲ୍ଲା ସଂଗଠନ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ରାଜ୍ୟ ସାଧାରଣ ସମ୍ପାଦକ ମାନସ ମହାନ୍ତି ତାଙ୍କୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ନାରୀନେତ୍ରୀ ଶ୍ରୀମତୀ ପ୍ରଧାନ ଦୀର୍ଘଦିନ ଧରି ରଘୁନାଥପୁର, ତିର୍ତ୍ତୋଲ, ବିରିଡ଼ି ଓ ଜିଲ୍ଲାର ବିଭିନ୍ନ ବ୍ଲକର ସାଂଗଠନିକ କାର୍ଯ୍ୟକ୍ରମ ଓ ସାଧାରଣ ଲୋକଙ୍କ ସେବାରେ ନିୟୋଜିତ ଅଛନ୍ତି। ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଥିବାରୁ ସେ ବିଜେପି ରାଜ୍ୟ ସଭାପତି, ମୁଖ୍ୟମନ୍ତ୍ରୀ ଓ ଅନ୍ୟ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଆଗାମୀ ଦିନରେ ସେ ଜିଲ୍ଲାରେ ନାରୀନେତ୍ରୀ ଭାବେ ବିଜେପି ସଂଗଠନକୁ ଆଗେଇ ନେବେ ବୋଲି ଆଶାପୋଷଣ କରିଛନ୍ତି।

## ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟିଲା କଂଗ୍ରେସ ପ୍ରତିନିଧି ଦଳ

# ବିଭିନ୍ନ ପ୍ରସଙ୍ଗରେ କଲେ ଆଲୋଚନା

ଜଗତସିଂହପୁର,୧୮।୧୦(ସମିସ



ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ତଥା ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର ଓ ଜିଲ୍ଲା ସଭାପତି ଦେବପ୍ରସାଦ ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ବିଶେଷକରି ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆ ପଞ୍ଚାୟତର ଜେଏସଡବ୍ଲୁ ପ୍ରକଳ୍ପ ପାଇଁ ଜମି ହରାଇଥିବା ଲୋକଙ୍କ ମୌଳିକ ସମସ୍ୟା ଓ ଶିଆଳି ବେଳାଭୂମିକୁ ସଂଲଗ୍ନ କରୁଥିବା ଗ୍ରାମରେ କୂଳ ଲଘିଂ ସମୁଦ୍ର ପାଣି ପଶିବା ସମସ୍ୟା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।

ସେହିପରି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଟ୍ରାନ୍ସଫର୍ମର ଓ ତାର ଚୋରି, କଟକ - ପାରାଦୀପ ରାଜ୍ୟ ରାଜପଥରେ ଲୁହା ପଥର ଟ୍ରକ୍‌ର ଅବୈଧ ଯାତାୟତ, ପାରାଦୀପରେ ଟ୍ରକ୍ ଟର୍ମିନାଲ ନିର୍ମାଣ, ଜିଲ୍ଲା ଶ୍ରମ ବିଭାଗ ଓ ବିଭିନ୍ନ ଇଞ୍ଜିନିୟରିଂ ବିଭାଗରେ ସଂଖ୍ୟାଧିକ କର୍ମଚାରୀ ଦୀର୍ଘ ବର୍ଷ ଧରି ଗୋଟିଏ ସ୍ଥାନରେ ରହିବା, ଜିଲ୍ଲାର ବିଭିନ୍ନ ସ୍ଥାନରେ ଡ୍ରଗ୍ସ କାରାବାର ବୃଦ୍ଧି, ତିର୍ତ୍ତୋଲସ୍ଥ ସୂତାକଳର ପୁନରୁଦ୍ଧାର, ରାତ୍ର ପାଟ୍ରୋଲିଂକୁ କଡ଼ାକଡ଼ି କରିବା, ପାନୀୟଜଳ ଯୋଗାଣ ସମସ୍ୟା ଓ ପାନୀୟଜଳ ଯୋଗାଇ ଦେବା ପାଇଁ ଏଲ୍ ଆଣ୍ଡ ଟି ଦ୍ୱାରା ଚାଲିଥିବା ମେଗା ପ୍ରକଳ୍ପ କାର୍ଯ୍ୟରେ ମନ୍ଥରତା, ଜିଲ୍ଲା ପରିବହନ କାର୍ଯ୍ୟାଳୟକୁ ସଂଲଗ୍ନ କରୁଥିବା ରାସ୍ତା ମରାମତି ଆଦି ବିଷୟ ଓ ସମସ୍ୟା ଉପରେ ଉଭୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ କଂଗ୍ରେସର ଏହି ପ୍ରତିନିଧି ଦଳ। ଉକ୍ତ ସମସ୍ୟା ଉପରେ ଜିଲ୍ଲା ପ୍ରଶାସନ ବିଶେଷ ଦୃଷ୍ଟି ଦେବ ବୋଲି ଉଭୟ ଅଧିକାରୀ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେଇଥିବା ସୂଚନା ଦେଇଥିବା ଜିଲ୍ଲା କଂଗ୍ରେସ ସଭାପତି ଦେବପ୍ରସାଦ ନାୟକ। ଅନ୍ୟମାନଙ୍କ ମଧ୍ୟରେ ତିର୍ତ୍ତୋଲ କଂଗ୍ରେସ ନେତା ଇଂ ହିମାଂଶୁ ଭୂଷଣ ମଲ୍ଲିକ, ପୂର୍ବତନ ପିସିସି ସମ୍ପାଦକ ଅଜୟ କୁମାର ସାହୁ, ମହନି ଚରଣ ରାଉତ, ଧନଞ୍ଜୟ ସୂତାର, ଆର୍ତ୍ତତ୍ରାଣ ପଣ୍ଡା, ଅଶ୍ୱିନୀ ସ୍ୱାଇଁ, ନିହାର ରଞ୍ଜନ ଦାସ, ସାଇ ପ୍ରଭଞ୍ଜନ ମହାପାତ୍ର ଓ ପ୍ରତ୍ୟୁଷ ନାୟକ ପ୍ରମୁଖ ଏହି ପ୍ରତିନିଧି ଦଳରେ ସାମିଲ ଥିଲେ।

# ଖଣି ଅଞ୍ଚଳରେ ୬୧୬୭ ଖାଉଟି ଇ-କେୱାଇସିରୁ ବଞ୍ଚିତ

ଯୋଡ଼ା, ୧୮।୧୦(ସମିସ): ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ଘୋଷଣା ପରେ କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକାରେ ଥିବା ପଡ଼ି କାର୍ଡ ହିତାଧିକାରୀଙ୍କ ଚିନ୍ତା ବଢ଼ିଯାଇଛି। କିଛି ଦିନ ପୂର୍ବରୁ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ମନ୍ତ୍ରୀ ଖାଉଟିଙ୍କ ଇ-କେୱାଇସି ନ ଥିଲେ କିମ୍ବା ନ ହେଲେ ନେଇ ଚାଉଳ ପାଇବାରୁ ବଞ୍ଚିତ ରହିବା ଘୋଷଣା ପରେ ଗରିବ ପରିବାରଙ୍କ ଚିନ୍ତା ବୃଦ୍ଧି ପାଇଛି। ଯୋଡ଼ା ପରି ଖଣି ଜଙ୍ଗଲ ଅଞ୍ଚଳରେ ଅତି ନିମ୍ନ ଆର୍ଥିକ ଶ୍ରେଣୀର ପରିବାର ମଧ୍ୟ ବସବାସ କରୁଛନ୍ତି। ରାତି ପାହିଲେ ଅନ୍ୟ ଘରେ କାମ କଲେ ନିଜ ଘର ଚଳିବା ଏମାନଙ୍କର ଦୈନନ୍ଦିନ ଜୀବନ ସାରଣୀ। କିଛି ଆଦିବାସୀ ଜଙ୍ଗଲରୁ ପତ୍ର କାଠି ଆଣି ବିକ୍ରି କରିବା ସହ ଅନେକ ବୃଦ୍ଧବୃଦ୍ଧା ଘର ଜଗିବା କାର୍ଯ୍ୟ କରନ୍ତି। ସମୟ ଅଭାବ ସତ୍ତ୍ୱେ ଅନେକ ବାର ଇ-କେୱାଇସି ପାଇଁ ଦୌଡ଼ି ଦୌଡ଼ି ଖାଲି ହାତରେ ଫେରିଥିବା ଗଣମାଧ୍ୟମକୁ ଜଣାଇଛନ୍ତି। କେତେ ବେଳେ ମାତ୍ରାଧିକ ଭିଡ଼ ତ ପୁଣି କେତବେଳେ ଇଣ୍ଟରନେଟ ନ ଥିବା ନେଇ ହଇରାଣ ହୋଇଛନ୍ତି। କେହି କେହି ଏମିତି ଅଛନ୍ତି ଯିଏ ବିନା ସାହାଯ୍ୟରେ ଇ-କେୱାଇସି କେନ୍ଦ୍ରକୁ ଯାଇ ପାରିବେ ନାହିଁ। ରୋଗୀ ଓ ଶିଶୁ ମଧ୍ୟ ଇ-କେୱାଇସିରୁ ବଞ୍ଚିତ ରହିଛନ୍ତି। ଏପରି ସ୍ଥଳେ ଆଗକୁ ପଡ଼ି କାର୍ଡ ଦ୍ୱାରା ଚାଉଳ ପାଇବାରୁ ବଞ୍ଚିତ ରହିଲେ ନିଜର ଭରଣପୋଷଣ କେମିତି ହୋଇପାରିବ ବୋଲି ଚିନ୍ତା ପ୍ରକଟ କରିବା ସହ ଆଗକୁ ସରକାର ଆଉ କିଛି ସମୟ ଦେବା ସହିତ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ବୃଦ୍ଧବୃଦ୍ଧା, ଶାରୀରିକ ଅକ୍ଷମ ମହିଳା ପୁରୁଷଙ୍କୁ ଇ-କେୱାଇସି ନିମନ୍ତେ ସ୍ୱତନ୍ତ୍ର ସୁବିଧା ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି।

ଯୋଗାଣ ଅଧିକାରୀଙ୍କ ନିକଟରୁ ମିଳିଥିବା ସୂଚନା ଅନୁଯାୟୀ, ଯୋଡ଼ା ପୌରପାଳିକାରେ ୧୧୦୮ ଜଣ ଇ-କେୱାଇସିରୁ ବଞ୍ଚିତ ଥିବା ବେଳେ ବଡ଼ବିଲ ପୌରପାଳିକାରେ ୧୪୦୯, ଯୋଡ଼ା ବ୍ଲକରେ ୩୬୫୦, ମୋଟ ୬୧୬୭ ଖାଉଟି ଇ-କେୱାଇସିରୁ ବଞ୍ଚିତ ରହିଛନ୍ତି। ସେହିପରି ସ୍ଥାନୀୟ ରିଟେଲରମାନଙ୍କ ଚିନ୍ତା ମଧ୍ୟ ବଢ଼ିଛି। ଚାଉଳ ପାଇବାରୁ ବଞ୍ଚିତ ରହିବା ଖାଉଟି ଦୋକାନକୁ ଆସି ଚାଉଳ ନ ପାଇ ଫେରିଲେ ଗାଳି ମନ୍ଦ କରିବା ସହ ଅପ୍ରୀତିକର ପରିସ୍ଥିତି ଉପୁଜିବା ନେଇ ସଂଶୟ ଦେଖାଦେଇଛି। ରାସନ୍ କାର୍ଡ କେବଳ ୫କିଲୋ ଚାଉଳର ପ୍ରଶ୍ନ ନୁହେଁ ଜଣେ ପଡି କାର୍ଡଧାରୀ ପାଇଁ ଜୀବନ ଜୀବିକା ସହ ତାର ଶିକ୍ଷା ସ୍ୱାସ୍ଥ୍ୟ ଆବାସ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ବୋଲି ସରକାରଙ୍କୁ ହୃଦୟଙ୍ଗମ କରିବାକୁ ହେବ ବୋଲି ଖାଉଟି ଦାବି କରିଛନ୍ତି।

## କେନ୍ଦୁଝରରେ କାରଖାନା ବିରୋଧୀଙ୍କ ରଣହୁଙ୍କାର

# ଏସାର୍‌କୁ ବିରୋଧ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ






କେନ୍ଦୁଝର, ୧୮।୧୦(ସମିସ): ଏସାର ମିନମେଣ୍ଟ ଲିମିଟେଡ କାରଖାନାକୁ ବିରୋଧ କରି ବିରୋଧୀ ମଞ୍ଚ ତରଫରୁ ରଣହୁଙ୍କାର ଦିଆଯାଇଛି। ଦାବିପୂରଣ ନହେଲେ ଆଗାମୀଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ପ୍ରଶାସନକୁ ଚେତାଇ ଦେଇଛନ୍ତି।

କେନ୍ଦୁଝର ଜିଲ୍ଲାର ସଦର ବ୍ଲକ ଅନ୍ତର୍ଗତ ଟିକରପଡା ଏବଂ କାଦଗଡ ମୌଜାରେ ହେବାକୁ ଥିବା ଏସାର ମିନମେଣ୍ଟ କମ୍ପାନୀର ବେନିଫିକେସନ ପ୍ରକଳ୍ପକୁ ବିରୋଧ କରି ଏସାର ମିନମେଣ୍ଟ ବିରୋଧୀ ମଞ୍ଚ ପକ୍ଷରୁ ଶନିବାର ବ୍ୟାପକ ଜନଆନ୍ଦୋଳନ ହେବା ସହ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରାଯାଇଛି। ୨ ହଜାରରୁ ଅଧିକ ପୁରୁଷ ଓ ମହିଳା କେନ୍ଦୁଝର ମୋଚିଗାଁ ଛକ ନିକଟରୁ ବିଭିନ୍ନ ପ୍ଲାକାର୍ଡ ଧରି ରାଲିରେ ସହର ପରିକ୍ରମା କରିବା ପରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ଏକ ପଥପ୍ରାନ୍ତ ସଭାରେ ସାମିଲ ନେତୃବୃନ୍ଦ ପ୍ରଶାସନ ବିରୋଧରେ ଗର୍ଜିଥିଲେ। କାରଖାନା ପାଇଁ ଅନ୍ୟ ଅଞ୍ଚଳରେ ଅନେକ ଜାଗା ରହିଥିବାବେଳେ କେନ୍ଦୁଝର ଜିଲ୍ଲାର ପନିପରିବା ଚାଷ ପାଇଁ ପ୍ରସିଦ୍ଧି ଲାଭ କରିଥିବା ଟିକରପଡା, କାଦଗଡ ଏବଂ ଆଖପାଖ ଅଞ୍ଚଳର ୫ଟି ପଞ୍ଚାୟତର ଚାଷଜମିରେ କାରଖାନା ସ୍ଥାପନ ପାଇଁ ପ୍ରଶାସନର ବ୍ୟଗ୍ରତା ଚାଷୀ ଏବଂ ସ୍ଥାନୀୟ ଅଧିବାସୀମାନଙ୍କ ପାଇଁ ପେଟକୁ ଲାତ ମାରିବା ଭଳି ହେଉଛି ବୋଲି ବକ୍ତାମାନେ ପ୍ରକାଶ କରିଥିଲେ।

ବିରୋଧୀ ମଞ୍ଚର ଅଭିଯୋଗ ଅନୁସାରେ, ସରକାର ବାଧ କରି ପ୍ରଶାସନକୁ ଲଗାଇ ଜନଶୁଣାଣି ଅଧିକାରର ଉଲ୍ଲଙ୍ଘନ କରିଛନ୍ତି ବୋଲି ପ୍ରକାଶ କରିଥିଲେ। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଚଳିତବର୍ଷ ଜାନୁୟାରୀ ୧୮ ତାରିଖ ଅନୁଷ୍ଠିତ ହୋଇଥିବା ଜନଶୁଣାଣି ପରିବେଶଗତ ପ୍ରଭାବ ମୂଲ୍ୟାଙ୍କନ ଉପରେ ଜନମତ ସଂଗ୍ରହ କରିବା ପାଇଁ ଉଦ୍ଦିଷ୍ଟ ଥିଲା; କିନ୍ତୁ ସରକାର ବଳପ୍ରୟୋଗ କରି ସଭା ସ୍ଥଳକୁ ସ୍ଥାନୀୟ ଅଧିବାସୀମାନଙ୍କୁ ପ୍ରବେଶ କରିବାକୁ ମଧ୍ୟ ଦେଇ ନଥିଲେ। କାରଖାନା ହେବାକୁ ଥିବା ସ୍ଥାନରେ ପ୍ରଦୂଷଣ ପ୍ରଭାବର ଅପର୍ଯ୍ୟାପ୍ତ ମୂଲ୍ୟାଙ୍କନ ହେବାକୁ ଥିବା ଆନ୍ଦୋଳନକାରୀମାନେ ଦାବି କରିଥିବାବେଳେ ଦୈନିକ ୪୦ ହଜାର ମେଟ୍ରିକ୍ ଟନ୍ ଲୁହାପଥରକୁ ପେସିବା ଏବଂ ଗ୍ରାଇଣ୍ଡିଂ କରିବା ଦ୍ୱାରା ୧୦ କିଲୋମିଟର ବ୍ୟାସାର୍ଦ୍ଧରେ ବ୍ୟାପକ ପ୍ରଦୂଷଣ ସମସ୍ୟା ସୃଷ୍ଟି ହେବ ବୋଲି ସେମାନେ ଅଭିଯୋଗ କରିଥିଲେ। ଏଠାରେ କାରଖାନା ହେବା ଦ୍ୱାରା କୃଷି ଓ ଖାଦ୍ୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବ ବୋଲି ବିରୋଧି ମଞ୍ଚ ଅଭିଯୋଗ କରିଥିବାବେଳେ ସେ ଅଞ୍ଚଳର ୩ ହଜାର ଏକର ଜମି ବାୟୁ ଓ ଜଳ ପ୍ରଦୂଷଣ କାରଣରୁ ଗୁରୁତର ଭାବେ ପ୍ରଭାବିତ ହେବ ବୋଲି ସେମାନେ ଅଭିଯୋଗ କରିଥିଲେ। ଏଥିସହ କାରଖାନା ଏବଂ ଆଖପାଖ ଅଞ୍ଚଳରେ ଜଳ ସଂପଦର ଅବକ୍ଷୟ ଏବଂ ଜଳ ପ୍ରଦୂଷଣ, ସ୍ଥାନୀୟ ଜଳସେଚନ ଭିତ୍ତିଭୂମି ଉପରେ କୁପ୍ରଭାବ, ଦୁର୍ବଳ ସଂପ୍ରଦାୟର ବିସ୍ଥାପନ ଏବଂ ଜୀବିକା କ୍ଷତି ହେବ ବୋଲି ସେମାନେ ଅଭିଯୋଗ କରିଥିଲେ। କେବଳ ସେତିକି ନୁହେଁ; କାରଖାନା ହେବା ଫଳରେ ଶବ୍ଦ ପ୍ରଦୂଷଣ, ଜନସ୍ୱାସ୍ଥ୍ୟ ଓ ଶିକ୍ଷାକୁ ବିପଦଗାମୀ କରିବା ସହିତ ଅଧିବାସୀମାନଙ୍କର ସମ୍ବିଧାନିକ ଅଧିକାରର ଉଲ୍ଲଙ୍ଘନ କରାଯାଉଛି ବୋଲି ସେମାନେ ଅଭିଯୋଗ କରିଥିଲେ। ପ୍ରଶାସନ ଜନକଲ୍ୟାଣ ଅପେକ୍ଷା କର୍ପୋରେଟ ଲାଭକୁ ଅଧିକ ପ୍ରାଥମିକତା ଦେଉଥିବା ଅଭିଯୋଗ କରି ପରିବେଶୀୟ ମଂଜୁରୀ ରିପୋର୍ଟକୁ ଆନ୍ଦୋଳନକାରୀ ପ୍ରତ୍ୟାଖ୍ୟାନ କରୁଥିବା କହିଥିଲେ। ୫ଗୋଟି ପଞ୍ଚାୟତର ଜନସାଧାରଣଙ୍କର ସ୍ୱାର୍ଥ ରକ୍ଷା ନିମନ୍ତେ ସରକାର ତୁରନ୍ତ ହସ୍ତକ୍ଷେପ କରନ୍ତୁ ବୋଲି ଦାବି କରିଥିଲେ।

ସବୁ ପ୍ରଚଳିତ ଶିଳ୍ପ ପ୍ରକଳ୍ପ ଗ୍ରାମସଭାର ବୈଧ ସମ୍ମତି ବିନା ଚାଲିଛି ତେଣୁ ସେଗୁଡିକୁ ପଞ୍ଚମ ଅନୁସୂଚୀ ଅଞ୍ଚଳରେ ତୁରନ୍ତ ବନ୍ଦ କରିବାକୁ ଦାବି ଉପସ୍ଥାପନ କରିଥିଲେ। ଏଥିସହିତ ଅବୈଧ ଜମି ଅଧିଗ୍ରହଣ ଓ ପରିବେଶୀୟ ଉଲ୍ଲଙ୍ଘନ ସଂପର୍କରେ ରାଜ୍ୟସ୍ତରୀୟ ସ୍ୱାଧୀନ କମିଟି ଦ୍ୱାରା ତଦନ୍ତ କରାଯିବାକୁ ଦାବି କରିଥିଲେ। ପ୍ରଭାବିତ ଜମି ଓ ବନ ଅଞ୍ଚଳଗୁଡିକୁ ଆଦିବାସୀ ସମୁଦାୟଙ୍କୁ ପୁନର୍ବାସିତା କରାଯିବା, ପିଇଏସ୍‌ଏ ଆଇନ ୧୯୯୬ ଏବଂ ଜଙ୍ଗଲ ଅଧିକାର ଆଇନ ୨୦୦୬ର କଠୋର ରୂପେ ପ୍ରୟୋଗ ସୁନିଶ୍ଚିତ କରାଯିବା, ଭବିଷ୍ୟତରେ କୌଣସି ପ୍ରକଳ୍ପ ଅନୁମୋଦନ ପୂର୍ବରୁ ସ୍ଥାନୀୟ ଗ୍ରାମସଭା ସହିତ ପରାମର୍ଶ ନିଶ୍ଚିତ କରିବାକୁ ଆନ୍ଦୋଳନକାରୀମାନେ ଦାବି କରିଥିଲେ।

ଏହି ଆନ୍ଦୋଳନରେ ଏସାର ମିନମେଣ୍ଟ ବିରୋଧୀ ମଞ୍ଚର ସଭାପତି ମଧୁସୂଦନ ସାହୁ ଏବଂ ସଂପାଦକ ଠାକୁର ମାର୍ଡି ନେତୃତ୍ୱ ନେଇଥିବାବେଳେ ବିଶିଷ୍ଟ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା, ଜଣାଶୁଣା ଜନ ଆନ୍ଦୋଳନ ନେତା ଲିଙ୍ଗରାଜ ଆଜାଦ, ବୈତରଣୀ ସୁରକ୍ଷା ମଞ୍ଚର ନେତା ଅଶୋକ ଠକ୍କର, ଅଲ୍ ଇଣ୍ଡିଆ କ୍ଷେତ୍ ମଜଦୁର ସଂଘର ବାସୁଦେବ ଦାସ, ଶ୍ରୀକାନ୍ତ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ସାମିଲ ଥିଲେ। ମହାଦେଇଯୋଡା, ନୂଆଗାଁ, ଗୋପୀନାଥପୁର, ରାଇସୁଆଁ, ଜନାର୍ଦ୍ଦନପୁର ଅଞ୍ଚଳର ୨ ହଜାରରୁ ଅଧିକ ପୁରୁଷ ଓ ମହିଳା ସାମିଲ ହୋଇଥିବାବେଳେ ଦାବି ପୂରଣ ନହେଲେ ଆଗକୁ ଆନ୍ଦୋଳନ ତୀବ୍ରତର ହେବ ବୋଲି କହିଥିଲେ।

# ମା' ଶ୍ୟାମାକାଳୀ ପୂଜା ପାଇଁ ଚଳଚଞ୍ଚଳ ପୁରପଲ୍ଲୀ





ବେଲବାହାଲି, ୧୮।୧୦(ସମିସ): ଆଲୋକର ପର୍ବ ଦୀପାବଳି ଆସିଥିବା ବେଳେ ମା' କାଳୀଙ୍କ ପୂଜାର୍ଚ୍ଚନା ପାଇଁ ଆନନ୍ଦପୁର ଉପଖଣ୍ଡ ବର୍ତ୍ତମାନ ଚଳଚଞ୍ଚଳ ହୋଇଉଠିଛି। ବେଲବାହାଲି ଗ୍ରାମର ସର୍ବପୁରାତନ ମା'କାଳୀଙ୍କ ପୂଜାର୍ଚ୍ଚନା ପାଇଁ ପୂଜା ମଣ୍ଡପରେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ବର୍ଷ ମା' କାଳୀଙ୍କ ପୂଜା ୫୬ ବର୍ଷରେ ପଦାର୍ପଣ କରିଛି। ପୂଜା କମିଟିର ସଭାପତି ତାପସ କୁମାର ଜେନା, ସମ୍ପାଦକ ମୋହନ ଚରଣ ସାହୁ ଏବଂ କମିଟିର ବରିଷ୍ଠ ସଦସ୍ୟଙ୍କ ନେତୃତ୍ୱରେ ପ୍ରସ୍ତୁତି କାର୍ଯ୍ୟ ଜାରିରହିଛି। ଜିଲ୍ଲା ବାହାରୁ ଆସିଥିବା ମୂର୍ତ୍ତି କାରିଗରଙ୍କ ଦ୍ୱାରା ମା' ଶ୍ୟାମାକାଳୀଙ୍କ ସମେତ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଭଳି ମୂର୍ତ୍ତି ନିର୍ମାଣ କରିବା ସହ ଏମାନଙ୍କ ମଧ୍ୟରୁ ବଡ଼ କିଏ, ଏହାର ଉତ୍ତର ଦର୍ଶକ ରଖିବା ନେଇ କମିଟିର ବରିଷ୍ଠ ସଦସ୍ୟ ନବଘନ ପଣ୍ଡା ପ୍ରକାଶ କରିଛନ୍ତି। ମା'ଙ୍କ ପୂଜା ସୋମବାର ରାତିରୁ ଆରମ୍ଭ ହେବାକୁ ଥିବାରୁ ପୂଜା ମଣ୍ଡପ, ତୋରଣ ଓ ମୂର୍ତ୍ତି ସାଜସଜ୍ଜା ପାଇଁ ଜୋରଦାର ପ୍ରସ୍ତୁତି ଜାରି ରହିଛି। ଚଳିତ ବର୍ଷ ପୂଜାକୁ ଆକର୍ଷଣୀୟ କରିବା ପାଇଁ ସୁଦୃଶ୍ୟ ତୋରଣ ସମେତ ଅଧିକ ଆଲୋକୀକରଣ ବ୍ୟବସ୍ଥା କରାଯାଇଛି। ବହୁ ପୁରାତନ ଓ ଏଠାରେ ନିଷ୍ଠାର ସହ ପୂଜା ହେଉଥିବାରୁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଜମିଥାଏ। ପ୍ରତ୍ୟେକ ଦିନ ହୋମ ସହ ସନ୍ଧ୍ୟା ଆଳତି ପରେ ଭୋଗ ଲାଗି ହୋଇଥାଏ। ଚଳିତ ବର୍ଷ ୮ ଦିନ ଧରି ମା' ଶ୍ୟାମାକାଳୀଙ୍କ ପୂଜାର୍ଚ୍ଚନା ସହ ପ୍ରତିଦିନ ସନ୍ଧ୍ୟାରେ ମୀନାବଜାର ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ମିଳିବ। ବରିଷ୍ଠ କର୍ମକର୍ତ୍ତାମାନଙ୍କ ଉପସ୍ଥିତିରେ ଶାନ୍ତିଶୃଙ୍ଖଳାର ସହିତ ପୂଜା ହେବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। କମିଟିର ଉପଦେଷ୍ଟା ସଞ୍ଜୟ ଦାସ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା ମାନସ ସାହୁ, ମୁଖ୍ୟ ପୂଜା କର୍ତ୍ତା ରାମଚନ୍ଦ୍ର ସାହୁ, ସଦସ୍ୟ ପ୍ରଶାନ୍ତ ସାହୁ, ସୁଶାନ୍ତ ଜେନା, ସଞ୍ଜୟ ସାହୁ, ପୂର୍ଣ୍ଣଚନ୍ଦ୍ର ଜେନା, ହିମାଂଶୁ ଶେଖର ସାହୁ, ବିଜୟ ସାହୁ, ଭୀମସେନ ସାହୁ ସମେତ ଶତାଧିକ କର୍ମକର୍ତ୍ତା ସହଯୋଗ କରୁଛନ୍ତି।

**ଆର୍‌ଏମ୍‌ସିରେ ବଡ଼ଧରଣର ଘୋଟାଲା**

# ସମ୍ପାଦକଙ୍କୁ ତୁରନ୍ତ ବଦଳି ଆଦେଶ

ଆନନ୍ଦପୁର, ୧୮।୧୦(ସମିସ): ଆନନ୍ଦପୁର ନିୟନ୍ତ୍ରୀତ ବଜାର କମିଟି (ଆରଏମ୍‌ସି)ରେ ସରକାରୀ ଅନୁଦାନର ଦୁରୁପଯୋଗ ଓ ନୀତିନିୟମ ଉଲଂଘନ କରି ସରକାରୀ ଅର୍ଥ ତୋଷାରପାତ ହେଉଥିବା ଗୁରୁତର ଅଭିଯୋଗ ହୋଇଛି। କୃଷକଙ୍କ ପାଇଁ ଆସୁଥିବା ଅନୁଦାନକୁ ଘସିପୁରା ବ୍ଲକ୍‌ର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଉଦ୍ଦେଶ୍ୟମୂଳକ ଭାବେ ଖର୍ଚ୍ଚ କରାଯାଉଛି। ସୁଆଁପଦା ହାଟରୁ ଅପେକ୍ଷାକୃତ କମ୍ ଆୟ ହେଉଥିବାବେଳେ ଏଠାରେ ପ୍ରତିବର୍ଷ ଲକ୍ଷଲକ୍ଷ ଟଙ୍କା ବ୍ୟୟ କରାଯାଉଛି। ୨୦୨୧-୨୨ ଆର୍ଥିକବର୍ଷରେ ଏହି ହାଟରୁ ମାତ୍ର ୮୦ହଜାର ୧୭୦ ଟଙ୍କା ଆୟ ହୋଇଥିଲା କିନ୍ତୁ ଖର୍ଚ୍ଚ ହୋଇଛି ୧୭ଲକ୍ଷ ୧୯ହଜାର ୯୭୩ଟଙ୍କା। ସେହିପରି ୨୦୨୨-୨୩ରେ ୭୦ହଜାର ୫୨୫ଟଙ୍କା ଆୟ ହୋଇଥିବାବେଳେ ୪୨ଲକ୍ଷ ୟାର୍ଡ ମରାମତି, ରାସ୍ତା ନିର୍ମାଣ, ସାନିଟାରୀ ସାମଗ୍ରୀ ଯୋଗାଣ ପାଇଁ ଆସିଥିବା ୩୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କାମକୁ ସିଧାସଳଖ ଜଣେ ବ୍ୟକ୍ତିଙ୍କ ହାତକୁ ଟେକି ଦିଆଯାଇଛି। ଉପରୋକ୍ତ ନିର୍ମାଣ କାର୍ଯ୍ୟର ତଦାରଖ ମଧ୍ୟ କରାଯାଉ ନଥିବା ଅଭିଯୋଗ ହୋଇଛି। ଆରଏମ୍‌ସି ପରିସରରେ ହେଉଥିବା ସରକାରୀ ଯୋଜନାଭିତ୍ତିକ କାର୍ଯ୍ୟକ୍ରମ ନାଁରେ ଅନୁଦାନ ବାଟମାରଣା, ହାତଗଣତି ଲୋକରେ କାର୍ଯ୍ୟକ୍ରମ ସୁଆଁପଦା ହାଟରୁ ସ୍ୱଳ୍ପ ଆୟ, ବିପୁଳ ଅର୍ଥ ଖର୍ଚ୍ଚ ଦର୍ଶାଇ ଲକ୍ଷାଧିକ ଟଙ୍କା ହେରଫେର ହୋଇଥିବା ଅଭିଯୋଗ ହୋଇଛି। ଅପରପକ୍ଷରେ, ଆନନ୍ଦପୁର ବ୍ଲକ୍‌ର ବେଲବାହାଲି, କୋଳିମାଟି, ଧକୋଠା ହାଟର ଉନ୍ନତୀକରଣ ପାଇଁ ଆଏମ୍‌ସି ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ସାପ୍ତାହିକ ହାଟର ବିକାଶ ପାଇଁ ଆସିଥିବା ଅନୁଦାନକୁ ମନଇଚ୍ଛା ଖର୍ଚ୍ଚ କରାଯାଇ ଠିକାଦାର ପୋଷା ଚାଲିଛି। ଝାଡ଼େଶ୍ୱର ହାଟପିଣ୍ଡି, ଘସିପୁରା ମାର୍କେଟ କମ୍ପ୍ଲେକ୍ସ ମରାମତି, ଆର୍‌ଏମ୍‌ସି ପରିସର ୱେ ବ୍ରିଜ୍ ନିର୍ମାଣ, ଗୋଦାମ ମରାମତି, ଶାଳପଡ଼ା ମାର୍କେଟ ୱାର୍ଡ ମରାମତି, ବରପଦା ମାର୍କେଟ ୟାର୍ଡ ମରାମତି, ସୁନ୍ଦରାପାଳ ମାର୍କେଟ କାର୍ଯ୍ୟରେ କୃଷକଙ୍କୁ ସାମିଲ କରାଯାଉନି କି ସେମାନଙ୍କୁ ଅବଗତ କରାଯାଉନାହିଁ। ଏପରି ଘଟଣାରେ ଆନନ୍ଦପୁର ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ସମ୍ପାଦକ ଶକ୍ତିଧର କାଣ୍ଡିଙ୍କୁ ତୁରନ୍ତ ତାଙ୍କ ପଦରୁ ଅପସାରଣ କରାଯାଇଛି। ଓଡ଼ିଶା ରାଜ୍ୟ କୃଷି ବିପଣନ ପରିଷଦର ମହାପ୍ରବନ୍ଧକ (ଜିଏମ୍) ଧରିତ୍ରୀ ମିଶ୍ର ସରକାରୀ କର୍ତ୍ତବ୍ୟ ପାଳନରେ ତାଙ୍କର ନିରାଶାଜନକ ପ୍ରଦର୍ଶନକୁ ବିଚାର କରି ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଚିଠି ସଂଖ୍ୟା ୩୫୦୦/୧୫.୧୦.୨୫ ଅନୁସାରେ ବୋର୍ଡ କର୍ତ୍ତୃପକ୍ଷଙ୍କଠାରୁ ପରବର୍ତ୍ତୀ ନିର୍ଦ୍ଦେଶ ଜାରି ନହେବା ପର୍ଯ୍ୟନ୍ତ ଆନନ୍ଦପୁରର ଆର୍‌ଏମ୍‌ସି ଦୈନନ୍ଦିନ ସରକାରୀ କାର୍ଯ୍ୟ ପାଇଁ ଆବଶ୍ୟକ ଅନ୍ତରୀଣ ବ୍ୟବସ୍ଥା କରିବାକୁ ଅଧ୍ୟକ୍ଷ ତଥା ଆନନ୍ଦପୁର ଉପଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି।



# ପରମାନନ୍ଦ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ବିଏସ୍‌ସି ନର୍ସିଂ ଆରମ୍ଭ

ଆନନ୍ଦପୁର, ୧୮।୧୦ (ସମିସ): କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଅଞ୍ଚଳରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ପାଇଁ ଅଗ୍ରଣୀ ଅନୁଷ୍ଠାନ ପରମାନନ୍ଦ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟ୍ ପଦକ୍ଷେପ ଗ୍ରହଣ କରିଛି। ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ବିଦ୍ୟାଳୟରେ ସଫଳତା ଅର୍ଜନ ପରେ ଏବେ ସ୍ୱାସ୍ଥ୍ୟକ୍ଷେତ୍ରରେ ସେବା ଯୋଗାଇବାକୁ ଏହି ଅନୁଷ୍ଠାନ ପକ୍ଷରୁ ଚଳିତ ଶିକ୍ଷାବର୍ଷରୁ ବିଏସ୍‌ସି ନର୍ସିଂ ଶିକ୍ଷାଦାନ ପାଇଁ ସରକାର ଅନୁମତି ଦେଇଛନ୍ତି। ଉକ୍ତ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ବେଶ୍ ସୁଦୃଢ଼ ରହିଛି।



ସରକାର ବିଏସ୍‌ସି ନର୍ସିଂ ପାଇଁ ୬୦ ଜଣ ବିଦ୍ୟାର୍ଥୀ ପଢ଼ିବାର ଅନୁମତି ଦେଇଛନ୍ତି। ଜିଲ୍ଲାର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ପରିଗଣିତ ପରମାନନ୍ଦ ଗ୍ରୁପ ଇନଷ୍ଟିଚ୍ୟୁଟ୍ ପକ୍ଷରୁ ଏହି ଶିକ୍ଷାନୁଷ୍ଠାନ ହରିହର ଇନଷ୍ଟିଚ୍ୟୁଟ ଅଫ୍ ମେଡ଼ିକାଲ ସାଇନ୍ସ ରଖାଯାଇଛି। ଅତ୍ୟାଧୁନିକ ଭିତ୍ତିଭୂମିରେ ଶିକ୍ଷାଦାନ ବ୍ୟବସ୍ଥା ସହ ପ୍ରଶିକ୍ଷକଙ୍କ ଦ୍ୱାରା ଏହି ଅନୁଷ୍ଠାନ ପରିଚାଳିତ ହେବାକୁ ଯାଉଥିବାରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପାଠପଢ଼ିବାକୁ ଆଗ୍ରହ ପ୍ରକାଶ ପାଇଛି। ଏହାସହିତ ଜିଏନ୍‌ଏମ୍ ଏବଂ ବି ଫାର୍ମ ଖୋଲିବା ପାଇଁ ଆବେଦନ ରାଜ୍ୟ ସରକାରଙ୍କ ନିକଟରେ ବିଚାରାଧୀନ ରହିଛି। ଆଗକୁ ୧୦୦ ଶଯ୍ୟା ବିଶିଷ୍ଟ ଏକ ଅତ୍ୟାଧୁନିକ ହସ୍ପିଟାଲ ଖୋଲିବାକୁ ପରମାନନ୍ଦ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟ୍ ପଦକ୍ଷପ ନେଉଥିବା ଅନୁଷ୍ଠାନର ଅଧ୍ୟକ୍ଷ ବିନୋଦ କୁମାର ସାହୁ ସୂଚନା ଦେଇଛନ୍ତି।

# ଦୁର୍ଗାଦେଇପୁରରୁ ବାଲି ଚୋରି

ତୁରୁମୁଙ୍ଗା, ୧୮।୧୦(ସମିସ): ପାଟଣା ତହସିଲ ଅଧୀନ ବୈତରଣୀ ନଦୀର ଦୁର୍ଗାଦେଇପୁର ବାଲିଘାଟରୁ ବାଲି ଚୋରି କାରାଯାଇ ଚାଲାଣ କରାଯାଉଥିବା ନେଇ ଖଣି ଲିଜଧାରୀ ସଂଗ୍ରାମ କେଶରୀ ଲେଙ୍କା ପାଟଣା ଥାନାରେ ଅଭିଯୋଗ କରିଛନ୍ତି। ଲିଜଧାରୀ ସଂଗ୍ରାମ ଲେଙ୍କା ଏହି ଘାଟକୁ ଲିଜ ଆକାରରେ ନେଇଥିବା ବେଳେ ଦିନରାତି ଏଠାରୁ ଟ୍ରାକ୍ଟର ଯୋଗେ ବାଲି ଚୋରାଇ ନେଉଛନ୍ତି।



ଅଭିଯୋଗ ପରେ ପାଟଣା ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ବାଲି ଘାଟରେ ଚଢ଼ଉ କରିଥିଲେ ହେଁ କୌଣସି ଗାଡି ଜବତ କରି ନଥିବା ବେଳେ ଆଗକୁ ଚଢ଼ଉ ଜାରି ରହିବ ବୋଲି ପାଟଣା ଥାନାଧିକାରୀ ମାନସ ମହାକୁଳ କହିଛନ୍ତି।

## ଦୀପାବଳିଯୋଗୁଁ ହରିଚନ୍ଦନପୁର ଅଭିଯୋଗ ଶୁଣାଣି ସ୍ଥଗିତ

କେନ୍ଦୁଝର, ୧୮।୧୦(ସମିସ): ଦୀପାବଳି ଅବସରରେ ସରକାରୀ ଛୁଟି ଘୋଷଣା ପରେ ୨୦ ଅକ୍ଟୋବର, ୨୦୨୫ (ସୋମବାର)ରେ ହରିଚନ୍ଦନପୁର ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ମିଳିତ ସାଧାରଣ ଅଭିଯୋଗ ଶୁଣାଣି ସ୍ଥଗିତ ରଖାଯାଇଛି। ଓଡ଼ିଶା ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ଜାରି ହୋଇଥିବା ବିଜ୍ଞପ୍ତି ଅନୁଯାୟୀ, ସମସ୍ତ ସରକାରୀ କାର୍ଯ୍ୟାଳୟ ଅକ୍ଟୋବର ୨୦ ତାରିଖରେ ବନ୍ଦ ରହିବ। ହରିଚନ୍ଦନପୁର ବ୍ଲକ କାର୍ଯ୍ୟାଳୟରେ ମିଳିତ ଅଭିଯୋଗ ଶୁଣାଣି ପାଇଁ ପରବର୍ତ୍ତୀ ତାରିଖ ନିର୍ଦ୍ଧାରିତ ସମୟରେ ସୂଚିତ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଜବତ ଦୁଇଚକିଆ ଯାନ ହସ୍ତାନ୍ତର ମେଳା ଓ ସଚେତନତା

ଯୋଡ଼ା/ଚମ୍ପୁଆ/ବାଲିବନ୍ଧ/ବଡ଼ବିଲ/ତୁରୁମୁଙ୍ଗା, ୧୮।୧୦ (ସମିସ): କେନ୍ଦୁଝର ଏସ୍‌ପିଙ୍କ ନିର୍ଦ୍ଦେଶରେ ଶନିବାର ଜିଲ୍ଲାବ୍ୟାପୀ ସମସ୍ତ ଥାନାରେ ଜବତ ତଥା ଥାନା ମାଲଗୋଦାମରେ ପଡ଼ି ରହିଥିବା ଦୁଇଚକିଆ ଗାଡ଼ିଗୁଡ଼ିକୁ ସମ୍ପୃକ୍ତ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି। ଉପଯୁକ୍ତ ଗାଡ଼ି ମାଲିକଙ୍କ ଉପସ୍ଥିତିରେ ଆବଶ୍ୟକ କାଗଜପତ୍ର ଯାଞ୍ଚ କରାଯାଇ ଏହି ଜବତ ଯାନ ଓ ମୋବାଇଲ ଫୋନ୍ ଫେରସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୋଡା ଥାନାରେ ୧୩ଟି ଦୁଇଚକିଆ ଯାନ ସେମାନଙ୍କ ଆଇନଗତ ମାଲିକଙ୍କୁ ଶୁକ୍ରବାର ହସ୍ତାନ୍ତର ହୋଇଥିଲା। ଚୋରି, ନିଖୋଜ ତଥା ସାମାନ୍ୟ ଅପରାଧ ହେତୁ ଜବତ ହୋଇଥିବା ଏହି ଦୁଇଚକିଆ ଯାନଗୁଡିକୁ ସେମାନଙ୍କ ଯୋଗ୍ୟ ମାଲିକଙ୍କୁ ଫେରାଇ ଦିଆଯାଇଛି। ଏଥିପାଇଁ ମାଲିକଙ୍କଠାରୁ କୌଣସି ଜରିମାନା ଆଦାୟ କରାଯାଇ ନ ଥିବା ଜଣାପଡିଛି। ଯୋଡା ଥାନା ଆଇଆଇସି ପ୍ରଶାନ୍ତ ସାମଲଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଯୋଡ଼ା ଥାନାଗୃହରେ ଏକ ସାଇବର ଅପରାଧର ଉପରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ସେହିପରି ବାମେବାରୀ ଥାନାରେ ମଧ୍ୟ ୬ଟି ବାଇକ୍‌କୁ ଯୋଗ୍ୟ ବିବେଚିତ କରି ହସ୍ତାନ୍ତର କରାଯାଇଥିବା ଆଇଆଇସି ଯୋସ କେତନ ଭୋଇ ସୂଚନା ଦେଇଛନ୍ତି।



ସେହିପରି ଚମ୍ପୁଆ ଆଇଆଇସି ରମାକାନ୍ତ ମୁଦୁଲିଙ୍କ ତତ୍ତ୍ୱାବଧାନରେ ପ୍ରାୟ ୧୬ଟି ଗାଡ଼ି ହସ୍ତାନ୍ତର ହୋଇଥିବା ବେଳେ ଗାଡି ମାଲିକମାନେ ଉପଯୁକ୍ତ କାଗଜପତ୍ର ଦେଖାଇ ନେଇଥିଲେ। ଡ୍ରଙ୍କ ଏଣ୍ଡ ଡ୍ରାଇଭ, ଦ୍ରୁତ ଗାଡିଚାଳନା, ଆବଶ୍ୟକ କାଗଜପତ୍ର ନଥାଇ ଗାଡି ଚାଳନା ଆଦି କ୍ଷେତ୍ରରେ ପୁଲିସ ତନଖି ବେଳେ ଗାଡିକୁ ଜବତ କରାଯାଇଥିଲା। ସବଇନସପେକର ହିମାଂଶୁ ପ୍ରଧାନ, ନିତିସ ବେହେରା, ଏଏସଆଇ ଲକ୍ଷ୍ମଣ ମୁର୍ମୁ, ହାବିଲଦାର ଲକ୍ଷ୍ମୀକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଝୁମ୍ପୁରା ଥାନାଧିକାରିଣୀ ସମବାରୀ ହାଁସଦାଙ୍କ ଉପସ୍ଥିତିରେ ଯାନବାହନଗୁଡିକର ୧୫ ଜଣ ମାଲିକଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିବା ବେଳେ ୪ ଜଣ ମାଲିକ ଉପସ୍ଥିତ ରହି ଗାଡିଗୁଡିକର ପ୍ରମାଣପତ୍ର ଜମା କରିଥିଲେ। ଅନ୍ୟମାନେ ମଧ୍ୟ ପ୍ରମାଣପାତ୍ର ଥାନାରେ ଜମା କରି ନିଜ ନିଜ ଗାଡ଼ି ନେଇପାରିବେ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

ସେହିକ୍ରମରେ ବଡ଼ବିଲ ଥାନା ପରିସରରେ ବହୁ ଦିନରୁ ଜବତ ହେଇ ପଡିଥିବା ପ୍ରାୟ ୫୧ଟି ଦୁଇ ଚକିଆ ଗାଡିକୁ ତାଙ୍କ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟମାନେ ମଧ୍ୟ ଉପଯୁକ୍ତ ପ୍ରମାଣ ଦେଇ ନିଜର ଗାଡି ଫେରସ୍ତ ନେଇପାରିବେ ବୋଲି ବଡ଼ବିଲ ଏସଡିପିଓ ଦେବେନ୍ଦ୍ର ପିଙ୍ଗୁଆ ସୂଚନା ଦେବା ସହ ଆଗାମୀ ଦିନରେ ଚୋରି ହୋଇଥିବା ମୋବାଇଲ ଫୋନଗୁଡିକ ମଧ୍ୟ ପ୍ରକୃତ ମାଲିକ ମାନଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ଦେଇଛନ୍ତି। ବଡ଼ବିଲ ଥାନାଧିକାରୀ ଅଶୋକ ନାୟକ, ପ୍ରଭାତ ସାହୁ ଓ ଦେବାଶିଷ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

ପାଟଣା ଥାନାରେ ଦୁର୍ଘଟଣା ଓ ବିବିଧ ମାମଲାରେ ଜବତ ହୋଇ ପଡିରହିଥିବା ବାଇକ୍ ମଧ୍ୟରୁ ୮ଟି ବାଇକକୁ ଗାଡ଼ି ମାଲିକଙ୍କୁ ହସ୍ତାନ୍ତର କରାଯାଇଛି। ଥାନାଧିକାରୀ ମାନସ କୁମାର ମହକୁଳ ଏସଆଇ ଲକ୍ଷ୍ମଣ ମାଝୀ, ଏଏସଆଇ ଧନେଶ୍ୱର ପାତ୍ର, ଗୌରହରି ଗର୍ଗିଆ ପ୍ରମୁଖ ସାମିଲ ହୋଇଥିଲେ। ତୁରୁମଙ୍ଗା ଥାନାରେ ଗୋଟିଏ ମାତ୍ର ବାଇକ ମାଲିକଙ୍କୁ ହସ୍ତାନ୍ତର ହୋଇଥିବା ବେଳେ ଅନ୍ୟ ଗାଡ଼ି ସବୁ ପର୍ଯ୍ୟାୟକ୍ରମେ ମାଲିକଙ୍କୁ ହସ୍ତାନ୍ତର ହେବ ବୋଲି ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁ କହିଛନ୍ତି। ସେହିଭଳି ସାଇବର କ୍ରାଇମ୍ ଉପରେ ସଚେତନତା କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଲୋକଙ୍କ ସହ ଭିଡିଓ ଆଭାସି କନଫ୍‌ରେନ୍ସରେ ଯୋଡ଼ି ହୋଇ ସଚେତନତା କରିଥିଲେ। ମାର୍କେଟ କମିଟି ତରଫରୁ ସଭାପତି ବୁଲୁ ଭଞ୍ଜ, ସମ୍ପାଦକ ଅଜୟ ବେହେରା, ସାମାଜିକ କର୍ମୀ ଅଜୟ ଦାଶ, ଯତୀନ୍ଦ୍ର ଦାଶ, ଦିନବନ୍ଧୁ ମିଶ୍ର, ଦକ୍ଷପ୍ରସାଦ ଦାଶ, ଅୟସକାନ୍ତ ନାୟକ, ପ୍ରଦୀପ ବେହେରା, ଅଜୟ ଦାସ ପ୍ରମୁଖ ସାମିଲ ହୋଇଥିଲେ।

# ଟୋଲଙ୍କପଡ଼ାରେ କ୍ଲଷ୍ଟରସ୍ତରୀୟ 'ସୁରଭି'



ବେଲବାହାଲି, ୧୮।୧୦(ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ହରିଡାପାଳ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଆନନ୍ଦପୁର ବିଇଓ ହରିହର ଦଳାଇ ଯୋଗଦେଇଥିବା ବେଳେ ସଭାକୁ ଟୋଲଙ୍କପଡା ୟୁଜିୟୁପି ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ ଜେନା ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବରେ ପୂର୍ବତନ ବିଇଓ ଶରତ ରାଉତ, ଟୋଲଙ୍କପଡା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ ସାହୁ, କଣ୍ଡୁଳାଇ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ କମଳ ଲୋଚନ ସାହୁ, ହରିଡାପାଳ କ୍ଲଷ୍ଟର ସିଆରସିସି ପ୍ରଦୀପ ରାଉତ ଯୋଗ ଦେଇଥିଲେ। ଅପରାହ୍ନରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ସରପଞ୍ଚ ମିନତି ମହାରଣା, ସମ୍ମାନିତ ଅତିଥି ଭାବରେ ଏବିଓ ହେମେନ୍ଦ୍ର ମହାନ୍ତି, ଏସଏମସି ଅଧ୍ୟକ୍ଷ ବୈଲୋଚନ ମହାରଣା ଯୋଗଦେଇଥିଲେ। ଶିକ୍ଷକ ରଞ୍ଜନ ଜେନା ମଞ୍ଚ ପରିଚାଳନା କରିଥିବା ବେଳେ ଗାଇଡ ଶିକ୍ଷକମାନେ ସହଯୋଗ କରିଥିଲେ।

# ଅଗ୍ନି ନିରାପତ୍ତା ବ୍ୟବସ୍ଥା ମାନୁନାହାନ୍ତି ବ୍ୟବସାୟିକ ପ୍ରତିଷ୍ଠାନ

**ବାରିପଦା, ୧୮ା୧୦(ସମିସ)**

ରାଜାରାଜୁଡ଼ା ଅମଳର ବାରିପଦା ସହର ଦିନକୁ ଦିନ ବଢ଼ିବାରେ ଲାଗିଛି। ସେହି ଅନୁଯାୟୀ ତାଳଦେଇ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ, ସପିଂମଲ୍, ହୋଟେଲ, ରେଷ୍ଟୁରାଣ୍ଟ,






ଶିକ୍ଷାନୁଷ୍ଠାନ, ନର୍ସିଂହୋମ, କ୍ଲିନିକ ଓ ଦୋକାନ ଆଦି ବୃଦ୍ଧି ପାଉଛି। ବାରିପଦା ପୌରାଞ୍ଚଳରେ ବହୁତଳ ବିଶିଷ୍ଟ ପ୍ରାସାଦ କରି ବ୍ୟବସାୟ ବୃଦ୍ଧି କରୁଛନ୍ତି। କିନ୍ତୁ ଅନେକ ପ୍ରତିଷ୍ଠାନଗୁଡ଼ିକ ଲୋକଙ୍କ ସୁରକ୍ଷା ବ୍ୟବସ୍ଥା ପ୍ରତି ଧ୍ୟାନ ଦେଉନାହାଁନ୍ତି। ଯାହାର ଫଳ ସ୍ୱରୂପ ଭୀଷଣ ଅଗ୍ନିକାଣ୍ଡ ଘଟି ଧନଜୀବନ ହାନି ହେବାର ସମ୍ଭାବନା ରହିଛି। ଅଗ୍ନିଶମ ବିଭାଗର ବିନା ଅନୁମତିରେ ପ୍ରଥମେ କୋଠା ନିର୍ମାଣ ଏକ ପ୍ରଶ୍ନବାଚୀ ହୋଇଥିବା ବେଳେ ନିର୍ମାଣ ଶେଷ ପରେ ବ୍ୟବସାୟ ପ୍ରତିଷ୍ଠାନ ଭାବେ ଅନୁମତି ଅନ୍ୟ ଏକ ପ୍ରଶ୍ନବାଚୀ। ବାରିପଦା ସହରର ଅଧିକାଂଶ ପ୍ରତିଷ୍ଠାନ ଅଗ୍ନି ନିର୍ବାପକ ନିୟମକୁ ଖୁଲମଖୁଲା ଭାବେ ଅବମାନନା କରି ଲୋକଙ୍କ ଜୀବନ ସହ ଖେଳ ଖେଳୁଛନ୍ତି ବୋଲି ଅଭିଯୋଗ ହେଉଛି। ଯାହାର ଜ୍ୱଳନ୍ତ ଉଦାହରଣ ବାରମ୍ବାର ଦେଖିବାକୁ ମିଳିଛି। ମୁଖ୍ୟ ବଜାରରେ ଥିବା ଦୋକାନ ସମେତ ବ୍ୟାଙ୍କରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଅଗ୍ନିଶମ ବିଭାଗ ଦ୍ୱାରା ପ୍ରଦତ୍ତ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନିୟମଗୁଡ଼ିକ ଠିକ୍ ଭାବେ ଅନୁପାଳନ କରାଯାଇନାହିଁ। ଏପରିକି ଆକସ୍ମିକ ଅଗ୍ନିକାଣ୍ଡ ଘଟିଲେ ଭିଡ଼ରେ ଥିବା ଜନସାଧାରଣ ନିରାପଦ ପ୍ରସ୍ଥାନ

- ସହରର ଅନେକଙ୍କ ନାହିଁ ବିଧିବଦ୍ଧ ବ୍ୟବସ୍ଥା
- ଅନେକ ବିଲ୍ଡିଂରେ ପାଳନ ହେଉନି ଅଗ୍ନି ନିରାପତ୍ତା ନିୟମ
- ନିରାପତ୍ତା ନେଇ ଯାଞ୍ଚ କରୁନି ଅଗ୍ନିଶମ ବିଭାଗ
- ଅଗ୍ନିକାଣ୍ଡ ଘଟିଲେ ଭଗବାନ ଭରସା

ସମ୍ବନ୍ଧୀୟ ସୂଚନା ଟିକକ ତାଙ୍କ ପାଖରେ ନାହିଁ। ଯାହାକୁ ନେଇ ଜିଲ୍ଲା ପ୍ରଶାସନ କିମ୍ବା ଅଗ୍ନିଶମ ବିଭାଗ ପକ୍ଷରୁ କୋଣସି ଯାଞ୍ଚ ପ୍ରକ୍ରିୟା ହେଉନାହିଁ। ଉକ୍ତ ବହୁ ତଳ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ଅବ୍ୟବସ୍ଥା ମଧ୍ୟରେ ଚାଲିଥିବା ବେଳେ ଅନେକଙ୍କ ଅଗ୍ନି ନିର୍ବାପକ ପ୍ରମାଣପତ୍ର (ଏନ୍‌ଓସି) ନାହିଁ। ବିପଦ ସଂକୁଳ ଅବସ୍ଥାରେ ଏହା ଚାଲିଥିବା ବେଳେ ନା ଅଛି ଅଗ୍ନି ନିର୍ବାପକ ଯନ୍ତ୍ର ନା ଅଛି ଆଉ କିଛି ସ୍ୱତନ୍ତ୍ର ବ୍ୟବସ୍ଥା। ହଠାତ ଦୁର୍ଘଟଣା ହେଲେ ବହୁ ତଳ ପ୍ରସାଦ ଉପରୁ ତଳକୁ ଆସିବା କଷ୍ଟକର ହୋଇପଡ଼ିବ। କିନ୍ତୁ ଲୋକଙ୍କ ଜୀବନ ସହ ଖେଳ ଖେଳି ମାଲିକ ମାନେ ଲକ୍ଷ ଲକ୍ଷ ଟଙ୍କା ଲୁଟିବାରେ ବ୍ୟସ୍ତ ରହିଛନ୍ତି। ବାରିପଦା ସହରରେ ବାରମ୍ବାର ଅଗ୍ନିକାଣ୍ଡ ଭଳି ସମ୍ବେଦନଶୀଳ ଚିତ୍ର ସାମ୍ନାକୁ ଆସିବା ପରେ ମଧ୍ୟ ଜିଲ୍ଲା ପ୍ରଶାସନ କାହିଁକି ଯାଞ୍ଚ ନକରି ଚୁପ୍ ହୋଇ ରହିଛି, ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଖୁଲମଖୁଲା ଭାବେ ସରକାରୀ ଗାଇଡ୍ ଲାଇନକୁ ବେଖାତିର କରି ବେଧଡକ ଭାବେ ବେପାର ଜମାଇ ଚାଲିଛନ୍ତି। ଅଗ୍ନି ନିର୍ବାପକ ବ୍ୟବସ୍ଥା ସମେତ ଏନଓସି ପ୍ରଦାନ ଠିକ ଅଛି କି ନାହିଁ ତାହାକୁ ତଦାରଖ କରିବାର ନିହାତି ଆବଶ୍ୟକତା ରହିଛି। ତେବେ ଅଗ୍ନି ନିର୍ବାପକ ବ୍ୟବସ୍ଥା ବିନା ଟାଉନ ପ୍ଲାନିଂରେ ଘର ନକସା ଅନୁମୋଦନ ହେବାର କୌଣସି ନିୟମ ନଥିଲା ବେଳେ କିପରି ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକ ଚାଲୁଛି, ତାହା ପ୍ରଶ୍ନବାଚୀ ଅଟେ। ନିୟମ କାନୁନକୁ ପାଳନ କରୁନଥିବା ଅସାଧୁ ବ୍ୟବସାୟଙ୍କ କ୍ଷେତ୍ର ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

## ଆଦି କର୍ମଯୋଗୀ ଅଭିଯାନ
# ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ଭାବେ ମୟୂରଭଞ୍ଜ ସମ୍ମାନିତ



**ବାରିପଦା, ୧୮ା୧୦(ସମିସ):** ଆଦି କର୍ମଯୋଗୀ ଅଭିଯାନ ଅଧୀନରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ଭାବରେ ଉଲ୍ଲେଖନୀୟ ପ୍ରଦର୍ଶନ ଏବଂ ଉଦାହରଣୀୟ ଅବଦାନ ପାଇଁ ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରାଳୟ ଦ୍ୱାରା ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏଙ୍କୁ ସ୍ୱୀକୃତି ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଶୁକ୍ରବାର ନୂଆଦିଲ୍ଲୀଠାରେ ଆଦିବାସୀ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ଆୟୋଜିତ 'ଆଦି କର୍ମଯୋଗୀ ଅଭିଯାନ' ଉପରେ ଜାତୀୟ ସମ୍ମେଳନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରେଷ୍ଠ କାର୍ଯ୍ୟ ପ୍ରଦର୍ଶନ କରିଥିବା ରାଜ୍ୟ, ଜିଲ୍ଲା, ବ୍ଲକ ଓ ସମ୍ବନ୍ଧିତ ଜନଜାତି ଉନ୍ନୟନ ସଂସ୍ଥାଗୁଡ଼ିକୁ ସମ୍ମାନିତ କରିଛନ୍ତି। ଉତ୍ସବରେ ଆଦିବାସୀ ବ୍ୟାପାର ମନ୍ତ୍ରାଳୟର ମନ୍ତ୍ରୀ ଜୁଏଲ ଓରାମ ଓ ମନ୍ତ୍ରାଳୟର ସଚିବ ବିଭୁ ନାୟାର ଉପସ୍ଥିତ ଥିଲେ। ମୟୂରଭଞ୍ଜ ଜିଲ୍ଲାକୁ ଆଦି କର୍ମଯୋଗୀ ଅଭିଯାନରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଜିଲ୍ଲାପାଳ ଶ୍ରୀ ସଏଙ୍କୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ପୁରସ୍କୃତ କରିଛନ୍ତି। ଜିଲ୍ଲାପାଳ ଶ୍ରୀ ସଏ ଗର୍ବ ଓ ଆନନ୍ଦର ସହିତ ଏହି ସମ୍ମାନ ସାମଗ୍ର ଜିଲ୍ଲାର ବୋଲି କହିଛନ୍ତି। ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ଅଧିକାରୀ ଓ ଅନୁଷ୍ଠାନ ଯଥା ଆଦି କର୍ମଯୋଗୀ, ଆଦି ସହଯୋଗୀ ଓ ଆଦି ସାଥିମାନଙ୍କର ଏହା ମିଳିତ ପ୍ରୟାସର ଫଳ ବୋଲି କହିଛନ୍ତି। ଅଭିଯାନରେ ଜିଲ୍ଲାର ୧୩୬୭ଟି ଆଦିବାସୀ ବହୁଳ ବସତି ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇ ସେମାନଙ୍କୁ ସଶକ୍ତ କରିବା ଲକ୍ଷ୍ୟ ବୋଲି କହିଛନ୍ତି। ପ୍ରତ୍ୟେକ ଆଦିବାସୀ ଗ୍ରାମକୁ ସ୍ୱାବଲମ୍ବୀ, ବିକଶିତ ଗ୍ରାମ କରିବା ଏବଂ ଦେଶର ଉନ୍ନତିରେ ସେମାନଙ୍କ ସକ୍ରିୟ ସହଭାଗୀତା ରହିବା ସହିତ ଉନ୍ନତିର ଲାଭ ଆଦିବାସୀ ଅଞ୍ଚଳର ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚାଇବା ନିମନ୍ତେ ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ପ୍ରଶାସନ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି।

# ବନ୍ୟଜାତ ଦ୍ରବ୍ୟକୁ ନେଇ ଉଚିତ୍ ବ୍ୟବସାୟୀକରଣ ଦାବି

**ମୋରଡ଼ା, ୧୮ା୧୦(ସମିସ):** ମୟୂରଭଞ୍ଜ ଜିଲ୍ଲାରେ ଭରିରହିଛି ଔଷଧୀୟ ଶାଳପତ୍ର ଗଛ। ପୁଣି ଶାଳପତ୍ରରୁ ପ୍ରସ୍ତୁତ ବିଭିନ୍ନ ପ୍ରକାରର ଖଲି ଓ ଦନାର ଚାହିଦା ଥିବା ବେଳେ ଜିଲ୍ଲାର ବହୁ ଅଞ୍ଚଳରେ ଲକ୍ଷାଧିକ ସଂଖ୍ୟାରେ ଗରୀବ ମହିଳା ଓ ପୁରୁଷମାନେ ଏହାକୁ ପ୍ରସ୍ତୁତ କରିଥାନ୍ତି। ମାତ୍ର ସରକାରଙ୍କ ଉଦାସୀନତା ଏବଂ ଉଚିତ ବ୍ୟବସାୟୀକରଣ ନହେବା ଯୋଗୁଁ ଶିଳ୍ପବିହୀନ ମୟୂରଭଞ୍ଜ ଜିଲ୍ଲାର କାର୍ଯ୍ୟ ଉପରେ ନିର୍ଭର କରୁଥିବା କାରିଗର ମାନେ ଅଭାବ ଅନାଟନ ଭିତରେ ଦିନ ଅତିବାହିତ କରୁଛନ୍ତି। ତାକୁ ଲକ୍ଷ୍ୟରେ ରଖି ଦୀର୍ଘ ଦିନଧରି ଶାଳପତ୍ର ଏବଂ ଅନ୍ୟ ବନ୍ୟଜାତ ଦ୍ରବ୍ୟକୁ ନେଇ

- ଶାଳପତ୍ର ତୋଳାଳୀଙ୍କ ପାଇଁ ଅଣ୍ଟା ଭିଡ଼ିଲା ଭଞ୍ଜସେନା

ଉଚିତ୍ ବ୍ୟବସାୟୀକରଣ କରିବା ନିମନ୍ତେ କୁଟୀର ଶିଳ୍ପ ମାଧ୍ୟମରେ ଲୋକଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟନେଇ ଆନ୍ଦୋଳନରତ ଭଞ୍ଜସେନା ପକ୍ଷରୁ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ମୋରଡ଼ା ବ୍ଲକ ଅଧୀନସ୍ଥ କିଛି ଗ୍ରାମକୁ ଯାଇ ପ୍ରତ୍ୟେକ ଦିନ ଜଙ୍ଗଲରୁ ଶାଳପତ୍ର ତୋଳି ସେହି 'ପତ୍ର ଟିପି' ବେପାରୀଙ୍କୁ ବିକ୍ରି କରି ଯୋଉ ପରିମାଣରେ ଅର୍ଥ ପାଉଛନ୍ତି, ଆଉ ସେତିକି ଅର୍ଥରେ କିଭଳି ତାଙ୍କ ପରିବାରବର୍ଗଙ୍କର ଭରଣପୋଷଣ କରୁଛନ୍ତି ତାଙ୍କର ଦୁଃଖ ଦୁର୍ଦ୍ଦଶା ବୁଝିଥିଲେ। ସରକାର ଏଥିପ୍ରତି ପଦକ୍ଷେପ ଗ୍ରହଣ କରୁ କିମ୍ବା ନ କରୁ ଆଗାମୀ ଦିନରେ ଏହି କୁଟୀର ଶିଳ୍ପକୁ ଆଗକୁ ବଢ଼ାଇବା ଓ ରୋଜଗାର ପାଉଥିବା ବ୍ୟକ୍ତିଙ୍କ ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ସଂଗଠନ ପ୍ରତିଶ୍ରୁତିବଦ୍ଧ ବୋଲି ମୋରଡ଼ା ବ୍ଲକ ସଭାପତି ପରିତୋଷ ବାରିକ ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

# ପଣ୍ଡିତ ରଘୁନାଥ ମୁର୍ମୁ କେନ୍ଦ୍ରୀୟ ପାଠାଗାର ପ୍ରତିଷ୍ଠା ଦାବି

**ବାରିପଦା, ୧୮ା୧୦(ସମିସ):** ମାସ୍ ଆଦିବାସୀ ରିଭୋଲ୍ୟୁସନାରୀ ୟୁଥ୍ ଆଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ୍ (ମାରିସା) ର ରାଜ୍ୟ ସଭାପତି ଅର୍ଜୁନ୍ ମୁର୍ମୁଙ୍କ ନେତୃତ୍ୱରେ ପୁଣିଥରେ ମନ୍ତ୍ରୀ ଓ ପ୍ରଶାସନକୁ ଦୃଷ୍ଟି ଆକର୍ଷଣ ପାଇଁ ବିଭିନ୍ନ କଲେଜର ଛାତ୍ରଛାତ୍ରୀଙ୍କ ସହଯୋଗରେ ୬ ଦଫା ଦାବିନେଇ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଛି। ଦାବିଗୁଡ଼ିକ ମଧ୍ୟରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପରସରରେ ପଣ୍ଡିତ ରଘୁନାଥ ମୁର୍ମୁ ସେଣ୍ଟ୍ରାଲ୍ ଲାଇବ୍ରେରୀ ପ୍ରତିଷ୍ଠା କରାଯିବା, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଓ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ସାନ୍ତାଳୀ ଭାଷା ପାଇଁ ନିୟମିତ ଅଧ୍ୟାପକ ପଦ ସୃଷ୍ଟି କରିବା ସହ ଅଲଚିକି ଲିପିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପୂର୍ଣ୍ଣବୟାବ ପ୍ରତିମୂର୍ତ୍ତି ସ୍ଥାପନ କରିବା, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସମସ୍ତ ୩+ କଲେଜଗୁଡିକରେ ସାନ୍ତାଳୀ

**ମାରିସାର ଦସ୍ତଖତ ଅଭିଯାନ**

ଅନର୍ସ ଖୋଲାଯିବା, ଷ୍ଟାଇପେଣ୍ଡ ଟଙ୍କା ବୃଦ୍ଧି କରାଯିବା। ଦାବିଗୁଡିକ ପୂରଣ କରିବାପାଇଁ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ରାଜ୍ୟପାଳ, ସାଂସଦ, ନେତା, ଜିଲ୍ଲା ପ୍ରଶାସନ ନିକଟରେ ଦାବିପତ୍ର ଦିଆଯାଇ ଆସୁଅଛି ଓ ରାଜ୍ୟପାଳ ମଧ୍ୟ ଆବଶ୍ୟକ ପଦକ୍ଷେପେ ଗ୍ରହଣ କହିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ରାଜ୍ୟପାଳଙ୍କ ପ୍ରତଶ୍ରୁତିକୁ ଇତି ମଧ୍ୟରେ ବହୁଦିନ ବିତିଲାଣି, ତଥାପି କାର୍ଯ୍ୟ କିଛି ଆଗେଇ ନାହିଁ। ପ୍ରଶାସନ କି ନେତାଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ମାରିସା ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯାଇଛି। ଏନେଇ ମାରିସା ରାଜ୍ୟ ସଭାପତି ଶ୍ରୀ ମୁର୍ମୁଙ୍କ ଦୀର୍ଘବର୍ଷ ହେଲା ପ୍ରଚେଷ୍ଟା ଜାରି ରହିଛି। ଦାବିଗୁଡ଼ିକ ପୂରଣ ନହେବା ପର୍ଯ୍ୟନ୍ତ ଏଥିପ୍ରତି ଆହୁରି ଅଧିକ ପ୍ରୟାସ କରାଯିବ ବୋଲି ମାରିସା ରାଜ୍ୟ ସଭାପତି ପ୍ରେସ୍ ମାଧ୍ୟମରେ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କ ସମେତ ବିକ୍ରମ ସୋରେନ୍, ସୁକିନ୍ଦ୍ର ଟୁଡୁ, ମଙ୍ଗଲ ବେଶ୍ରା, ଗାନ୍ଧା ହେମ୍ବ୍ରମ, ରାଜେନ୍ଦ୍ର ମାଝୀ, ଜିତରାୟ ଟୁଡୁ ଓ ଚତୁର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ବେତନଟୀ ବ୍ଲକ୍‌ସ୍ତରୀୟ ଆଥ୍‌ଲେଟିକ ମିଟ୍

**ବେତନଟୀ, ୧୮ା୧୦(ସମିସ):** ବେତନଟୀ ବ୍ଲକସ୍ତରୀୟ ୧୪ ଓ ୧୭ ବର୍ଷ ବୟସରୁ କମ୍ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ୨ଟି ଗ୍ରୁପ୍‌ରେ ବିଭିନ୍ନ ପ୍ରକାର ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପୁରୁଣାପାଣିସ୍ଥିତ ଖେଳପଡ଼ିଆରେ ୧୮ ତାରିଖ ଦିନ ଅନୁଷ୍ଠିତ ପ୍ରତିଯୋଗିତାରେ କେବଳ କ୍ରିକେଟ୍‌ରେ ବାଳକମାନେ ଅଂଶଗ୍ରହଣ କରିଥିଲେ। ଅନ୍ୟସମସ୍ତ ଖେଳରେ ଜୁନିଅର ଓ ସିନିଅର ଡିଭିଜନରେ ବିଭକ୍ତ ହୋଇ ଉଭୟ ବାଳକ ଓ ବାଳିକାଗଣ ଅଂଶଗ୍ରହଣ କରିଥିଲେ। ୨୫ଜଣ ଉଚ୍ଚବିଦ୍ୟାଳୟ ସ୍ତରୀୟ କ୍ରୀଡ଼ା ଶିକ୍ଷକ/ଶିକ୍ଷିକାଙ୍କ ସମେତ ମୋଟ ୨୮୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ମଧ୍ୟରେ ମୁଖ୍ୟତଃ କ୍ରିକେଟ୍, ଲମ୍ବଡିଆଁ, ଉଚ୍ଚ ଡିଆଁ, ଡିସକସ୍ ସଟ୍ ପୁଟ ଓ ଜାଭଲିନ ଫିଙ୍ଗା, ୧୦୦ ଓ ୨୦୦ମିଟର ଦୌଡ ଅନ୍ତର୍ଭୁକ୍ତ। ଉତ୍ସବରେ ପୂର୍ବତନ କ୍ରୀଡା ଶିକ୍ଷକ ଓ ବିଶିଷ୍ଟ ସଂଗଠକ ରବୀନ୍ଦ୍ରନାଥ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା ଛାତ୍ରଜୀବନରେ କ୍ରୀଡାର ମହତ୍ତ୍ୱ ଓ ମୁଖ୍ୟବକ୍ତା ରାଷ୍ଟ୍ରପତି ପୁରସ୍କୃତ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି କ୍ରୀଡା ମାଧ୍ୟମରେ ଶିକ୍ଷାଲାଭ, ଶାରୀରିକ ଗଠନ ଓ ବ୍ୟାୟାମ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବରିଷ୍ଠ କ୍ରୀଡ଼ା ଶିକ୍ଷକ ହରିଶ ଚନ୍ଦ୍ର ରାଉତ ସମୟାନୁବର୍ତ୍ତିତା ସହ କ୍ରୀଡାର ଉପକାରୀତା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ବ୍ଲକରୁ ବିଭିନ୍ନ ବିଭାଗରେ ପାରଦର୍ଶିତା ହାସଲକାରୀ ୬୧ଜଣ ପ୍ରତିଯୋଗୀ ଜିଲ୍ଲାକୁ ଚୟନ ହୋଇଥିବାର ଘୋଷଣା କରାଯାଇଥିଲା। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା।

## ରାଜ୍ୟସ୍ତରୀୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭଲିବଲ ପ୍ରତିଯୋଗିତା
# ଯାଜପୁରର ଉପେନ୍ଦ୍ରନାଥ ସାରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଚାମ୍ପିଅନ

**ବାରିପଦା, ୧୮ା୧୦(ସମିସ):** ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଇଣ୍ଡୋର ଷ୍ଟାଡିୟମ୍ ପରିସରରେ ଚାଲିଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟସ୍ତରୀୟ ଭଲିବଲ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏଥିରେ ରାଜ୍ୟର ୮ଟି ଜୋନର ଚାମ୍ପିଅନ ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ଯାଜପୁରର ଉପେନ୍ଦ୍ରନାଥ ସାରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପୁରୀର ବାନିଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କୁ ୨-୧ ସେଟରେ ପ୍ରରାସ୍ତ କରି ଚମ୍ପିଅନ ହୋଇଥିଲା। ପ୍ରତିଯୋଗିତାକୁ ରାଜେଶ ଦାସ, ପ୍ରଦୋଷ ତିପିରିଆ, ଦେବାଶିଷ ପରିଡ଼ା, ଶିବ ଶଙ୍କର ମହାନ୍ତ, ମନୋହର ବେହେରା, ମାନସ ମହାନ୍ତ ପରିଚାଳନା କରିଥିଲେ। ଉଦଯାପନ ଉତ୍ସବ ବାରିପଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରାଜେଶ କୁମାର ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥଲା। ମୁଖ୍ୟଅତିଥି ଭାବେ ସମାଜସେବୀ ଓ ସାମ୍ବାଦିକ କବି ବିଷ୍ଣୁ ଶତପଥୀ, ମୁଖ୍ୟବକ୍ତା ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଉତ୍ତର ଓଡ଼ିଶା ଉପ ସଚିବ ରାଜେଶ କୁମାର ପ୍ରଧାନ ଯୋଗଦେଇ ଚମ୍ପିୟାନ ଓ ରନର୍ସ ଅପ୍ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ।

# ଖିଚିଂ ମନ୍ଦିର ବିକାଶ ଓ କେସନାକୁ ଶିଳ୍ପୀ ଗ୍ରାମ ଘୋଷଣା ଦାବି

**ବାରିପଦା, ୧୮ା୧୦(ସମିସ):** ମୟୂରଭଞ୍ଜ ପଥର ଶିଳ୍ପୀମାନଙ୍କ ଗ୍ରାମ କେସନାକୁ 'ଶିଳ୍ପୀ ଗ୍ରାମ' ଭାବେ ଘୋଷଣା କରିବାକୁ ଭଞ୍ଜସେନା ଦାବି କରିଛି। ଏହାସହିତ ମୟୂରଭଞ୍ଜ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ତଥା ବିଶ୍ୱରେ କଳା ମୁଗୁନି ପଥରରେ ନିର୍ମିତ ଏକମାତ୍ର ଖିଚିଂ ସ୍ଥିତ ମା' କିଚକେଶ୍ୱରୀ ମନ୍ଦିର ସୁରକ୍ଷା ଓ ଏହାର ଚାରିପାଖରେ ସୌନ୍ଦର୍ଯ୍ୟକରଣ କାମ ପାଇଁ ପାଣ୍ଠି ସହିତ କର୍ପସ ଫଣ୍ଡ ଘୋଷଣା କରିବାକୁ ମଧ୍ୟ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାଏକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ମା' କିଚକେଶ୍ୱରୀଙ୍କ ମନ୍ଦିର ସୌନ୍ଦର୍ଯ୍ୟକରଣ ପାଇଁ ପ୍ରସ୍ତୁତ ହୋଇଥିବା ଡିପିଆର ଆଧାରରେ ଯଥାଶୀଘ୍ର ଟେଣ୍ଡର ଆହ୍ୱାନ କରିବା, ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା ହୋଇଥିବା ୫୦କୋଟି ଟଙ୍କାର ସହାୟତା ରାଶି ତୁରନ୍ତ ପ୍ରଦାନ, ମନ୍ଦିର କାର୍ଯ୍ୟ ସୂଚାରୁରୂପେ ପରିଚାଳନା ପାଇଁ ଅତିକମରେ ୧୦୦କୋଟି ଟଙ୍କାର କର୍ପସ ଫଣ୍ଡ ତୁରନ୍ତ ଘୋଷଣା, କଳା ମୁଗୁନି ପଥରରେ ନିର୍ମିତ ଦେବାଦେବୀଙ୍କ ପ୍ରତିମୂର୍ତ୍ତି ଏବଂ ଅନ୍ୟାନ୍ୟ ଉପକରଣ ବାବଦରେ ଉପଯୁକ୍ତ ପ୍ରଚାର ପ୍ରସାର କରିବା ଓ ଉଚିତ ବ୍ୟବସାୟୀକରଣ କରିବା ସହ କୁଶଳୀ କାରିଗରଙ୍କ ଭବିଷ୍ୟତ ସୁନିଶ୍ଚିତ କରିବା ସକାଶେ କେସନା ସଂଲଗ୍ନ ୫ଟି ଗ୍ରାମକୁ ନେଇ 'ଶିଳ୍ପୀ ଗ୍ରାମ' ଭାବେ ଘୋଷଣା କରାଯାଉ ବୋଲି

**୪୫ଦିନ ମଧ୍ୟରେ ପୂରଣ ନହେଲେ ଏନ୍‌ଏଚ୍‌ରେ ହରତାଳ ଚେତାବନୀ**

ଦାବି ହୋଇଛି। ଦାବିପତ୍ର ଦେବା ସମୟରେ ସଂଗଠନ ପକ୍ଷରୁ ବାରିପଦା ସହର ସଭାପତି ରାକେଶ ମହାନ୍ତି, ଜିଲ୍ଲା ଯୁବଶାଖା ସଭାପତି ଏସ୍ କେ ରାଜାଖାନ, ସିଙ୍ଗରାୟ ହେମ୍ବ୍ରମ, ସଞ୍ଜୟ ମହାନ୍ତ, ଦୀପକ କୁମାର ବେହେରା, ରୁଦ୍ର ପଟ୍ଟନାୟକ, ପ୍ରଦୀପ ପଣ୍ଡା, ସୁମିତ୍ ରାଉଳ ପ୍ରମୁଖ ଉପସ୍ଥିତ ରହିଥିଲେ। ଆଗାମୀ ୪୫ ଦିନ ମଧ୍ୟରେ ଦାବି ପୂରଣ ନହେଲ ୪୯ ନଂ ଜାତୀୟ ରାଜପଥ(ଏନଏଚ୍) ର ସିଙ୍ଗଡ଼ା ଛକଠାରେ ହରତାଳ କରାଯିବ ବୋଲି ସଂଗଠନ ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି।

# ବେଆଇନ ବାଣ ଜବତ

**ବାରିପଦା, ୧୮ା୧୦(ସମିସ):** ଦୀପାବଳି ପୂର୍ବରୁ ବାରିପଦା ଟାଉନ ଥାନା ପୁଲିସ ବେଆଇନ ଭାବେ ବାଣ ବିକ୍ରି କରୁଥିବା ବେଳେ ଜବତ କରି ଜଣକୁ ଗିରଫ କରାଯାଇଛି। ଗିରଫ ଜଣକ ହେଲେ ପାଲବଣି ଅଞ୍ଚଳର ବିବେକାନନ୍ଦ ଜେନା (୩୫)। ପୁଲିସ ପାଟ୍ରୋଲିଂ ବେଳେ ବେଆଇନ ଭାବେ ବାଣ ବିକ୍ରି କରୁଥିବାର ସୂଚନା ମିଳିଥିଲା। ଯାହାକୁ ନେଇ ପାଲବଣି ସ୍ଥିତ ଦୋକାନରେ ପୁଲିସ ଚଢ଼ଉ କରିଥିଲେ। କୋଣସି ଅନୁମତିପତ୍ର ନଥାଇ ବାଣ ବିକ୍ରି କରୁଥିବାର ଜଣାପଡ଼ିଥିଲା।



# ଧନତେରସରେ ଝାଡୁ ଦୋକାନରେ ଭିଡ଼

**ବାରିପଦା, ୧୮ା୧୦(ସମିସ):** ଧନତେରସ୍ ଅବସରରେ ବାରିପଦା ସହରରେ ଗ୍ରାହକ ମାନେ ଅଧିକ ଝାଡୁ କିଣୁଥିବାର ପରିଲକ୍ଷିତ ହୋଇଛି। ଧନତେରସରେ ସୁନା, ରୁପା, ପିତ୍ତଳ ଆଦି ମୂଲ୍ୟବାନ ଧାତୁ ସମେତ ବାସନ, ଝାଡୁ, ଲୁଣ କିଣି ଘରକୁ ଆଣିଲେ ମା' ଲକ୍ଷ୍ମୀଙ୍କୁ ଘରକୁ ଆସିଥାନ୍ତି ବୋଲି ପ୍ରାଚୀନ କାଳରୁ ବିଶ୍ୱାସ ରହିଛି। ଏହି ବିଶ୍ୱାସକୁ ନେଇ ସୁନାଗହଣା ଦୋକାନ ଅପେକ୍ଷା ଝାଡୁ ଦୋକାନରେ ଗ୍ରାହକଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଝାଡୁ ଦୋକାନରେ ଭଳିକି ଭଳି ଝାଡୁ ଥିବା ବେଳେ ଦର ମଧ୍ୟ ପୂର୍ବ ଦିନର ତୁଳନାରେ ଅଧିକ ରହିଥିଲା। ତେବେ ଚଳିତ ବର୍ଷ ସୁନା ଦୋକାନରେ ବେଶୀ ଭିଡ଼ ଦେଖିବାକୁ ମିଳିନଥିଲା। ସୁନା ଓ ରୁପା ଦର ହୁ ହୁ ହୋଇ ବୃଦ୍ଧି ପାଇ ନିୟନ୍ତ୍ରଣ ବାହାର ହୋଇଛି। ଯାହାକୁ ଜଣେ ସାଧାରଣ ମଣିଷ କିଣିବା ସ୍ୱପ୍ନ ସାଜିଛି। ତେଣୁକରି ବାରିପଦା ସହରର ସୁନା ଅଳଙ୍କାର ଦୋକାନୀ ମାନେ ଯେତେ ଲୋଭନୀୟ ଅଫର ଦେଲେ ମଧ୍ୟ ଲୋକଙ୍କ ସୁନା ଓ ରୁପା କିଣିବା ଠାରୁ ଝାଡୁ କିଣିବାକୁ ଶ୍ରେୟ ମଣିଥିଲେ। ତେଣୁ ଧନତେରସ୍ ବିଧି ବଞ୍ଚାଇ ମା' ଲକ୍ଷ୍ମୀଙ୍କ ଶୁଭାଶୀର୍ବାଦ ପାଇଁ ଗ୍ରାହକଙ୍କ ଝାଡୁ ଦୋକାନରେ ଭିଡ଼ ଲାଗିଥିଲା। ଫଳରେ ଗତ ବର୍ଷ ତୁଳନାରେ ଚଳିତ ବର୍ଷ ସୁନା ଓ ରୁପା ଅଳଙ୍କାର ଦୋକାନରେ ଭିଡ଼ କମ ରହିଥିଲା।

# ଜିଲ୍ଲାସ୍ତରୀୟ ସାଇବର ସୁରକ୍ଷା ସଚେତନତା ଅଭିଯାନ ଶୁଭାରମ୍ଭ

**ବାରିପଦା, ୧୮ା୧୦(ସମିସ)**



ରାଜ୍ୟସ୍ତରୀୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ସାଇବର ସୁରକ୍ଷା ଅଭିଯାନ ୨୦୨୫ର ଶୁଭାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଏହି ଠକେଇରୁ ସୁରକ୍ଷିତ ରଖିବା ପାଇଁ ଶପଥ ପାଠ କରାଇବାସହ ସାଇବର ସୁରକ୍ଷା ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଏହିକ୍ରମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପ୍ରଶାସନ ଓ ପୁଲିସ ପ୍ରଶାସନର ଆନୁକୂଲ୍ୟରେ ସାଇବର ସୁରକ୍ଷା ସଚେତନତା ଅଭିଯାନ-୨୦୨୫ ଶୁଭାରମ୍ଭ ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାଏକ ଓ ଇଶ୍ୱର ଚନ୍ଦ୍ର ନାଏକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର କୁମାର ଆଚାର୍ଯ୍ୟ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରର ସୁମତି ସିଂ, ପଞ୍ଚମ ବାଟାଲିୟନ କାମାଣ୍ଡାଣ୍ଟ ପ୍ରଶାନ୍ତ କୁମାର ନାୟକ ଓ ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଭିଯାନ ସମ୍ବନ୍ଧରେ ସୂଚନା ଦେଇ କହିଥିଲେ ଯେ ଏହା ଆଜିଠାରୁ ଆରମ୍ଭ ହୋଇ ମାସେ ବ୍ୟାପୀ ୧୭ ନଭେମ୍ବର ପର୍ଯ୍ୟନ୍ତ ଚାଲିବ। ଜିଲ୍ଲାରେ ସଚେତନତା ଅଭିଯାନ ଉଭୟ ଅନଲାଇନ ଓ ଅଫଲାଇନ ଜରିଆରେ ବିଭିନ୍ନ ସାଇବର ସୁରକ୍ଷା ସଚେତନତା ପ୍ରଦାନ କରି ସମାଜର ସବୁ ବର୍ଗର ଲୋକଙ୍କୁ ଠକେଇରୁ ସୁରକ୍ଷା ଦେବା ମୁଖ୍ୟ ଲକ୍ଷ୍ୟ। ସାଇବର ଠକମାନେ ନୂତନ ଉପାୟ ଅବଲମ୍ବନ କରି ଲୋକଙ୍କୁ ସେମାନଙ୍କର ଶିକାର ବନାଉଛନ୍ତି। ଯାହାର ପ୍ରମୁଖ କାରଣ ହେଉଛି ଲୋଭ, ଭୟ ଓ ଦାୟିତ୍ୱହୀନତା। ମାଗଣାରେ କିମ୍ବା କମ୍ ଦାମରେ ଅଧିକ ଲାଭ ଆଶାରେ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଦେଣନେଣ କରିବା କିମ୍ବା କୌଣସି ମିଛ ଫୋନକଲ୍ ପାଇ ଭୟାତୁର ହୋଇ କିଛି ତର୍ଜମା ନକରି ନିଜର ବ୍ୟକ୍ତିଗତ ତଥ୍ୟ ଶେୟାର କରି ସାଇବର ଠକାମୀର ଶିକାର ହେବାକୁ ପଡ଼େ। ତେଣୁ ଆମେ ସମସ୍ତେ ସଚେତନ ହେବା, ସତର୍କ ରହିବା ଏବଂ ସୁରକ୍ଷିତ ରହିବା। ସମାଜରେ ସବୁ ବର୍ଗର ଲୋକଙ୍କୁ ସାଇବର ସୁରକ୍ଷା ପ୍ରଦାନ କରିବା ଅଭିଯାନର ମୂଳଲକ୍ଷ୍ୟ, ଯେମିତି କି ଛାତ୍ରଛାତ୍ରୀଙ୍କୁ ନିରାପଦ ଡିଜିଟାଲ ଅଭ୍ୟାସ ସହ କୌଣସି ପ୍ରଲୋଭନ ଏବଂ ସାଇବର ଭୟର ଶିକାର ନହେବା, ଗୋପନ ଭିଡ଼ିଓ ଦେଖାଇ ସାଇବର ଅପରାଧର ଶିକାର କରାଇବା, ଅଭିଭାବକ ଓ ଶିକ୍ଷକ ମାନଙ୍କୁ ପିଲାମାନଙ୍କ ଅନଲାଇନ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ, ଚାକିରି ଆଶାୟୀ ଯୁବପିଢ଼ିଙ୍କୁ ନକଲି ନିଯୁକ୍ତି ଯାଚିବା, ନକଲି ବ୍ୟାଙ୍କ ଆକାଉଣ୍ଟ ଓ ସିମ୍ ବିକ୍ରି, ଫ୍ରଡ୍ ନିବେଶ ପାଇଁ ପ୍ରବର୍ତ୍ତାଇବା, ଭୟ ଦେଖାଇ ନିର୍ଯାତନା କରିବା, ମହିଳା ଓ କିଶୋରୀ ମାନଙ୍କୁ ନକଲି କଲ୍ ଜରିଆରେ ଯୌନ ନିର୍ଯାତନା, ଗ୍ରାମ ଓ ସେମି ଅର୍ବାନ ଅଞ୍ଚଳ ପ୍ରଥମ କରି ସ୍ମାର୍ଟ ଫୋନ ବ୍ୟବହାରକାରୀ ଲୋକଙ୍କୁ ୟୁପିଆଇ, ଓଟିପିର ସଠିକ ଉପଯୋଗ, ଫେକ୍ କଲ୍ ବାବଦରେ ଜ୍ଞାନ ଦେବା, ବରିଷ୍ଠ ନାଗରିକଙ୍କୁ ନିରାପଦ ବ୍ୟାଙ୍କିଂ କାରବାର ଓ ଆର୍ଥିକ ଠକେଇରୁ ବର୍ତ୍ତିବା ପାଇଁ ସତର୍କ କରିବା, ଏସ୍‌ଏଚ୍‌ଜି ଏବଂ ଗୋଷ୍ଠୀ ସମୂହ ଡିଜିଟାଲ ଦେଣନେଣ, ଫେକ ଋଣ, ନକଲି ପୁଞ୍ଜି ନିବେଶ ବାବଦରେ ଏବଂ ବ୍ୟବସାୟୀ ଓ ବୃତ୍ତିଧାରୀଙ୍କୁ ଡାଟା ସିକ୍ୟୁରିଟି, ବୃତ୍ତିଗତ ଶୋଷଣରୁ ସୁରକ୍ଷା, ଡିଜିଟାଲ ପେମେଣ୍ଟରେ ସତର୍କତା ଇତ୍ୟାଦି ସମ୍ବନ୍ଧରେ ସଚେତନ କରାଯିବ। ଅଭିଯାନ ଉଭୟ ଅନଲାଇନ ଓ ଅଫଲାଇନରେ ଯଥା ସାଇବର ସୁରକ୍ଷା ପ୍ରଚାରପତ୍ର, ଭିଡ଼ିଓ ପ୍ରଦର୍ଶନ, ରେଡିଓ ଜିଙ୍ଗଲ, ସୁରକ୍ଷା ମେସେଜ୍, ଡିବେଟ ପ୍ରତିଯୋଗିତା, ପଥପ୍ରାନ୍ତ ନାଟକ, ନାଟକ, ସଚେତନତା ରଥ ପରିକ୍ରମା, ପଦଯାତ୍ରା, ସାଇକଲ ଯାତ୍ରା, ସ୍ପଟ କୁଇଜ, ସାଇବର ଅପରାଧ ଉପରେ ସମ୍ମିଳନୀ, ଅନଲାଇନ କୁଇଜ, ରିଲ ମ୍ୟାକିଂ ପ୍ରତିଯୋଗିତା ଇତ୍ୟାଦି ଆୟୋଜନ କରାଯିବ। ମାତ୍ର ଜନ ସଚେତନତା କେବଳ ପୁଲିସ ବିଭାଗ ଦ୍ୱାରା ସମ୍ଭବ ନୁହେଁ ବରଂ ସମସ୍ତଙ୍କ ସହଭାଗୀତାରେ ସଫଳ ରୂପାୟନ ସମ୍ଭବ ହେବ ବୋଲି ଆଶାବ୍ୟକ୍ତ କରି ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜିଲ୍ଲାର ସମସ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ, ପୁଲିସ ଅଧିକାରୀ, ବିଭିନ୍ନ ବିଭାଗୀୟ ଅଧିକାରୀ, ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।



## ଜିଲ୍ଲା ପୁଲିସର ସାଇବର୍ ସଚେତନତା କାର୍ଯ୍ୟକ୍ରମ

# କେବଳ ପୁଲିସ ଅପରାଧ ରୋକିପାରିବନି

**ସମ୍ବଲପୁର, ୧୮ ।୧୦(ସମିସ)**

ବର୍ତ୍ତମାନ ସମସ୍ତେ ଇଣ୍ଟରନେଟ୍ ସହ ଜଡ଼ିତ। କିଛି ବି କାର୍ଯ୍ୟ କରିବାକୁ ହେଲେ ଇଣ୍ଟରନେଟ୍‌ର ସାହାର୍ଯ୍ୟ ନେଉଛନ୍ତି। ଏଥି ପାଇଁ ଅନେକ ସମୟରେ ସାଇବର ଅପରାଧ ଘଟିବାରେ ଲାଗିଛି। ପ୍ରତିଦିନ କେଉଁଠି ନା କେଉଁଠି ଅପରାଧ ଘଟିବାରେ ଲାଗିଛି। ଏହାକୁ ରୋକିବାକୁ ପୁଲିସ ମଧ୍ୟ ପ୍ରୟାସ କରୁଛି।

## ନିଜର ତଥ୍ୟ ଯାଞ୍ଚ କରି ଦିଅନ୍ତୁ

କିନ୍ତୁ କେବଳ ପୁଲିସ ଏହାକୁ ରୋକି ପାରିବନି, ସମସ୍ତ ନାଗରିକ ଇଣ୍ଟରନେଟ୍ ବ୍ୟବହାରକାରୀ ନିଜେ ସଚେତନ ହେଲେ ଏହି ଅପରାଧ ସମ୍ପୂର୍ଣ୍ଣ ଲୋପ ପାଇଯିବା ବୋଲି ଗଙ୍ଗାଧର ମେହେର ପ୍ରେକ୍ଷାଳୟରେ ଆୟୋଜିତ ସାଇବର୍ ସଚେତନତା କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। ଜିଲ୍ଲା ପୁଲିସ ପକ୍ଷରୁ ଜିଲ୍ଲାସ୍ତରୀୟଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ସାଇବର୍ କ୍ରାଇମକୁ ରୋକିବା ସହ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ସମ୍ବଲପୁର ପୁଲିସ୍ ସାଇବର ସୁରକ୍ଷା ଅଭିଯାନ ଆରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉତ୍ତରାଞ୍ଚଳ ପୁଲିସ ମହାନିର୍ଦ୍ଦେଶକ ହିମାଂଶୁ ଲାଲ କହିଥିଲେ, ସୋସିଆଲ ମିଡ଼ିଆ କିମ୍ବା ଅନ୍ୟ କୌଣସି ଇଣ୍ଟରନେଟ ସମ୍ପର୍କିତ କାର୍ଯ୍ୟକଳାପରେ ଅଜଣା ଉତ୍ସଠାରୁ ଦୂରରେ ରହିବା ଜରୁରୀ। ଲଟେରୀ, ଆର୍ଥିକ ପ୍ରଲୋଭନ କିମ୍ବା ବ୍ୟାଙ୍କିଂ



ସେବା ସମ୍ପର୍କିତ ମିଥ୍ୟା ଫୋନ କଲ୍ ଆସିଲେ, କୌଣସି ତଥ୍ୟ ଦେବା ପୂର୍ବରୁ ଏହାକୁ ଯାଞ୍ଚ କରିବା ନିହାତି ଜରୁରୀ। ଆବଶ୍ୟକ ସ୍ଥଳେ ତାହାକୁ ବ୍ଲକ କରିବା ସହ ସାଇବର ପୁଲିସକୁ ଅବଗତ କରିବା ଆବଶ୍ୟକ ବୋଲି ସେ କହିଥିଲେ। ସେହିପରି ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ତାଙ୍କ ସହ ଘଟିଥିବା ଦୁଇଟି ସାଇବର୍ ଠକାମିର ଉଦାହରଣ ରଖିଥିଲେ। ରେଳ ଦୁର୍ଘଟଣାରେ ସମ୍ବଲପୁରର ଜଣେ ମହିଳାଙ୍କର ଉତ୍ତର ପ୍ରଦେଶରେ ମୃତ୍ୟୁ ଘଟିଥିବା ଓ ମୃତଦେହ ଓଡ଼ିଶା ପଠାଇବା ପାଇଁ ଜିଲ୍ଲା ପ୍ରଶାସନର ତରଫରୁ ଅର୍ଥରାଶି ପଠାଇବା ପାଇଁ ସେ ଏକ ମିଥ୍ୟା କଲ୍ ପାଇଥିଲେ। ସେହିପରି ତାଙ୍କ ଫଟୋ ବ୍ୟବହାର କରି ଏକ ଫେକ୍ ଆକାଉଣ୍ଟ ମାଧ୍ୟମରେ ଟଙ୍କା ମଗାଯାଉଥିବା ନେଇ ଜାଣିବା ପରେ ତୁରନ୍ତ ସେ ଏସପିଙ୍କୁ ଅବଗତ କରିଥିବା କଥା କହିଥିଲେ। ଏସ୍‌ପି ମୁକେଶ ଭାମୁ କହିଥିଲେ, ସାଇବର ଠକେଇ ଉଭୟ ଆର୍ଥିକ ଓ ସାମାଜିକ ପ୍ରତିଷ୍ଠାକୁ ନଷ୍ଟ କରିଦେଉଛି। ବିଶେଷ ଭାବେ ଯୁବପିଢି ଓ ଛାତ୍ରଛାତ୍ରୀ ଇଣ୍ଟରନେଟ ସହ ମାତ୍ରାଧିକ ଜଡିତ। ସେମାନଙ୍କ କୌଣସି ଭୁଲ ପଦକ୍ଷେପ ଅଭିଭାବକଙ୍କ ସମସ୍ତ ସ୍ୱପ୍ନକୁ ଭାଙ୍ଗିବା ପାଇଁ ଯଥେଷ୍ଟ। ସେହିପରି ସାଇବର ଠକେଇର ଏକ ଜାଲ ଲମ୍ବା ଓ ଏହାର ତଦନ୍ତ ମଧ୍ୟ ଅନ୍ୟ ମାମଲା ଅପେକ୍ଷା କଷ୍ଟସାଧ। ଟଙ୍କା ଫେରିପାଇବାର ସମ୍ଭାବନା ମାତ୍ର ୨୦ ରୁ ୩୦ ପ୍ରତିଶତ। ତେଣୁ କେବଳ ସଚେତନତା ହିଁ ଏହାକୁ ପ୍ରତିହତ କରାଯାଇ ପାରିବ। ଫେକ ଭିଡିଓ କଲ ମାଧ୍ୟମରେ ହିଁ ଡିଜିଟାଲ ଆରେଷ୍ଟ ନାମରେ ଠକାମୀ ହେଉଛି। ତେଣୁ ଏଥିରୁ ଦୂରେଇ ରହିବା ଜରୁରୀ। ଅନ୍ୟତମ ଅତିଥି ଜିଏମ୍‌ୟୁର କୁଳପତି ପ୍ରଫେସର ସୁଶାନ୍ତ ଦାସ ମଧ୍ୟ ଏହି ସଚେତନତାରେ ଅଭିଯାନରେ ଛାତ୍ରଛାତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଓ ସେମାନେ ଆଗକୁ ଆସିବା ଜରୁରୀ ବୋଲି କହିଥିଲେ। ଏକ ସମୂହ ଶପଥ ପାଠ କାର୍ଯ୍ୟକ୍ରମରେ ସମସ୍ତେ ସାଇବର କ୍ରାଇମ ରୋକିବା ଦିଗରେ ସଚେତନତାର ଶପଥ ପାଠ କରିଥିଲେ। ଆଜିଠାରୁ ପ୍ରାୟ ମାସେ ବ୍ୟାପୀ ଏହି ଅଭିଯାନ ଅଧୀନରେ ବିଭିନ୍ନ ଅନୁଷ୍ଠାନରେ ସଚେତନତା ଶିବିର ଆୟୋଜିତ ହେବ। ଅନ୍ୟମାନଙ୍କ ମଧ୍ୟରେ ମହାନଗର ନିଗମ ଆୟୁକ୍ତ ରେହାନ କ୍ଷେତ୍ରୀ, ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ର, ଶ୍ରୀମନ୍ତ ବାରିକ, ଶଶାଙ୍କ ଶେଖର ବେହେରା, ଏସଡିପିଓ ତୋଫାନ ଭାଗ, ଅନୀଲ ପ୍ରଧାନ, ସମସ୍ତ ଥାନାର ଥାନାଧିକାରୀମାନେ, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଓ ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ନିମ୍ନମାନର ସେତୁ ନିର୍ମାଣ

# ଠିକା ସଂସ୍ଥାକୁ କଳା ତାଲିକାଭୁକ୍ତ ପାଇଁ ଦାବି

**କୁଚିଣ୍ଡା, ୧୮ ।୧୦(ସମିସ):** କୁଚିଣ୍ଡା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଜୟପୁରଗଡ଼ ଭେଡେନ ନଦୀ ଉପରେ ବିଜୁ ସେତୁ ଯୋଜନାରେ ନିର୍ମାଣ କରା ଯାଉଥିବା ବ୍ରିଜ କାମ ନିମ୍ନମାନର ହେଉଥିବା ଯୋଗୁଁ ଏହାର ସ୍ଲାବ୍ ଦବି ଯାଇଥିବା ଏବଂ ବର୍ଷାରେ କିଛି ଅଂଶ ଭାଙ୍ଗି ଯାଇ ନଦୀରେ ପଡ଼ିଥିଲା। ଏନେଇ ଗ୍ରାମବାସୀ ଅଭିଯୋଗ କରି ନିମ୍ନମାନର କାମ କରିଥିବା ଠିକା ସଂସ୍ଥାକୁ କଳା ତାଲିକାଭୁକ୍ତ କରି



ସରକାରୀ କାର୍ଯ୍ୟରୁ ଦୂରେଇ ରଖିବା ପାଇଁ ପଞ୍ଚାୟତବାସୀ ଦାବି କରିଛନ୍ତି। ବର୍ତ୍ତମାନ କୁଚିଣ୍ଡା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଜୟପୁର ଗଡ଼ ଠାରୁ ରାଜବନ୍ଧ ଗ୍ରାମ ମଝିରେ ପ୍ରବାହିତ ଭେଡେନ ନଦୀ ଉପରେ ଏକ ବ୍ରିଜ ନିର୍ମାଣ କାମ ଚାଲିଛି। ଏହି ବ୍ରିଜଟି ୯ କୋଟି ୩ ଲକ୍ଷ ୬୨ ହଜାର ଟଙ୍କାର ବ୍ୟୟ ଅଟକଳରେ ନିର୍ମାଣ ହେଉଛି। ଏହାର ନିର୍ମାଣ କାର୍ଯ୍ୟ ସମ୍ବଲପୁରର ଶାନ୍ତି କନଷ୍ଟ୍ରକସନ ପ୍ରାଇଭେଟ ଲିମିଟେଡ଼ କରୁଛି। ଏପର୍ଯ୍ୟନ୍ତ ପିଲର କାମ ସରିଛି ଏବଂ ଗୋଟିଏ ସ୍ଲାବ ନିର୍ମାଣ ହୋଇଥିଲା। ଏହି ବ୍ରିଜ କାମରେ ୫ କୋଟି ୪୬ ଲକ୍ଷ ୧୮ ହଜାର ଟଙ୍କା ବିଲ ମଧ୍ୟ ପ୍ରଦାନ କରାଯାଇଛି। ତେବେ ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ନିମ୍ନମାନର କାମ ଯୋଗୁଁ ଗତ ବର୍ଷାରେ ଏହି ସେତୁର ସ୍ଲାବଟି ସମ୍ପୂର୍ଣ୍ଣ ଦବି ଯିବାରୁ ଏହାର କିଛି ଅଂଶ ଭାଙ୍ଗି ଯାଇ ନଦୀରେ ପଡ଼ି ଯାଇଥିଲା। କୁଚିଣ୍ଡା ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀଙ୍କୁ ଏବାବଦରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନ ଥିବା ସେମାନେ ଅଭିଯୋଗ କରିଥିଲେ। ତେବେ ସ୍ଲାବ ଦବିଯିବା ଓ ଭାଙ୍ଗିବା ବାବଦରେ ବିଭିନ୍ନଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଭାଗର କୁମ୍ଭକର୍ଣ୍ଣ ନିଦ ଭାଙ୍ଗିଥିଲା।ଅଧିକ୍ଷଣ ଯନ୍ତ୍ରୀ ଦେବର୍ଷି ନାୟକ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଦବି ଯାଇଥିବା ସ୍ଲାବକୁ ଭାଙ୍ଗି ନୂତନ ସ୍ଲାବ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବ୍ରିଜ ନିର୍ମାଣ କାର୍ଯ୍ୟର ତଦାରଖ କରୁଥିବା କନିଷ୍ଠ ଯନ୍ତ୍ରୀ ଗୌରୀଶଙ୍କର ନାୟକ ବର୍ଷାରେ ସ୍ଲାବଟି ଦବି ଯାଇଛି ବୋଲି ସଫେଇ ଦେଇଥିଲେ ମଧ୍ୟ ଗୋଟିଏ ବର୍ଷାରେ ସ୍ଲାବ ଦବିଯିବା ଏବଂ ଭାଙ୍ଗି ଯିବାରୁ ଏହି ବ୍ରିଜର ସ୍ଥାୟୀତ୍ୱ ପ୍ରତି ଗ୍ରାମବାସୀ ସନ୍ଦେହ ପ୍ରକାଶ କରିବା ସହ ନିମ୍ନମାନର ନିର୍ମାଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥାକୁ କଳା ତାଲିକାଭୁକ୍ତ କରିବା ସହ ଏହି ସଂସ୍ଥାକୁ ସରକାରୀ କାର୍ଯ୍ୟରୁ ଦୂରେଇ ରଖିବା ପାଇଁ ପଞ୍ଚାୟତବାସୀ ଦାବି କରିଛନ୍ତି।

## ଜମନକିରା ଥାନାରେ ସାଇବର୍ ଅପରାଧ ସଚେତନତା



**ଜମନକିରା, ୧୮ ।୧୦(ସମିସ):** ମୁଖ୍ୟମନ୍ତ୍ରୀ ମୋହନ ମାଝୀ କଳିଙ୍ଗ ଷ୍ଟାଡିୟମ୍‌ରେ ସାଇବର ସଚେତନ ରଥର ଶୁଭାରମ୍ଭ କରି ରାଜ୍ୟରେ ସାଇବର ସଚେତନ ରଥ ଜନସଚେତନ ଉଦ୍ଦେଶ୍ୟରେ ରଥକୁ ସବୁ ଜିଲ୍ଲାକୁ ପଠାଇ ଥାନା ଅଞ୍ଚଳରେ ଲୋକଙ୍କୁ ସତର୍କ ପାଇଁ ଶୁଭାରମ୍ଭ କରିଥିଲେ।ଏହାର ସିଧା ପ୍ରସାରଣ ଅଞ୍ଚଳ ଜନସାଧାରଣ ଓ କଲେଜ ଛାତ୍ରଛାତ୍ରୀ ଦେଖି ସଚେତନ ଓ ଜାଗୃତ ପାଇଁ ଜମନକିରା ଥାନା ପରିସରରେ ଜମନକିରା ଥାନା ପକ୍ଷ ରୁ ଆଇଆଇସି ପଦ୍ମାଳୟା ସାହୁଙ୍କ ନେତୃତ୍ୱରେ ସଭାର ଆୟୋଜନ କରା ଯାଇଥିଲା। ସଭାରେ ବରିଷ୍ଠ ନାଗରିକ ଗୋକୁଳା ନନ୍ଦ ଦାନୀ, ଲକ୍ଷ୍ମଣ ନାଏକ, ଅମରେଶ ସ୍ୱାଇଁ, ଟିକିଲିପଡ଼ା ସରପଞ୍ଚ ଅଜିତ ନାଏକ, ପୂର୍ବତନ ସରପଞ୍ଚ ତଥା ସମାଜ ସେବୀ ମନୋଜ ମାଝୀ, ସିଡିପିଓ ମମତା ପଟେଲ, ସାମ୍ବାଦିକ କ୍ଷିତି ରଞ୍ଜନ ପଧାନ, ରାଜେନ୍ଦ୍ର ନାୟକ, ସଚ୍ଚିକାନ୍ତ ସାହୁ ସହ କଲେଜ ଛାତ୍ର ଛାତ୍ରୀ ଉପସ୍ଥିତ ରହି ଥିଲେ। ଥାନାର ଏସଆଇ ମନୋରଞ୍ଜନ ଦାଶ, ଏସ ଆଇ ସନ୍ତୋଷ କୁମାର ସ୍ୱାଇଁ, ଏଏସ୍‌ଆଇ କିଶୋର କୁମାର ସାହୁ, ଏଏସ୍‌ଆଇ ନିରଞ୍ଜନ ପ୍ରଧାନ, ହାବିଲଦାର ସ୍ୱାଧୀନ କୁମାର ବେହେରା ସହିତ ଅନ୍ୟ କନେଷ୍ଟବଲମାନେ ଉପସ୍ଥିତ ଥିଲେ। ଶେଷରେ ଏସ୍‌ଆଇ ମନୋରଞ୍ଜନ ଦାଶ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ମହିଳା ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍‌ର ରକ୍ତଦାନ ଶିବିର



**ସମ୍ବଲପୁର, ୧୮ ।୧୦(ସମିସ):** ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ ଆନୁକୁଲ୍ୟରେ ଆୟୋଜିତ ଜାତୀୟ ସେବା ସଂସ୍ଥାର ସ୍ୱତନ୍ତ୍ର ଶିବିର ଉପଲକ୍ଷେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ଦ୍ୱାରା ଶିବିର ଉଦ୍‌ଘାଟିତ ହୋଇଥିଲା। ଶିବିରରେ ୩୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଶିବିର ପରିଚାଳନାରେ ସହାୟତା କରିଥିଲେ କାର୍ଯ୍ୟକ୍ରମ ଅଧିକାରୀ ପ୍ରଫେସର ସନ୍ଧ୍ୟାମୟୀ ସାହୁ, ମିହିର ଥାଟୀ, ସୁଷମା ସୁଇ। ଅନ୍ୟମାନଙ୍କ ମଧ୍ୟରେ କଲେଜର ପ୍ରାଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ, ସୁଶାନ୍ତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟକ୍ଷା ସମସ୍ତ ରକ୍ତଦାତ୍ରୀ, ରକ୍ତଦାତା, ନାଗେନ ଚଉଠିର ସ୍ୱେଚ୍ଛାସେବୀ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ କର୍ମଚାରୀଙ୍କୁ ଅଶେଷ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୦ ଲକ୍ଷ ଟଙ୍କା ମୂଲ୍ୟର ଗଞ୍ଜେଇ ଗଛ ନଷ୍ଟ

**ରେଢ଼ାଖୋଲ/ନାକଟିଦେଉଳ, ୧୮ ।୧୦(ସମିସ):** ରେଢାଖୋଲ ବନଖଣ୍ଡ ନାକଟିଦେଉଳ ବ୍ଲକ ଘୋଷରାମାଳ ପଞ୍ଚାୟତ ଜଙ୍ଗଲରେ ଅବକାରୀ ବିଭାଗ ଚଢ଼ଉ କରି ପ୍ରାୟ ୧୦ ଲକ୍ଷ ଟଙ୍କା ମୂଲ୍ୟର ଗଞ୍ଜେଇ ଗଛ ନଷ୍ଟ କରିଛି। ଶନିବାର ସମ୍ବଲପୁର ଜିଲ୍ଲା ରେଢାଖୋଲ ବନଖଣ୍ଡ ନାକଟିଦେଉଳ ବ୍ଲକ ଲାଣ୍ଡିମାଳ ଓ ବଡମାଳ ନିକଟସ୍ଥ ଜଙ୍ଗଲରେ ଗଞ୍ଜେଇ ଚାଷ ହୋଇଥିବା ପ୍ରଶାସନ ଖବର ପାଇ ଅବକାରୀ ବିଭାଗ, ବନ ବିଭାଗ, ପୁଲିସ ଏବଂ ରାଜସ୍ୱ ବିଭାଗ ମିଳିତ ଚଢ଼ଉ କରିଥିଲେ। କିଛି ଦିନ ପୂର୍ବରୁ ରେଢ଼ାଖୋଲ ବନ ବିଭାଗ ଡ୍ରୋନ କ୍ୟାମରା ସହାୟତାରେ ଗଂଜେଇ ଚାଷ ହେଇଥିବାର ପ୍ରମାଣ ପାଇଥିବା ବେଳେ ତା ସହିତ ଗଣମାଧ୍ୟମରେ ଖବର ପ୍ରକାଶିତ ପରେ ଶନିବାର ଦିନ ଆକ୍ସନ ମୋଡ଼ରେ ଆସିଛି ଜିଲ୍ଲା ଅବକାରୀ ବିଭାଗ। ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ଅନ୍ତର୍ଗତ ନାକଟିଦେଉଳ ରେଞ୍ଜର ସିମାବର୍ତ୍ତୀ



ଆଭ୍ୟନ୍ତରୀଣ ସଂରକ୍ଷିତ ଜଙ୍ଗଲ ଭିତରେ, ଏକର ଏକର ଜାଗାରେ ହଜାର ହଜାର ସଂଖ୍ୟାରେ ଗଞ୍ଜେଇ ଚାଷ ହୋଇଥିବାର ପ୍ରମାଣ ପାଇ ୪ ଟି ବିଭାଗ ଯଥା ଅବକାରୀ ବିଭାଗ, ବନ ବିଭାଗ, ରାଜସ୍ୱ ବିଭାଗ ଏବଂ ପୁଲିସ ବିଭାଗର ମିଳିତ ଚଢ଼ାଉ ଆରମ୍ଭ କରାଯାଇଥିଲା। ଘୁଷୁରାମାଳ ଗ୍ରାମ ପାଞ୍ଚୟତ ଅଧୀନ ଲାଣ୍ଡିମାଲ, ଝାଟିକିମାଲ, ବଡ଼ମାଳ ମଧ୍ୟବିତ ଜଙ୍ଗଲ ରେ ବିସ୍ତିର୍ଣ୍ଣ ପାହାଡିଆ ଅଞ୍ଚଳରେ ଗଞ୍ଜେଇ ଚାଷ ଲହରାଉଛି। ଏଥିରେ ଆଉ ମାସେ ମଧ୍ୟରେ କିଛି ଗଛରୁ ଅମଳ ହେବାର ସମୟ ଜଣାପଡୁଛି। ସେସବୁ ଗଛକୁ କାଟି ପୋଡା ଦିଆଯାଇଛି। ସବୁଠୁ ବଡ଼କଥା ହେଲା ନିଘଞ୍ଚ ଜଙ୍ଗଲ ଭିତରେ ଗୋଟିଏ ଗୋଟିଏ ଘର ଥିବାର ଦେଖିବାକୁ ମିଳିଛି। ଚଡାଉ ସମୟ ରେ ଘର ଗୁଡିକରେ ତାଲା ପକାଇ ଲୋକେ ଫେରାର ମାରିଛନ୍ତି।ମିଳିତ ବିଭାଗୀୟ ଚଢ଼ାଉରେ ୪ ଏକରରୁ ଉର୍ଦ୍ଧ୍ୱ ଜମିରେ ୬ ହଜାରରୁ ଉର୍ଦ୍ଧ୍ୱ ଅମଳକ୍ଷମ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ଏଥିରେ କିଛି ବ୍ୟକ୍ତି ଙ୍କୁ ଅଟକ ରଖିଥିବା ଜଣାପଡ଼ିଛି।

# ଝୁମୁଝୁମୁରା ରାସଯାତ୍ରା ଦୁଇଶହ ବର୍ଷରେ ପଦାର୍ପଣ

**ସମ୍ବଲପୁର, ୧୮ ।୧୦(ସମିସ):** ଚଳିତ ବର୍ଷ ଝୁମୁଝୁମୁରା ରାସଯାତ୍ରାର ୨୦୦ ବର୍ଷ ପୂର୍ତ୍ତି ଉତ୍ସବ ପାଳିତ ହେବାକୁ ଯାଉଛି। ଆସନ୍ତା ନଭେମ୍ବର ଏକ ତାରିଖରୁ ପାଞ୍ଚ ତାରିଖ ପର୍ଯ୍ୟନ୍ତ ଏହି ଐତିହାସିକ ଯାତ୍ରା ପାଳନ କରିବାକୁ ସ୍ଥିର ହୋଇଥିବା ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ମିଳିଛି। ପ୍ରାଚୀନ ଓ ଆଧୁନିକ ଲୋକକଳାର ସମିଶ୍ରଣ ସହିତ ଅନ୍ୟାନ୍ୟ ମନୋରଞ୍ଜନ ଧର୍ମୀ ପାଲା, ଦାସକାଠିଆ, ସଂକୀର୍ତନ, ଦଣ୍ଡନୃତ୍ୟ, କୃଷ୍ଣଗୁରୁ, କୃଷ୍ଣଲୀଳା, ରାମଲୀଳା, ବାଡିଖେଳ, ସଞ୍ଚାର ଓ ସମ୍ପ୍ରଦା ସହ ନାମିଦାମୀ ଅପେରା, ଅର୍କେଷ୍ଟ୍ରା, ଆଧୁନିକ ଦଣ୍ଡ ପରି ଅନେକ କାର୍ଯ୍ୟକ୍ରମ ମାଧ୍ୟମରେ ଦୀର୍ଘ ପାଞ୍ଚଦିନ ଧରି ଯାତ୍ରା ଚାଲିବ। ଯାତ୍ରାରେ ହଜାର ହଜାର ଲୋକ ସାମିଲ ହେଉଥିବା ବେଳେ ଚଳିତ ବର୍ଷ ମାତ୍ରାଧିକ ଜନସମାଗମ ହେବାର ଆଶା ରହିଛି। ରାଧାକୃଷ୍ଣଙ୍କ ରାସଲୀଳା ପରମ୍ପରା ସହିତ ଚଳିତ ବର୍ଷର ଦ୍ୱିଶତ ବର୍ଷ ପୂର୍ତ୍ତି ଉତ୍ସବ ଅବସରରେ ଆସନ୍ତା ୫ତାରିଖ ଅପରାହ୍ନ ୩.୦୦ ଟାରେ ଅୟୋଜିତ ଜନ ସମାବେଶରେ ସ୍ଥାନୀୟ କଳା, ସାହିତ୍ୟ, ଶିକ୍ଷା, କୃଷି, ପରିବେଶ, ଖେଳକୁଦ, ସଂକୀର୍ତ୍ତନ ଓ ପାଲା ଓ ପିଲାଙ୍କ ମେଧା କ୍ଷେତ୍ରରେ ସଫଳତା ହାସଲ କରିଥିବା କୃତୀ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯିବ। ଏହି ଅବସରରେ ଯାତ୍ରାର ସ୍ମାରକୀ ସ୍ୱରୂପ ବିଭିନ୍ନ ରୁଚିର ଲେଖା ସହ ଏକ ସ୍ମରଣିକା ଉନ୍ମୋଚନ



ହେବ। ମୁଖ୍ୟଅତିଥି ଭାବେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଯୋଗ ଦେବେ। ସମ୍ମାନିତ ଅତିଥି ଭାବେ ରେଢ଼ାଖୋଲ ବିଧାୟକ ତଥା ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଯୋଗ ଦେବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ସେହିପରି ସମ୍ବଲପୁର ଜିଲ୍ଲାପାଳ, ସ୍ଥାନୀୟ ଅଧିକାରୀ, ବ୍ଲକର ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ଅଞ୍ଚଳର ବହୁମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କୁ ନିମନ୍ତ୍ରଣ କରାଯାଇଛି।

# ଜିଲ୍ଲା ସ୍କୁଲରେ ସମୂହ ସନ୍ତରଣ ଓ ଯୋଗ ପ୍ରତିଯୋଗିତା

**ସମ୍ବଲପୁର, ୧୮ ।୧୦(ସମିସ):** ସମ୍ବଲପୁର ଜିଲ୍ଲା ବିଦ୍ୟାଳୟ ସମୂହ ସନ୍ତରଣ ଓ ଯୋଗ ପ୍ରତିଯୋଗିତା ସ୍ଥାନୀୟ ଡ. ଝସକେତନ ସାହୁ ସନ୍ତରଣାଗାର ଠାରେ ଉଦ୍‌ଘାଟିତ ହୋଇଛି। ଉକ୍ତ ପ୍ରତିଯୋଗିତାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକରୀ ସତ୍ୟବ୍ରତ ସାହୁ, ଜିଲ୍ଲା ଶାରିରୀକ ଶିକ୍ଷା ଅଧିକରୀ ସୁଜାତା ପଟ୍ଟନାୟକ ଓ ଅବସର ପ୍ରାପ୍ତ ଜିଲ୍ଲା ଶାରିରୀକ ଶିକ୍ଷା ନିରକ୍ଷକ ଜଗବନ୍ଧୁ ବେହେରା ମଞ୍ଚାସୀନ ଥିଲେ। ଭିମସେନ ବାରିକ ମଞ୍ଚ ପରିଚାଳନା କରିଥିଲେ। ସନ୍ତରଣ ବିଭାଗରେ ୫୨ ଜଣ ଏବଂ ଯୋଗରେ ୫୪ ଜଣ ମୋଟ ୧୦୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁ, ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ସୁଜାତା ପଟ୍ଟନାୟକ ଅନ୍ୟତମ ସମ୍ମାନିତ ଅତିଥି କ୍ରୀଡ଼ା ଭାରତୀ କ୍ଷେତ୍ରୀୟ ସଂଗଠନ ମନ୍ତ୍ରୀ ମହାଦେବ ବେହେରା ଓ ଅବସରପ୍ରାପ୍ତ ଶାରିରୀକ ଶିକ୍ଷା ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା, ଅବସର ପ୍ରାପ୍ତ ଜିଲ୍ଲା ଶାରିରୀକ ଶିକ୍ଷା ନିରିକ୍ଷକ ଜଗବନ୍ଧୁ ବେହେରା ମଞ୍ଚାସିନ ଥିଲେ। ଜିଲ୍ଲା ଶିକ୍ଷା ଅଧିକରୀ କ୍ରିଡ଼ାର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ।ସତ୍ୟରଞ୍ଜନ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶାରିରୀକ ଶିକ୍ଷା ଶିକ୍ଷକ ଭିମସେନ ବାରିକ, ପି. ସୁଧାଂଶୁ, ରମେଶ ବେରିହା, ତ୍ରିବିକ୍ରମ ରଣା, ପ୍ରତାପ ଚନ୍ଦ୍ର ସେନାପତି, ଜୟନ୍ତ ପିଙ୍ଗ ସହଯୋଗ କରିଥିଲେ।

# ଆରସିଏମ୍‌ର 'ରୂପାନ୍ତରଣ ଯାତ୍ରା' ସମ୍ବଲପୁରରେ ସମାପ୍ତ

**ସମ୍ବଲପୁର, ୧୮ ।୧୦(ସମିସ):** ଆର୍‌ସିଏମର ଦେଶବ୍ୟାପୀ 'ରୂପାନ୍ତରଣ ଯାତ୍ରା' ସମ୍ବଲପୁରରେ ସଫଳ ଭାବରେ ଶେଷ ହୋଇଛି। ସ୍ଥାନୀୟ ଲୋକମାନେ ଓ ଜଣାଶୁଣା କ୍ରେତାମାନେ ଉତ୍ସାହିତ ଭାଗ ନେଇଥିଲେ। ସାମ୍ପ୍ରତିକ ବୃଦ୍ଧି ପାଇଁ ନିଜର ଦୃଷ୍ଟିକୋଣର ଅଂଶ



ଭାବରେ, ଆରସିଏମ୍ ସମ୍ବଲପୁର ଓ ଓଡ଼ିଶାର ବିଭିନ୍ନ ସମୁଦାୟର ଲୋକମାନଙ୍କୁ ସଶକ୍ତ କରିବାରେ ଗଭୀର ଭାବରେ କେନ୍ଦ୍ରିତ ଅଛି। ସମସ୍ତ ବୟସ୍କ ଓ ପୃଷ୍ଠଭୂମିରୁ ଆସୁଥିବା ନାରୀ, ଯୁବଶକ୍ତି ଏବଂ ଉଦ୍ୟୋଗପତି ହେବାକୁ ଚାହୁଁଥିବା ଲୋକମାନଙ୍କ ପାଇଁ ସମାନ ସୁଯୋଗ ସୃଷ୍ଟି କରି, ଆରସିଏମ୍ ଜୀବିକାକୁ ସୁଦୃଢ଼ କରିବା ଓ ବୃଦ୍ଧିର ଲାଭ ସମସ୍ତଙ୍କୁ ମିଳିବାକୁ ନିଶ୍ଚିତ କରିବାକୁ ଚେଷ୍ଟା କରୁଛି।ଆରସିଏମର ୨୫ତମ ବାର୍ଷିକୀ ଉତ୍ସବର ଅଂଶ ଭାବରେ ଆୟୋଜିତ 'ଯାତ୍ରା'(୧୦୦ଦିନର)ଯାହା ୧୭, ୦୦୦ କିଲୋମିଟର, ୭୫ଟି ସହର ଓ ୨୫ଟି ପ୍ରମୁଖ କାର୍ଯ୍ୟକ୍ରମକୁ ଆବୃତ କରିଛି। ସମ୍ବଲପୁରର ଲୋକେ ବିପୁଳ ଉତ୍ସାହ ଓ ଶ୍ରଦ୍ଧା ସହିତ ଯାତ୍ରାକୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମର ଆରମ୍ଭ ହେଲା ଆରସିଏମ୍ ପ୍ରଗୀତ ସହ, ଯାହା ଆରସିଏମର ମୂଳ ମୂଲ୍ୟବୋଧ ଓ ଲକ୍ଷ୍ୟକୁ ବ୍ୟକ୍ତ କରିଥିଲା। ଏହା ପରେ ଶାରୀରିକ ସୁସ୍ଥତାକୁ ପ୍ରୋତ୍ସାହନ ଦେବା ପାଇଁ ଏକ ଯୋଗ ସେସନ୍ ଆୟୋଜିତ ହୋଇଥିଲା। ସ୍ୱାସ୍ଥ୍ୟ କ୍ରାନ୍ତି ଓ ଆରସିଏମ୍ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ସ୍ୱାସ୍ଥ୍ୟସମ୍ପର୍କୀୟ ପଦକ୍ଷେପଗୁଡ଼ିକୁ ମଧ୍ୟ ପରିଚୟ କରାଯିବ। ଉପସ୍ଥିତ ଲୋକମାନେ ସେବା କାର୍ଯ୍ୟକଳାପରେ ସହଭାଗି ହୋଇଥିଲେ ଏବଂ ଆରସିଏମ୍ର ପ୍ରଭାବଶାଳୀ ଯାତ୍ରା ଉପରେ ଏକ ଡକ୍ୟୁମେଣ୍ଟାରୀ ଦେଖାଯାଇଥିଲା। ସମସ୍ତେ ଆଦର୍ଶ ନାଗରିକ ସପଥ ଗ୍ରହଣ କରି ସାମାଜିକ ଦାୟିତ୍ୱ ପ୍ରତି ନିବେଦିତ ରହିବାର ପ୍ରତିଜ୍ଞା କରିଥିଲେ। କାର୍ଯ୍ୟକ୍ରମର ଶେଷ ହେଲା ଏକ ଶକ୍ତିଶାଳୀ ସଚେତନତା ର୍‌ୟାଲି ସହିତ, ଯାହା ସମ୍ବଲପୁରରେ ସ୍ୱାସ୍ଥ୍ୟ ଓ ସମୁଦାୟ ସଶକ୍ତିକରଣର ସନ୍ଦେଶ ପ୍ରସାର କଲା। ବ୍ୟବସ୍ଥାପକ ନିର୍ଦ୍ଦେଶକ ସୌରଭ ଛାବ୍ରା କହିଛନ୍ତି, ସମ୍ବଲପୁରରୁ ମିଳିଥିବା ଅପାର ସାର୍ବଜନୀନ ପ୍ରତିକ୍ରିୟା ଆମ ପ୍ରଜାଶକ୍ତି-ଚାଳିତ ଆନ୍ଦୋଳନର ଶକ୍ତି ଓ ଆତ୍ମାକୁ ପ୍ରତିବିମ୍ବିତ କରେ। ସେହିପରି ସିଇଓ ମନୋଜ କୁମାର କହିଥିଲେ ମୁଁ ଗର୍ବିତ ଯେ, ସମ୍ବଲପୁରରେ ରୂପାନ୍ତରଣ ଯାତ୍ରା ଯେପରିକି ଉତ୍ସାହ ଓ ଆଗ୍ରହ ଜନ୍ମାଇଛି ତାହା ଦେଖିବାକୁ ମିଳିଲା, ଏବଂ ମୋତେ ପୂର୍ଣ୍ଣ ବିଶ୍ୱାସ ଅଛି ଯେ ଏହି ଯାତ୍ରା ସମଗ୍ର ଭାରତରେ ଲକ୍ଷାଧିକ ଲୋକଙ୍କୁ ସଶକ୍ତ କରିବ, ଯାହା ପରେ ପ୍ରଜାତି ପ୍ରଜାତି ପାଇଁ ସସ୍ଥାୟୀ ଓ ସମୃଦ୍ଧ ଭବିଷ୍ୟତ ଗଢିବାର ପଥ ପ୍ରସ୍ତୁତ କରିବ।





## ରୋଗପୋକ ପ୍ରାଦୁର୍ଭାବରୁ ଚାଷୀ ସର୍ବସ୍ୱାନ୍ତ

# କୃଷୀ ବିଭାଗ ପାଖରେ ନାହିଁ ଠିକ୍ ତଥ୍ୟ

**ଜମନକିରା, ୧୮ ।୧୦(ସମିସ)**

ଖରିଫ ଧାନ ଫସଲ ରେ ରୋଗ ପୋକ ପାଦୁର୍ଭାବ ଯୋଗୁଁ ସର୍ବଶାନ୍ତ ଚାଷୀ କୁଳ ଥିବା ଜମନକିରା ବ୍ଲକ କୃଷି ବିଭାଗ ଅଧିକାରୀ ପାଖରେ ସଠିକ ତଥ୍ୟ ନ ଥିବାରୁ ମନଇଚ୍ଛା ରିପୋର୍ଟ ପ୍ରଦାନ କରୁଛନ୍ତି। ୨୧ଟି ପଞ୍ଚାୟତରେ ଚଳିତ ବର୍ଷ ଖରିଫ ଧାନ ଚାଷ ୧୪୯୩୮ ହେକ୍ଟର ହୋଇ ଥିବା ବେଳେ ରୋଗ ପୋକ ପ୍ରାୟ ୬୦ ହେକ୍ଟର ଧାନ ଫସଲ ପ୍ରଭାବିତ ହୋଇ ଥିବା ଏଏଓ ତନ୍ମୟ କୁମାର ମୁର୍ମୁଙ୍କୁ ପଚାରିବାରୁ ଲେଖି ଜଣାଇଛନ୍ତି। ବଡମାଲ ପଞ୍ଚାୟତ୧୦ ହେକ୍ଟର, ଭୋଜପୁର ୩ହେକ୍ଟର, ଡିମିରିମୁଣ୍ଡା ୪ ହେକ୍ଟର, ଶିରିଡ ୩ ହେକ୍ଟର, ସୁବର୍ଣ୍ଣପାଲି ୨ ହେକ୍ଟର, ଧୁଡ଼ିପାଲି ୩ହେକ୍ଟର, ଗୁଣ୍ଡୁରୁଚୁଆ ୪ ହେକ୍ଟର, ଫାଶୀ ମାଲ ୨ହେକ୍ଟର, ମହଦା ୨ହେକ୍ଟର, କେନାଡ଼ିପା ୩ ହେକ୍ଟର, ଚୁକୁଲିଆ ବାହାଲ ୨ହେକ୍ଟର, କସଡ଼ା ୨ହେକ୍ଟର, ମୁଣ୍ଡେନପାଲି ୩ହେକ୍ଟର, ଖରସଲମାଲ୍



୨ହେକ୍ଟର, କୁଲୁଣ୍ଡି ୪ହେକ୍ଟର, ବଡ଼ ରମା ୩ ହେକ୍ଟର, ସର୍ଡ଼ା ୧ହେକ୍ଟର, ଜମନକିରା ୨ହେକ୍ଟର, ଟିକିବା ୧ ହେକ୍ଟର, ଟିକିଲିପଡ଼ା ୨ହେକ୍ଟର, କଟଙ୍ଗପାଣି ୨ହେକ୍ଟର ରୋଗ ପୋକରେ ପ୍ରଭାବିତ ହୋଇ ଥିବା ବେଳେ ବାସ୍ତବରେ ଅଧିକ ପ୍ରଭାବିତ ହୋଇଛି। କଟଙ୍ଗପାଣି ଗ୍ରାମର ଚାଷୀ ଭୁବନେଶ୍ୱର ପଟେଲଙ୍କ ଧାନ କିଆରୀରେ ନଳୀ ପୋକରେ ପୁରା ଧାନ ଫସଲ ନଷ୍ଟ ହୋଇ ଯାଇଛି। କେବଳ କୃଷି ବିଭାଗ ପକ୍ଷରୁ ଅଗଷ୍ଟ ୬ତାରିଖ ରେ ଜାମୁମାଲ୍, ସୁତବଲଣ୍ଡା, ବଡମାଲ, ନୁଆଡିହି, ମାତା ମହୁଲ ଗ୍ରାମକୁ ଯାଇ ଧାନ ଫସଲ ଦେଖି ଫେରିଛନ୍ତି। ଧାନ ଫସଲ ପ୍ରଭାବିତ ଥିବା ଅଞ୍ଚଳକୁ ଏଏଓ ତନ୍ମୟ କୁମାର ମୁର୍ମୁ, ଶରତ ଚନ୍ଦ୍ର କିସାନ, ଓସଧିଶ ଦନ୍ତା, ମନୋଜ ଜୟପୁରିଆ ଯାଇ ଫସଲ ଦେଖି ଫେରିଥିଲେ। ବ୍ଲକରେ ମାତ୍ର ୪୧ ଜଣ କୃଷକ ସାଥୀ, ୮ ଜଣ କୃଷି ଗ୍ରାମ ସେବକ ଥିବା ବେଳେ କିଛି ପଦକ୍ଷେପ ନେବାକୁ ଦାବି ହେଉଛି।

# ମାସ ପକ୍ଷରୁ ଜୀବିକା କର୍ମଶାଳା



**ସମ୍ବଲପୁର, ୧୮ ।୧୦(ସମିସ):** ମାନେଶ୍ୱର ବ୍ଲକ ଡକରା ପଞ୍ଚାୟତରେ ମାସ, ସମ୍ବଲପୁର ଅନୁଷ୍ଠାନ ତରଫରୁ ଚିରସ୍ଥାୟୀ ଜୀବିକା କର୍ମଶାଳା ଅନୁଷ୍ଠିତ ହୋଇଛି।କର୍ମଶାଳାରେ ମାସ ଅନୁଷ୍ଠାନର ତୁଳସୀ ବଲ୍ଲଭ ଦାସ କର୍ମଶାଳାର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଉକ୍ତ କର୍ମଶାଳାରେ ମାନେଶ୍ୱର ବ୍ଲକ ଅଧିକାରୀ ଜ୍ୟୋସ୍ନା ନାଏକ, ବିପିସି ମିସନ ଶକ୍ତି, ବିକ୍ରମ ବାର୍ଲା, ବିପିଏମ ଓଏଲଏମ ଡ.ଜିତେନ୍ଦ୍ର ନାଏକ, ପ୍ରାଣୀ ସମ୍ପଦ ବିକାଶ, ବିକାଶ ରଞ୍ଜନ ଭୋଇ, ଉଦ୍ୟାନ କୃଷି, ପ୍ରସନ୍ନ ଦାସ, ପିଇଓ ଡକରା, କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖ ଯୋଗଦାନ କରି ବିଭିନ୍ନ ସରକାରୀ ଯୋଜନା ଉପରେ ଅବଗତ କରାଇଥିଲେ। ସଭାରେ ପଞ୍ଚାୟତ ତରଫରୁ ଆଠ ଜଣଙ୍କୁ ଅନ୍ତ୍ୟୋଦୟ ଅବାସର ୱାର୍କ ଅର୍ଡର ପ୍ରଦାନ କରାଯାଇଥିଲା। ଏହା ପରେ ସୋଲାର ଜଳସେଚନ, ସମ୍ବଲପୁର ତରଫରୁ ବୁନ୍ଦା ଜଳସେଚନ ଉପରେ ଲୋକମାନଙ୍କୁ ଅବଗତ କରାଗଲା। କର୍ମଶାଳାକୁ ମାସ, ସମ୍ବଲପୁରର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

# ହକ୍ ପାଇଁ ଗର୍ଜିଲେ ଆଶାକର୍ମୀ

## ବରଗଡ଼ ଜିଲ୍ଲା ଆଶାକର୍ମୀ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

**ବରଗଡ଼, ୧୮।୧୦(ସମିସ):** ଭାରତୀୟ ମଜଦୂର ସଂଘ ସହବନ୍ଧିତ ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘ ତରଫରୁ ଅଖିଳ ଭାରତୀୟ ଆଶା କର୍ମଚାରୀ ମହାସଂଘର ନିଷ୍ପତ୍ତି କ୍ରମେ



ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆଶାକର୍ମୀ ମାନଙ୍କର ବିଭିନ୍ନ ସମସ୍ୟା ସମ୍ବନ୍ଧୀୟ ୯ ଦଫା ଦାବିପତ୍ର ଆଜି ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନକୁ ସ୍ଥାୟୀ କରାଯାଇ ଆଶାକର୍ମୀମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ କରାଯାଉ, ସରକାରୀ କର୍ମଚାରୀ ମାନ୍ୟତା ପର୍ଯ୍ୟନ୍ତ ମାସିକ ବେତନ ୧୮ ହଜାର ଟଙ୍କା ପ୍ରଦାନ କରାଯାଉ, ସମସ୍ତ କର୍ମୀ ମାନଙ୍କୁ ସାମାଜିକ ସୁରକ୍ଷା ଅଧୀନ ଇଏସଆଇ ଓ ଇପିଏଫ୍‌ଓ ଯୋଜନାରେ ଅନ୍ତର୍ଭୁକ୍ତ କରିବା, ପ୍ରତିମାସ ୧୦ ତାରିଖ ମଧ୍ୟରେ ଦେୟ ପ୍ରଦାନ ଓ ପ୍ରତି ପିଏଚସି ଓ ସିଏଚସିରେ ଆଶା ଗୃହ ନିର୍ମାଣ, ଯୋଗ୍ୟତା ଭିତ୍ତିରେ ଆଶାକର୍ମୀମାନଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ କରାଯାଇ ଏଏନଏମ ପଦବୀକୁ ପଦୋନ୍ନତି, ବର୍ଷକୁ ୨ହଳ ୟୁନିଫର୍ମ ସହିତ ରିପୋର୍ଟ ସମ୍ପାଦନ ନିମନ୍ତେ ରେଜିଷ୍ଟର, ଦୁର୍ଘଟଣା ଜନିତ ମୃତ୍ୟୁ ସହାୟତା ରାଶି ୧୦ ଲକ୍ଷ ଟଙ୍କା, ଅବସରକାଳୀନ ସହାୟତା ରାଶି ଏକକାଳୀନ ୧୦ ଲକ୍ଷ ଟଙ୍କା ସହିତ ମାସିକ ଭତ୍ତା ୫ ହଜାର ଟଙ୍କା, ଆଶାକର୍ମୀ ମାନଙ୍କ କାର୍ଯ୍ୟ ନିମନ୍ତେ ଉଚ୍ଚ ଗୁଣବତ୍ତା ସମ୍ପନ୍ନ ମୋବାଇଲ(୫ଜି) / ଟାବଲେଟ୍ ପ୍ରଦାନ ଆଦି ଦାବି କରାଯାଇଛି। ଏ ସବୁ ଦାବି ପୁରଣ ନ ହେଲେ ଆଗାମୀ ଦିନରେ ସଂଘ ତରଫରୁ ବିରାଟ ଆନ୍ଦୋଳନ କରାଯିବ ବୋଲି ଆଶାକର୍ମୀ ମାନେ ଚେତାବନୀ ଦେଇଛନ୍ତି।

# ବରପାଲି ରେଳ ଷ୍ଟେସନ ପ୍ରତି ବିଭାଗର ଉଦାସୀନତା

**ବରପାଲି, ୧୮।୧୦(ସମିସ)**

ବରପାଲି ରେଲୱେ ଷ୍ଟେସନ ପ୍ରତି ବିଭାଗର ଉଦାସୀନ ମନୋଭାବ ସ୍ଥାନୀୟ ଉପଭୋକ୍ତା ମାନଙ୍କୁ ବ୍ୟଥିତ କରୁଥିବା ଦେଖାଯାଉଛି। ଷ୍ଟେସନଟି ବହୁ ପୁରାତନ ଏବଂ ବିଭିନ୍ନ ସମସ୍ୟା ମଧ୍ୟରେ ରହିଥିଲେ ସୁଦ୍ଧା ଏହାର ଉନ୍ନତି କରଣ ନିମନ୍ତେ କାହାରି ଦୃଷ୍ଟିଗୋଚର ହେଉ ନାହିଁ। ଉନ୍ନତିକରଣ କାର୍ଯ୍ୟକ୍ରମ ବର୍ତ୍ତମାନ ନିର୍ମାଣାଧିନ ରହିଛି। ହେଲେ ଷ୍ଟେସନ ପରିସର ସମସ୍ୟା ଘେରରେ ଛନ୍ଦି ହୋଇଯାଉଛି। ଏଠାରେ ପ୍ରତିଦିନ ଯାତାୟତ ହେଉଥିବା ଦ୍ରୁତଗାମୀ ଏକ୍ସପ୍ରେସ ରହଣି, ପରିସରରେ ରହିଥିବା ବିଶ୍ରାମଗୃହ, ଶୌଚାଳୟ, କୋଚ ଚିହ୍ନଟ ବ୍ୟବସ୍ଥା, ବୟସ୍କ ଏବଂ ଦିବ୍ୟାଙ୍ଗଙ୍କ ପାଇଁ ଥିବା ଲିଫ୍ଟ ସେବା ପ୍ରଭୃତିକୁ ନେଇ ଅନେକ ସମସ୍ୟା ରହିଛି। ସୁବର୍ଣ୍ଣପୁର ଜିଲ୍ଲା, ରାମପୁର, ଡୁଙ୍ଗୁରିପାଲି ସହ ବରଗଡ଼ ଜିଲ୍ଲାର ପଦ୍ମପୁର, ଗାଇସିଲେଟ, ବିଜେପୁର, ଭେଡେନ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତ ବାସିନ୍ଦା ଏହି ଷ୍ଟେସନ ଭରସାରେ ଯାତାୟତ କରିଥାନ୍ତି। ବରପାଲି ସହର ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ ହୋଇଥିବା ସ୍ଥଳେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜନ୍ମପୀଠ ଏବଂ ପ୍ରସିଦ୍ଧ ପାଟ ମଠା ସମ୍ବଲପୁରୀ ବାନ୍ଧଶିଳ୍ପକୁ ନେଇ ଦେଶ ତଥା ବିଦେଶରେ ଖ୍ୟାତି ଅର୍ଜନ କରିଛି। ଅନେକ ସମୟରେ ବିଦେଶରୁ ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ଯାତ୍ରୀ, ବ୍ୟବସାୟୀ ତଥା ପର୍ଯ୍ୟଟକଙ୍କ ଯାତାୟତ ହୋଇଥାଏ। ହେଲେ ପ୍ରତିଦିନ ଅନେକ ଟ୍ରେନର ରହଣି ହେଉ ନଥିବାରୁ ଜନସାଧାରଣଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ବିଗତ ଦିନରେ ବହୁବାର ରେଳରୋକ ଆନ୍ଦୋଳନ ହେବା ସହ ମନ୍ତ୍ରୀ, ସାଂସଦ, ବିଧାୟକ ମାନଙ୍କ ସହିତ ବିଭାଗୀୟ ଅଧିକାରୀ ମାନଙ୍କୁ ଦାବି ଜଣାଇଥିଲେ ମଧ୍ୟ ସୁଫଳ ମିଳି ପାରିନାହିଁ।



ବରପାଲି ବାଟଦେଇ ଯାଉଥିବା ଟ୍ରେନ ମାନଙ୍କ ମଧ୍ୟରେ ଯଶବନ୍ତପୁର- ହାଟିଆ, ଟାଟା-ଆର୍ଣ୍ଣାକୁଲମ, ସମ୍ବଲପୁର-ନାନ୍ଦେର, ପୁରୀ-ଅହମ୍ମଦାବାଦ ତଥା ସୋନପୁର-ପୁରୀ ସାପ୍ତାହିକ ଓ ସମ୍ବଲପୁରରୁ ଭୁବନେଶ୍ୱରକୁ ସକାଳୁ ଯାଉଥିବା ଇଣ୍ଟରସିଟି ଏକ୍ସପ୍ରେସକୁ ବଲାଙ୍ଗିର ପର୍ଯ୍ୟନ୍ତ ସମ୍ପ୍ରସାରଣ ନିମନ୍ତେ ଉପଭୋକ୍ତା ମାନେ ଦାବି ଉଠାଇଛନ୍ତି। କିଛି ଦିନ ପୂର୍ବରୁ ବରପାଲି ବଣିକ ସଂଘର ସଭାପତି ଅଶୋକ ପଣ୍ଡା ଓ ସମ୍ପାଦକ ଅଶୋକ ପାତ୍ରଙ୍କ ନେତୃତ୍ୱରେ ସଭ୍ୟମାନେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କ ସହ ଆଲୋଚନା ମାଧ୍ୟମରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବରପାଲି ଷ୍ଟେସନରେ ବିକାଶ ଏବଂ ସୌନ୍ଦର୍ଯ୍ୟକରଣ ଦିଗରେ କୋଟି କୋଟି ଟଙ୍କା ଖର୍ଚ୍ଚରେ ନିର୍ମାଣ କାର୍ଯ୍ୟ ହେଉଛି। ହେଲେ ଠିକ୍ ଭାବେ କାର୍ଯ୍ୟ ହେଉ ନଥିବାରୁ ବହୁ ବର୍ଷ ହେଲା ଓଭରବ୍ରିଜ କାମ ଅଧପନ୍ତରିଆ ହେଇ ପଡ଼ିରହିଛି। ଷ୍ଟେସନର ବିକାଶ ଯଦି ହୁଏ କିନ୍ତୁ ମୁଖ୍ୟ ଟ୍ରେନ ଗୁଡିକ ଯାତ୍ରୀଙ୍କ ପାଇଁ ନରହିଲେ ସମସ୍ତ ସୁବିଧା ସୁଯୋଗ ମୂଲ୍ୟହୀନ ବୋଲି ଆଲୋଚନା ହେଉଛି।

# ଗର୍ଭବତୀଙ୍କୁ ବିରଳ ରକ୍ତ ଦେଲେ ସମାଜସେବୀ



**ସମ୍ବଲପୁର, ୧୮।୧୦ (ସମିସ):** ରକ୍ତ ମିଳୁଥିବା ବେଳେ ବରଗଡ଼ ଜିଲ୍ଲାର ଜଣେ ଗର୍ଭବତୀଙ୍କୁ ବିରଳ ରକ୍ତ ଏ-ର ଆବଶ୍ୟକତା ପଡୁଥିଲା।ଶୁକ୍ରବାର ଠାରୁ ବୁର୍ଲା ମେଡିକାଲରେ ଭର୍ତ୍ତି ହୋଇଥିଲେ। ଅପରେସନ ବେଳେ ଏ-ରକ୍ତ ଦରକାର ବୋଲି ସମ୍ପର୍କୀୟଙ୍କୁ କହିଥିଲେ।ବୁର୍ଲା ଓ ସମ୍ବଲପୁର ରକ୍ତଭଣ୍ଡାରରେ ରକ୍ତ ନ ଥିଲା। ଶନିବାର ସକାଳୁ ରୋଗୀ ସମ୍ପର୍କୀୟ ବରଗଡ଼ର ଅଶ୍ୱିନୀ ତ୍ରିପାଠୀଙ୍କ ସହାୟତାରେ ସମାଜସେବୀ ରାମଦାସ ପଣ୍ଡାଙ୍କୁ ଯୋଗାଯୋଗ କରିଥିଲେ। ରାମଦାସ ପଣ୍ଡା ସମ୍ବଲପୁର ଡିଆର୍‌ଡିଏ ଅଫିସରେ କାର୍ଯ୍ୟରତ ଆର୍ତ୍ତତ୍ରାଣ ଶତପଥିଙ୍କୁ ଯୋଗାଯୋଗ କରିଥିଲେ। ଶ୍ରୀ ଶତପଥି ମହିଳାଙ୍କୁ ରକ୍ତଦାନ କରିଥିଲେ।

# ବିଶେଷଜ୍ଞ ଦଳର ଭୀମମଣ୍ଡଳୀ ପରିଦର୍ଶନ



**ନାକଟିଦେଉଳ, ୧୮ ।୧୦(ସମିସ):** ନାକଟିଦେଉଳ ବ୍ଲକର ପର୍ଯ୍ୟଟନୀ ସ୍ଥଳର ମାନ୍ୟତା ପାଇଥିବା ଭୀମମଣ୍ଡଳୀକୁ ଶନିବାର ନୂଆଦିଲ୍ଲୀ ଓ ଭୁବନେଶ୍ୱରରୁ ବିଭିନ୍ନ ବିଭାଗର ବିଶେଷଜ୍ଞ ଦଳ ଆସିଥିବା ଜଣାପଡ଼ିଛି। ନାକଟିଦେଉଳ ବ୍ଲକ ପେଣ୍ଠବାହାଳ ନିକଟସ୍ଥ ଗୁମ୍ଫା ଓ ଜଙ୍ଗଲରେ ପରିପୂର୍ଣ୍ଣ ପ୍ରାକ ଐତିହାସିକ ସ୍ଥଳୀ ଭୀମମଣ୍ଡଳୀକୁ ଆସି ଏହାର ବୈଶିଷ୍ଟତା ସମ୍ପର୍କରେ ଅନୁଧ୍ୟାନ ତଥା ଅନୁସନ୍ଧାନ କରିଥିଲେ। ବିଶେଷଜ୍ଞ ଦଳରେ ସ୍ମାରକୀ-ସ୍ମୃତିପୀଠ ନିର୍ଦ୍ଦେଶକ ଡ଼ ଏଭିଏମ୍ ଶୁଭ୍ରମନ୍ୟମ, ପୁରୀ ସର୍କଲର ଅଧୀକ୍ଷଣ ପତ୍ନତତ୍ତ୍ୱବିତ୍ ଡ଼ ଡିବି ଗଡ଼ନାୟକ, ଭୁବନେଶ୍ୱର ସର୍କଲର ଅଧୀକ୍ଷଣ ପତ୍ନତତ୍ତ୍ୱବିତ୍ ଡ଼ ଏନ୍ କେ ସ୍ୱାଇଁ, ପତ୍ନତତ୍ତ୍ୱ ରସାୟନବିତ୍ ଡ଼ ଏସ୍ଏସ୍ ପଣ୍ଡା, ନୂଆ ଦିଲ୍ଲୀର ସହକାରୀ ଅଧିକ୍ଷଣ ପତ୍ନତତ୍ତ୍ୱବିତ୍ ଡ଼ ଅକ୍ଷୟ କୌଶିକ, ସହକାରୀ ପତ୍ନତତ୍ତ୍ୱବିତ୍ ଡ଼ ପ୍ରଜ୍ଞା ପରିମିତା ପ୍ରଧାନ, ରସାୟନବିତ୍ ଡ ଜେ ଘୋଷ, ଇଂ ଏସ୍‌ସେନ୍, ସର୍ଭେୟର ଇଂ ଏସ୍‌କେ ଖୁଣ୍ଟିଆ, ଡ୍ରାଫ୍ଟମେନ୍ ପିଏମ୍ ବାରିକ, ଫଟୋଗ୍ରାଫର ଡ଼ି ମିଶ୍ର ଓ ସିଏଏସ୍ ଗରାଇ ଅନ୍ତର୍ଭୁକ୍ତ ଥିଲେ। ସେମାନେ ବିଭିନ୍ନ ଗୁମ୍ଫା ଓ ଶିଳାଲେଖ ତଥା ରେଖାଚିତ୍ର ଦେଖି ଆନନ୍ଦିତ ହୋଇଥିଲା। ଖୁବ୍ ଶୀଘ୍ର ଭୀମମଣ୍ଡଳୀରେ ଖନନ ସହିତ ସର୍ବେକ୍ଷଣ ଓ ଅନୁସନ୍ଧାନ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ଦେଇଥିଲେ। ବିଶେଷଜ୍ଞ ଦଳ ସହିତ ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ଦେବେଶ କୁମାର ପ୍ରଧାନ, ଘୋଷରାମାଲ ସରପଞ୍ଚ ପ୍ରେମଶୀଳା ପ୍ରଧାନ, ସମାଜସେବୀ ରମେଶ ପ୍ରସାଦ ସ୍ୱାଇଁ, ସୁଦାମ ଚରଣ ସାହୁ ଓ କିଛି ଛାତ୍ର ଉପସ୍ଥିତ ଥିଲେ।

# ବରଗଡ଼ ସହରବାସୀଙ୍କ ପାଇଁ ଦୀପାବଳି ଭେଟି

**ବରଗଡ଼, ୧୮।୧୦(ସମିସ):** ବରଗଡ଼ ଲେଙ୍ଗୁ ମିଶ୍ର ଛକରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ହେବାକୁ ଥିବା ଅତ୍ୟାଧୁନିକ ମାଷ୍ଟିକ ପିଚୁକରଣ ସହ ରାସ୍ତା ଓସାରିକରଣ କାର୍ଯ୍ୟାରମ୍ଭର ଶୁଭ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀଙ୍କ କରକମଳରେ ହୋଇଯାଇଛି। ୪ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ମାଷ୍ଟିକ ପିଚୁକରଣ ହେବ। ଆଗକୁ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଆସୁଥିବାରୁ ସହର ରାସ୍ତାଘାଟର ପୁନରୁଦ୍ଧାର କରିବା ସହ ପୁରା ସହରରେ ଆଲୋକୀକରଣ କରାଯାଉଛି ବୋଲି ବିଧାୟକ କହିଛନ୍ତି। ଠିକାଦାର ସଂଘ ସଭାପତି ମଣ୍ଟୁ ଗଡ଼ତିଆ, ଅଶୋକ ପଣ୍ଡା, ଅବନୀ ପଣ୍ଡା, ଗୁଣନିଧି ସିଂ, ରାଜେଶ୍ ବେହେରା, ସୁବ୍ରତ ହୋତାଙ୍କ ସମେତ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

**୪ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ହେବ ମାଷ୍ଟିକ ପିଚୁକରଣ**



# ବିଜ୍ଞାନ କେନ୍ଦ୍ରରେ ଜିଲ୍ଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା



**ବରଗଡ଼, ୧୮।୧୦(ସମିସ):** ବରଗଡ଼ ବିଜ୍ଞାନ କେନ୍ଦ୍ର, ଟୁକୁର୍ଲାରେ ଜିଲ୍ଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ବରଗଡ଼ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଧୀରୋଜ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଚାରକ ଭାବେ ନୃତ୍ୟ ଗୁରୁ ଶଙ୍କର ପଟ୍ଟନାୟକ ଓ ନୃତ୍ୟଗୁରୁ ଅନନ୍ତ ମେହେର ଯୋଗ ଦେଇଥିଲେ। ଚଳିତ ବର୍ଷ ଜିଲ୍ଲା ସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତାରେ ଜିଲ୍ଲାର ୧୨ଟି ବ୍ଲକରୁ ମନୋନୀତ ହୋଇ ଆସିଥିବା ଦଳଗୁଡିକ ସେମାନଙ୍କର ଲୋକନୃତ୍ୟ ପରିବେଷଣ କରିଥିଲେ। ଏଥିରେ ଗାଇସିଲେଟ ବ୍ଲକର ଏନଏସବି ହାଇସ୍କୁଲ, କନ୍ଦୁମୁଣ୍ଡା ପ୍ରଥମ ସ୍ଥାନ, ବିଜେପୁର ବ୍ଲକର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାନ୍ଦୁପାଲି ଦ୍ୱିତୀୟ ସ୍ଥାନ ଓ ରାଜବୋଡାସମ୍ବର ବ୍ଲକର ଦୀପ୍ତିପୁର ସରକାରୀ ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶିକ୍ଷକ ଗୋବିନ୍ଦ ସେଠ ଓ ଶିକ୍ଷକ ସଦାନନ୍ଦ ଜାଲ ମଞ୍ଚ ପରିଚାଳନା କରିଥିବା ବେଳେ ବିଜ୍ଞାନ ଶିକ୍ଷକ ପ୍ରିୟବ୍ରତ ସାହୁ ଓ ବିଜ୍ଞାନ କେନ୍ଦ୍ର ସଂଯୋଜକ ଗୋପୀନାଥ ପ୍ରଧାନ ତଥା ବିଜ୍ଞାନ କେନ୍ଦ୍ରର କର୍ମକର୍ତ୍ତା ସହଯୋଗ କରିଥିଲେ। ସମସ୍ତ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶିକ୍ଷକ ପ୍ରିୟବ୍ରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଣ୍ଡୋସିଲରେ ବ୍ଲକ୍‌ସ୍ତରୀୟ କବାଡ଼ି ଚୟନ ଶିବିର

**ପାଇକମାଳ, ୧୮।୧୦(ସମିସ):** ପାଇକମାଳ ବ୍ଲକ ମାଣ୍ଡୋସିଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ କବାଡି ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରଭାତ ମିଶ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଧେଶ୍ୟାମ ପଟେଲ ଓ ସମ୍ମାନିତ ଅତିଥି ଭାବେ ମାଣ୍ଡୋସିଲ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୋର୍ଟା ମିନତୀ ଟେଟେ, ବ୍ଲକ କ୍ରୀଡା ସମ୍ପାଦକ ସୁଦର୍ଶନ ମହାକୁଡ, ଖେଳ ଶିକ୍ଷକ ବୈବସୁତ ପ୍ରଧାନ, ହେମସାଗର ସାହୁ ତଥା ବ୍ଲକର ସମସ୍ତ କ୍ରୀଡା ଶିକ୍ଷକମାନେ ଉପସ୍ଥିତ ଥିଲେ। ଏଥିରେ ବ୍ଲକର ୧୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଚୟନ ହୋଇଥିବା ସମସ୍ତ ଛାତ୍ରଛାତ୍ରୀ ପଦ୍ମପୁରରେ ହେବାକୁ ଥିବା ଜିଲ୍ଲା ସ୍ତରୀୟ କବାଡି ଚୟନରେ ଭାଗ ନେବେ।



# ପଶ୍ଚିମ ଓଡ଼ିଶା ବୈଦିକ କର୍ମକାଣ୍ଡ ମଙ୍ଗଳ ଟ୍ରଷ୍ଟର କାର୍ଯ୍ୟକାରୀ ବୈଠକ

**ବରଗଡ଼, ୧୮।୧୦ (ସମିସ):** ବରଗଡ଼ ଆଇଟିଓ ଅଫିସ ହନୁମାନ ମନ୍ଦିର ପରିସରରେ ପଶ୍ଚିମ ଓଡ଼ିଶା ବୈଦିକ କର୍ମକାଣ୍ଡ ମଙ୍ଗଳ ଟ୍ରଷ୍ଟର କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟ୍ରଷ୍ଟର ଉନ୍ନତି ସଭ୍ୟ ବୃଦ୍ଧି ବ୍ରାହ୍ମଣମାନଙ୍କୁ ବ୍ରତ ବିବାହରେ ସହଯୋଗ ଓ ସମାଜର କଲ୍ୟାଣ ବିଷୟରେ ଆଲୋଚନା ହୋଇଥିଲା। ବରଗଡ଼ ସଭାପତି ବୈଷ୍ଣବ ଷଡଙ୍ଗୀ, ସୋହେଲା ଉପସଭାପତି ନେହେରୁ ଲାଲ ଶତପଥୀ, ବଲାଙ୍ଗୀର ସମ୍ପାଦକ କିଶୋର ଚନ୍ଦ୍ର ମିଶ୍ର, ସମ୍ବଲପୁର କୁଳପତି ସଚ୍ଚିଦାନନ୍ଦ ପ୍ରସାଦ ମିଶ୍ର, ସୋନପୁର ବିରମହାରାଜପୁର ଉପକୁଳପତି ସୁମନ୍ତ ଷଡଙ୍ଗୀ, ବୌଦ୍ଧ ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ବିନିକା କୋଷାଧ୍ୟକ୍ଷ ସୁବାସ ବଡପଣ୍ଡା, ବରଗଡ଼ ଜିଲ୍ଲା ବ୍ରାହ୍ମଣ ମହାସଭା ସଭାପତି ଗୋପବନ୍ଧୁ ଦାଶ, ପଶ୍ଚିମ ଓଡ଼ିଶାର ବ୍ରାହ୍ମଣ ମହାସଭା କାର୍ଯ୍ୟକାରୀ ସଭାପତି ଧ୍ରୁବଚରଣ ହୋତା, ଅଲ୍ ଇଣ୍ଡିଆ ବ୍ରାହ୍ମିନ ଫେଡରେସନ ସରୋଜ ଷଡଙ୍ଗୀ ତଥା ସମାଜର ସଭ୍ୟମାନେ ଉପସ୍ଥିତ ଥିଲେ।








# ଭୁବନେଶ୍ୱର ସିଟି

● ରାଜଧାନୀରେ ଅସୁରକ୍ଷିତ ନାବାଳିକା

# ଅଟୋରେ ଟେକି ନେଇ ପାର୍କରେ ଦୁଷ୍କର୍ମ

ଭୁବନେଶ୍ୱର, ୧୮।୧୦ (ସମିସ): କ୍ରାଇମ ଜୋନ୍ ପାଲଟିଛି ରାଜଧାନୀ। ପୂର୍ବରୁ ଚୋରି, ଡକାୟତି, ଛିନତାଇ ଭଳି ଘଟଣା ଘଟୁଥିବା ବେଳେ ଏବେ ମହିଳାଜନିତ ଅପରାଧ ବୃଦ୍ଧି ପାଇଛି। ବିଶେଷକରି ନାବାଳିକାମାନଙ୍କ ପାଇଁ ରାଜଧାନୀ ଏକପ୍ରକାର ଅସୁରକ୍ଷିତ ହୋଇପଡ଼ିଛି। କେଉଁଠୁ ନାବାଳିକାକୁ ଅପହରଣ କରାଯାଉଛି ତ ଆଉ କେଉଁଠି ଘରେ ପଶି ଜୋରଜବରଦସ୍ତ ଦୁଷ୍କର୍ମ ହେଉଛି। ଦୁନିଆ କ'ଣ ବୁଝିବା ଆଗରୁ ଯୌନ ପିପାସୁଙ୍କ ଦ୍ୱାରା ନିର୍ଯାତନାର ଶିକାର ହେଉଛନ୍ତି। ଏମିତି କୌଣସି ଦିନ ନାହିଁ ଯେଉଁଦିନ ଦୁଷ୍କର୍ମର ଖବର ସାମ୍ନାକୁ ଆସୁନି। ରାଜଧାନୀରେ ଝାଡ଼ଖଣ୍ଡର ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରିବା ଘଟଣା ନ ଥମୁଣୁ ଭରତପୁର ଥାନା ଅଞ୍ଚଳରେ ସମାନ ଘଟଣା ଘଟିଛି। ଜଣେ ୧୬ ବର୍ଷୀୟା ନାବାଳିକାକୁ ଅପହରଣ ପରେ ଦୁଷ୍କର୍ମ କରିଛନ୍ତି ଯୌନ ପିପାସୁ। ଏହି ଘଟଣାରେ ପୁଲିସ ଆମ୍ବେଦକର ସାହିର ଅରୁଣ ନାୟକ (୧୯) ଓ ବିଶ୍ୱଜିତ ନାୟକ (୧୯)କୁ ଗିରଫ କରିଛି।

ସୂଚନା ଅନୁସାରେ, ଭରତପୁର ଅଞ୍ଚଳର ଜଣେ ୧୬ ବର୍ଷୀୟା ନାବାଳିକା ଘଙ୍ଗାପାଟଣା ଅଞ୍ଚଳରେ ଥିବା ଘରୋଇ କଲେଜରେ ଡିପ୍ଲୋମା କରୁଛନ୍ତି। ଅରୁଣ ତାଙ୍କୁ ଏକ ପାଖିଆ ଭଲ ପାଇବା ସହ ବିବାହ ପ୍ରସ୍ତାବ ଦେଇଥିଲା। ହେଲେ ନାବାଳିକା ଜଣକ ମନା କରିବାରୁ ଅରୁଣ ପ୍ରତିଶୋଧ ପରାୟଣ ହୋଇଥିଲା। ଗତ ଗୁରୁବାର ସକାଳ ୮ଟାରେ ନାବାଳିକା କଲେଜ ଯାଉଥିବା ବେଳେ ଅରୁଣ ଓ ବିଶ୍ୱଜିତ ମିଶି ତାଙ୍କୁ ଷ୍ଟୁଡିଓ ଛକରୁ ଅଟୋରେ ଅପହରଣ କରି ନେଇଥିଲେ। ଅରୁଣ ମଙ୍ଗଳା ମନ୍ଦିର ନିକଟରେ ବିଶ୍ୱଜିତକୁ ଓହ୍ଲାଇ ଦେଇ ନାବାଳିକାକୁ ସାଙ୍ଗରେ ନେଇ ଜିଏ କଲୋନୀ ପାର୍କକୁ ନେଇ ଯାଇଥିଲା। ସେଠାରେ ଅରୁଣ ପୀଡ଼ିତାଙ୍କୁ ଜୋରଜବରଦସ୍ତ ଦୁଷ୍କର୍ମ



କରିଥିଲା। ପାର୍କରେ ଦୁଷ୍କର୍ମ କରିବା ପରେ ଅଟୋରେ ନେଇ ଆଖପାଖ ଅଞ୍ଚଳରେ ଘୂରି ବୁଲିଥିଲା। ଘଟଣା ବିଷୟରେ ଜଣାଇଲେ ଜୀବନରେ ମାରିଦେବ ବୋଲି ଧମକ ଦେଇଥିଲା। ଅପରାହ୍ଣ ୩ଟା ବେଳକୁ ଜିଏ କଲୋନୀ ଅଞ୍ଚଳରେ ପୀଡ଼ିତାଙ୍କୁ ଛାଡ଼ି ଫେରାର ହୋଇ ଯାଇଥିଲା। ପୀଡ଼ିତା ଏନେଇ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଶନିବାର ଅରୁଣ ଓ ବିଶ୍ୱଜିତକୁ ପୁଲିସ ଗିରଫ କରିଛି।

ଇଏ କେବଳ ଗୋଟିଏ ଘଟଣା ନୁହଁ, ଏସବୁ ଏବେ ରାଜଧାନୀ ପାଇଁ ନିତିଦିନିଆ ଘଟଣା ହୋଇଗଲାଣି। ଗତ ସୋମବାର ସନ୍ଧ୍ୟାରେ ସାଲିଆ ସାହିର ଜଣେ ନାବାଳିକା ଓ ତାଙ୍କ ସାଙ୍ଗ ଏକାକୀ ଘରେ ଥିଲେ। ରାତି ପ୍ରାୟ ୯ ଟାରେ ସରୋଜ ପଣ୍ଡା ତାଙ୍କ ଘରକୁ ଆସି ନାବାଳିକାଙ୍କ ସାଙ୍ଗକୁ ତାଙ୍କ ଘରକୁ ପଠାଇ ଦେଇଥିଲା। ଏହା ପରେ ଭିତର ପଟରୁ କବାଟ ବନ୍ଦ କରି ନାବାଳିକାକୁ ଦୁଷ୍କର୍ମ କରିଥିଲା। କାହାରିକୁ ଜଣାଇଲେ ଜୀବନରୁ ମାରିଦେବ ବୋଲି ଧମକ ଦେଇଥିଲା।



ସେହିପରି ଗତ ଅଗଷ୍ଟ ୩୧ ତାରିଖ ଦିନ ସନ୍ଧ୍ୟାରେ ପଣ୍ଡାକୁଦିଆ ବସ୍ତି ନିକଟସ୍ଥ ସଙ୍ଘର୍ଷ ବିହାରର ଜଣେ ୧୩ ବର୍ଷୀୟା ନାବାଳିକା ଖୁଦୁରୁକୁଣି ଓସା ପାଳନ କରିବା ପାଇଁ ପଡ଼ୋଶୀଙ୍କ ଘରକୁ ଯାଇଥିଲା। ସେଠାରୁ ପରିସ୍ରା କରିବାକୁ ଯାଇଥିବାବେଳେ ମୁନା ବେହେରା ତା'ର ପାଟି ବନ୍ଦ କରି ଏକ ଅଧାଗଢ଼ା ଘରକୁ ଅପହରଣ କରି ନେଇଥିଲା। ସେଠାରେ ନାବାଳିକାଙ୍କୁ ଦୁଷ୍କର୍ମ କରିଥିଲା।

ଗତ ସପ୍ତାହରେ ମଞ୍ଚେଶ୍ୱର ଥାନା ଶ୍ରୀରାମନଗରରେ ରହୁଥିବା ଜଣେ ଯୁବତୀ ଘରକୁ ଫେରୁଥିଲେ। ଷ୍ଟେସନ୍ ପଟରୁ ଚାଲି ଚାଲି ଯାଉଥିବା ବେଳେ ନିଶାସକ୍ତ ଯୁବକମାନେ ତାଙ୍କୁ କମେଣ୍ଟ ମାରିଥିଲେ। ଯୁବତୀ ଜଣକ ଏହାର ପ୍ରତିବାଦ କରିବାରୁ ଅସାମାଜିକମାନେ ତାଙ୍କୁ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲେ। ଯୁବତୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକମାନେ ଡେି ଆସିବାରୁ ଅସାମାଜିକମାନେ ସେଠାରୁ ଫେରାର ହୋଇଯାଇଥିଲେ।

ପ୍ରତିଦିନ ରାଜଧାନୀର ଯେ କୌଣସି ଅଞ୍ଚଳରୁ ଦୁଷ୍କର୍ମ ଓ ନିର୍ଯାତନା ଘଟଣା ଘଟୁଛି। ନାବାଳିକା ମାନେ ଦୁଷ୍କର୍ମର ଶିକାର ହେବାପରେ ରାଜଧାନୀରେ ସେମାନଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ଢିଲା ପାଟ୍ରୋଲିଂ ବ୍ୟବସ୍ଥା ସାଙ୍ଗକୁ ପୁଲିସ ପ୍ରତି ଅପରାଧିମାନଙ୍କର ଭୟ କମି ଯାଉଥିବାରୁ ବାରମ୍ବାର ଏଭଳି ଘଟଣା ଘଟୁଛି।

## ପତ୍ନୀଙ୍କ ନଗ୍ନ ଫଟୋ ଭାଇରାଲ୍; ସ୍ୱାମୀ ଗିରଫ

ହଂସପାଳ, ୧୮।୧୦(ସମିସ): ପତ୍ନୀଙ୍କ ନାମରେ ଇନଷ୍ଟାଗ୍ରାମ ଆଇଡି ତିଆରି କରି ନଗ୍ନ ଫଟୋ ଛାଡ଼ିବା ଅଭିଯୋଗରେ ପାହାଳ ଥାନା ପୋଲିସ କେନ୍ଦ୍ରାପଡ଼ା ଜିଲ୍ଲା



ପଟ୍ଟାମୁଣ୍ଡାଇ ଥାନା ବ୍ରହ୍ମପୁର ପାଟଣା ଗ୍ରାମର ଅମନ ରଞ୍ଜନ ଦାସ(୪୦) କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ଦ୍ୱିତୀୟ ପତ୍ନୀ ତଥା ଅଭିଯୋଗକାରିଣୀ ଅମନଙ୍କୁ ୨୦୧୮ ମସିହାରେ ବିବାହ କରିଥିଲେ। ବିବାହ ସମୟରେ ରାଜଲକ୍ଷ୍ମୀଙ୍କ ପିତା ବର ପକ୍ଷର ଦାବି ଅନୁଯାୟୀ ୨ ଲକ୍ଷ ଟଙ୍କା ସହ ସୁନା, ରୁପା ଅଳଙ୍କାର ସହ ଅନ୍ୟାନ୍ୟ ଘର କରଣା ସାମଗ୍ରୀ ଦେଇଥିଲେ। ଅମନ ତାଙ୍କ ବିବାହ ସମୟରେ ପ୍ରଥମ ପତ୍ନୀ ବିଷୟରେ ଜଣାଇଥିଲେ ଏବଂ ଛାଡ଼ପତ୍ରର ଏକ ଡୁପ୍ଲିକେଟ୍ ପ୍ରମାଣପତ୍ର ଦେଇଥିଲେ। କିନ୍ତୁ କିଛିଦିନ ପରେ ରାଜଲକ୍ଷ୍ମୀ ଜାଣିବାକୁ ପାଇଲେ ଯେ ତାଙ୍କ ସ୍ୱାମୀଙ୍କ ପ୍ରଥମ ପତ୍ନୀଙ୍କ ସହିତ ଛାଡ଼ପତ୍ର ହୋଇନାହିଁ ଏବଂ ତାଙ୍କ ସ୍ୱାମୀଙ୍କ ବିରୋଧରେ ଜଗତପୁର ଥାନାରେ ଏକ କେସ ଚାଲୁଅଛି। ଏହି ଘଟଣାକୁ ନେଇ ରାଜଲକ୍ଷ୍ମୀ ଏବଂ ଅମନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଫଳରେ ଅମନ ରାଜଲକ୍ଷ୍ମୀଙ୍କ ନାମରେ ଏକ ଇନଷ୍ଟାଗ୍ରାମ ଆଇଡି ଖୋଲି ଖରାପ ଫଟୋ ଭିଡ଼ିଓ ପଠାଇଥିଲେ। ଏହାକୁ ରାଜଲକ୍ଷ୍ମୀଙ୍କ ଭଉଣୀ ଅମନକୁ ପଚାରିବାରୁ ତାଙ୍କ ଭଉଣୀଙ୍କ ମଧ୍ୟ ଖରାପ ଫଟୋ ଭିଡ଼ିଓ ପଠାଇଥିଲେ। ରାଜଲକ୍ଷ୍ମୀଙ୍କ ବାପା ଆଉ ଭାଇଙ୍କୁ ମଧ୍ୟ ଫୋନ୍ କରି ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିଲେ। ଏ ନେଇ ପାହାଳ ଥାନାରେ ଲିଖିତ ଅଭିଯୋଗ ପରେ ଥାନା ଅଧିକାରୀ ଅଶ୍ୱିନୀ ଜେନା ଘଟଣାର ତଦନ୍ତ କରି ଅମନ୍‌କୁ ଗିରଫ କରିଛି।

## ବେଆଇନ ବାଣ ବିକ୍ରି ଅଭିଯୋଗ; ଜଣେ ଗିରଫ

ଧଉଳି, ୧୮।୧୦(ସମିସ):ଧଉଳି ଥାନା ପୁଲିସ ଡିହସାହି ଛକରେ ଏକ ବେଆଇନ ବାଣ ଦୋକାନରେ ଚଢ଼ାଉ କରି ବାଣ ଜବତ କରିବା ସହ ବ୍ୟବସାୟୀଙ୍କୁ ଗିରଫ କରିଛି। ଗିରଫ ବ୍ୟବସାୟୀ ହେଲେ ସ୍ଥାନୀୟ ବିକିପୁର ଗ୍ରାମର ତାପସ ବିଶ୍ୱାଳ। ସୂଚନାରୁ ପ୍ରକାଶ କୌଣସି ପ୍ରଶାସନିକ ଅନୁପତି ପତ୍ର ବା ଲାଇସେନ୍ସ ନ ଆଣି ତାପସ ଡିହପୁର ଛକରେ ବାଣ ବ୍ୟବସାୟ କରୁଥିଲେ। ଏ ସମ୍ପର୍କରେ ଖବରପାଇ ଧଉଳି ଥାନା ଅଧିକାରୀ ପ୍ରଦୀପ୍ତ କିଶୋର ନାୟକଙ୍କ ନିର୍ଦ୍ଦେଶକ୍ରମେ ସହକାରୀ ପୁଲିସ ଉକ୍ତ ଦୋକାନ ଉପରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ବିଭିନ୍ନ ରକମର ବାଣ ଜବତ କରିବା ସହ ବେପାରୀ ତାପସକୁ ଗିରଫ କରିଥିଲେ।

ଦୀପାବଳି ପାଇଁ ପୁଲିସ କମିସନରଙ୍କ ଚେତାବନୀ

## ରାତି ୯ଟା ପରେ ବାଣ ଫୁଟାଇଲେ ଗିରଫ

ଭୁବନେଶ୍ୱର, ୧୮।୧୦(ସମିସ): କମିସନରେଟ୍ ପୁଲିସ ଅଧୀନରେ କୌଣସି ବି ସ୍ଥାନରେ ରାତି ୯ଟା ପରେ ବାଣ ଫୁଟାଇଲେ ଗିରଫ ହେବେ। ଦୀପାବଳି ନେଇ ରାଜଧାନୀବାସୀଙ୍କ ପାଇଁ କମିସନରେଟ ପୁଲିସ ଦେଇଛି ଚେତାବନୀ। ଭୁବନେଶ୍ୱରରେ ଏଥର ବାଣ ଫୁଟାଇବା ସମୟସୀମା ରାତି ୯ ଟା ଧାର୍ଯ୍ୟ କରାଯାଇଛି। ଗ୍ରୀନ୍ କ୍ରାକର ବ୍ୟତୀତ ଉଚ୍ଚ ଶବ୍ଦକାରୀ ବାଣ ଫୁଟାଇଲେ ବନ୍ଧା ହେବେ ବୋଲି ଡିସିପି ଜଗମୋହନ ମୀନା କହିଛନ୍ତି। ଦୀପାବଳି ବାହାନାରେ ମଦ୍ୟପାନ କରି ରାସ୍ତାରେ ବୁଲିଲେ ଗାଡ଼ି ଜବତ କରାଯିବା ସହ ଚାଳକଙ୍କୁ ଗିରଫ କରାଯିବ। ସମସ୍ତ ଥାନା ଅଞ୍ଚଳରେ ପାଟ୍ରୋଲିଂ ଟିମ୍ ପ୍ରସ୍ତୁତ ରହିବା ପାଇଁ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ପୂର୍ବରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ମଧ ବାଣ ଫୁଟାଇବାର ସମୟକୁ ନେଇ ମାର୍ଗଦର୍ଶିକା ଆସିସାରିଛି। ଆଲୋକର ପର୍ବକୁ ଦୀପ ଜଳାଇ ପାଳନ କରିବା ସହ ବାଣ ଫୁଟାଇବାର ସମୟ ସନ୍ଧ୍ୟା ୭ ଟାରୁ ୯ ଟା ପର୍ଯ୍ୟନ୍ତ ସୀମିତ ରଖିବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଖାଲି ୨ ଘଣ୍ଟାର ସମୟ ନୁହେଁ ଅଧିକ ଶବ୍ଦ ସୃଷ୍ଟି କରୁଥିବା ବାଣ ଫୁଟାଇବାକୁ ମଧ ବର୍ଜନ କରାଯାଇଛି। ଲୋକେ ଯେଉଁ ବାଣ ଫୁଟାଇବେ ତା'ର ଶବ୍ଦ ୧୨୫ ଡେସିବଲରୁ ଅଧିକ ହୋଇପାରିବ ନାହିଁ। ବଗିଚା, ପାର୍କ, ହସ୍ପିଟାଲ୍, ଶିକ୍ଷାନୁଷ୍ଠାନ, କୋର୍ଟ, ମନ୍ଦିର ପାଖରେ ବାଣ ଫୁଟାଇବାକୁ ବର୍ଜିତ କରାଯାଇଛି। ଖୋଲା ଜାଗାରେ ଯଦି କେହି ବାଣ ଫୁଟାଇବାକୁ ଚାହିବେ ତାହା ସବୁଜ ବାଣ ହିଁ ହୋଇଥିବ। ଝୁମ୍ପୁଡ଼ି ଘର, ଦୋକାନ, ଅଗ୍ନି-ପ୍ରବଣ ସ୍ଥାନ, ରାସ୍ତା ଏବଂ ଅଧିକ ଯାତାୟାତ ସ୍ଥାନରେ ବାଣ ଫୁଟାଇବାକୁ ବର୍ଜନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।



ୟୁନିଟ୍-୧ ରାଜଧାନୀ ଦୈନିକ ହାଟରେ ଖୋଲିଥିବା ବାଣ ଦୋକାନ (ଫଟୋ : ସନ୍ତୋଷ)

## ଟ୍ରେଡିଂ ଆଳରେ ୪୦ ଲକ୍ଷ ଠକେଇ

● ମୁମ୍ବାଇରୁ ଅଭିଯୁକ୍ତକୁ ଗିରଫ କଲା ପୁଲିସ

ଭୁବନେଶ୍ୱର, ୧୮।୧୦(ସମିସ): ଅନ୍‌ଲାଇନ୍ ଟ୍ରେଡିଂ ଆଳରେ ୪୦ ଲକ୍ଷ ଠକେଇ କରିବା ଅଭିଯୋଗ ସାଇବର ଥାନା ପୁଲିସ ଜଣେ ଅଭିଯୁକ୍ତକୁ ମୁମ୍ବାଇରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ସବ୍ୟସାଚୀ ପିସୋଲକର। ଠକାମିର ଶିକାର ହୋଇଥିବା ଆଝାରୁଦ୍ଦିନ ଖାନଙ୍କ ଅଭିଯୋଗ ଆଧାରରେ ସାଇବର ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ଅଭିଯୋଗ ଅନୁସାରେ, ଫେସ୍‌ବୁକ୍ ତାଙ୍କର ପୂର୍ବରୁ ପୂଜା ଅଗ୍ରୱାଲଙ୍କ ସହ ଫେସବୁକ୍ ମାଧ୍ୟମରେ ପରିଚୟ ହୋଇଥିଲା। ଯିଏ ତାଙ୍କୁ ଭଲ ଲାଭ ଦେବା ପାଇଁ ଅନ୍‌ଲାଇନ୍ ଟ୍ରେଡିଂରେ ନିବେଶ କରିବାକୁ ପ୍ରବର୍ତ୍ତାଇଥିଲେ। ସେହି ପୂଜା ଅଗ୍ରୱାଲ ପିଟର ପଲ ନାମକ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ହ୍ୱାଟ୍ସଆପ୍ କଲ୍ ମାଧ୍ୟମରେ ପରିଚୟ କରାଇଥିଲେ। ଏହି ପିଟର ତାଙ୍କୁ ଭଲ ରିଟର୍ଣ୍ଣ ପାଇଁ ଏକ ଆପ୍ ମାଧ୍ୟମରେ ନିବେଶ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଥମରୁ ୧୦ ହଜାର ନିବେଶ କରି ୧୪ ହଜାର ଟଙ୍କାର ଲାଭ ଦେଇଥିଲେ ସାଇବର ଠକ। ତା'ପରେ ଉଭୟ ତାଙ୍କୁ ବହୁତ ଚତୁରତାର ସହିତ ଅଧିକ ରିଟର୍ଣ୍ଣ ପାଇଁ ବଡ଼ ପରିମାଣର ନିବେଶ କରିବାକୁ ପ୍ରବର୍ତ୍ତାଇଥିଲେ। ସେ ଏହିଭଳି ୪୦ ଲକ୍ଷ ଇନ୍‌ଭେଷ୍ଟ କରି ଠକାମିର ଶିକାର ହେବା ପରେ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ।

● ରାଜମିସ୍ତ୍ରିଙ୍କୁ ହତ୍ୟା ଘଟଣା

## ଦୁଇ ଶ୍ରମିକଙ୍କୁ ଆଜୀବନ ଜେଲ୍

ଭୁବନେଶ୍ୱର, ୧୮।୧୦ (ସମିସ): ମୈତ୍ରୀ ବିହାର ଥାନା ଅଞ୍ଚଳରେ ଘଟିଥିବା ରାଜମିସ୍ତ୍ରି ସୁଶୀଲ ହେମ୍ବ୍ରମ ହତ୍ୟାକାଣ୍ଡର ରାୟ ଶନିବାର ପ୍ରକାଶ ପାଇଛି। ଭୁବନେଶ୍ୱର ଆଡିସନାଲ୍ ସେସନ୍ସ ଜଜ୍-୨ର ବିଚାରପତି ବନ୍ଦନା କର ମାମଲାର ବିଚାର କରି ଦୁଇ ଶ୍ରମିକ ତଥା ସମ୍ପର୍କୀୟ ଭାଇ ବିଶ୍ୱନାଥ କିସ୍କୁ ଓ ସୁନାରାମ ମୁର୍ମୁଙ୍କୁ ଆଜୀବନ କାରାଦଣ୍ଡର ଶୁଣାଇଛନ୍ତି।

ପୁଲିସ ସୂଚନା ଅନୁସାରେ, ସାଲିଆ ସାହି ଇଡକୋ ବସ୍ତିରେ ରହୁଥିବା ସୁଶୀଲ ରାଜମିସ୍ତ୍ରି ଭାବେ କାମ କରୁଥିବା ବେଳେ ଦୁଇ ସମ୍ପର୍କୀୟ ଭାଇ ବିଶ୍ୱନାଥ ଓ ସୁନାରାମ ତାଙ୍କ ଅଧୀନରେ ଶ୍ରମିକ ଭାବେ କାମ କରୁଥିଲେ। ଟଙ୍କା ନେଣଦେଣକୁ ନେଇ ଦୁଇ ଭାଇ ସୁଶୀଲଙ୍କ ଉପରେ ରାଗ ରଖିଥିଲେ। ୨୦୨୩ ଜାନୁୟାରୀ ୧୭ ତାରିଖ ରାତିରେ ବିଶ୍ୱନାଥ, ସୁନାରାମ ଓ ସୁଶୀଲ ମିଶି ମଦ୍ୟପାନ କରିବା ବେଳେ ଟଙ୍କା ନେଣଦେଣକୁ ନେଇ ପରସ୍ପର ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ଓ ପରେ ଯିଏ ଯାହା ଘରକୁ ପଳାଇଥିଲେ। ଭୋର ସମୟରେ ସୁଶୀଲ ଶୋଇଥିବା ବେଳେ ବିଶ୍ୱନାଥ ଓ ସୁନାରାମ ମିଶି ତାଙ୍କ ଘରେ ପଶିଥିଲେ। ନିଦରୁ ଉଠାଇ କାଠ ଫାଳିଆରେ ତାଙ୍କ ମୁଣ୍ଡକୁ ବାରମ୍ବାର ଆକ୍ରମଣ କରିଥିଲେ। ଫଳରେ ସୁଶୀଲଙ୍କର ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହେବା ସହ ସଜ୍ଞାହୀନ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ କ୍ୟାପିଟାଲ ହସପିଟାଲରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

ମୈତ୍ରୀ ବିହାର ଥାନାର ତତ୍କାଳୀନ ଏଏସ୍‌ଆଇ ସଂଗ୍ରାମ ଭୋଇଙ୍କ ଅଭିଯୋଗ ଆଧାରରେ ପୁଲିସ କେସ୍ ନଂ - ୧୧/୨୩ ରେ ଆଇପିସି ଧାରା ୩୦୨/୩୪ ଲଗାଇ ମାମଲା ରୁଜୁ କରିଥିଲା। ଘଟଣାର ତଦନ୍ତକାରୀ ଅଧିକାରିଣୀ ତଥା ତତ୍କାଳୀନ ଏସ୍‌ଆଇ ଦିଗବିଜୟନୀ ବାଗ ଦୁଇ ଅଭିଯୁକ୍ତ ବିଶ୍ୱନାଥ କିସ୍କୁ ଓ ସୁନାରାମ ମୁର୍ମୁଙ୍କୁ ଗିରଫ କରିବା ସହ ସେମାନଙ୍କ ବିରୋଧରେ ଚାର୍ଜସିଟ ଦାଖଲ କରିଥିଲେ।

ଅଦାଲତ ଘଟଣା ସହିତ ସମ୍ପୃକ୍ତ ୯ ଜଣ ସାକ୍ଷୀ ଓ ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ଉପରୋକ୍ତ ମାମଲାର ବିଚାର କରି ଦୁଇ ଆସାମୀ ବିଶ୍ୱନାଥ ଓ ସୁନାରାମକୁ ଆଇପିସିର ଧାରା - ୩୦୨ ଆଧାରରେ ଆଜୀବନ କାରାଦଣ୍ଡ ସହିତ ୨୫ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ଜରିମନା ଅନାଦେୟ କ୍ଷେତ୍ରରେ ଅଧିକ ୧ବର୍ଷର କାରାଦଣ୍ଡ ଆଦେଶ ମଧ ଦେଇଛନ୍ତି। ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ସାଇ ରଞ୍ଜନ ମହାନନ୍ଦିଆ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।

## ଫଟୋ ଭାଇରାଲ ଧମକ; ପ୍ରେମିକ ଗିରଫ



ଭୁବନେଶ୍ୱର, ୧୮।୧୦ (ସମିସ): ଫଟୋ ଭାଇରାଲ ଧମକ ଦେଇ ମହିଳାଙ୍କୁ ୨ ଲକ୍ଷ ଟଙ୍କା ମାଗିବା ଅଭିଯୋଗରେ ପ୍ରେମିକକୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କଳିଙ୍ଗନଗର କେ-୨ ଅଞ୍ଚଳରେ ରହୁଥିବା ଫତେଗଡ଼ ଥାନା ଜଗନ୍ନାଥପୁରର ପ୍ରଶାନ୍ତ କୁମାର ସାହୁ (୨୯)।

ପୁଲିସ ସୂଚନା ଅନୁସାରେ, ମହିଳା ଜଣକ ପୂର୍ବରୁ ବିବାହିତା ହୋଇଥିବା ବେଳେ ତାଙ୍କର ଦୁଇଟି ସନ୍ତାନ ଅଛନ୍ତି। ଦୁଇବର୍ଷ ପୂର୍ବେ ତାଙ୍କର ପ୍ରଶାନ୍ତ ସହ ପରିଚୟ ହୋଇଥିଲା। ସମ୍ପର୍କ ନିବିଡ଼ ହେବା ପରେ ପ୍ରଶାନ୍ତ ତାଙ୍କୁ ବିବାହର ପ୍ରଲୋଭନ ଦେଖାଇ ତାଙ୍କ ଇଚ୍ଛା ବିରୋଧରେ ଶାରୀରିକ ସମ୍ପର୍କ ରଖିଥିଲା। ମହିଳାଙ୍କ ଅଜାଣତରେ ଅଶ୍ଳୀଳ ଫଟୋ ଓ ଭିଡିଓ ସଂଗ୍ରହ କରି ନେଇଥିଲା। ଗତ ବୁଧବାର ଦିନ ପ୍ରଶାନ୍ତର ସାଙ୍ଗ ଆଲୋକ ଆସି ମହିଳାଙ୍କୁ ନିଜ କାର ଯୋଗେ ଆନନ୍ଦବନ ନେଇ ଯାଇଥିଲା। ପୂର୍ବରୁ ସେଠାରେ ଉପସ୍ଥିତ ଥିବା ପ୍ରଶାନ୍ତ ଓ ଆଲୋକ ମିଶି ମହିଳାଙ୍କୁ ୨ ଲକ୍ଷ ଟଙ୍କା ଦେବାକୁ ଦାବି କରିଥିଲେ। ଟଙ୍କା ନଦେଲେ ସେମାନେ ତାଙ୍କର ଫଟୋ ଓ ଭିଡିଓ ଭାଇରାଲ କରିଦେବେ ବୋଲି ଧମକ ଦେଇଥିଲେ। ମହିଳା ଜଣକ ଏହାର ପ୍ରତିବାଦ କରିବାରୁ ଦୁଇ ଜଣ ତାଙ୍କୁ ଗାଳିଗୁଲଜ କରିବା ସହ କାଠ ଫାଳିଆରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ଭରତପୁର ଥାନାରେ ଅଭିଯୋଗ ହେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ପ୍ରଶାନ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

ରାଜଧାନୀରେ ଅଳିଆ ସ୍ଥିତି ଅସମ୍ଭାଳ

## ଦୁର୍ଗନ୍ଧରେ ଆକ୍ରାମାକ୍ରା ରାଜଧାନୀ

ଭୁବନେଶ୍ୱର, ୧୮ ।୧୦ (ସମିସ): ରାଜଧାନୀ ସାରା ପଡ଼ି ରହିଛି ଅଳିଆ। ଲୋକେ ଅସ୍ତବ୍ୟସ୍ତ ହୋଇ ପଡ଼ିଲେଣି। ନାକରେ ରୁମାଲ ବାନ୍ଧି ଯିବା ଆସିବା କରୁଛନ୍ତି। ଡୁମୁଡୁମା ଠାରୁ ଖଣ୍ଡଗିରି ପର୍ଯ୍ୟନ୍ତ ଯାଉଥିବା ରାଜରାସ୍ତା ଅଳିଆ ଗନ୍ଧରେ କମ୍ପୁଛି। ଖାଲି ପଡ଼ି ରହିଥିବା ଅଧିକାଂଶ ସରକାରୀ

■ 'ନୋଟେଡ୍'ରେ ସୀମିତ ପ୍ରଶାସନିକ ପଦକ୍ଷେପ
■ ଆନ୍ଦୋଳନ ଯୋଗୁଁ ୨ଦିନ ହେବ ଭୁବନେଶ୍ୱର ଗନ୍ଧାଉଛି

ଜମି ଏବଂ ନାଳକୂଳ ଅଘୋଷିତ ଅଳିଆ ଗଦାରେ ପରିଣତ ହେଲାଣି। ଟିଟିଏସ୍ ସମସ୍ୟାର ସମାଧାନ ବାହାରି ପାରୁନି। ଲୋକେ ଏଥିରେ ଦୁର୍ଗନ୍ଧରେ ଆକ୍ରାମାକ୍ରା ହୋଇ ବିଏମ୍‌ସି କମିସନରଙ୍କୁ ଅଳିଆକୁ ନେଇ ଅଭିଯୋଗ କରୁଛନ୍ତି। ହେଲେ ମାତ୍ର ଗୋଟିଏ ଫଟୋରେ ଉତ୍ତର ମିଳୁଛି 'ନୋଟେଡ୍'। କ'ଣ ଗୋଟିଏ ଫଟୋରେ ନୋଟେଡ୍ ଲେଖିଦେଲେ ରାଜଧାନୀରେ ଅଳିଆଗଦା ସ୍ଥିତି ସମାଧାନ ହୋଇଯିବ କି ନାଆଁ ସୋସିଆଲ୍ ମିଡ଼ିଆରେ ଏହା ଏକ ପବ୍ଲିସିଟି ଷ୍ଟଣ୍ଟ ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି।




ବିଏମ୍‌ସି ଅଞ୍ଚଳରେ ୬ଟି ଠିକା ସଂସ୍ଥା ଅଳିଆ ଉଠାଇବା ଦାୟିତ୍ୱ ନେଇଛନ୍ତି। ହେଲେ ଏହି ସଂସ୍ଥାଗୁଡ଼ିକ ହେଲା ପ୍ରତ୍ୟୁଷ, ପିଏଚ୍‌ଆର୍, ଜାଗୃତି, ଆୱାରଲ୍ୟାଣ୍ଡ, ପିଏମ୍‌ଆର୍ ଏବଂ ଗ୍ରୀନ୍ ଅଧିକାଂଶ ସଂସ୍ଥାର ଅଳିଆ ଉଠାଇବାର ଅବଧି ଶେଷ ହୋଇ ଗଲାଣି। ଅବଧି ଶେଷ ହେବା ପୂର୍ବରୁ ବିଏମ୍‌ସି ଟେଣ୍ଡର ପ୍ରକ୍ରିୟାକୁ ଚୁଡାନ୍ତ କରି ପାରିଲା ନାହିଁ। ତେଣୁ ଉକ୍ତ ସଂସ୍ଥାମାନଙ୍କୁ ଅବଧି ୩ ମାସକୁ ବୃଦ୍ଧି କରାଗଲା। ଯାହାଫଳରେ ଏମାନଙ୍କ ମନମାନୀ ଏବେ ସୀମା ଟପିଲାଣି। ମନଇଚ୍ଛା କାମ ହେଉଛି। କେଉଁଠି ଅଳିଆ ଉଠୁଛି ତ କେଉଁଠି ଅଳିଆ ଉଠୁନି। ମନ ହେଲେ ସଫେଇ କର୍ମଚାରୀଙ୍କୁ ଦରମା ଦେଉଛନ୍ତି ନ ହେଲେ ନାହିଁ। ସାମାଜିକ ସୁରକ୍ଷାକୁ କିଏ ବା ପଚାରେ। ସଂସ୍ଥା ଗୁଡ଼ିକର ଖାମ୍‌ଖିଆଲି ମନୋଭାବ ଭୁବନେଶ୍ୱରକୁ ଅଳିଆ ଗଦାରେ ପରିଣତ କରି ଦେଲେଣି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଅଳିଆ ଉଠାଉଥିବା ଠିକା ସଂସ୍ଥା ଆୱାରଲ୍ୟାଣ୍ଡ ସଫେଇ କର୍ମଚାରୀଙ୍କ ମାସକର ଦରମା ଏବଂ ବୋନସ୍ ଦେଉ ନ ଥିଲା। ଏହାକୁ ନେଇ ବିଏମ୍‌ସି ସଫେଇ ମଜଦୂର ସଂଘ ଝାଡୁ ଛାଡ ଆନ୍ଦୋଳନକୁ ଓହ୍ଲାଇଲା। ଯାହାଫଳରେ ୱାର୍ଡ ନମ୍ବର ୨୮, ୨୯, ୩୫, ୪୦, ୪୧, ୪୬ ୫୨, ୫୩, ୫୬, ୫୭, ୬୨, ୬୩, ୬୫, ୬୬ ସମେତ ପ୍ରାୟ ୨୦ଟି ୱାର୍ଡର ସଫେଇ ବନ୍ଦ ହୋଇ ଯାଇଥିଲା। ରାସ୍ତା ସାରା ଅଳିଆ ପଡ଼ି ରହିବାକୁ ବିଏମ୍‌ସି ଏବଂ ଠିକା ସଂସ୍ଥା ବିରୋଧରେ ଆଲୋଚନା ହୋଇଥିଲା। ତେବେ ଦରମା ମିଳି ଯାଇଛି ରବିବାର ଠାରୁ ସମସ୍ତ କର୍ମଚାରୀ କାର୍ଯ୍ୟରେ ଯୋଗ ଦେବେ ବୋଲି ସଂଘ ପକ୍ଷରୁ କୁହାଯାଇଛି।

ଆନ୍ଦୋଳନ ସମାପ୍ତି ହେବା ପରେ ରାସ୍ତା ଉପର ଅଳିଆ ସଫା ହୋଇଯିବ। ହେଲେ ଅଘୋଷିତ ଅଳିଆ ଗଦା ଏବେ ବିଏମ୍‌ସି ପାଇଁ ମୁଖ୍ୟ ଚ୍ୟାଲେଞ୍ଜ ପାଲଟିଛି। ଅଧିକାଂଶ ମୁଖ୍ୟ ରାସ୍ତାରେ ଗୋଟିଏ ଲେଖାଏ ଅଘୋଷିତ ଅଳିଆଗଦା ଦେଖାଦେଉଛି। ଏଗୁଡ଼ିକ କିପରି ସଫା କରାଯିବ ସେ ସମ୍ପର୍କରେ କେହି ମୁହଁ ଖୋଲୁ ନାହାନ୍ତି। ବିଏମ୍‌ସି ବଜେଟ୍‌ରେ ପରିମଳ ପାଇଁ ପ୍ରତ୍ୟେକବର୍ଷ ସବୁଠାରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଉଛି। ଏହି କୁଆଡେ ଯାଉଛି। ଯଦି ଠିକାସଂସ୍ଥା ଠିକ୍‌ଭାବେ କାମ କରୁ ନାହାନ୍ତି ତେବେ ସେମାନଙ୍କ ପ୍ରତି କ'ଣ ପାଇଁ କୋହଳ ମନୋଭାବ ପୋଷଣ କରାଯାଉଛି ବୋଲି ସାଧାରଣରେ ପ୍ରଶ୍ନ କରାଯାଇଛି।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ତରୁଲତା ପାତ୍ର
ଶ୍ରୀପଦଗଞ୍ଜ, ବାରିପଦା
ଆବିର୍ଭାବ : ୦୬.୦୭.୧୯୩୮, ତିରୋଧାନ : ୦୯.୧୦.୨୦୨୫
ଏକାଦଶାହ ଅବସରରେ ଆପଣଙ୍କ ପବିତ୍ର ତଥା ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା
ଶ୍ରଦ୍ଧାଞ୍ଜଳି ସହ: ସମସ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ